ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**କରୋନା ମହାମାରୀ ବର୍ତ୍ତମାନ ଗୋଷ୍ଠୀ ସଂକ୍ରମଣ ସ୍ତରରେ, ନିଜକୁ ରକ୍ଷା କରିବାକୁ ହେଲେ, ସଚେତନ ରହନ୍ତୁ, ନିଜର ଯତ୍ନ ନିଅନ୍ତୁ, ସାମାଜିକ ଦୂରତ୍ୱ ପାଳନ କରନ୍ତୁ, ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରନ୍ତୁ ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୬ |
| **କାହାଣୀ ବିଭାଗ** | | **୨୩** |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୨୪ |
| ଶାଶୁ | ସୁବଳ ମହାପାତ୍ର | ୩୨ |
| କେହି ଜଣେ | ଆକାଂକ୍ଷା ଅରୁଣିମା ସାହୁ | ୪୦ |
| ଅର୍ଦ୍ଧାଙ୍ଗିନୀ | ଗୀତାଞ୍ଜଳି ମହାରଣା | ୪୩ |
| ତୁମେ ସ୍ମୃତି ହୋଇ ରହିଗଲ | ରାଜୁ କୁମାର ପାତ୍ର | ୪୬ |
| ଲକ୍‌ଡାଉନ୍‌ର ଦୁଃଖ | ଗଦାଧର ବଳ | ୫୧ |
| ଲାଷ୍ଟ ବସ | ସୁଧାଂଶୁ ଶେଖର ବଳ | ୫୮ |
| ଓଲିଭ୍ ଓ ଡନି | ବାଦଲ ମହାରଣା | ୬୧ |
| ସ୍ୱପ୍ନ | ଆଲୋକ କୁମାର ସାହୁ | ୬୩ |
| ଚିତ୍ରଗୁପ୍ତର ଚିଠି | ଇଂ ବିଦ୍ୟାଧର ପଣ୍ଡା | ୬୫ |
| ହରବର | ସାଇ ପ୍ରସାଦ ସାହୁ | ୬୯ |
| ବିଶ୍ ଲାଖ୍ କରୋଡ଼ | ଡା ସୌମ୍ୟରଞ୍ଜନ ମିଶ୍ର | ୭୧ |
| ସାଇକେଲ୍ | ବିମ୍ବାଧର ମହାପାତ୍ର | ୭୪ |
| ଦେହ | ଦୁଷ୍ମନ୍ତ ବେହେରା | ୭୬ |
| ପୁରୁଣା ପାଟ | ନିବେଦିତା ବେହେରା | ୭୯ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମୁଁ ଝିଅର ମା ହେବାକୁ ଚାହେଁନି | ଅନସୂୟା ପଣ୍ଡା | ୮୧ |
| ଭଲ ପାଇବାର ଶେଷ କଥା | ଶିବଶଙ୍କର ସାହୁ | ୮୭ |
| ଶରଣାଗତ | ସଂଜୀବ କୁମାର ଦାସ | ୯୯ |
| ଶ୍ରାବଣ | ପି. ପୁରବୀ ମହାନ୍ତି | ୧୦୩ |
| ନିଃସଙ୍ଗ ମଣିଷ | ବିନୟ ମହାପାତ୍ର | ୧୦୭ |
| ମୋ ଗାଁ ଆଉ ମୋ ମା | ବିଜୟ କୁମାର ପଣ୍ଡା | ୧୧୮ |
| ହଁ ସେ ପୁଣି ଆସିଥିଲା | ସରୋଜ ପରିଡ଼ା | ୧୨୨ |
| ଅବମାନନା | ସତ୍ୟନାରାୟଣ ମିଶ୍ର | ୧୨୭ |
| ଭିନ୍ନ ଏକ ଦଧିଚି | ଉତ୍ତମ ମହାପାତ୍ର | ୧୩୦ |
| ବୈଶାଖ ଧର୍ମ | ବିଚିତ୍ରାନନ୍ଦ ଜେନା | ୧୩୩ |
| ତିରସ୍କାର ନା ମଜବୁରି | ଦେବେନ୍ଦ୍ର ଭୁଏ | ୧୩୪ |
| ଅଢ଼େଇଶ ଅଙ୍ଗୁର | ରେଶମା ମହାନ୍ତି | ୧୩୭ |
| ତାରାନାଥ ତାନ୍ତ୍ରିକ | ଦୀପକ ଷଡ଼ଙ୍ଗୀ | ୧୪୪ |
| ଇଚ୍ଛା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୨ |
| **କବିତା ବିଭାଗ** | | **୧୫୫** |
| ଆହ୍ୱାନ | ତପନ କୁମାର ଦାସ | ୧୫୬ |
| ଜୀବନଶୈଳୀର ମାର୍ଗ | ବେଣୁଧର ସୁରୁଜାଲ | ୧୫୮ |
| ମାଆ କଥା ମନେପଡ଼େ | ସୌଭାଗ୍ୟରଞ୍ଜନ ମହାପାତ୍ର | ୧୬୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସ୍ମୃତି ଫେରେ | ଦୀପାଞ୍ଜଳୀ ଧୁପାଲ | ୧୬୪ |
| ଜୀବନ ସଂଗୀତ | ଇପ୍ସିତାରାଣୀ ସାହୁ | ୧୬୫ |
| ପିଲାଙ୍କୁ ବୁଝାନ୍ତୁ | ସନ୍ତୋଷ କୁମାର ନାୟକ | ୧୬୬ |
| ଧରିତ୍ରୀର ବିଳାପ | ଗୀତାଞ୍ଜଳୀ ମହାରଣା | ୧୬୮ |
| ବୟସ | ପୂଜାରାଣୀ ଜେନା | ୧୬୯ |
| ବରବର୍ଣ୍ଣିନୀ | ମନୋଜ କୁମାର ମହାରଣା | ୧୭୦ |
| କଙ୍କାଳ | ଦୁଷ୍ମନ୍ତ ବେହେରା | ୧୭୨ |
| ମୁଁ ଆଲୋକ ସେ ଅନ୍ଧାର | ଶାନ୍ତନୁ କୁମାର ରାଉତ | ୧୭୪ |
| ମୋ ଆଇ ମା | ଦେବବ୍ରତ ବାରିକ | ୧୭୬ |
| ତୋତେ ଆଉ କେଉଁ ରୂପରେ ସଜେଇବି | ପ୍ରସନ୍ନ କୁମାର ରାଉତ | ୧୭୭ |
| ମା | ଅଭିଷେକ ପାଢ଼ୀ | ୧୭୯ |
| ଭିନ୍ନ ଏକ ମଣିଷ | ଉପାଡୁ ଚନ୍ଦ୍ରଶେଖର | ୧୮୧ |
| ଦୁଇ ଭାବନା | ଆଶୁତୋଷ ମେହେର | ୧୮୨ |
| ଦେବଦାସୀ | ନିଲାମ୍ବର ମହାନନ୍ଦ | ୧୮୩ |
| ଅପେକ୍ଷା କରିବି ଆର ଜନମକୁ | ଲଭଲି ସରାପ | ୧୮୪ |
| ବିଦାୟ ଦିଅ ଗୋ ସଖି | ପ୍ରଶାନ୍ତ କୁମାର ପଧାନ | ୧୮୫ |
| ଶ୍ରମିକ | ଭବାନୀ ଶଙ୍କର ଗିରି | ୧୮୬ |
| ବାବାଙ୍କ ମାହେନ୍ଦ୍ର ବେଳା | ସତ୍ୟନାରାୟଣ ମିଶ୍ର | ୧୮୭ |
| ଦାଦନ | ରାମଚନ୍ଦ୍ର ପ୍ରଧାନ | ୧୮୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଡଙ୍ଗା ମୋ ଭଙ୍ଗାଦଦରା | ବିନୟ କୁମାର ଦଣ୍ଡସେନା | ୧୯୦ |
| ନିଃଶବ୍ଦର ସୁର | ଦେବେନ୍ଦ୍ର ଭୁଏ | ୧୯୨ |
| ଜନ୍ମଭୂମି | ବିଶ୍ୱଜିତ ଜେନା | ୧୯୩ |
| ମୋ ଗାଁ ମାଟି ହସୁଛି | ବାସନ୍ତିଲତା ଜେନା | ୧୯୪ |
| ଜୀବନ ଜୀଇଁବା ସବୁଠୁ କଷ୍ଟ | କମଳ ଲୋଚନ ମଲ୍ଲିକ | ୧୯୬ |
| ବୀର ସୈନିକ | ବିମଳ ସାମିନୀ | ୧୯୭ |
| ମୁଁ ଦାଦନ ଶ୍ରମିକ କହୁଛି | ରଶ୍ମିତା ବେହେରା | ୧୯୮ |
| ମଥାଯାଏ ଆମ ନଇଁ | ଅଶୋକ କୁମାର ପ୍ରଧାନ | ୨୦୦ |
| ମନେ ଅଛି ନା ? | ସନାତନ ଦାସ | ୨୦୨ |
| ଅଣପଞ୍ଜୀକୃତ ଦାଦନ ଫେରନ୍ତା | ବାଲାଜୀ ସେଠୀ | ୨୦୪ |
| ପ୍ରାୟଶ୍ଚିତ | ରିପୁନ୍ ଜୟ ମହାପାତ୍ର | ୨୦୮ |
| ଭିନ୍ନ ଏକ ସାବିତ୍ରୀ | ଜନ୍ମେଜୟ ପଣ୍ଡା | ୨୦୯ |
| ଜୀବନ ଜୀବିକା | ସରୋଜିନୀ ମିଶ୍ର | ୨୧୧ |
| ପ୍ରକୃତିର ପ୍ରଶ୍ନ | ପ୍ରଜ୍ଞା ଭାରତୀ ପାଣି | ୨୧୩ |
| ଦାଦନ | ପୂର୍ଣ୍ଣିମା ଲେଙ୍କା | ୨୧୪ |
| ତୁମେ ଯେବେ ମନେପଡ଼ | ପ୍ରଭାତ ବଳ | ୨୧୬ |
| ରେ କରୋନା, ଦେଖି ତୋର ମୃତ୍ୟୁ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୧୮ |
| ଶ୍ରୀପଦେ ଦିଅ ଅଶରା | ଅଲେଖ ମେହେର | ୨୨୦ |
| ଯନ୍ତ୍ର ଦାନବ | ଆୟୁଷ୍ମାନ ତ୍ରିପାଠୀ | ୨୨୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଓଡ଼ିଆଣୀ ମୁଁ ଆସିଛି | ଗୌରୀ ପଣ୍ଡା | ୨୨୩ |
| ଅପେକ୍ଷା | ସମ୍ୟଜିତ ମହାପାତ୍ର | ୨୨୫ |
| ପ୍ରେମ | ସଂଯୁକ୍ତା ମହାପାତ୍ର | ୨୨୭ |
| ମୋ ଗାଁ | ଚିତ୍ତରଞ୍ଜନ ବାରିକ | ୨୨୮ |
| ତମ ସ୍ମୃତି | ନେପାଳ କୁମାର ବେହେରା | ୨୩୦ |
| ଆଉ କାହା ପଞ୍ଜୁରୀର ଶାରୀ | ସୁଶାନ୍ତ କୁମାର ଧଳ | ୨୩୨ |
| ଆତ୍ମସୁଖ | ପୁଷ୍ପାଞ୍ଜଳୀ ପଣ୍ଡା | ୨୩୪ |
| ମୁଠାଏ ସପନ | ଅଜୟ କୁମାର ବେହେରା | ୨୩୬ |
| ଏ ଦାନବୀ | ଆନନ୍ଦ ସାଗରିଆ | ୨୩୭ |
| ମୋ ଜେଜେମା' | ସୌଭାଗ୍ୟବତୀ ଗିରି | ୨୩୮ |
| ହସ | ସୁବ୍ରତ କୁମାର ଗିରି | ୨୪୦ |
| କରୋନା ଭୂତାଣୁ | ଶରତ ଚନ୍ଦ୍ର ଜାଲି | ୨୪୧ |
| ଆତ୍ମବିଶ୍ୱାସ | ଲୀଳାମୟ ଶତପଥୀ | ୨୪୩ |
| ସ୍ୱପ୍ନ | ପୁଷ୍ପଲତା ସାହୁ | ୨୪୪ |
| ନକଲି ପ୍ରେମରେ | ଶୁଭକାନ୍ତ ସାହୁ | ୨୪୫ |
| ସ୍ମୃତି ଫେରେ | ଅଂଶୁମାନ ଦାସ | ୨୪୬ |
| ଭକ୍ତବତ୍ସଳ | ସୁନନ୍ଦ ତ୍ରିପାଠୀ | ୨୪୭ |
| ମିଳନ | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୮ |
| ଦିଅଁ, ତୁମେ ସୁନ୍ଦର | ରାମ ପ୍ରସାଦ ସିଂହ | ୨୪୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କଳଙ୍କିନୀ | ଗଣେଶ ଦାସ | ୨୫୦ |
| ଭୋକ | ସୌମ୍ୟରଞ୍ଜନ ପାଲ | ୨୫୩ |
| ଅନ୍ବେଷଣ | ରଶ୍ମିରେଖା ବାରିକ | ୨୫୪ |
| ସଙ୍ଗୀତ ସେ, ଜୀବନ ଅମୃତ | ହାସ୍ୟମୟୀ ରାଜ | ୨୫୫ |
| ସୁମନ | ଧିରେନ୍ଦ୍ର କୁମାର | ୨୫୭ |
| ତୁମେ | କାହ୍ନୁ ଚରଣ ସାହୁ | ୨୫୯ |
| ନବମ ଗ୍ରହ | ନାରାୟଣ ସାହୁ | ୨୬୧ |
| ମୂର୍ଖକୁ ମୂର୍ଖ ସଂଗାତ | ଫାଲଗୁନୀ ରଣା | ୨୬୩ |
| ଆଜିର ସମାଜ | ସନ୍ତୋଷ ପଟ୍ଟନାୟକ | ୨୬୪ |
| ଆଜି ରଜଟା ଖାଁ ଖାଁ ଲାଗୁଛି | ନାରାୟଣ ଚନ୍ଦ୍ର ସେନାପତି | ୨୬୫ |
| ସ୍ନାନ ପୂର୍ଣ୍ଣିମା | ସତ୍ୟବ୍ରତ ସାହୁ | ୨୬୭ |
| ଚିଠିଟିଏ ପ୍ରିୟାକୁ | ରୋହିତ୍ ସେଠୀ | ୨୬୮ |
| ନିଷ୍ଠୁର ମଣିଷ | ରାଜୁ କୁମାର ପାତ୍ର | ୨୬୯ |
| ୭୩ତମ ସ୍ୱାଧୀନତା ଦିବସ ଚାଲିଗଲା | ଲିଟନ୍ | ୨୭୦ |
| ଭିନ୍ନ ଏକ ସିଂହାସନ | ସଂଜୀବ କୁମାର ଦାସ | ୨୭୨ |
| ଆକାଂକ୍ଷା | ରୋଜା ପଣ୍ଡା | ୨୭୪ |
| ବିମାନ | ଦମୟନ୍ତୀ ଜେନା | ୨୭୬ |
| ହେ ଈଶ୍ୱର ତୁମେ କେଉଁଠି | ପ୍ରଶାନ୍ତ କୁମାର ମହାନ୍ତି | ୨୭୮ |
| ହୋଇଛି ରକ୍ତାକ୍ତ ବର୍ଣ୍ଣ | ଜଗବନ୍ଧୁ ସାହୁ | ୨୮୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅଭିମାନ | ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ | ୨୮୨ |
| ଜୀବନ ବ୍ୟାକରଣ | ସୁଦିପ୍ତା ବେହେରା | ୨୮୪ |
| ମୂଲିଆ | ଦୁର୍ଯ୍ୟୋଧନ କରଡ଼ା | ୨୮୫ |
| ମୁଁ ଓଡ଼ିଆ ଘରର ବୋହୁ | ଭାରତୀ ସାହୁ | ୨୮୯ |
| ଲଭ୍ ୟୁ ରିଭ୍ୟୁ | ଅଭିମନ୍ୟୁ ବେହେରା | ୨୯୦ |
| ମାଆର ମମତା | ଡଃ ମନୋରଞ୍ଜନ ବିଷୋୟୀ | ୨୯୧ |
| ଚାଲିଗଲ ବାବା ମୋତେ ଏକା ଛାଡ଼ି | ପ୍ରଭାତ ମିଶ୍ର | ୨୯୨ |
| ରଜ | ଜ୍ୟୋସ୍ନାମୟୀ ପୋଲାଇ | ୨୯୩ |
| ଜନନୀତ୍ୱର ଗୀତି | ଦଣ୍ଡାସି ପ୍ରଧାନ | ୨୯୪ |
| ମାୟାଜାଲ | ବାସୁଦେବ ନାୟକ | ୨୯୬ |
| ତମ ସ୍ମୃତିରେ | ରବୀନ୍ଦ୍ରନାଥ ମହାରଣା | ୨୯୭ |
| ଶେଷ ବସନ୍ତର ଚିଠି | ବେଣୁଧର ସୁତାର | ୨୯୮ |
| ସେଦିନ ସପନେ | ନିରଞ୍ଜନ ସାହୁ | ୨୯୯ |
| କିଷାନ | ବର୍ଷାରାଣୀ ବିଶ୍ୱାଳ | ୩୦୦ |
| ମାଟିର ଆହ୍ୱାନ | ପରମାନନ୍ଦ ରାଜହଂସ | ୩୦୧ |
| ଟୋପାଏ ଜଳ | ରିଭୁ ଆଭୂଷଣ ପଣ୍ଡା | ୩୦୩ |
| କର୍ମଫଳ | ଦେବରାଜ ମେହେର | ୩୦୪ |
| କରୋନାକୁ ଡରନା | ମେରୀ ମାଝୀ | ୩୦୬ |
| ମାନବିକତା | ମୀନକେତନ ବଡ଼ୋକିଆ | ୩୦୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଉଦ୍ଧାର କରାଯାଉ | ଶୁଭଶ୍ରୀ ସୁଆର | ୩୦୮ |
| ଗ୍ରାମ୍ୟ ସ୍ମୃତି | ମାନସୀ ସ୍ୱାଇଁ | ୩୦୯ |
| ଜୀବନ ଯୋଉଠି | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୧୧ |
| ପୂର୍ଣ୍ଣିମୀ ରାତି | ସୁବ୍ରତ କୁମାର ଦାସ | ୩୧୨ |
| ସ୍ୱପ୍ନର ନାୟିକା | ଯାଦବ ପ୍ରଦୀପ ପରୁଆ | ୩୧୩ |
| ମୁଁ ବି ଜଣେ ସତ୍ୟବାନ | ରାଧାମୋହନ ପୂଜାହାରୀ | ୩୧୪ |
| ତୁ | ଜୟନ୍ତ କୁମାର ସାହୁ | ୩୧୫ |
| କଳିଯାଇ ସତ୍ୟ ଆସୁଛି | ଇଂ ବିଦ୍ୟାଧର ପଣ୍ଡା | ୩୧୬ |
| ପ୍ରତିଜ୍ଞା | ମିନତୀ କୁମାରୀ ଦାସ | ୩୧୭ |
| ସାଙ୍ଗ | ନିବେଦିତା ଜେନା | ୩୧୯ |
| ଏକାନ୍ତ ବାସ | ଡଃ ହୀରାଲାଲ ଦାସ | ୩୨୧ |
| ସଂଘର୍ଷ | ପଙ୍କଜ କୁମାର ମାହାନା | ୩୨୩ |
| ଲୁହ | ହୀରାବତୀ ପାତ୍ର | ୩୨୪ |
| ଅଭିଶପ୍ତ ଫଗୁଣ ଆଜି | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୩୨୫ |
| ମା ବାସବୀକନ୍ୟାକାପରମେଶ୍ୱରୀ | ଚିନାରୀ କିଶନ୍ କୁମାର ସୁବୁଦ୍ଧି | ୩୨୬ |
| ସୂର୍ଯ୍ୟସମ ଜଳିବି ମୁହିଁ | ପଦ୍ମନାଭ ନାଏକ | ୩୨୮ |
| ସମୟ | ଅଲିଭା ସାହୁ | ୩୨୯ |
| ଘର | ରାଜେନ୍ଦ୍ର କୁମାର ମହାନ୍ତି | ୩୩୦ |
| ଡାଏରୀ : ମୋ ମୌନପ୍ରେମିକା | ସନ୍ଦୀପ ଶେଖର ଜେନା | ୩୩୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କୋଭିଡ୍ - ୧୯ : ଦୁଇଟି କବିତା | ବିକାଶ କୁମାର ମଲ୍ଲିକ | ୩୩୩ |
| ବଞ୍ଚିବା | ସୁବାସ ଚନ୍ଦ୍ର ମୁଦୁଲି | ୩୩୬ |
| ପରାଜିତ ପ୍ରତିବିମ୍ବ | ସୀତାକାନ୍ତ ମହାପାତ୍ର | ୩୩୭ |
| ସମ୍ପର୍କର ପରିଭାଷା | ଚନ୍ଦ୍ରକାନ୍ତ ଜେନା | ୩୩୮ |
| କୁନା ଓ କୁନି | ବାଦଲ ମହାରଣା | ୩୩୯ |
| ଅନୁସରିତ | ମଞ୍ଜୁରାଣୀ ମିଶ୍ର | ୩୪୦ |
| ପୂନେଇ ରାତିର ପୀରତି | ଶ୍ରୀରାଜଶେଖର ସି ଚିମା | ୩୪୩ |
| ଅସହାୟ | ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ | ୩୪୪ |
| ବିଚିତ୍ର ତୁମ ମହିମା | ଗୁପ୍ତେଶ୍ୱର ଚାନ୍ଦ | ୩୪୫ |
| ନିଃଶବ୍ଦ ରାତି | ସେବକାନ୍ତ ନନ୍ଦ | ୩୪୭ |
| ସମର୍ପଣ | ଜଗଜ୍ଜୀବନ ସେଠୀ | ୩୪୮ |
| ଆଜି ମୋ ପୁଅ ଫେରିଛି | ମହେନ୍ଦ୍ର କୁମାର ସ୍ୱାଇଁ | ୩୫୦ |
| ନିଦ | ଶ୍ରୀକ୍ଷେତ୍ର ସୁନ୍ଦର | ୩୫୨ |
| ଲାଜକୂଳୀ | ସରୋଜ ସାହୁ | ୩୫୩ |
| ବାପାଙ୍କ ପକେଟ୍ | ବିକାଶ ଚନ୍ଦ୍ର ବେହେରା | ୩୫୪ |
| ପ୍ରେମ ପାଦଚିହ୍ନ | କୃଷ୍ଣଚନ୍ଦ୍ର ବାରିକ | ୩୫୬ |
| ପରାଜିତ ନାୟକ | ବସନ୍ତ କୁମାର ପ୍ରଧାନ | ୩୫୮ |
| ଅଭିମାନୀ ପ୍ରିୟା | ସୌମ୍ୟରଞ୍ଜନ ପାତ୍ର | ୩୫୯ |
| ନିବେଦନ | ଅନ୍ନପୂର୍ଣ୍ଣା ଦାସ | ୩୬୦ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ରଜ (ସେବେ : ଏବେ) | ପ୍ରଶାନ୍ତ କୁମାର ନାଥ | ୩୬୧ |
| ପତ୍ରିକା | ଭାର୍ଗବୀ ମାଝୀ | ୩୬୩ |
| ଘୂର୍ଣ୍ଣାୟମାନ | ପ୍ରଜ୍ଞା ପାରମିତା ମହାନ୍ତି | ୩୬୪ |
| ମୃତ୍ୟୁମନସ୍କ | ଅଭିଷେକ ମହାପାତ୍ର | ୩୬୫ |
| ନୀରବ ସଂଦେଶ | ଶୁଭଦର୍ଶିନୀ ରାଉତ | ୩୬୭ |
| ତତେ ଦେଖିଲା ପରେ | ସୁନିଲ୍ ଦାସ | ୩୬୯ |
| ବସନ୍ତ ଆସିଛି | ନାରାୟଣ ମହାରଣା | ୩୭୦ |
| ଫୁଲଟିଏ | ସନ୍ଧ୍ୟାରାଣୀ ନନ୍ଦ | ୩୭୨ |
| ତତ୍ତ୍ୱ | ଭକ୍ତବନ୍ଧୁ ବିଶ୍ୱାଳ | ୩୭୩ |
| ସୃଷ୍ଟିର ରକ୍ଷକ | ଇତିଶ୍ରୀ ମହାରଣା | ୩୭୪ |
| ଉଲଗ୍ନ ରାଜା | ସନାତନ ମହାକୁଡ଼ | ୩୭୭ |
| **ସମ୍ବଲପୁରୀ ବିଭାଗ** | | **୩୮୦** |
| ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ | ବିଶ୍ୱନାଥ ଭୁଏ | ୩୮୧ |
| ଇ କେନ୍ଦୁ ପତର୍ ଥି | ବିଶ୍ୱନାଥ ଭୁଏ | ୩୮୨ |
| ସବୁ ସହେସି ମାଁ | ପ୍ରସନ୍ନ ପ୍ରୟାସ ଭୁଏ | ୩୮୩ |
| ଜୀବନ୍ | ପ୍ରସନ୍ନ ପ୍ରୟାସ ଭୁଏ | ୩୮୫ |
| ଜୀବନ | ରମଣୀରଞ୍ଜନ ବିଶ୍ୱାଳ | ୩୮୬ |
| ସଂସ୍କାର | ରମଣୀରଞ୍ଜନ ବିଶ୍ୱାଳ | ୩୮୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଖରା ଆଉଛେ | ଫିରୋଜ୍ କୁମାର ପଟେଲ | ୩୮୮ |
| ତମର୍ ପାଲେ ଯେ ପଡ୍‌ଲା ଥରେ | ଯୁବରାଜ କୁଦେଇ | ୩୮୯ |
| ଫୁଲ୍‌ରେ ନାଇଯିବୁ ବଦ୍‌ଲି | ହୃଷିକେଶ ସାହୁ | ୩୯୦ |
| ସାବିତ୍ରୀ ବ୍ରତ | ଅରୁଣ କୁମାର ଭୋଇ | ୩୯୧ |
| ଜାଗା କମ୍ ଖଏରଚା ଜହ | କ୍ଷମାନିଧି ସାହୁ | ୩୯୨ |
| ନଏଦ୍ କଛାର୍ | ଜିତେନ୍ଦ୍ର ପାଣ୍ଡେ | ୩୯୩ |
| ଦମ୍ ଧର | ପୁସ୍ତମ୍ ଯୁଆଡ଼ି | ୩୯୫ |
| ଫିର୍ ଫିରି | ରମଣୀକାନ୍ତ ସାହୁ | ୩୯୬ |
| ଫେନ୍ ଘାଏ ଫିରି ଆଏତା | ସହଦେବ ଧରୁଆ | ୩୯୭ |
| ମନର୍ ମୁନୁଷ୍ | ମନୋରଞ୍ଜନ ସୁରୁଜାଲ୍ | ୩୯୯ |
| କଇଁ ହେତୋଉଛେ ଜନ୍ କେ | ଡିସମ୍ବର୍ ମେହେର | ୪୦୦ |
| ମାଆ | ଯୋଗେଶ୍ୱର ସାହୁ | ୪୦୧ |
| ପହେଲା ଭେଟ୍ | ବିଶ୍ୱନାଥ ଭୁଏ | ୪୦୨ |
| **ପ୍ରବନ୍ଧ ବିଭାଗ** | | **୪୦୫** |
| ବାହୁଡ଼ିଗଲେ ଦ୍ୱିତୀୟ ଈଶ୍ୱର | ସୁଷମା ପରିଜା | ୪୦୬ |
| ସ୍ୱାର୍ଥପରତା ? | ନାରାୟଣ ଚନ୍ଦ୍ର ସେନାପତି | ୪୧୨ |
| ମହାମାରୀ : ଅଭିଶାପ ନା ଆଶୀର୍ବାଦ | ନିଗମ କୁମାର ବେହେରା | ୪୨୧ |
| ପ୍ରକୃତିର ତାଣ୍ଡବଲୀଳା | ଆଶୁତୋଷ ନାୟକ | ୪୨୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପରିବେଶ ଆଜି ହସୁଛି | ନିରୁପମା ପ୍ରଧାନ | ୪୩୩ |
| ହ୍ୱାଟ୍ସଆପ୍‌ରେ ପାଠପଢ଼ା | ସୌଭାଗ୍ୟବତୀ ଗିରି | ୪୩୫ |
| ନିଜକୁ ନିଜେ ବଦଳାଅ | ଶାନ୍ତନୁ କୁମାର ରାଉତ | ୪୪୦ |
| ପ୍ରବାସୀ ଶ୍ରମିକ | ସୋସିଆଲ୍ ଫୋରମ୍ | ୪୪୩ |
| ପଡ଼ୋଶୀରାଷ୍ଟ୍ର ଆକ୍ରମଣ ? | ପଙ୍କଜ ପାଣିଗ୍ରାହୀ | ୪୪୯ |
| ମାମୁଁଘର ଗାଁ କଥା | ସାଇପ୍ରସାଦ ସାହୁ | ୪୫୫ |
| ଜୀବନର ଅନ୍ୟରୂପ ବୃକ୍ଷ | ଅମୀୟ କୁମାର ପଧାନ | ୪୫୮ |
| ଗୋପବନ୍ଧୁ ଦାସ | ଦେବେନ୍ଦ୍ର ସାମଲ | ୪୬୦ |
| ଆସ୍ଥା ଓ ଶ୍ରଦ୍ଧା | ବାଲ୍ମୀକି ନାୟକ | ୪୬୬ |
| **ବିଶେଷ ସୂଚନା** | | **୪୭୨** |


ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ଟାଇପ୍ ହୋଇଥିବା ଆଲେଖ୍ୟକୁ ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଉପସ୍ଥାପିତ କରି ପଠାଇଲେ ତାହା ପ୍ରକାଶନ ହେତୁ ତୁରନ୍ତ ଯୋଗ୍ୟ ବିବେଚିତ ହେବ । ଧନ୍ୟବାଦ ।

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ୍ ୨୦୨୦ ସଂସ୍କରଣ ନେଇ ମୁଁ ଆପଣଙ୍କ ନିକଟରେ ଉପସ୍ଥିତ । କରୋନା କାଳରେ ଆମେ ଦିନ କାଳ ସବୁ ବିଷୟରେ ଭୁଲିଯାଇଛେ, ଅଧିକାଂଶ କାର୍ଯ୍ୟାଳୟ ଏବେ ଖୋଲିଲାଣି କିନ୍ତୁ ତଥାପି ଜୀବନରେ ମାନ୍ଦାବସ୍ଥା ଲାଗି ରହିଛି । ଆଶା କରୁଛି ଏହି ସମୟରେ ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣ ଆପଣଙ୍କୁ ଆମୋଦିତ କରିବ ଏବଂ ଆପଣଙ୍କ ସମୟରେ ସୁବିନିଯୋଗ ହେତୁ ସହାୟକ ହେବ ।

କରୋନା ଭୂତାଣୁ ବର୍ତ୍ତମାନ ଭୟଙ୍କର ରୂପ ଧାରଣ କରିଛି, କିନ୍ତୁ ତା ବୋଲି ଆମେ ସବୁଦାୟ ଦେଶକୁ ବନ୍ଦ କରି ରଖିବା ଉଚିତ ହେବ ନାହିଁ । ଯେତେ ଦିନ ଆମେ ସଂଗରୋଧରେ ରହିଲେ ତାହା ଫଳରେ ଆମେ ନିଜେ ସଚେତନ ହୋଇ ଭବିଷ୍ୟତରେ କେମିତି ନିଜକୁ ସୁରକ୍ଷିତ ରଖିବା ତା ପାଇଁ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ବିଷୟରେ ଚିନ୍ତା କରିବା । କିନ୍ତୁ ଲୋକମାନେ ବୋଧହୁଏ ଏହି ବିଷୟକୁ ଗମ୍ଭୀରତାର ସହ ନେଉନାହାନ୍ତି । ଅବଶ୍ୟ କିଛି ଲୋକମାନଙ୍କ ସେତେ ବୁଦ୍ଧି ନାହିଁ, ଯେଉଁମାନେ ନିଜର ଭଲମନ୍ଦ ନିଜେ ଚିନ୍ତା କରିବେ । ସେମାନେ ସମସ୍ତ ନିର୍ଦ୍ଦେଶ ପାଇଁ ସରକାର ଏବଂ ଅନ୍ୟାନ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପେକ୍ଷା କରନ୍ତି । ଯେତେବେଳେ ସରକାର ଲକ୍ ଡାଉନରେ ଛାଡ଼ ଦେଲେ ସେମାନେ ମନେ କରିଦେବେ ବୋଧହୁଏ ଏବେ ଆଉ କରୋନା ହେବ ନାହିଁ, ଏବେ ଯଦି ଆପଣ ବଜାର ଯାଉଛନ୍ତି ଦେଖିଥିବେ ବଜାରରେ ଅଜସ୍ର ଜନଗହଳି ଦେଖିବାକୁ ପାଇବେ ।

ଏକ ବୈଧାନିକ ସାବଧାନତା : ଯେକୌଣସି ପ୍ରକାରର ଜନଗହଳ ଠାରୁ ଦୂରରେ ରହନ୍ତୁ । ନିଜକୁ ସୁରକ୍ଷିତ ରଖିପାରିଲେ ହିଁ ଆପଣ ନିଜ ପରିବାର ଏବଂ ପରିଜନଙ୍କୁ ସୁରକ୍ଷିତ ରଖି ପାରିବେ ।

ବର୍ତ୍ତମାନ ପ୍ରଶ୍ନ ଆସୁଛି ଆମେ କେମିତି କରୋନାକୁ ପ୍ରତିହତ କରିବା ? ଯଦି ଆମେ କରୋନା ରୋଗୀଙ୍କଠାରୁ ଦୂରରେ ରହିବା ଆମକୁ କରୋନା ହେବନାହିଁ । ତା ହେଲେ କାହାକୁ କରୋନା ହୋଇଛି ଆମେ କେମିତି ଜାଣିବା ? ସେମିତି କିଛି ନିର୍ଦ୍ଦିଷ୍ଟ ଉପାୟ ନାହିଁ, ତେଣୁ ମନେ କରି ଚଳିବା ଯେ ଯେକୌଣସି ବ୍ୟକ୍ତି ଆମେ ଦେଖୁ ସେ କରୋନାର ସଂକ୍ରମିତ ରୋଗୀ ହୋଇ ପାରନ୍ତି । ତେଣୁ ଆମେ ଯେତେ କମ ଲୋକଙ୍କ ସହ ମିଳାମିଶା କରିବା ଆମେ ସେତେ ସୁରକ୍ଷିତ ହୋଇ ପାରିବା ।

ଏହା ଆଶ୍ୱସ୍ତର ବିଷୟ ଯେ ଭାରତରେ ଦେଖାଯାଉଥିବା କରୋନା ସଂକ୍ରମଣ ଯେତେ ମାତ୍ରାରେ ଭୟାବହ ହେବ ବୋଲି ଚିନ୍ତା କରାଯାଉଥିଲା ସେତେ ହୋଇନାହିଁ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ହେବ ନାହିଁ । ବିଗତ ଦିନରେ କରୋନା ସଂକ୍ରମଣ ଦର ଖୁବ୍ ତୀବ୍ର ବେଗରେ ବଢ଼ିବାରେ ଲାଗିଛି । କେବଳ ଦିଲ୍ଲୀ ସରକାର କହୁଛନ୍ତି ଯେ ଜୁଲାଇ ମାସ ଶେଷ ବେଳକୁ ଦିଲ୍ଲୀରେ ସାଢ଼େ ପାଞ୍ଚ ଲକ୍ଷରୁ ଅଧିକ ରୋଗୀ ହୋଇ ସାରିଥିବେ । ତା ହେଲେ ଏଥିପାଇଁ ଆମେ କଣ କେବଳ ସରକାରଙ୍କୁ ଦାୟୀ କରିପାରିବା ? ସରକାରୀ ସ୍ତରରେ ଅନେକ ପ୍ରଚେଷ୍ଟା ସତ୍ତ୍ୱେ କରୋନା କମ ହେଲାନାହିଁ କାହିଁକି ? ଏଥିପାଇଁ ପ୍ରକାରାନ୍ତରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେ ହିଁ ଦାୟୀ ବୋଲି ମୁଁ ମନେକରେ । କରୋନା ପାଇଁ ଲକ୍ ଡାଉନ୍ ହୋଇଥିବା ସମୟରେ ସରକାର ଘୋଷଣା କରିଥିଲେ ଯେ ଯିଏ ଯେଉଁଠି ଅଛନ୍ତି ସେଠାରେ ରହିବେ, ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା କରାଯିବ, କିନ୍ତୁ ଦୁଃଖର ବିଷୟ ଆମେ ସେହି ସମୟରେ ହିଁ ନିଜ ଘରକୁ ଯିବାପାଇଁ ଜିଦ୍ ଧରି ବସିଲେ ।

ଏହା କିଏ କାହିଁକି ଏବଂ କେମିତି ଆରମ୍ଭ କରିଲା ତାହା ତ କହି ହେବନାହିଁ, କିନ୍ତୁ କିଛି ଘଟଣା ଯେପରି ଦିଲ୍ଲୀ ସରକାର ଶ୍ରମିକ ମାନଙ୍କୁ ବସରେ ଆଣି ଦିଲ୍ଲୀର ସୀମାରେ ଥିବା ବସଷ୍ଟାଣ୍ଡରେ ଗହଳି କରାଇଲେ ତାହା ଆଦୌ ଗ୍ରହଣୀୟ ନଥିଲା ଏବଂ ଏହାପରେ ଶ୍ରମିକମାନେ ନିଜ ନିଜ ଘରକୁ ଫେରିବାପାଇଁ ବ୍ୟଗ୍ର ହୋଇ ଉଠିଲେ ଏବଂ ଏହା ଫଳରେ ବିଭିନ୍ନ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା । ଲକ୍ ଡାଉନ୍ ପରେ ମଧ୍ୟ ରାଜ୍ୟର ଗଞ୍ଜାମ ଜିଲ୍ଲାରେ ଗୋଟିଏ ବି କରୋନା ରୋଗୀ ନଥିବା ଏବଂ ପ୍ରବାସୀ ଶ୍ରମିକ ମାନେ ଆସିବା ପରେ ରୋଗୀ ସଂଖ୍ୟା ବୃଦ୍ଧିପାଇବା ଦର୍ଶାଉଛି ଯେ ଯଦି ସେହି ଶ୍ରମିକ ମାନେ ଗୋଟିଏ ସ୍ଥାନରେ ରହିଥାନ୍ତେ ହୁଏତ ଏତେ ମାତ୍ରରେ ସଂକ୍ରମଣ ହୋଇନଥାନ୍ତା । ବିପଦ୍‌ଜନକ ଭାବେ ବସ ଏବଂ ଟ୍ରେନର ଗହଳିରେ ଯାତ୍ରା କରୁଥିବା କରୋନା ସଂକ୍ରମିତମାନେ ଅନ୍ୟଙ୍କୁ ସଂକ୍ରମିତ କରି ପକାଇଲେ ।

ଶ୍ରମିକମାନେ ସରକାରଙ୍କ ନିୟମକୁ ମାନିଥାନ୍ତେ କି ନା ତାହା କହି ହେଉନି, କିନ୍ତୁ କିଛି ରାଜ୍ୟ ସରକାର ପ୍ରବାସୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ହେତୁ ଶ୍ରମିକମାନେ ବିନା ଯାନବାହାନ ସୁବିଧାରେ ଚାଲି ଚାଲି ନିଜ ରାଜ୍ୟକୁ ଫେରିବାକୁ ବାଧ୍ୟ ହେଲେ । ଗୁଜୁରାଟ୍ ସରକାର ଏବଂ ଗୁଜୁରାଟର ମିଲ୍ ମାନଙ୍କରେ କାମ କରୁଥିବା ଅଜସ୍ର ଓଡ଼ିଆ ଶ୍ରମିକଙ୍କୁ ଦୁଇ ତିନିମାସ ପାଇଁ ରଖିବା ବ୍ୟବସ୍ଥା କରିଥିଲେ ହୁଏତ ଭଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥାନ୍ତା । କିନ୍ତୁ ଦୁଃଖର ବିଷୟ ପ୍ରବାସୀମାନଙ୍କ ଦ୍ୱାରା ପ୍ରେରଣ ହୋଇଥିବା ଅନେକ ଭିଡ଼ିଓରେ ସେମାନେ ଦୁଃଖରେ କାଳାତିପାତ କରୁଥିବା ଦେଖାଯାଇଥିଲା । ଏହା ସେହି ସବୁ ରାଜ୍ୟର ସରକାରଙ୍କ ବିଫଳତା ବୋଲି କୁହାଯାଇପାରେ ।

ସେ ଯା ହେଉ ଏବେ କାହାକୁ ଦୋଷ ଦେଲେ ବା ନ ଦେଲେ କରୋନା ରୋଗକୁ ତ ଆଉ ନିୟନ୍ତ୍ରଣ କରି ହେବନି, ତେଣୁ ଏବେ ତଥାପି ସମୟ ଅଛି ଆମକୁ ସଚେତନ ହେବାକୁ ପଡ଼ିବ । ଯଥା ସମ୍ଭବ ସଂକ୍ରମଣଠାରୁ ଦୂରରେ ରହିବାକୁ ପଡ଼ିବ । ଅନାବଶ୍ୟକ ଘରୁ ବାହାରିବା ବନ୍ଦ କରିବାକୁ ହେବ । ମଉଜମଉତ୍ସବ ପାଇଁ ସମୟ ଯଥେଷ୍ଟ ମିଳିବ ଏବେ କିଛି ଦିନ ସେସବୁଠାରୁ ଦୂରରେ ରହିଲେ ଆମେ ସୁରକ୍ଷିତ ହୋଇ ପାରିବା ।

ଚଳିତ ମାସ ଏବଂ ଆଗାମୀ ମାସ ଓଡ଼ିଶା ପାଇଁ ବିଶେଷ ମହତ୍ୱ ରଖେ । ପବିତ୍ର ସ୍ନାନ ପୂର୍ଣ୍ଣିମା ଏବଂ ପରେ ରଜୋତ୍ସବ ଏବଂ ଏହାପରେ ବିଶେଷ ରଥଯାତ୍ରା ଇତ୍ୟାଦି ଅନେକ ପର୍ବର ସମାହାର କିନ୍ତୁ ବିଶ୍ୱରେ ଆସିଥିବା ମହାମାରୀ ପରେ ଏହି ସବୁ ପର୍ବର ମହତ୍ତ୍ୱ ଊଣା ହୋଇନଥିଲେ ସୁଦ୍ଧା ଲୋକମାନେ ଏଥିରେ ଅଂଶ ଗ୍ରହଣ କରି ପାରୁନାହାନ୍ତି । ତେଣୁ ଅନେକ ମନ ଊଣା କରୁଛନ୍ତି । ଆଗାମୀ ମାସରେ ରଥଯାତ୍ରା ଅଛି, କିନ୍ତୁ ତାହା କିଭଳି ପାଳନ ହେବ ସେ ବିଷୟରେ ବର୍ତ୍ତମାନ ସୁଦ୍ଧା ସମସ୍ତେ ଅନ୍ଧାରରେ ଅଛନ୍ତି । ରଥଯାତ୍ରା ପାଳନ ହେବ ବୋଲି କୁହାଯାଇଥିଲେ ସୁଦ୍ଧା ବିନା ଭକ୍ତ ଓ ଜନସମାଗମରେ କିଭଳି ଏତେବଡ଼ ପର୍ବ ପାଳନ ହେବ ତାହା ଏବେ ଆମେ ସମସ୍ତେ ମନେ ମନେ ଚିନ୍ତା କରୁଛୁ ।

ବିଗତ ସପ୍ତାହରେ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମାପରେ ଏକ ହିନ୍ଦୀ ଭାଷୀ ପତ୍ରିକାରେ ଥର୍ମୋମିଟର ଧରିଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ପରିବେଷଣ କରାଯାଇଥିଲା । ଏହାକୁ ନେଇ କିଛି ଜଗନ୍ନାଥ ଭକ୍ତ ଅଭିଯୋଗ କରିବା ସହିତ ପତ୍ରିକା ବିରୋଧରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାମଲାମାନ ରୁଜୁ କରିଛନ୍ତି । ଏହାକୁ ନେଇ ସୋସିଆଲ୍ ମିଡ଼ିଆରେ ଅନେକ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଛି, କେହି କେହି ଏଥିରେ କୌଣସି ଅସୁବିଧା ନାହିଁ ବୋଲି କହୁଥିବା ବେଳେ କିଛି ବନ୍ଧୁ ଏହାର ଦୃଢ଼ ବିରୋଧ କରୁଛନ୍ତି । ଆସନ୍ତୁ ଜାଣିବା ଏହି ସବୁ ଘଟଣା ବିଷୟରେ ଆମେ କଣ ବୁଝୁଛୁ ବା ଚିନ୍ତା କରୁଛୁ ।

ଅତୀତରେ ଜଗନ୍ନାଥଙ୍କୁ ଭକ୍ତର ମନ ରଖିବା ପାଇଁ ଅନେକ ସମୟରେ ଅନେକ ବେଶରେ ସଜା ଯାଇଛି ଯେପରି ହାତୀ ବେଶ । ମହାରାଷ୍ଟ୍ର ଅଞ୍ଚଳରୁ ଆସିଥିବା ପ୍ରସିଦ୍ଧ ଗଣପତି ଭକ୍ତ ଶ୍ରୀ ଗଣପତି ଭଟ୍ଟଙ୍କ ଜଗନ୍ନାଥଙ୍କୁ ହାତୀ ବେଶରେ ଦେଖିବା ଇଚ୍ଛାକୁ ସ୍ୱୟଂ ଭଗବାନ ସ୍ୱପ୍ନାଦେଶ ଦେଇ ପୁରାଣ କରିଥିଲେ ତାହେଲେ ଏବେ ଯଦି କୌଣସି ପତ୍ରିକା ସମୟ ସହ ତାଳ ଦେଇ ଜଗନ୍ନାଥଙ୍କୁ ରୋଗୀ ଭାବରେ ଦର୍ଶାଇଲା ତାହାକୁ ବିରୋଧ କାହିଁକି କରାଯିବ ବୋଲି କିଛି ବନ୍ଧୁ ମତ ବ୍ୟକ୍ତ କରିଥିଲେ ।

ଯଦି ଜଗନ୍ନାଥ ହାତୀ ବେଶ ହେବା ଭୁଲ ନୁହେଁ ତାହେଲେ ପାଟିରେ ଥରମୋମିଟର ଦେଇଥିବା ବେଶ ବି ଭୁଲ ନୁହେଁ ବୋଲି କିଛି ବନ୍ଧୁ କହୁଛନ୍ତି । ତାହେଲେ କଣ ଏହି ବିରୋଧ କେବଳ ଲୋକଦେଖାଣିଆ ନା ଏହା ପଛରେ କିଛି ଦର୍ଶନ ରହିଛି । ଆସନ୍ତୁ ଜାଣିବା,

ଗଣପତି ଭଟ୍ଟ ପୂର୍ବରୁ ଗଣେଶଙ୍କ ଭକ୍ତ ଥିଲେ ଏବଂ ହୁଏତ ସେଇଥିପାଇଁ ସେ ସମସ୍ତ ଦେବଙ୍କ ଭିତରେ ସମରୂପ ଦେଖିବା ପାଇଁ ମନସ୍କାମନା କରୁଥିଲେ, ଯାହାକୁ ଭଗବାନ ସ୍ୱପ୍ନାଦେଶ ଦେବାପରେ ଭକ୍ତର ଇଚ୍ଛାକୁ ସମ୍ମାନ ଦେଇ ତାଙ୍କ ହାତୀ ବେଶ କରା ଯାଇଥିଲା । ସନାତନ ଧର୍ମର ହାତୀ ରୂପରେ ଭଗବାନ ରହିଛନ୍ତି । କେବଳ ହାତୀ ନୁହେଁ ବରଂ ଅନେକ ଜୀବଜନ୍ତୁଙ୍କ ରୂପରେ ଭଗବାନ ପ୍ରକଟ ହୋଇଛନ୍ତି ଯେମିତି ମୀନ, କୂର୍ମ, ବରାହ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନରସିଂହ ଇତ୍ୟାଦି । ସେ ସବୁ ସମ୍ଭବତଃ ଭକ୍ତଙ୍କର ମନୋଭାବକୁ ସମ୍ମାନ ଦେଇ ହୋଇଥାଇପରେ ।

ଜଗନ୍ନାଥଙ୍କୁ ସେମିତିରେ ବି ଆମେ ଭାବର ଠାକୁର ବୋଲି ଜାଣୁ । ଭକ୍ତର ହୃଦୟର ଭାବ କୁ ବୁଝି ପାରନ୍ତି ବୋଲି ତ ସେ କେତେବେଳେ ଦାସିଆ ବାଉରୀ ହାତରୁ ନଡ଼ିଆ ନିଅନ୍ତି ତ କେବେ ବନ୍ଧୁ ମହାନ୍ତିଙ୍କ ଭୋଗଥାଳି ଯାଚି ଦିଅନ୍ତି ।

ବର୍ତ୍ତମାନ ଆସିବା ଚଳିତ ପ୍ରକରଣକୁ ।

ଅଣସର ଘରକୁ ଇଂରାଜୀରେ quarantine ବୋଲି କହିବାରେ କୌଣସି ଅସୁବିଧା ନାହିଁ । କାରଣ ସମ୍ଭବତଃ ଏହା ହିଁ ସତ୍ୟ ଏବଂ ଅତୀତରେ ଆମ ପ୍ରଥା ଯେ କେତେ ବୈଜ୍ଞାନିକ ଥିଲା ତାହା ଦର୍ଶାଇଥାଏ । ଜଗନ୍ନାଥଙ୍କୁ ଜ୍ୱର ହୁଏ କି ନା ସେ ବିଷୟରେ ଆମେ କେବେ ଗବେଷଣା କରିନାହୁଁ, କେବଳ ଭଗବାନଙ୍କ ପ୍ରତି ଥିବା ଆମ ଭାବରେ ତାଙ୍କର ସମସ୍ତେ ଲୀଳାକୁ ଅପଣେଇଛୁ ।

ତୃତୀୟ ସ୍ଥାନରେ ଯେଉଁଭଳି ଦେବତା ମାନଙ୍କୁ ଗୋଟିଏ ଶେଯରେ ଶୁଆଇ ଦେଇ ପାଟିରେ ତାପମାନ ଯନ୍ତ୍ର ଦିଆଯାଇଛି ତାହା ଦେଖିବାକୁ ଅଶ୍ଳୀଳ ବା ଅମର୍ଯ୍ୟଦାତୀତ ନ ହୋଇଥିଲେ ସୁଦ୍ଧା ଜଗନ୍ନାଥଙ୍କୁ ନେଇ ଭାବବିହ୍ୱଳ ହେଉଥିବା କିଛି ଭକ୍ତଙ୍କୁ ଅରୁଚିକର ଲାଗିପାରେ । ଏହି ଚିତ୍ରରେ କେବଳ ବ୍ୟଙ୍ଗାତ୍ମକ ଭାବ ବ୍ୟତୀତ ଅନ୍ୟ କୌଣସି ଭାବ ଥିବା ଭଳି ମନେ ହେଉନାହିଁ । ତେଣୁ ଏହାର ବିରୋଧ କରୁଥିବା ବ୍ୟକ୍ତିଙ୍କ ଭାବାବେଗକୁ ସମ୍ମାନ ଦେବା ଉଚିତ ହେବ ବୋଲି ମୁଁ ମନେ କରେ । ଅବଶ୍ୟ ଯେତେବେଳେ ଏହି ଘଟଣା ସମ୍ପର୍କରେ ମୁଁ ଅବଗତ ନଥିଲି ଏବଂ ଏହି ଛବି ଦେଖିଥିଲି, ମୋ ମନରେ ଏହାକୁ ନେଇ ସେମିତି କିଛି ବିଶେଷ ରୋଷ ସୃଷ୍ଟି ହୋଇନଥିଲା । କିନ୍ତୁ ଯଦି ଏହାଦ୍ୱାରା ଅନ୍ୟମାନଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଆକ୍ରୋଶ ସୃଷ୍ଟି ହେଉଛି ସେମାନଙ୍କ ଭାବନାକୁ ମୁଁ ସମ୍ମାନ ଦେବି ।

ଭକ୍ତର ଭଗବାନ, କିନ୍ତୁ ବ୍ୟବସାୟିକ ଲାଭ ପାଉଥିବା ଏକ ପ୍ରକାଶନ ସଂସ୍ଥା ଯଦି ଭଗବାନଙ୍କୁ ଏକ ନୂଆ ରୂପରେ ଉପସ୍ଥାପନ କରେ ତାହେଲେ ସେଥିରେ ଭାବ କେତେ ଥିବ ଆଉ ସେହି ରୂପକୁ ନେଇ ପ୍ରଚାର ପ୍ରାଧାନ୍ୟ ହେବା କେତେ ଦୂର ସମ୍ଭବ ତାହା ଆପଣମାନେ ଚିନ୍ତା କରିବେ ।

ଆଗାମୀ ଦିନରେ ରଜପର୍ବ ଓଡ଼ିଶାର ବିଶେଷ ପର୍ବ । ଆପଣ ମାନଙ୍କୁ ସମସ୍ତଙ୍କୁ ରଜପର୍ବର ଶୁଭେଚ୍ଛା । ଘର ଭିତରେ ରହି ରଜ ପର୍ବ ପାଳନ କରନ୍ତୁ, ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ । ଭଗବାନ ସମସ୍ତଙ୍କୁ ସୁସ୍ଥ ରଖନ୍ତୁ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ଓଡ଼ିଶାର ରାଜ୍ୟ ସରକାର, ଜୁନ୍ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟ ସଂଗୀତର ମାନ୍ୟତା ଦେଇଛନ୍ତି । ଏଥିପାଇଁ ସମସ୍ତ ଉତ୍କଳବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ସମଗ୍ର ଓଡ଼ିଶାର ଐତିହାସିକ ଏବଂ ଭୌଗଳିକ ଅବସ୍ଥିତି ଏବଂ କୃତିକୁ ସାବଲୀଳ ଭାବରେ ଏହି କବିତାରେ ବର୍ଣ୍ଣନା କରାଯାଇଛି ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ବିଲୁଆର ହରିଣ ଶିକାର

ବିଲୁଆଟା ହରିଣ ଶିକାରରେ ଲାଗି ଯାଇଥାଏ । କଥାଟା ଅତି ଅସ୍ୱାଭାବିକ । ହରିଣ ଗୁଡିକ ଖୁବ ଜୋରରେ ଦୌଡିପାରନ୍ତି । ବିଲୁଆ ସେମାନଙ୍କର ଅଧା ଜୋରରେ ଦୌଡି ପାରିବ ନାହିଁ । ହରିଣର ଓଜନ ବିଲୁଆଠୁ ବହୁତ ଅଧିକ । ଆକାର ମଧ୍ୟ ବିଲୁଆଠାରୁ ଅନେକ ବଡ । ଏମିତି ଏକ ବେଗବାନ ଜନ୍ତୁକୁ ଏକ ସାମାନ୍ୟ ବିଲୁଆ ଶିକାର କରିବା କଥା ଭାବି ହେବନାହିଁ । କିନ୍ତୁ ବିଲୁଆଟି ହରିଣ ଶିକାରରେ ଲାଗି ଯାଇଥାଏ ।

ବିଲୁଆର ଶିକାର ଭିତରେ ହରିଣ ପ୍ରାୟ ନାହିଁ କହିଲେ ଚଳେ । ବିଲୁଆ ହରିଣକୁ ଦେଖିଲେ ଦୂରକୁ ଚାଲିଯାଏ । ଏମିତିଆ ଚଂଚଳ ଜନ୍ତୁ ବିଲୁଆ ଶିକାର କରି ପାରିବ ନାହିଁ ।

ସେଦିନ ବିଲୁଆଟି ଏକାକୀ ହରିଣକୁ ଶିକାର କରିବାକୁ ଲାଗି ଯାଇଥାଏ । ହରିଣଟିର ଆକାର ଛୋଟ । କିନ୍ତୁ ବିଲୁଆଠାରୁ ଅନେକ ବଡ । ମାଇ ହରିଣ । ମୁଣ୍ଡରେ ଶିଙ୍ଗ ନାହିଁ । ବିଲୁଆର ଡରିବାକୁ ବହୁତ କିଛି ନଥିଲା ।

ଦେଖିଲା ବେଳକୁ ହରିଣର ପଛ ଗୋଡରୁ ରକ୍ତ ବାହାରୁଥିଲା । ହରିଣଟି ଭଲ ଭାବରେ ଦୌଡୁ ପାରୁନଥିଲା । ଅନ୍ୟଥା ହରିଣଟି ସୁସ୍ଥ ସବଳ । ହରିଣଟି କେମିତି ଆଘାତପ୍ରାପ୍ତ ହୋଇଛି । ଜଙ୍ଗଲରେ ଶାକାହାରୀ ପ୍ରାଣୀଗଣ ଆଘାତପ୍ରାପ୍ତ ହେଲା ସେମାନଙ୍କୁ କିଏ ବଂଚେଇବାକୁ ନଥାନ୍ତି । ଯଦି ଭାଗ୍ୟବଳରୁ ଘା' ଭରିଗଲା ଆଉ ସୁସ୍ଥ ହୋଇଗଲେ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ତେବେ ଭଲ କଥା । ବିଲୁଆ ଏମିତି ଏକ ଅସହାୟ ଅବସ୍ଥାରୁ ସୁଯୋଗ ପାଇଲା ।

ଟିକିଏ ଘାସୁଆ ଜମି । ସେଠି ହରିଣଟି ଏକାକୀ ଠିଆ ହୋଇଥିଲା । ପାଖରେ ଆଉ କେହି ହରିଣ ନଥିଲେ । ବିଲୁଆଟି କ୍ରମାଗତ ଭାବେ ହରିଣ ଚାରିପଟେ ଦୌଡୁଥାଏ । ବିଲୁଆମାନେ ସବୁବେଳେ ଦୌଡ କରୁଥାନ୍ତି । ବିଲୁଆଙ୍କୁ ଲମ୍ବା ସ୍ଥିର ହୋଇ ପାଇବା କଷ୍ଟ । ହରିଣଟି ବିଲୁଆ ଆଡକୁ ମୁହଁ କରି ବୁଲିପଡୁଥାଏ । ବିଲୁଆର ଛୋଟ ଛୋଟ ଗୋଡ, ଶରୀର ତଳୁଆ ଆଉ ମୁହଁ ଗୋଜିଆ । ବିଲୁଆକୁ ଘୁରି ବୁଲିବାରେ କିଛି ଅସୁବିଧା ହେଉ ନଥାଏ । ଅପର ପକ୍ଷରେ ହରିଣର ଗୋଡ ଗୁଡିକ ସରୁ ଆଉ ଲମ୍ବା, ଶରୀର ଅନେକ ଉଚ । ତେଣୁ ତାକ ବୁଲିବାରେ ଅସୁବିଧା ହେଉଥିଲା । ବିଲୁଆ କିନ୍ତୁ ପଛକୁ ଆସିଲା ମାତ୍ରେ ସେ ଜୋରରେ ବୁଲି ପଡୁଥିଲା । ବିଲୁଆର ମୁହଁ ଆଡକୁ ମୁହଁ କରି ଦେଖୁଥିଲା । ବିଲୁଆର ମୁହଁ ଆକାର ଛୋଟ ହେତୁ ବିଲୁଆ ହରିଣର ଗଳାକୁ ବେଶୀ ଧରି ପାରିବ ନାହିଁ । ତେଣୁ ବେକଝୁଣି ବିଲୁଆ ହରିଣକୁ ମାରି ପାରିବ ନାହିଁ ।

ବିଲୁଆ ସେମିତି ନଅଟକି ହରିଣ ଚାରିପାଖେ ବୁଲୁଥିଲା ଆଉ ତାକୁ କାମୁଡିବାର ମୌକା ଦେଖୁଥିଲା । ହରିଣର ଗାଢ ବାଦାମୀ ରଙ୍ଗର ଚମଡା ଲାଲ ଦେଖାଯାଉଥିଲା । ଗୋଡରୁ ଧାର ଧାର ରକ୍ତ ବୋହି ଯାଉଥିଲ । ମୌକା ମିଳିଲେ ବିଲୁଆ ପଛ ଗୋଡକୁ କାମୁଡାଏ ଦେଉଥିଲା ଆଉ ସାଙ୍ଗେ ସାଙ୍ଗେ ମୁହଁ ଛାଡି ଦେଉଥିଲା । ଏମିତି କରିବା ଦ୍ୱାରା ହରିଣ ଆଉ ଗୋଡ ଛାଟି ପାରୁନଥିଲା । ଫଳରେ ବିଲୁଆର କିଛି କ୍ଷତି ହେଉନଥିଲା । ଏମିତି କରି କରି ହରିଣ ବହୁତ ଥକିଗଲା ।

ସେପଟେ ବିଲୁଆର ଆଉ ଏକ ସାଥି ଏମାନଙ୍କର ଏମିତି ଲଢେଇ ଦେଖୁଥିଲା । ସେ କିଛି ସମୟ ପରେ ଆକ୍ରମଣ କରିବାକୁ ଆସିବ । ଏ ବିଲୁଆ ଥକିଗଲେ ଆର ବିଲୁଆଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହାଯ୍ୟ କରିବାକୁ ଆଗେଇ ଆସିବ । ବିଲୁଆର ବୁଲିବା ଗତି ମୋଟେ କମୁ ନଥିଲା କିନ୍ତୁ ଏଣେ ହରିଣ ବହୁତ ଥକି ଯାଇଥିଲା । ତାର ବୁଲିବା କମି ଯାଉଥିଲା ଆଉ ବିଲୁଆ ବେଳକୁ ବେଳ ବେଶୀ କାମୁଡା ଦେଉଥିଲା । ବିଲୁଆର ଏ ଯୁଦ୍ଧରେ ମୂଖ୍ୟ ଅସ୍ତ୍ରଥିଲା ତାର ବୁଲିବା ଆଉ ସମୟ ଦେଖି କାମୁଡିବା । ଏମୁତି କାମୁଡି କାମୁଡି ସେ ହରିଣର ଗୋଡକୁ ଅଚଳ କରିଦେଲା ଆଉ ହରିଣ ବୁଲି ପାରିଲା ନାହିଁ । ବିଲୁଆ ସେମିତି ହରିଣର ଗୋଡକୁ କାମୁଡି ଛାଡି ଦେଉଥିଲା । ଫଳରେ ହରିଣ ଆଉ ଠିଆ ହୋଇପାରିଲା ନାହିଁ, ଭୁସ୍ କରି ତଳେ ପଡିଗଲା । ଏବେ ହରିଣ ସଂମ୍ପୂର୍ଣ ନିରୂପାୟ । ବିଲୁଆକୁ ସେ କିଛି କରିପାରିବ ନାହିଁ ।

ବିଲୁଆଟି ହରିଣର ପିଚା ଆଡୁ କାମୁଡିଲା । ମାଂସଳ ଅଂଶ । ହରିଣ କିଛି କରି ପାରିଲା ନାହିଁ । ତାର ମୁଣ୍ଡ ପଛଆଡକୁ ପହଁଚୁନଥିଲା । ତାଛଡା ଗୋଡ ଆଉ କାମ କରୁନି । ବିଲୁଆର ଡର ଛାଡିଗଲା । ସେ ଜିଅନ୍ତା ହରିଣର ମାଂସ ପଛ ଆଡୁ ଖାଇବାକୁ ଲାଗିଲା । ତାର ଛୋଟ ମୁହଁରେ କିଛି କିଛି ମାଂସ ଛିଣ୍ଡି ଆସୁଥାଏ । ଏମିତି କିଛି ସମୟ ଖାଇଲା ପରେ ସେ ଅଟକି ଗଲା ।

ହରିଣ ଦେହରୁ ସେତେବେଳକୁ ବହୁତ ରକ୍ତ ବୋହି ଗଲାଣି । ସେ ଅସକ୍ତ ହୋଇ ନିଜ ମୁଣ୍ଡକୁ ତଳକୁ କରି ଦେଉଥିଲା । ବିଲୁଆର ଅନ୍ୟ ସାଙ୍ଗ ଆସି ଜିଅନ୍ତା ହରିଣ ଦେହରୁ କିଛି ମାଂସ ଛିଣ୍ଡାଇ ଖାଇବାକୁ ଲାଗିଲା । ତାପରେ ଦୁଇ ବିଲୁଆ ଘାସ ଜମିରେ ପେଟେଇ ପଡି ହରିଣର ମୃତ୍ୟୁର ଅପେକ୍ଷା କଲେ । ପ୍ରାୟ ଦୁଇ ଘଂଟା ପରେ ହରିଣର ମୃତ୍ୟୁ ଘଟିଲା ।

ବିଲୁଆ ଦୁହେଁ ଆସି ପଛ ଆଡୁ ଖାଇବାକୁ ଲାଗିଲେ । କିଛି ଅନ୍ତ ନାଡି ବାହାରି ଆସିଲା । ସେମାନେ ପେଟ ଭରି ଖାଇନେଇଥିଲେ । ଏ ହରିଣଟା ସେମାନଙ୍କ ଶିକାର । କିନ୍ତୁ ଏ ଶିକାର ପୁରା ଖାଇବା ସେମାନଙ୍କ ଦ୍ୱାରା ସମ୍ଭବ ନୁହେଁ । ସାମନ୍ୟ କିଛି ଖାଇଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ପେଟ ଭରିଯାଏ । ଏତେ ବଡ ଶରୀରକୁ ଟାଣିନେବା ମଧ୍ୟ ସମ୍ଭବ ନୁହେଁ, ସେମାନଙ୍କ ଶକ୍ତିର ବାହାରେ । ସେମାନେ କିଛି କରି ପାରିଲେ ନାହିଁ ।  ମଲା ହରିଣକୁ ଛାଡି କିଛି ଦୂରକୁ ଚାଲିଗଲେ ।

ଏଣେ ପଡିଆରେ ଶବଟା ସେମିତି ଖୋଲାରେ ପଡିଥାଏ । ଦିନେ ବିତି ଗଲାଣି । ମଢର ପେଟ ଫୁଲିଗଲାଣି । ମାଂସ ମଧ୍ୟ ସଢି ଆସିଲାଣି । କାଉ ଆଉ ଶାଗୁଣାମାନେ ସବୁ ଲକ୍ଷ୍ୟ କରିନେଲେ । ଅନେକ ଶାଗୁଣା ଆକାଶରେ ଚକ୍କର କାଟିବାକୁ ଲାଗିଲେ । କାଉମାନେ କିନ୍ତୁ ଶୀଘ୍ର ତଳକୁ ଚାଲି ଆସି ମଢରୁ ଖାଇବାକୁ ଲାଗିଲେ । ସେମାନେ ପ୍ରଥମେ ମଲା ଜୀବଙ୍କୁ ଠାବ କରି ନିଅନ୍ତି ।

ଏଣେ ବିଲୁଆ ଦୁହେଁ ପରଦିନ ଆସି ଶବରୁ କିଛି ମାଂସ ଖାଇନେଲେ ଆଉ ଏକ ଛୋଟ କୁଦ ଉପରକୁ ଚାଲିଗଲେ । ଖାଇବା ପାଇଁ ପର୍ଯ୍ୟାପ୍ତ ମାଂସ ଅଛି । ପ୍ରାୟ ୧୦୦ ମିଟର ଦୂରରେ ଶବ ପଡିଥିଲା । ସେମାନଙ୍କ ଖାଇବା ପରେ ବହୁତ ମାଂସ ତଥାପି ବି ଲାଗିଥିଲା । ଏ ଭିତରେ କିଛି କାଉ ଆସି ଯାଇଥିଲେ । ଜଙ୍ଗଲରେ ଏମିତି ପଡିଥିବା ମାଂସ କାହାର ନା କାହାର କାମରେ ଆସିବ । ଜଙ୍ଗଲ ସଫା ରଖିବା କାମ କେଉଁ ନା କେଉଁ ଜୀବ ବା ପକ୍ଷୀଙ୍କର ଥାଏ । ପଶୁ ଭିତରେ ହେଟା, ବିଲୁଆ ସାଧାରଣତଃ ମଢ ଖାଇଥାନ୍ତି । ଏମିତିକି କଲରାପତରିଆ ବାଘ ବେଳେ ବେଳେ ମଲା ପଶୁଙ୍କୁ ଖାଇଥାନ୍ତି । ପକ୍ଷୀ ଭିତରେ ମଢ ଖାଉଥିବା ମୁଖ୍ୟ ପକ୍ଷୀ ହେଲା ଶାଗୁଣା । ଏକ ଶାଗୁଣା ଉପରେ ଚକ୍କର କାଟୁଥିଲା । ଶାଗୁଣା ଗୁଡଙ୍କର ମୋଟା ବଙ୍କା ଥଂଟ ସହଜରେ ମଢରୁ ମାଂସ ଛିଣ୍ଡାଇ ନିଏ । ଅନ୍ତନାଳି ଆଉ ସବୁ ପଚା ମଚା ଜିନିଷ ଏମାନେ ଖାଇ ହଜମ କରି ନିଅନ୍ତି ।

ଶାଗୁଣାମାନଙ୍କର ମଢ ଖାଇବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାଗୁଣା ମାନଙ୍କର ଅନେକ ପ୍ରଜାତି ଅଛନ୍ତି । କିନ୍ତୁ ଗୋଲାପୀ ବେକଥିବା ଶାଗୁଣାକୁ ଦେଖିବା ଏକ ଦୁର୍ଲଭ ଦୃଶ୍ୟ । ଏହା ଏକ ବିରାଟ ଶାଗୁଣା । ଶାଗୁଣାମାନେ ତଳେ ପଡି ପଚୁଥିବା ଶବକୁ ଖାଆନ୍ତି । ଏହା ଫଳରେ ଜଙ୍ଗଲ ସଫା ରହେ । ଏକ ଗୋଲାପୀ ବେକଥିବା ଶାଗୁଣା ତଳକୁ ଓହ୍ଲାଇ ଆସି ନିଜର ଶକ୍ତିଶାଳି ଗୋଡରେ ବସି ପଡିଲା । ସେହି ଗୋଲାପୀ ଶାଗୁଣାକୁ ଓହ୍ଲାଇବାଟା ଦେଖିଲାଗିଲା ଯେମିତି ଗୋଟିଏ ମଣିଷ ସନ୍ତରଣ କରୁଛି । ହାତ ଦୁଇଟି କାନ୍ଧର ଦୁଇ ପଟକୁ ଲମ୍ବିଯାଇଛି । କାନ୍ଧରେ ଖୁବ୍ ଲମ୍ବ ଆଉ ଚଉଡା ପର ଯୋଡିହୋଇ ରହିଛି । ମୁଣ୍ଡଟା ଆଗକୁ ଲମ୍ବି ଯାଇଛି, ଛାତି ଆଉ ଗୋଡ ଏକ ତ୍ରିକୋଣ କରିଛି । ତଳ ଆଡକୁ ଲମ୍ବା ଗୋଡ ଦୁଇଟି ଓହଳି ଯାଇଛି ।

ବସିପଡିଲା ପରେ ତାର ବିରାଟ ଡେଣା ଗୁଡିକ ସଂଙ୍କୁଚିତ ହୋଇ ଶରୀର ସହିତ ଲାଗି ରହିଥିଲା । ଏହା ଡେଣା ଅତି ବିଶାଳ ଆକାରର । ଡେଣା ଉପରେ ପର ଗୁଡିକ ସବୁ ବହୁତ ବଡ ଲାଗୁଥିଲା ପାଉଁଶିଆ କଳା ରଙ୍ଗର ପର ତଳେ ଧଳା ରଙ୍ଗର କିଛି ପର ଅଛି । ବେକ ଆଡକୁ ଧିରେ ଧିରେ ସେ ପରଗୁଡିକ କଳା ହୋଇଆସୁଛି । ତଳେ ମଝିରେ ମଝିରେ କେଉଁଠି ଧଳା ରଙ୍ଗର ପର । ତା ଉପରେ ଏକ ବଡ ଗୋଲାପି ରଙ୍ଗର ବେକ । ବେକ ପାଖରେ ଗୋଟିଏ ବି ପର ନାହିଁ । ଖାଲି ବେକରେ ଗୋଲାପି ରଙ୍ଗର ଚମଡା ଅଛି । ତା ଉପରେ ଗୋଲ ମୁଣ୍ଡ ଅଛି । ଶାଗୁଣାର ଗୋଲ ମୁଣ୍ଡରେ ଛୋଟ ଛୋଟ ହଳଦିଆ ଆଖି ତା ମଝିରେ କଳା ଡୋଳା । ସେଇଠୁ ବାହାରି ଆସିଛି ମୋଟା ଚଞ୍ଚୁ । ଛୋଟ ଆକାରର ଏହି ଚଞ୍ଚୁ ଗୁଡିକ ବହୁତ ଶକ୍ତିଶାଳୀ । ଏହା ଶିକାର କରିବା ପାଇଁ ଉପଯୁକ୍ତ ନୁହେଁ କିନ୍ତୁ ହାଡରେ ଲାଗିଥିବା ମାଂସକୁ ସହଜରେ ଛଡାଇ ପାରେ । ଏହି ପକ୍ଷୀର ଗୋଡର ଚମଡା ଗୋଲାପି ରଙ୍ଗର । ଏହି ଶାଗୁଣାଟି ଗିର ଜଙ୍ଗଲରଘାସୁଆ ଜମି ଉପରେ ବସିପଡିଲା । ତାର ଆଗରେ ଶବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଥିଲା । ପାଖର ଜମିକଗୁଡିକ ହଳଦିଆ, କଳା ଘାସରେ ପୂରି ଯାଇଥିଲା ।

ଗୋଲାପୀ ବେକଥିବା ଶାଗୁଣାର ରୂପଟି ଅନ୍ୟ ଶାଗୁଣାମାନଙ୍କ ଅପେକ୍ଷା ଅନେକ ଭିନ୍ନ । ସବୁଠାରୁ ଦେଖିବାର ଅଂଶ ହେଇଛି ଗୋଲାପି ବେକ ତଳେ ଥିବା ଖୁବ୍ ହଠାତ୍ ମୋଟା ହୋଇଯାଇଥିବା ପରର ଗୁଛ ଯାହାକି ଖୁବ୍ ମୋଟା ହୋଇଯାଇ ଛାତିକୁ ଲାଗି ରହିଛି । ତା ପରେ ସେହି ପରରୁ ଗୋଲାପି ରଙ୍ଗର ବେକଟିଏ ସିଧା ଉପରକୁ ଉଠିଯାଇଛି । ଗୋଲାପି ରଙ୍ଗର ବେକରୁ ଗୋଟିଏ ଗୋଲ ମୁଣ୍ଡଟିଏ ଲାଗିଛି । ଆଉ ସେଥିରୁ ମୋଟା ଚଞ୍ଚୁ ବାହାରିଛି ଯାହା ଶେଷ ଆଡକୁ ମୋଟା ହୋଇ ମୁନିଆ ହୋଇ ଯାଇଛି । ଅନ୍ୟ ଶାଗୁଣା ମାନଙ୍କର ଏମିତି ଗୋଲାପି ରଙ୍ଗ ନାହିଁ । ଏହି ଗୋଲାପି ରଙ୍ଗର ବେକ, ଗୋଲାପି ରଙ୍ଗର ଗୋଡ, ଛାତିରେ ଧଳା ପର, ଆଉ ପିଠି ଆଡେ କଳା ପର । ପିଠିର ଡେଣା ଖୁବ୍ ମୋଟା । ଏହି ସବୁ କାରଣ ପାଇଁ ଏହି ଶାଗୁଣାକୁ କିଙ୍ଗ୍ ଭଲ୍ଚର୍ କୁହାଯାଏ । ଶାଗୁଣାମାନଙ୍କର ଏକ ବିଶେଷତ୍ୱ ହେଉଛି ଏମାନଙ୍କର ମୁଣ୍ଡଟି ସଂପୂର୍ଣ୍ଣ ଭାବେ ଲୋମହୀନ । ଏମାନଙ୍କର ଠିଆ ହେବାର ଶୈଳ ଦେଖି ଲାଗେ ଯେମିତି ଗୋଟିଏ ଯୋଦ୍ଧା ନିଜର ଢାଳ ଧରି ମୁଣ୍ଡ ଟେକିଛି । ଅନ୍ୟ ପକ୍ଷୀ ମାନଙ୍କର ଠିଆ ହେବାର ଶୈଳୀ ଏତେ ସିଧା ନୁହେଁ ।

ବିଲୁଆ ଏମିତି ଏକ ବଡ ଶାଗୁଣାକୁ ଦେଖର ତା ଆଡକୁ ଦୌଡିଗଲା । ଏ ଶାଗୁଣାଗୁଡାକ ସର୍ବଭୂକ ଆଉ ଖୁବ ଶୀଘ୍ର ମାଂସ ଶେଷ କରିଦେବେ । ଶାଗୁଣାଟା ବିଲୁଆ ତଡୁଥିବାର ଦେଖି ଟିକିଏ ଘୁଂଚିଗଲା । ତାର ଡେଣା ଖୋଲିଗଲା । ସେ ନିଜର ବିଶାଳ ଆକାର ଦେଖାଉଥିଲା । କିନ୍ତୁ ସେ ଉଡିଗଲା ନାହିଁ । ବିଲୁଆ ମଧ୍ୟ ତାକୁ ବେଶୀ ଖେଦିଲା ନାହିଁ । କିନ୍ତୁ ବିଲୁଆର ଏ ଚେଷ୍ଟାରେ କିଛି ମୂଲ୍ୟ ନଥିଲା । ଶାଗୁଣା ଆଗରେ ତାର ଆକ୍ରମଣ କାମ କରିବ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରେ ଲମ୍ବା ଘାସ ପଡିଆ, ଚାରିଆଡେ ଛୋଟଛୋଟ ଘାସ । ଏ ଭିତରେ ଆଉ ଗୋଟିଏ ଗୋଲାପୀ ଶାଗୁଣା ଘାସ ପଡିଆରେ ତଳକୁ ଓହ୍ଲାଉଥିଲା । ଓହ୍ଲାଇବା ସମୟରେ ତାର ମୁଣ୍ଡଟି ଟିକିଏ ତଳୁଆ ହୋଇଗଲା । ଦୂରରୁ ଲାଗୁଥିଲା ଯେମିତି କିଏ ଲାଲ୍ ହେଲମେଟ ପିନ୍ଧିଛି । ତାର ଡେଣା ଦୁଇଟି ମୁଣ୍ଡ ଆଡକୁ ଟିକିଏ ବାଙ୍କିଯାଇ ଖୁବ୍ ଲମ୍ବା ହୋଇଯାଇଥିଲା । ଛାତିଟି ଭୂମି ଆଡକୁ ତଳୁଆ ହୋଇ ଆସିଥିଲା । ଶାଗୁଣାର ଗୋଡ ବର୍ତ୍ତମାନ ମାଟିରେ ଲାଗେ ନ ଲାଗେ । ଯେମିତି ଗ୍ଲାଇଡିଂ କଲାବେଳେ ଗୋଡ ଲାଗିଲା ବେଳକୁ ଲୋକ ପ୍ରସ୍ତୁତ ହୋଇ ରହେ କେମିତି ସେ ଚାଲିବ ବା ଦୌଡିବ, ସେମିତି ଶାଗୁଣା ପ୍ରସ୍ତୁତ ହୋଇ ରହିଥିଲା । ତା ଗୋଡ ଗୁଡିକ ଖୋଲି ଯାଇଥିଲା । ଧିରେ ଧିରେ ତା ଗୋଡ ମାଟିରେ ଲାଗି ଆସିଲା । ଶାଗୁଣାର ଗୋଡ ଲାଗିଲା ପରେ ସେ ଦୁଇ ଚାରିଥର ଦୌଡିଗଲା । ତା ପରେ ଶାଗୁଣାର ନିଜ ମୋଟା ଗୋଲାପି ଗୋଡକୁ ଜମାଇ ଠିଆ ହୋଇଗଲା । ମୁଣ୍ଡଟି ଉପରକୁ ଏଥର ଲମ୍ବି ଯାଇଥାଏ । ସବୁଜ ପଡିଆରେ ଲାଗୁଥିଲା ଯେମିତି ଗୋଲାପି ନଳି ପ୍ୟାଂଟ ପିନ୍ଧି କିଏ ଠିଆ ହୋଇଛି ।

ସେ ଶାଗୁଣାଟି ଡେଇଁ ଡେଇଁ ଶବ ପାଖକୁ ଆସିଲା । ବିଲୁଆ ତାକୁ ତଡିବାକୁ ଚେଷ୍ଟା କରୁଥିଲା । ପ୍ରଥମ ଶାଗୁଣାଟି ମଧ୍ୟ ଡେଇଁ ଡେଇଁ ଆସିଲା । ଏମାନେ ଆଉ ବିଲୁଆକୁ ଡରୁ ନଥିଲେ । କିନ୍ତୁ ହଠାତ୍ ଶବ ପାଖକୁ ଗଲେନାହିଁ । ଏ ଭିତରେ ଆଉ ଅନେକ ଶାଗୁଣା ଓହ୍ଲାଇ ପଡିଲେ । ସେମାନଙ୍କ ଭିତରେ ସାଧାରଣ ପାଉଁଶିଆ କଳା ରଙ୍ଗର ଶାଗୁଣା ମଧ୍ୟ ଥିଲେ । ଏତେ ଶାଗୁଣାଙ୍କୁ ଦେଖି ବିଲୁଆଦୁହେଁ ଦୌଡି ପଳାଇଲେ । ଆଉ କିଛି କରି ହେବ ନାହିଁ । ଶାଗୁଣାମାନେ ନିଜ ନିଜ ଭିତରେ ଛଡା ଛଡି ହୋଇ ଶବରେ ଲାଗିଥିବା ସଢା ମାଂସ ଖାଉଥିଲେ । ଏହି ଶାଗୁଣାମାନେ ବହୁତ କଳିତକରାଳ କରୁଥିଲେ । ଗୋଟିଏ ଶାଗୁଣା ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ଶାଗୁଣାକୁ ଯାଗା ଦେଉନଥିଲା । ଏ ଭିତରେ ଗୋଟିଏ ଶାଗୁଣା ମୁଣ୍ଡ ପୁରାଇ କିଛି ଅନ୍ତନାଳୀ ଟାଣି ନେଉଥିଲା ଆଉ ସବୁକୁ ଏକାଥରେ ଢୋକି ଦେଉଥିଲା । ଧିରେ ଧିରେ ସବୁ ସଫା ହୋଇଗଲା ।  କିଛି କାଉ ସେମାନଙ୍କ ପାଖରେ ଥିଲେ । ସେମାନେ ଶାଗୁଣା ଦଳ ଭିତରକୁ ଯାଉନଥିଲେ । ସେମାନଙ୍କ ଖାଇବାବେଳେ ଛିଟିକି ପଡୁଥିବା ମାଂସ ଖାଇ ନେଉଥିଲେ ।

ବିଲୁଆ ମାନେ ଚାଲି ଯିବାର କିଛି ଘଂଟା ମଧ୍ୟରେ ଶବରେ କିଛି ନଥିଲା । ତଳେ କେବଳ କଙ୍କାଳ ପଡି ରହିଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାଶୁ



ସୁବଳ ମହାପାତ୍ର

ପୁଅ ବାହାଘର ହେବାର ଦଶ ଦିନ ହେଲାଣି, ଆଜି ଜାଣି ଘର ଖାଲି ହେଲା । ଏତେ ଦିନଯାଏଁ କୁଣିଆଁ, ମଇତ୍ର ଘରେ ହାଉ ଯାଉ ହେଉଥିଲେ, ଆଜି ଗଲେ । ସକାଳୁ ସକାଳୁ ବଡ ଦି ଭଉଣୀଙ୍କୁ ବସରେ ବସେଇ ଆସିଲେ ଶ୍ରୁଲତା  । ବଡ ଦି ଭଉଣୀଙ୍କ କର୍ଣ୍ଣମନ୍ତ୍ର କୁ ମନେ ମନେ ହେଜୁଥିଲେ ସେ ।

ବୁଝିଲୁ ସୁରୁ, "ବୋହୁକୁ ସବୁବେଳେ ପାଦତଳେ ରଖିବୁ, ନହେଲେ ମୁଣ୍ଡରେ ଚଢି କାନରେ ମୁତିବ । ଯେତେ ଦବେଇକି ରଖିବୁ ସେତେ ଭଲ ନହେଲେ ଅଖା ଧୋଉଥିବୁ ଗୁଣ ଗାଉଥିବୁ । ଆମକୁ ଦେଖ.. ଡରେଇ, ହଲକେଇ ରଖିଛୁ ବୋଲି ବୋହୁମାନେ ଠିକ ସିଧା ସିଧା ଅଛନ୍ତି । ନହେଲେ ଆଜିକାଲିର ଝିଅ, ବାହା ହେଉହେଉ କହିବେ ଘଇତାଟା ଗୋଟାପଣେ ମୋର । ଆମର ସିନା ଦୁଇଟା ଲେଖା, ତୋ'ର ତ ଗୋଟିଏ । ୟାକୁ ଠିକ ଠିକ ରଖିବୁ ତ ରଖିବୁ ନହେଲେ ତୋତେ ଗୋଇଠା ମାରି ତୋ ଘରୁ ବାହାର କରିବ ଆଉ ନିଜେ ରାଜରାଣୀ ହୋଇ ଅୟସ କରିବ ।"

ରାସ୍ତାରେ ଆସୁ ଆସୁ ନିଜ ବୋହୁବେଳ କଥା ମନେ ପକାଉଥିଲେ ସେ । ବାହାହୋଇ ଆସିବାର ଦିନ ପନ୍ଦରଟା ଭିତରେ ସେ ଗାଁ ଛାଡି ଚାଲିଆସିଲେ ମାତ୍ର କୋଡିଏ କିଲୋମିଟର ଦୂରରେ ଥିବା ସହରକୁ । ତାଙ୍କ ସ୍ୱାମୀଙ୍କର ଏଠି କିରାଣୀ ଚାକିରୀ । ଦିତିନି ବର୍ଷରେ କେବେ ମନ ହେଲେ ଯାଆନ୍ତି ଗାଁ ଆଡେ ନହେଲେ ନାହିଁ । ସେ କାହାକୁ ଡରିଛନ୍ତି ନା କଣ ? ବିଶ୍ୱମ୍ବର ବାବୁଙ୍କୁ ଠିକେ ଠିକେ କହି ରଖିଛନ୍ତି, "ତୁମ ମା ସୁଆଗ ଛାଡ଼ । ଏଠି ମୁଁ ତମ ସ୍ତ୍ରୀ, ତମ ଅର୍ଦ୍ଧାଙ୍ଗିନୀ । ତମର ଅଧା ହେଲେ ମୋର ବି ଅଧା । ଜମିରୁ ଯାହା ମିଳିବ ସେଠି ବୁଢା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଢ଼ୀ ଦିଟା ଚଳିଯିବେ । ଏଠି ଏ ଜାଗାରେ ଘରଭଡା, ପିଲା, ପାଠପଢା, ଡ୍ରେସ, ଆସବାବପତ୍ର କିଣୁ କିଣୁ ପଇସା ଶେଷ । ତେଣୁ ଗାଁକୁ ଗଲେ ଗାଁରୁ ଚାଉଳ, ବିରି ଆଣିବ ପଛେ, ଏଠୁ କିଛି ନେଇକି ଯିବା ଚିନ୍ତା ବି କରିବନି ।" ଯାହାବି ହେଉ ସ୍ୱାମୀ ତାଙ୍କର କଥା ମାନି ଅଛନ୍ତି ଆଜିଯାଏ ।

****

ନୂଆ ନୂଆ ବୋହୁ ହୋଇ ଆସିଥାନ୍ତି ସେ । ଶାଶୁଘରେ କୁଣିଆଁ, ମଇତ୍ର ଭର୍ତି । ଦିନ ପନ୍ଦରଟା ଭିତରେ ଆସ୍ତେ ଆସ୍ତେ ଘର ଖାଲି ହୋଇ ଆସୁଥାଏ । ଆଜିଯାଏଁ ଶାଶୁଘରେ କେବଳ ଶାଗ ଟିକେ ରୋଷେଇ କରିଥିଲେ ସେ । ନୂଆବୋହୁ ବୋଲି କେହି ବି ରୋଷେଇ କରିବାକୁ ଛାଡୁନଥିଲେ ତାଙ୍କୁ । ଆଜି କିନ୍ତୁ ଘର ଖାଲି । ଶ୍ୱଶୁର ସକାଳୁ ସକାଳୁ କୁଆଡେ ବନ୍ଧୁଘରକୁ ଭାର, ବେଭାର ଦେବାକୁ ଚାଲିଗଲେ । ସ୍ୱାମୀ କୋଡିଏ କିଲୋମିଟର ଦୂରରେ ଥିବା ସହରକୁ । କିରାଣୀ ଚାକିରୀ ତାଙ୍କର । ଘରେ ଶାଶୁବୋହୁ ଦୁଇଜଣ । ଶାଶୁ, ରୋଷେଇ ସରଞ୍ଜାମ ସବୁ ଯୋଗେଇ ଦେଇ, ଶ୍ରୁଲତାଙ୍କୁ କଣ କଣ ରୋଷେଇ ହେବ କହି ମକର ମା (ଶାଶୁଙ୍କ ମକର) ଡାକିବାରୁ ଆର ସାହିଆଡ଼େ କଣ କାମରେ ଗଲେ । ଏଘଡି ଯାଇ ସେଘଡି ଆସିଲା । ରୋଷେଇ ସାରି ଅପେକ୍ଷା କରିଥାନ୍ତି ଶ୍ରୁଲତା । ସମୟ ଦ୍ୱିପ୍ରହର ଯାଇ ଦୁଇଟା ବାଜିଲାଣି । ଶାଶୁ ଫେରୁ ନାହାନ୍ତି । ସୁରୁଙ୍କୁ ଭୋକ ଜୋର । ଆଉ କେତେ ଅପେକ୍ଷା କରିବେ ବୋଲି ଭାବି ଥାଳିରେ ଭାତ, ତୁଣ ଆଣି ଖାଇ ବସିଲେ ସେ । ଏତିକିବେଳେ ମକର ମା ଓ ଶାଶୁ ଫେରିଲେ । ଦେଖୁ ଦେଖୁ ମକର ମା କହିଦେଲେ, "ଆଲୋ ଆଲୋ, ତୋ ପେଟ ଏମିତି ପୋଡି ଯାଉଛି ଯେ ଶାଶୁକୁ ଖାଇବାକୁ ନଦେଇ ଆଗ ନିଜେ ହେଣ୍ଡା ମାରିବାକୁ ବସି ପଡ଼ିଲୁ ? ଏଇୟା ତୋ ମା ତୋତେ ଶିଖେଇ କି ପଠେଇଛି ?"

ଏତିକିରେ ରାଗ ଚଢିଯାଇଥିଲା ଶ୍ରୁଲତାଙ୍କର । କାହିଁକି କହିବେ ନା । ସେ କିଏ ଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରର । ଭାତ ଥାଳିକୁ ଦୁଆରକୁ ଫିଙ୍ଗି, ହାତ ଧୋଇ ସିଧା ସିଧା ଶୋଇବା ଘରକୁ ପଶିଗଲେ ସେ । ରାତିରେ ସ୍ୱାମୀ ଓ ଶ୍ୱଶୁର ଘରକୁ ଫେରିଲା ପରେ ତୁମୁଳ କାଣ୍ଡ କରିଥିଲେ ସେ । ଶେଷ ନିଷ୍ପତ୍ତି, "ତୁମେ ଦୁଇଜଣ ସହରରେ ଯାଇ ରୁହ" ଶ୍ୱଶୁରଙ୍କ ମୁହଁରୁ ଏତକ ଶୁଣିଲା ପରେ ଶାନ୍ତ ପଡ଼ିଥିଲେ ସେ । ପ୍ରକୃତ କଥା ହେଲା, ବାହାହୋଇ ଆସିଲା ବେଳେ ବଡ ଦୁଇଭଉଣୀ କର୍ଣ୍ଣମନ୍ତ୍ର ଦେଇଥିଲେ । ଶାଶୁକୁ ଡରେଇ କି ରଖିବୁ ନହେଲେ ତୋ ବୋହୁଗିରି ସେ ଛଡେଇ ଦେବ । ଯାହାହେଉ, ସେତକ ପାଇଁ ନିଜେ ବାହାହେବା ପରଠୁ ପୁଅ ବାହାଘର ଯାଏଁ ସେ ବଞ୍ଚିଗଲେ ଶାନ୍ତିରେ ଶାନ୍ତିରେ । ଆଜି ପୁଣି ବଡ ଦୁଇ ଭଉଣୀ କର୍ଣ୍ଣମନ୍ତ୍ର ଦେଇଛନ୍ତି, ଯା'ର ସଦୁପଯୋଗ କେମିତି କରିବେ ବୋଲି ଚିନ୍ତାରେ ଥିଲେ ସେ ।

****

ଶାଶୁ ଯାହା କରିଥିଲେ ସେଇଯା କରିବେ ବୋଲି ସ୍ଥିରକଲେ ଶ୍ରୁଲତା । ସେତେବେଳେ ସିନା ବିଶ୍ୱମ୍ବର ବାବୁ ସ୍ତ୍ରୀ କଥା ମାନି ସହରକୁ ଆସିଥିଲେ, ଏବେ ପରା ପୁଅକୁ ସେ ପୁରା ହାତରେ ରଖିଛନ୍ତି । ବସ କହିଲେ ବସିବ, ଉଠ କହିଲେ ଉଠିବ । ସେ କଣ ସ୍ତ୍ରୀ କଥାରେ ପଡି ବାପା, ମାଙ୍କୁ ଛାଡିଯିବ ? ମୋଟେ ନୁହେଁ । ତେଣୁ ବୋହୁକୁ ଏବେଠୁ ପାଦତଳେ ରଖିବାକୁ ତାଙ୍କ ମନ ହାଇଁ ପାଇଁ ହେଲା । ଘରେ ପହଞ୍ଚି ର ସାଜ ସରଞ୍ଜାମ ସଜାଡି, କଣ କଣ ରୋଷେଇ ହେବ ବୋହୁକୁ ଅର୍ଡର କରି ଏଇଠୁ ଆସୁଛି ବୋଲି କହି ଘରୁ ବାହାରିଗଲେ ଶ୍ରୁଲତା । ଏବେ ଆଉ ସଞ୍ଜଯାଏଁ ଆସିବାର ନଥିଲା ତାଙ୍କର । ସେ ଯାଉଥିଲେ ସହରର ଆର ମୁଣ୍ଡରେ ଥିବା ତାଙ୍କ ସାଙ୍ଗଘରକୁ । ଫେରି ସାରି, ନିଜେ ନଖାଇ ନପିଇ ଭୋକ ଉପାସରେ ଥିବାବେଳେ, ତାଙ୍କୁ ନଡାକି ବୋହୁ ତାଙ୍କ ବିନା ଏକା ଏକା ଖାଇ ଗଣ୍ଡି ହଲେଇ ବୁଲୁଛି ବୋଲି ଫେରାଦି ହେବେ ସ୍ୱାମୀ ଓ ପୁଅ ଆଗରେ । ତାପରଠୁ ବୋହୁ ତାଙ୍କ ଗୋଡତଳେ ରହିବ ହିଁ ରହିବ । ଭାବୁଭାବୁ ସରୁ ହସଟିଏ ଖେଳିଗଲା ତାଙ୍କ ଲିପିଷ୍ଟିକ ମରା ଅଧରରେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

****

ରୋଷେଇ କରିସାରି ବୋହୁ ଅପେକ୍ଷା କଲା ଶାଶୁଙ୍କୁ । ଦୁଇଟା ବାଜି ତିନିଟା ବାଜିଲା । ଭୋକ ଜୋର । କଣ କରିବ ? ନୂଆ ବୋହୁ ହିସାବରେ ବାହାରକୁ ତ ଗୋଡ କାଢି ପାରିବନି । କୁଆଡେ ବି ଖୋଜିବ ଶାଶୁଙ୍କୁ ? କେମିତି ବା ଖୋଜିବ ? ତଥାପି କବାଟ ପାଖକୁ ଆସି ପଡିଶା ଘର ଲିନୁକୁ ସାଙ୍ଗ ମାନଙ୍କ ସହ ଖେଳୁଥିବାର ଦେଖିଲା ସେ । ଆସ୍ତେ ପାଟିରେ ଲିନୁକୁ ଡାକି, "ମାଈଁ ଡାକୁଛନ୍ତି, ଆସ ଖାଇବ" ବୋଲି କହି ଶାଶୁଙ୍କୁ ଡାକି ଦେବାକୁ କହିଲା ।

ତିନିଟା ବାଜିଲା, ଲିନୁ ଆସି କହିଗଲେ ଯେ "ଆଇଙ୍କୁ ପାଇଲିନି ।" କଣ କରିବ ଏବେ ? ଏକା ଏକା ଖାଇଦେବ କି ? କିନ୍ତୁ ଶାଶୁଙ୍କୁ ଖାଇବାକୁ ନଦେଇ ନିଜେ ଏକା ଏକା ଖାଇ ଦେବାକୁ ମନ ଡାକିଲାନି ତା'ର । ବାହାଘର ପୂର୍ବ କଥା ମନେ ପଡିଯାଉଥିଲା...

ସ୍ୱଦେଶ ଯେବେ ବାହାଘର ପାଇଁ ଝିଅ ଦେଖି ଆସିଥିଲେ, ଗେଲରେ ଗେଲରେ ଭାଇ ପଚାରି ଦେଲା, "ଆଚ୍ଛା, ବାହାଘର ପରେ ମଉସା, ମାଉସୀ ତୁମ ପାଖରେ ରହିବେ ନା, ଗାଁକୁ ଯିବେ । ଆଉ ମାସରେ ମଉସା ରିଟାର୍ଡ କରୁଛନ୍ତି ପରା ।"

– ହଁ, ଆଉ ମାସରେ ବାପା ରିଟାର୍ଡ କରିବେ । କିନ୍ତୁ ଆଜି ଯାଏଁ ସେମାନେ ମୋତେ ପାଖରେ ରଖିଛନ୍ତି । ଯଦି ଚାହିଁବେ ତେବେ ବାହାଘର ପରେ ଆମ ଦୁଇଜଣଙ୍କୁ ଘରୁ ବାହାର କରିଦେବେ । ନହେଲେ ତାଙ୍କ ଘରେ ଜାଗାଟିଏ ଦେବେ । ମୁଁ ଆଜିଯାଏଁ ତାଙ୍କୁ ରଖିବାକୁ ସକ୍ଷମ ହୋଇନି ।

ସ୍ୱଦେଶଙ୍କ ଏତିକି କଥା ମନ କିଣି ନେଇଥିଲା ତା'ର । ଯେଉଁ ଘରେ ବାପାମାଙ୍କ ସ୍ନେହ ଶ୍ରଦ୍ଧା ନାହିଁ, ସେଇଟା କଣ ଘର ? ନ୍ୟୁକ୍ଲିଅର ଫାମିଲି ଅପେକ୍ଷା ଯୌଥ ପରିବାର ଭଲ ଲାଗେ ତାକୁ । ସେମାନେ ଜେଜେ, ଜେଜେମା, ବାପା, ମା, କାକା, ଖୁଡି ଓ ତାଙ୍କ ପୁଅ ଝିଅ ସବୁ ମିଶି ଏକାଠି ରୁହନ୍ତି । କେତେ ଆନନ୍ଦ, କେତେ ଖୁସିରେ ରୁହନ୍ତି ସେମାନେ । ସମସ୍ତଙ୍କର ସମସ୍ତଙ୍କ

 Magazine Downloaded from www.aahwaan.com

ପ୍ରତି ସ୍ନେହ ଶ୍ରଦ୍ଧା ଥାଏ । ଘରେ ଆଗ ପୁରୁଷ ଓ ଛୁଆ ମାନେ ଖାଇ ସାରିଲା ପରେ ସ୍ତ୍ରୀଲୋକ ସବୁ ଖାଇ ବସନ୍ତି । ଆଗ ଜେଜେମା ଖାଇ ସାରିଲା ପରେ ମା ଓ ଖୁଡି ଖାଆନ୍ତି । ଜେଜେମା ପାଖରେ ବସି ବୋହୁ ମାନଙ୍କୁ ବଳେଇ ବଳେଇ ଖୁଆଏ ।

ଖାଇବା କଥା ଭାବି ପେଟ ଭୋକ ଦ୍ୱିଗୁଣିତ ହୋଇ ଯାଉଥାଏ ତା'ର । ତଥାପି ଅପେକ୍ଷା କରିଥାଏ ସେ ଶାଶୁଙ୍କୁ । ଲିନୁ ଆସି ପାଖରେ ବସିଲେ । ପଚାରିଲେ, "ମାଇଁ ଖାଇ ସାରିଲଣି ?" 'ନା' ବୋଲି ଛୋଟ ଉତ୍ତରଟିଏ ଦେଇ ସେ ଲିନୁର ପାଠପଢା, ସ୍କୁଲ ବିଷୟରେ ପଚାରିବାକୁ ଲାଗିଲା । ଅଷ୍ଟମ ଶ୍ରେଣୀ, କଣ ପାଠ, କେଉଁ ସ୍କୁଲ, କେମିତି ପାଠପଢା ହୁଏ, କେତେଜଣ ଶିକ୍ଷକ ଅଛନ୍ତି ଇତ୍ୟାଦି.... ଏସବୁ ଥିଲା ଭୋକକୁ କିଛି ସମୟ ମନ ଭିତରୁ ଦୁରେଇ ଦେବାର ଉପାୟ...

ଘଣ୍ଟାରେ ଚାରି, ପାଞ୍ଚ, ଛଅ, ପରେ ସାତଟା ବାଜିବାର ଶବ୍ଦ ଶୁଭିଲା । ଲିନୁ ପାଠ ପଢିବା ପାଇଁ ଚାଲିଗଲା । ଇଏ ବି ଉଠିଲା ଠାକୁର ଘରେ ସନ୍ଧ୍ୟା ଧୂପ ଦେବାପାଇଁ । ସନ୍ଧ୍ୟା ଦେଇ ସାରିଲା ବେଳକୁ ଶାଶୁ ଆସି କବାଟ ବାଡେଇଲେ ।

***

କବାଟ ଖୋଲୁ ଖୋଲୁ ହୃଦସ୍ତ ଘର ଭିତରେ ପଶି ଶ୍ରୁଲତା ଅନୁମାନ କରିନେଲେ, ବୋହୁ ଖାଇ ପିଇ ଆରାମରେ ବସିଛି । ଆରମ୍ଭ କରିଦେଲେ ନିଜର ଶାଶୁ ପଣିଆଁ । ଗୁଜୁ ଗୁଜୁ ହୋଇ ଏଘରୁ ସେଘର, ଦାଣ୍ଡରୁ ବାଡ଼ି ହେଉଥାନ୍ତି । ଗଲା ଆଇଲା ଲୋକଙ୍କୁ ଶୁଣେଇ ଶୁଣେଇ ବୋହୁର ଗୁଣଗ୍ରାମ ବଖାଣୁଥାନ୍ତି । ବୋହୁ ଆସିଲା ଖାଇବା ପାଇଁ ଡାକିବାକୁ । ଆଚ୍ଛା କରି ଦି'ପଦ ଶୁଣେଇ ଦେଲେ କାନ୍ଥ ବାଡକୁ, "ମହାରାଣୀଙ୍କର ପେଟ ପୋଡି ଯାଉଛି । ଶାଶୁ ପଚ୍ଛେ ଓପାସ ଥାଉ ବୋହୁ ଖାଇ, ପିଇ ହେଣ୍ଡି ମାରି ଗଣ୍ଡି ଓହଳେଇ ବୁଲୁ । ମୋ ପାଇଁ ଚିନ୍ତା କରିବାକୁ ଏଘରେ କିଏ ଅଛି କି ? ମୁଁ ତ ଠିକା ନେଇଛି ଏ ଘରର ସମସ୍ତଙ୍କ କଥା ବୁଝିବା


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ.. ।" ବୋହୁ ପୁଣି ଡାକିଲା, "ବୋଉ, ଆସନ୍ତୁ ଖାଇବା ।" ଖାଇବା ନଶୁଣି ରାଗରେ ତାଙ୍କୁ ଶୁଭିଲା "ଖାଇବ" । 'ଯା, ଏଠୁ' ବୋଲି ଜୋର କରି ଧମକଟିଏ ଦେଲେ ସେ ।

ପାଟି ଶୁଣି ପାଖଘରୁ ଲିନୁ ଆସି ପହଁଚିଲା । ଆଗରେ ଆଇଙ୍କୁ ଦେଖି ବଡ ପାଟିରେ କହି କହି ଆସିଲା, "ଆଇ, କୁଆଡେ ଯାଇଥିଲ ? କେତେ ଖୋଜିଲି ତୁମକୁ । ଏମୁଣ୍ଡରୁ ସେ ମୁଣ୍ଡ ଯାଏଁ, ମାଇଁ ଡାକୁଥିଲେ ତୁମକୁ । ସେ ବି ଖାଇନାହାନ୍ତି ଏବେ ଯାଏଁ । ଅପେକ୍ଷା କରିଛନ୍ତି ତୁମକୁ... କହି କହି ଘର ଭିତରକୁ ଗଲା ସେ । ଉତୁରା କ୍ଷୀରରେ ପାଣି ପୋଷେ କିଏ ଫିଙ୍ଗିଦେଲା କି ଆଉ ? ? ଶ୍ରୁଲତାଙ୍କର ରାଗ ହଠାତ ଶାନ୍ତ ପଡ଼ିଗଲା । ଘର ଭିତରକୁ ଯାଉ ଯାଉ ଶୁଣି ପାରୁଥିଲେ ବୋହୁ ଓ ଲିନୁର କଥାବାର୍ତ୍ତା ।

– ମାଇଁ, ଖାଇନ ଏବେ ଯାଏଁ ?

– ନା ! ! ବୋଉ ଆସିଲେଣି, ଖାଇବୁ ଏବେ ।

– ତୁମେ ତୁମର ଖାଇଲନି ? ସେ ଆସିଲା ପରେ ଖାଇ ନଥାନ୍ତେ ?

– ନା ଲିନୁ । ଝିଅ ବେଳ କଥା ଅଲଗା, ବୋହୁ ବେଳ କଥା ଅଲଗା । ଝିଅ ବେଳେ ଆମେ ଯାହା କଲେ ବି ସେଇଟା ଚପଳାମି ବୋଲି ଧରାଯାଏ । କିନ୍ତୁ ବୋହୁର ଗୋଟେ ଦାୟିତ୍ୱ ଥାଏ । ଖାଲି ଯେ ବାହାହୋଇ ଆସିଗଲେ ସେ ବୋହୁ ହୋଇଯାଏ ସେମିତି ନୁହେଁ । ତାକୁ ଘରର ସମସ୍ତଙ୍କ ମନ ନେଇ ଚାଲିବାକୁ ପଡେ । ସମସ୍ତଙ୍କୁ ଖୁସିରେ ରଖିବାକୁ ପଡେ । ସମସ୍ତଙ୍କର ଛୋଟ ଛୋଟ କଥାକୁ ବି ଧ୍ୟାନ ଦେବାକୁ ପଡେ । ସେଥିପାଇଁ ତ ବୋହୁକୁ ଘରର ଲକ୍ଷ୍ମୀ କୁହାଯାଏ । ମୁଁ, ମୋର କହୁଥିବା ବୋହୁ, କେବେ ବୋହୁ ହୋଇ ପାରେନି । ଘରର ବଡମାନଙ୍କ ଆଶୀର୍ବାଦ ଥିଲେ, ଘରେ ସମସ୍ତଙ୍କର, ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଥିଲେ ସେଇ ଘର ହିଁ ସରଗପୁର ବୋଲି ଲାଗେ ।

– ତା ବୋଲି କଣ ନ ଖାଇକି ବସିବ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-- ଏ ଘର ପରା ତାଙ୍କର । ସେ ନ ଖାଇ ସାରିଲେ, ମୁଁ ଖାଇବି କେମିତି ଯେ ?

ହସି ଉଠିଲେ ଦି ଜଣ । ହଉ, ହଉ, ମୁଁ ଯାଉଛି ଆଇକୁ ଡାକେ ଆଉଥରେ କହି ଲିନୁ ଚାଲିଗଲା...

****

ସବୁ ଶୁଣି ସାରିଥିଲେ ଶ୍ରୁଲତା । ରୋଷେଇ ଘରକୁ ଯାଇ ଦେଖିଲେ, ସବୁ ସେମିତି ଥୁଆ ହୋଇଛି । ହାଣ୍ଡିରେ ହାତ ବି ବାଜିନି । ମାନେ ବୋହୁ କିଛି ଖାଇନି ଏବେ ଯାଏଁ । ରୋଷେଇ ଘରେ ଠିଆହୋଇ ସେ ମାପୁଥିଲେ ନିଜକୁ ଓ ବୋହୂକୁ । ସେଦିନ ଶ୍ରୁଲତାଙ୍କୁ ଶାଶୁ ତ କିଛି କହିନଥିଲେ । କହିଥିଲେ ମକର ମା । ତଥାପି ଆଜି ଯାଏଁ ସେ ଦଣ୍ଡ ଦେଇ ଆସିଛନ୍ତି ତାଙ୍କ ଶାଶୁଙ୍କୁ । ପୁଅ, ବୋହୁ, ନାତି ଥାଇ ବି ସେମାନେ ଛେଉଣ୍ଡ । ବାପାମା'ଙ୍କ ଠାରୁ ଏକରକମ ଛଡେଇ ଆଣିଛନ୍ତି ସେ ତାଙ୍କ ପୁଅକୁ । ନିଜକୁ ଅଧା ସମ୍ପତ୍ତିର ମାଲିକ ବୋଲି ଭାବି କେତେ କଣ ଭୁଲ କରି ସାରିଛନ୍ତି ସେ । କେତେ ନିର୍ଯ୍ୟାତନା ସେ ଦେଇଛନ୍ତି ତାଙ୍କ ସ୍ୱାମୀଙ୍କୁ ଓ ଶାଶୁ ଶ୍ୱଶୁରଙ୍କୁ । ବୁଢ଼ାବେଳେ ପାଖରେ ରହିବା ତ ଦୂରର କଥା, ଜୋର କରି ସ୍ୱାମୀ ଓ ପୁଅକୁ ଛଡେଇ ରଖିଛନ୍ତି । ଆଖିରେ ଲୁହ ଭରି ଆସୁଥିଲା । ପାପର ପ୍ରାୟଶ୍ଚିତ ? ? ନିଶ୍ଚିତ କରିବେ...

ବୋହୁର ରୁମ ଭିତରକୁ ପଶି ଆସି ହାତ ଧରି ନେଇଗଲେ ରୋଷେଇ ଘରକୁ । ଦୁଇଟି ଥାଳିରେ ବାଢି ସାରିଥିଲେ ଭାତ, ଡାଲି, ତରକାରୀ ଓ ଅନ୍ୟାନ୍ୟ ଖାଇବା । ଏକା ସଂଗେ ଖାଇ ବସିଲେ ଶାଶୁ ବୋହୁ...

****

ଅଫିସରୁ ଫେରିଲେ ବିଶ୍ୱମ୍ଭର ବାବୁ । ଦେଖିଲେ ଶାଶୁ ବୋହୁ ଖାଇ ବସିଛନ୍ତି ଏବେ । ଘରର ହାବଭାବ କିଛି ଅଲଗା ଲାଗୁଥିଲା । ଚା ପିଇ, ଟିଭି ଦେଖି, ରାତି ଖାଇବା ଖାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୋଇବାକୁ ଗଲେ ସେ... ମଝିରେ ମଝିରେ ନିଦ ଭାଙ୍ଗୁଥିଲା ତାଙ୍କର... ଶ୍ରୁଲତା ନ ଶୋଇ କଣ କଣ ସବୁ କାମ କରୁଥିଲେ ରାତି ଅଧରେ....

ସକାଳୁ ଉଠୁ ଉଠୁ ବିଶ୍ୱମ୍ବର ବାବୁ ଦେଖୁଥିଲେ ଗୋଟେ ଅଲଗା ଦୁନିଆଁ... ଶ୍ରୁଲତାଙ୍କ ପାଟିରୁ ଶୁଭୁଥିଲା, "ଆଜି ଆମେ ଶାଶୁ ବୋହୁ ଗାଁକୁ ଯାଉଛୁ । ଅଫିସ ସାରି ସିଆଡୁ ସିଆଡୁ ଗାଁକୁ ଆସିବ । ପୁଅକୁ ବି କହିଦେଇଛି, ଦି'ଚାରିଦିନ ଭିତରେ ଏସବୁ ଜିନିଷ ଗାଁକୁ ପଠେଇବାର ବ୍ୟବସ୍ଥା କରିବ । ଆମେ ଏବେ ସମସ୍ତେ ଗାଁରେ ରହିବା । ତମେ ଆଉ ପୁଅ ଡେଲି ଗାଁରୁ ଯିବା ଆସିବା କରିବ....

ଲଙ୍କାରେ ହରି ଶବ୍ଦ...ଆଖି ମଳି ମଳି ଉଠିଲେ ସେ...ସ୍ୱପ୍ନ ଦେଖୁ ନାହାଁନ୍ତି ତ ? ନିଜକୁ ଚିମୁଟି ଆଉଥରେ କଂଫର୍ମ କଲେ... ନା, ସ୍ୱପ୍ନ ନୁହେଁ, ସତ... ହେଲେ ଏମିତି କେମିତି ସମ୍ଭବ ? ଦୀର୍ଘ ଅଠେଇଶି ବର୍ଷ କାଳ ଶାଶୁ ଶ୍ୱଶୁରଙ୍କ ପ୍ରତି ଅନାଦର ଭାବ ରଖିଥିବା ସୁରୁ, ଆଜି କେମିତି ବଦଳି ଗଲେ ? ସେ ଯାହାହେଉ, ବଦଳିଛନ୍ତି ସେତିକି ବଡ କଥା ।

ଗାଧୋଇ ଆସି ଠାକୁରଙ୍କୁ ମୁଣ୍ଡିଆ ମାରିବେ କି ବୋହୁକୁ ? ସେ ଦ୍ୱନ୍ଦରେ ଥିଲେ....

ଖଲାରୀ, ଅନୁଗୁଳ, ଓଡିଶା
୯୩୭୬୦୧୨୫୦୦
subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେହି ଜଣେ



ଆକାଂକ୍ଷା
ଅରୁଣିମା ସାହୁ

ପ୍ରେମ : ବୋଧହୁଏ ଅଜଣା ଅଚିହ୍ନା ହୃଦୟର ମିଳନ, କେଉଁ ଅପ୍ରତ୍ୟାଶିତ ସମୟର ସ୍ରୋତରେ । କେବେ ସବୁଠୁ ସୁନ୍ଦର ସାଥୀ, ଆଉ କେବେ ଅବାଧ୍ୟ ଚଞ୍ଚଳ ଶିଶୁ । ଦୂରତା ବାଧକ ନ ସାଜି ସେହି ଦୁଇମନ କେତେବେଳେ ଯେ ଗୋଟିଏ ସୂତ୍ରରେ ବାନ୍ଧି ହୋଇଥିଲେ ଜଣାନଥିଲା ଉଭୟଙ୍କୁ । କିଶୋର ବୟସର ପ୍ରଥମ ପ୍ରେମ ସତେ ଯେପରି ପୂର୍ଣ୍ଣିମା ରାତ୍ରିର ବିଚ୍ଛୁରିତ ଚନ୍ଦ୍ରକିରଣ, ଶୀତଳ, ମଧୁର ଆଉ ସବୁଠୁ ନିଆରା ।

ଗପ ହେଲେ ବି ସତ । କାହାଣୀ ତାଙ୍କର ସ୍ୱର୍ଗରୁ ଗଢ଼ା ଯେପରି । ଆବିଳତା ନଥାଏ ସେହି କିଶୋର ହୃଦୟ ଦୁଇଟି ପରସ୍ପରକୁ ନ ଭେଟି ମଧ୍ୟ ଦୁହେଁ ଦୁହିଁଙ୍କର ଅତି ନିଜର ହୋଇ ସାରିଥିଲେ । ମାତ୍ର ଦୁହେଁ ଦୁହିଁଙ୍କୁ ଅପେକ୍ଷା କରିଥିଲେ କେବଳ ଗୋଟିଏ ଶବ୍ଦର ଭରସାରେ, 'ବିଶ୍ୱାସ' ।

ଚପଳମତୀ କିଶୋରୀ ଆଖିରେ ଆଖିଏ ସ୍ୱପ୍ନ ନେଇ ସହରକୁ ପାଠ ପଢ଼ିଯାଏ । ନାଁଟି ତା'ର ଆଶା, ଅସୁମାରି ଆଶା, ବାପାମା' ତାର ଦୁନିଆ । ପ୍ରେମର ଅର୍ଥ ବି ଜାଣିନଥାଏ ସେ । ସମୟକ୍ରମେ ଜଣେ ଅଜଣା ବାନ୍ଧବୀ ହୋଇଯାଏ ଅତି ନିଜର । ଦୁଇଟି ଜୀବନ ଏକ ହୋଇଗଲା ଯେପରି । କଲେଜର ଅଧ୍ୟାପକଙ୍କ ଠାରୁ ଝାଡୁଦାର ଯାଏଁ ଆଶା ଓ ଶ୍ରୁତିର ବନ୍ଧୁତାକୁ ପ୍ରଶଂସା କରୁଥିଲେ ।

ଛାତ୍ରୀ ନିବାସର କଟକଣା ଭିତରେ ଜୀବନ ବିତି ଚାଲିଥାଏ । ଶ୍ରୁତି ଓ ଆଶା ପରସ୍ପର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ ଜୀବନର ସବୁ ଘଟନା ବାଣ୍ଟି ବସନ୍ତି । କଥା କଥାରେ ଶ୍ରୁତି ବଖାଣି ବସେ ତା ପିଲାଦିନର ଘନିଷ୍ଟ ବନ୍ଧୁ ବିଷୟରେ । କଥାରୁ ଆରମ୍ଭ କରି ଚର୍ଚ୍ଚା ପର୍ଯ୍ୟନ୍ତ । ନାଁ ତାର 'ଜିତ୍' । ଆଶାର କୁନି ମନ ଭିତରେ ସତେ ଯେପରି କେହିଜଣେ ଅସୁମାରି ଶିହରଣ ଭରିଦେଲା । କେହିଜଣେ ଦୂରରେ ଥାଇ ବି ଯେପରି ମନଚୋରୀ କରି ସାରିଥିଲା । କେହିଜଣେ ଆଶା ମନରେ ରହି ସାରିଥିଲା । ଜିତ୍ ଓ ଆଶା ମଧ୍ୟରେ ସାକ୍ଷାତ ନ ହୋଇଥିବା ସତ୍ତ୍ୱେ ମୋବାଇଲରେ କଥା ଓ ପରସ୍ପରର ମନର ଭାବନା ଯେପରି ମିଶି ସାରିଥିଲା । ଦୂରତା ଓ ସମୟକୁ ଖାତିର ନ କରି ଦୁଇଟି ପ୍ରେମପକ୍ଷୀ ଆଶା ବାନ୍ଧିଥିଲେ ଚାଲିବାକୁ ଅନେକ ଦୂର । କେହି ଜଣେ, କେଉଁଠି ଅନ୍ୟଜଣଙ୍କୁ ସତେ ଯେମିତି ହାତଠାରି ଡାକୁଥିଲା ।

ସମୟକ୍ରମେ ଦେଖା, ପରିବାରର ପରିଚୟ, ବହୁ ଘାତପ୍ରତିଘାତ ପରେ ମଧ୍ୟ ସ୍ୱର୍ଗୀୟ ପ୍ରେମ ତାଙ୍କର ମହାଆନନ୍ଦରେ ଚାଲିଥିଲା । ବିରହ ବେଦନା, ମିଳନର ଆବେଗ, ପ୍ରେମପ୍ରୀତିଭରା ସଂପର୍କର ଗଭୀର ରଙ୍ଗ ଯେପରି ଦିନକୁ ଦିନ ଗାଢ଼ ହେବାରେ ଲାଗିଥାଏ । କେବଳ ଉତ୍ତମ ବୁଝାମଣା ଏବଂ ଗଭୀର ବିଶ୍ୱାସ ପ୍ରେମବନ୍ଧନକୁ ଆହୁରି ସ୍ୱର୍ଗୀୟ ରୂପରେ ସଜ୍ଜିତ କରୁଥିଲା । ଭୁଲକଲେ ଆକଟ, ସ୍ନେହଶ୍ରଦ୍ଧା, ରାଗ ଅଭିମାନ ଯେପରି ଚୁମ୍ବକର ବିପରୀତ ମେରୁପରି ଦୁହେଁ ଦୁହିଁଙ୍କ ଆଡ଼କୁ ଆକର୍ଷିତ କରୁଥିଲା । ଜଣେ ଗମ୍ଭୀରକୁ, ଜଣେ ଚପଳା, ବଦରାଗୀକୁ ଶାନ୍ତ, ବିପରୀତ ଗୁଣ ହିଁ ପ୍ରେମ ମନ୍ଦିରରେ ପ୍ରକୃତ ପୂଜା ତାହା ଜିତ୍ ଓ ଆଶା ପ୍ରମାଣ କରିଦେଲେ ।

ଭବିଷ୍ୟତରେ ବିବାହର ଆଶା ସହ ଦୁହିଁଙ୍କର ପାଠପଢ଼ାର ଚିନ୍ତା । ଜଣେ ଅନ୍ୟଜଣଙ୍କୁ ପ୍ରତି କ୍ଷେତ୍ରରେ ଶୋଧନ ଓ ସହାୟତା ଯୋଗାଇବା ହିଁ ତ ପ୍ରକୃତ ପ୍ରେମ । ପ୍ରଥମ ପ୍ରେମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ନିଆରା ।

ପ୍ରେମ ଦେଖେ ନାଃଇଁ ବୟସ, ସମୟ, ଦୂରତା କି ସୌନ୍ଦର୍ଯ୍ୟ । ପ୍ରକୃତ ପ୍ରେମ ଶାଶ୍ୱତ, ଚିର ସବୁଜ ଏବଂ ଈଶ୍ୱରଦତ୍ତ । ଏହି ଦୁଇ ପ୍ରେମୀଯୁଗଳ କ'ଣ କେବେ କଳ୍ପନା କରିଥିଲେ । ପ୍ରେମ ତାଙ୍କୁ ଅଜଣାରୁ ଅତି ପରିଚିତ କରିଦେବ । ୨୦୦ କିମିର ଦୂରତାକୁ ଖାତିର ନ କରି ମୁକ୍ତ ଆକାଶରେ ବିଶ୍ୱାସକୁ ଡେଣା କରି ବୁଝାମଣାର ଆକାଶରେ ଉଡ଼ି ବୁଲୁଛନ୍ତି ଦୁଇ ପ୍ରେମପକ୍ଷୀ ଜିତ୍ ଓ ଆଶା ।

ଯୁବପୀଢ଼ିଙ୍କର ସୋସିଆଲ୍ ମେଡ଼ିଆରେ ପ୍ରେମ ସବୁ କ୍ଷେତ୍ରରେ ମିଥ୍ୟା ନୁହେଁ । ମାତ୍ର ଦୁହେଁ ଦୁହିଁଙ୍କୁ ସଂପୂର୍ଣ୍ଣ ନ ଜାଣି ସୀମା ଉଲ୍ଲଂଘନ ହିଁ ପ୍ରେମକୁ ଅପମାର୍ଗଦର୍ଶୀ କରାଉଛି । କୁପଥଗାମୀ ହୋଇ ଭବିଷ୍ୟତ ନଷ୍ଟ ହେଉଛି ।

ଭଲପାଇବାର ସଂପର୍କ, ଜୀବନସାଥୀ ବାଛିବାର ସୁଯୋଗ ଭୁଲ୍ ହୋଇଗଲେ । ପ୍ରେମ ହୋଇଯାଏ କଳଙ୍କିତ । ତେଣୁ ଯୁବପୀଢ଼ିଙ୍କୁ ଏହି ପ୍ରେମ କାହାଣୀ ଏକ ବାର୍ତ୍ତା ହେଉ । ପ୍ରେମରେ ବୁଝାମଣା, ସାଥୀଚୟନ ସହ ପରିବାର ଏବଂ ଭବିଷ୍ୟତରସମତୁଲତା ହିଁ ଏକ ଆଦର୍ଶ ପ୍ରେମର ଜ୍ୱଳନ୍ତ ଦୃଷ୍ଟାନ୍ତ ସୃଷ୍ଟି କରିଥାଏ ।

ସୁମାଣ୍ଡି, ଶଙ୍ଖତ୍ରାସ, କଟକ

ଭ୍ରାମ୍ୟଭାଷ : ୬୩୭୧୬୮୫୩୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅର୍ଦ୍ଧାଙ୍ଗିନୀ



ଗୀତାଞ୍ଜଳୀ ମହାରଣା

ଆସି ସନ୍ଧ୍ୟା ସାଢ଼େ ଛଅ ବାଜିଲାଣି । ହେଲେ ଦୀପକ ଏ ପର୍ଯ୍ୟନ୍ତ କାହିଁକି ଆସିନାହାନ୍ତି ? ଲକ୍ ଡାଉନ୍ ଟିକେ କୋହଳ ହେବାରୁ ପ୍ରାୟ ଦେଢ଼ମାସ ପରେ ଆଜି ଅଫିସ୍ ଯାଇଛନ୍ତି ।

ବାଲକୋନୀରେ କେତେବେଳୁ ଅପେକ୍ଷା କରିଛି ସୀମା, ଅଫିସର ଭଲମନ୍ଦ ଖବର ବୁଝିବା ପାଇଁ । ବିଚଳିତ ମନରେ ଆନ୍ଦୋଳିତ ହଜାରେ ପ୍ରଶ୍ନ, ଆଉ ଉତ୍ତର ହେଉଛନ୍ତି ଦୀପକ । ତାଙ୍କର ବିଳମ୍ବରେ ସୀମା ବିବ୍ରତ...

କ୍ରିଂ କ୍ରିଂ... କଲିଂବେଲ୍ ଶୁଣି ଦୌଡ଼ିଗଲା ସେ । ହେଲେ ଦୀପକଙ୍କୁ ଦେଖିବା ମାତ୍ର ଚଞ୍ଚଳ ପାଦ ତାର ସ୍ଥିର ହୋଇଗଲା, ପ୍ରଶ୍ନିଳ ଚକ୍ଷୁ ନିସ୍ତବ୍ଧ... ଏ କ'ଣ ? କ୍ଳାନ୍ତ ଶରୀର, ଅବସନ୍ନ ମୁହଁ, ନିରୀହ ଚାହାଣୀ,... ଗୁମ୍ ସୁମ୍... ଚୁପ୍ ଚାପ୍... ନିସ୍ତବ୍ଧ... କ'ଣ ହୋଇଛି ? ପାଣି ଗ୍ଲାସଟେ ହାତକୁ ବଢ଼େଇ ଦେଇ ପାଖରେ ବସିଗଲା ସୀମା ।

ପାଣି ଢୋକେ ପିଇଦେଇ ଦୀର୍ଘଶ୍ୱାସଟେ ମାରିଲେ ଦୀପକ । ସୋଫାକୁ ଆଉଜିପଡ଼ି ମୁଦ୍ରିତ ନୟନରେ ଆରମ୍ଭ କଲେ, ବୁଝିଲ ସୀମା ! ଅଫିସରେ କିଛି କାମ ହେଉନି । ଲକ୍ ଡାଉନ୍ ଯୋଗୁଁ ସବୁ ବନ୍ଦ । ବସି ବସି ଭାରି ବ୍ୟସ୍ତ ଲାଗୁଛି । ସେଥିପାଇଁ ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଅନେକ କର୍ମଚାରୀଙ୍କ ଛଟେଇ ହୋଇଗଲାଣି । ବିଭୁ ଦୟାରୁ ମୋର ଚାକିରୀ ସିନା ଯାଇନି, କିନ୍ତୁ ଏ ମାସର ଦରମା ମିଳିବନି । ସହଜେ ତ ଛୋଟିଆ ପ୍ରାଇଭେଟ୍ କମ୍ପାନି, ତା'ସହ ପୁଣି ଦରମା କାଟ୍ । ଗତ ମାସରେ ବି ପୂରା ଦରମା ମିଳିନଥିଲା । ପ୍ରୋଭିଡେଣ୍ଟ

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଫଣ୍ଡରେ ଯାହା ଥିଲା ସେ ସବୁ ତ ଝିଅ ଜନ୍ମଦିନରେ ଉଠେଇ ଖର୍ଚ୍ଚ କରି ଦେଇଛି । ଏବେ କ'ଣ କରିବା ?

ଦୀପକଙ୍କ କଥାରେ ଆକାଶଟା ଯେମିତି ଛିଣ୍ଡି ପଡ଼ିଲା ସୀମାର ମୁଣ୍ଡ ଉପରେ । ସ୍ଥାଣୁ ପାଲଟି ଗଲା । ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା । ଯଦି ଦରମା ମିଳିବନି, ଘର ଖର୍ଚ୍ଚ, ପିଲା ଖର୍ଚ୍ଚ, ଦୀପକଙ୍କ ଅଫିସ ଯିବା ଖର୍ଚ୍ଚ, ଏ ସବୁ ବ୍ୟତୀତ ଋଣ ବି ଅଛି ! ଓଃ ମୁଣ୍ଡ ଭିତରଟା କଣ ହେଇ ଯାଉଛି... କ'ଣ କରିବି କିଛି ବୁଝିପାରୁନି ।

- ସାର୍ ପୁଣି କହିଛନ୍ତି ସବୁଦିନ ଅଫିସ୍ ଯିବାକୁ । ନ ହେଲେ ଆସନ୍ତା ମାସରେ ନୋ ୱାର୍କ୍ ନୋ ପେ (କାମ ନାହିଁ ତ ଦରମା ନାହିଁ) ଲାଗୁହେବ । ବସ୍ ଚାଲିଥିଲେ ହୁଏତ କିଛିଟା ଆଶ୍ୱସ୍ତି ମିଳିଥାନ୍ତା । ପ୍ରତିଦିନ ଗାଡ଼ିରେ ଯିବା... ବୋଝ ଉପରେ ନଳିତା ବିଡ଼ା । ରାତି ପାହିଲେ ସାବିତ୍ରୀ ! ତମ ପାଇଁ ଶାଢ଼ୀଟେ କିଣିବାକୁ ମୁଁ ଅସମର୍ଥ । ହେ ପ୍ରଭୁ ।

ଚିନ୍ତାଗ୍ରସ୍ତ ଅସହାୟ ପଲକଦ୍ୱୟ ପୁଣି ବନ୍ଦ ହୋଇଗଲା । କୁହାଯାଏ ପତ୍ନୀ ସବୁ ସହିପାରେ କିଛି ନିଜ ପତିର ଦୁଃଖ ଆଦୌ ସହିପାରେ ନାହିଁ । ମନର କୋହକୁ ଭିତରେ ଚାଇ ଦୀପକର ମୁଣ୍ଡ ନିଜ କୋଳରେ ରଖି ମୁହଁ ଉପରେ ପଡ଼ିଥିବା ଅସଜଡ଼ା ବାଳକୁ ସାଉଁଳେଇବାରେ ଲାଗିଲା ସୀମା ।

ଓହୋ ! ତମେ କାଇଁ ବ୍ୟସ୍ତ ହେଉଛ ଯେ ? ଆମର କିଛି ଅସୁବିଧା ହେବନି । ଭଗବାନଙ୍କ ଉପରେ ଭରସା ରଖ । ସେ ସବୁ ଠିକ୍ କରିଦେବେ । ଶୁଣ । ଲକଡାଉନ୍ ଯୋଗୁଁ ବାପା ସାବିତ୍ରୀ ଭାର ନେଇ ଆସି ପାରିବେନି । ସେଥିପାଇଁ ମୋ ବ୍ୟାଙ୍କ୍ ଆକାଉଣ୍ଟକୁ କିଛି ଟଙ୍କା ପଠାଇଛନ୍ତି । ତା ଛଡ଼ା ମୁଁ ବି ତମେ ଖର୍ଚ୍ଚ ପାଇଁ ଦେଉଥିବା ଟଙ୍କାରୁ ବଳେଇ କିଛି ସଂଚୟ କରି ରଖିଛି । ଏ ମାସଟା ଚଳି ହେଇଯିବ । ଆଲମିରାରେ ନୂଆ ଶାଢ଼ୀଟେ ଅଛି, ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଲି ପିନ୍ଧିଦେବି । ଘରେ ଚୁଡ଼ାକଦଳୀ ଅଛି, ଭୋଗ କରିଦେବି ।

- ହେଲେ, ତମେ ଖାଇବ କ'ଣ ? ଚୁଡ଼ା କଦଳୀ ତ ତମେ ଖାଅନି ?

- ଆରେ ବାବା, ଗୋଟିଏ ଦିନ କ'ଣ ମୁଁ ଉପବାସ କରି ଚଳେଇ ପାରିବିନି ?

ସୀମାର ଆଖି ପୂର୍ବାପେକ୍ଷା ଉଜ୍ଜ୍ୱଳ, ଓଠରେ ସ୍ମିତ ହାସ୍ୟର ରେଖା । ପ୍ରତିବର୍ଷ ସାବିତ୍ରୀକୁ ଏଇଟା ଦରକାର, ସେଇଟା ଦରକାର, ମୁଁ ଚୁଡ଼ା ଖାଏନି ଫଳ ଆଣିବ... ଏମିତି ଜିଦ୍ କରୁଥିବା ଝିଅର ଏତେ ତ୍ୟାଗ ? ସେ ସ୍ୱପ୍ନ ଦେଖୁନାହାନ୍ତି ତ ! ! !

ଏମିତି ଅସ୍ଥିର ମନରେ ଶୋଇବାକୁ ଗଲେ ଦୀପକ । ସୀମା କେତେବେଳୁ ଶୋଇପଡ଼ିଲାଣି । ଦୀପକ ସେମିତି ନିସ୍ତେଜ ହୋଇ ପଡ଼ିଛନ୍ତି । ମନ ଅଶାନ୍ତ, ହଜାର ପ୍ରଶ୍ନର ଉତ୍ତର ସନ୍ଧାନରେ ଚକ୍ଷୁଦ୍ୱୟ... କେତେବେଳେ ନିଦ ଲାଗିଯାଇଛି ଜାଣି ନାହାନ୍ତି ଦୀପକ ।

କାହାର ସ୍ପର୍ଶରେ ଉଠି ପଡ଼ିଲେ ଦୀପକ । ସାମ୍ନାରେ ନୀଳରଙ୍ଗର ଶାଢ଼ୀ ପରିହିତା ନୀଳପରି ଦଣ୍ଡାୟମାନ । ଉଜ୍ଜ୍ୱଳିତ ନେତ୍ରଯୁଗଳ, ଲାଲ ଓଠରେ ହସର ଛିଟା, ଚଞ୍ଚଳ ମନ, କଥାରେ ଦୁଷ୍ଟାମୀ... କାଲିର ଅବସାଦ ସତେ ଯେମିତି ଦୁଃସ୍ୱପ୍ନ ଥିଲା... ଅବିଶ୍ୱସନୀୟ ଦୃଶ୍ୟ... ଅପଲକ ନୟନରେ ଚାହିଁ ରହିଛନ୍ତି ଦୀପକ, ଓଠରେ ଭାଷା ନାହିଁ...

ସତରେ କ'ଣ ସବୁ ସ୍ତ୍ରୀ ଏମିତି ? ଖୁସିରେ ହସୁଥିବେ ଆଉ ଦୁଃଖରେ ହସାଉଥିବେ ? ବାସ୍ତବରେ ସୀମାକୁ ପାଇ ଦୀପକ ଭାଗ୍ୟବାନ । ଏବେ ସେ ବୁଝିପାରିଛନ୍ତି କାହିଁକି ପତ୍ନୀଙ୍କୁ ଅର୍ଦ୍ଧାଙ୍ଗିନୀ କୁହନ୍ତି...

ଗୁଣ୍ଡିଚା ବିହାର, ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ସ୍ମୃତି ହୋଇ ରହିଗଲ



ରାଜୁକୁମାର ପାତ୍ର

ଶତଚେଷ୍ଟା ସତ୍ତ୍ୱେ ବି ଶୋଇପାରୁନଥିଲା ପ୍ରମୋଦ । ବେଡ଼ରେ ଏପଟ ସେପଟ କଡ ଲେଉଟାଇ ଚାଲିଥିଲା ମାତ୍ର । ଏକ ଅଜଣା କୋହ ତା'ର ହୃଦୟକୁ ସ୍ପର୍ଶ କରି ଯନ୍ତ୍ରଣାରେ ଜର୍ଜରିତ କରିବାକୁ ବଦ୍ଧ ପରିକର ଥିଲା ଯେପରି । ନିର୍ଜନ ରାତ୍ରି ଅନ୍ଧକାରର ନିରବତାକୁ ପରିହାସ କରି ଚାଲିଥିଲା ଘଣ୍ଟା କଣ୍ଟାର ଟିକ୍ ଟିକ୍ ଶବ୍ଦ ।

ବେଡ୍ ରୁମରେ କିଛି ମୁହୂର୍ତ୍ତ ଚିନ୍ତାଗ୍ରସ୍ତଭାବେ ପଦଚାଳନା କରୁଥିଲା ପ୍ରମୋଦ । ସିଗାରେଟ୍ ଟାଣିବାକୁ ହାତ ବଢ଼ାଇ ଥିଲା ଟେବୁଲ ଉପରେ ଥିବା କାଚ ପାତ୍ର ଉପରକୁ । ପୁଣି କ'ଣ ହେଲା କେଜାଣି ଏଥିରୁ ସେ ନିବୃତ୍ତ ରହିଲା । ପାଣି ବୋତଲଟିକୁ ଏକ ନିଶ୍ୱାସ ମଧ୍ୟରେ ଶେଷ କରିଦେଲା । ଲାଗୁଥିଲା ଯେମିତି କି ଅନେକ ଦିନ ହେଲା ମରୁଭୂମିରେ ଦିଗହରା ପଥିକଟିଏ ଯେପରି ।

ନୟନ ସମ୍ମୁଖରେ ଏକ ଝିଅର ନିରିହ ଏବଂ ପ୍ରେମଭରା ଚେହେରା ଜଳଜଳ ହୋଇ ପ୍ରତ୍ୟୟମାନ ହେଉଥିଲା ।ପାଖରେ ଅତି ଯତ୍ନପୂର୍ବକ ସାଇତି ରଖିଥିବା ସ୍ମିତାର ପିଲାଦିନର ଫୋଟୋଟିକୁ ଏକ ଲୟରେ ଦେଖିବାରେ ବ୍ୟସ୍ତ ଥିଲା ପ୍ରମୋଦ । ସ୍ମିତା ଫୋଟୋ ଭିତରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦେଇଛି ସେ ।

ସ୍ମିତା ହେଉଛି ସେହି ଝିଅ ଯିଏକି ପିଲାବେଳର କେବଳ ସାଙ୍ଗ ନଥିଲା ଉତ୍ତମ ପଥ ପ୍ରଦର୍ଶକ ମଧ୍ୟ । ସମୟ ଚକ୍ରରେ କେଉଁ ମୁହୂର୍ତ୍ତରେ କ'ଣ ଘଟିବ ତାହା କହିବା ସମ୍ଭବପର

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ । ସମୟକ୍ରମେ ଉଭୟଙ୍କ ଅନାବିଳ ବନ୍ଧୁତ୍ୱରୁ ଜନ୍ମ ଗ୍ରହଣ କରିଛି ଶାଶ୍ୱତ ଚିରନ୍ତନ ପ୍ରେମ । ପ୍ରେମରୂପକ ନଦୀର ପ୍ରବାହିତ ଜଳରେ ଭାସି ଯାଇଥିଲେ ଉଭୟେ । କିନ୍ତୁ ବିଧିର ବିଧାନ ଥିଲା ସଂପୂର୍ଣ୍ଣରୂପେ ଭିନ୍ନ । ପରିଣାମ ସ୍ୱରୂପ ଉଭୟଙ୍କ ପ୍ରେମରେ ଅଦିନିଆ କଳାହାଣ୍ଡିଆ ମେଘର ଛାୟା ଖେଳିଯାଇଥିଲା । ଯେଉଁଦିନ ପ୍ରମୋଦର ଅନିଚ୍ଛା ସତ୍ତ୍ୱେ ପରିବାର ସହିତ ଚିରଦିନ ଲାଗି ସୁଦୂର ଆମେରିକା ଗସ୍ତ ସମୟରେ ସ୍ମିତା ଆଖିରେ ଅଶ୍ରୁ ଥମିବାର ନା ନେଉନଥାଏ ।

ଆଖି ସାମ୍ନାରେ ଉଭୟଙ୍କ ପ୍ରେମରୂପକ ବସାକୁ ଅଦିନିଆ ଝଡର ପ୍ରକୋପରେ ଛିନ୍ନଛତ୍ର କରିଦେଲା ଯେମିତି । ଆମେରିକା ଆସିବା ପରଠାରୁ ପ୍ରମୋଦ ଅନେକ ଚେଷ୍ଟା ସତ୍ତ୍ୱେ ବି ସ୍ମିତା ସହିତ ଦର୍ଶନ କିମ୍ବା ବାର୍ତ୍ତାଳାପ ହେବାର ସମ୍ଭବ ହୋଇପାରିନି ।

ଅନ୍ତରରେ ଜମାଟ ବାନ୍ଧି ହୋଇରହିଛି ଅନେକ ଅଭୁଲା ସ୍ମୃତି ଆଉ କିଛି ଅକୁହା ବେଦନା । ଆମେରିକାରେ ଅନେକ ଝିଅଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ ମଧ୍ୟ ତା ହୃଦୟରେ ଅଙ୍କିତ ସ୍ମିତାର ପ୍ରେମରୂପକ ରେଖାକୁ କେବେ ଲିଭେଇପାରିନି କି ଚେଷ୍ଟା ବି କରିନି । ସମୟ ଚକ୍ରରେ ଦଶବର୍ଷ ବିତିଗଲାଣି ପ୍ରମୋଦକୁ ଭାରତରୁ ଆମେରିକା ଆସିବା ।

ମନେ ମନେ ସ୍ଥିର କରିଛି ସେ ଭାରତ ଯାଇ ସ୍ମିତାକୁ ନିଜର ବିରହ ବେଦନାର ବାର୍ତ୍ତା ଗୁଡ଼ିକୁ ବ୍ୟକ୍ତକରିବା ସହ ତାକୁ ଜୀବନସାରା ନିଜର କରିବାକୁ ଅନୁମତି ମାଗିବ । ସ୍ମିତାକୁ ଆପଣେଇ ନେବାକୁ ପ୍ରମୋଦର ହୃଦୟ ଅମାନିଆ ଛୋଟ ପିଲାଟିଏ ପରି ଜିଦ୍ ଧରିଥିଲା ଯେମିତି । ଖୁସିରେ ହୃଦୟଟା ପୁଲକିତ ଓ ଅସ୍ଥିର ହୋଇ ଉଠିଲା ପ୍ରମୋଦର ।

ଖୁସିରେ ଆତ୍ମବିଭୋର ଥିବା ସ୍ଥଳେ କାନ୍ଥଘଣ୍ଟା ଉପରେ ହଠାତ୍ ଦୃଷ୍ଟି ସ୍ଥିର ହୋଇଗଲା ତା'ର । ସମୟ ରାତି ୨:୧୫ ପାଖାପାଖି । ସ୍ମିତାର ସ୍ମୃତି ଗୁଡ଼ିକ ପୁନର୍ଜୀବିତ କରୁ କରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଚାଲିଯାଇଛି ତାହା ପ୍ରମୋଦର ଜ୍ଞାତ ବାହାରେ । ପ୍ରମୋଦ ଦର୍ପଣ ସାମନାରେ ଛିଡ଼ା ହୋଇ ଅଭିନୟ ଶୈଳୀରେ ନିଜ ପ୍ରତିଛବି ପ୍ରତି ଆଦେଶଦେବା ଭଙ୍ଗୀରେ କହିଲା, "ଶୋଇପଡ଼େ ରୋମିଓ କାଲି ପୁଣି ସ୍ମିତା ନିକଟକୁ ଯିବାର ଅଛି ।"

ପରବର୍ତ୍ତୀ ଦିନ ଉଡାଜାହାଜରେ ଯାତ୍ରା ଆରମ୍ଭ ସମୟରେ ଖୁସିରେ ଆତ୍ମହରା ହୋଇ ଯାଉଥିଲା ଯେମିତି ସେ । ଅନେକ ଦିନରୁ ହୃଦୟରେ ଅଭ୍ୟନ୍ତରରେ ଲୁକ୍କାୟିତ ବାର୍ତ୍ତାକୁ ସ୍ମିତା ସମ୍ମୁଖରେ ବ୍ୟକ୍ତ କରିବାପାଇଁ ଅଧୀର ହୋଇପଡ଼ିଛି ସେ । ପାଖରେ ବସିଥିବା ସହଯାତ୍ରୀଙ୍କୁ ଅନୁନ୍ୟ ସାତଥର ପଚାରି ସାରିଥିଲା କି ଆଉ କେତେ ସମୟ ଲାଗିବ ଭାରତରେ ପହଞ୍ଚିବାକୁ ।

ଶେଷରେ ସମସ୍ତ ଅପେକ୍ଷାର ଅନ୍ତ ଘଟିଛି ଏବଂ ପ୍ରମୋଦ ଭାରତବର୍ଷରେ ଅବତରଣ କରିଛି । ବିମାନ ବନ୍ଦରରୁ ଏକ ମୁହାଁହୋଇ ପ୍ରଥମେ ଗୋଟିଏ ଶାଢ଼ିଦୋକାନରେ ପ୍ରବେଶ କରିଛି । ସ୍ମିତାର ପିଲାଦିନର ଫୋଟୋଟିକୁ ଅନୁଧ୍ୟାନ କରି ଶାଢ଼ିଟିଏ ପସନ୍ଦ କରିଛି । ରାସ୍ତାରୁ କିଛି ଫଳ ଓ ଚକୋଲେଟ୍ ବି ସାଥିରେ ଧରିଛି । ରାସ୍ତାସାରା ସ୍ମିତାର କଥାକୁ ମନେ ପକାଇ ଚାଲିଥିଲା ସେ । ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରମୋଦ ସ୍ମିତା ଘର ସମ୍ମୁଖରେ ପହଞ୍ଚିଛି । କିନ୍ତୁ ଘରେ ତାଲାବନ୍ଦ ଥିବା ଦେଖି ତାର ମୁହଁରୁ ହସ ଚାଲିଗଲା ଯେମିତି । ମନକୁ ଶାନ୍ତ ରଖି ସେ ପଡୋଶୀଙ୍କୁ ଏହାର କାରଣ ପଚାରିଛି । ସେମାନେ ତାକୁ ନିଜର ପରିଚୟ ମାଗିଛନ୍ତି । ନିଜର ପରିଚୟ ପ୍ରଦାନ କରିଛି ପ୍ରମୋଦ । ଅନେକ ଦିନ ପରେ ତାକୁ ଦେଖି ସମସ୍ତେ ଖୁସି ହୋଇଯାଇଛନ୍ତି । ପଡୋଶୀ ଜଣକ କହିଛନ୍ତି ଯେ ତିନି ବର୍ଷ ହେଲା ସେମାନଙ୍କ ଗାଁ ଛାଡିବାର । ବର୍ତ୍ତମାନ ବାସ କରୁଥିବା ଘରର ଠିକଣା ଏବଂ ଫୋନ ନମ୍ବର ତା'ର ହାତକୁ ବଢ଼ାଇ ଦେଇ ଚାଲିଯାଇଛି ପଡୋଶୀଜଣକ । ସଙ୍ଗେ ସଙ୍ଗେ ଥରହର ହସ୍ତରେ ପ୍ରମୋଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ନମ୍ବରକୁ ଫୋନ କରିଛି । କିନ୍ତୁ ନମ୍ବରଟା ସୁଇଚ୍ ଅଫ୍ ବତାଇଲା । ଅସ୍ତବ୍ୟସ୍ତ ରୂପେ ସେ ଠିକଣା ଦିଗରେ ଯାତ୍ରା ଆରମ୍ଭ କରିଛି । ଭୋକ ଶୋଷ ମଧ୍ୟ ଫିକା ହୋଇଯାଇଛି ସ୍ମିତାକୁ ଦେଖିବାର ଅଭିଳାଷ ଆଗରେ ଯେମିତି । ରାସ୍ତାସାରା ସ୍ମିତାର କଥାକୁ ଭାବି ଚାଲିଥିଲା ସେ । ଠିକଣା ମୁତାବକ ସେ ଘର ସମ୍ମୁଖରେ ପହଞ୍ଚିଯାଇଛି ପ୍ରମୋଦ । ଧୀରେ ଧୀରେ ପାଦ ବଢାଇ ଘର ଭିତରକୁ ପ୍ରବେଶ କରିବା ପରେ କୁନି ଝିଅଟି ଉପରେ ନଜର ପଡିଲା ପରେ ପ୍ରମୋଦର ହୃଦ୍ ସ୍ପନ୍ଦନ ବଢ଼ିଗଲା ଯେମିତି । ସନ୍ଦେହ ସୃଷ୍ଟି ହୋଇଛି ସ୍ମିତା ବିବାହ କରିଦେଇଛି କି ? ଚିନ୍ତାଗ୍ରସ୍ତ ଥିବା ବେଳେ ହଠାତ୍ ପ୍ରବେଶ କରିଛନ୍ତି ସ୍ମିତାର ମାଁ । ପାଦ ଛୁଇଁ ପ୍ରଣାମ କରିବା ପରେ ନିର୍ବାକ ଭାବେ ଓ ପ୍ରଶ୍ନବାଚୀ ଦୃଷ୍ଟିରେ ଅନେଇଛନ୍ତି ପ୍ରମୋଦକୁ । ନିଜର ପରିଚୟ ପ୍ରଦାନ କରିବା ପରେ ଖୁସି ହୋଇ ତାକୁ ଘର ଭିତରକୁ ପାଛୋଟି ନେଇଛନ୍ତି ସେ । କିନ୍ତୁ ପ୍ରମୋଦ ମନରେ ଏକ ପ୍ରଶ୍ନ ଆନ୍ଦୋଳିତ କରୁଥିଲା, "ସ୍ମିତା କାହିଁ ଓ ସେଇ ଝିଅଟି କିଏ ?" କଥାବାର୍ତ୍ତା ମଧ୍ୟରେ ସେ ଝିଅଟିର ସମ୍ପର୍କରେ ପଚାରିଛି ପ୍ରମୋଦ । ପଡୋଶୀ ଘରର ଝିଅ ବୋଲି ଜାଣିବା ପରେ ଟିକେ ଆଶ୍ୱସ୍ତି ମିଳିଲା ତାକୁ ।

କଫିର ସ୍ୱାଦ ନିରିକ୍ଷଣ କରୁ କରୁ ପ୍ରମୋଦ ସ୍ମିତା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛି । ହଠାତ୍ ସ୍ମିତା ମାଁଙ୍କ ମୁହଁ ମଳିନ ପଡ଼ିଗଲା । ନୟନ ଲୋତକପୂର୍ଣ୍ଣ ହୋଇଗଲା । ଦୁଇବର୍ଷ ତଳର ସେହି ଅଭିଶପ୍ତ କାଳରାତ୍ରୀର କଥା ଗୋଟିଗୋଟି କରି ଶୁଣେଇ ଗଲେ । ଯେଉଁ ଦୁର୍ଘଟଣା କି ଚିରଦିନ ଲାଗି ସ୍ମିତାକୁ ଧରାପୃଷ୍ଠରୁ ବିଦାୟ ନେବାକୁ ସଂକଳ୍ପବଦ୍ଧ ଥିଲା ଯେପରି ।

ସ୍ମିତା ଆଉ ଏ ଦୁନିଆରେ ନାହିଁ କଥା ଶୁଣିବାକ୍ଷଣି ପ୍ରମୋଦର ଚତୁର୍ଦ୍ଦିଗ ଅନ୍ଧକାର ହୋଇଗଲା । ପୃଥିବୀଯାକର ଶବ୍ଦ ଏକାଥରକେ ତା କର୍ଣ୍ଣରୁ ଦୂରେଇ ଯାଉଥିଲା ଯେମିତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରୁ କଫି କପ୍ ଖସି ଖଣ୍ଡ ଖଣ୍ଡ ହୋଇଗଲା । ପ୍ରମୋଦକୁ ଅନୁଭବ ହେଲା ପାଦତଳୁ ମାଟି ଖସିଗଲା ପରି । ଲାଗୁଥିଲା ଯେମିତିକି ଶରୀର ମଧ୍ୟରୁ ହୃଦୟକୁ କିଏ ଜଣେ ତୀକ୍ଷ୍ଣ ଖଡ୍ଗରେ ନିର୍ମମ ଭାବେ ଆଘାତ କରି ବାହାର କରିଦେଇଛି । କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ।

ଅଜାଣତରେ ପାଦ ଥାପି ଥାପି ସେ ସ୍ମିତା ମାଁଙ୍କ ସହ ପ୍ରବେଶ କରିଛି ସ୍ମିତାର ଶୟନ କକ୍ଷରେ । ଅପରୂପ ସୌନ୍ଦର୍ଯ୍ୟଭରା ହସହସ ମୁଖ ଝିଅଟିର ଫୋଟୋରେ ଫୁଲହାର ଟଙ୍ଗା ହୋଇଥିବା ଦେଖି ପ୍ରମୋଦକୁ ଅଜଣା ରହିଲା ନାହିଁ ଯେ ସେ ହିଁ ନିଜର ମନର ନାୟିକା ରୂପବତୀ ସ୍ମିତା ବୋଲି । ଆଖିରୁ ଧାର ଧାର ଅଶ୍ରୁ ନିର୍ଗତ ହୋଇ ଚାଲିଛି । କିଛି ମୁହୂର୍ତ୍ତ ଏକ ଲୟରେ ଫୋଟୋକୁ ଦେଖିବା ପରେ ତା'ର ନଜର କେନ୍ଦ୍ରୀଭୂତ ହୋଇଛି ଏକ ଡାଏରୀ ଉପରେ । ସମସ୍ତ ବଳ ପ୍ରୟୋଗ କରି ଧୀରେ ଧୀରେ ପାଦ ବଢାଇ ଡାଏରୀ ନିକଟରେ ପହଞ୍ଚିଛି ପ୍ରମୋଦ । ସେଇଟା ସ୍ମିତାର ହାତଲେଖା ଡାଏରୀ ଥିଲା ।

ସାହସ କରି ଡାଏରୀ ଖୋଲୁ ଖୋଲୁ ତାର ହୃଦୟରେ ଏକ ଅଜଣା ଆତଙ୍କ ପ୍ରକଟିତ ହୋଇ ଯନ୍ତ୍ରଣାରେ ଜର୍ଜରିତ କରିଦେଲା । ଶରୀରରୁ ସମସ୍ତ ବଳ ଶୂନ୍ୟ ହୋଇଗଲା ପ୍ରମୋଦର । ଚେତନାଶୂନ୍ୟ ହୋଇ ଭୂମି ଉପରେ କଚାଡି ହୋଇ ପଡିଗଲା ସେ ।

ସ୍ମିତା  ଡାଏରୀରେ ପ୍ରମୋଦ ନିଜ ପାଖରେ ସାଇତି ରଖିଥିବା ତା'ର ଏବଂ ସ୍ମିତାର ପିଲାଦିନର ଫୋଟୋପରି ଅବିକଳ ନକଲ ଫୋଟୋଟିଏ ସ୍ଥାନିତ ହୋଇଥିଲା । ଫୋଟୋ ତଳକୁ ଦୁଇ ଧାଡ଼ି ଲେଖା ଥିଲା, "ପ୍ରମୋଦ ତୁମକୁ ମୁଁ ନିଜର ପ୍ରାଣଠାରୁ ଅଧିକ ଭଲପାଏ । ତୁମ ବ୍ୟତୀତ ଆଉ କାହାରି ମଧ୍ୟ ଏ ହୃଦୟରେ ସ୍ଥାନ କି ଅଧିକାର ନାହିଁ ।"

ଭରସୁଜା, ବଲାଙ୍ଗିର

ମୋ. ୯୭୭୭୬୧୪୬୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍‌ଡାଉନ୍‌ର ଦୁଃଖ



ଗଦାଧର ବଳ

ଚୀନ ଆମଦାନୀ କରୋନା ବା କୋଭିଡ୍ ୧୯ ଭୂତାଣୁ ବିଶ୍ୱରେ ଆତଙ୍କ ଖେଳେଇ ଦେଇଛି । ତାର ଆତଙ୍କରେ ଆଜି ବିଶ୍ୱ ଆତଙ୍କିତ, ଏପରିକି ବିଶ୍ୱର ଦୁଇ ଶହରୁ ଅଧିକ ଦେଶ ଲକ ଡାଉନ ଘୋଷଣା କରି ସାରିଛନ୍ତି । କାରୋନା ଭୟରେ ସବୁ କିଛି ସ୍ଥିର, ବିଜ୍ଞାନ ବଳରେ ବଳୀୟାନ ହୋଇ ସେ ଏ ଜାଗାରୁ ସେ ଜାଗା, ଏ ଗାଁ ରୁ ସେ ଗାଁ, ଏ ସହରରୁ ସେ ସହର, ଏ ବଜାରରୁ ସେ ବଜାର, ଏ ଜିଲ୍ଲାରୁ ସେ ଜିଲ୍ଲା, ଏ ରାଜ୍ୟରୁ ସେ ରାଜ୍ୟ, ଏ ଦେଶରୁ ସେ ଦେଶ, ଧାଇଁ ବୁଲୁଥିବା ମଣିଷମାନେ ସ୍ଥିର ହୋଇ ଯାଇଛନ୍ତି, ନିଜ ନିଜ ଘର ଭିତରେ । ସ୍ଥିର ହୋଇଯାଇଛି ଜଳ, ସ୍ଥଳ, ଆକାଶ ଦେଇ ଚଳପ୍ରଚଳ କରୁଥିବା ସମସ୍ତ ଯାନବାହନ । କିନ୍ତୁ ଏ ଭିତରେ ସ୍ଥିର ହୋଇ ରହିଯାଇଛି ସମୟ । ସମୟ ସହିତ ଆମେ ବନ୍ଧା । ତେଣୁ ଦୁଃଖର ବିଷୟ ସମୟର ଚକ ଗଡି ଚାଲିଛି ସିନା, ଆମେ ସବୁ କିନ୍ତୁ ସ୍ଥିର ହୋଇ ଯାଇଛେ । ଯେମିତି କାହାରି କୁଆଡେ ଯିବାର ନାହିଁ । ଅବଶ୍ୟ ଏହି ବ୍ୟବସ୍ଥା ଆମରି ଭଲ ପାଇଁ ହିଁ ହୋଇଛି । କିନ୍ତୁ ଏହା ପଛରେ ରହିଛି ଅନେକ ଚିନ୍ତାର ବିଷୟ ।

ଆମ ଦେଶ ଭାରତରେ ବି ଲକ ଡାଉନ ଘୋଷଣା ସରିଛି । ବିଭିନ୍ନ ରାଜ୍ୟରେ ତ ତାଟି କବାଟ ପଡି ଗଲାଣି କୋଭିଡ୍ ୧୯ ଭୂତାଣୁ ଭୟରେ । ଏତେ ମାରାତ୍ମକ ଜୀବାଣୁ ମଣିଷର ଅଜଣାତରେ ବିଶ୍ୱର ବିଭିନ୍ନ ଦେଶରେ ନିଜର କାୟା ବିସ୍ତାର କରି ସାରିଥିବାରୁ ଭାରତରେ କେତେକ ରାଜ୍ୟ ସଟ ଡାଉନ ବା କର୍ଫ୍ୟୁ ଘୋଷଣା କରି ସାରିଛନ୍ତି । ସତର୍କତା ପୂର୍ବକ ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜ୍ୟ ଓଡିଶା ଆଗୁଆ ଲକ ଡାଉନ ଘୋଷଣା କରି ସାରିଥାଏ । ଲକ ଡାଉନ ଘୋଷଣାର ପ୍ରଥମ ରବିବାର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଦେଶବ୍ୟାପୀ କରୋନା ପାଇଁ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ସୁରକ୍ଷାକର୍ମୀମାନଙ୍କୁ ଉତ୍ସାହିତ କରିବାକୁ ଘଣ୍ଟା, ଝାଞ୍ଜ, ମୃଦଙ୍ଗ ଥାଳି ଇତ୍ୟାଦି ବାଜା ବଜାଇ ଉତ୍ସାହିତ କରିବାରେ ଲୋକ ବ୍ୟସ୍ତଥା'ନ୍ତି । ମୁଁ ବି ସେଦିନ ଘରର ବାଲକୋନୀରେ ନିଜର ପତ୍ନୀ ଅଳକା ଓ ପୁଅ ବଣ୍ଟି ସହ ଘଣ୍ଟା ବଜାଇବାରେ ବ୍ୟସ୍ତ ଥାଏ । ହଠାତ ମୋବାଇଲରେ ଫୋନ ଆସିଲା ।

ଏ ସମୟରେ କିଏ ଫୋନ କଲା ଭାବି ଘର ଭିତରକୁ ଯାଇ ଦେଖେ ତ ନାଁ ସେଭ ନ ହୋଇଥିବା ନମ୍ବରଟିଏ । ସନ୍ଦେହ ତଥା ବିରକ୍ତିରେ ଫୋନ ଉଠେଇ 'ହାଲୋ' କହିଲି, ସେପଟୁ ଝିଅ ପିଲାଟିଏ ଫୋନ ଧରିଥିଲା ବୋଧ ହୁଏ ।

କହିଲା, "ଗାଁରୁ ପିଙ୍କି କହୁଥିଲି । ତମ ଘର ପାଖ ନରିଆ ବେହେରା ନାତୁଣୀ ।"

ନରିଆ ବେହେରା ପୁଅ ପ୍ରକାଶ ମୋ କ୍ଲାସମେଟ । ସାଥି ହୋଇ ପାଠ ପଢୁଥିଲୁ । ସେ ଏବେ ଚାକିରି ନପାଇ ଗାଁରେ ଡେଜରାତି ଦୋକାନଟିଏ କରି ପରିବାର ପ୍ରତିପୋଷଣ କରୁଛି । ତାର ଏକମାତ୍ର ଝିଅ ପିଙ୍କି । ଗତ ବର୍ଷ ଆମ ସହରରେ ସରକାରୀ କଲେଜରୁ ବି.ଏ . ପାସ କରି ଘରେ ରହୁଛି ।

ପଚାରିଲି, " ହଁ କଣ ହେଲା" ।

"ଦାଦା, ତମ ବାପା ଛାତି ଯନ୍ତ୍ରଣାରେ ଛାଟି ପିଟି ହେଉଛନ୍ତି, ତମ ମା' ଏକୁଟିଆ । ବୁଢୀଲୋକ କଣ ସବୁ ଅନେକ ଚେରମୂଳି, ମନ୍ତୁରା ପାଣି ଇତ୍ୟାଦି ଅନେକ ଔଷଧ ଦେଲେଣି କିନ୍ତୁ ତାଙ୍କର ଯନ୍ତ୍ରଣା କମୁ ନାହିଁ । ତୁରନ୍ତ ଗାଁରେ ଆସି ପହଞ୍ଚ । ତାଙ୍କୁ ଡାକ୍ତରଖାନା ନେଇ ଯାଅ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ମୁଣ୍ଡରେ ବଜ୍ର ପଡିଗଲା । ବସି ପଡିଲି ତଳେ । ଆକାଶଟା ଛିଡି ପଡିଲା ପରି ଲାଗିଲା । କିଛି ଚିନ୍ତା କରିବା ପୂର୍ବରୁ ସେ ପୁଣି କହିଲା, "ଦାଦା ମୁଁ ଜାଣିଛି, ତମେ ଗାଁରେ ଆସି ପହଞ୍ଚିବା ସମ୍ଭବ ନୁହେଁ । କାରଣ ଲକ ଡାଉନ ପାଇଁ ପୋଲିସ ସହରରେ ଛାଉଣି ଅଛନ୍ତି । ପ୍ରତି ଛକରେ ପୋଲିସ ଜଗିଛନ୍ତି । ଯେତେ ଯାହା କହିଲେ ବି ତମକୁ ସେମାନେ ଛାଡିବେ ନାହିଁ । ମୁଁ ମୋ ବାପାଙ୍କୁ କହିଛି ସେ କିଛି ବ୍ୟବସ୍ଥା କରି ତମ ଘରପାଖ ବଡ ଡାକ୍ତରଖାନାକୁ ଜେଜେକୁ ନେଇ ଯାଆନ୍ତୁ । ବାପା ବି ଆମ ଗାଁ ହରିଆ ବାରିକ ପୁଅ ଅଟୋ ଆଣିବାକୁ ଯାଇଛନ୍ତି । ଅଟୋ ଆସିଲେ ଜେଜେକୁ ନେଇଯିବେ ତମେ ଡାକ୍ତରଖାନା ପଳାଇ ଯାଅ ।"

ମୁଁ କହିଲି, "ହଁ ସେୟା କର, ମୁଁ ଡାକ୍ତରଖାନା ଯାଉଛି ।"

ନିଜର କର୍ମବ୍ୟସ୍ତତା ହେଉ କି ପତ୍ନୀର ଇଚ୍ଛା ହେଉ କିବା ପୁଅର ପାଠ ପଢା ବାହାନାରେ ହେଉ ଦୁଇ ତିନିବର୍ଷ ହେବ ଗାଁରୁ ଆସି ସହରରେ ସପରିବାର ଭଡା ଘରେ ରହୁଛି । ପ୍ରାଇଭେଟ କମ୍ପାନୀରେ କାମ କରେ । ସ୍ୱଳ୍ପ ଦରମାରେ ଯେନତେନ ପ୍ରକାର ପରିବାର ଚଳିଯାଏ । ଗାଁରେ ବାପାବୋଉ ଦୁହେଁ ରହନ୍ତି । ମୁଁ ମୋ ବାପାଙ୍କର ଏକ ମାତ୍ର ପୁଅ । ବାପା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଦଶବର୍ଷ ହେବ ଅବସର ନେଲେଣି । ଗାଁର ଜମିବାଡି ଅଛି । ଜମିବାଡି ବାହାନାରେ ବାପାବୋଉ ଗାଁରୁ ଆସିବା ପାଇଁ ଆରାଜି । ଅବଶ୍ୟ ବାପାଙ୍କ ମାସିକ ପେନସନ ଟଙ୍କାରେ ସେମାନଙ୍କ ଚଳିବାରେ କିଛି ଅସୁବିଧା ହୁଏ ନାହିଁ । ବରଂ ନାତିକୁ ଦେଖିବା ବାହାନରେ ପ୍ରତି ମାସ ପେନସନ ଟଙ୍କା ଉଠାଇବାକୁ ବାପା ସହର ଆସନ୍ତି ଓ ମୋ ପାଖକୁ ଆସି ଦିନେ ଦୁଇଦିନ ରହି ଗାଁକୁ ଫେରିଯାଆନ୍ତି । ମାତ୍ର ଯେତେ ଜିଦ କଲେ ବି ବୋଉ ମୋର ତାର ଗୋରୁ, ଗାଈ, ଜମି, ବାଡି ଝମେଲା ବାହାନାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଦୌ ଆସେ ନାହିଁ । ଜିଦ କଲେ କେବଳ କହେ ନାତିକୁ ଛୁଟି ଦିନରେ ଗାଁକୁ ସାଥିରେ ନେଇ ଆସୁଛୁ ତାକୁ ଦେଖି ଦେଉଛି ପୁଣି କଣ ପାଇଁ ତୋ ଘରକୁ ଯିବି ।

ମୁଁ ବି ବୋଉର ଏପ୍ରକାର ନାକାରାତ୍ମକ କଥାରେ ଅଧିକ ଜିଦ କରେ ନାହିଁ । କାରଣ ସେ ଆସିଲେ ତାର ଗାଇ ଦୁଇଟି କରିବେ କଣ ? ବାପାଙ୍କୁ ହାଇ ବ୍ଲଡପ୍ରେସର ସହ ଡାଇବେଟିସ ରୋଗ ବି ଅଛି । ଆମ ଗାଁ, ମୁଁ ରହୁଥିବା ସହର ଠାରୁ ପ୍ରାୟ କୋଡିଏ କିଲୋମିଟର ରାସ୍ତା । ସେମାନେ ଆସୁ ଆସୁ ଘଣ୍ଟେ କି ଦୁଇ ଘଣ୍ଟା ସମୟ ଲାଗିଯିବ । ଆଉ ବେଶି ବିଳମ୍ବ ନ କରି ତୁରନ୍ତ ପତ୍ନୀ ଅଳକାକୁ ଡାକି ପୁଅ ଚଲାଉଥିବା ସାଇକେଲ ବାହାର କରି ବଡ଼ ଡାକ୍ତରଖାନାକୁ ଚାଲିଲି । କାରଣ ଗାଡି ଚଳାଇବା ପାଇଁ ପ୍ରଶାସନ ତରଫରୁ ସଂପୂର୍ଣ୍ଣ ବାରଣ କରାଯାଇଛି । ଯିବାବେଳେ ଅଳକା ମୋ ପକେଟରେ କିଛି ଟଙ୍କା ଭର୍ତ୍ତି ପର୍ସଟି ଧରାଇ ଦେଲା । ମନେ ମନେ ଭାବିଲି ବାପାଙ୍କ ଛାତି ଯନ୍ତ୍ରଣା ମାନେ ନିଶ୍ଚୟ ବାପା ହୃଦରୋଗରେ ଆକ୍ରାନ୍ତ । ଲକ ଡାଉନ ସମୟରେ ଆବଶ୍ୟକୀୟ ଡାକ୍ତର ବି ଡାକ୍ତରଖାନାରେ ଡିଉଟି କରୁନାହାନ୍ତି । ତେଣୁ କଟକ ବଡ ଡାକ୍ତରଖାନା ନେବା ଅପେକ୍ଷା ଭୁବନେଶ୍ୱର କେୟାର ହସପିଟାଲକୁ ବାପଙ୍କୁ ସିଧା ନେଇଯିବୁ । ସେଠାରେ ସମ୍ପୂର୍ଣ୍ଣ ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଅଛନ୍ତି । ଭଲ ହେବ ।

ଏମିତି ଭାବି ଭାବି ଜଣେ ବନ୍ଧୁଙ୍କୁ ଫୋନରେ ପଚାରିବାରୁ ସେ ପରାମର୍ଶ ଦେଇଥିଲା, ତୁରନ୍ତ ପ୍ରାଇଭେଟ ଆମ୍ବୁଲାନ୍ସ କରି ଭୁବନେଶ୍ୱର କେୟାର ହସ୍ପିଟାଲ ନେଇଯିବାକୁ । ଡାକ୍ତରଖାନା ବାହାରେ ଯାଇ ପ୍ରାଇଭେଟ ଆମ୍ବୁଲାନ୍ସ ବୁଝିଲି ସମସ୍ତେ କହିଲେ ସେମାନଙ୍କୁ ଜିଲ୍ଲାପାଳ ରିକୁଜିସନ କରି କରୋନାରେ ଜରୁରୀ ସେବା ପାଇଁ ଏନଗେଜ କରିଛନ୍ତି । ତେଣୁ ସେମାନେ ଭୁବନେଶ୍ୱର ଯାଇପାରିବେ ନାହିଁ । କେବଳ ପ୍ରଶାସନ ନିର୍ଦ୍ଦେଶରେ ସେମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟକ ପର୍ଯ୍ୟନ୍ତ ଯାଇ ପାରନ୍ତି । ତେଣୁ ପ୍ରଶାସନରୁ ଅନୁମତି ନେଇ ପ୍ରାଇଭେଟ ଗାଡି କରି ନେଇ ଯାଆନ୍ତୁ । ଭଲ ହେବ । ନଚେତ ଲକ ଡାଉନ ପାଇଁ ପୋଲିସ ଚେକିଙ୍ଗ କରୁଛି ବାଟରେ ଛାଡିବ ନାହିଁ । ପେସେଣ୍ଟ ନେଇଗଲେ ପ୍ରଶାସନର ଅନୁମତି ନଥିଲେ ରାସ୍ତାରେ ପୋଲିସ ଅଟକାଇ ହଇରାଣ କରିବ । ତେଣୁ ସ୍ଥାନୀୟ ପୋଲିସ ଷ୍ଟେସନରୁ ଅନୁମତି ଆଣିବାକୁ ପଡିବ ।

ସେତେବେଳକୁ ରାତି ପ୍ରାୟ ଦଶଟା ବାଜି ଗଲାଣି । ଏତେ ରାତିରେ ଅନୁମତି କେମିତି ମିଳିବ ଭାବି ଭାବି ନିକଟସ୍ଥ ଜଣେ ବନ୍ଧୁଙ୍କ ପରାମର୍ଶ କ୍ରମେ ଥାନାକୁ ଗଲି । ସେତେବେଳକୁ ବନ୍ଧୁ ପ୍ରକାଶ ଓ ବୋଉ ବାପାଙ୍କୁ ଅଟୋରେ ଆଣି ଡାକ୍ତରଖାନାରେ ପହଞ୍ଚି ଗଲେଣି । ସେମାନେ ଡାକ୍ତର ଦେଖେଇବାରୁ ବାପାଙ୍କ ଗୁରୁତ୍ତର ଅବସ୍ଥା ଦେଖି ଡାକ୍ତର ବି ସେହି ସମାନ ପରାମର୍ଶ ଦେଇଛନ୍ତି, ତୁରନ୍ତ କେୟାର ହସପିଟାଲକୁ ନେଇଗଲେ ଭଲ । କିମ୍ବା କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେବାକୁ ପରାମର୍ଶ ବି ଦେଇଛନ୍ତି । ବନ୍ଧୁ ପ୍ରକାଶ ମୋତେ ଫୋନରେ ସମସ୍ତ ବିଷୟ ଜଣାଇବାରୁ ମୁଁ ତାକୁ ସେଠାରେ କିଛି ସମୟ ଅପେକ୍ଷା କରିବାକୁ କହି ସିଧା ନିକଟସ୍ଥ ଥାନାକୁ ଧାଇଁଥିଲି । ସେଠାରେ ଥାନା ବଡବାବୁଙ୍କୁ ଦେଖାକରି ସମସ୍ତ ବିଷୟ କହିବାରୁ  ଥାନା ବଡବାବୁ ସରକାରୀ ନିର୍ଦ୍ଦେଶ ମୁତାବକ ଏସ.ପି.ଙ୍କୁ ଦେଖାକରି ଅନୁମତି ଆଣିବାକୁ ପରାମର୍ଶ ଦେଇଥିଲେ । କହିଥିଲେ କେବଳ ଏସ.ପି.ହିଁ ଅନୁମତି ଦେବାକୁ ସରକାରୀ ନିର୍ଦ୍ଦେଶନାମା ଆସିଛି । ରାତି ସମୟ ହୋଇଥିବାରୁ ତାଙ୍କ ପରାମର୍ଶ କ୍ରମେ ତୁରନ୍ତ ଏସ.ପି.ଙ୍କ ଆବାସିକ କାର୍ଯାଳୟକୁ ଧାଇଁଥିଲି । ଏସ.ପି.ଙ୍କୁ ଦେଖାକରି ଅସୁବିଧା କଥା କହିବାରୁ ସେ ସେଠାରେ କିଛି ସମୟ ଅପେକ୍ଷା କରିବା ପାଇଁ ପରାମର୍ଶ ଦେଇ ଦାୟିତ୍ୱରେ ଥିବା ଜଣେ ଆଧିକାରୀଙ୍କୁ ଡକାଇ ପଠାଇଥିଲେ ଓ ସେ ଆସିବାକୁ ପ୍ରାୟ ଅଧଘଣ୍ଟା ସମୟ

 Magazine Downloaded from www.aahwaan.com

ଲାଗିଥିଲା । ଅଧିକାରୀ ଜଣଙ୍କ ଆସିବା ପରେ ପରେ ମୋ ଠାରୁ ସମସ୍ତ ବିଷୟ ଶୁଣି ମୋତେ ଅନୁମତି ପତ୍ରଟିଏ ଧରାଇ ଦେଇଥିଲେ । ତୁରନ୍ତ ବିଳମ୍ବ ନକରି ଏସ.ପି.ଙ୍କ ବାସଭବନରୁ ଡାକ୍ତରଖାନା ଛୁଟି ଆସିଥିଲି ଓ ଫୋନରେ ଯୋଗାଯୋଗ କରି ଏକ ଭଡା କାରକୁ ଡକାଇ ପଠାଇଥିଲି । ମୋତେ ସେଠାରୁ ଆସିବାକୁ ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା ।

ଆସି ପହଞ୍ଚିବା ବେଳକୁ ବାପା ନିସ୍ତେଜ ହୋଇ ପଡି ରହିଥାନ୍ତି ଓ ବୋଉ ମୋର ବାପାଙ୍କ ନିକଟରେ ବସି ଗୁମୁରି ଗୁମୁରି କାନ୍ଦୁଥିଲା । ପ୍ରକାଶ ବି ବ୍ୟସ୍ତହୋଇ ଡାକ୍ତରଙ୍କୁ ନେହୁରା ହେଉଥାଏ, ତୁରନ୍ତ କିଛି ବ୍ୟବସ୍ଥା କରିବା ପାଇଁ । ମାତ୍ର ଡାକ୍ତରବାବୁ ତାଙ୍କର ଅକ୍ଷମତା ପରିପ୍ରକାଶ କରୁଥାନ୍ତି । କାରଣ ସେତେବେଳକୁ ବାପାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ଥାଏ । ତୁରନ୍ତ ବ୍ୟବସ୍ଥା କରି କଟକ ନେଇଯିବାକୁ ବାରମ୍ବାର ପରାମର୍ଶ ଦେଉଥାନ୍ତି । ତ ମୁଁ ପହଞ୍ଚିବା ପରେ ଦେଖିଲି ବାପା ନିଶ୍ଚେତ ହୋଇ ପଡିଥାନ୍ତି ଆଉଟଡୋରର ବେଡ଼ ଉପରେ । ତୁରନ୍ତ ଦୌଡିଯାଇ ଡାକ୍ତରବାବୁଙ୍କୁ ଅନୁରୋଧ କରିଥିଲି ଶେଷଥର ପାଇଁ ଦେଖିଦେବା ପାଇଁ ଓ ସେ ଦେଖି ସାରିବା ପରେ ଆମେ ବାପାଙ୍କୁ ଭୁବନେଶ୍ୱର କେୟାର ହସପିଟାଲକୁ ନେଇ ଯିବୁ । ମୋର ଅନୁରୋଧ ରଖି ଡାକ୍ତର ବି ଆସି ବାପାଙ୍କ ନିସ୍ତେଜ ଶରୀର ଉପରେ କିଛି ସମୟ ନିଜର ଷ୍ଟେଥୋ ପକାଇ ଦେଖି କଣ ଭାବିଲେ କେଜାଣି ହାତର ନାଡିକୁ କିଛି ସମୟ ଚିପି ଧରିଲେ ଓ ତା ପରେ ଛାତିକୁ ଜୋରରେ ପ୍ରେସର ଦେଇ କିଛି ସମୟ ପମ୍ପିଙ୍ଗ କରି ଚାଲିବା ପରେ ପୁଣି ଷ୍ଟେଥୋ ପକାଇ ନାଡିକୁ ଚିପିଲେ ଓ ପରେ ଦେହ ଉପରେ ପଡିଥିବା ବେଡ଼ସିଟଟିକୁ ମୁହଁ ଉପରକୁ ଟାଣି ଆଣି କେବଳ ଏତିକି କହିଥିଲେ,

"ଆଇ ଏମ ସରି ! ହି ଇଜ ନୋ ମୋର ।"

ଏତିକି କହି ନିଜର ଚ୍ୟାମ୍ବରକୁ ପଳାଇ ଯାଇଥିଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରାୟ ଦୁଇ/ଚାରି କିଲୋମିଟର ଧରି ସାଇକେଲ ଚଳାଇ ଧଇଁ ସଇଁ ହୋଇ ମୁଁ ଯେଉଁ କଷ୍ଟ ଅନୁଭବ କରିଥିଲି ଓ ଝାଳରେ ସଂପୂର୍ଣ୍ଣ ଭିଜି ଯାଇଥିବା ଶରୀରର କଷ୍ଟକୁ ବୋଉର ବୁକୁଭରା ଆର୍ତ୍ତଚିତ୍କାର କରୋନା ପ୍ରକୋପିତ ଡାକ୍ତରଖାନାର ନିରବତାକୁ ଭାଙ୍ଗି ଚୁରମାର କରି ଦେଉଥିଲା ଓ ମୋ ଶରୀର ପୀଡାକୁ କ୍ଷତାକ୍ତ କରି ଚାଲିଥିଲା । ସ୍ତବ୍ଧ କାଠଗଣ୍ଡି ପରି ତଳେ ପଡି ଯାଇଥିଲି ସେତେବେଳେ । ମୁଁ ଭୁଲି ଯାଇଥିଲି ମୋ ବାପାଙ୍କର ଆଉ ନିଶ୍ୱାସ ପ୍ରଶ୍ୱାସ ଚାଲୁନାହିଁ ବୋଲି । ନିର୍ବାକ ଶରୀର, ଅପରାଧୀ ମନ, ବୁକୁଫଟା ହୃଦୟକୁ ନେଇ ଲାଗୁଥିଲା ଆକାଶଟା ମୁଣ୍ଡ ଉପରେ ଆସି ଛିଡି ପଡିଛି । ଅସମୟର ବଜ୍ରପାତର ଆଘାତ ମୋତେ କଲବଲ କରି ଚାଲିଥିଲା ସେତେବେଳକୁ । ସେପଟେ କିନ୍ତୁ ଖୁବ ନୀରବ ନିଶ୍ଚଳ ଥିଲା ଡାକ୍ତରଖାନା ପରିସର ଲକ ଡାଉନ ପ୍ରଭାବରେ । ବାପାଙ୍କ ନୀରବ ନିଶ୍ଚଳ ମରଶରୀର ପାଖରେ ବସି ଭାବୁଥିଲି ନିଜକୁ ବୁଝେଇବି ନା ବୋଉକୁ ବୁଝେଇବି....

ବରିଷ୍ଠ ଆଇନଜୀବି, ଭଦ୍ରକ, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୧୨୮୪୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଷ୍ଟ ବସ୍



ସୁଧାଂଶୁ ଶେଖର ବଳ

ବର୍ଷାଦିନ ଥାଏ, ଶୁକ୍ରବାର । ଅମିତ୍ ଆସିଛି ବାପାଙ୍କ ସହିତ ଜିଲ୍ଲା ତହସିଲ ଅଫିସ । ବଡ଼ବାବୁଙ୍କ ସହିତ ଅମିତ୍ କଥା ହେଉଛି, ବାହାରେ ଝିପିଝିପି ମେଘକୁ କୋହଲା ପାଗ । ଦିନ ଥିଲା ଅମିତ୍ ସେକ୍ସନ ଇଂଜିନିୟର ଭାବେ କାର୍ଯ୍ୟରତ ଥିଲା ଜଳସେଚନ ବିଭାଗ ବୋରିଗୁମ୍ମା, କୋରାପୁଟରେ । ସେ ଏଠି ୨୦୦୫ରେ ଜୁନିଅର୍ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଇଥିଲା, ଖୁବ କମ ଦିନରେ ଭଲ ପ୍ରମୋଶନ ପାଇଛି ସେ ।

ସେଦିନ ଶୁକ୍ରବାର ଥାଏ, ଖରାବେଳେ ୩ଟା ପାଖପାଖି ହବ, ହଠାତ ଘରୁ ଫୋନ୍ ଆସିଲା । ସେପଟୁ ତା ବାପା କହୁଛନ୍ତି ଯେ ତୁ ଜଲ୍‌ଦୀ ଘରକୁ ଆଜି ବାହାରେ, ମାମାର ଜଇନିଂ ଆସି ଯାଇଛି, ୧୫ ତାରିଖ ଜଏନ୍ କରିବ ସେ ବିଲାସପୁର ୟୁକୋ ବ୍ୟାଙ୍କରେ । ମାମା ଅମିତର ଗୋଟେ ବୋଲି ଭଉଣୀ, ସେ ଏଥର ଆଇ.ବି.ପି.ଏସ ପାଇ ଯାଇଛି, ଭଲ ପଢ଼େ ସେ । ଅମିତ୍ ଦେଖିଲା ଘଡିରେ ୩.୩୦ ହେଲାଣି, କୋରାପୁଟ ଏଠୁ ଘଣ୍ଟାକର ରାସ୍ତା । ସେ ଆଉ ଡେରି ନକରି ଅଫିସରୁ ବାହାରି ପଡ଼ିଲା ତା ରୁମ୍‌କୁ । ଟିକେ ଆସି ଫ୍ରେସ୍ ହୋଇକି ବସଟେ ଧରିଲା କୋରାପୁଟ ପାଇଁ, ସେଠୁ ପୁଣି ଭୁବନେଶ୍ୱର ଯିବ । ସନ୍ଧ୍ୟା ୭ଟାରେ କୋରାପୁଟ ପହୁଞ୍ଚିଗଲା । ସେଦିନ ସବୁ ବସ୍ ବାତିଲ ଥାଏ, ମାଓ ପ୍ରବଣ ଅଞ୍ଚଳରେ ପ୍ରାୟେ ଏଇଭଳି ଅବସ୍ଥା । ଯାହା ହେଉ ବୁଝୁବୁଝୁ ଗୋଟିଏ ବସ୍ ଥାଏ ଯିଏ ଭୁବନେଶ୍ୱର ଯିବ ରାତି ୮ଟାରେ । ଅମିତ୍ ଆଉ ଲେଟ୍ ନ କରି ଟିକେଟ କାଟି ଆଣିଲା କାଉଣ୍ଟର ପାଖରୁ, ସିଟ୍

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ନମ୍ବର୍ ୨୦ । କଣ ଟିକେ ଖାଇଦେଇ ସେଇ ବସ୍ଷ୍ଟାଣ୍ଡରେ ବସିଲା ବସ ଛାଡ଼ିବାକୁ ଅପେକ୍ଷା କରି । ସେଦିନ ଏତେ ଲୋକ ବି ନଥାନ୍ତି, ବସ୍ଷ୍ଟାଣ୍ଡ ଟିକେ ଫାଙ୍କାଫାଙ୍କା ଲାଗୁଥାଏ । ସମୟ ଗଡ଼ି ଗଡ଼ି ୭:୩୦ ହେଲା, ବସ୍ ଆସି ଷ୍ଟାଣ୍ଡରେ ଠିଆହେଲା ଆଉ କଣ୍ଡକ୍ଟର ଜୋରରେ ଡାକୁଥାଏ, "ଭୁବନେଶ୍ୱର ଯିଏ ଯିବ ଜଲ୍ଦୀ ଆସ, ସିଟ୍ ଫାଙ୍କା ଅଛି, 'ଲାଷ୍ଟ ବସ୍' ଏଇଟା, ଜଲ୍ଦୀ ଆସ ।"

ବସ୍ ଆଗେଇ ଚାଲିଲା ଗନ୍ତବ୍ୟ ସ୍ଥଳୀକୁ, ଧୀରେ ଧୀରେ ବସର ଗତି ବଢୁଥାଏ ଆଉ ତା ସହିତ ପବନର ବେଗ ସେ ଝର୍କା ଫାଙ୍କରୁ, ଦେହ ଯେମିତି ଶୀତେଇ ଉଠୁଥାଏ । ବସରେ ଆଜି ବହୁତ କମ ଲୋକ ଥାଆନ୍ତି, ମୋଟ୍ ୨୫ ହେବେ ପ୍ରାୟେ । ଅମିତ୍ ମନଟା ଆଜି ଏତେ ଭଲ ନଥିଲା କାହିଁକି ସେ ଭାବୁଥିଲା କାଲି ଯାଇଥାନ୍ତା ହେଲେ କାମଟା ବେଶି ଜରୁରୀ ଥିଲା । ବସ୍ ବେଗ ବଢ଼ି ଚାଲୁଥାଏ ଆଉ ଧିରେଧିରେ ସବୁ ଲାଇଟ୍ ବନ୍ଦ ହେଇଗଲା ଆଉ ଓଡ଼ିଆ ପୁରୁଣା ଆଧୁନିକ ଗୀତ ଆହୁରି ମତୁଆଲା କରୁଥାଏ । କୋହଲା ପବନ ମାଡ଼ି ଆସୁଥାଏ ଝର୍କା ଫାଙ୍କଦେଇ, କେତେବେଳେ ଅମିତ୍ ଆଖି ଲାଗିଯାଇଛି ସେ ଜାଣିନି । ହଠାତ୍ 'ଢୋ ଢୋ' ଗର୍ଜନଟେ ହେଇ ଉଠିଲା, ମାଓବାଦୀ କବଳରେ ତାଙ୍କ ବସ୍ଟି ଥାଏ । ୧୫-୨୦ ମାଓବାଦୀ ପଶି ଆସିଲେ ବସ୍ଭିତରକୁ ଆଉ ଲୋକେ ଉଠିବା ଆଗରୁ ଖିନ୍ଭିନ୍ କରି  ହାଣି ଚାଲିଲେ, ସବୁ ଲୁଟ୍ପାଟ କରିନେଇ । ଏତିକି ବେଳେ ଅମିତ୍ ଆଖି ଖୋଲେ ତ ଦେଖୁଛି କେବଳ ଓହଳ ବିକଳ ଚିତ୍କାର ଆଉ ରକ୍ତରେ ଯୁଡୁବୁଡୁ ବସର ସିଟ ଗୁଡାକ । କିଛି ବୁଝିବା ଆଗରୁ, ଦୁଇ ମାଓବାଦୀ ତାକୁ ଧରିକି ତଳକୁ ଟାଣିଟାଣି ନେଇଗଲେ ଆଉ ତାଙ୍କର ଗୋଟିଏ ସ୍ୱର, "ତୁମର ସରକାର ଆମକୁ କିସ୍ତା ଦେଲା ଯେ ପିଲା, ଆମେ ତୁମକୁ ଭାଇ ବନ୍ଧୁ ଭାବବୁ ଯେ, ତମେ ପରା ଆମର ଶତ୍ରୁ, କାହାକୁ ଛାଡିବୁନୁ । ଯେବେ ଯାଇଁ ଆମ ଦାବି ପୂରଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଇ ହେଇଛି ଆମେ ଏମିତି ହାନି ଚାଲିବୁ” ଏବୁଗୁଡ଼ା “ହାନି ପକା ତୁଇ ତାକୁ, କାହାକୁ ଛାଡ଼ିବୁନୁ ।” ବାସ୍ ସେହି କଥା ପଦରେ ପିଚ୍‌କିଣା ରକ୍ତ ଛିଟିକି ପଡ଼ିଲା ବସ୍‌ର୍ଝର୍କା ଉପରେ ଆଉ ଅମିତ୍ ଚେତାଶୂନ୍ୟ ।

ଚେତା ଫେରିଲା ବେଳକୁ, ଅମିତ୍ ନିଜକୁ ସେଭେନ୍‌ହିଲ ହସ୍ପିଟାଲ୍, ବିଶାଖାପାଟଣା ଆଇ.ସି.ୟୁ ୱାର୍ଡରେ ଦେଖେ । ହାଲକା ହାଲକା ଆଖି ଖୋଲି ଦେଖିଲା ବେଳକୁ ଚାରିପଟେ ତା ଘର ଲୋକ ଆଉ ସମସ୍ତଙ୍କ ଆଖିରୁ ଲୁହର ବନ୍ୟା । ତା ବାମ ଗୋଡ଼ ଆଉ ନଥାଏ, ଏଇଟା ଜାଣିବାକୁ ତାକୁ ଆଉ ବେଶୀ ଡେରି ଲାଗିଲାନି । ଆଖିରୁ ଅଜସ୍ର ଲୁହ ବୋହି ଯାଉଥାଏ ଆଉ ସେ ଜାଣି ପାରୁଥାଏ ସେ ପାଲଟିଛି ଆଜି ‘ପଙ୍ଗୁ’ । ଡକ୍ଟର କହୁଥାନ୍ତି “ୟୁ ଆର୍ ଭେରି ଲକି, ତମେ ମାଓବାଦୀ କବଳରୁ ବର୍ତ୍ତି ଫେରିଛ ।” ୩ ମାସ ବିତିଗଲା ସେଇ ହସ୍ପିଟାଲରେ ।

ଏବେ ଅମିତ ଭଦ୍ରକରେ ଘରେ ରହୁଛି, ବାପା ଗୋଟେ ତେଜରାତି ଦୋକାନ କରି ଦେଇଛନ୍ତି ସେଇଟା ସମ୍ଭାଳୁଛି । କେବେ ଥିଲା ସେ ଇଞ୍ଜିନିୟର ଆଜି କିନ୍ତୁ ବେପାରୀ । ସକାଳୁ ବାପା ପୁଅ ଯାଇଛନ୍ତି ବିକଳାଙ୍ଗ ସାର୍ଟିଫିକେଟ ବାହାର କରିବାକୁ, ଆଜି ବି ସେଇ ଶୁକ୍ରବାର ।।।

ବାଙ୍ଗାଲୋର, କର୍ଣ୍ଣାଟକ

ଭ୍ରାମ୍ୟଭାଷ : ୮୦୯୫୩୭୭୦୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଲିଭ ଓ ଡନି



ବାଦଲ ମହାରଣା

ଓଲିଭ ନାମକ ଜଣେ ବ୍ୟବସାୟୀ ଜର୍ଜିଆ ସହରରେ ରହୁଥିଲେ । ସେ ନିଜର ବହୁତ ବ୍ୟବସାୟ ବଳରେ ଏକ ବିରାଟ ସାମ୍ରାଜ୍ୟ ଗଠନ କରି ପାରିଥିଲେ । ସେ ଧନୀ ହୋଇଥିଲେ ମଧ୍ୟ ଧନୀ ହବାର ଗର୍ବ ତାଙ୍କର ମନରେ ନଥିଲା । ସେ ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ସେ ନିଜ କର୍ମଚାରୀମାନଙ୍କ ସହ ମିଶି ଭୋକିଲା ଲୋକଙ୍କୁ ଖାଇବା ଦେବା ନିମନ୍ତେ ବାହାରି ପଡୁଥାନ୍ତି । ଲୋକମାନେ ମଧ୍ୟ ଓଲିଭଙ୍କୁ ବହୁତ ଭଲ ପାଉଥିଲେ । ସମସ୍ତଙ୍କ ଦୁଃଖ ସୁଖର ସାଥି ଥିଲେ ଓଲିଭ । ପ୍ରତ୍ୟେକ ଦିନ ପରି ଗୋଟିଏ ଦିନ ଖାଦ୍ୟ ବଣ୍ଟନ କରି ଫେରୁଥାନ୍ତି । ସେ ଦେଖିଲେ ରାସ୍ତାର ଗୋଟିଏ କଡ଼ରେ ପିଲା କୁକୁରଟିଏ ଚିତ୍କାର କରୁଅଛି । ପାଖକୁ ଯାଇ ଦେଖିଲେ ତ କୁକୁରଟିର ମାଆ ଦୁର୍ଘଟଣାରେ ମରି ଯାଇଛି । ଓଲିଭ କୁକୁରଟିର ବିକଳ ସହିନପାରି କୁକୁରଟିକୁ ସାଥିରେ ଧରି ଚାଲିଆସିଲେ । ସେହିଦିନ ପରଠାରୁ ଓଲିଭଙ୍କ ସାଙ୍ଗ ହୋଇଗଲା କୁକୁରଟି । ଓଲିଭ ନିଜ ଅବସର ସମୟରେ କୁକୁରଟି ସହ ମଜା କରୁଥିଲେ । କୁକୁରଟିର ନାମ ରଖାଗଲା ଡନି । ଓଲିଭ ଓ ଡନି ମଧ୍ୟରେ ଏତେ ଘନିଷ୍ଠତା ବଢ଼ିଗଲା ଯେ ଦୁହେଁ ଦୁହିଁଙ୍କୁ ଛାଡ଼ି ରହି ପାରୁନଥିଲେ ମୁହୂର୍ତ୍ତିଏ । ଧିରେ ଧିରେ ବାର୍ଦ୍ଧକ୍ୟ ଯୋଗୁଁ ଓଲିଭ ବ୍ୟବସାୟ କାର୍ଯ୍ୟ ପୁଅ ହାତରେ ଦେଇ ଅବସର ନେଲେ । ବର୍ତ୍ତମାନ ଓଲିଭଙ୍କ ଦୁଇ ମୁଖ୍ୟ କାର୍ଯ୍ୟ ହେଲା ଲୋକମାନଙ୍କୁ ସାହାଯ୍ୟ କରିବା ଓ ଡନି ସହ ସମୟ ବିତେଇବା । ଡନି ମଧ୍ୟ ଓଲିଭଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରୁଥିଲା ଏବଂ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଓଲିଭଙ୍କ ଛାଇପରି ରହୁଥିଲା । ପରବର୍ତ୍ତୀ ସମୟରେ ଓଲିଭଙ୍କ ପୁଅଙ୍କୁ ବାପାଙ୍କର ଦାନଧର୍ମ କାର୍ଯ୍ୟ ଭଲ ଲାଗିଲାନାହିଁ । ସେ ଭାବିଲା ଯେ ସେ ରୋଜଗାର କରୁଥିବା ସମସ୍ତ ଅର୍ଥ ବାପା ଦାନଧର୍ମରେ ଉଡ଼େଇ ଦେଉଛନ୍ତି । ଏଣୁ କରି ସେ ଓଲିଭଙ୍କୁ ତାଗିଦ୍ କଲା । କିନ୍ତୁ ଓଲିଭ ସେ କଥାକୁ କାନ ନ ଦେଇ ପୂର୍ବପରି ଦାନଧର୍ମ କରୁଥାନ୍ତି । ଫଳରେ ଏମିତି ଦିନ ଆସିଗଲା ବାପପୁଅଙ୍କ ମଧ୍ୟରେ କଳହର ସୂତ୍ରପାତ ମଧ୍ୟ ହୋଇଗଲା । ନିରୀହ ଡନି ସବୁକିଛି ଦେଖୁଥାଏ । ପରବର୍ତ୍ତୀ ସମୟରେ ଓଲିଭ ଘରଛାଡ଼ି ଚାଲିଯିବାକୁ ମନସ୍ଥ କଲେ । ସ୍ତ୍ରୀ ଓ ଝିଅକୁ ଡାକିବା କ୍ଷଣେ ସେମାନେ ଓଲିଭଙ୍କ ସହ ଯିବାକୁ ଏକଦମ୍ ମନା କଲେ । ସ୍ତ୍ରୀ ରୋକଠୋକ୍ କହିଦେଲେ ତମେ ପାଗଳ ନା କଣ ପରଲୋକଙ୍କ ସେବା କରିବାପାଇଁ କଣ ନିଜର ସବୁ ଛାଡ଼ିକି ଚାଲିଯିବ ? ଯେଉଁ ସ୍ତ୍ରୀ ତାଙ୍କ ଜୀବନର ସାଥି, ତା ମୁଖରୁ ଏକଥା ଶୁଣି ଓଲିଭ କିଛି କ୍ଷଣ ପାଇଁ ଭାବନାରେ ବୁଡ଼ିଗଲେ ।

ସେହି ସମୟରେ ଦେଖିଲେ ଡନି ତାଙ୍କ ପୋଷାକ ଟାଣି ଚାଲିଯିବା ପାଇଁ ବାହାରି ଗଲାଣି । ଓଲିଭଙ୍କ ଆଖିରୁ ଲୁହ ଝରିଗଲା, ଡନି ଯେ ତାଙ୍କ ହୃଦୟକୁ ବୁଝିପାରିଛି ଜାଣି ସେ ଖୁସି ହୋଇଗଲେ । ସେ ତାଙ୍କ ସହିତ କିଛି ଅର୍ଥ ଧରି ଡନି ସାଥିରେ କୁଆଡ଼େ ଚାଲିଗଲେ । ରାସ୍ତାରେ ତାଙ୍କର ଗୋଟିଏ ଚିନ୍ତା ଯେ ଦୁନିଆରେ ପ୍ରକୃତରେ କିଏ ନିଜର । ଯେଉଁ ଅର୍ଥ ଆଧିପତ୍ୟ ସେ ଗଢ଼ିଥିଲେ, ଦିନ ଆସିଲା ସେ ସବୁକୁ ହରାଇଲେ । ନିଜ ସ୍ତ୍ରୀ ପିଲା ମଧ୍ୟ ପଚାରିଲେ ନାହିଁ । ମାତ୍ର ଏ ପଶୁଟା ତା'ର ମୁଁ କିଏ, କିନ୍ତୁ ସେ ମୋର ନିଜର । ପରବର୍ତ୍ତୀ ସମୟରେ ଶୁଣାଯାଇଅଛି ଯେ ଓଲିଭ ଓ ଡନି ଦୁହେଁ ସହର କଡ଼ରେ ଏକ ଛୋଟ ଘରେ ରହି ଆଜି ମଧ୍ୟ ଲୋକଙ୍କୁ ସାହାଯ୍ୟ କରି ଆସୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ଆଲୋକ କୁମାର ସାହୁ

ଝିଅଟିଏ ଜନ୍ମ ହୁଏ ଗୋଟିଏ ଗରିବ ମଧ୍ୟବିତ୍ତ ପରିବାରରେ ଯେଉଁଠି ତା'ର ବାପା ଏକ କୃଷକ । ଝିଅ ଧୀରେ ଧୀରେ ବଡ ହୁଏ, ପିଲାବେଳେ ବହୁତ ସ୍ୱପ୍ନ ଥାଏ ଏଇଟା ପିନ୍ଧିବି, ସେଇଟା ପିନ୍ଧବି, ଏଇଟା ଖାଇବି, ସେଇଟା ଖାଇବି ଏମିତି ବହୁତ ସ୍ୱପ୍ନ ଥାଏ । ହେଲେ ଭସାମେଘ ଭଳି ଭାସିଯାଏ ତାର ସ୍ୱପ୍ନ । ପରିବାରର ପରିସ୍ଥିତି ନଜରରେ ରଖି ସେ ଚୁପ୍ ରହେ, ହେଲେ ଗରିବ ବାପଟା ଉପରେ କିଛିଟା ଆଶା ରଖିଥାଏ କାଳେ ତାର ସବୁ ଇଛା ତାର ବାପା ପୂରଣ କରିଦେବେ । କିନ୍ତୁ ୫-୫ଟା ପିଲାଛୁଆ ମଧ୍ୟରେ ସମସ୍ତଙ୍କ ଖାଇବା ଠିକ୍ କରି ଦେଇ ପାରୁନଥିବା ବାପା କାହାର ସ୍ୱପ୍ନ ପୂରଣ କରିବା ଆକାଶ ପାତାଳ ଫରକ୍ । ଝିଅର ଆଶା ଆଶାରେ ରହିଗଲା, ଧୀରେ ଧୀରେ ତାର ଭାଇ ବଡ ହେଲା, ରୋଜଗାର କଲା । ତାର ସ୍ୱପ୍ନକୁ ତା ଭାଇ ପୂରଣ କରିବା ଆଶାରେ ମନୋବଳ ଟିକେ ଦୃଢ଼ ରଖିଲା । କିନ୍ତୁ ଭାଇର ବାହାଘର ପରେ ସେ ଯାଇ ସହରରେ ରହିଲା । ଶେଷରେ ଝିଅଟିର ବାହାଘର ହୋଇଗଲା, ମନେ ମନେ ଭାବୁଥାଏ ଯେଉଁ ସ୍ୱପ୍ନକୁ ତା ବାପା ଆଉ ଭାଇ ପୂରଣ କରିପାରିଲେ ନାହିଁ, ସେଇ ସ୍ୱପ୍ନକୁ ତାର ସ୍ୱାମୀ ପୂରଣ କରିବାର କ୍ଷମତା ରହିଛି ।

ତାର ସ୍ୱାମୀ ଏକ ମଜୁରିଆ ହୋଇଥିବାରୁ ଦିନେ କାମ କରୁଥିଲା ତା ଆଉ ଦିନେ ଘରେ ରହୁଥିଲା । ଏମିତି ଭାବରେ ଜୀବନ ବିତି ଚାଲିଲା । ଏକ ପୁତ୍ର ସନ୍ତାନ ଜନ୍ମ ହୁଏ ଏହାର ଲାଳନ ପାଳନ କରି ତାକୁ ବଡ କଲା । ମା'ର ସେ କରୁଣା ଚେହେରାରେ ଏତେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ନେହ ଫୁଟି ଆସେ ଯେପରିକି ପେଟ ପୁରି ଯାଏ ତାକୁ ଦେଖିଲେ, ଦୁଃଖିନୀ ମାର ମନରେ ଏତେ ସ୍ୱପ୍ନ ଅଛି ଯେ ତାହା ପୂରଣ ହୋଇ ପାରିନି । ପିଲାଟି ତା ମା'ର ସ୍ୱପ୍ନ ବିଷୟରେ ଧୀରେ ଧୀରେ ଜାଣିବାକୁ ପାଇଲା । ପୁଅ ମା'ର ସ୍ୱପ୍ନକୁ ପୁରା କରିବା ପାଇଁ ଜିଦରେ । ପାଠପଢି ଚାକିରି ଅନେଶ୍ୱନରେ ବାହାରେ କିନ୍ତୁ ଚାକିରି ଗୋଟେ ବି ମିଳେନି, ମନେ ମନେ ଭାବୁଥାଏ ମୋତେ ମଣିଷ ଜନ୍ମ ଦେଲ କଣପାଇଁ ଯେ ଏକ ମା'ର ସ୍ୱପ୍ନକୁ ପୁରା କରିବାର କ୍ଷମତା ମୋ ପାଖରେ ନାହିଁ । ମା ଏପଟେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି ପିଲାର ମଂଗଳ କାମନା କରି, ହେଲେ ସେ ମା'ର ମନ ବୁଝନ୍ତିନି ସେ ଠାକୁର । ସତରେ କଣ ଏ ଦୁନିଆରେ କେବେ କଣ କାହାର ଆଶା ପୂରଣ ହୁଏ ନାହିଁ? ମା'ର ବୟସ ଗଡ଼ିବାରେ ଲାଗିଥାଏ ରୋଗରେ ପୀଡିତ ହୋଇ, ଆଖିରେ ଆଖିଏ ଲୁହ ଧରି, ମନରେ କେତେ ସ୍ୱପ୍ନ ଭରି ବଞ୍ଚି ଆସିଛି ।

ବହୁତ ଦିନର ଚେଷ୍ଟା ପରେ ଭଗବାନ୍ ତାର ଡାକ ଶୁଣିଲେ, ତା ପୁଅର ଗୋଟେ ଭଲ ଜାଗାରେ ଚାକିରି ହେଲା । ଧୀରେ ଧୀରେ ସେ ମା'ର ସ୍ୱପ୍ନ ପୂରଣ ହେବାରେ ଲାଗିଲା ।

ଯେଉଁ ଝିଅର ସ୍ୱପ୍ନ ତା ବାପା, ଭାଇ ଓ ସ୍ୱାମୀ ପୂରଣ କରି ପାରିଲେନି ସେ ମା'ର ସ୍ୱପ୍ନକୁ ତା ପୁଅ ପୂରଣ କରିଦେଲା ।

ଢେଙ୍କାନାଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିତ୍ରଗୁପ୍ତର ଚିଠି



ଇଂ ବିଦ୍ୟାଧର ପଣ୍ଡା

ପୂଜ୍ୟପାଦ ଯମରାଜ ମହାଶୟ,

ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବା ହେବେ । ଯମପୁରରେ ଆପଣଙ୍କ ଭୃତ୍ୟ ଚିତ୍ରଗୁପ୍ତ ଆପଣଙ୍କ ପାଇଁ ବହୁତ ଚିନ୍ତିତ । ଆପଣଙ୍କ ଧର୍ମପତ୍ନୀ ଧୂମୋର୍ଣ୍ଣାଦେବୀ, ଭଉଣୀ ଯମୁନା ଗତସପ୍ତାହରୁ ଆସି ଯମପୁରରେ ଆପଣଙ୍କ ଖବରଅନ୍ତର ଜାଣିବା ପାଇଁ ସହାବସ୍ଥାନ କରୁଛନ୍ତି । ଝିଅ କାଳରାତ୍ରୀ କାଲିଠାରୁ ଆପଣଙ୍କୁ ଖୋଜିବାକୁ ମର୍ତ୍ତ୍ୟପୁରକୁ ଯାଇଛନ୍ତି, ଲୋକେ ତାଙ୍କୁ ଅମ୍ଫାନ୍ କହୁଛନ୍ତି । ଏବେ ଯମପୁରକୁ ଆସୁଥିବା ଆତ୍ମାମାନଙ୍କ ମଧ୍ୟରେ ପାପାତ୍ମାଙ୍କ ସଂଖ୍ୟା ବହୁତ ଅଧିକ । ସେମାନେ ସ୍ୱର୍ଗର ଅପସରାମାନଙ୍କୁ ଟାହିଟାପରା କରିବାରୁ ଦେବରାଜ ଇନ୍ଦ୍ର ମୋତେ ଫୋନ୍‌କରି ବଜ୍ରପ୍ରହାର କରିବାକୁ ଧମକ ଦେଉଛନ୍ତି । କିଛି ପାପୀ ପାରିଜାତ ଫୁଲଗଛକୁ ଉପାଡି ଦାନ୍ତକାଠି କରୁଛନ୍ତି ତ କିଛି କାମଧେନୁ ଗାଈର ଲାଞ୍ଜ ଝିଙ୍କୁଛନ୍ତି । ଆଜି ସକାଳେ ଆପଣଙ୍କ ପିତା ସ୍ୱୟଂ ସୂର୍ଯ୍ୟଦେବ ଏଠାକୁ ଆସି ଆପଣଙ୍କ ବିଷୟରେ ପରୁଥିଲେ । ଆପଣଙ୍କ ପିତା ତ ମର୍ତ୍ତ୍ୟର ଅଳ୍ପ କିଛି ଜାଗା ଛାଡି ପ୍ରାୟ ସବୁଜାଗାରେ ବିଦ୍ୟମାନ । ଆପଣ କ'ଣ ସୂର୍ଯ୍ୟଦେବଙ୍କ କିରଣ ନପଡୁଥିବା ଜାଗାରେ ଏବେ କର୍ମବ୍ୟସ୍ତ ! ସିଏ କହୁଛନ୍ତି ପ୍ରାୟ ତିନିଦିନ ହେବ ଆପଣଙ୍କୁ ସିଏ ଦେଖିବାକୁ ପାଉନାହାନ୍ତି । ଆପଣଙ୍କ ବାହନ ମଇଁଷି ଦେଖିବାକୁ ସୁନ୍ଦର, ଚର୍ବି ବହୁଳ ଶରୀର । ଚୈନା ଲୋକମାନଙ୍କୁ ଅମୃତପରି ଲାଗେ । ମଇଁଷି ମାଉଁସକୁ ମମ କୁହଁନ୍ତି । ଭାରି ସରାଗରେ କାଟି ଖାଆନ୍ତି । ଏବେ କରୋନା କାଳରେ ବାଦୁଡି, ସାପବେଙ୍ଗ ବଦଳରେ ଯଦି ଆପଣଙ୍କ ବାହନକୁ କାଟି କିଏ କୋଉଠି ଭୋଜି କରିଦେଇଥିବେ ସେଥପାଇଁ ଆମ୍ଭମାନଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ ଚିନ୍ତା ହେଉଛି । ଏପରି ଆହୁରି ଅନେକ ସଙ୍କଟରେ ପଡି ମହୋଦୟଙ୍କର ଯଥୋଚିତ ଉପଦେଶ ନିମନ୍ତେ ଏ'ଚିଠିଟି ଏହି ବିଶ୍ୱସ୍ତଦୂତ ମାଧ୍ୟମରେ ପ୍ରେରଣ କରି ଆଶାକରେ ଆପଣ ନିମ୍ନ ଲିଖିତ ବିନ୍ଦୁଗୁଡିକର ଆଶୁ ସମାଧାନ ଚିନ୍ତାପୂର୍ବକ ଶୀଘ୍ରାତିଶୀଘ୍ର ନେଟ୍ୱର୍କ ଏରିଆକୁ ଆସି ଯୋଗାଯୋଗ କରିବେ, ଅନ୍ୟଥା ଯମପୂରକୁ ଶୀଘ୍ର ପ୍ରତ୍ୟାବର୍ତ୍ତନ କରି ଏଠାକାର ଦୂରାବସ୍ଥା ଏବଂ ସକଳ ସଙ୍କଟ ଦୂରକଲେ ଅଧୀନ ଚିରକୃତଜ୍ଞ ରହିବ ।

୧. ନର୍କପୁରରେ ସୋରିଷ ଗୋଟିଏ ପକେଇବାକୁ ଆଉ ଜାଗା ନାହିଁ । ପ୍ରତିଦିନ ହଜାରହଜାର ଆତ୍ମା ଏବେ ବି ଆସୁଛନ୍ତି, ତେଣୁ ବାଧ୍ୟରେ ଅଳ୍ପପାପ କରିଥିବା ବ୍ୟକ୍ତି ବିଶେଷଙ୍କୁ ଆମେ ଯମପୁର, ଇନ୍ଦ୍ରଲୋକ ଆଦିକୁ ପଠେଇ ଥଇଥାନ କରିଛୁ । ଆପଣଙ୍କ ବଙ୍ଗଳା ବି ପାପିମାନଙ୍କ କବଳରେ ଅଛି । ଦୟାକରି କିଛି ଦିନପାଇଁ ସେ କରୋନା ଭୂତାଣୁକୁ ନିୟନ୍ତ୍ରଣ କରି ମୃତ୍ୟୁସଂଖ୍ୟାରେ ଲଗାମ ଲଗାଇ ଦିଅନ୍ତୁ । ନଚେତ୍ ଗୋଲକଧାମରେ ବି ପାପିମାନଙ୍କୁ ଭର୍ତ୍ତି କରିବାକୁ ହେବ, ଯାହା କି ଭଗବାନ ବିଷ୍ଣୁ ଚାହୁଁ ନାହାନ୍ତି । ବହୁତଦିନ ହେବ ସୁଦର୍ଶନ ଚକ୍ର ରକ୍ତ ଚାଖିନି, କ୍ଷଣକରେ ମୋ ମୁଣ୍ଡ କାଟିଦେବ ।

୨. ପୋଥି ଦେଖିଦେଖି ମୋତେ ଦିନରାତି ଫୁରୁସତ ନାହିଁ । ମୋତେ ବିଶ୍ରାମ ସହ କିଛି ସହାୟକ ସହାୟିକା ଲୋଡା ହେଉଛି । ଇନ୍ଦ୍ରାଲୋକର ନାଟ୍ୟମଣ୍ଡପରେ ପାପିମାନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳି ହୋଇଥିବାରୁ ଅପ୍ସରା ମାନଙ୍କର ନୃତ୍ୟଗୀତ ବନ୍ଦ ଅଛି । ସେମାନଙ୍କ ମଧ୍ୟରେ ରମ୍ଭା, ମେନକା, ଉର୍ବସୀ, ମିନାକ୍ଷୀ, ତିଳୋତମ୍ମା ଏବଂ ଅର୍ଚ୍ଚନା ଆଦି ଦଶ ପନ୍ଦରଜଣ ଶିକ୍ଷିତ ଅଛନ୍ତି । ମୋର ଚାରିଟା ପିଲା ବି ବେକାର ବୁଲୁଛନ୍ତି । ଏପରି ଜରୁରୀକାଳୀନ ପରିସ୍ଥିତିରେ ଯଦି ସେମାନଙ୍କୁ ଯମପୁରରେ ଖଣ୍ଡେଖଣ୍ଡେ ଅସ୍ଥାୟୀ ଚାକିରି ମିଳିଯାଆନ୍ତା ତେବେ ଭଲହୁଅନ୍ତା । ଦେବରାଜ ଇନ୍ଦ୍ରଙ୍କର ସଭାସଦ୍ ବର୍ଗଙ୍କ ଭିତରୁ କିଛି ମୋ ସହକର୍ମୀ ହିସାବରେ ନିୟୋଜିତ କରିଲେ ଜଲଦି ଜଲଦି ଫାଇଲ୍ କାମଗୁଡା ଶେଷ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇପାରନ୍ତା । ମୁଁ ଏକା ହେଲା ବେଳକୁ ଦଣ୍ଡବିଧାନରେ ଓଲଟାପାଲଟା ହୋଇ କିଛି ପାପୀ ସ୍ୱର୍ଗପୁରକୁ ଯାତ୍ରାକରି ସେଠାରେ ମଦିରା ସେବନ ପୂର୍ବକ ଦେବାଦେବୀଙ୍କୁ ଦୁର୍ବ୍ୟବହାର କରିବାର ଦୃଷ୍ଟାନ୍ତ ଶୁଣିବାକୁ ମିଳୁଛି ।

୩. ଏ ପର୍ଯ୍ୟନ୍ତ ଯେତେ ପୁରୁଣା ଭଙ୍ଗା କଣା ତେଲ କଡେଇ ସବୁ କାମରେ ଲଗେଇଲେ ସୁଧା ବି ଆଉରି ହଜାରେ ଉପରେ ନୂଆ କିଣିବା ଦରକାର ପଡୁଛି । ତେଲ ଭଣ୍ଡାର ଖାଲି, ଆଗାମୀ ମାସକ ପାଇଁ ପ୍ରାୟ ଲକ୍ଷେ ଗ୍ୟାଲନ୍ ଛଣାତେଲ ଦରକାର । ଅଳ୍ପ ପାପଥିବା ପାପୀଙ୍କୁ ବାଲି କଡେଇରେ ମୁଢ଼ିଚୁଡା ଭଳିଆ ଭାଜିଭାଜି ଟିକିଏ ତତଉଛୁ ଯେ, ହେଲେ ସେମାନେ ତେଲ କଡେଇରେ ଡେଉଁଛନ୍ତି । ଦୁଇଦିନ ତଳେ କିଛି ପାପୀ ଏକତ୍ରହୋଇ ଦୁଇଜଣ ଦୂତଙ୍କୁ ତେଲକଡେଇରେ ପକେଇଦେଲେ । ଯମପୁରରେ ପାପୀମାନଙ୍କୁ ଦଣ୍ଡ ଦେବାପାଇଁ ଯେଉଁ ଦୂତମାନେ ନିୟୋଜିତ ଅଛନ୍ତି ସେମାନେ ବିଶ୍ରାମ ନପାଇ ଅତ୍ୟଧିକ ପରିଶ୍ରମ ହେତୁ ଦୁଇଦିନ ହେବ ହରତାଳ କରିଛନ୍ତି । ତାଙ୍କୁ ଚାରିଗୁଣା ଦରମା ସହ ଚବିଶଘଂଟାରୁ ଆଠଘଂଟା ବିଶ୍ରାମ ଦରକାର ।

୪. ପାପୀମାନଙ୍କୁ ସମ୍ଭାଳିବାରେ ଆମେ ଅସମର୍ଥ । ଧୃଷ୍ଟତା ମାର୍ଜଣା ହେଉ, ଅପ୍ରିୟ ସତ କଥାଟି ହେଲା ହଠାତ୍ ସାରାବିଶ୍ୱରେ ଏକାବେଳେ ମହାମାରୀର ଯୋଜନା ଆପଣଙ୍କ ଦୂରଦୃଷ୍ଟି ହୀନତାର ପରିଚୟ ଦେଉଛି । ଏବେ ପ୍ରତିଦିନ ତିରିଶ ଚାଳିଶ ହଜାର ଆତ୍ମା ଯମପୁରକୁ ଆସୁଛନ୍ତି । କରୋନାର କରାଳ ଚେହେରାରୁ ଜଣାଯାଏ ଯେ ଆଗାମୀ ଦୁଇମାସ ଭିତରେ ଏଇ ତିନିଲକ୍ଷ ଆତ୍ମାଙ୍କୁ ଛାଡି ଆଉ ଦଶଲକ୍ଷ ଲୋକ ଯମପୁରକୁ ଆସିବାର ଅନୁମାନ ହେଉଛି । ଏବେ ଏତିକି ପାପୀଙ୍କୁ ଆମେ ଅସ୍ଥାୟୀ ଶିବିର ଦେଇ ନପାରିବାରୁ କିଛି କଳ୍ପତରୁ ବୃକ୍ଷମୂଳକୁ ଯାଇ ଉଦ୍ଧାର ପାଇ ପୂନର୍ବାର ମର୍ତ୍ତ୍ୟର ରାଜା ମହାରାଜାଙ୍କ ରାଣୀଙ୍କ ଗର୍ଭରେ ସ୍ଥାନ ପାଇ ସାରିଲେଣି । କିଛି ପାରିଜାତ ଫୁଲ ଶୁଙ୍ଘୁଛନ୍ତି ତ ଆଉକିଛି କାମଧେନୁ ଗାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ନିଜର ଅଭିଳାସା ପୂର୍ତ୍ତିପାଇଁ ଧାଡି ଦେଇ ଛିଡା ହୋଇଛନ୍ତି । ତାଙ୍କ ଭିତରୁ କେହି ଜଣେ ଯଦି କାମଧେନୁଙ୍କୁ ଆପଣଙ୍କ ପଦରେ ଅଭିସିକ୍ତ କରେଇବାକୁ ପ୍ରାର୍ଥନା କରିଦିଏ ତେବେ ବଡ ଅନର୍ଥ ହୋଇଯିବ । ଯମପୁର ଏବେ ଅନିୟନ୍ତ୍ରିତ ହୋଇ ଭୀଷଣ ଅରାଜକତା ଆଡକୁ ଗତି କରୁଛି ।

ଆପଣଙ୍କୁ ଅଧୀନର ବିନିତ ପ୍ରାର୍ଥନା ଏହିକି ଯେ ଧରାପୃଷ୍ଠରେ ଆପଣ ଲୋକମାନଙ୍କୁ ସଦୁପଦେଶ ଦିଅନ୍ତୁ ଯେ ସେମାନେ ସାମାଜିକ ଦୂରତା ରକ୍ଷାକରନ୍ତୁ, ବାରମ୍ବାର ହାତ ଧୁଅନ୍ତୁ ଏବଂ ବାହାରକୁ ବାହରିଲା ମାତ୍ରେ ମୁହଁରେ ମାସ୍କପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ । ଏମିତି ୨୦୨୧ ମସିହା ଯାଏଁ ଏହି ସରଳ ଉପାୟ କେତୋଟି ଅବଲମ୍ବନ କଲେ ସେମାନେ ବଂଚିବେ ଏବଂ ଆମ ଯମପୁରରେ ମଧ୍ୟ ଗହଳି କମିବ । ଅଧିକନ୍ତୁ ମର୍ତ୍ତର କୌଣସି ଏକ ବୈଜ୍ଞାନିକଙ୍କ ପ୍ରାଣବାହାର କରି, ତାଙ୍କ ଦେହରେ ଆପଣ ଧନ୍ୱନ୍ତରୀଙ୍କ ପ୍ରାଣପ୍ରତିଷ୍ଠା କରିଦିଅନ୍ତୁ । ସିଏ କରୋନାର ଟିକା ସଅଳ ବାହାର କରିଦେଲେ ଆପେଆପେ ଧରାପୃଷ୍ଠରେ ମୃତ୍ୟୁସଂଖ୍ୟାର ନିୟନ୍ତ୍ରଣ ହୋଇଯିବ । ନହେଲେ ଆମ ସ୍ୱର୍ଗପୁର ବି ମର୍ତ୍ତପୁରଠାରୁ ବଳିଯିବ । ଏସବୁ ଅବ୍ୟବସ୍ଥାର ତୁରନ୍ତ ସମାଧାନ ନହେଲେ ମୁଁ ଇସ୍ତଫା ଦେବାକୁ ଚିନ୍ତା କରୁଛି । ବାକିସବୁ ସାକ୍ଷାତରେ । ଆପଣଙ୍କ ସଅଳ ଯୋଗାଯୋଗ ଏବଂ ଆଶୁ ପ୍ରତ୍ୟାବର୍ତ୍ତନ କାମନା କରି ରହୁଛି ।

(ଇତି)

ଆପଣଙ୍କର ବିଶ୍ୱସ୍ତ ଭୃତ୍ୟ ଚିତ୍ରଗୁପ୍ତ, ଯମପୁର, ନର୍କପୁରୀ ରାସ୍ତା, ସ୍ୱର୍ଗଧାମ

ବି.ଟେକ୍. ସିଭିଲ୍, ଏମ୍.ଟେକ୍. (ପରିବେଶ), ଏଲ୍ଏଲ୍ବି

ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,

ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହରବର



ସାଇପ୍ରସାଦ ସାହୁ

ହରବର ବା ତରବର ହୋଇ କାମ କଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ସେଥିପାଇଁ ମହାପୁରୁଷମାନେ କହିଥିଲେ, "ବୁଝି ବିଚାରି କାମ କଲେ ପ୍ରମାଦେ ନ ପଡଇ ଭଲେ ।" ଅନ୍ୟମନସ୍କତା କିମ୍ବା କାର୍ଯବ୍ୟସ୍ତତା ହୋଇ କୌଣସି କାମ କରିବା ଦ୍ୱାରା କୁଫଳ ମିଳିବାର ସମ୍ଭାବନା ଥାଏ । ମୋ ଜୀବନରେ ଘଟିଥିବା ଏମିତି ଏକ ଘଟଣାକୁ ମୁଁ ଏଠାରେ ଉପସ୍ଥାପନା କରିଛି ।

ଅନେକ ଦିନ ତଳର କଥା । ସେତେବେଳେ ମୁଁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ ପଢୁଥାଏ । ଦିନେ ହଠାତ୍ ସ୍ଥିର କଲି ଭୁବନେଶ୍ୱର ଅଭିମୁଖେ ଯାତ୍ରା ପାଇଁ । ମୁଁ ଭୁବନେଶ୍ୱର ଯିବାର ଏକ ଅଣସଂରକ୍ଷିତ ଟିକେଟ୍ ପାଇଁ ମୋର ଏଟଲାସ୍ ସାଇକେଲରେ ସମ୍ବଲପୁର ରୋଡ୍ ରେଳ ଷ୍ଟେସନକୁ ଯାଇଥିଲି । ପ୍ରଥମେ ଟିକେଟ୍ କାମ ସାରିବାକୁ ଭାବିଲି । ମୋ ସାଇକେଲରେ ଚାବି ନ ଥିଲା । ସାଇକେଲ ଚୋରି ହେବାର ଯଥେଷ୍ଟ ଅଧିକ ଥିଲା । ସେତିକିବେଳେ ବାଧ୍ୟ ହୋଇ ମା ସମଲେଇଙ୍କୁ ସ୍ମରଣ କରି ମୋ ସାଇକେଲଟିକୁ ଷ୍ଟେସନକଡରେ ଥିବା କାନ୍ଥରେ ଡେରି ଦେଇ ଷ୍ଟେସନ ଭିତରକୁ ଗଲି । ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ବେଶ୍ ଭିଡ ନଥିଲା । ସେଠାରେ କାମ ଶୀଘ୍ର ସରିଗଲା । ମୋର ମନ ସାଇକେଲ ପାଖରେ ଥାଏ । ହେଲେ ତରବରରେ ଅନ୍ୟମନସ୍କ ଭାବେ ମୁଁ ମୋ ସାଇକେଲଟିକୁ ଛାଡି ଅନ୍ୟ ଜଣଙ୍କର ସାଇକେଲ ଧରି ବହି ଦୋକାନକୁ ପୁସ୍ତକ କିଣିବା ପାଇଁ ଚାଲି ଗଲି । ସେ ସାଇକେଲଟି ମଧ୍ୟ ଏଟଲାସ୍ ଥିଲା । ଆଉ ସେଥିରେ ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଇକେଲ ଚାବି ନଥିଲା । କିଛି ସମୟପରେ ବହି ଦୋକାନରୁ ପୁସ୍ତକ କିଣିସାରି ମୁଁ ଯେତେବେଳେ ସାଇକେଲ ନିକଟକୁ ଆସିଲି ଜାଣିବାକୁ ପାଇଲି ଯେ ଉକ୍ତ ସାଇକେଲଟି ମୋର ନୁହେଁ । ମୁଁ ଭାବିଲି ଲୋକଟି ବୋଧହୁଏ ମୋ ସାଇକେଲଟି ନେଇଯାଇ ସେ ତା ସାଇକେଲଟି ଛାଡି ଯାଇଛି । ଏବେ ମୁଁ କ'ଣ କରିବି ଚିନ୍ତାରେ ପଡିଗଲି । ମୁଁ କିଛିକ୍ଷଣ ଭାବିଲି; ମୋ ଛଡା ତ ସେ ବହି ଦୋକାନକୁ ଆଉ କେହି ଆସି ନଥିଲେ ! ଭୁଲବଶତଃ ସାଇକେଲଟିକୁ ଷ୍ଟେସନ ନିକଟରୁ ନେଇ ଆସିଥାଇ ପାରେ ବୋଲି ମୋ ମନକୁ ସନ୍ଦେହ ହେଲା । ଆଉ ବିଳମ୍ବ ନ କରି ସଙ୍କୋଚ ମନରେ ଷ୍ଟେସନ ଅଭିମୁଖେ ପୁଣିଥରେ ବାହାରି ଗଲି । ସେଠାରେ ପହଞ୍ଚି ମୋ ସାଇକେଲଟି ଯଥା ସ୍ଥାନରେ ରହିଥିବାର ଦେଖିବାକୁ ପାଇଲି । ଭୁଲରେ ନେଇ ଯାଇଥିବା ସାଇକେଲଟିକୁ ଯଥାସ୍ଥାନରେ ରଖିଦେଇ ତୁରନ୍ତ ସେଠାରୁ ବାହାରି ଆସିଲି । ମନରେ ଭାଳି ହେଉଥାଏ; କେହି ମୋତେ ଏହି ସାଇକେଲ ସହ ଦେଖୁ ନାହାନ୍ତି ତ ! ମୋ ଦେହରୁ ସେତିକିବେଳେ ଗମ୍ ଗମ୍ ଝାଳ ବାହାରୁଥାଏ । ଭାଗ୍ୟଭଲ ଯେ ସେହି ସାଇକେଲ ମାଲିକର କାମ ବୋଧହୁଏ ସରି ନଥିଲା । ସେଥିପାଇଁ ମୁଁ ବିପଦରୁ ବଞ୍ଚିଗଲି । ନଚେତ୍ କିଏ ମୋତେ ଦେଖିଥିଲେ ସାଇକେଲ ଚୋରି କରୁଛ ବୋଲି କହିଥାନ୍ତା । ଆବଶ୍ୟକ ସ୍ଥଳେ ଉତ୍ତମ ମଧ୍ୟମ ମଧ୍ୟ ଖାଇଥାନ୍ତି । ସେଥିପାଇଁ କଥାରେ ଅଛି, "ଧୀର ପାଣି ପଥର କାଟେ, ହରବର ହେଲେ ଆଣ୍ଠୁ ଫାଟେ ।"

ତରବରିଆ ବା ହରବର କିମ୍ବା ଅନ୍ୟମନସ୍କ ଭାବେ କୌଣସି କାମ କରିବା ଦ୍ୱାରା ବିପଦ ଯେ ପାଖେଇ ଆସେ ମୁଁ ସେ ଦିନ ଅନୁଭବ କରିଥିଲି ।

ସ୍ନାତକୋତ୍ତର ବାଣିଜ୍ୟ ( ଜିଏମ୍ ୟୁ ଛାତ୍ର )

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ,ସମ୍ବଲପୁର, ମୋ.ନଂ – ୯୯୩୭୦୩୪୬୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ ଲାଖ୍ କରୋଡ୍



ଡା ସୌମ୍ୟରଞ୍ଜନ ମିଶ୍ର

ଏଇଟା ଆମ ପିଲାବେଳ କଥା । ସେତେବେଳେ ଗାଁ ଦଶହରା ଭୋଜିର ଆକର୍ଷଣ ଥିଲା ନିଆରା । ଏବେ ତ ଅନେକ ଗାଁରୁ ସେ ସବୁ ହଜିଗଲାଣି । କଣ୍ଟା ବାଉଁଶର ବାଡ଼ ଆଉ ଧଡ଼ା ଯେବେଠୁ ସିମେଣ୍ଟ ପାଚେରୀ ଓ ଲୁହଗ୍ରୀଲକୁ ପ୍ରମୋଶନ୍ ପାଇଲେଣି । ଭୋଜିର ମୁଖ୍ୟ ଆଇଟମ୍ ଚିଙ୍ଗୁଡ଼ି ଘାଣ୍ଟ । ଗାଁ ମୁଣ୍ଡ ଠାକୁରାଣୀ ପୀଠରେ ଖନ୍ଦା ଲାଗେ । ଯୋଗାଡ଼ିଆ ଆଠ ଦଶଜଣ ଯୁବକ ଦାୟିତ୍ୱ ନିଅନ୍ତି । ଆଉ ଆଠଦଶ ଜଣ ଟିକେ ପାକଳ, ଯାହାଙ୍କୁ ପ୍ରୌଢ଼ତ୍ୱ ଗ୍ରାସ କରିବ କରିବ ବୋଲି ହେଉଥାଏ । ସେମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲେ । ଗାଁର ପିଲାପିଲି ମିଶି ଗାଏମୋଟ୍ ପାଞ୍ଚଶହ ଲୋକ । ସେଦିନ କାହାଘରେ ଚୁଲି ଜଳେନି । ବିଧବା ବୁଢ଼ୀ କେଇଜଣଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତେ ଆଇଁଷ ଖାଆନ୍ତି । କାରଣ ଦେବୀଙ୍କୁ ତାହା ଲାଗି ହୋଇଥାଏ ।

ପ୍ରାୟ କୋଡ଼ିଏ କିଲୋ ଚିଙ୍ଗୁଡ଼ି ଘାଣ୍ଟ ପାଇଁ ଆସେ । ସକାଳୁ ସକାଳୁ କାମ ଆରମ୍ଭ ହୋଇଯାଏ । ମଝିରେ ମଝିରେ କିଛି ଲୋକ ଆସି ବୁଲିଦେଇ ଯାଆନ୍ତି, କେତେ ବାଟ ଗଲା । ଦଶଟା ପାଖାପାଖି ବୁଢ଼ା ଲୋକମାନେ ଆସିବା ଆରମ୍ଭ କରନ୍ତି । ଗଛମୂଳେ ତାସ, ପଶା ଖେଳ ଚାଲେ । ବୁଢ଼ାଙ୍କ ପଛେ ପଛେ ଛୋଟ ଛୁଆ ବି ଆସନ୍ତି । ଅନେକ ପ୍ରକାର ଖେଳ ଚାଲେ । କିନ୍ତୁ ଖେଳରେ କାହାର ମନ ନଥାଏ । ସମସ୍ତେ ନାକେଇଥାନ୍ତି ଚିଙ୍ଗୁଡ଼ି ଘାଣ୍ଟକୁ । ବେଳେ ବେଳେ ଜେଜେମାନେ ନାତିନାତୁଣୀଙ୍କୁ ପାଖ ଦୋକାନରୁ ପାନ କି ବିଡ଼ି କିଣିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣିବାକୁ ପଠାନ୍ତି । ପିଲାମାନଙ୍କର ମୁହଁ ସେତେବେଳେ ଦେଖିବା କଥା । ଯେମିତି ପାଞ୍ଚ ଦଶମିନିଟ୍ ଭିତରେ ଅମୃତ ବଣ୍ଟା ହୋଇଯିବ, ଗଲା ପୁଅର ଭାଗ ନଥିବ । ପିଲାମାନେ ବାଆଁରେଇ ବାଆଁରେଇ ସୁଯୋଗ ଉଣ୍ଡି ରୋଷେଇକୁ ଝାଙ୍କନ୍ତି ଆଉ ଯୁବକମାନେ ସେଠାରୁ ତାଙ୍କୁ ତଡ଼ନ୍ତି । ଏମିତି ବହୁଥର ହୁଏ ।

ଗୋଟାଏ ବାଜିଲା ବେଳକୁ ପିଲା ଆଉ ଧୈର୍ଯ୍ୟ ଧରନ୍ତିନି । ତାଙ୍କ ଖେଳ ବନ୍ଦ ହୋଇଯାଏ । ସେତେବେଳକୁ ରୋଷେଇ ବି ସରି ଆସୁଥାଏ । ବଡ଼ ପିତ୍ତଳ ଥାଳିରେ ଠାକୁରାଣୀଙ୍କ୍ ପାଇଁ ଭୋଗ ବଢ଼ାଯାଏ । ତା'ପରେ ଆରମ୍ଭ ହୁଏ ପଙ୍ଗତ ପାଇଁ ପ୍ରସ୍ତୁତି । ଛୋଟ ଛୁଆ ଆଗ ବସନ୍ତି । ଏଇଟା ତାଙ୍କର ହକ୍ । କିଛି ବୁଢ଼ା ବି ବସନ୍ତି ସେମାନଙ୍କ ସାଙ୍ଗରେ । କଦଳୀପତ୍ରରେ ପାଣି ପଡ଼େ । ଲୁଣ ଦିଆଯାଏ । ଆସେ ଅନ୍ନ । ତା'ପରେ ଡାଲି । ଏମିତି ଗୋଟାଏ ମୁଣ୍ଡରୁ ଆରମ୍ଭ ହୋଇ ଅନ୍ୟମୁଣ୍ଡରେ ଦେବା ଶେଷ ହୁଏ । ସାଦା ତରକାରୀ ଆସିଲା ବେଳକୁ ଅନେକଙ୍କ ପତ୍ରରୁ ଭାତ ଓ ଡାଲି ଅଧା ସଫା । ଠାକୁରାଣୀଙ୍କ ମହିମା । ଖାଲି ଭାତ ଡାଲି ବି ଖାଇ ହୋଇଯାଏ । ସବା ଶେଷରେ ଆସେ ଚିଙ୍ଗୁଡ଼ି ଘାଣ୍ଟ ଅଭିଜ୍ଞ ପରୋଷାଳୀଙ୍କ ହାତରେ । ସମସ୍ତେ ଖୋଜି ଚାଲନ୍ତି ଚିଙ୍ଗୁଡ଼ି । ଅନେକଙ୍କୁ ମିଳେନା ସଫଳତା । ଖାଲି, ଆଳୁ, ଖମ୍ବଆଳୁ ଆଉ ଅନ୍ୟାନ୍ୟ ପରିବା ମିଳେ, ହେଲେ ମିଳେନା ଚିଙ୍ଗୁଡ଼ି । ଯାହାକୁ ଗୋଟେ ଅଧେ ମିଳେ ତାକୁ ଲକ୍ଷେ ପାଇଗଲା ପରି ଲାଗେ । ପିଲେ ଦ୍ୱିତୀୟ ଥରକୁ ଆଶା କରି ବସନ୍ତି । ହେଲେ ଦ୍ୱିତୀୟ ଥରରେ ବି ଅନେକଙ୍କ ଆଶା ଆଶାରେ ରହିଯାଏ । ପିଲାଙ୍କର ପ୍ରଥମ ଛେକ ସରିଲା ବେଳକୁ ବହୁତ ଲୋକ ଆସି ଯାଇଥାନ୍ତି । ତେଣୁ ଶୀଘ୍ର ଶୀଘ୍ର ଖିରୀ ପରଷି ଦିଆଯାଏ । ଚିଙ୍ଗୁଡ଼ି କଥା ଭାବୁ ଭାବୁ ଗରମ ଖିରୀ ପିଆ ହୋଇଯାଏ । ଗାଁର ସ୍ତ୍ରୀଲୋକମାନେ ଅନ୍ୟ ଧାଡ଼ିରେ ବସନ୍ତି । ଏମିତି ଚାରି ପାଞ୍ଚ ଛେକରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୋଜି ସରିଥାଏ । ଚିଙ୍ଗୁଡ଼ି ପାଇନଥିବା ପିଲା ଘାଣ୍ଟରେ ଚିଙ୍ଗୁଡ଼ି ପଡ଼ିନାହିଁ ବୋଲି ଦାବୀ କରି ପାରନ୍ତିନି କାରଣ ପାଖ ପିଲାଙ୍କୁ ଚିଙ୍ଗୁଡ଼ି ମିଳିଥାଏ । ସର୍ବୋପରି ଘାଣ୍ଟରୁ ଚିଙ୍ଗୁଡ଼ି ବାସନା ଆସୁଥାଏ । ଯେଉଁମାନଙ୍କୁ ଚିଙ୍ଗୁଡ଼ି ମିଳେ, କାହିଁକି ଏତେ କମ୍ ମିଳେ, ସେମାନେ ତା'ର ଜବାବ ଖୋଜନ୍ତିନି । କିନ୍ତୁ ସମସ୍ତେ ଜାଣୁଥାନ୍ତି କେଉଁଠି ଗୋଟାଏ କିଛି ଅସୁବିଧା ହୋଇଛି । ନହେଲେ ପାଞ୍ଚଶ ଲୋକଙ୍କୁ କୋଡ଼ିଏ କିଲୋ ଚିଙ୍ଗୁଡ଼ି ଅଙ୍କ ତ ଭୁଲ ନୁହେଁ ।

ଠାକୁରାଣୀ ଗଡ଼ିଆରେ ହଣ୍ଡାହାଣ୍ଡି ମଜାମଜି ହୋଇ ଆସିଲା ବେଳକୁ ସନ୍ଧ୍ୟା । ସଞ୍ଜଟିକେ ଗାଢ଼ ହେଲେ, ଦାୟିତ୍ୱ ନେଇଥିବା ସେଇ କୋଡ଼ିଏ ଜଣ ସରିକି ଲୋକ ନିଜ ନିଜ ଭିତରେ ହିସାବ ଦିଆନିଆ ହୁଅନ୍ତି । ଢେର୍ ରାତିଯାଏ ଏ ପ୍ରକ୍ରିୟା ଚାଲେ । ସେମାନେ ସେଦିନ ଆଉ ରାତିରେ ଘରେ ଖାଆନ୍ତି ନାହିଁ ।

ଏବେ ବି ଆମ ଗାଁରେ ପ୍ରତିବର୍ଷ ଭୋଜି ହେଉଛି । ଯଦିଓ ଲୋକସଂଖ୍ୟା କିଛି ବଢ଼ିଯାଇଛି ଆଉ ସ୍ତ୍ରୀଲୋକ ଓ ବଢ଼ିଲା ଝିଅମାନଙ୍କ ପାଇଁ ପଲିଥିନ୍‌ରେ ଘରକୁ ପାର୍ସଲ ଯାଉଛି । ସେତେବେଳେ ଯେଉଁମାନେ ଦାୟିତ୍ୱ ନେଉଥିଲେ ସେମାନେ ଆଜି ବୃଦ୍ଧ । କିନ୍ତୁ ଏବେ ବି ଚିଙ୍ଗୁଡ଼ି ଘାଣ୍ଟରୁ ଚିଙ୍ଗୁଡ଼ି ନ ବାହାରିବା ଏକ କୋଟିଏ ଟଙ୍କାର ପ୍ରଶ୍ନ । ଉତ୍ତର କାହାକୁ ଜଣାନାହିଁ । ଗ୍ରାମଦେବତୀଙ୍କୁ ଜଣାଥିଲେ ଥିବ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୩୭୪୩୫୨
ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଇକେଲ



ବିମ୍ବାଧର ମହାପାତ୍ର

ଘରଠାରୁ ସ୍କୁଲ ଗୋଟେ କିଲୋମିଟର ଦୂର, ସେଥିପାଇଁ ସମ୍ବିତକୁ ଯିବା ଆସିବା ପାଇଁ ବହୁତ କଷ୍ଟହୁଏ ! ଠିକ ସମୟରେ ସ୍କୁଲରେ ପହଁଚିବା ତା ପାଇଁ ସମ୍ଭବ ହୁଏନି, ସେଥିପାଇଁ ଅନେକ ଥର ପିଲାଙ୍କ ଆଗରେ ଆଣ୍ଠେଇଛି, ଶିକ୍ଷକ ମାନଙ୍କ ଠାରୁ କେତେ କଥା ଶୁଣିଛି ...

ହେଲେ କଣ ବା କରିବ, ବୋଉକୁ କେତେଥର କହିଲିଣି, ସାଇକେଲଟେ ପାଇଁ ! ବୋଉ ଖାଲି ଯାହା ଦିନ ଗଡେଇ ଚାଲିଛି, ଏଥର ତୋ ବାପା ଦରମା ପାଇଲେ ତୋପାଇଁ ସାଇକେଲ ନିଶ୍ଚୟ ଆସିବ ! ଏ କଥା ବୋଉ ମୁହଁରୁ କେତେ ଥର ଶୁଣିଛି ....

ତିନି ବଡ଼ ଭାଇଭଉଣୀ ମଧ୍ୟରେ ସବୁଠାରୁ ବଡ଼ ସମ୍ବିତ, ମଧ୍ୟବିତ୍ତ ପରିବାର ତାଙ୍କର, ବାପା କଣ୍ଟ୍ରାକ୍ଟର ପାଖରେ ସୁପରଭାଇଜର ଭାବେ କାମ କରନ୍ତି, ଯେତିକି ଦରମା ପାଆନ୍ତି, କଷ୍ଟେମଷ୍ଟେ ପରିବାର ଚଳିଯାଏ ! ସେଥିରେ ପୁଣି ଆମ ପାଠପଢା, ଟିଉସନ ଖର୍ଚ୍ଚ, ଦେହ ପା ସବୁ ଅଛି  !

ଆଜି ସ୍କୁଲରେ ବହୁତ ଗାଳି ଖାଇଛି, ହେଡସାର ସ୍କୁଲରୁ ବାହାର କରିଦେଇଛନ୍ତି, ଠିକ ସମୟରେ ନପହଞ୍ଚିବା ଯୋଗୁଁ ! ମନଦୁଃଖରେ ଘରକୁ ଫେରିଛି ସମ୍ବିତ, ବୋଉକୁ କହିଛି, ସାଇକେଲ ନ ଆଣିଲେ କାଲିଠାରୁ ସ୍କୁଲ ଯିବନି ! ବୋଉ ବା କଣ କରିବ ଏତେ ଗୁଡା ପଇସା କେଉଁଠୁ ପାଇବ, ଚିନ୍ତାରେ ପଡିଗଲେ, କହିଲେ ରହ ତୋ ବାପା ଆସନ୍ତୁ  !

ବାପା ଆସିଲେ ସବୁକଥା ଶୁଣିଲେ, ହଉ ତୋ ପାଇଁ କାଲି ସାଇକେଲ ଆସିବ କହି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁରୁଣା ଆଟଚି ଭିତରୁ କଣ ଖୋଜିଲେ ! ନେଇକି ବାହାରି ଗଲେ, କିଛି ସମୟପରେ ଫେରିଲେ, ବୋଉ ପଚାରିଲା କୁଆଡେ ଯାଇଥିଲ, ବାପା କହିଲେ ବଣିଆ ଦୋକାନକୁ ତୁମକୁ ବାହାଘର ବେଳେ ଦେଇଥିବା ଶେଷ ସନ୍ତକ ମଙ୍ଗଳସୂତ୍ରଟି ବିକିବାକୁ !

ସେଇଟା କଣ ବା ହେବ, ଆଜି ନହେଲେ କାଲି କି ହେବ, ହେଲେ ପୁଅ ପାଠ ନପଢିଲେ ତା ଭବିଷ୍ୟତ ଅନ୍ଧାର ହେଇଯିବ ! ଶେଷ ସମୟରେ କିଏ ଆମର କିଏ ସାହା ଭରସା ହେବ ....

କାଲି ସାଇକେଲ କିଣାହେବ, ଏ କଥା ସମ୍ବିତର ଖୁସି କହିଲେ ନସରେ ! ସାହି ସାରା ସମସ୍ତଙ୍କୁ କହି ଦେଇଛି, କାଲି ମୋର ସାଇକେଲ କିଣାହେବ । ରାତି ସାରା ନିଦ ନାହିଁ ....

ସକାଳୁ ପଚାରି ଚାଲିଛି, ବୋଉ ବାପା କେତେବେଳେ ସାଇକେଲ ନେଇ ଆସିବେ !

ହଠାତ ସାହିର ରଘୁ ଦାଦା ଦଉଡି ଦଉଡି ଆସିଲେ, ସମ୍ବିତ ବୋଉ ସମ୍ବିତ ବୋଉ ଡାକ ପକାଇଲେ ! ବୋଉ ଘରୁ ବାହାରି ଆସି ପଚାରିଲା କଣ ହେଇଛି ରଘୁ.. ଏତେବଡ଼ ପାଟିରେ ଡାକୁଛ ?

ସମ୍ବିତ ବାପାଙ୍କର ଆକ୍ସିଡେଣ୍ଟ ହେଇଛି, ତାଙ୍କୁ ମେଡିକାଲ ନେଇଯାଇଛନ୍ତି !

ଖାଲି କହୁଛନ୍ତି, ମୋର ଯାହାହେବା କଥା ହେଉ, ମୋ ପୁଅର ସାଇକେଲର କିଛି ହେଇନି ତ ? ନହେଲେ ତା ପାଠପଢା ବନ୍ଦ ହେଇଯିବ ......

ତାଳଚେର,ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେହ



ଦୁଷ୍ମନ୍ତ ବେହେରା

ଗ୍ରାମ-ଜୁନାଗଡ

ଆଇ-ସୁଲଣା କୁଡ

ଅଜା-ହରିଆ କୁଡ

ଗ୍ରାମ-ହାଣ୍ଡିଗଡ

ବାପା-ଧାର କୁଡ

ଝିଅ-ସୁଲଗ୍ନା କୁଡ

ହାଣ୍ଡିଗଡ ଗ୍ରାମରେ ବେସ୍ ହସ ଖୁସିରେ ରହୁଥିଲେ ଧାର କୁଡଙ୍କ ପରିବାର କହିଲେ ନିଜ ସ୍ତ୍ରୀ ଓ ଝିଅ ସୁଲଗ୍ନା କୁଡକୁ ୧୩ ବର୍ଷ ହୋଇଥାଏ । ହାଣ୍ଡିଗଡ ଗାଁରେ ଆମ୍ବତୋଟା, ଝରଣା ଗାଁ ଦାଣ୍ଡ ମହକରେ ସୁଲଗ୍ନା ହସଖୁସିରେ ବୁଲିଆସେ ।

ଦିନେ ହଇଜା ମହାମାରୀ ବ୍ୟାପିଲା, ଗାଁର ଅନେକ ଲୋକ ଓ ନିଜ ମାଆ ବାପା ଆକ୍ରାନ୍ତ ହୋଇ, ମୃତ୍ୟୁବରଣ କଲେ । ସୁଲଗ୍ନା ଚିନ୍ତାରେ ପଡିଗଲା କଣ ଖାଇବ କିପରି ଚଳିବ ଆଖିର ଲୁହ ମନର ବେଦନା କହିଦେଉଥିଲା । ତୁମେ ଏକା ହୋଇଗଲ । ଦେହର ଯୌବନ ମନର ବିଳାସ କହୁଥିଲା ମନରେ କଣ ପାଇଁ କାନ୍ଦୁଛ ଏ ଦୁନିଆ ଏମିତି କନ୍ଦାଏ ।

ଏହି ସମୟରେ ଜୁନାଗଡ଼ ଗାଁରୁ ଅଜା ହରିଆ କୁଡ ଆଇ ସୁଲଣା କୁଡ ଆସିଲେ ଓ ସୁଲଗ୍ନାକୁ ନିଜ ସାଥିରେ ନେଇଗଲେ । ଜୁନାଗଡ ଗାଁରେ ଅଜା କହିଲେ ଏ ବୁଢ଼ାବୟସରେ କି ରୋଜଗାର କରିବି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାରଟି ଦୁଃଖରେ ଚଳୁଥିଲେ । ଓଳିଏ ଖାଇଲେ ଓଳିଏ ଓପାସ । ହରିଆ କୁଡ ମଝିରେ ମଝିରେ ମଦପିଏ । ସୁଲଗ୍ନା ଘରର ଦୁଃଖ ଦେଖି ଗାଁ ଜଙ୍ଗଲରୁ ମହୁଲ ଫୁଲ, ଶାଳପତ୍ର, କେନ୍ଦୁପତ୍ର ତୋଳି ବିକ୍ରିକରି ଘର ଚଳାଏ ।

ଦିନେ ଖାଇବାର ଅଭାବ ହେବାରୁ ଅଜା ହରିଆ କୁଡ ମହୁଲି ମଦ ପିଇ ଆସି ଆଇ ସହିତ ଝଗଡ଼ା କରିଲା । ସୁଲଗ୍ନା ଆସି ମନା କରିବାରୁ ଅଜା ତାକୁ କହିଲା ଭୁଆଁସୁଣି ଝିଅ ଅଲକ୍ଷଣୀ, ମାଆକୁ ଖାଇଲୁ ବାପାକୁ ଖାଇଲୁ ଏଠି ଆସିଛୁ ଆମକୁ ଖାଇବାକୁଲୋ ପୋଡାମୁହିଁ ତୋ ମୁହଁ ଦେଖିଲେ ଅଦଛ । ଯାଉନୁ ଦେହ ବିକ୍ରି କରିବୁ ।

ଘର ଚଳିବ ଆଇ ସୁଲଗ୍ନା କୁଡ ଏ କଥା ସହି ନପାରି କହିଲା ଦେହ ବିକ୍ରି କରିବୁ ହେଲେ କାହାକୁ ହାତ ପତାଇବୁ ନାହିଁ । ଲୋକେ କହିବେ ଭିକାରୀଟା, ଏକଥା ଶୁଣି ସୁଲଗ୍ନା କାନ୍ଦି କାନ୍ଦି ବାହାରକୁ ଚାଲି ଆସିଲା ।

ମନର ଦୁଃଖ ଓ ପେଟର ଭୋକ ସୁଲଗ୍ନାକୁ ରାଜରାସ୍ତାକୁ ଆସିବାକୁ ପଡିଲା । ଚାରିଜଣ ଲୋକଙ୍କୁ କହିଲା ମୁଁ ଦେହବିକ୍ରି କରିବି ।

ଚାରିଜଣ ଲୋକ ଶୁଣୁ ଶୁଣୁ କହିଲେ ମୁଁ ଆଗ ତଟକା ମାଂସ ଲୋଭ ଏତେ ପାଗଳ କରିଥିଲା । ଲୋକଟି କହିଲା କେତେ ଟଙ୍କା ନେବୁ ଝିଅ । ସୁଲଗ୍ନା କହିଲା ମୁଁ ପଇସା ନେବି ନାହିଁ । ମୁଁ ଖାଇବା ଓ ମୋ ଘରକୁ ଖାଇବା ନେବି, ଏଇକଥା ଶୁଣିଲା ପରେ ପ୍ରଥମ ଲୋକଟି କହିଲା ମୁଁ ଆଗ ଉପଭୋଗ କରିବି ।

ସୁଲଗ୍ନା କହିଲା ତୁମେ ତ ଉପଭୋଗ କରିବ ହେଲେ ଦୁନିଆ କହିବ ବେଶ୍ୟା, ମୋ ଦେହରୁ ବେଶ୍ୟା କଳଙ୍କଟି ଲିଭେଇଦେଇ ପାରିବ ? ଟଙ୍କା ଦେଇ ମୋ ଇଜ୍ଜତ ଫେରେଇ ପାରିବ ? ସାଇ ପଡିଶାର ଟୁପୁର୍ ଟାପୁରୁରୁ ରକ୍ଷା କରିପାରିବ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିଜଣ ଲୋକ କହିଲେ ହଁ ଝିଅ ଆମେ ରକ୍ଷା କରିବୁ । ଦେହକୁ ଉପଭୋଗ କରି ଛିରେ ଛାପ ପକାଇ ଚାଲିଗଲେ । ମାଂସ ବିକଳର ମଣିଷ । ମାଂସ ବିକଳରେ ମିଥ୍ୟା ପ୍ରତିଶୃତି ଦେଇ ଉପଭୋଗ କରି ଚାଲିଗଲେ ।

ଏ ଦୁନିଆ ଏତେ ସ୍ୱାର୍ଥପର କାମ ସରିଲେ କିଏ କାହାର ସୁଲଗ୍ନା କହିଲା ଛଳନା ଦୁନିଆରେ ବଞ୍ଚିବା ଏତେ ଯେ କଷ୍ଟ । ଆଖିର ଲୁହ ଆପେ ଝରୁଛି ।

ସୁଲଗ୍ନା କହିଲା କିଏ ଫେରେଇ ଦେବ ମୋ ଇଜ୍ଜତ ଏ ଦୁନିଆ ନା ଏ ମଣିଷ ।।

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ
ପିନ୍-୭୫୯୦୨୯
ମୋ ନଂ-୯୯୩୭୭୫୭୫୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁରୁଣା ପାଟ



ନିବେଦିତା ବେହେରା

ଆଜି ରୁନି ପାଇଁ ବହୁତ୍ ବଡ଼ ଦିନ । ଆଜି ସେ ଆମର ମୁଖ୍ୟମନ୍ତ୍ରୀଙ୍କ ପାଖରୁ ସମ୍ମାନିତ ହେବ । ସତରେ ଏ ଭଳି ଦିନ ତା ଜୀବନରେ ଆସିବ ସେ କେବେ ଭାବି ବି ନଥିଲା । ଯାହା ବି ହଉ ବହୁତ୍ ଖୁସିଥାଏ ରୁନି । ଯାଇ ଲୁଗା ଥାକକୁ ଦେଖିଲା । ବୋଉର ସେ ପାଟ ସେମିତି ଥୁଆ ହୋଇଥାଏ । ସେଥିରୁ ଆସୁଥାଏ ମହ ମହ ଗନ୍ଧ କର୍ପୁରର ବାସ୍ନା । ପୁରୁଣା ଦିନ ସବୁ ଆଖି ଆଗରେ ନାଚି ଯାଉଥାଏ ରୁନିର ।

ବୋଉ ହଠାତ ଏମିତି ଚାଲିଯିବ ବୋଲି କିଏ ଜାଣିଥିଲା । କିଛି ନାହିଁ କୁଆଡୁ ଗୋଟେ କଣ ରୋଗ ହେଲା ଯେ ବୋଉ ଚାଲିଗଲା । ଆଉ ତା ପରେ ଦୁଃଖର ସୁଅ ମାଡିଆସିଲା । ବୋଉକୁ ଝୁରି ଝୁରି ରୁନି କାନ୍ଦୁଥିଲା ବୋଲି ବାପା ବୋଉର ସବୁ ଜିନଷପତ୍ର ଦେଇ ଦେଇଥିଲେ କିନ୍ତୁ ବୋଉର ଗୋଟେ ପାଟ ଶାଢ଼ୀ ରୁନି ଲୁଚେଇ ଦେଇଥିଲା । ସେଇ ଶାଢ଼ୀଟି ବୋଉର ବେଶୀ ପ୍ରିୟ ଥିଲା । ବୋଉ ରୁନିକୁ କୁହେ ତୁ ଏ ପାଟଟା ପିନ୍ଧିବୁ ଲୋ ଝିଅ । ତୋତେ ଭଲ ମାନିବ । ବୋଉର କଥା ଯେବେ ବି ବେଶୀ ମନେ ପଡେ ରୁନି ସେଇ ଶାଢ଼ୀକୁ ଧରି ବସେ । ତା ମନ କଥା କୁହେ । ତାକୁ ଲାଗେ ସେ ବୋଉ ସହ କଥା ହଉଚି ।

ଆଜି ବି ସେ ଶାଢ଼ୀ ଧରି ବସିଚି ରୁନି । ବୋଉ କଥା ସେ ରଖିଚି । ବୋଉ କହୁଥିଲା ମାଆରେ ମୋ ନା ରଖିବୁ, ଭଲ କାମ କରିବୁ । ଆଉ ଆଜି ବୋଉର ସ୍ୱପ୍ନ ସେ ସତ୍ୟ କରିପାରିଛି । ପ୍ରଶାସନିକ ବିଭାଗରେ ଯୋଗ ଦେଲାପରେ ନିଜର ପ୍ରଶଂସାଯୋଗ୍ୟ କାର୍ଯ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ସେ ଆଜି ସମ୍ମାନିତ ହେବ । ବୋଉ ଥିଲେ କେତେ ଖୁସି ହୋଇନଥାନ୍ତା ! ଖୁସିରେ ସମସ୍ତଙ୍କୁ ମିଠା ଦେଇଥାନ୍ତା କିନ୍ତୁ ! ! ! ! ଲୁହର ଧାରା ବୋହି ଆସିଲା ଆଉ ବୋଉର ଶାଢୀ ଉପରେ ପଡ଼ିଲା । ମନ ଭରି କାନ୍ଦିଲା ପରେ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ପ୍ରସ୍ତୁତ ହେବାକୁ ଗଲା ରୁନି ।

ରୁନି ଯାଇଁ ପହଁଚିଲା ଜୟଦେବ ଭବନରେ । ସେଠାରେ ରୁନିର ପିଏ ମାୟା ଅପେକ୍ଷା କରିଥିଲା । ରୁନିକୁ ଦେଖି ନମସ୍କାର କଲା । କହିଲା ମାଡ଼ମ୍ ଆଜି ଭଳି ଦିନରେ ଆପଣ ଏ ପୁରୁଣା ଶାଢ଼ୀ କଣ ପିନ୍ଧିଛନ୍ତି । ଆଜି ଏତେ ଲୋକ ଆପଣଙ୍କୁ ଦେଖିବେ । ଫଟୋ ଆସିବ ପେପରରେ । କିନ୍ତୁ ଆପଣ ଆଜି ଏମିତି ରୂପରେ ଆସିଛନ୍ତି ଯେ । ଶୁଣି ହସିଲା ରୁନି କହିଲା ଆଜି ମୁଁ ଦୁନିଆର ସବୁଠୁ ମୂଲ୍ୟବାନ ଶାଢ଼ୀ ପିନ୍ଧିଛି । କାରଣ ମୋତେ ଲାଗୁଚି ମୋ ବୋଉ ଆଜି ମୋ ସାଙ୍ଗରେ ଅଛି । ଏ ପୁରୁଣା ପାଟ ଯୋଗୁଁ । । । ।

- ନିବେଦିତା ବେହେରା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଝିଅର ମା ହେବାକୁ ଚାହେଁନି



ଅନସୂୟା ପଣ୍ଡା

ସେ ବୋଧେ ଏ ଦୁନିଆରେ ପ୍ରଥମ ମା ହୋଇଥିବ ଯିଏ ତା ଝିଅକୁ ବାହା ଦେବାର ପରୋକ୍ଷରେ ହିଁ ମତ ଦେବ । ହଁ ସେ ଚାହେଁନା ତା'ର ଗୋଟିଏ ବୋଲି ଝିଅ ବାହା ହେଉବୋଲି । ନିଜର ଅସହଜ ବୈବାହିକ ଜୀବନକୁ ଦେଖି ସେ ଏକଥା ଭାବୁ ନଥିଲା କାରଣ ସମସ୍ତଙ୍କ ଭାଗ୍ୟ ଏକା ନୁହେଁ । ବରଂ ଜାଣି ଜାଣି ଏକ ସ୍ୱାଧୀନ, ସୁରକ୍ଷିତ ଜୀବନକୁ ଛାଡି ଏକ ପରାଧୀନ, ତିକ୍ତ ଜୀବନରେ ଘାଣ୍ଟି ହେବାକୁ ତାକୁ ସେ ଛାଡି ଦେବନି । କିଏ କୁହେ ବିବାହ ଏକ ନାରୀ ଜୀବନକୁ ପୂର୍ଣ୍ଣତା ଦିଏ ହେଲେ ସେ ଜାଣେ ବିବାହ ନିଜର ଇଚ୍ଛାକୁ, ମନ, ପ୍ରାଣ, ଶରୀରକୁ ଶୀଥିଳ କରି ତିଳ ତିଳ ଜାଳି ଅନ୍ୟ ଜୀବନରେ ଉଷ୍ମତା ଓ ଖୁସି ଭରିବାକୁ । ନିଜକୁ ଅନେକ ଅନେକ ଖଣ୍ଡରେ ବିଭକ୍ତ କରି ସମସ୍ତଙ୍କୁ ଏକାଠି କରିବାକୁ ।

ଯେତେବେଳେ ବାହାଘରର ସାତ ବର୍ଷ ପରେ ନନ୍ଦିନୀ ଜନ୍ମ ହୋଇଥିଲା, ସେ ଖୁବ୍ ମର୍ମାହତ ହୋଇଥିଲା ଝିଅଟିଏ ଜନ୍ମ ହେଲାବୋଲି । ଏଥିପାଇଁ ନୁହେଁ ଯେ ଝିଅଟିକୁ ପାଠ ଶାଠ ପଢ଼ାଇ ବଡକର, ଯୋଗ୍ୟ ଜୋଇଁ ଖୋଜ, ବାହାଘର ବେଳେ ବହୁଳ ପରିମାଣର ଯୌତୁକ ଦିଅ । ନିଜେ ଝିଅଟିଏ ହୋଇ ଜନ୍ମ ହୋଇ ସେ ଜାଣିଛି ଗୋଟେ ଝିଅ ପାଇଁ ଏ ସଂସାର କଣ ସମ୍ମାନ ରଖିଛି । କେଉଁଠି ନା କେଉଁଠି ତା ଜୀବନ ଭୁଲୁଣ୍ଠିତ ହେଉଛି । କେବେ ମା ପେଟରେ, ପରିବାରକୁ ସ୍ୱାଗତ ନକରିବାକୁ ଦୁନିଆଁ ଦେଖିବା ପୂର୍ବରୁ ସେଇ ଅନ୍ଧାରରେ ତାକୁ ତା ଜୀବନର ବଳିଦାନ ଦେବାକୁ ପଡୁଛି, ତ କେବେ ଆଠ ମାସ, ତିନିବର୍ଷର ଶିଶୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବସ୍ଥାରେ, ବଡହେଲେ କେବେ ସାଙ୍ଗ ଘରେ, ସ୍କୁଲ କଲେଜ, ହଷ୍ଟେଲ, ଅଫିସ, ରାସ୍ତା ଘାଟ, ମନ୍ଦିରରେ ଏମିତିକି ନିଜ ଆତ୍ମୀୟ ମାନଙ୍କ ଦ୍ୱାରା ମଧ୍ୟ ସେ ପୀଡିତା, ସେମାନଙ୍କର ଦୁଷ୍କର୍ମର ଶିକାର ହୋଇ ନିଜେ ଅପରାଧିଙ୍କ ପରି ମୁହଁ ଲୁଚାଉଛି । ପ୍ରତିଟି ପଦକ୍ଷେପରେ ତାପାଇଁ ପରୀକ୍ଷାର କଠୋରତା, ଅଶେଷ ପ୍ରଶ୍ନର ସୀମାରେଖା । ଆଜିକାଲି ଯାହାକୁ ପଚାରିବ କଣ ନାଁ ପୁଅ ଝିଅ ସବୁ ସମାନ ହେଲେ ଏ କେବଳ ନାଁ କୁ ମାତ୍ର !

ବେଳେ ବେଳେ ସେ ଭାବେ ତାଠାରୁ ତ ଭଲ ମା' ପେଟରେ ଭୃଣ ଅବସ୍ଥାରେ ମରିଯିବା ଟା !

ଖାଲି ରୋଷେଇ ଘର ସମ୍ଭାଳିବାରେ ତା ଜୀବନ ଆଉ ସୀମିତ ହୋଇ ନାହିଁ, ସେ ଆକାଶରେ ଉଡି ପାରୁଛି, ମହାକାଶରେ ପଦ ଥାପିପାରୁଛି, ପାଣିର ଗଭୀର ପ୍ରଦେଶରୁ ତଥ୍ୟ ଆଣି ପାରୁଛି, ବୈଜ୍ଞାନିକ ହୋଇ ଉଦ୍ଭାବନ କରି ପାରୁଛି, ଯନ୍ତ୍ରୀ ହୋଇ ଗଢି ପାରୁଛି, ଡାକ୍ତରଟିଏ ହୋଇ ଜୀବନ ରକ୍ଷା କରିପାରୁଛି, ଧରିତ୍ରୀ ପରି ସବୁ ମାଡ ଗାଳି ମାନ ଅପମାନ ସହି ପିତା ଓ ପତି ଦୁଇ ଘର ଭିତରେ ବନ୍ଧ ବାନ୍ଧୁଛି, ମା' ହୋଇ ଜୀବନ ସୃଷ୍ଟି କରି ପାରୁଛି । କେବେ ଯଦି କଷ୍ଟ ହେଲାଣି ବୋଲି କହିଲା ତେବେ ସେ ଖରାପ ବୋଲି ଦୁର୍ନାମ ବହନ କରିଛି । ବେଳେବେଳେ ସେ ଭାବେ, "କଣ ବୁଝନ୍ତି ଅନ୍ୟମାନେ ତାକୁ, ଗୋଟେ ସୁପର ଉମାନ ? ସେ ବି ତ ରକ୍ତ ମାଂସର, ସମାଜରେ ଦୁର୍ବଳ ବୋଲି ଚିନହିତ ସ୍ତ୍ରୀ ଟିଏ ଯାହାର ବି ମନ ଅଛି, ଇଚ୍ଛା ଅଛି... ।"

ଝିଅଟିକୁ ପଣ୍ୟ ଦ୍ରବ୍ୟ ପରି ଲୋକଙ୍କ ସାମ୍ନାରେ ବାହାଘର ପାଇଁ ସଜେଇ ହୋଇ ବସିବାକୁ ପଡିବ । ରଙ୍ଗରୂପଢଙ୍ଗ ଦେଖି କେହି ପସନ୍ଦ କଲେ ତାର ମୂଲଚାଲ ପୁଣି ହେବ ! ବେଳେ ବେଳେ ଶ୍ରାବଣୀ ଭାବେ କଣପାଇଁ ଯୌତୁକ ନାମରେ ଗୋରୁଗାଈ ପରି ମୂଲଚାଲ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ପାଠ ପଢ଼ିଛି, ଚାକିରୀ ମଧ୍ୟ କରି ପରିବାର ଚଲାଇବାରେ ହାତ ପକାଉଛି, ଘର କାମ କରୁଛି, ସମସ୍ତଙ୍କ ହାନିଲାଭ ଦେଖୁଛି, ଜନ୍ମ ନେଇ ବଡ଼ ହୋଇଥିବା ବାପ ଘର ଭୁଲି ସ୍ୱାମୀଙ୍କ ଘରକୁ ଆପଣାର କରୁଛି, ନମାସ ଗର୍ଭ କଷ୍ଟ, ଗର୍ଭ ଯନ୍ତ୍ରଣା ସହି ସେ ମା ହେଉଛି, ନହେଲେ ସମାଜରେ ସେ ଅସମ୍ପୂର୍ଣା, ଅଭିଶପ୍ତା ।

ଶ୍ରାବଣୀ, ଆକାଶଙ୍କୁ ପ୍ରେମ ବିବାହ କରିଥିଲା । ରିଏଲଇଷ୍ଟେଟର ମାଲିକ ଆକାଶ କିଛି ଜମିବାଡ଼ି ସଂକ୍ରାନ୍ତୀୟ ତିକ୍ତତାର ଆଇନଗତ ସମାଧାନ ପାଇଁ ହାଇକୋର୍ଟରେ ଓକିଲ ଥିବା ଶ୍ରାବଣୀ ପାଖକୁ ଧାରା ବାହିକ ଭାବରେ ଯାଉ ଯାଉ ଗଢି ଉଠିଥିଲା ସେମାଙ୍କର ଭାବର ବନ୍ଧନ । ଓକିଲ ଝିଅ ବୋଲି ଶାଶୁ ତାର ବଡ କୁଣ୍ଠାବୋଧ ଥିଲେ ସେମାନଙ୍କର ବାହାଘର ପାଇଁ । ଅନେକ ପ୍ରଚେଷ୍ଟାରେ ସେମାନଙ୍କର ବିବାହ ହୋଇଛି । ବାହାଘର ପରେ ଶ୍ରାବଣୀ ବହୁତ ପ୍ରଯତ୍ନ କରିଛି ତା ପେସା ଓ ତା ଘର ଭିତରେ ସୁସମନ୍ୱୟ ରଖିବାକୁ । ଓକିଳିଆ ବୋହୁ ତା ପଦବୀର ପ୍ରଚାର ଘରେ କରୁଛି ବୋଲି କେହି ଅନୁଭବ ନ କରନ୍ତୁ ସେଥିପାଇଁ ନିଜକୁ ତିଳ ତଳାନ୍ତ କରି ଖଟିଛି, ସବୁ ପ୍ରତିକୂଳ ପରିସ୍ଥିତିରେ ନିରବ ରହିଛି । ପରିଣାମରେ ଶାଶୁ ତାର ଛୋଟ ଛୋଟ ଭୁଲ ପାଇଁ ତା ବାପା ମା ଏମିତି ସଂସ୍କାର ଦେଇଛନ୍ତି ବୋଲି କଟାକ୍ଷ ଦେଇଛନ୍ତି । ବୋଧେ ଝିଅଟିଏ ଜନ୍ମ କଲେ ତାକୁ ଜନ୍ମରୁ ସଣ୍ଢଣା ଶିଖାଇବାକୁ ପଡେ, "ଏମିତି ବସ, ସେମିତି ହସ, ଏପରି କଣ ଚାଲୁଛୁ, ଏମିତି କଣ ଜବାବ ଦେଉଛୁ ଶାଶୁ ଘରେ କେମିତି ଚଳିବୁ ?" ସେମିତି ପୁଅ ମାନଙ୍କୁ ବି ସୌଷ୍ଠବତା ଶିକ୍ଷା ଦେବା ଜରୁରୀ କି ନୁହେଁ ? ଯଦି ପୁଅ ମାନଙ୍କୁ ଛୋଟରୁ ଶିକ୍ଷା ଦିଆ ଯାଆନ୍ତା ତେବେ, "ଛକ ଉପରେ ବସି ଝିଅଙ୍କୁ କମେଣ୍ଟ ମାରିବା, ଏକୁଟିଆ ଝିଅଟିଏ ପାଇଲେ ଦୁଷ୍କର୍ମ କରି ମାରିଦେବା, ସ୍ତ୍ରୀ କୁ ମାଡ ମାରିବା ଆଦି କେତେ ମାତ୍ରାରେ କମି ଯାଆନ୍ତା. " ପୁଅ ପାଠ ପଢୁ, ନପଢୁ, ରୋଜଗାର କରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନକରୁ ତାପାଇଁ ସଂସ୍କରୀ, ସୁନ୍ଦରୀ, ମୋଟା ଅଙ୍କ ଯୌତୁକ ଆଣି ପାରୁଥିବା ଝିଅଟିଏ ଖୋଜାଯାଏ, ଯିଏ ନିଜର ଦେଖିଥିବା ସ୍ୱପ୍ନକୁ ତ୍ୟାଗ କରି ପତି ପରମେଶ୍ୱର ଓ ତାଙ୍କ ପରିବାର ପାଇଁ ଜୀବନ ଉତ୍ସର୍ଗ କରିବ ।

ତାମାନେ ନୁହେଁଯେ ସବୁ ପୁଅ ଖରାପ, ଖାଲି ଝିଅ ମନେ ସୁନା ମାତ୍ର ଦେଖିଲେ ଅଧିକ ମାତ୍ରାରେ ଝିଅ ମନେ ହିଁ ପୀଡିତା ।

ଝିଅଟିର ଜନ୍ମ ପରେ ପରେ ପିତାମାତାଙ୍କର ଚିନ୍ତା ସେ କେମିତି ବଡ଼ ହେବ, ପଢି ଚାକିରୀ କରୁ ନ କରୁ ଭଲ ବର ପାଇ ଶାଶୁ ଘରେ ଖୁସିରେ ରହିବ । ଭଲ ବୋହୁ ହେବାକୁ ତାକୁ ମା' ପ୍ରଥମରୁ ତାଲିମ ଦେବାରେ ଲାଗିଥାଏ । ହେଲେ ଶାଶୁ ଘରେ ପ୍ରଥମେ ସେ ଆକ୍ରୋଶର ଶୀକାର ହୁଏ ଶାଶୁ ବା ନଣନ୍ଦଙ୍କ ଠାରୁ । ତେବେ କଣ ନାରୀ ର ନାରୀ ହିଁ ଶତ୍ରୁ ?

ଗୋଟିଏ  ବୋହୁ ବୋଲି  ଶାଶୁ ଶଶୁରଙ୍କୁ ପାଖରେ ରଖି ସମ୍ମାନର ସହ ଯତ୍ନ କରିଛି, ହେଲେ ସ୍ନେହ, ସହଯୋଗ ପାଇନି । ନଣନ୍ଦ ମୀନାର ପିଲାଟିଏ ହେଲାପରେ ଶାଶୁ ଘରେ ଚଳିବାକୁ ଅସୁବିଧା ହେଉଛି ବୋଲି ସହିନପାରି ତା ଶାଶୁ ତାଙ୍କ ଜୋଇଁକୁ କଁଅଳେଇ କଥା କହି ଝିଅ କୁ ବି ପାଖରେ ଆଣି ରଖିଲେ ।

ଶ୍ରାବଣୀକୁ କଷ୍ଟ ହୁଏ ଝିଅକୁ ସଜକରି ସ୍କୁଲ ପଠାଇ ସାରି, ଏତେ ଲୋକଙ୍କ ପାଇଁ ରନ୍ଧା ବଢ଼ା, ଅଫିସରୁ ଫେରି ପୁଣି ଝିଅର ପଢ଼ା ଦେଖ, ରାତି ରୋଷେଇ । ଛୋଟ ଥିବାବେଳେ ଝିଅର ବହୁତ ଦେହ ଖରାପ ହୁଏ, କେତେଯେ ରାତି ସେ ଅନିଦ୍ରା ହୋଇଛି ତାର ଇୟତ୍ତା ନାହିଁ । ସବୁ କଣ ଏକ ସ୍ତ୍ରୀ ର ଦାୟିତ୍ୱ ? ସେ ଥକି ଯାଏ ତଥାପି ଭାଙ୍ଗି ପଡ଼େନି ।

ସ୍କୁଲ, କଲେଜ ସମୟରୁ ସାହିତ୍ୟରେ ତାର ବହୁତ ରୁଚି । ଏ ଜୀବନ ଜଞ୍ଜାଳରେ ତାର ସେ ଇଛାଟା ବି ସମାଧି ପାଇଗଲା । କେବେ କେବେ ଭାବେ ପୁରୁଷଟିଏ ହୋଇ ଥାଆନ୍ତାକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ଖୁବ୍ ସମୟ ମିଳନ୍ତା, ସେ ବହୁତ ଲେଖି ପାରନ୍ତା !

ତା ସ୍ୱାମୀ ଆକାଶ ଖୁବ ଭଲ ପୁଅ, ଭାଇ, ତାଙ୍କୁ ସେ ଯେତେ ଭଲ ପ୍ରେମିକ ବୋଲି ଭାବୁଥିଲା, ପତି ହେବାପରେ ସେ ବିଲକୁଲ ନୁହଁନ୍ତି ବୋଲି ଜାଣି ସାରିଥିଲା ।

ବୋଧହୁଏ ସ୍ତ୍ରୀ ଲୋକଙ୍କୁ ବୋକା ବନାଇବା ଖୁବ ସହଜ । ଘରର ମଳିକିଆଣିର ଆଖ୍ୟା ଦେଇ ଚାକରାଣୀ ପରି ସବୁ କାମ କରାଅ, ସବୁ ଦାୟୀତ୍ୱ ତା ମୁଣ୍ଡରେ ଲଦିଦିଅ । ହେଲେ ଦେଖିବାକୁ ଗଲେ କିଛିବି ତୁମର ନୁହେଁ । ଆକାଶଙ୍କ କଥା ଅନୁସାରେ, ମାସ ଶେଷରେ ଦରମା ଟଙ୍କା ଶାଶୁଙ୍କ ହାତକୁ ବଢ଼ାଇ ଦିଏ, ସେ ଖୁସି ହୁଅନ୍ତି । ଶ୍ରାବଣୀ ଭାବେ ତା ବାପା ମା ଙ୍କ କଥା, ଯେଉଁ ମାନେ ତାକୁ ପଢାଇଲେ, ଚାକିରୀ ପରେ ବାହା ଦେଲେ ସେମାଙ୍କର କଣ କିଛି ଅଧିକାର ନାହିଁ ?

କେହି ଜଣେ କହିଥିଲେ ନାରୀକୁ ତା ଅଧିକାର ମାଗିନେବା ଦରକାର । ହେଲେ, ଶ୍ରାବଣୀର ମନ ବିଦ୍ରୋହ କରେ, "ଯିଏ ସୃଷ୍ଟି କରୁଛି, ପାଳନ କରୁଛି ସିଏ ସିନା ଅନ୍ୟକୁ ଅଧିକାର ଦେବାକଥା, ସେ ପୁଣି କଣ ଅଧିକାର ମାଗିବ ? "

ଅଧିକାର ପାଇବାତ ଦୂରର କଥା ତାକୁ ସଂହାର କରାଯାଉଛି ।

ତା ଝିଅ ନନ୍ଦିନୀ ଜିଦି ଧରିଛି ତା ଅଫିସରେ କାମ କରୁଥିବା ପିଲାଟିକୁ ବାହାହେବ । ଶଶାଙ୍କ ତାକୁ ଖୁବ ଭଲପାଏ, ବୁଝେ । "ମାମା ତୁମେ ଥରେ ଶଶାଙ୍କ ସହ କଥା ହୁଅ ବୁଝି ପାରିବ ।" ନନ୍ଦିନୀ ଶ୍ରାବଣୀ କୋଳରେ ମୁଣ୍ଡ ରଖି ଗେଲେହି ହୋଇ କହୁଥିଲା । ଶ୍ରାବଣୀ ଭାବୁଥିଲା, "ମା' ରେ ବାହାଘର ପୂର୍ବର ପ୍ରେମିକ ଓ ବାହାଘର ପରର ପତି ସବୁବେଳେ ସମାନ ନୁହଁନ୍ତି । ଏକଥା ମୁଁ ବୁଝି ମଧ୍ୟ ତୋତେ ବୁଝେଇ ପାରୁନି ।"

ହେଲେ ଏତିକି ତ ସେ ତା ଝିଅ ନନ୍ଦିନୀ କୁ ବୁଝାଇ ପାରିବ, "ମା ' ତୁ ଅନ୍ୟ ଆଗିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ ହୁଅ କି ମନ୍ଦ ହୁଅ ମାତ୍ର ନିଜର ସ୍ୱାଧୀନତା, ନିଜର ଖୁସିକୁ କୌଣସି ପରିସ୍ଥିତିରେ ଅନ୍ୟ ହାତରେ ଟେକି ଦେବୁନି । ଆଉ ଥରେ ଯଦି ତୁ ମୁଣ୍ଡ ନୁଆଁଇଲୁ, ଘରଠାରୁ ବାହାର ଯାଏ ତୋତେ ଦଳି ଚକଟି ତୋ ପିଠିରେ ଚଢି ଆଗକୁ ମାଡିଯିବେ । ତୁ ନିଜର ସତ୍ତା ହରାଇ ଚିନ୍ତା ଅଗ୍ନିରେ ହତାଶ ହେଉଥିବୁ ।" ନିଜଭିତରେ ତା ଝିଅ ପାଇଁ ଉତ୍ତରଟି ଖୋଜି ପାଇବା ପରେ ମେଘ ଢାଙ୍କି ଥିବା ଆକାଶରେ ସୂର୍ଯ୍ୟ ଆସିଲା ପରି, ଖୁବ୍ ଚିନ୍ତାରେ ଭାରାକ୍ରାନ୍ତ ଥିବା ଶ୍ରାବଣୀର ମୁହଁରେ ହସ ଖେଳି ଗଲା ।

"ଠିକ ଅଛି ଶଶାଙ୍କକୁ ରବିବାର ଦିନ ଉପରବେଳା ଡାକ, କଥା ହେବା ।" ନନ୍ଦିନୀ ମଥାକୁ ସ୍ନେହରେ ସାଉଁଳେଇ ଆଣି ଶ୍ରାବଣୀ କହିଲା ।

କାର୍ଡଗୁଡି, ବାଙ୍ଗାଲୋର
୯୮୪୦୭୦୭୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲପାଇବାର ଶେଷକଥା



ଶିବଶଙ୍କର ସାହୁ

ସାଇକେଲକୁ ଝାଉଁଗଛରେ ଆଉଜେଇଦେଇ ଅତନୁ ବସିପଡ଼ିଲା ସମୁଦ୍ରର ବିସ୍ତୀର୍ଣ୍ଣ ବେଳାଭୂଇଁରେ । ଘଡିକୁ ଚାହିଁଲା, ଶୁଭ୍ରା ଆସିବାକୁ ପନ୍ଦର ମିନିଟ ଡେରି ।

ଆଗରେ ଗର୍ଜୁଛି ସମୁଦ୍ର । ଅଶାନ୍ତ ସମୁଦ୍ରର ଲହରୀସବୁ ଉଠୁଛନ୍ତି ଉପରକୁ, ଆହୁରି ଉପରକୁ, ଅଥଚ ପର ମୁହୂର୍ତ୍ତରେ ବେଳାଭୂଇଁରେ ପିଟି ହୋଇ ଚୁରମାର ହେଇ ଯାଉଛନ୍ତି, ଠିକ ଯେମିତି ମଣିଷର ଆଶା, ଉଚ୍ଚାଭିଳାଷ ବାସ୍ତବତାର ନିଷ୍ଠୁରତାରେ ପେଷିହେଇ ଧୂଳିସାତ ହେଇଯିବା ଭଳି ! ସନ୍ଧ୍ୟାର ଶୀତଳପବନ ଛୁଇଁ ଛୁଇଁ ଯାଉଛି ଦେହକୁ, କର୍ମକ୍ଳାନ୍ତ ମଣିଷ ମନରେ ଭରିଦେଇ ଅଜସ୍ର ଫୁର୍ତ୍ତି । କ୍ଷତାକ୍ତ ମନରେ ବୋଲି ଦେଉଛି ସାନ୍ତ୍ୱନାର ପ୍ରଲେପ । ଦଳଦଳ ମଣିଷ, ଯୁବକଯୁବତୀ, ଶିଶୁକିଶୋରଙ୍କ ଖୁସି ବିଭୋରିତ କୋଳାହଳ ମିଳେଇଯାଉଛି ସମୁଦ୍ରର ଘୋ ଘୋ ଗର୍ଜନରେ ।

ସମୁଦ୍ରକୁ ଚାହିଁଲା ଅତନୁ ଏକଲୟରେ ।

ତାର ଏକ ବିରାଟ ଆକର୍ଷଣ ସମୁଦ୍ର, ନଈନାଳ, ପୋଖରୀ ପ୍ରତି । ତା' ଗାଁର ନଈକୂଳରେ ଏକାଏକା ବସି କେତେ କଣ ଭାବିଯାଏ ସେ । ଗାଁର ଶେଷମୁଣ୍ଡରେ ବହି ଯାଉଥିବା ନଈର ଦି ପାଖରେ ବଢିଥିବା କଣ୍ଟାଗଛ, ଅନାବନା ଫୁଲ, କାଜୁ ଜଙ୍ଗଲ ,ଏକ ଆଦିମ ସୌନ୍ଦର୍ଯ୍ୟ ଓ କୌତୁହଳ ଭରିଦିଏ ତା ମନରେ । କେତେ ସମୟଧରି ସେ ବସିରହେ ସେ ଅପରୂପ ସୌନ୍ଦର୍ଯ୍ୟ ଭିତରେ, କିଏ ଜଣେ 'ରାତି ହେଲାଣି ଘରକୁ ଯିବୁନି କି', କହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେତେଇ ଦେଲା ପର୍ଯ୍ୟନ୍ତ !

ସମୁଦ୍ରରେ କିନ୍ତୁ ଗାଁ ନଈର ଶାନ୍ତ, ନିଥର ବାତାବରଣ, ସ୍ନିଗ୍ଧ କୋମଳତା ଭରା ଅଜସ୍ର ନାମହୀନ ପକ୍ଷୀର କାକଳି ମିଳେନି, ତଥାପି ସମୁଦ୍ର ସୁନ୍ଦର ତା ନିଜର ଭିନ୍ନ ଏକ ନିଜସ୍ୱତାରେ !

ସମୁଦ୍ରକୂଳିଆ ସନ୍ଧ୍ୟା ଜମି ଆସୁଥିବାବେଳେ ଅତନୁ ଘଡି ଦେଖି ଚମକି ପଡିଲା, ଶୁଭ୍ରା ଆସିବା ସମୟ ଗଡ଼ିଯାଇଛି ! ଏତେ ବିଳମ୍ବ କେବେ ତ ହୁଏନି ! ଅଥଚ ଆଜି ? ତେବେ କଣ ଶୁଭ୍ରାର ଦେହ ଖରାପ ? ଗତକାଲି ସେ ଦିହେଁ ଠିକ ଏଇଜାଗାରେ ବସିଥିଲେ ମୁହଁକୁ ମୁହଁ ଯୋଡି, ଗପିଥିଲେ କେତେକଥା, ଢେଙ୍କିଶାଳଠୁ ଢେଙ୍କାନାଳ ଯାଏ । ଶୁଭ୍ରା କହିଥିଲା, ଅତନୁ ସମୁଦ୍ରକୁ ତମେ ଏତେ ଭଲ ପାଅ ଯେ ମୋତେ ବେଳେବେଳେ ଲାଗେ ସେ ମୋ ସଉତୁଣୀ ହେବନି ତ ? ହସିଥିଲେ ଦିହେଁ ।

ଅତନୁ ବୁଝେଇଥିଲା ପାଣିକୁ ନେଇ ମଣିଷଙ୍କ ସାଇକୋଲଜି । ସେମାନେ ମିଶିକି ଦେଖୁଥିଲେ ସମୁଦ୍ର ଭିତରେ ମଣିଷର ଜଙ୍ଗଲ !

ନା' ଶୁଭ୍ରାର ଦେହ ଖରାପ ହେଇ ନ ପାରେ । ତେବେ କଣ ସରପ୍ରାଇଜ ଦେବାପାଇଁ ଶୁଭ୍ରା ବିଳମ୍ବ କରୁଛି ଜାଣିଶୁଣି, କିନ୍ତୁ ଏମିତି ତ କେବେ ବିଳମ୍ବ ହୁଏନି । ରୁଟିନ ଅନୁଯାୟୀ ତା ସାକ୍ଷାତ ନ ପାଇଲେ ଖୁବ ବିମର୍ଷବୋଧହୁଏ ଅତନୁକୁ ।

ଆଧୁନିକ ପରିପାଟିରେ ସଜ୍ଜିତ ଯୁବକ ଯୁବତୀ ଦି'ଜଣ ଅତନୁର ସାମନାରେ ଚାଲିଗଲେ । ଅତନୁ ଚାହିଁଲା ଓ ଖୁବ ନିସଙ୍ଗ ଅନୁଭବ କଲା ନିଜ ଭିତରେ । ଶୁଭ୍ରାର ଅନୁପସ୍ଥିତିରେ ବିଚଳିତ ହୋଇପଡୁଥିଲା ସେ ।

ଇସ ! ଅତନୁ ଚମକି ପଡିଲା, ଘଣ୍ଟାଏ ଡେରି ! ଉଇଁ ଆସିଲାଣି ଚନ୍ଦ୍ର, ତାରା ଉଜ୍ଜ୍ୱଳ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତଳ କିରଣ ବିଛାଡି ହେଇ ପଡ଼ିଲାଣି ବେଳାଭୂଇଁରେ, ଝାଉଁ ବଣରେ । ତାକୁ ବସାକୁ ଫେରିବାକୁ ହେବ । ଅଗତ୍ୟା ସେ ଉଠିଲା ଭାରାକ୍ରାନ୍ତ ମନରେ । ସାଇକେଲ ଆଗକୁ ଆଗକୁ ଛୁଟି ଚାଲିଛି, ଅତନୁର ବସା ଅଭିମୁଖେ, ହେଲେ ଅତନୁର ମନରେ ଖୁବ ଦୁଃଖ । ପୁଞ୍ଜି ପୁଞ୍ଜି ସ୍ମୃତି, ଶୁଭ୍ରାର ପଶି ଆସୁଛି ମନକୁ ।

ଅତନୁ ଓ ଶୁଭ୍ରା । ଶୁଭ୍ରା ଓ ଅତନୁ । ଇଣ୍ଟରମିଡ଼ିଏଟରୁ ଆରମ୍ଭ ହୋଇଥିବା ଦୁଇଟି ବିମୁଗ୍ଧ ବିଭୋର ତରୁଣ, ତରୁଣୀଙ୍କ ପ୍ରେମ କାହାଣୀ ସତେଜ ହୋଇ ଉଠୁଛି ଅତନୁର ମନରେ । ଚିର ସବୁଜ, ରଙ୍ଗବୋଳା ସେ ସ୍ମୃତି । ଅତନୁର ମନେ ଅଛି, B.Sc ଆଡ଼ମିଶନ ବେଳର କଥା । ସେ ଫିଜିକ୍ସ ଅନର୍ସ ରଖିବାକୁ ଚାହୁଁଥିଲେ ବି ଶୁଭ୍ରାର ଅନୁରୋଧ ଏଡେଇ ନପାରି କେମିଷ୍ଟ୍ରି ନେଇଥିଲା । ଶୁଭ୍ରା ଥିଲା ଅତି ଦୁର୍ବଳ ଫିଜିକ୍ସରେ ।

କେମିଷ୍ଟ୍ରିରେ ଶୁଭ୍ରା ଓ ଅତନୁ B.Sc ଓ M.Sc ଶେଷକରି ପି.ଏଚ.ଡି.ରେ ନାଁ ଲେଖେଇଥିଲେ । ଶୁଭ୍ରା ଓ ଅତନୁର ମନ ଓ ହୃଦୟ ଏକ ହୋଇଯାଇଥିଲା । ଶୁଭ୍ରାର ଶଙ୍ଖ ଶୁଭ୍ର ଦେହ, ଭସାଭସା ଆଖି, ସବୁବେଳେ ଧାରେ ହସ ଲାଖିଥିବା ଓଠକୁ କି ସହଜରେ ଏଡେଇହୁଏ ? ଉଭୟେ ହସୁଥିଲେ, ବସୁଥିଲେ ଓ ଘୁରିବୁଲୁଥିଲେ ଆଖିରେ ଆକ୍ଷିଏ ସ୍ୱପ୍ନ ନେଇ । କଳ୍ପନାର ସୌଧ ତୋଳିଥିଲେ ଦିହେଁ ଦିହିଙ୍କ ପାଇଁ !

ଅତନୁର ବିବେକ ଓ ମନ ଭିତରେ ସଂଘର୍ଷ ବି ହେଉଥିଲା, କେବେ କେବେ । ବିବେକ ଚେତଉଥିଲା, ଅତନୁ ତୁ ଭୁଲ କରୁଚୁ । ନାରୀ ମାୟାବିନୀ, ତାକୁ ସମ୍ପୂର୍ଣ ବିଶ୍ୱାସ କରିବା ଠିକ ନୁହେଁ । ହୃଦୟ ଦେଇ ସମ୍ପୂର୍ଣ୍ଣ ସମର୍ପଣରେ ଭଲପାଇବା ଆଜିର ମେଟେରିଆଲିଷ୍ଟିକ ସମାଜରେ ଏକ ତୁଚ୍ଛା ଇମୋସନ୍ନଲିଟି ବ୍ୟତୀତ ଅନ୍ୟ କିଛି ନୁହଁ !! ଅତନୁର ମନେ ପଡୁଥିଲା ଗାଁ, ଘର, ଯାବତୀୟ ଅସୁବିଧାର ଚଳଣି । ପ୍ରାଇମେରୀ ସ୍କୁଲର ଟିଚର ବାପା, ସରଳ ବିଶ୍ୱାସୀ

 Magazine Downloaded from www.aahwaan.com

ପୁରୁଣା କାଳିଆ ବୋଉ, ଛୋଟ ଭାଇଭଉଣୀ ସମସ୍ତେ ତାକୁ ଅପେକ୍ଷା କରିଛନ୍ତି । ତା ଭବିଷ୍ୟତ ସେମାନଙ୍କ ପାଇଁ ନିରାପତ୍ତାର ପ୍ରତିଶ୍ରୁତି ।

ଏ ସହରର ସମ୍ଭ୍ରାନ୍ତ ଘରର ଝିଅମାନେ ହୃଦୟ ଦେଇ କାହାକୁ ଭଲ । ସେମାନେ ନିଜ ସ୍ୱାର୍ଥ ହାସଲ ପାଇଁ ତୋ ଭଳି ଇନୋସେଣ୍ଟ ମାନଙ୍କୁ ଭୁଲାଇ ନିଜ କାର୍ଯ୍ୟ ହାସଲ କରିନିଅନ୍ତି । ତେଣୁ ତୋପାଇଁ ମଙ୍ଗଳ ହେବ, ଶୁଭ୍ରାକୁ ଭୁଲିଯିବାରେ, ତାଠୁ ଦୁରେଇଯିବାରେ ! ମନ କିନ୍ତୁ ବିବେକ ସହ ଯୁକ୍ତି କରୁଥିଲା । ନା, ଶୁଭ୍ରା ଭଲ ଝିଅ, ତା ଛଡା ମୁଁ ତ ଗାଁ କି ଘରକୁ ଭୁଲିଯାଉନି, ଠିକ ଭାବେ ବି ପଢାପଢି କରୁଛି । ତେବେ ଶୁଭ୍ରାକୁ ଭଲପାଇବାରେ ଭୁଲ କୋଉଠି ? ନା ନା ଶୁଭ୍ରା ଭଳି ଝିଅ ବିରଳ, ସେ କେବେ ବି ପ୍ରତାରଣା କରିବନି । ଏତେ ଶାନ୍ତ, ସରଳ ଛନ୍ଦୋବଦ୍ଧ ଝିଅଟି କଣ ଧୋକା ଦେଇପାରେ ! ! ଅଗତ୍ୟା ବିବେକ ଚୁପ ରହୁଥିଲା ।

ସମୟ ସହ ତାଳଦେଇ ସରିଆସୁଥିଲା ପି.ଏଚ.ଡି କାମ । ଥେସିସ ସବ୍‌ମିଟ କରିବା ବାକି । ଦିନକର ସନ୍ଧ୍ୟା । ଲାବୋରେଟରୀ ରୁମ ଭିତରୁ କ୍ଲାନ୍ତ ମନ ନେଇ ଇଉନିଭରସିଟି ପାର୍କରେ ବସିଥିଲେ ଅତନୁ ଓ ଶୁଭ୍ରା । ଶୁଭ୍ରା ହିଁ ପ୍ରଥମେ ଆରମ୍ଭ କଲା ,

--ଅତନୁ !

--ଉଁ, କଣ କହିବ, ଶୁଭ୍ରା ?

--ତୁମେ ମୋତେ ଭଲପାଅ ଅତନୁ ?

ଅତନୁ ଚାହିଁଲା ଶୁଭ୍ରାର ମୁହଁକୁ ଓ ପୁଣି ଥରେ ଝାଉଁ ଗଛ ଫାଂକରୁ ଦେଖିଲା ଫେରି ଯାଉଥିବା ବର୍ଣ୍ଣିଳ ସୂର୍ଯ୍ୟଙ୍କୁ । ସ୍ୱାଭାବିକ ଭାବେ ଉତ୍ତର ଫେରେଇଲା, କଣ ବିଶ୍ୱାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉନି ?

--ନାଇଁ ଯେ ! ଶୁଭ୍ରା ଚୁପ ରହିଲା ।

---ଶୁଭ୍ରା !

---ଉଁ

--ବୋଧେ ତୁମେ କିଛି କହିବାକୁ ଚାହୁଁଚ !

--ହଁ, ଅତନୁ ,ମୁଁ ନିଜ ଭିତରେ ଦୁଃଖୀ ପାଲଟି ଯାଉଛି ।

---ମୁଁ ତ ଅଛି , ସାଥିରେ ।

--ଠିକ ଯେ, କିନ୍ତୁ....

----କିନ୍ତୁ ... ? ?

--ଆଉ ଦି' ତିନି ମାସରେ ତ ତୁମେ ପି.ଏଚ.ଡି ପାଇଯିବ, ପ୍ରଫେସର କହୁଥିଲେ । ମୋର ତ କାମ ଠିକରେ ପ୍ରୋଗ୍ରେସ କରୁନି । ତାପରେ ତୁମ ବିନା ମୁଁ କଣ ରିସର୍ଚ୍ଚରେ ଆଗକୁ ବଢି ପାରିବି ! ତା' ଛଡା କେମିତି ମୁଁ ବିତେଇବି ଯେ ସମୟ ଏକାଏକା ତୁମ ଅନୁପସ୍ଥିତିରେ !

--ଓଃ, ଏଇ କଥା ? ପି.ଏଚ.ଡି ପରେ ବି ମୁଁ ଏଇଠି ରହିବି, ଏଇ ସହରରେ ମୋର ସେଇ ପୁରୁଣା ବସାଘରେ । ମୁଁ ତୁମ ପାଖରେ ଠିଆହେବି ସବୁକାଳେ , ସବୁ ପରିସ୍ଥିତିରେ ।

-- ମୋ କଥା ତ ଦେଖୁଛ, ଏ ପର୍ଯ୍ୟନ୍ତ ରିସର୍ଚ୍ଚର ଯାହା ଅବସ୍ଥା...

--ସେଥିରେ କଣ ଅଛି ! ମୁଁ ତୁମକୁ ସାହାଯ୍ୟ କରିବିନି ?

--ସେ କଥା କଣ ମୁଁ ମନା କରୁଛି ? ମୁଁ କହୁଛି କି ପିଏଚଡ଼ି ତୁମ ପାଇଁ କିଛି ବଡ଼ କଥା ନୁହଁ, ତମେ ଚାହିଁଲେ, ଟିକେ ପ୍ରିପେର କଲେ ଆଇଏଏସ ବି ପାଇପାରିବ । ତେଣୁ ଗୋଟେ କଥା କହିବି, ମାଇଣ୍ଡ କରିବନି ତ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତନୁର ହାତ ଆଙ୍ଗୁଳିରେ ମୃଦୁ ଚାପ ଦେଲା ଶୁଭ୍ରା, ତା ଦେହ ଆଡକୁ ଆହୁରି ଲାଗି ଆସିଲା । ଅତନୁ ଟିକେ ଉତ୍ତେଜିତ ହୋଇ ପଡ଼ିଲା, ତା ଦେହରେ ଶିହରଣ !

—ଶୁଭ୍ରା !

—ଅତନୁ !

—ମୋତେ ଖୋଲି କୁହ ଶୁଭ୍ରା, ତମ ସବୁ କଥାରେ ମୁଁ ରାଜି । ଥରିଲା ଥରିଲା ସ୍ୱର ଅତନୁର । ଶୁଭ୍ରାର ଦେହରେ ଗୁଡ଼େଇ ହେଇଯାଉଛି ଅତନୁ । ଶୁଭ୍ରା ପାଟି ଖୋଲିଲା ସ୍ଥିର ସ୍ୱରରେ ।

—ଅତନୁ, ଆମେ ମିଶିକି ଏକା ସମୟରେ ଥିସିସ ସବ୍‌ମିଟ କରିବା, ସେ ପର୍ଯ୍ୟନ୍ତ ତୁମେ ମୋତେ ସହଯୋଗ କରିବ !

ଶୁଭ୍ରା କହିସାରିବା ପରେ ଅତନୁକୁ ଚାହିଁଲା । ଅତନୁ ଆଉ ନିଜ ଆୟତ୍ତରେ ନାହିଁ! ଆଖପାଖରେ କେହି ନାହିଁ, ଲାବୋରେଟରୀ ରୁମ ବନ୍ଦକରି ଅଟେଣ୍ଡାଣ୍ଟ ବୁଢା ବି ଚାଲିଗଲାଣି । ଝାଉଁଗଛ ଫାଙ୍କରୁ ଉଙ୍କିମାରୁଥିବା ଚନ୍ଦ୍ରକୁ ପିଠିକରି ଶୁଭ୍ରାର ମୁହଁ ନଇଁଆସିଲା ଅତନୁର ମୁହଁ ଆଡକୁ ! !

ଧୀରେ ଧୀରେ ଅତନୁ ପଛରେ ପଡି ଯାଉଥିଲା । ଶୁଭ୍ରାର ଦେହର ଗନ୍ଧ ଆଚ୍ଛାଦିତ କରି ରଖିଥିଲା ତାକୁ । ଆଗେଇ ଯାଉଥିଲା ଶୁଭ୍ରା ଅତନୁର ସହଯୋଗରେ ! ପ୍ରଥମେ ଶୁଭ୍ରାର ଥିସିସ ସବମିଟ ହେଲା । କି ଖୁସି ଶୁଭ୍ରାର !

କଂଗ୍ରାଚୁଲେସନ ଜଣେଇଥିଲା ଅତନୁ ।

ଅତନୁ ଏବେ ବି ରିସର୍ଚ୍ଚ କରୁଛି, କେମିଷ୍ଟ୍ରିରେ !

ଶୁବଭ୍ରା ତାକୁ ସାନ୍ନିଧ୍ୟ ଦଉଚି, ଖୋରାକ ଯୋଗାଉଛି !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଥଚ ଆଜି ଶୁଭ୍ରା ଆସିଲାନି । ଏଇଟା ଯେ ଘୋର ବ୍ୟତିକ୍ରମ, ସୂର୍ଯ୍ୟ ନ ଉଇଁବା ଭଳି !

ସତରେ ସମୟର ଡେଣା ଅଛି ! ବିତିଗଲା ଅନେକ ଦିନରାତି । ଅତନୁ ଖୋଜୁଥିଲା ଶୁଭ୍ରାର ସାନ୍ନିଧ୍ୟ । ଆସୁ ନଥିଲା ସେ, ଦିନ ପରେ ଦିନ କଟିଗଲା ଦି ମାସ ! ଅତନୁ ଫୋନ କଲା, ଚିଠି ଲେଖିଲା ଅଥଚ ଉତ୍ତର ନାଇଁ ! ଅତନୁ ଉଦାସ ପାଲଟି ଯାଉଥିଲା ଦିନକୁଦିନ । ଶୁଭ୍ରାର ସ୍ମୃତି ରୋମନ୍ଥନ କରୁକରୁ ରିସର୍ଚ୍ଚରେ ଆଗେଇ ପାରୁନଥିଲା ଅତନୁ ।

ଅତନୁ ଚିଠି ପାଇଲା । ଶୁଭ୍ରାର ଚିଠି ଦେଖି ଆଶ୍ଚର୍ଯ୍ୟ ଓ ଆନନ୍ଦର ଫେଣ୍ଟାଫେଣ୍ଟି ଭାବ ତା'ମନରେ । ହଠାତ ଯେମିତି ତା ହୃଦୟରେ ପ୍ଲାବନ: ଶୁଭ୍ରାର ଚିଠିରେ ! ଅତନୁ ଚିଠି ଖୋଲିଲା ପୁଲକିତ ହୃଦୟରେ । ଅତନୁ ଚିଠି ଖୋଲିଲା ଭାବୁ ଭାବୁ, ଏତେଦିନ ଧରି ତେବେ କଣ ହେଇଥିଲା, ଶୁଭ୍ରାର !

ଅତନୁ !

ଦି'ମାସ ହେଇଗଲା, ଜାଣେ ମୋତେ ତମେ ଖୋଜୁଥିବ ଅତୀତକୁ ଜାବୁଡ଼ିଧରି, ଚନ୍ଦ୍ରକିରଣରେ, ସମୁଦ୍ରରେ ଅବା କ୍ୟାମ୍ପସର ଝାଉଁବଣରେ ! ଜାଣ ଅତନୁ, ଘରେ ମୁଁ ଏବେ ବନ୍ଦୀ । ମୋ ଚାରିପାଖରେ ଘୁରିଯାଉଛି ମୋ ବାପା ବୋଉ ତଥା ଆତ୍ମୀୟସ୍ୱଜନଙ୍କ ସଂଦେହୀ ଆଖି ! ହଁ ସେମାନେ ମୋର ପ୍ରତିଟି କଥା, ମୋ ଲେଖାପଢ଼ାଠୁ ଆରମ୍ଭ କରି ସମ୍ଭବତଃ ମୋ ମନର ଭାବନା ପର୍ଯ୍ୟନ୍ତ ତନ୍ନତନ୍ନ କରି ପରୀକ୍ଷା କରୁଛନ୍ତି ! ତୁମ ପାଖକୁ ଫୋନ କରିବା କିମ୍ବା ଚିଠି ଲେଖିବା ସମ୍ଭବ ହେଉନି । ହଁ କଥା କଣ ଜାଣ ! ସେମାନେ ମୋ ବାହାଘର ଠିକ କରିଦେଇଛନ୍ତି ଜଣେ ଇଞ୍ଜିନିଅରଙ୍କ ସହ । ମୁଁ ପ୍ରତିବାଦ କଲି, ହେଲେ ସବୁ ନିଷ୍ଫଳ । ବୋଉର ଯୁକ୍ତି ଆଇ.ଏ.ଏସ ଖୋଜି ଖୋଜି ନୟାନ୍ତ ହେଲୁଣି, ଆଉ କେତେଦିନ ଝିଅକୁ ବୁଢ଼ୀ କରି ରଖିବୁ ! ସତରେ ମୁଁ କଣ ବୁଢ଼ୀ ହେଇଗଲିଣି ଅତନୁ !! ଛାଡ଼, ତମ କଥା ବୋଉକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲି । ତମେ ବେକାର ଅଛ ଶୁଣୁ ଶୁଣୁ ବୋଉ ତା' ଇଗୋତ୍ୱରେ ଅନ୍ଧ ହେଇ, କ୍ଲାସ ଫୋର, ଥ୍ରୀ, ଟୁ, ୱାନର ଗୋଟେ ଲମ୍ବା ଭାଷଣ ଶୁଣେଇଲା । ମୁଁ ଜିଦ ଧରିବାରୁ ଏବେ କଡ଼ା ନଜରବନ୍ଦୀରେ । ଅସହାୟ ପିଞ୍ଜରାବଦ୍ଧ ପକ୍ଷୀର କଣ ମୁକ୍ତିର ରାସ୍ତା ଅଛି, ସତରେ ?

ପାର ଯଦି କ୍ଷମା ଦେବ । ମୋତେ ଭୁଲିଯାଇ ନୁଆଁ ଘରସଂସାର ଗଢ଼ିବ । ମୋଠୁ ଅନେକ ସୁନ୍ଦରୀ ଝିଅ ଏ ଦୁନିଆଁରେ ଅଛନ୍ତି । ବୁଢ଼ୀ ମା କଡ଼ ଲେଉଟାଇଲାଣି । ନିଦ ଭାଙ୍ଗିଗଲା କି କଣ ! ରାତି ଚାରିଟା ବାଜିଛି ଏଇନେ । ଶେଷ ସମୟରେ ଦେଖା ହେଉ ନ ଥିବାରୁ ମୋ ଭିତରେ ଅଜସ୍ର ଦୁଃଖ । ମୋ ଜୀବନରେ ତୁମର ସାହାଯ୍ୟ ଓ ତ୍ୟାଗ ପାଇଁ ମୁଁ ଋଣୀ ।

ବିଦାୟ, ଅତନୁ !

ଇତି ।

---ଶୁଭ୍ର ।

ଚିଠି ଶେଷ ହେବାବେଳକୁ ମୁଣ୍ଡ ଝାଇଁଝାଇଁ ମାରିଲାଣି ଅତନୁର । ମନେ ହେଉଛି ଧସି ଯାଉଛି ପାଦତଳର ମାଟି ! ଅତନୁ ପାଗଳ ହେଇଯିବକି ଆଉ, କେମିତି ବଞ୍ଚିବ ସେ ଶୁଭ୍ରା ବିନା ! ଶୁଭ୍ରାବିନା ବଞ୍ଚିବା କଣ ସମ୍ଭବ ତା ପକ୍ଷରେ ? ଠିକ ଯେମିତି ସୂର୍ଯ୍ୟକୁ ମନା କରାହଉଛି, ତୁ ଉଇଁ ଆସେନା ପୂର୍ବରେ, ଫୁଲକୁ ମନା କରାହଉଛି ବାସ୍ନା ନ ବାଣ୍ଟିବାକୁ , ନଈକୁ ମନା କରାହଉଛି କଳକଳ ହେଇ ବହିଯିବାକୁ ! !

କେମିତି ବଞ୍ଚିବ ସେ ଶୁଭ୍ରାବିନା ! ସତରେ କଣ ଶୁଭ୍ରା ତାକୁ ଧୋକା ଦେଉଛି ? ବିଶ୍ୱାସଘାତକତା କରିଛି ତା'ସହ ? ? ସେ କଣ ଏତେଇ ପାରିନଥାନ୍ତା ତା' ଡାଡି,ମମିଙ୍କ ନିଷ୍ପତିକୁ ! ତେବେ ଆଜି ପର୍ଯ୍ୟନ୍ତ ଶୁଭ୍ରା କଣ ତା ସହିତ ଛଳନା କରୁଥିଲା ନିଜର ସ୍ୱାର୍ଥ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାସଲପାଇଁ ? କିନ୍ତୁ ଶୁଭ୍ରାପାଇଁ ସେ କଣ ତ୍ୟାଗ ନ କରିଛି, ସମୟ ଓ ସମ୍ମାନ ଏମିତିକି ପି.ଏଚ.ଡି ବି ତ୍ୟାଗ କରିଛି ! କିଏ କଣ ଏତେ ପ୍ରତିଦାନ ଦିଏ ପ୍ରେମରେ, ଆଜିକାଲି ! କିନ୍ତୁ କେମିତି ବଞ୍ଚିବ ଅତନୁ ଶୁଭ୍ରାବିନା ! ସତେ ଯେମିତି ଅପୂର୍ଣ ରହିଯିବ ଅତନୁର ସବୁକିଛି ଶୁଭ୍ରାକୁ ବାଦଦେଲେ !!

ବଜାରରୁ ଗୋଟେ ବିଷ କିଣି ଆଣିଲା ଅତନୁ ଅଧିକ ମୂଲ୍ୟଦେଇ ! ମରିବାପାଇଁ ବି ଲୋଡାପଡ଼େ କଳାବଜାରୀ !! ଅତନୁ ସେ ରାତିରେ ନିଜହାତରେ ରୋଷେଇ କଲା ପ୍ରିୟ ଖାଦ୍ୟ ବିରିୟାନି, ଚିକେନ୍, ପେଟେ ଖାଇଲା ଓ ପେଟେଇ ପଡିଲା ବେଡ଼ଉପରେ ।

ଠିପି ଖୋଲିଲା ବିଷଶିଶିର । ଏକ ଉତ୍କଟ ଗନ୍ଧ ଧକ୍କା ଖାଇଲା ତା' ନାକରେ । ସେ ତୀବ୍ରଗନ୍ଧ ସତେ ଯେପରି ଧକ୍କା ଖାଇଲା ଅତନୁର ବିବେକରେ ! ବିବେକ ଦ୍ୱାରଖୋଲି ଯେମିତି ଚେତେଇଦେଲା: ଅତନୁ, ତୁ କଣ କରିବାକୁ ଯାଉଛୁ ?ଗୋଟେ ଝିଅପାଇଁ ଆତ୍ମହତ୍ୟା କରିବାଟା ମାନେ ହୁଏନା ! ତୋ ଭଳି ଏକ ଜୁଏଲ ଏଭଳି ବୋକାମୀ କରିବା ଶୋଭା ପାଉନି ! ବରଂ ତୁ ବଞ୍ଚି ରହି ପି.ଏଚ.ଡି ସାରି, ଆଇ.ଏ.ଏସ ପାଇଁ ଚେଷ୍ଟାକର ।

ଅତନୁ ପ୍ରକୃତିସ୍ଥ ହେଲା ! ବିଷ ଶିଶିକୁ ଢାଳିଦେଲା ଡ୍ରେନରେ ବଞ୍ଚିବାର ଆଗ୍ରହ ଭିତରେ, ଶୁଭ୍ରାକୁ ନିଜ ପାରିବାରପାଣିଆ ଦେଖେଇବା ଆଶାରେ !!

ଅତନୁ ପି.ଏଚ.ଡି ପାଇଲା । ଆଇ.ଏ.ଏସ ବି ପାଇଲା । ତା ବୋଉ ଆଗରେ ଠିଆହେଲେ ଅନେକ ସୁନ୍ଦରୀ ଝିଅଙ୍କ ଡାଡି,ମମି ମାନେ । ତା ବାପାଙ୍କ ଆଗରେ ଗୋଡ଼ଭାଙ୍ଗି ଠିଆହେଲେ ସମ୍ଭ୍ରାନ୍ତ ବ୍ୟବସାୟୀମାନେ, ତା ବାପାଙ୍କ ସହ ଆଦରରେ ନାଲି ଚା' ପିଇଲେ ପଦସ୍ଥ ଅଧିକାରୀମାନେ କେବଳ ଅତନୁକୁ ପାଇବାପାଇଁ, ସେ ପ୍ରତିଯୋଗିତାରେ ଖର୍ଚ୍ଚ ହେଉ ପଛେ ଯେତେ ଟଙ୍କା, ଯେତେ ଦୀର୍ଘ ହେଉ ପଛେ ସେ ରାସ୍ତା !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତନୁ ସବୁ ବୁଝିଲା । ସେମାନେ ତାକୁ ଚାହୁଁନାହାନ୍ତି, ଚାହୁଁଛନ୍ତି ତା ଆଇ.ଏ.ଏସ ପଦବୀକୁ, ଯାହାବଳରେ ବ୍ୟବସାୟୀଙ୍କ ହାତ ଆହୁରି ପ୍ରସାରିତ ହେବ, ପଦସ୍ଥ ଅଫିସରଙ୍କ ବଢ଼ିବ ପ୍ରତିପତ୍ତି ଏବଂ ସୁନ୍ଦରୀ ଝିଅମାନଙ୍କ ଡାଡିମମି ମାନେ ଗର୍ବରେ ଛାତି ଫୁଲେଇ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରିବେ ! ଅତନୁ କାହାକୁ କିଛି କହିଲାନି, ବ୍ୟସ୍ତ ନ ହେବାପାଇଁ ବୁଝେଇଲା ବାପାବୋଉଙ୍କୁ ।

ଅତନୁ ଶୁଭ୍ରା ନିକଟକୁ ଚିଠି ଲେଖିବସିଲା ।

ଶୁଭ୍ରା,

ଦି'ବର୍ଷ ବିତିଗଲା । ଜାଣେ, ତୁମେ ମୋତେ ଭୁଲିଯାଇଥିବ ଅନେକଦିନରୁ । ଇଂଜିନିଅର ସ୍ୱାମୀର ନିରାପଦ ଛାତିରେ ତୁମେ ଭୁଲିଯାଇଥିବ ଆମ ଅତୀତର ସାକ୍ଷୀ ଝାଉଁବଣ, କୋଇଲି, ଚନ୍ଦ୍ର ଓ ସମୁଦ୍ରକୁ । ଏବେ ହୁଏତ ତୁମେ ଚନ୍ଦ୍ରକିରଣ ପାଇଁ ପାଗଳ ହୋଇ ଖୋଲୁ ନଥିବ ଘରର ଝରକା ପୁନେଇଁରାତିରେ ! ପବନ ବି ଏବେ ଆନମନା କରି ପାରୁନଥିବ ତମକୁ । ସତରେ ତୁମେ ଏବେ ଗୋଟେ ପରିପୂର୍ଣ୍ଣ ଜୀବନ ଭିତରେ ଅତୀତକୁ ସାଉଁଟି କି ଲାଭ ପାଇବ ଯେ !

କିନ୍ତୁ ଜାଣ ଶୁଭ୍ରା, ମୁଁ ତମକୁ ଭୁଲିପାରିଲିନି ! ଭୁଲିପାରିଲିନି ବୋଲି ତ ତୁମ କଥାରଖି ପି.ଏଚ.ଡି ସାରିଲି, ଆଇ.ଏ.ଏସର ଗୋଟେ ପଦମର୍ଯ୍ୟାଦା ଭିତରେ ବାନ୍ଧି ହେଇଯିବାକୁ ପସନ୍ଦ କଲି !

ତେବେ, ଯଦିଓ ପ୍ରଚୁର ସୁବିଧା ହାତପାହାନ୍ତାରେ ତଥାପି ମୁଁ ତମ ଶେଷଇଚ୍ଛାକୁ ସମ୍ମାନଦେବାକୁ ଅସମର୍ଥ । ବାସ୍ତବରେ ଅନେକ ସୁନ୍ଦରୀ ରାଜକୁମାରୀ ଗଜରାହାର ଧରି ଏବେ ଘୁରି ବୁଲୁଛନ୍ତି ମୋ ପାଇଁ, କିନ୍ତୁ ମୁଁ କଣ କରୁଛି ଜାଣ ? ମୁଁ ଏବେ ବି ତମକୁ ଖୋଜୁଚି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ରାଜକୁମାରୀମାନଙ୍କ ଭିତରେ, ଯଦିଓ ଭଲଭାବେ ଜାଣିଚି ସେଇ ନିଷ୍ଠୁର ସତ୍ୟକୁ ଯେ ତୁମକୁ ଆଉ ପାଇବାର ନାହିଁ । ।

ହଁ, ଏବେ ମୋ ଘରର ସମ୍ମାନ ଖୁବ ବଢିଯାଇଛି ଆମ ଅଂଚଳରେ ! ପଦସ୍ଥ ଅଫିସର, ସମ୍ଭ୍ରାନ୍ତ ବ୍ୟବସାୟୀ ତଥା ପ୍ରତିଷ୍ଠିତ ରାଜନେତାଙ୍କ ଗହଳିଚହଳିରେ ମୋ ଘର ଉଠୁଛି ପଡୁଛି । ସେମାନଙ୍କ ବଶମ୍ବଦଭାବ ଦେଖି ମୁଁ ବାସ୍ତବରେ ଆଶ୍ଚର୍ଯ୍ୟଚକିତ । ମୋ ପାଇଁ ଏବେ ଅନେକ ଖୋରାକ ହସିବାର, ନିଜ ଇଚ୍ଛାମୁତାବକ ରାଜକୁମାରୀଟେ ବାଛିନେବାର ପଥସୁଗମ ।

ତଥାପି ମୁଁ ନିରାସକ୍ତ, ବିଷର୍ଣ୍ଣ, କ୍ଲାନ୍ତ ହେଇପଡୁଛି କାହିଁକି ଯେ ? ବୋଉ ଜିଦ ଧରୁଛି ଏ ବର୍ଷ ମୋ' ବାହାଘର ସାରିଦେବ ! କିନ୍ତୁ ଜାଣ, ବୋଉର ଆଶା, ଆଶାରେ ହିଁ ରହିଯିବ । ମୁଁ ବାହା ହେବିନି ! ଚମକି ପଡୁଛ କି ? କାହିଁକିର ଗୋଟେ ଉତ୍ତର ବି ଅଛି ।

ଏ ସ୍ୱାର୍ଥପର ଦୁନିଆଁରେ ମୋ ସ୍ଥାନ କେଉଁଠି ମୁଁ ଭଲଭାବେ ଜାଣିପାରୁଛି । ବୁଝିସାରିଛି ବି ସମାଜର ରୀତିନୀତି, ଚାଲିଚଳଣ ଓ ମିଛ ଲୋକାଚାରକୁ ! ସେଇଥିପାଇଁ ତ ମୁଁ ଚିର କୁମାର ରହି ଦେଶସେବା କରିବାକୁ ମନସ୍ଥ କରିଛି ! !

ପିଞ୍ଜରାବଦ୍ଧ ପକ୍ଷୀର କଣ ମୁକ୍ତିଥାଏ ସତରେ ? ତୁମେ ଠିକ ଲେଖିଥିଲ, ପିଞ୍ଜରାବଦ୍ଧ ପକ୍ଷୀର କେବେ ବି ମୁକ୍ତି ନ ଥାଏ । ଆକାଶ ଆଉ ନିର୍ଭୟ, ନିର୍ମେଘ ନୁହେଁ ଯେ ପକ୍ଷୀଟିଏ ଖୋଲିପାରିବ ତାର ମୁକ୍ତଡେଣା !

ସେଇଥିପାଇଁ ତ ପକ୍ଷୀକୁ ଏବେ ପିଞ୍ଜରାମୁକ୍ତ କରିଦେଲେ ବି ସେ ଉଡିଯାଏନାହିଁ ! ଏ ଆକାଶ ପ୍ରତି ତା' ମନରେ ପ୍ରଚୁର ଭୟ ! !

ପାରଯଦି ଭୁଲିଯାଅ: ଏ କଥା ଲେଖିବାର ଆବଶ୍ୟକତା ମୋ ପାଇଁ ଏବେ ଅର୍ଥଶୂନ୍ୟ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତଏବ ନିବୃତ୍ତ ରହୁଛି ସେଥିରୁ । ଇତି ।

--ଅତନୁ ।

ଅତନୁ ମୁଦା ଲଫାଫା ଉପରେ ଠିକଣା ଲେଖିଲା ଶୁଭ୍ରାର । ଗୋଟେ ତପ୍ତ ନିଃଶ୍ୱାସ ତା ହୃଦୟରୁ ବାହାରି ମିଳେଇଗଲା ଶୂନ୍ୟରେ !!

ସମ୍ପର୍କ: ସହକାରୀ ଯନ୍ତ୍ରୀ(ରେଳପଥ)

ରେଳସଦନ, ନର୍ଥବ୍ଲକ, ପ୍ରଥମତଳ

ପୂର୍ବତଟ ରେଳବାଇ, ଭୁବନେଶ୍ୱର

ଭ୍ରାମ୍ୟଭାଷ:୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରଣାଗତ



ସଂଜୀବ ଦାସ

ଆଜି ଗୁରୁବାର । ମା କ୍ଷୀରାବ୍ଧିତନୟାଙ୍କ ଦିନ । ଜ୍ୟେଷ୍ଠ ସଂକ୍ରାନ୍ତି । କେଡ଼େ ଶୁଭଦିନଟିଏ ! କିନ୍ତୁ କରୋନା ଧର୍ମପ୍ରାଣ ସାଧାରଣ ଜନତାଙ୍କ ବାଟ ଓଗାଳି ବସିଛି । ମନ୍ଦିର ପରିସରକୁ ସବୁ ରାସ୍ତା ଏକରକମ ବନ୍ଦ୍ । କେତେ ନିଷ୍ଠୁର ସତେ ଏ ଅମାନିଆ କରୋନା ! ବିଶେଷ କରି ତୁମ ଆମ ବୟସର ଅନେକଙ୍କୁ ଭଗବତ୍ କୃପାରୁ ବଞ୍ଚିତ କରି ଏକଘରିଆ କରିଦେଇଛି କହିଲେ ଭୁଲ୍ ହେବ ନାହିଁ । ଆମେ ତ ଗୃହବନ୍ଦୀ ! ତାରି ଭିତରେ ଘରେ ରହି ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବା ଛଡା ଅନ୍ୟ ଗତି ନଥିଲା । ଏ' ବି ଗୋଟେ କିସମର ଜୀବନଚର୍ଯା, ଆଜି ଭଳି ଦିନରେ । ହଉ, ଠାକୁର ଘରେ ମୁଣ୍ଡିଆଟିଏ ମାରି ଆରାଧ୍ୟ ଦେବତାଙ୍କୁ ପଚାରିଲି, 'ଏ ବିପତ୍ତିରୁ ତ୍ରାହି କେବେ, ପ୍ରଭୋ ? ସର୍ବଗ୍ରାସୀ ଭୂତାଣୁର ତାଣ୍ଡବର ସମାପ୍ତି କେବେ ? ଜୀବନ ରକ୍ଷା ହେବ କେମିତି ?' ଏବଂ ଆହୁରି ଅନେକ ପ୍ରଶ୍ନ .. ଏଇ କେତେ ଦିନ ହେବ ଆଖିକୁ ଆଖି ମିଶାଇ ଚକାଆଖିଆକୁ ଅନେକ ପ୍ରଶ୍ନବାଣରେ ବ୍ୟତିବ୍ୟସ୍ତ କରିସାରିଲିଣି, ହେଲେ ନା ଅଛି ଉତ୍ତର ନା ଖସିପଡୁଛି ଫୁଲଟିଏ ତା ଲଲାଟ ଉପରୁ । ବିଫଳ ମନୋରଥ, ଓହ୍ଲାଇଲି ତଳ ଘରକୁ, ସକାଳର ପୂଜାବିଧି ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ।

ଠାକୁରଙ୍କ ପ୍ରସାଦ ହିସାବରେ ତୁଳସୀ ଦୁଇ ପାଖୁଡା ପାଇ ସାରିଥିଲି । ଏବେ ଜଳଖିଆ ପାଳି । ଟିଭି ସାମନାରେ ବସିପଡ଼ିଲି । କରୋନା ସଚେତନତା ପାଇଁ କେତେ କ'ଣ ବାର୍ତ୍ତା, ଖବରକାଗଜ ଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ, ସବୁଠି । ଖବରଟିଏ ଆସିଲା ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାନୀୟ ଚ୍ୟାନେଲରୁ । ଭୂତାଣୁ ଠାରୁ ବଞ୍ଚିବାକୁ ହେଲେ କେତେକ 'ହଁ' ଆଉ 'ନା' ସହିତ ଅଳ୍ପାହାର ବି ଜରୁରୀ । ମନକୁ ବୁଝାଇ ଯେତେ ସମ୍ଭବ କମ୍ ରେ ସକାଳର ଖାଇବା ସାରିଲି । ଆପଣାର ନିତିଦିନିଆ ଔଷଧ ପେଟିରୁ ଗୋଲିଟିଏ ନେଇ ପାଣି ଢ଼ୋକି ସାରିବା ପରେ ଟିଭି ପରଦା ଉପରେ ଘମାଘୋଟ ଡିବେଟ୍ ଉପରେ ନଜର ପଡିଲା । ମୁଦ୍ଦା କହିଲେ ସବୁସେଇ କରୋନାକୁ ନେଇ । ହୁହୁ ହେଇ ବଢୁଥିବା କୋଭିଡ-୧୯କୁ ରୋକିବାକୁ ସବୁ ପ୍ରକାର କୌଶଳ, ଯୋଦ୍ଧାମାନଙ୍କର ଅବିରତ ଲଢେଇ, ମହାମାରୀ ଉପରେ କାବୁପାଇବା ପାଇଁ ସମସ୍ତ ଉଦ୍ୟମ, ବିଶେଷକରି ପ୍ରତିଷେଧକ ଔଷଧ ତିଆରିପାଇଁ ବିଶ୍ୱବ୍ୟାପୀ ତତ୍ପରତା । ତା'ଛଡ଼ା ଜୀବନ ସହିତ ଜୀବିକାକୁ ଠିକଣା ଦେବାପାଇଁ ଭାରତ ସରକାରଙ୍କର ଘୋଷିତ କୋଡ଼ିଏ ଲକ୍ଷରୁ ଉର୍ଦ୍ଧ କୋଟି ଟଙ୍କାର ପ୍ୟାକେଜ ଉପରେ ଆଲୋଚନା ଓ ପ୍ରତି ଆଲୋଚନା ଭିତରେ ପ୍ୟାନେଲିଷ୍ଟମାନେ ଯୁଦ୍ଧ ପଡ଼ିଆର ଭ୍ରମ ସୃଷ୍ଟି କରୁଥିଲେ । ଭାବିଲି, ଚ୍ୟାନେଲ ବଦଳାଇଲେ ଭଲ ହେବ । ବଦଳକରିଥିବା ଚ୍ୟାନେଲର କାର୍ଯ୍ୟକ୍ରମଟି ଥିଲା ଟିକିଏ ଅଲଗା । ବିଗତ ଚାରିମାସ ମଧ୍ୟରେ ଚୀନର ବୁହାନ ଠୁଁ ଆରମ୍ଭ କରି ବିଶ୍ୱର କୋଣ ଅନୁକୋଣକୁ ଗ୍ରାସ କରୁଥିବା ଏହି ଅନନ୍ୟ ଭୂତାଣୁ ନୋଭେଲ କରୋନା ଭାଇରସ ଡ଼ିସେମ୍ବର-୧୯ (ଏନକୋଭିଡ- ୧୯) ଚୀନର ପରୀକ୍ଷାଗାରରୁ ଆସିଛି, ଆମେରିକା ସମେତ ଅନେକ ଦେଶ ସେ ଦେଶକୁ ଦାୟୀ କରୁଛନ୍ତି ସାଂଘାତିକ ସଂକ୍ରମଣ ପାଇଁ । ଚୀନ- ଆମେରିକା ତିକ୍ତତା ଚରମ ସୀମାରେ । ଦୋଷାରୋପ ଦାୟେରାରୁ କେହି ମୁକୁଳି ପାରୁନାହାନ୍ତି । ଡିବେଟ୍ ଏଠି ଗୋଟେ ପ୍ରକାର ଚିତ୍ତାକର୍ଷକ ମୋଡରେ ପହଞ୍ଚି ସାରିଥିଲା । ଏହାରି ଭିତରେ ଲକ୍ଷ୍ୟ କଲି ଜଣେ ପ୍ୟାନେଲିଷ୍ଟ କହୁଛନ୍ତି, ‘ସତରେ ଯଦି ଭୂତାଣୁ ପରୀକ୍ଷାଗାର ନିଃସୃତ, ତେବେ ଭୟାନକ ଓ ଭୟଂକର ଏ ସମଗ୍ର ମାନବ ସମାଜ ପାଇଁ । ଅଧିକ ଗବେଷଣା କାହା ହିତରେ ? ସତରେ,

 Magazine Downloaded from www.aahwaan.com

ଏହା ବିକାଶ ନା ବିନାଶ ପାଇଁ ?'

ଭାବୁଥିଲି, ମୋ ମତାମତ ଦେଇପାରନ୍ତି କି, ପ୍ରୋଗ୍ରାମର ଏଂକର ମହାଶୟଙ୍କୁ ! ସେତିକି ବେଳେ ମନେପଡିଲା ମୋ ଗୁରୁ ବିଜୟ ଅଗ୍ରୱାଲଙ୍କ କଥା । ସ୍ୱନାମଧନ୍ୟ ଭଦ୍ରକ ମହାବିଦ୍ୟାଳୟର କୃତି ଅଧ୍ୟାପକ ସତୁରୀ ଦଶକର ମଧ୍ୟ ଭାଗରେ । ବକ୍ତୃତା ପ୍ରତିଯୋଗିତା ପାଇଁ ତାଙ୍କ ନିର୍ବାଚିତ ବିଷୟବସ୍ତୁ : Science is too much with us, let's go back to nature...

ସେତେବେଳେ ବିଦ୍ୟାଳୟ ପରିସରରୁ ମହାବିଦ୍ୟାଳୟ ଭୂଇଁରେ ପାଦ ଥାପିଥିବା ଏ ଉଦ୍ଦାମ ବାଳକଟି ଡିବେଟ୍ ସମୟରେ ଉତ୍ଥାପନ କରିଥିବା ଅନେକ କିଛି ସତବୋଲି ପ୍ରତୀୟମାନ ହେଉଛି ଆଜି । ବୋଧହୁଏ ମାତ୍ରାଧିକ ବିଜ୍ଞାନ ଅତି ବେଶୀ ନେଶି ହୋଇ ଯାଇଛି ମାନବ ସମାଜ ସହିତ । ପ୍ରକୃତିକୁ ଅକ୍ତିଆର କରିବା ନିଶାରେ ଅନ୍ୱେଷୀ ମାନବର ପରୀକ୍ଷା ନିରୀକ୍ଷା ପାଇଁ ଆପତ୍ତି ନାହିଁ, ମାତ୍ର ସାରା ଜଗତକୁ ଖିନ୍ ଭିନ୍ କରିବାର ଅଧିକାର ତାକୁ ଦେଇଛି କିଏ ? ଏ ପ୍ରଶ୍ନବାଚୀର ଉତ୍ତର ଖୋଜୁଥିବା ବେଳେ ମୋ ନିଗମର(ସିଏମସି)ର ସଚେତନତା ଗାଡ଼ି ଡ଼ାକବାଜି ଯନ୍ତ୍ରରେ ରଡି ପକେଇ ଚାଲିଥଲା, 'କରୋନା ଭୂତାଣୁ ଠାରୁ ସୁରକ୍ଷିତ ରହିବା ପାଇଁ ଏକ, ଜନଗହଳି ଠାରୁ ଦୂରେଇ ରୁହନ୍ତୁ, ଦୁଇ ଥଣ୍ଡା, କାଶ ଓ ଜ୍ୱର ହେଲେ ଘରେ ଅଲଗା ରୁହନ୍ତୁ, ତିନି, ହାତକୁ ସାବୁନରେ ବାର ବାର ଧୁଅନ୍ତୁ, ଚାରି, ଆଖି, ନାକ ଓ ପାଟିରେ ହାତ ଲଗାନ୍ତୁ ନାହିଁ, ପାଞ୍ଚ, କାଶିବା ଓ ଛିଙ୍କିବା ସମୟରେ ମୁହଁକୁ କହୁଣୀ ବା ରୁମାଲରେ ଘୋଡାଇ ରଖନ୍ତୁ ଏବଂ ଛଅ, ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪ ସହିତ ଯୋଗାଯୋଗ କରନ୍ତୁ । ବାହାରେ କଅଣ ହେଉଛି ଦେଖିବାକୁ ଚାଲିଗଲା ବେଳେ ହାତଟି ମୋର ନାକ ପାଖକୁ ଚାଲି ଯାଉଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଖରେଥିବା ଝିଅାରୀ କହିଲା, 'ପିଉସା,ଏଇ ମାତ୍ର ମାଇକରେ ବାଜୁଥିବା କଥାଟା ଭୁଲିଗଲା କି ?'

ମୁଁ ଟିକେ ନିଜକୁ ସଜାଡି ନେଲି । ସତରେ, ମହାମାରୀଟାର ପ୍ରକୋପ କେତେ ? ଏସବୁ ଅବଶ୍ୟ ପାଳନୀୟ, ତେବେ ଆଗାମୀ ଦିନରେ କରୋନା ବିରୋଧରେ ଘମାଘୋଟ ଲଢେଇରେ ସାମିଲ ହେବାପାଇଁ ଏହାସହ ରହିବାକୁ ହେବ । ହଁ, ସମୟ ଆସିଛି ଏବେ ପ୍ରକୃତିକୁ ସମ୍ମାନ ଦେବାପାଇଁ, ଯାହା ତା'ର ପ୍ରାପ୍ୟ, ଅଭିଳାଷିତ....

ହେ ପ୍ରକୃତି ! ତମେ ଚିର ନମସ୍ୟ....

ସିଡ଼ିଏ, କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣ



ପି. ପୁରବୀ ମହାନ୍ତି

ଶ୍ରାବଣର ବାରିଧାରା ଅବିରାମ ଗତିରେ ଚାଲିଛି । ରାଜରାସ୍ତା ନିର୍ଜନ ଏବଂ ଧୁଆଁମାଳ ସଦୃଶ ପ୍ରତୀୟମାନ ହେଉଛି । ଇନ୍ଦ୍ରାଣୀ ଏବଂ ଭାସ୍କରଙ୍କ ଜୀବନରେ ଏହାଥିଲା ତାଙ୍କ ପ୍ରଥମ ସାକ୍ଷାତକାର । ସେହି ଶ୍ରାବଣର ବାରିଧାର ଯେପରି ଦୁଇ ଶୁଷ୍କ ତରୁଣ ପ୍ରାଣରେ ଭରିଦେଇଥିଲା ଅପୂର୍ବ ଆହ୍ଲାଦ । ଏହା ଭିତରେ ଚାରିବର୍ଷ ଅତିକ୍ରାନ୍ତ ହୋଇଯାଇଛି । “ଭାସ୍କର ତୁମେ ମୋତେ ନ ଭଲ ପାଇବାର ଛଳନା କରୁଛ ଏକଥା ମୁଁ ଜାଣିଛି, କିନ୍ତୁ ତୁମ ହୃଦୟର ସ୍ପନ୍ଦନ ଓ ଚାହାଣି ମୋତେ ତମକୁ ଘୃଣା କରିବାକୁ କିମ୍ବା ତୁମଠୁ ଦୂରେଇ ରହିବାକୁ ମୋତେ ସମର୍ଥ କରୁନାହିଁ, ଅତୀତର ଘଟଣାବଳୀ ମୋତେ ବାରମ୍ବାର କହୁଛି କି ତମେ ମୋର କେବଳ ମୋର, କାରଣ ସେ ଅମାବାସ୍ୟାର ନିର୍ଜନ ରାତ୍ରୀରେ ସତେ ଯେପରି ତୁମ ସ୍ପର୍ଶରେ ଏକ ଚନ୍ଦ୍ର ତା ପରିଚୟ ପାଇ ଯାଇଥିଲା ତା ଚନ୍ଦ୍ରମାର ଆଭାସ ତାକୁ ମନେ ପଡ଼ିଯାଇଥିଲା, ତୁମ ସ୍ପର୍ଶରେ ସତେ କି ଏକ ଅନ୍ଧାର ରେ ଜୀବନ ଜୀଉଁଥିବା ଶଶୀର ଆଲୋକ ସହ ସାକ୍ଷାତ ହେଇଥିଲା ସେ ରାତିରେ ।” ଏ ଚିଠିଟିରେ ଇନ୍ଦ୍ରାଣୀ ମନର ଅକୁହା ବେଦନାକୁ ସ୍ପଷ୍ଟ କରିଦିଏ ଯାହାକି ଆଜି ମଧ୍ୟ ପତ୍ରଝଡ଼ା ନଦେଇ ଜୀବନ୍ତ ହୋଇଉଠିଛି । କଣ ହେଇଥିଲା ସେ ଅମାବାସ୍ୟାର ରାତ୍ରୀରେ ଏବଂ ଏ ଇନ୍ଦ୍ରାଣୀ ଓ ଭାସ୍କର କିଏ ? ଏକଥା ଜାଣିବା ପାଇଁ ଆମକୁ ଆଠବର୍ଷ ତଳକୁ ଯିବାକୁ ପଡିବ ।

ନଭେମ୍ବର ମାସ ଛଅ ତାରିଖ, ମଧୁସୂଦନ ପାର୍କର ରାଜରାସ୍ତା ଶୁନଶାନ୍ । ମଝିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଝିରେ ଆକାଶ କମ୍ପି ଉଠେ ବାଣ ଓ ଫୋଟକାର ଗର୍ଜନରେ । ଏଭଳି ଏକ ନିର୍ଜନ ରାଜରାସ୍ତାରେ ଚାଲି ଚାଲି ଆସୁଥାଏ ଗଳ୍ପର ନାୟକ ଭାସ୍କର । ଅବିବାହିତ, ବୃତ୍ତିରେ ସେ ଏକ କମ୍ପାନୀର ମଧ୍ୟ ପଦସ୍ଥ କର୍ମଚାରୀ । ଦରମା ଠିକ୍ ଠାକ୍ କହିଲେ ଚଳିବନି ବହୁତ୍ ଯଥେଷ୍ଟ ଅଧିକ ତା ନିଜ ପାଇଁ । ଜୁଆ ଖେଳେ, ନାରୀ ଉପଭୋଗ କରେ, ପଇସା ଉଡ଼ାଇ । ତା ଜୀବନରେ ସେ ବହୁ ନାରୀଙ୍କୁ ଉପୋଭୋଗ କରିଛି ବହୁ ନାରୀଙ୍କ ସଂସ୍ପର୍ଶରେ ଆସିଛି । କିନ୍ତୁ କେବେ କୌଣସି ନାରୀ ସାମ୍ନାରେ ନିଜେ ପରାଜିତ ହୋଇନାହିଁ କିମ୍ବା ହାରିଯାଇନାହିଁ । କେବେ କୌଣସି ନାରୀ ପ୍ରତି ତା ମନରେ ସମ୍ମାନ ଭାବ ଆସିନାହିଁ, ମାତ୍ର ଏକ ଅମାବାସ୍ୟାର ରାତ୍ରୀରେ ସତେ ଯେପରି ସେ ଦୁଇ ଆଖି ଏବଂ ଆଖି କୋରଡ଼ରେ ଲୁଚି ରହିଥିବା ସେ ଅଶ୍ରୁ ବିନ୍ଦୁ ଭାସ୍କରକୁ କଣ୍ ସବୁ କହିଗଲା, ସେ ଆଖି ଦୁଇଟି ଥିଲା ଇନ୍ଦ୍ରାଣୀର । ଇନ୍ଦ୍ରାଣୀ ଗଳ୍ପର ନାୟିକା, ସମାଜ ଦୃଷ୍ଟିରେ କଳଙ୍କିତ ନାୟିକା । ସେ ଅବିବାହିତା, ବୃତ୍ତିରେ ଦେହ ଯିବି । ସଜ ଗୋଲାପ ସଦୃଶ ତା ଯୌବନ ସତେ କି ଟାଣି ଆଡେ ବାଟର ଅନେକ ଭ୍ରମର ମାନଙ୍କୁ ତା ପାଖକୁ । ଏବଂ ଏଭଳି ଏକ ପଥିକ ଭ୍ରମର ସାଜି ଇନ୍ଦ୍ରାଣୀ ପାଖକୁ ଆସିଥିଲା ଭାସ୍କର । ସେଦିନ ମଧ୍ୟ ଚିରାଚରିତ ଦିନମାନଙ୍କ ପରି ଇନ୍ଦ୍ରାଣୀ ନିଜକୁ ବଧୁବେଶରେ ସଜେଇହୋଇ ଅପେକ୍ଷା କରିଥିଲା ତା ଶଯ୍ୟାସାଥୀ ପାଇଁ । ଏହା ଥିଲା ଭାସ୍କର ଆଉ ଇନ୍ଦ୍ରାଣୀର ପ୍ରଥମ ସାକ୍ଷାତକାର । ଭାସ୍କର, ଇନ୍ଦ୍ରାଣୀକୁ ଉପଭୋଗ କରିବା ପାଇଁ ତା ପାଖକୁ ଆସିଲା ମାତ୍ର ସେ ଇନ୍ଦ୍ରାଣୀକୁ ଛୁଇଁ ମଧ୍ୟ ପାରିଲା ନାଇଁ । ସତେ କି ନିରୀହ ଆଖି ଦୁଇଟି ତାକୁ କିଛି କହୁଛି ଆର୍ତ୍ତଚିତ୍କାର କରି । ଭାସ୍କରର ପାଦ ସେଠି ସବୁଦିନ ପାଇଁ ରହିଯାଇଥିଲା ନା ସେ ଇନ୍ଦ୍ରାଣୀକୁ ଛୁଇଁଲା ନା ଇନ୍ଦ୍ରାଣୀ ପରେ ଆଉକେହି ନାରୀ ତା ସଂସ୍ପର୍ଶରେ ଆସିଲେ । ଇନ୍ଦ୍ରାଣୀ ସବୁ ନାରୀଙ୍କ ସଦୃଶ ଚାହୁଁଥିଲା ଏକ ମୁକ୍ତ ଜୀବନ, ସେ ମଧ୍ୟ ଚାହୁଁଥିଲା ଏକ ମୁକ୍ତ ବିହଙ୍ଗମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦୃଶ ଖୋଲା ଆକାଶରେ ବିନା ଦ୍ୱିଧାରେ, ଉରରେ ଉଡ଼ି ବୁଲିବାକୁ, ହେଲେ ସେ କଣ ବା କରିପାରିଥାନ୍ତା । ସମୟ ଏବଂ ପରିସ୍ଥିତି ହାତର ସେ ଥିଲା ମାତ୍ର ଗୋଟେ କାଠ କଣ୍ଢେଇ । ବାପାମାଙ୍କ ମୃତ୍ୟୁ ପରେ ସେ ଥିଲା ଏକାକୀ, ନିଃସଙ୍ଗ, ଏକୁଟିଆ ପଥିକ । ନା ଆଗକୁ କେହି ବାଟ କଢ଼େଇ ନିଅନ୍ତି ନା ପଛରୁ କେହି ସାହାଯ୍ୟର ଆଶ୍ୱାସନା ଦିଅନ୍ତି । ମୁଣ୍ଡରୁ ଆଶ୍ରୟ ଉଡିଗଲେ କଣ ବା ସେ କରିଥାନ୍ତା । ଭାସ୍କର ପ୍ରଥମ କରି ଏକ ନିରାଟ ବାସ୍ତବତା ସହ ପରିଚିତ ହେଲା ଏକ ଦେହଜୀବୀର । ଆଗରୁ ଏଭଳି ପରିସ୍ଥିତି ନା ଇନ୍ଦ୍ରାଣୀ ସହ ହୋଇଥିଲା ନା ଭାସ୍କର ସହ । ବୋଧେ ଦୁହିଁଙ୍କ ପରିସ୍ଥିତି ଦୁହିଁଙ୍କ ସମ୍ବନ୍ଧରେ ଜାଣିବାର ସୁଯୋଗ ଦେଲା । ସେତେବେଳେ ଭାସ୍କର ସମ୍ମୁଖରେ କେବଳ ଗୋଟିଏ ଲକ୍ଷ୍ୟ ଯେମିତି ହେଲେ ଇନ୍ଦ୍ରାଣୀକୁ ଏ ଅନ୍ଧ କୂପରୁ ଖୋଲା ଆକାଶ ତଳକୁ ନେଇଯିବ ଏବଂ ଏହା ମଧ୍ୟ ସେ କଲା । ଇନ୍ଦ୍ରାଣୀକୁ ସମାଜରେ ବଞ୍ଚିବା ପାଇଁ ଯୋଗ୍ୟ କରାଇଲା ।

ଏହା ଭିତରେ କିଛି ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ଇନ୍ଦ୍ରାଣୀ ଏକ ଅନାଥ ଆଶ୍ରମରେ ପରିଚାରିକ ଅଛି । ମାତ୍ର ଏତେ ବର୍ଷ ଭିତରେ ଭୁଲିପାରିନି ସେ କାଳରାତ୍ରୀକୁ, ଯେଉଁ ରାତ୍ରୀରେ ଇନ୍ଦ୍ରାଣୀ ସହ ଭାସ୍କରର ଶେଷ ସାକ୍ଷାତକାର ଥିଲା । ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ ମଧ୍ୟ କେହି କାହାରିକୁ କିଛି କହିପାରିଲେ ନାହିଁ । ଭାସ୍କର ଭାବିଥିଲା ଯେ ସେ ଯଦି ଇନ୍ଦ୍ରାଣୀକୁ ଭଲପାଇବା କଥା କହିଦିଏ ତେବେ ଏହା ତା ସାହାଯ୍ୟର ପାଉଣା ବୋଲି ଇନ୍ଦ୍ରାଣୀ ନ ବୁଝୁ । ଏବଂ ଏହା ସ୍ୱାର୍ଥ କୈନ୍ଦ୍ରିକର ଆରୋପ ବୋଲି କୁହାନଯାଉ, ଏପଟେ ଇନ୍ଦ୍ରାଣୀ ଅପେକ୍ଷା କରି ରହିଥିଲା ଭାସ୍କରର ନିଷ୍ପତିକୁ, ଭାସ୍କରର ଭଲପାଇବାର ସହମତିକୁ । ସେଦିନ ଭାସ୍କର ଆସିଲା କିନ୍ତୁ କିଛି ହେଲେ କହିଲା ନାହିଁ, ଇନ୍ଦ୍ରାଣୀ ତା ଉତ୍ତରର ଅପେକ୍ଷା କରିଥିଲା ହେଲେ କିଛି ଉତ୍ତର ଆସିଲା ନାହିଁ ବରଂ କାମ ଅଛି କହି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାସ୍କର ତତକ୍ଷଣାତ୍ ଚାଲିଗଲା । କିଛି ଦିନ ଅପେକ୍ଷା କରିଲା ପରେ କୌଣସି ଉତ୍ତର ଭାସ୍କର ତରଫରୁ ନ ଆସିବାରୁ ଇନ୍ଦ୍ରାଣୀ, ଭାସ୍କର ଘରକୁ ଗଲା ଦେଖିଲା ସେଠି ତାଲାଟେ ଝୁଲୁଛି, ଚାରିଆଡ଼େ ପଚାରି ବୁଝିଲା କିନ୍ତୁ କୌଣସି ଆଡୁ କିଛି ମିଳିଲା ନାହିଁ, ତା ପରେ ଭାସ୍କର ସବୁ ଦିନ ପାଇଁ କେଉଁ ଆଡେ ଅନ୍ତର୍ଦ୍ଧାନ ହେଇଗଲା ।

ଇନ୍ଦ୍ରାଣୀକୁ ସମାଜ, ପରିବେଶ ଏକ ଉପଭୋଗର ସାମଗ୍ରୀ ସଜେଇଥିଲା ମାତ୍ର ଭାସ୍କର ଅନ୍ଧ ଗଳିରୁ ତିମିରାୟିତ ଏକ ମନୋହରକାରି ଜ୍ୟୋସ୍ନା ରେଣୁ ସମ୍ପନ୍ନ ଚନ୍ଦ୍ରକୁ ଆବିଷ୍କାର କରି ତାକୁ ସମାଜରେ ଇଛାନୁସାରେ ବଞ୍ଚିବାକୁ ସୁଯୋଗ ଦେଲା । ସମାଜରେ ବସବାସ କରୁଥିବା ଲୋଭାସକ୍ତ ପଶୁ ସଦୃଶ ମଣିଷଙ୍କ କବଳରୁ ଭାସ୍କର, ଇନ୍ଦ୍ରାଣୀକୁ ସବୁଦିନ ପାଇଁ ଦୁରେଇଦେଲା ଏବଂ ଦୁରେଇଦେଲା ମଧ୍ୟ ନିଜ ମନ ଓ ଭାବନା ମଧ୍ୟରେ ସୃଷ୍ଟି ହୋଇଥିବା ସେ ସଜ ଗୋଲାପକୁ ।

ଜୀବନ କାଳ ମଧ୍ୟରେ ଭାସ୍କର ତା ମନର ଅକୁହା ବେଦନାକୁ ଇନ୍ଦ୍ରାଣୀ ଆଗରେ ପ୍ରକାଶ କରିପାରିଲା ନାହିଁ । ପୂର୍ଣ୍ଣିମାରେ ଜହ୍ନ ହସି ଉଠିଲା ପରି କଳୁଷ ପରିବେଶରେ ରହି ଭାସ୍କର ଓ ଇନ୍ଦ୍ରାଣୀ ନିଜସ୍ୱ ଭାବନା ଦ୍ୱାରା ଚରିତାର୍ଥ ହେଲେ । ବାସ୍ତବିକ୍ ଅମାବାସ୍ୟାର ଅନ୍ଧାରକୁ ପୂର୍ଣ୍ଣିମାର ଚନ୍ଦ୍ର ଆଲୋକରେ ପରିଣତ କରିଦିଏ ଠିକ୍ ସେହି ପରି ଗଳ୍ପର ନାୟକ ଓ ନାୟିକା ତାଙ୍କ ବିଚାର, ଭାବନା, ଓ ମାନସିକତା ଦ୍ୱାରା ଅନ୍ଧକାରକୁ ଦୂରେଇ ଉଦ୍ଭାସିତ ହୋଇଉଠିଲେ । (କ୍ଷୁଦ୍ରଗଳ୍ପ - ବାଦଲ ଫାଙ୍କରେ ଜହ୍ନ ) ।

ପି. ପୁରବୀ ମହାନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିସଙ୍ଗ ମଣିଷ



ବିନୟ ମହାପାତ୍ର

ଅପ୍ରେଲ ମାସର ଉଦୁଉଦିଆ ଖରାବେଳ, ନାତି ନାତୁଣୀମାନଙ୍କର ସ୍କୁଲ କଲେଜ ସବୁ ଛୁଟି । ଲଞ୍ଚ ପରେ ପରେ ସେମାନେ ନିଜ ନିଜ ରୁମରେ ମୋବାଇଲରେ ଆଖିଗଡେଇ ବସିଥାଆନ୍ତି । ଜେଜେମାଆ ସୁନୀତି ଦେବୀ, ଘରକାମ ସାରି ହାତ ପୋଛୁ ପୋଛୁ ଛୁଆ ଦୁଇଟା କଣ କରୁଛନ୍ତି ଦେଖିଆସିବେ ବୋଲି ନାତି ନାତୁଣୀଙ୍କ ରୁମ ଆଡୁ ଘେରାଏ ବୁଲି ଆସିଲେ । ଏଇ ବୟସରେ ଟିକିଏ ମନ ହୁଏ ପିଲାଙ୍କ ପାଖରେ ଦିଘଡି ବସିଯିବାପାଇଁ, ଦି ପଦ କଥାବାର୍ତ୍ତା ହେବାକୁ, ସେମାନଙ୍କ ସହିତ ଟିକିଏ ହସିଖେଳି ଦେଲେ ମଣିଷ ନିଜର ବୟସ ଭୂଲିଯାଏ । ପିଲାଙ୍କ ସାଥିରେ ପୁଣି ପିଲାଟିଏ ହୋଇଗଲା ପରିଲାଗେ । ନିଜର ଏବଂ ନିଜ ପୁଅଝିଅଙ୍କର ପିଲାଦିନର ସ୍ମୃତି ପୁଣି ଆଖିଆଗରେ ନାଚିଯାଏ । କିନ୍ତୁ ଆଜି କାଲିକା ପିଲାଙ୍କ ପାଖରେ ସମୟ କାହିଁ? ଖରା ଛୁଟିରେ ବି ସ୍କୁଲର ହଲିଡେଜ୍ ହୋମୱାର୍କ ମିଳିଯାଏ । ପିଲାଏ କିଛି ସମୟ ପଢାପଢି କରିଦିଅନ୍ତି, ତାପରେ ଦିନ ସାରା ଟିଭି ନହେଲେ ମୋବାଇଲ ସାଙ୍ଗରେ ବିଜି ହୋଇଯାଆନ୍ତି । ଘରୁ ବାହାରି ସାଙ୍ଗସାଥୀଙ୍କ ସାଥିରେ ଖେଳକୁଦ କରିବା ଅବା ବୁଲାବୁଲି କରି ଦେହ ମନ ଟିକିଏ ଫୁର୍ତ୍ତି କରିବାକୁ ବି ସେମାନଙ୍କ ପାଖରେ ସମୟ ନାହିଁ, ଆଉ ଏ ବୁଢାବୁଢିଙ୍କ ପାଇଁ ସମୟ କେଉଁଠୁ ଆସିବ ?

ଜେଜେ ରାଟାୟାର୍ଡ ହେଡକ୍ଲର୍କ, ନାତି ନାତୁଣୀଙ୍କର ସ୍କୁଲ ହୋମୱାର୍କରେ କେବେ କିଛି ହେଲ୍ପ ଆବଶ୍ୟକ ହେଲେ ନାତି ନାତୁଣୀ ଜେଜେଙ୍କୁ ପଚାରି ନିଅନ୍ତି, ବାସ କେବଳ ସେତିକି ସମ୍ପର୍କ । ନିଜ ଜୀବନର ଅଭିଜ୍ଞତା ପିଲାଙ୍କ ସାଥିରେ ବାଣ୍ଟିବା କି ସେମାନଙ୍କ ସହିତ ଟିକିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସି ଖେଳି ସମୟ କାଟିବାକୁ କଣ ତାଙ୍କର ମନହୁଏନି ! ବହୁତ ମନହୁଏ, କାହା ସାଥରେ ବସି ଢେର ସାରା ଗପିବାକୁ, ଜୀବନର ଖଟା ମିଠା ଅନୁଭୂତି କାହା ସହିତ ବାଣ୍ଟିବାକୁ, ହେଲେ କାହା ପାଖରେ ଏତେ ସମୟ ଅଛି, ବୁଢାଟା ସାଙ୍ଗରେ ବସି କିଏ ଗପସପ୍ କରିବ ? ଜେଜେ ମାଆ କେବଳ ଖୋଜାପଡେ ଲଞ୍ଚ ସମୟ ହେଲେ, ଅବା ଆଉକିଛି ଦରକାର ପଡିଲେ । ବାପା ମାଆ ଦୁଇଜଣ ଅଫିସରେ, ବୁଢା ବୁଢିଙ୍କ କାମ କେବଳ ଘର ଜଗିବା । ଦୁଇ ଚାରିଦିନ ଏପରିବି ଚାଲିଯାଏ, ଯେବେ ନା' ନାତି ନାତୁଣୀ ନା' ପୁଅବୋହୁ କାହା ସହିତ କଥାପଦେ ହେବାର ସୁଯୋଗ ମିଳେନି । ସମସ୍ତେ ନିଜ ନିଜ କାମରେ ବହୁତ ବ୍ୟସ୍ତ ।

ସକାଳେ ଘରକାମ କାମକରିବାକୁ ଆସୁଥିବା ମାଳତି ନିତି ନମସ୍କାରଟିଏ କରି ବୁଢାବାବୁ ଆଉ ମାଆଙ୍କର ଦେହପାଆ କଥା ପଚାରିନିଏ । ତଥାପି ଅନାଦି ବାବୁ ନିଜକୁ ବଡ ଭାଗ୍ୟବାନ ମନେ କରନ୍ତି, ଗର୍ବ ବି ଅନୁଭବ କରନ୍ତି । ଆଜି କାଲିକା ଯୁଗରେ ପିଲାଏ ବୁଢା ବାପାମାଆଙ୍କୁ ଏକୁଟିଆ ଛାଡି ଅଲଗା ରହୁଛନ୍ତି, କିନ୍ତୁ ପୁଅ ବୋହୁ ତାଙ୍କ ସାଙ୍ଗରେ ତ ଅଛନ୍ତି । କିଛି ନହେଲେ ପିଲାଙ୍କୁ ଆଖି ସାମ୍ନାରେ ଦେଖୁଛନ୍ତି । ନହେଲେ ଏ ବୟସରେ ଏକୁଟିଆ ରହିବା କେତେ ଯନ୍ତ୍ରଣାଦାୟକ ହୋଇଯାଆନ୍ତା ସତେ । ଏତିକି ଭରଷାତ ଅଛି, ପିଲାଏ ପାଖରେ ଅଛନ୍ତି ଦେହପାଆ କେବେ କିଛି ଅସୁବିଧା ହୋଇଗଲେ ଦେଖାଶୁଣା କରିପାରିବେ । ଦି ଓଳି ଦି ବକତ ଠିକ୍ ସମୟରେ ଖାଇବାକୁ ମିଳିଯାଉଛି । ନହେଲେ ଏ ବୟସରେ ଏସବୁ କାମ ନିଜେ ନିଜେ କରିବା କେତେ କଷ୍ଟକର ହୋଇଯାଆନ୍ତା ।

ପୁଅ ବୋହୁଙ୍କର ଅବା ଦୋଷ କଣ, ଆଜିକାଲି ଯୁଗରେ ଘର ଚଳେଇବା, ପିଲାଙ୍କୁ ପାଠ ପଢେଇବା, ସମାଜର ଅନ୍ୟମାନଙ୍କ ସହିତ ସ୍ଟାଟସ ପ୍ରତିଯୋଗିତାରେ ସମସ୍ତଙ୍କ ଆଗରେ ରହିବା, ଏସବୁ ପାଇଁ ବହୁତ ପଇସା ଦରକାର । ପୁଅ ବୋହୁ ଦିଜଣ ଲାଗିପଡିଛନ୍ତି ପଇସା ରୋଜଗାରରେ । ହେଲେ ଅନାଦି ବାବୁ ବି ଘର ସଂସାର କରିଥିଲେ, ପିଲାଙ୍କୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପାଠପଢେଇ ଝିଅକୁ ଡାକ୍ତର, ପୁଅକୁ ଇଞ୍ଜିନିୟର କରିଲେ । ଅନେକ ଘରଜଞ୍ଜାଳ ସତ୍ତ୍ୱେ ସମସ୍ତଙ୍କ ପାଇଁ ସମୟ ଥିଲା ତାଙ୍କ ପାଖରେ । ବାପା ମାଆ, ଭାଇ ଭଉଣୀ ବନ୍ଧୁ ବାନ୍ଧବ ସାଙ୍ଗସାଥି ସମସ୍ତଙ୍କୁ ସମୟ ଦେଉଥିଲେ । ସଂଧ୍ୟାରେ ଅଫିସରୁ ଫେରିଲା ପରେ ବାପାମାଆଙ୍କ ପାଖରେ ଘଣ୍ଟାଏ ଅଧଘଣ୍ଟାଏ ବସି ଯାଉଥିଲେ, ଦେହପା କଥା ପଚାରୁଥିଲେ କିଛି ନହେଲେ ପୁରୁଣା ଦିନର କଥା ମନେ ପକାଇ ଗପ ସପ କରି ହସିହସି ଗଡିଯାଉଥିଲେ । ପିଲାଙ୍କ ସହିତ ବସି ସେମାନଙ୍କ ପାଠ ପଢା ଦେହ ପାଆ କଥା ବୁଝୁଥିଲେ, ସେମାନଙ୍କର ସବୁ ସମସ୍ୟାରେ ତାଙ୍କ ସାଥିରେ ଠିଆ ରହୁଥିଲେ, ସେମାନଙ୍କର ସବୁ ସନ୍ଦେହ ଦୂରକରୁଥିଲେ, ସମାଜରେ ଜଣେ ଭଲମଣିଷ ହୋଇ ରହିବାପାଇଁ ଶିଖାଉଥିଲେ, ରାତିରେ ସମସ୍ତେ ଏକାଠି ବସି ଖାଉଥିଲେ ।

ଅସଲ କଥା ହେଲା, ଅନାଦିବାବୁ ଯେଉଁ ସମୟର ମଣିଷ ସେ ସମୟରେ ମଣିଷର, ଆବଶ୍ୟକତା ବହୁତ କମ୍ ଥିଲା । ସମସ୍ତେ ଅଳ୍ପକେ ସନ୍ତୁଷ୍ଟ ରହୁଥିଲେ, ଯାହା ଯେତିକି ମିଳିଗଲା ସେଥିରେ ଖୁସି ହୋଇ ଯାଉଥିଲେ । ବସ୍ତୁ ଅପେକ୍ଷା ମାନବୀୟ ସମ୍ବେଦନା ତଥା ମାନବିକ ସମ୍ପର୍କକୁ ଅଧିକ ମହତ୍ୱ ଦେଉଥିଲେ । ଏପରି ନୁହେଁଯେ ସେତେ ବେଳେ ବଡପଣ ଦେଖେଇ ହେବାର ପ୍ରତଯୋଗିତା ନଥିଲା । ହେଲେ ସେ ପ୍ରତିଯୋଗିତା ଭଲ ମଣିଷ ପଣିଆର ପ୍ରତିଯୋଗିତା ଥିଲା । କିଏ କେତେ ଭଦ୍ର, କେତେ ନମ୍ର, କେତେ ବନ୍ଧୁ ବତ୍ସଳ କେତେ ପରୋପକାରୀ, ସେଥିରୁ ମଣିଷର ବଡପଣିଆ ଦେଖାଯାଉଥିଲା । କିନ୍ତୁ ଆଜିର ବସ୍ତୁ ସର୍ବସ୍ୱ ଦୁନିଆରେ ନିଜର ବସ୍ତୁ ପ୍ରଦର୍ଶନର ପ୍ରତିଯୋଗିତାରେ କାହା ପାଖରେ କେତେ ଧନ ଅଛି, କାହାର କେତେ ବଡ ଘର, କାହାର କେତେ ବଡ ଗାଡି ଏସବୁର ମୂଲ୍ୟାଙ୍କନ ହେଉଛି । ମଣିଷପଣିଆ ସତେ ମରିଯାଇଛି ସମସ୍ତଙ୍କ ହୃଦୟରେ । ଏଇ 'ଆବଶ୍ୟକତା' ଆଜି ଏକ ମହାମାରୀ ପରି ବଢିବଢି ଚାଲିଛି । ତାର ଏମିତି ଘର ତ ମୋର ତା ଠାରୁ ବଢିଆ ହେବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦରକାର, ସେ ଅମୁକ ଗାଡି ଚଢୁଛି ତ ମୋର ତାଠାରୁ ଭଲ ଗାଡି ହେବା ଦରକାର, ତା ପୁଅ ଝିଅ ଅମୁକ ସ୍କୁଲରେ ପଢୁଛନ୍ତି ତ ମୋ ପିଲାଏ ତାଠାରୁ ମହଙ୍ଗା ସ୍କୁଲରେ ପଢିବେ । ସତରେ ଯେପରି ଗୋଟାଏ ପ୍ରତିଯୋଗିତା ଚାଲିଛି, ସମସ୍ତେ ସମସ୍ତଙ୍କ ଠାରୁ ଉଚ୍ଚା ଦେଖେଇ ହେବା ପାଇଁ ପାରୁ ପର୍ଯ୍ୟନ୍ତ ପ୍ରୟାସରତ, ମଣିଷର ଅନ୍ୟ ମଣିଷଙ୍କ ପାଇଁ ସମୟ କାହିଁ ?

ସଂଧ୍ୟାରେ ପୁଅ ବୋହୁ ଅଫିସରୁ ଫେରିଲା ବେଳକୁ ବହୁତ ଥକି ଯାଆନ୍ତି, ତଥାପି ବୋହୁ ରାତିର ଖାଇବା ପ୍ରସ୍ତୁତକରିବା ପାଇଁ ସେ ତାର ରୋଷେଇ ଘରେ ବ୍ୟସ୍ତ ହୋଇଯାଏ । ପୁଅ ଟିଭିରେ ନିଉଜ ଚାନେଲ ଲଗାଇ ଦେଇ, ଲାପଟପ୍ ନେଇ ବସିଯାଏ, ତଥାପି ତାର କାମ ସରେନା । ପିଲାମାନେ ନିଜ ନିଜ ରୁମରେ ପାଠପଢା, ନହେଲେ ମୋବାଇଲରେ ବ୍ୟସ୍ତ । ବୁଢାବୁଢି ଦିଜଣ ନିଜ ରୁମରେ ଏକୁଟିଆ । କିଏ କେତେବେଳ ଖାଏ ତାର କିଛି ଠିକଣା ନାହିଁ, ରାତି ସାଢେ ନଅଟାବେଳେ ଅନାଦିବାବୁଙ୍କର ଖାଇବା ଅଭ୍ୟାସ, ତେଣୁ ଘଣ୍ଟା କଣ୍ଟା ଏପଟ ସେପଟ ହୁଏନି, ଠିକ୍ ସମୟରେ ବୋହୁ ଖାଇବା ବାଢିଦିଏ, ବୁଢାବୁଢି ଦିଜଣ ଖାଇନିଅନ୍ତି । ଆଜିକାଲି ବାପାମାଆଙ୍କ ପାଖରେ ସମୟନାହିଁ ନିଜ ପିଲାମାନଙ୍କୁ ପାଖରେ ବସେଇ ଦିପଦ କଥାହେବେ, ସେମାନଙ୍କ ପଢାପଢି, ଦେହପା ବିଷୟ ଖବରନେବେ କି ସେମାନଙ୍କୁ କିଛି ଭଲକଥା ଶିଖେଇବେ, କିନ୍ତୁ କେହି ଏହାକୁ ଆବଶ୍ୟକ ବୋଲି ମନେକରନ୍ତି ନାହିଁ । ପିଲାଏ ତ ଦାମିକା ସ୍କୁଲରେ ପଢୁଛନ୍ତି, ସବୁକିଛି ସେଇଠୁ ଶିଖିନେବେ । ତାଛଡା, ଟିଭି, କମ୍ପୁଟର ଅଛି ସବୁ ଜ୍ଞାନର ଭଣ୍ଡାର, ସବୁଠାରୁ ବଡକଥା ପିଲାଙ୍କ ପାଖରେ ମୋବାଇଲ ଅଛି, ନେଟ ପ୍ୟାକ୍ ଅଛି ସାରା ଦୁନିଆର ଜ୍ଞାନ ନିଜ ନିଜର ଆଙ୍ଗୁଠିମୂନରେ । ହେଲେ ପିଲାଏ କଣ ଦେଖୁଛନ୍ତି, କେଉଁ ପ୍ରକାରର ଜ୍ଞାନ ଗ୍ରହଣ କରୁଛନ୍ତି ତାର ଖବର କିଏ ରଖୁଛି ?

ରାତିଖାଇବା ସରିଲାପରେ ଅନାଦିବାବୁ ବେଡରୁମରେ ଖଟବାଡାକୁ ଆଉଜି କଣ ଗୋଟାଏ ବହି ପଢିବାରେ ମଗ୍ନ ହୋଇଯାଇଥାନ୍ତି, ସେତିକିବେଳେ ସୁନୀତି ଦେବୀ ଖାଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟେବୁଲରୁ ଅଇଠାବାସନ ଉଠାଇ ରୋଷେଇଘର ସିଙ୍କରେ ଥୋଇ ବେଡରୁମକୁ ଆସିଗଲେ । ହାତ ପୋଛୁପୋଛୁ ବେଡ ଉପରେ ଅନାଦିବାବୁଙ୍କ ପାଖରେ ଗଡିପଡି କହିଲେ, ତୁମେ ଆଜିଯାଏ ସେଇ ପୁରୁଣା ଯୁଗରେ ରହିଗଲ । ଆଶୁ କହୁଥିଲା, ସାରା ଦୁନିଆର ଖବର, ସବୁ ପ୍ରକାରର ବହି, ସିନେମା ସବୁ ଅଛି ମୋବାଇଲରେ, ଆଉତ ଆଉ ପୁରା ପୁରା ସିନେମା ବି ଦେଖିହେବ ମୋବାଇଲରେ । କିନ୍ତୁ ତୁମେ ଅଟକିଗଲ ସେଇ ବହି ଭିତରେ, ମୋବାଇଲ ଛାଡି ଏଇ ବହିରେ ହଜିଯାଉଛ । ମୋବାଇଲରେ ବହି ପଢୁନ ? ବେଳେବେଳେ ମୋତେ ବି ଟିକିଏ ସିନେମା ଦେଖେଇ ଦିଅନ୍ତୁ, ହଲରେ ଯାଇ ସିନେମା ଦେଖିବାରେ ଯୁଗେ ବିତିଗଲାଣି । ପିଲାମାଙ୍କର ଜନ୍ମ ପୂର୍ବରୁ ଆମେ କେତେ ସିନେମା ଦେଖୁଥିଲେ । ତୁମେ ଅଫିସ ଗଲାବେଳେ କହିଦେଇଯାଅ, ଚାଲ ଆଜି ସଂଧ୍ୟାରେ ସିନେମା ଦେଖିଯିବା, ତାପରେ ବାହାରେ କେଉଁ ହୋଟେଲ ଖାଇଦେଇ ଆସିବା । ସଂଧ୍ୟାରେ ମୁଁ ଅଫିସରୁ ସିଧା ହଲ ପାଖରେ ପହଞ୍ଚି ଯାଇଥିବି, ନିତିଆକୁ କହିଦେଇଥିବି, ସେ ତା ରିକ୍ସାରେ ତୁମକୁ ହଲପାଖରେ ପହଞ୍ଚାଇ ଦେବ, ମୁଁ ସେଇଠି ତୁମର ଅପେକ୍ଷା କରିଥିବି । ଠିକ୍ ସାଢେ ପାଞ୍ଚଟା ବେଳକୁ ତୁମେ ରେଡି ହୋଇଯାଇଥିବ ।

ଅନାଦିବାବୁ ଆଖି ବନ୍ଦକରି ସେଇ ପୁରୁଣା ଦିନକୁ ସତେ ଆଉଥରେ ଦେଖୁଥିଲେ, ଆଖିଖୋଲି ଟିକିଏ ରୋମାଣ୍ଟିକ ହୋଇ ସୁନୀତି ଦେବୀଙ୍କୁ ପାଖକୁ ଟାଣିନେଇ କହିଲେ, ପୁରୁଣା ଦିନ ମନେ ପକେଇଦେଲ, ସେ ବିତିଗଲା ସୁନେଲି ଦିନଗୁଡିକ ଆଉଥରେ ଫେରି ଆସନ୍ତାନି ! ମୋତେ ବଡ ଆଶ୍ଚର୍ଯ୍ୟ ଲାଗେ, ବିନା ମୋବାଇଲରେ ବି ଆମଭିତରେ ଯୋଗସୂତ୍ର ସତରେ କେତେ ପ୍ରବଳ ଥିଲା । ତୁମେ ଯେତେବେଳେ ରିକ୍ସାରୁ ଓହ୍ଲାଅ, ମୁଁ ଚକିତ ରହିଯାଏ, ତୁମେ ମୋ ମନକଥା କେତେ ସହଜରେ ଜାଣିନିଅ, ମୋ ପସନ୍ଦ ନାପସନ୍ଦ ସବୁ ତୁମକୁ ଜଣାଥାଏ, ମୁଁ କଣ ଭାବୁଚି କଣ ଚାହୁଁଚି କହିବା ଆଗରୁ ସବୁ ତୁମେ ଆଗୁଆ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଜାଣିନିଅ । ସିନେମା ହଲ ପାଖରେ ମୁଁ ତୁମକୁ ଯେଉଁ ଶାଢୀରେ ଦେଖିବାକୁ ଭାବିଥାଏ, ତୁମେ ଠିକ୍ ସେଇ ଶିଢୀ ପିନ୍ଧି ଆସିଥାଅ, ସତକୁହ ମୋ ମନକଥା ତୁମେ କେମିତି ଜାଣିଯାଅ ?

ସୁନୀତି ଦେବୀ ଅନାଦି ବାବୁଙ୍କ ବାହୁ ବନ୍ଧନରୁ ମୁକୁଳିଯାଇ ଫିକକିନା ହସିଦେଲେ, ଯେତେବେଳେ ନୁଆବୋହୁଟିଏ ହୋଇ ଆସିଥିଲେ ସେତେବେଳେ ଯେମିତି ଦୁଷ୍ଟାମୀର ହସ ଠିକ୍ ସେମିତି ମିଠା ହସଧାରେ ମୁହଁରେ ତାଙ୍କର ଝଲସି ଉଠୁଥିଲା । ଫରକ ଖାଲି ଏତିକି ଥିଲା, ସେତେବେଳେ ତାଙ୍କ ମୁହଁରେ ମୁକ୍ତାପରି ବତିଶ ଦାନ୍ତ ଥିଲା, ଆଉ ଏବେ, ଆଗପଛ ଉପର ତଳ ସବୁ ମିଶେଇ ଦଶଟା ବି ବଞ୍ଚିନି, ତଥାପି ପାକୁଆ ପାଟିର ଏଇ ହସରେ ଏବେବି ସେତିକି ମିଠା ଅଛି, ଯେତିକି ଆଗରୁ ଥିଲା । ସେମିତି ହସ ହସ ମୁହଁରେ ସୁନୀତି ଦେବୀ କହିଲେ ବୁଝିଲ, ଆମ ସମୟରେ ମୋବାଇଲ ନଥିଲା ପରା । ଛାଡ ସେକଥା, ସିନେମା ନହେଲେ ନାହିଁ, ତୁମେ ତୁମ ମୋବାଇଲରେ ବହି ପଢିବା ଆରମ୍ଭକଲେ ମୋର ଅଧାକାମ ହୋଇଯାଆନ୍ତା। ଚଷମାର କାଚ ପୋଛୁ ପୋଛୁ ଅନାଦି ବାବୁ ଆଶ୍ଚର୍ଯ୍ୟହୋଇ ସୁନୀତି ଦେବୀଙ୍କ ମୁହଁକୁ ଚାହିଁ ପଚାରିଲେ ମୋବାଇଲରେ ବହି ପଢିଲେ ତୁମର ଅଧାକାମ କେମିତି ହୋଇଯିବ ? ସୁନିତି ଦେବୀଙ୍କ ପାଖରେ ଉତ୍ତର ଯେପରି ଆଗରୁ ପ୍ରସ୍ତୁତଥିଲା, ସାଙ୍ଗେ ସାଙ୍ଗେ କହିଲେ, ତୁମେ ବୁଢା ହୋଇଗଲଣି, ସବୁକିଛି ଜଲ୍‌ଦି ଭୂଲିଯାଉଛ । ବହିପଢି କେତେବେଳ ବାରଣ୍ଡାରେ ଆରାମ ଚୌକୀ ଉପରେ ତ କେତେବେଳେ ବୈଠକର ସୋଫାରେ କେବେ ଖାଇବା ଟେବୁଲ ଉପରେ ଛାଡି ଭୁଲିଯାଉଛ, ପଛରେ ସୁନି, ସୁନି କରି ଡାକ ପକେଇବ, ବହିଟା କୋଉଠି ରହିଲା ବୋଲି ପଚାରିହେବ । ଖୋଜିବା କାମତ ମୋର ନା ? ଏଠୁ ସେଠୁ ବହି ଉଠାଇ ପଢା ଟେବୁଲ ଉପରେ ସାଇତିବାରେ ମୋର ଅଧାଦିନ ଚାଲିଯାଉଛି ।

ଅନାଦି ବାବୁ ଟିକିଏ ହସି କହିଲେ, ଆଗୋ ସେଇ ପୁରୁଣା ଲ୍ୟାଣ୍ଡଲାଇନ୍ ଫୋନଟାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭ୍ୟାସ ଭୁଲି ହେଉନି ଆଜିଯାଏ, ତାଛଡା ଫୋନର କାମ ବା କଣ ? କେବଳ ଦରକାର ହେଲେ କାହା ସାଙ୍ଗେ ଦୁଇପଦ କଥାବାର୍ତ୍ତା ହୋଇଯିବା, ବାସ୍ ଏତିକି । ଅଧାରୁ ଅଧିକ ସାଙ୍ଗସାଥୀ, ବନ୍ଧୁବାନ୍ଧବ ତ ଆରପୁରକୁ ଚାଲିଗଲେଣି, ଆଉ ଏଇ ମୋବାଇଲ ଫୋନର ନେଟୱାର୍କ ବି ସେଯାଏ ପହଞ୍ଚି ପାରିବନି । ବାକି ଯୋଉ କେତେଜଣ ଅଛନ୍ତି, ମଝିରେ ମଝିରେ ସେମାନଙ୍କ ସାଙ୍ଗରେ କଥା ହେଇଯାଉଛି । ମୋବାଇଲରେ ବହି ପଢିବା କଥା କହୁଛଯେ, ବହି ପଢିବାର ମଜା ଏଇ ଫୋନରୁ କଣ ମିଳି ପାରିବ ? ପୃଷ୍ଠା ପରେ ପୃଷ୍ଠା ଓଲଟେଇ ସେଇ ଛପା ଅକ୍ଷର ଭିତରେ ବହିର କଥା କହାଣୀ ଚରିତ୍ର ସବୁ ଯେମିତି ସତ ସତକା ନିଜ ନଜର ସଂଳାପ ନିଜେ ଆବୃତ୍ତି କଲା ପରି ଲାଗନ୍ତି । ଏଇ ଛୋଟ ମୋବାଇଲର ଛୋଟ ଛୋଟ ଅକ୍ଷର ଭିତରେ କାହାକୁ ନା'ଦେଖି ହୁଏ, ନା' ଅନୁଭବ କରି ହୁଏ । ବହିର ମଜା ଯିଏ ପାଇଛି, ସେ କଣ କେବେ ମୋବାଇଲ କଥା ଭାବିବ ? ବହି ସହିତ ପାଠକର ବନ୍ଧୁତା ହୋଇଯାଏ, ପାଠକ ବହି ପଢେ, ସାଇତି ରଖେ ସେମାନଙ୍କର ଜତ୍ନ ନିଏ, ଯେତେବେଳେ ଏକୁଟିଆ ଅନୁଭବ କରେ ବହିମାନଙ୍କ ସହିତ ବସିଯାଏ, ଯେପରି ପୁରୁଣା ବନ୍ଧୁଟିଏ । କିନ୍ତୁ ଆଜିର ମଣିଷ ସତେ ଯେପରି ନିସଙ୍ଗ ହୋଇଯାଇଛି, କେବଳ ନିଜ ସହିତ ବନ୍ଧୁତା କରିନେଇଛି । ନିଜ ବ୍ୟତୀତ ଆଉ କାହା ସହିତ ତାର ସମ୍ପର୍କ ନାହିଁ ।

ଏବେ ମଣିଷର ସବୁ ସମ୍ପର୍କ ବେତାର ହୋଇଯାଇଛି । ହୃଦୟ ସହିତ ହୃଦୟର ଯୋଗାଯୋଗ ନାହିଁ । ନ କହିଲେ କେହି ଶୁଣୁନି, ବୁଝେଇ ନକହିଲେ କେହି ବୁଝୁନି, କାହା ସହିତ ବସିବା ଉଠିବା, ଦିପଦ କଥାହେବା, ଦୁଃଖ ସୁଖ ବାଣ୍ଟିବା ମଣିଷ ପୁରା ଭୁଲି ସାରିଲାଣି । ଆଜି କାଲି ମଣିଷର ଏକମାତ୍ର ବନ୍ଧୁ ମୋବାଇଲ, ସେ ସାଥିରେ ଥିଲେ ଆଉ କାହା କଥା ମନେ ପଡେନା । କିନ୍ତୁ ସେତେ ବେଳେ ଆମ ପାଖରେ ମୋବାଇଲ ନଥିଲା ତଥାପି ନ କହିବି ଅନେକ କଥା ଶୁଣି ହେଉଥିଲା, ନଶୁଣିବି ଅନେକ କଥା ବୁଝି ହେଉଥିଲା । କାରଣ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସେ ସମ୍ପର୍କ ପାଇଁ କିଛି ନେଟୱାର୍କର ଆବଶ୍ୟକତା ନଥିଲା । ହୃଦୟ ସହିତ ହୃଦୟ ଜୋଡି ହୋଇ ରହିଥିଲା । ସମ୍ପର୍କ ସବୁ ଆତ୍ମାର ଥିଲା । ସବୁଠାରୁ ମଜା କଥା କଣ ଜାଣିଛ ? ମୋବାଇଲ କମ୍ପାନୀର ଆଡଭର୍ଟାଇଜ୍ ରେ ସେମାନେ ଲେଖନ୍ତି 'connecting people' ମାନେ ଆମେ ମଣିଷ ସହିତ ମଣଷର ସମ୍ପର୍କକୁ ଦୃଢକରୁ, କିନ୍ତୁ ବାସ୍ତବରେ ମୋବାଇଲ ମଣିଷର ସମ୍ପର୍କକୁ ଦୃଢ କରୁଛି ? ମାଆ ମୋବାଇଲ ଭିତରେ ଏପରି ହଜିଯାଉଛି ଯେ ଛୋଟ ଛୁଆ ଭୋକରେ କାନ୍ଦୁଥିଲେବି ମାଆ ଜାଣି ପାରୁନି । ପାଖ ବଖରାରେ ଶୋଇଥିବା ବୁଢା ବାପା ମାଆ କାଶି କାଶି ବେଦମ ହୋଇଗଲେ ବି କାହାକୁ ଶୁଣା ଯାଉନି । ଫେସବୁକ୍ ଟୁଇଟର ଏବଂ ଅନ୍ୟ ଅନେକ ସୋସିଆଲ ସାଇଟରେ ହଜାର ହଜାର ବନ୍ଧୁ, ଫଲୋୟରସ ଥାଆନ୍ତି, କିନ୍ତୁ ବାସ୍ତବରେ ସେମାନେ କଣ ଏତେ ନିଜର ହୋଇପାରନ୍ତି ? ବେଳ ଅବେଳରେ ଦରକାର ପଡିଲେ ପାଖରେ ଠିଆ ହୋଇ ପାରନ୍ତି ?

ସୁନୀତା ଦେବୀ କଥାମଝିରେ କହିଲେ, ସତ କଥାଟିଏ କହିଲ, ସେତେବେଳେ ମଣିଷର ସବୁ ଧ୍ୟାନ ମଣିଷ ଉପରେ ଥିଲା, ଜଣେ ଆଉ ଜଣଙ୍କ କଥା ଭାବୁଥିଲା, ଆଜି ପାଖରେ ଥାଇବି ମଣିଷ ମଣିଷ ଠାରୁ କେତେ ଦୂର ହୋଇଯାଉଛି । ପତି ପତ୍ନୀ ଗୋଟିଏ ଘରେ ରହନ୍ତି, ଗୋଟିଏ ବେଡରେ ଶୁଅନ୍ତି, ହେଲେ ପରସ୍ପର ସହିତ କେତେ ସମୟ କଥା ହୁଅନ୍ତି ? ଦିନ ସାରା କାମ, କାମ ସରିଲା ପରେ ମୋବାଇଲ, ସମସ୍ତେ ହଜିଯାଆନ୍ତି ସେଇ ବୁଢିଆଣୀ ଜାଲ ଭିତରେ । କାହାକଥା ଟିକିଏ ଭାବିବାକୁ, କାହାର ମନର ଭାବ ପଢିବାକୁ କାହା ପାଖରେ ସମୟ ନାହିଁ । ଆଜି ପୁଅ ବୋହୁ ସାଥିହୋଇ ତ ରହନ୍ତି କିନ୍ତୁ କଥା ନୁହେଁ, ହ୍ୱାଟସପ କରନ୍ତି ପରସ୍ପର ସ୍ନେହକମ୍ କିନ୍ତୁ ଟ୍ୟାଗ୍ କରନ୍ତି, ପ୍ରେମର କେମିଷ୍ଟ୍ରି ଭୁଲିଯାଆନ୍ତି କିନ୍ତୁ ଅନ୍ୟର ପୋଷ୍ଟରେ ଲାଇକ୍ କରନ୍ତି, କମେଣ୍ଟ ଦିଅନ୍ତି । ଲଭ୍ ଥାଉକି ନଥାଉ ଲାଇକ୍ କରନ୍ତି ମିଠା ମିଠା ଥଟ୍ଟା ମଜା ସହିହୁଏନା ସିଧା ଅନଫ୍ରେଣ୍ଡ କରିଦିଅନ୍ତି ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତୁମେ ଯେତେବେଳେ ଚାକିରୀ କରୁଥିଲ, ମୁଁ ଜାଣିନଥାଏ ତୁମେ ଅଫିସରୁ ଡେରିରେ ଫେରିବ କି ସହଳ, କିନ୍ତୁ ସବୁଦିନ ସଂଧ୍ୟାରେ ମୁଁ ଯେତେବେଳେ ପାଣି ଗ୍ଲାସଟିଏ ନେଇ କବାଟ ପାଖରେ ପହୁଞ୍ଚେ ଠିକ୍ ସେତେବେଳେ ତୁମେ କବାଟ ଠକ୍ ଠକ୍ କର, ମୁଁ କବାଟ ଖୋଲେ ଆଉ ତୁମେ ମୋ ହାତରୁ ପାଣିଗ୍ଲାସ ନେଇ ବୈଠକର ସେଇ କାଠ ଚଉକିଟାରେ ବସିପଡି ପାଣି ପିଅ । ଅନାଦିବାବୁ ସୁନିତାଙ୍କ ମୁହଁକୁ ଚାହିଁ କହିଲେ, ହଁ ଏଇଟା ସତକଥା, ମୁଁ ତିରିଶ ବର୍ଷକାଳ ଚାକିରୀ କରିବା ଭିତରେ କେବେବି ବୁଝିପାରିଲିନି, ମୁଁ ଆସୁଛି ବୋଲି ତୁମେ ଜାଣିପାରି ପାଣି ନେଇ ଚାଲିଆସ, ଅବା ତୁମେ ପାଣିଗ୍ଲାସ ନେଇ ମୋର ଅପେକ୍ଷା କରିଛ ବୋଲି ମୁଁ ଘରକୁ ଚାଲିଆସେ ? ସୁନୀତିଦେବୀ କହିଲେ, ଆଜିବି ମୋର ମନେପଡେ ରିଟାୟଡ ଆଗରୁ, ସେତେବେଳେ ତୁମେ ଡାଇବେଟିକ୍ ନଥିଲ, ଯେତେବେଳେ ଖାଇସାରିବା ପରେ ମୁଁ ତୁମ ମନଲାଖି ଖିରି ପରଶିଦିଏ, ତୁମେ ଟିକିଏ ହସିଦିଅ ଆଉ କୁହ, 'ଜାଣିଛ, ଆଜି ଦିପରରେ ମନହେଉଥିଲା ରାତି ଖାଇବାରେ ମିଠା ଖିରି ଟିକିଏ ମିଳିଗଲେ ସତରେ ବହୁତ ମଜା ଆସିଯାଆନ୍ତା । ଅନାଦି ବାବୁ ସଙ୍ଗେ ସଙ୍ଗେ ପଚାରିଲେ କିନ୍ତୁ ତୁମେ ମୋ ମନ କଥା କେମିତି ଜାଣିଯାଅ ? ଅଫିସ୍ ରୁ ଫେରିଲା ବେଳେ ମୁଁ ଯାହା କିଛି ଖାଇବାକୁ ମନେ ମନେ ଭାବିଥାଏ, ଘରେ ପହଞ୍ଚିଲା ପରେ ସବୁକିଛି ଠିକ୍ ଠିକ୍ ସେମିତି ଖାଇବାକୁ ମିଳିଯାଏ । ସୁନୀତି ଦେବୀ ଟିକିଏ ମୁରୁକି ହସି କହିଲେ, ଆଗୋ ସେତେବେଳେ ମୋବାଇଲ ନଥିଲା ସିନା କିନ୍ତୁ ସାରା ପରିବାରର ସମସ୍ତଙ୍କର ରୁଚି ଅରୁଚି ଆଉ ମନକଥା ଜାଣି ବୁଝି ହୋଇଯାଉଥିଲା ।

ତୁମର ମନେ ଅଛି, ପୁଅ ଜନ୍ମବେଳେ, ବାପା ମୋତେ ଡାକି ନେଇଥିଲେ, ମୁଁ ବାପଘରେ ଥିଲି, ଯେତେବେଳେ କଷ୍ଟ ଆରମ୍ଭହେଲା, ମନେମନେ ଭାବୁଥିଲି, ତୁମେ ମୋ ପାଖରେ ଥାଆନ୍ତକି ହେଲେ, ଥରଟିଏ ତୁମକୁ ଦେଖନ୍ତି । ମୋ ଡାକ ଭଗବାନ ଶୁଣିପାରିଲେ, ବଡ

 Magazine Downloaded from www.aahwaan.com

ଚମତ୍କାର ହୋଇଗଲା, ଅଧଘଣ୍ଟା ଭିତରେ ତୁମେ ମୋ ପାଖରେ ପହଞ୍ଚି ଯାଇଥିଲ, ମୋ ମଥାରେ ହାତରଖି ଟିକିଏ ହସିଦେଇ କହିଲ, କିଛି ଡରନାହିଁ ମୁଁ ତୁମ ପାଖେ ପାଖେ ଅଛି, ସବୁ କିଛି ଭଲରେ ଭଲରେ ହୋଇଯିବ । ଅନାଦିବାବୁ କହିଲେ ହଁ, କାହିଁକି କେଜାଣି, ସେଦିନ ତୁମକୁ ଥରେ ଦେଖିବାକୁ ମୋର ଭାରି ମନହେଉଥିଲା, ସବୁ କାମ ଧନ୍ଦା ଛାଡି, ତୁମପାଖରେ ଏ ଅଧମ ପତି ହାଜର ହୋଇ ଯାଇଥିଲା । ଏସବୁ ଅପୂର୍ବ ସଂଯୋଗ ଅବା ପରସ୍ପର ପ୍ରତି ପ୍ରେମର ପ୍ରତିଫଳନ ଜାଣି ହୁଏନା କିନ୍ତୁ ଏକଥା ସତ, ସମ୍ପର୍କର ଗଭୀରତା ଜଣେ ଆଉ ଜଣକୁ ଏମିତି ପାଖକୁ ଟାଣିନିଏ ।

ସୁନିତି ଦେବୀ ସେଇ ପୁରୁଣା ଦିନ ଭିତରେ ସତେ ଯେପରି ହଜି ହଜି ଯାଉଥିଲେ, ଅନାଦିବାବୁଙ୍କ ମୁହଁକୁ ଅନେଇ କହିଲେ, ତୁମର ମନେ ଅଛି, ଦିନେ ଦିପହର ରୋଷେଇ କରୁକରୁ ଗରମ ତେଲପଡି ମୋର ହାତ ଜଳିଯାଇଥିଲା, ଆଉ ସେଇଦିନ ସଂଧ୍ୟାରେ ତୁମେ ଯେତେବେଳେ ଅଫିସରୁ ଫେରିଲ, ତୁମ ହାତରେ ବର୍ଣ୍ଣଲର ଟ୍ୟୁବ ଥିଲା । ମୁଁ ଯେତେବେଳେ ପଚାରିଲି, ମୋ ହାତ ପୋଡିଗଲା ବୋଲି ତୁମେ କେମିତି ଜାଣିଲ ! ତୁମେ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଚାହିଁ ରହିଲ, ଆଉ କହିଲ ମୋ ହାତ ଜଳିଯିବାକଥା ତୁମେ ଜାଣିନ, କିନ୍ତୁ ତୁମକୁ ଲାଗିଲା, ଘରେ ବର୍ଣ୍ଣଲ ସରିଯାଇଥିବ, ପୁଣି କେତେବେଳେ ଏମରଜେନ୍ସିରେ କାଳେ ଦରକାର ପଡିଯିବ ! ସେକଥା ଭାବି ବଜାରରୁ କିଣି ଆଣିଥିଲ ।

ଜେଜେମାଆ ମୁରୁକି ହସିଲେ, ଲାଜେଇ ଲାଜେଇ ଜେଜେଙ୍କ ହାତକୁ ଧରିଲେ କହିଲେ- ହଁ, ଆମ ସମୟରେ ଖାଲି ପ୍ରେମ ଥିଲା ହେଲେ ମୋବାଇଲ ନଥିଲା । କେବଳ ତୁମେ ଥିଲ, ମୁଁ ଥିଲି ଆଉ ଆମ ଭିତରେ ଗଭୀର ପ୍ରେମ ଭରିଥିଲା । ଅନାଦି ବାବୁ ସୁନୀତି ଦେବୀଙ୍କ ଆଖିରେ ଆଖିମିଳେଇ କହିଲେ, ଆଜି ସମୟ ବହୁତ୍ ଆଧୁନିକ ହୋଇଯାଇଛି ସବୁକିଛି ବଦଳିଯାଇଛି । ଆମର ବୟସ ସରିସରି ଆସୁଛି, ଏବେ ଆମେ ଭାଇବ୍ରେସନ ମୋଡରେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବଞ୍ଚିଛେ, ଜୀବନ ବ୍ୟାଟେରୀର ଚାର୍ଯ ସରି ସରି ଆସୁଛି ଜୀବନ ରେଖା ଗୋଟିଏ ଗାରରେ ଝୁଲୁଛି ।

ସୁନିତି ଦେବୀ କହିଲେ, ହେଇ ଦେଖିଲଣି, ଗପସପ କରୁକରୁ ରାତି ଶାଢେ ଦଶଟା ବାଜିଲାଣି, କଥା ଭୋଳରେ ମୁଁ ତୁମ ଖୀର କଥା ଭୂଲିଯାଇଛି । ରୁହ ତୁମପାଇ ଖୀର ଗରମକରି ନେଇ ଆସୁଛି, ଭାବୁଛି, ବିନା ଚିନିରେ ଖିର ପିଇ ପିଇ ତୁମେ ବୋର ହୋଇଯିବଣି, ଆଜି ଖୀରରେ ଟିକିଏ ମହୁ ମିଶେଇ ନେଇ ଆସିବି, ତୁମର ଟେଷ୍ଟ ଟିକିଏ ବଦଳିଯିବ । ଅନାଦି ବାବୁ ସୁନୀତି ଦେବୀଙ୍କ କଥା କଟି କହିଲେ ଆରେ, ତୁମେ କେମିତି ଜାଣିଲ, ମୁଁ ଏବେ ସେଇ କଥା ତୁମକୁ କହିଥାଆନ୍ତି, ବିନାମିଠାରେ ଖୀର ପିଇବାକୁ ଭଲ ଲାଗୁନି, ହେଲେ ତୁମେ ମୋର ମନକଥା କହିଦେଲ ।

ସୁନୀତି ଦେବୀ ପାକୁଆ ପାଟିରେ ଟିକିଏ ହସି ଦେଇ କହିଲେ, ଆମ ସମୟରେ ମୋବାଇଲ ନଥିଲା, ହେଲେ ମନ ପଢିବାକୁ ଉଚ୍ଚ ଶକ୍ତିଶାଳୀ ସିକ୍ସସେନ୍ଷ ଥିଲା । ବୁଢା ବୁଢିଦିହେଁ ପରସ୍ପର ମୁହଁକୁ ଚାହିଁ ହୋ ହୋ ହୋଇ ହସି ଉଠିଲେ । (ପ୍ରେରଣା-ହ୍ୱାସଟଆପର ଏକ ଅଜଣା କବିଙ୍କର କବିତା)


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ଆଉ ମା



ବିଜୟ କୁମାର ପଣ୍ଡା

ଘ୍ୟା ଭିତରେ ତିନି ସପ୍ତାହ ବିତି ଗଲାଣି ଘରେ ବସି ବସି । ଯେମିତି ଦିନଟେ ଯୁଗଟେ ପରି କଟୁଛି । ଗାଁକଥା ଭାରି ମନେପଡୁଥିଲା ।

ବୁଢ଼ୀମା ଆଉ ସାନ ଭଉଣୀ କୁନିକୁ ନେଇ ତାର ଛୋଟ ସଂସାର । ପିଲାବେଳୁ ବାପା ଚାଲି ଯାଇଥିଲେ । ମା' ପର ଘରେ ମୁଲ ଲାଗି ଭାଇଭଉଣୀ ଦୁଇଟାକୁ ବଢ଼େଇଲା । ଭାଇଭଉଣୀ ଭିତରେ ମାତ୍ର ଗୋଟିଏ ବର୍ଷ ବୟସର ଅନ୍ତର । ପିଲାବେଳଠୁଁ ସବୁବେଳେ ତା ନିଜ ଭାଗର ଖାଦ୍ୟ ହେଉ ବା ଖେଳନା ସେ ସାନ ଭଉଣୀକୁ ଦେଇଦିଏ । ସାନ ଭଉଣୀର ଖୁସି ଦେଖି ଯେମିତି ଦାସିଆର ପେଟ ପୁରିଯାଏ ।

ପିଲାବେଳଠୁଁ ଦାସିଆ ପିଲାବେଳୁ କେମିତି ଦୁଇ ପଇସା ରୋଜଗାର କରିବ ସେକଥା ସବୁବେଳେ ଉପାୟ ଖୋଜୁଥାଏ ।

ମା' ପରଘରେ ମୁଲ ଲାଗୁ ସେକଥା ତାକୁ ଇଛା ନଥିଲା । ଗରୀବ ହେଲେ ବି ଭାରି ସ୍ୱାଭିମାନୀ । କାହା ଆଗରେ କେବେ ହାତ ପାତେନି । ସ୍କୁଲ ଛୁଟି ହେଲାପରେ ଗାଁ ପାଖ ବଜାର ଗୋଟେ ବରା ପିଆଜି ଛଣା ହେଉଥିବା ଦୋକାନରେ ପ୍ଲେଟ ମାଜି ଦିନକୁ ଦଶ ଟଙ୍କା ଲେଖାଏଁ ଆଣି ସଂଚୟ କରି ରଖେ । ଧିରେ ଧିରେ ପାଠ ପଢ଼ା ପ୍ରତି ମୋହ ଭାଙ୍ଗିଗଲା । ଦଶମଶ୍ରେଣୀ ଯିବା ପୂର୍ବରୁ ସେ ସ୍କୁଲ ବନ୍ଦ କରିଦେଲା । ତା'ର ବୟସ ବଢ଼ିବା ସାଙ୍ଗକୁ ସାନ ଭଉଣୀର ଦାୟିତ୍ୱ ବାହାଘର ଦାୟିତ୍ୱ ତାକୁ ବେଶ ବୁଝା ପଡ଼ିଯାଇଥିଲା । କିଛି ରୋଜଗାର କରି ପଇସା ସଞ୍ଚୟ କରିବା ତାର ଏକମାତ୍ର ଲକ୍ଷ୍ୟ ଏବେ । ଏମିତି କିଛି ଦୁଇ ତିନିଟା ବର୍ଷ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାମ କରିବା ଭିତରେ ସେ ଜାଣି ଯାଇଥିଲା ଯେ ଗାଁରେ ରହି ଯାହା ରୋଜଗାର କରିବ ସେଥିରେ ଦୁଇବେଳା ଖାଇବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ଗାଁ ମାଟି, ପାଣି, ପବନକୁ ପ୍ରାଣ ପଣେ ଭଲ ପାଉଥିବା ଦାସିଆ କିନ୍ତୁ ଗାଁଛାଡ଼ି ଦିନେ ବାହାରକୁ ଯାଇ ବେଶୀ ପଇସା ରୋଜଗାର କରିବା ପାଇଁ ନିଷ୍ପତ୍ତି ନେଲା । ଗୋଟେ ବୋଲି ପୁଅ, ମା ଜାଣିଥିଲେ ତାକୁ କେବେ ଛାଡିନଥାନ୍ତା । ସାଙ୍ଗମାନଙ୍କ ମିଶି ରାଜ୍ୟ ବାହାରକୁ ରୋଜଗାର ପାଇଁ ଘରୁ ଲୁଚି ପଳେଇଲା । ମା ଆଉ ସାନ ଭଉଣୀ ଦୁଇଜଣ ତାକୁ ପ୍ରାଣପଣେ ଭଲ ପାଆନ୍ତି ।

ଏଥର ହୋଲିରେ ଛୁଟି ନେଇ ଘରକୁ ଆସେ ବୋଲି ମା କେତେ ଡାକୁଥିଲା ।

ସାଙ୍ଗମାନେ ବି ଫୋନ କରି କେତେ ଡାକିଥିଲେ, “ଦାସିଆ ଏଥର ହୋଲିରେ ଗାଁକୁ ଆସେ, ରଙ୍ଗ ଖେଳିବା । ଖୁବ ମଜା ହେବ ।”

ଦାସିଆ କିନ୍ତୁ କାହା କଥା ଶୁଣିନଥିଲା । ସାଙ୍ଗମାନଙ୍କୁ କହିଥିଲା, “ଏବେ କଣ୍ଟ୍ରାକ୍ଟର ଛୁଟି ଦଉନି । ରଜ ବେଳକୁ ଦେଖିବା ।”

କଣ୍ଟ୍ରାକ୍ଟରଠୁଁ ପଇସା ମିଳିନଥିଲା କଣ୍ଟ୍ରାକ୍ଟର ଦୁବାଇ ଯାଇଛି, ଆସିଲେ ସମସ୍ତଙ୍କୁ ହିସାବ କରି ପଇସା ଦେବ । ପଇସା ମିଳିଲେ ସାନଭଉଣୀ କୁନି ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ ନେଇ ରଜବେଳକୁ ଯିବି ବୋଲି ମନସ୍ଥ କରିଥିଲା ।

ଦାସିଆ ସହିତ ଓଡ଼ିଶାର ଅନ୍ୟ ସହରରୁ ଆସି କାମ କରୁଥିବା କିଛି ଓଡ଼ିଆ ଭାଇମାନେ କିନ୍ତୁ ଅନ୍ୟମାନଙ୍କ ଠାରୁ କିଛି ପଇସା ଉଦ୍ଧାର ନେଇ ଘରକୁ ଚାଲି ଯାଇଥିଲେ । ହିନ୍ଦୀ ଭାଷାରେ କଥା ହେଉଥିବା ତାରି ଭଳି ଅନ୍ୟଜଣେ ଦିନମଜୁରିଆ ସହିତ ଦାସିଆ ରହୁଥାଏ । ସେଇ କଣ୍ଟ୍ରାକ୍ଟର ସହିତ କାମ କରୁଥିବା ଅନ୍ୟ କେତେଜଣ ଦିନ ମଜୁରିଆ ମଧ୍ୟ ସେ ରହୁଥିବା କୋଠାର ପ୍ରଥମ ଓ ଦିତ୍ୱୀୟ ତାଲାରେ ରହୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୀନରୁ ଅନ୍ୟ ଦେଶକୁ ବ୍ୟାପିଥିବା କଣ ଗୋଟେ ନୂଆ ରୋଗ ପାଇଁ ଭୟରେ ସମସ୍ତେ ନିଜ ଦେଶକୁ ଫେରି ଆସୁଛନ୍ତି ବୋଲି ସେ କାମ କରୁଥିବା କଣ୍ଟ୍ରାକ୍ଟର ବି ଦୁବାଇରୁ ସେଦିନ ଫେରି ଆସିଛି ବୋଲି ସବୁ କଥା ହେଉଥିଲେ । ସମସ୍ତେ ମିଶି ତା ପାଖକୁ ଯାଇ ବକେୟା ପଇସା ହିସାବ କରି ଆମକୁ ଦେଇଦିଅନ୍ତୁ ବୋଲି ଦାବି କଲେ, ପଇସା ବି ପାଇଲେ । ପଇସା ପାଇବା ପର ଦାସିଆ ପରେ ଆଜି ଯାଇ ସାନ ଭଉଣୀ କୁନି ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ କିଣି ଆଣି ରଖିଲା ।

ଅଳ୍ପ ଦିନ କେତେଟାରେ ଏଇ ନୂଆ ରୋଗ ମହାମାରୀ ରୂପ ନେବାରୁ ଜଣା ଭାରତ ସରକାର ପୁରା ଦେଶରେ ତାଲା ବନ୍ଦ (ଲକ ଡାଉନ) ଘୋଷଣା କଲେ । ଟ୍ରେନ, ବସ, ସବୁ କିଛି ବନ୍ଦ । ଦୋକାନ ବଜାର ସବୁ ବନ୍ଦ ହେଲା । କିଛି ଦିନ ଭୋକଉପାସରେ ବିତିଲା ପରେ ରାଜ୍ୟ ସରକାର ବସ ବ୍ୟବସ୍ଥା କରି ଅନ୍ୟ ରାଜ୍ୟରେ ଫସି ରହିଥିବା ଶ୍ରମିକମାନଙ୍କୁ ରାଜ୍ୟକୁ ଫେରେଇ ଆଣିବାର ବନ୍ଦୋବସ୍ତ କଲେ । ଦାସିଆ ବି ବୁଝାବୁଝି କରି ସେଇ ବସରେ ବସି ବାହାରିଲା ।

ମନରେ ଅହେତୁକ କୌତୁହଳ ଯେ ଗାଁକୁ ଫେରିବ । ଗାଁର ସବୁ ସ୍ମୃତିକୁ, ପିଲାଦିନ କଥା ମନେ ପକେଇ ତା ଆଖିରେ ଖୁସିର ଲୁହ ବୁନ୍ଦା କେତୋଟି ବହି ଯାଉଥିଲା । ମା ଆଉ ସାନ ଭଉଣୀକୁ ବର୍ଷେ ହେବ ଦେଖିନି । ନଡ଼ିଆ ଭାଙ୍ଗି ବସ ଗଡ଼ିବା ଆରମ୍ଭ କଲା । କିଛି ପିଲା ଖୁସିରେ ହୋହାଲ୍ଲା ବି କରିବା ଆରମ୍ଭ କରିଦେଲେ । ରାତି ବେଶୀ ହେବାରୁ ପ୍ରାୟ ଲୋକ ଶୋଇପଡ଼ିଲେ । ଦାସିଆ ମଝିରେ ଥରେ ଯାଇ ଡ୍ରାଇଭରକୁ ପଚାରି ଆସିଲା ଗାଡ଼ି କେତେବେଳେ ପହଁଚେଇବ ।

ଡ୍ରାଇଭର କହିଲା ଭାଇ ଆମେ ଗୋଟେ ରାଜ୍ୟରୁ ଆଉ ଗୋଟେ ରାଜ୍ୟକୁ ଯାଉଛେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତମେ କଣ ଭାବୁଛ ତିନି ଚାରି ଘଣ୍ଟାରେ ପହଂଚିଯିବ ? ଧର୍ଯ୍ୟ ରଖ । ପୁରା ଗୋଟିଏ ଦିନ ଲାଗିଯିବ । ତା ପରଦିନ ଘରେ ପହଂଚିବ ।

ଦିନ ଗଡ଼ି ରାତି ହେଲା । ରାତି ପାହାନ୍ତାରେ ବସ ପହଂଚିବ ଭାବି ଭାବି ତାକୁ ନିଦ ହେଉ ନଥାଏ । ମନରେ ଅସୁମାରୀ ସ୍ୱପ୍ନ । ମା'ର ଚେହେରାଟା ଜଳଜଳ କରି ଦିଶି ଯାଉଥାଏ । ଏହା ଭିତରେ କେତେବେଳେ ତାକୁ ନିଦ ଲାଗିଯାଇଥିଲା । ହଠାତ କଣ ଗୋଟେ ବହୁତ ବଡ଼ ଶବ୍ଦ ଶୁଭିଲା ଆଉ ବସ ଦୁର୍ଘଟଣାଗ୍ରସ୍ତ ହେଲା । ଦାସିଆର ହୋସ ନଥାଏ । ପାଖ ଡାକ୍ତରଖାନାରେ ତାକୁ ଭର୍ତ୍ତି କରାଯାଇଥିଲା କିନ୍ତୁ କ୍ଷଣିକ ସମୟ ପାଇଁ ତାର ଚେତା ଫେରିଥିଲା ଆଉ ମା' ମା' ବୋଲି ଶେଷ ଡ଼ାକରେ ତାର ପ୍ରାଣ ବାୟୁ ଉଡ଼ିଯାଇଥିଲା ।

ଭଉଣୀ କୁନି ପାଇଁ ନୂଆ ଡ୍ରେସ ଆଉ ମା ପାଇଁ ନୂଆ ଶାଢ଼ୀ ଠିକଣା ହରାଇ ରାସ୍ତା କଡ଼ରେ ଅଯାଚିତ ହୋଇ ପଡ଼ିଥିଲେ ।

ପ୍ରତିଷ୍ଠାତା ଓ ସଂପାଦକ,
"ଓଡ଼ିଶା ବିଜୟଧ୍ୱଜା" ଇ-ପତ୍ରିକା
ସବଂଗ, ସିମୁଳିଆ, ବାଲେଶ୍ୱର
ଦୂରଭାଷ : ୯୭୩୯୫୯୧୮୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଁ ସେ ପୁଣି ଆସିଥିଲା



ସରୋଜ ପରିଡ଼ା

ହଁ ସେ ପୁଣି ଆସିଥିଲା ଏ ଲକଡାଉନ୍‌ରେ

ହଁ ସେ ପୁଣି ଆସିଥିଲା ଗାଁକୁ ଏ ଲକଡାଉନ୍‌ରେ, ଯାହାକୁ ଏ ଆଖି ସବୁବେଳେ ତା ଅଗରେ ଦେଖିବାକୁ ଚାହେଁ ଆଉ ମୋ ହୃଦୟ ପ୍ରତ୍ୟକ ମୁହୂର୍ତ୍ତରେ ତାରି ସ୍ପନ୍ଦନରେ ନାଚି ଉଠିବାକୁ ଚାହେଁ ଆଉ ମୋ ଶରୀର କେବଳ ତାରି ସାନିଧ୍ୟ ଆଉ ଶ୍ରୀ ହରଣ ଅନୁଭବ କରିବାକୁ ଚାହେଁ ।

ଆରେ ଆରେ ମୁଁ ଏ କଣ କରୁଛି ତାର ପରିଚୟ ନ ଦେଇ ଆପଣଙ୍କୁ ତା କଥା ସବୁ କହୁଛି, ହଁ ସିଏ ମୋ ସେହି ପରିଚୟ ଯାହାର କୌଣସି ଖାତା ଖତିୟାନ ନାହିଁ, ସେ ମୋର ହଜି ଯାଇଥିବା ସେହି ନିଷ୍ପାପ ଆଉ ନିରାଆଡ଼ମ୍ବର ସାଧାରଣ କୋମଳମତି ପିଲାଦିନ ଯିଏ ସମୟର ସ୍ରୋତରେ ଟିକେ ବେଶି ଫୁଲେଇ ଆଉ ଚଗଲି ହେଇଯାଇଛି । କାଲିର ସିଏ ହାତ ପାଖର ମୋ ଗେହ୍ଲେଇ ମାଟିକଣ୍ଢେଇ ସତେ ଯେପରି ମୋପାଇଁ ଆକାଶର ଜହ୍ନ ହୋଇଯାଇଛି ଆଉ ମୁଁ ବିଚରା ବାମନ ।

ମୋ ଗପ ଆରମ୍ଭ କରିବା ଆଗରୁ ତାକୁ ଟିକେ ଭାବିଦିଏ ତାର ସେହି ହରିଣୀ ଆଖି, ଗୋଲାପ ପାଖୁଡା ପରି ଓଠ ଆଉ ଚନ୍ଦ୍ର ବଦନି ପରି ମୁହଁ ଆଉ ସେଇ ଶବ୍ଦ ଯେଉଁ ଶବ୍ଦ ସତରେ ତା ନାଁ କୁ ସଂଯୋଗ କରି ଧନ୍ୟ ହୋଇଛି, ଯେଉଁ ନା ଶୁଣିଦେଲେ ଶରୀରର କେଉଁ ଦିଗରୁ ଅସରାଏ ମଳୟ ପବନ ବୋହିଯାଏ ଆଉ ମୁଁ ହୋଇଯାଏ କେଉଁ ଏକ ନିଶାଡୀ ପରି ଭାବୁକ, ଆଉ ସେ ନା ଯିଏ ମତେ ଭାବୁକ କରାଏ ନା ତାର 'ମୋନାଲିଶା' ।

ସେଦିନ କେହି ଜଣେ ମୋ ପାଖରେ ବସି କହି ଉଠିଲା, ରେ ଜାଣିଚୁ ତୋର ସିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଛି, ଅନ୍ୟମନସ୍କଙ୍କ ପରି ମୁଁ କହିଲି ଆରେ କିଏ ଆଉ ସେ ଲୋକ କହିଲା କାହିଁ ଏତେ ଛୋପରା ହଉଛୁ ମ ! ଆରେ ସେଇ ତୋ ମୋନାଲିଶା, ହେ ଭଗବାନ ମୁଁ ଶବ୍ଦରେ କହିପାରୁନି ଏ କଥା ଶୁଣି ସେଦିନ ମୋର କଣ ହୋଇଥିଲା ଏକ ସଂଜ୍ଞାହୀନ ଶ୍ରୀ ହରଣରେ ମୁଁ ଯେମିତି ଭିଜୁଥିଲି ସେ ଲୋକକୁ ଠାଉରେଇ ମୋର କାମ ଅଛି କହି ସେଠୁ ଚାଲିଆସିଲି ।

ଘରକୁ ଯାଇ ସଂଗେ ସଂଗେ ଫୁଲ ପ୍ୟାଣ୍ଟ ସାର୍ଟ ପିନ୍ଧି ମୁଁ ବାହାରିଲି ତା'ର ଗଳିକି ଯେଉଁ ଗଳି ମୋ ପାଇଁ ସତେ ଯେମିତି ବଡଦାଣ୍ଡ ପରି ପବିତ୍ର । ଯାଉ ଯାଉ ଦେଖିଲି ଝରକା କଣରେ କିଏ ବାହାରକୁ ଚାହିଁଛି, ସତେ ଯେମିତି ବହୁତ ଦିନର ପ୍ରତୀକ୍ଷାରେ କଳାବାଦଲକୁ ପଛରେ ପକାଇ ଚନ୍ଦ୍ରମା ଅନେଇଛି, ତାକୁ ଦେଖିଲି ଜାଣିନି ହଠାତ ମୋ ଦୁଇଆଖିରୁ ଅଜାଣତରେ ଦୁଇଧାର ଲୁହ ବୋହି ପଡିଲା, ଶ୍ୟାମଳୀ ମୋର ସେଇ ମାଟି କଣ୍ଢେଇ ସହରୀ ପାଣି ପବନରେ ସତେ ଯେମିତି ଗୋଲାପୀ ରଙ୍ଗର ଦାଉଦାଉ ସଜ ଗୋଲାପ ପରି ହେଇ ଯାଇଥିଲା ଆଉ ତା'ର ସେ ଚାହାଣୀ ଏମିତି ଥିଲା ସତେ ଯେମିତି ପୂର୍ଣ୍ଣିମା ରାତିର ସମୁଦ୍ର ତାର ଜୁଆର ଭାଙ୍ଗୁଛି, ଛାତି ଧକଧକ ହୋଇ ଉଠିଲା ମନରେ ଅସଂଖ୍ୟ କୋହ ଭରିଗଲା ଆଉ ନିଜକୁ ସମ୍ଭାଳି ପାରିଲିନି, ହେ ମୋନାଲିଶା କହିଗଲା ବେଳକୁ ମୋର ମନେ ପଡିଗଲା ତାକୁ ଦେଇଥିବା କଥା ଆଉ ତା ଅଗରେ କରିଥିବା ଶପଥ, ଯେ ମୁଁ ବଂଚିଥିଲା ଯାଏଁ ତୋ ଆଖି ଆଗରେ ଦେଖାଦେବିନି, ତୋ'ଠାରୁ ବହୁତ ଦୂରକୁ ପଳେଇବି, ତୋ ଜୀବନରେ ଆଉ ଝଡ ହେବିନି ତୋ ରାଣ ଖାଇ କଥା ଦଉଛି ଲୋ ମୋ କଣ୍ଢେଇ .... ।

ଏମିତି ଭିତରେ ପଛରୁ ମୋ ସାଙ୍ଗ ରାହୁଲ କହିଲା ଆରେ ତୁ କଣ ଏଠି କଣ କାମ ଥିଲାକିରେ ? ତୁ କଣ ଆମ ଗାଁରେ ? ଏତେ ଦିନପରେ  ଆସେ ଆସେ ଗୋଟେ କୋଲଡ୍ରିଙ୍କ୍ ପିବା କିଛି ନ ଭାବି ପଳେଇ ଆସିଲି ସେଠୁ ସତେ ଯେମିତି ସେ ଜାଗା ଛାଡିବା ପରେ ଧୀରେ ଧୀରେ ମୋ ହୃଦସ୍ପନ୍ଦନ ଧିମା ହୋଇଗଲା ଆଉ ରକ୍ତଚାପ ବଢିଗଲା ଆଉ ଆଖିରୁ

 Magazine Downloaded from www.aahwaan.com

ଅଜାଣତରେ  ଅଶ୍ରୁ ର ବନ୍ୟା ହେଲା, କାନ୍ଦ କାନ୍ଦ ମୁହଁରେ ଘରକୁ ଆସିଲା ବେଳକୁ ବୋଉ କହିଲା ଆରେ ତୋ ଦେହ ଭଲନାହିଁ ତୋ ମୁହଁ ଏମିତି କଣ ଦିଶୁଛି, କିଛି ହେଇନିଲୋ ବୋଉ କହି ସେଠୁ ପଳେଇଯାଇ ଆମ୍ବ ବାରିରେ ଏକା ବସିଲି ଆଉ ମନେମନେ କହିଲି ଲୋ ପାଗେଲି ସେ ଯାହା ବି ହେଇଯାଉ ତତେ ଦେଇଥିବା କଥା ମୁଁ କେବେ ଭାଙ୍ଗିବିନି, ଠିକ ସେତିକି ବେଳେ ହଟାତ ମୋବାଇଲରେ ହାତ ବାଜି ଅକ୍ଷୟ ମହାନ୍ତିଙ୍କ ଗୀତ ବାଜି ଉଠିଲା

ପ୍ରିୟା ମୋର ଏ କି କଲ ଭଲ ପାଇ ଭୁଲିଗଲ...

ଗୀତର ତାଳେ ତାଳେ ମନେ ପଡିଗଲା ତା ସହିତ ଅତୀତରେ ଘଟିଥିବା ସେଇ ମୁହୂର୍ତ୍ତ ଗୁଡାକ, ଦିନେ ସେ ମତେ କହିଥିଲା ତୁମେ ମତେ ଭୁଲିଯିବନି ତ । ମୁଁ ବିଚଳିତ ହୋଇ ଆମ ଗ୍ରାମଦେବତୀଙ୍କ ରାଣଖାଇ କହିଲି ଲୋ ପାଗେଳି ତୁ ମୋର ହୃଦୟର ସ୍ପନ୍ଦନ ତତେ ମୁଁ କଣ କେବେ ଭୁଲି ପାରିବି, ମୁଁ ଟିକେ ବିଚଳିତ ହୋଇ କହିଲି ଲୋ ପାଗେଳି ତୁ କହିଲୁ ତୁ ତ ସହରକୁ ପାଠ ପଢିବା ପାଇଁ ଯାଉଛୁ । ତୁ ଆଉ ମତେ ଭୁଲିଯିବୁନି ତ ? ସେ ହଠାତ ବ୍ୟସ୍ତ ହୋଇ ତ ହାତରେ ମୋ ପାଟିକୁ ଚିପି ଧରିଲା ଆଉ କହିଲା ପ୍ଲିଜ ସେମିତି କୁହନି ତୁମବିନା ମୁଁ ମରିଯିବି, ମତେ ଜୋରେ ତା ବାହୁରେ ଜାବୁଡି ଧରି କହିଲା ଧନ ପ୍ଲିଜ ମୋ ଫେରିବା ବାଟକୁ ଅନେଇଥିବ ଆଉ କାହାକୁ ମନ ଦେଇଦେବନି ଏକଥା କହି ଡେରି ହେଲାଣି କହି ମୋଠାରୁ ସେଦିନ ସେ ବିଦାୟ ନେଲା କିଏ ଜାଣିଥିଲା । ସେ ବିଦାୟ ଦେଲାନି ଯେ ମୋ ଜୀବନରୁ ଚାଲିଗଲା, ମତେ କହିଥିଲା ପହଁଚିଲେ କଲ କରିବ ଦିନ ପରେ ଦିନ ଗଲା ଏମିତି ୨୬ଦିନ ପରେ ତାର କଲ ଆସିଲା ଆଉ କହିଲା ମୁଁ ଟିକେ ବ୍ୟସ୍ତଥିଲି ତମକୁ କଲ କରିପାରିଲିନି । ତା କଥାରୁ ଜଣାପଡୁଥିଲା ସତେ ଯେମିତି ସେ ମୋ ସହ କଥା ହବାକୁ ଚାହୁଁନି, ପରେ ଫୋନ କରିବି କହି କଟିଦେଲା ଫୋନ । ଆଉ ଅଟକିଗଲା ମୋ ପ୍ରେମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବହୁତ ଚେଷ୍ଟାକଲି ତା ସହିତ କଥା ହେବାପାଇଁ ହେଲେ ଫୋନ ସୁଇଚ ଅଫ ଆସିଲା, ତା ସାଙ୍ଗ ମାନିନି, ରିତା କେତେ କାହାକୁ ପଚାରିଲି କେହି କିଛି କହିଲେନି ୟା ଭିତରେ ୮ମାସ ବିତିଗଲା ଆଉ ମୋ ପ୍ରେମ...

ଦୀର୍ଘ ୧୦ ମାସରେ ସେଦିନ ତା ସାଙ୍ଗ ରିତା ବାହାଘର ଥାଏ । ମୁଁ ବାରମ୍ବାର ପଚାରୁଥାଏ ରିତା, ମୋନାଲି ଆସିବ ତ ରିତା କହିଲା । ସେ କହିଛି ଆସିବ । ତୁ ବ୍ୟସ୍ତ ହ ନା । ବାହାଘରରେ ସମସ୍ତେ ବରଯାତ୍ରୀଙ୍କୁ ଅପକ୍ଷା କରିଥାନ୍ତି । ଆଉ ମୁଁ ମୋ ପାଗେଳି କୁ, ହଠାତ ମୋ ସାଙ୍ଗ ରାହୁଲ କହିଲା, "ରେ ହିରୋ, ମୋନାଲିଶା ଆସିଛି ସେପଟେ ବସିଛି, ପାଗଳପ୍ରାୟ ହୋଇଗଲି ସିଧା ଦୌଡ଼ି ଦୌଡ଼ି ପହଞ୍ଚିଗଲି । ମୋ ପାଗେଳି ପାଖରେ କିନ୍ତୁ ଏ କଣ ମୋ ମୋନାଲିଶା ପାଖରେ ଏ ସହରୀ ପୁଅଟା କିଏ, ରିତା କହିଲା, ରେ ମୋନାଲିଶା ଆସିବ ନାହିଁ କହୁଥିଲୁ ପରା ଏଇ ଦେଖେ ମୋନାଲିଶା, ମତେ ଦେଖି ହସିଦେଲା ମୋ ପାଗେଳି ଆଉ କହିଲା କେମିତି ଅଛ, ମୁଁ କହିଲି ଭଲ ଅଛି ତମେ କେମିତି ଅଛ ସେ କହିଲା ମୁଁ ବହୁତ ଭଲ, ଟିକେ ସେପଟକୁ ଚାଲ ତୁମ ସାଥେ କିଛି କଥା ଅଛି ।

ସେପଟକୁ ଅନେଇ କହିଲା ଆଉ କଣ ଖବର ନୂଆ ଗାର୍ଲଫ୍ରେଣ୍ଡ ରଖିଲଣି ନା ନାହିଁ ? ମୁଁ କହିଲି ଆରେ ଏମିତି କଣ ମଜାକ କରୁଚ ? ଯେ ଆଉ, ସେ କହିଲା ଆରେ ମଜାକ କଣ ଆଜିକାଲି ଯୁଗରେ ଜଣଙ୍କର ତ କମସେ କମ ୪ରୁ ୫ଟା ଗାର୍ଲଫ୍ରେଣ୍ଡ ଆଉ ବଏଫ୍ରେଣ୍ଡ ଥିବେ ହଟାତ ବ୍ୟସ୍ତ ହୋଇ ମୁଁ ପଚାରିଲି ଆଉ ଆମ ପ୍ରେମ ସେ ଟିକେ ବିରକ୍ତ ହୋଇ କହିଲା 'କମନ ୟାର ସେତେବେଳେ ମୁ ଟିକେ ଇମମୋନସନାଲ ଥିଲି । ଏବେ କିନ୍ତୁ ସହରକୁ ଯାଇ ବଂଚିବା ଶିଖିଛି । ଏଇ ଦେଖ ମୋ ନୂଆ ବଏଫ୍ରେଣ୍ଡ ଅବିନାଶ ତୁମେ ବି ରଖ ଜୀବନର ମଜା ନିଅ ଆଉ ପ୍ଲିଜ ଯାହା ହୋଇଥିଲା ଆମ ଭିତରେ ସବୁ ଭୁଲିଯାଅ ।

ମୁଁ କିଛି କହିବା ଆଗରୁ, ସେ ତା ରାଣ ପକେଇ କହିଲା, ଦୟାକରି ମୋ ରାସ୍ତାରୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଇଡ୍ ହୋଇଯାଅ । ମତେ ବଞ୍ଚିବାକୁ ଦିଅ ଆଉ ରାଣ ଖାଅ ମତେ କେବେ ହଇରାଣ କରିବନି । ଅଜାଣତରେ ମୋ ଛାତିରେ କୋହ ସବୁ ଆଖିର ଲୁହ ହୋଇ ବୋହିଗଲା, ବହୁତ କାନ୍ଦିଲି ଆଉ କଥା ଦେଲି, ଲୋ ପାଗେଳି ତତେ ମୁଁ ଭଲ ପାଉଥିଲି ତେଣୁ ତତେ କଥା ଦଉଛି ତୋ ଖୁସିରେ ମୋ ଖୁସି ତୁ ଯୋଉଠି ରହ ଭଲରେ ରହ ଆଉ ତୋ ଜୀବନକୁ କେବେ ଆସିବିନି ।

ସେଦିନ ସେଇ ବାହାଘର ଆଉ ମୋ ପ୍ରେମର ପରିସମାପ୍ତି ଆଉ ମୁଁ ଆ ଭିତରେ ବଦଳିଯାଇଥିଲି । କିନ୍ତୁ ତାକୁ ଭୁଲି ପାରିନଥିଲି । ପାଗେଳି ଟା କେମିତି ବୁଝିବ ମୋ ପ୍ରେମ କେତେ ନିବିଡ ଥିଲା ଆଉ ସେ ମୋ ପାଇଁ ଦେବୀଟେ ଥିଲା । ଯାହାକୁ ମୁଁ ମୋ ହୃଦୟର ମନ ମନ୍ଦିରରେ ନୀତି ପୂଜା କରୁଥିଲି ।

ଦୀର୍ଘ ଦୁଇ ବର୍ଷ ପରେ ଆସିଛି ସେ ଗାଁକୁ କୋରନାର ଲକଡାଉନ୍ ପାଇଁ । ଆଉ ତାକୁ ଦେଖିବା ପାଇଁ ତା ରାଣ ଯେପରି ମତେ ମନା କରିଛି ଆଉ ତା ସହିତ କଥା ହବା ପାଇଁ ତାକୁ ଦେଇଥିବା କଥା ଯେପରି ମୋ ପାଟିକୁ ଲକଡାଉନ୍ କରିଦେଇଛି ।

ଶେଷରେ ଏତିକି କହିବି ତୁମେ ଧନ ଯୋଉଠି ରୁହ ଭଲରେ ରୁହ । ଖୁସିରେ ରୁହ ତୁମ ଖୁସିରେ ମୋ ଖୁସି । କିନ୍ତୁ ଗୋଟେ ପ୍ରଶ୍ନ ମୋର ପ୍ରଶ୍ନରେ ରହିଗଲା । ମୋ ପାଖରେ କାମ କମି ଥିଲା । ମୋ ପ୍ରେମରେ କଣ ଅଭାବ ଥିଲା ସେ ମତେ ଭୁଲିଗଲା ।

ସେ ଯାହା ବି ହଉ ମୁଁ ଜାଣିଚି ପ୍ରେମର ପୂର୍ଣ୍ଣତା, ତ୍ୟାଗରେ ଥାଏ ଆଉ ମୁଁ ସେ ତ୍ୟାଗ କରିଛି ।

ଦାଣ୍ଡମୁକୁନ୍ଦପୁର, ସଷ୍ଠସ, ପିପିଲି, ପୁରୀ
ଭ୍ରାମ୍ୟଭାଷ : ୯୫୫୬୪୪୭୦୯୯
ଇମେଲ୍ : sarojparida631@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବମାନନା



ସତ୍ୟନାରାୟଣ ମିଶ୍ର

ମହମାନୀ ଦୁର୍ଯୋଧନ ମହାଗର୍ବୀ ଏବଂ ଅହଙ୍କାରୀ । ଅତି ନିଷ୍ଠୁର ଭାବରେ ପାଣ୍ଡବଙ୍କୁ ସୂଚ୍ୟଗ୍ର ସୁଦ୍ଧା ମେଦିନୀ ବିନା ଯୁଦ୍ଧରେ ଦେବି ନାହିଁ କହି ସୂତ୍ରପାତ କଲା ମହାଭାରତ ଯୁଦ୍ଧ, ଅବନୀ ପୃଷ୍ଠରେ ବୁହାଇ ଦେଲା ଉଷ୍ଣ ଶୋଣିତର ଖରସ୍ରୋତ ତଟିନୀ । ଯାହାର ରକ୍ତ ରୂପକ ଜଳ ରାଶିରେ ଭାସି ଯାଉଥିଲେ ଜଳଚର ଜୀବ ରୂପକ ଶହ ଶହ ଛିନ୍ନ ମସ୍ତକ ଓ ଖଣ୍ଡ ବିଖଣ୍ଡିତ ଅଙ୍ଗ ପ୍ରତ୍ୟଙ୍ଗ । କୁଢ଼ କୁଢ଼ ଶବ ବହି ଚାଲିଛନ୍ତି ନାଉରୀ ବିହୀନ ନୌକା ସଦୃଶ । ଭାଇବନ୍ଧୁ ପୁତ୍ର ପ୍ରଜାମାନଙ୍କୁ ହରାଇ ଦୁର୍ଯୋଧନ ଏବେ ଏକା । ନୌକା ଭାବି ପୁତ୍ର ଲକ୍ଷ୍ମଣ କୁମାର ଶବ ଉପରେ ସେଦିନ ଯେତେବେଳେ ରକ୍ତ ନଦୀ ପାରିହେଲା ଏବଂ ଜାଣିପାରିଲା ସେ ସନ୍ତାନବୋଲି ହୃଦୟରେ ତରବାରୀ ବିଦ୍ଧ ସମ ଅନୁଭବ କଲା । ଏବେ ସେ ଏକା, ସମ୍ପୂର୍ଣ୍ଣ ଏକା । ଜୀବନ ଭୟରେ ଆତ୍ମଗୋପନ କରିଛି ବ୍ୟାସ ସରୋବର ମଧ୍ୟରେ । ସାରା ବିଶ୍ୱରେ ଯିଏ ଆଶ୍ରୟ ନପାଇ ଏଠାକୁ ଆସେ ସେ କେବେ ନିରାଶ ହୋଇନଥାଏ, ଉଦ୍ଧତ ଅଭିମାନୀ ତଥା ବିଶୃଙ୍ଖଳିତ ଗର୍ବୀ ଲୋକ ଏଠାରୁ ସଶରୀରେ ଫେରି ଯାଇପାରେନା ।

ଲକ୍ଷରାଜାର ମଉଡ଼ମଣି ମାନଗୋବିନ୍ଦ ଆଶ୍ରୟ ନେଇଛନ୍ତି ଏଠାରେ, ପାଟପତନିର ଉପାଦାନ, ପ୍ରକୋଷ୍ଠ ମଧ୍ୟରେ କେରି କେରି ହୋଇ ଝୁଲୁଛି ହୀରା ନିଳା ମଣି ମାଣିକ୍ୟ । ଚୌଦିଗରେ ସାନ୍ଦ୍ର ନୀରବତା । କୁରୁକ୍ଷେତ୍ରର ଅସ୍ତ୍ର ଝଙ୍କାର ନାହିଁ କି କୋଳାହଳ ନାହିଁ ଏଇଠି । ଅଛି କେବଳ ପ୍ରଶାନ୍ତିର ଅଖଣ୍ଡ ନୀରବତା । ଅଠର ଦିନର ସର୍ବଗ୍ରାସୀ ସମର ପ୍ରାଙ୍ଗଣ ବ୍ୟସ୍ତତା ଆଜି ସମାପ୍ତ ହୋଇଯାଇଛି । ଦ୍ରୋଣ, ଶଲ୍ୟ, ଶକୁନି କୃପ ସମସ୍ତେ ଲୀନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଛନ୍ତି ସର୍ବଗ୍ରାସୀ ସମର ସ୍ଥାନ ଉପରେ । ଅଛନ୍ତି କେବଳ ମୁମୂର୍ଷୁ ଶଯ୍ୟାଶାୟୀ ପିତାମହ ଭୀଷ୍ମ । ଜୀବନର ଉତ୍ଥାନପତନ ହସକାନ୍ଦ, ଆଶା ନିରାଶା ଜୟ ପରାଜୟର ଏକ ବିରାଟ କାହାଣୀର ସାକ୍ଷୀ ସିଏ । କ୍ଳାନ୍ତ ଅବସାଦ ଶରୀରରେ ବିଶ୍ରାମ ନେବାକୁ ଚାହିଁ ମଧ୍ୟ ଆଖିକୁ କୁରୁପତିଙ୍କ ଆଖିକୁ ନିଦ ଆସୁନି । ଭାବନା ରାଜ୍ୟରେ ଭାସି ଆସନ୍ତି ଅଶରୀର ସମୂହ । ବିମନ୍ଥନ କରି ଦେଉଛନ୍ତି ମାନ ସରୋବର ମଧ୍ୟସ୍ଥ ସ୍ଥିର ଜଳରାଶିକୁ । ଅନବରତ ପାର୍ଶ୍ୱ ପରିବର୍ତ୍ତନ କରୁଛନ୍ତି ପଲଙ୍କ ଉପରେ ।

ସହସା ଶୁଣି ପାରିଲେ କାହାରି ରୁଣୁଝୁଣୁ ଝୁଣ୍ଟିଆ ସ୍ୱର । ଦେଖିଲେ ପ୍ରକୋଷ୍ଠ ମଧ୍ୟରେ ଏକ ଶୁଭ୍ର ଜ୍ୟୋତ୍ସ୍ନାର ଆଲୋକ ଅନୁଭବ କଲେ ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀ ଫୁଲର ସୁଗନ୍ଧ । ସେ ଆଶ୍ଚର୍ଯ୍ୟ ହେଇ ଉଚ୍ଚସ୍ୱରରେ ପଚାରିଲେ, "କିଏ, କିଏ ତୁମେ ? ଅବାଧରେ ମୋ ପ୍ରକୋଷ୍ଠ ଭିତରକୁ ପଶି ଆସିବାର ଦୁଃସାହସ କିଏ କରୁଛ ? ତାଙ୍କ ଆଶଙ୍କା ଓ ଜିଜ୍ଞାସାର ଅନ୍ତ ଘଟାଇ ତୁରନ୍ତ ପ୍ରକୋଷ୍ଠକୁ ପ୍ରବେଶ କଲେ ମାଆ । ଜଗଜନନୀ ମା ପଦ୍ମାଳୟା, ଅଭୟଦାୟିନୀ ମା'ଙ୍କୁ ଦେଖି କୁରୁପତି ତଟସ୍ଥ ହୋଇଗଲେ କ୍ଷଣିକ ପାଇଁ । ତାଙ୍କର ଏଇ ଅସହାୟ ନିଃସଙ୍ଗତ ସମୟରେ ଯେତେବେଳେ ମା'ଙ୍କ ଦର୍ଶନ ପାଇଛନ୍ତି ଅବିଳମ୍ବେ କହି ଉଠିଲେ, "ପ୍ରଣାମ ମାତେ ! ଆଜିର ଏଅସମୟରେ ତମକୁ ସ୍ୱାଗତ କରିବା ପାଇଁ ମୋ ପାଖରେ ଅର୍ଘ୍ୟ ଧୂପ ଦୀପ କି ନୈବେଦ୍ୟ କିଛି ନାହିଁ । ରାଜା ମାନଗୋବିନ୍ଦ ଆଜି କଂଗାଳଠୁ ବି ହୀନ । ତମେ ଏଠାରେ କାହିଁକି ମା ?"

"ପୁତ୍ର ତୁ ମୋର ଅତି ପ୍ରିୟ, ତୁ ଅଜେୟ ରାଜ ଚକ୍ରବର୍ତ୍ତୀ ଥିବ ସମୟରେ ତ ମୁଁ ତୋଠୁ ଦୁରେଇ ନଥିଲି, ଆଜି ଏ ଅସମୟ ଦୁର୍ଦ୍ଦିନରେ ତତେ ଛାଡି ରହିଥାନ୍ତି କେମିତି । କୁରୁବଂଶର ପତନ ମୂଳରେ ମୋ ସ୍ୱାମୀ ମାଧବ ଅଛନ୍ତି ସତ, କିନ୍ତୁ ମୁଁ ମା, ମୁଁ ତତେ ଛାଡି ପାରିବି ନାହିଁ ।"

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଏତିକି କହି କୋହ ସମ୍ବରଣ ପାଇଁ ଚେଷ୍ଟା କରୁଥିଲେ କମଳା । ବ୍ୟସ୍ତବିବ୍ରତ ମହାମାନୀ ପ୍ରଶ୍ନ କରିଛନ୍ତି, "ମା ! ତମେ ଯଦି ମୋତେ ତ୍ୟାଗ କରିନ ତେବେ କାହିଁକି ମୋ ଅଧ ପତନ ?"

"ତୁମେ ଯଦି ଜ୍ଞାତସାର ବା ଅଜ୍ଞାତରେ ସେଦିନ ଶବ ଉପରେ ବସି ରକ୍ତ ନଦୀ ପାରି ହେଇ ନଥାନ୍ତ ତେବେ ମୁଁ ତମ କାନ୍ଧରୁ ଓହ୍ଲାଇ ଚାଲିଯାଇ ନଥାନ୍ତି, କାରଣ ଏହା ମୋ ପାଇଁ ଅସହ୍ୟ, ଅପବିତ୍ର । ମୁଁ ଚାଲିଆସିଲି ସତ, କିନ୍ତୁ ତତେ ଛାଡି ଶାନ୍ତ ରହିପାରିଲି ନି । ଆଜି ଆସିଛି ତତେ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଦେବାକୁ ।" ଦୁର୍ଯ୍ୟୋଧନ ଚକିତ ଭାବର ସହିତ ପଚାରିଲେ, "କି ସମ୍ବାଦ ମା ?" ଦେବୀ କହିଲେ, "ବତ୍ସ, ମାଧ୍ୟମ ପାଣ୍ଡବ ଭୀମ ମହାଦେବଙ୍କୁ ସନ୍ତୁଷ୍ଟ କରି ସିଂହନାଦ ଲାଭ କରିଛି । ଯାହାକି ତୋ ଜୀବନର ଧୂମକେତୁ । ତ୍ରିଭୁବନ ପ୍ରକମ୍ପିତ ସିଂହନାଦକୁ ଆଶ୍ରାକରି ଭୀମ ବ୍ୟାସ ସରୋବର କୂଳରେ ଉପସ୍ଥିତ । ତୁ ଯଦି ତାର ତିନିଟି ରଡିକୁ ସହିଯାଇ ସମ୍ମୁଖକୁ ନଯିବୁ, ତେବେ ଆସନ୍ତାକାଲିର ସୂର୍ଯ୍ୟୋଦୟ ତୋ ପାଇଁ ସୁଖର ଭାଗ୍ୟ ଉଦୟ ହେବ ।" ତପୃରେ କୁରୁପତି ଦେଇଛି ନିର୍ଭର ପ୍ରତିଶୃତି ଏବଂ ତାକୁ ଆଶୀର୍ବାଦ ଦେଇ ମା ଚାଲିଗଲେ ସ୍ୱସ୍ଥାନକୁ ।

କିଛି ସମୟ ପରେ ପ୍ରଥମ ସିଂହନାଦ ଶୁଣି ଚମକି ପଡିଲେ ଦୁର୍ଯ୍ୟୋଧନ । ଦ୍ୱିତୀୟବାର ନାଦ ଦ୍ୱାରା ତାଙ୍କ ଦେହର ଶିରାପ୍ରଶିରା ରକ୍ତ ଫୁଟି ଉଠିଲା, ଅସହ୍ୟ ବୋଧକରି ପ୍ରକୋଷ୍ଠରେ ଏପାଖ ସେପାଖ ଘୁରି ବୁଲିଲେ ବହାସ୍ଫୋଟ ମାରି । ଶେଷ ସିଂହନାଦ ବେଳେ ମହାଲକ୍ଷ୍ମୀଙ୍କ ବାରଣକୁ ଅମାନ୍ୟ କରି ବାହାରି ଆସିଲେ ବ୍ୟାସ ସରୋବର ସାତ ତାଳ ଜଳମଧ୍ୟରୁ, ବାସ ............

ସିନ୍ଦେକେଲା, ବଲାଙ୍ଗିର

ଭ୍ରାମ୍ୟଭାଷ : ୯୪୮୩୭୦୪୯୧୫

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ଦଧିଚି



ଉତ୍ତମ ମହାପାତ୍ର

ଗାଁର ନାଁ ସନାତନପୁର, ସବୁଜିମାରେ ପରିପୂର୍ଣ୍ଣ । ଗାଁକୁ ଘେରି ରହିଛି ଶାଳ, ଶାଗୁଆନ, ଆକାଶିଆ ଏମିତି ଅନେକ ଗଛ ସତେ ସେମିତି ମେଘନାଦ ପାଚେରୀ ସନାତନପୁରର । ତା ସହିତ ଗାଁ କଡରେ ନଦୀଟା ଅଙ୍କେଇ ବଙ୍କେଇ ବହିଯାଉଛି (ହଁ ଆଗ ଅପେକ୍ଷା କୂଳଖାଇ ଦୀର୍ଘ ହୋଇଗଲାଣି) । ନଦୀ ପଠା ଉପରେ ଅଛି ଆମ୍ବ, ଜାମୁକୋଳି ସହିତ ଲିଚୁ ବଗିଚା । ସେ ବଗିଚାର ମାଲିକ ହଉଛନ୍ତି ହରିଶ୍ଚନ୍ଦ୍ର ବାବୁ (ଗାଁର ଜମିଦାର), ଅବଶ୍ୟ ସେ ଆଉ ନାହାନ୍ତି ତଥାପି ବଗିଚାର ମାଲିକାନା ଅଛି ତାଙ୍କରି ନାଁରେ । ପୁଅ ତାଙ୍କର ରାଧାମୋହନ, ଜଣେ ଉତ୍ତମ ସମାଜସେବୀ ଆଉ ଦକ୍ଷ ଲେଖକ ମଧ୍ୟ । ପରିବେଶକୁ ଖୁବ ଭଲ ପାଆନ୍ତି, ସମାଜ ସେବା ଏବଂ ପରିବେଶ ସଜାଇବା ଛଡା ଯେତିକି ସମୟ ମିଳେ କାଗଜ, କଲମ ଧରି ବାହାରି ପଡନ୍ତି ତାଙ୍କର ସେଇ ନଦୀ କୂଳରେ ଥିବା ବଗିଚାକୁ । ସେଇଠି ଅଛି ଛୋଟିଆ ଛାତଘରଟିଏ ଆଉ ତା ଭିତରେ ବଗିଚା କାମ ପାଇଁ ଆବଶ୍ୟକ ଜିନିଷପତ୍ର ସହିତ ଗୋଟିଏ ଟେବୁଲ ଓ ଚୌକି, ଝରକାଟା ଖୋଲି ଚୌକିରେ ବସି ଟିକିଏ ପବନ ଖାଆନ୍ତି, ତାପରେ ଲେଖା ଲେଖି ଆରମ୍ଭ ହେଇଯାଏ । ଲେଖାରେ ଏମିତି କୁଆଡେ ହଜି ଯାଆନ୍ତି ଯେ ଯେତେ ଡାକିଲେ ବି ସେମିତି ଲେଖିଚାଲନ୍ତି କିଛି କର୍ଣ୍ଣପାତ ନକରି ଲେଖା ସରିବା ପର୍ଯ୍ୟନ୍ତ । ତାପରେ ବଗିଚା ବୁଲି ବୁଲି ନଦୀ କଡ଼ିଆ ସୁଲୁସୁଲିଆ ପବନର ମଜା ନେଇ ଘରକୁ ଫେରନ୍ତି । କଥାରେ ଅଛି

ନଦୀ କୂଳିଆ ଧୀର ପବନ

ଛାଡି ଯିବାକୁ ହୁଏନା ମନ"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛା ନ ଥିଲେ ବି ଫେରିବାକୁ ତ ପଡେ । ହଠାତ ଦିନେ ଏମିତି ବଗିଚାରୁ ଫେରି ଘରେ ପହଞ୍ଚି ଶୁଣିବାକୁ ପାଇଲେ ଗାଁର ମଦନ ବୁଢାଟାର ଦେହାନ୍ତ ହୋଇଛି । ଏହା ଶୁଣି ଦୌଡ଼ିଲେ ମଦନବୁଢା ଘରକୁ, ଯାଇ ଦେଖନ୍ତି ସମସ୍ତେ କନ୍ଦାକଟାରେ ବ୍ୟସ୍ତ । ରାଧାମୋହନ କହିଲେ ଆଉ ମଲା ଲୋକଟାକୁ ପକେଇ କେତେସମୟ କାନ୍ଦିବ, କୋକେଇ ବାନ୍ଧି ଉଠେଇବା ବ୍ୟବସ୍ଥା କର । ସେଇଠୁ ସମସ୍ତେ କୋକେଇ ବାନ୍ଧିବା ପାଇଁ ବାହାରିଲେ ।

କୋକେଇ ପାଇଁ ତ ଛଅ ଖଣ୍ଡ ବାଉଁଶ ଲୋଡ଼ା, ପ୍ରଥମେ ବାଉଁଶ ଗଛ କାଟିବାକୁ ପଡିବ । ଗଛକଟା ଶୁଣି ବ୍ୟସ୍ତ ବିବ୍ରତ ରାଧାମୋହନ କଣ ବା କହିବେ କୋକେଇ ପାଇଁ ତ ବାଉଁଶ କାଟିବାକୁ ପଡିବ । ଯାହା ହଉ ବାଉଁଶ କଟା ଯାଇ କୋକେଇ ବନ୍ଧା ଆରମ୍ଭ ହେଲା, କୋକେଇ ବାନ୍ଧୁ ବାନ୍ଧୁ କେହି ଜଣେ କହିଲା ଜୁଇ ପାଇଁ କାଠ ବି ଅଳ୍ପ ଅଛି ଗଛ ଗୋଟେ କାଟିବାକୁ ପଡିବ ପୁଣି ଗଛ କଟା କଥା ଶୁଣି ରାଧାମୋହନ ମନ ଅସ୍ଥିର କରିବେ ବା କଣ ? ଏଥର ସେ କହିଲେ ମୋ ନଦୀକୂଳ ବଗିଚାରେ ଛୋଟ ନିମ୍ବଗଛଟିଏ ଅଛି ସେଇଟାକୁ କାଟି କାଠ ପ୍ରସ୍ତୁତ କରି କୋକେଇ ଗାଁ ପରିକ୍ରମା ସାରି ମଶାଣି ପହଁଚିବା ପୂର୍ବରୁ ପ୍ରସ୍ତୁତ କର ଓ ସେ ଗଛ କାଟିବାକୁ ଦୁଇଟି ଲୋକ ପଠେଇଲେ, ଲୋକଦୁଇଟି ବଗିଚା ପହଞ୍ଚି ଛୋଟନିମ୍ବ ଗଛ ବଦଳରେ ବଡ ନିମ୍ବ ଗଛଟାକୁ କାଟିଦେଲେ (ହୁଏତ ତାଙ୍କର ଶୁଣିବାରେ କିଛି ତ୍ରୁଟି ରହିଯାଇଥିଲା) ରାଧାମୋହନ ବଗିଚା ଗଲେ କାମ କେତେବାଟ ଗଲା ଦେଖିବାକୁ । ଯାଇ ଦେଖନ୍ତି ତ ବଡ ନିମ୍ବ ଗଛଟି କଟାଯାଇଛି, ବହୁତ ବିରକ୍ତି ପ୍ରକାଶ କଲେ । କଟା ତ ସରିଲାଣି ଆଉ ବା କଣ କରିପାରିବେ, ଯାହା ହଉ କାଠ ପ୍ରସ୍ତୁତ ହେଇ କିଛି ମଶାଣିକୁ ଗଲା, ମଣିଷରୁ ଶବ ପାଲଟି ଯାଇଥିବା ମଦନ ବୁଢାଟାକୁ ଜୁଇରେ ଦେଇ ତା ପୁଅ ମୁଖାଗ୍ନି ଦେଲା । ବେଶି ହଇରାଣ କଲାନି ସଙ୍ଗେ ସଙ୍ଗେ ପୋଡି ପାଉଁଶ ହେଇଗଲା ।

ଏବେ ରାଧାମୋହନ ଘରକୁ ଫେରି ଗାଧୋଇ ଘରକୁ ପଶି ଦୁମ୍ କିନା ଚୌକିରେ ବସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ବଡ଼ ନିମ୍ବଗଛ କଥା ଭାବି ମନଦୁଃଖ କରୁଥିଲେ । ପାଖରେ ବସି ଝିଅ ବୈଶାଳୀ ଚିତ୍ର କରୁଥିଲା, ବୟସ ମାତ୍ର ପାଞ୍ଚ । ନାନା ପ୍ରଶ୍ନ ମନରେ, ହଠାତ ପଚାରିଲା ରାଧାମୋହନଙ୍କୁ, ବାପା କାଗଜ କେଉଁଥିରୁ ତିଆରି ? ରାଧାମୋହନ ବିରକ୍ତି ହୋଇ କହିଲେ ଓହୋ... ଟିକିଏ ଶାନ୍ତିରେ ବସେଇ ଦେବନି ଏ ଝିଅ । ପୁଣି ବୈଶାଳୀ ପ୍ରଶ୍ନ କଲା, ବାପା ତମେ ତ ମେଞ୍ଚା ମେଞ୍ଚା କାଗଜ ନେଇ ବଗିଚାରେ ଲେଖୁଛ କିନ୍ତୁ ଜାଣିନ କାଗଜ କେଉଁଥିରୁ ତିଆରି ? ରାଧାମୋହନ ବିରକ୍ତି ମୁହଁରେ କହିଲେ ଘାସରୁ । ପୁଣି ବୈଶାଳୀର ପ୍ରଶ୍ନ ଖାଲି କଣ ଘାସରୁ ? ରାଧାମୋହନ କିନ୍ତୁ ଏ ଥର ଟିକିଏ ଅଧିକ ବିରକ୍ତ ହୋଇ କହିଲେ କାଠ ମଣ୍ଡରୁ, ଝିଅ ବୈଶାଳୀ ପୁଣି ପ୍ରଶ୍ନକଲା ତାହେଲେ ତ ବାପା କାଗଜ ବନେଇବା ପାଇଁ ବହୁତ ଗଛ କଟାଯାଉଥିବ ?

ଏଥର କିନ୍ତୁ ରାଧାମୋହନ ସ୍ତବ୍ଧ ଆଉ ଚକିତ ହୋଇ ଚାହିଁରହିଲେ କୁନି ଝିଅ ବୈଶାଳୀ ମୁହଁକୁ ଆଉ ଭାବିଲେ ଋଷି ଦଧିଚିଙ୍କ କଥା, ଯେମିତି ଯେ ଅସୁର ନିପାତ ପାଇଁ ନିଜେ ଇଚ୍ଛାକୃତ ସମାଧି ନେଇ ତାଙ୍କ ଅସ୍ଥିକୁ ଦାନ କରିଦେଇଥିଲେ ଦେବତା ଏବଂ ମନୁଷ୍ୟ ସମାଜ ପାଇଁ ସେମିତି ଗଛଟିଏ ମଧ୍ୟ ନିଜକୁ ସମର୍ପି ଦଉଛି ଜନ୍ମିତ ଏଣ୍ଡୁଡ଼ି ନିଆଁରୁ ଜୁଇ ନିଆଁ ଜଳିବା ପର୍ଯ୍ୟନ୍ତ । ପରବର୍ତ୍ତି ସମୟରେ ରାଧାମୋହନ ଘରକୁ କମ୍ପୁଟରଟେ ଆଣି ଇଣ୍ଟରନେଟ ମାଧ୍ୟମରେ ଲେଖା ଲେଖି ଆରମ୍ଭ କରନ୍ତି ଓ ସରକାରୀ ଗ୍ରାମ୍ୟ ଉନ୍ନୟନକୁ ଅନୁରୋଧ କରି ସନାତନପୁର ମଶାଣିରେ ଶବ ଦାହ ପାଇଁ  ଇଲେକ୍ଟ୍ରି ଚୁଲାର ମଧ୍ୟ ବ୍ୟବସ୍ଥା କରନ୍ତି କେବଳ ଗଛ ବଞ୍ଚେଇବା ଉଦ୍ଦେଶ୍ୟ ନେଇ ।

ମଣିଷ ଏକ ମାତ୍ର ପ୍ରାଣୀ ଯିଏ କି ଗଛ ନ କାଟିବାର ସ୍ଲୋଗାନ ମଧ୍ୟ କଟାଯାଇଥିବା ଗଛର କାଠ ମଣ୍ଡରୁ ପ୍ରସ୍ତୁତ କାଗଜରେ ହିଁ ଲେଖିଥାଏ  ।

ମାଟିଆଳି, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୈଶାଖ ଧର୍ମ



ବିଚିତ୍ରାନନ୍ଦ ଜେନା

ବୈଶାଖ ମାସ ଘର ଆଗରେ ଗୋରୁଙ୍କ ପାଇଁ ପାଣି ରଖି ଆସୁ ଆସୁ ମାଳତୀଦେବୀ ଦେଖିଲେ ଘର ପିଣ୍ଡାରେ ଫେରୀୱାଲାଟିଏ ବସିଛି ମୁଣ୍ଡକୁ କାନ୍ଧ ଉପରେ ଆଉଜି ହୋଇ । ଏହା ଦେଖି ବିରକ୍ତ ହୋଇଗଲେ ମାଳତୀ ଦେବୀ କହି ପକେଇଲେ ଭିନ୍ନ ଭିନ୍ନ ଜାଗା ବୁଲୁଛ, ଭିନ୍ନ ଭିନ୍ନ ଜାତିର ଲୋକଙ୍କ ଘର ଆଗକୁ ଯାଉଛ ମୋ ଘରକୁ ଅଛୁଆଁ କରିବନା କଣ ? ଏଠୁ ଗଲ, ଫେରିବାଲଟି ନରମ ସ୍ୱରରେ କହିଲା ନାହିଁ ମାଁ ଆଉ ଚାଲି ପାରିବିନି ପ୍ରବଳ ଭୋକ ଲାଗିଲାଣି ପାରିବ ତ ପଖାଳ ଗଣ୍ଡେ ଦିଅ ମୁଁ ପଇସା ଦେଇ ଦେବି । ଏହା ଶୁଣି ମାଳତୀ ଦେବୀ ଆହୁରି ବିରକ୍ତ ହୋଇ କହିଲେ ହୋଟେଲ ଭାବିଲ ନା କଣ ଏସବୁ ହୋଇ ପାରିବନି ଏଠି ଚାଲି ଯାଅ ଶୀଘ୍ର । ଅନତି ଦୂରରେ ବୋହୁ ଛିଡା ହୋଇ ଦେଖୁଥିଲା ଏ ଦୃଶ୍ୟ ପାଖକୁ ଆସି ରୁହ ମଉସା କହି ବାଢ଼ିଦେଲେ ପଖାଳ ଭାତ, ବଡ଼ିଚୁରା ଓ ଆଳୁଭର୍ତ୍ତା, ଖାଇସାରି ଆନନ୍ଦ ମନରେ ବଢ଼େଇଦେଲା ଫେରୀୱାଲା ୫୦ଟଙ୍କାର ନୋଟଟିଏ ହେଲେ ବୋହୂ ମନାକରି କହିଲା ଥାଉ । ବୋହୂର ମୁହଁରେ ଖେଳି ଯାଉଥାଏ ଏକ ଅହେତୁକ ଆନନ୍ଦ ଆଉ ମାଳତୀ ଦେବୀ ଛିଡା ହୋଇଥିଲେ ଆକାଶ ମୁହାଁ ହୋଇ...

ସେଂଢତିର, ବନ୍ତ, ଭଦ୍ରକ

ଭ୍ରାମ୍ୟଭାଷ : ୯୪୩୮୪୬୬୦୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିରସ୍କାର ନା ମଜବୁରି



ଦେବେନ୍ଦ୍ର ଭୁଏ

ଗୋପାଳ ବାବୁ ଜଣେ ସେବା ନିବୃତ ଅଧ୍ୟାପକ । ସକାଳ ୧୦ଟାରେ ସମ୍ପୂର୍ଣ ସୁସ୍ଥ ଜଣା ପଡୁଥିଲେ, ସନ୍ଧ୍ୟା ୭ଟା ବେଳକୁ ଜ୍ୱର ସହିତ ସବୁ ଲକ୍ଷଣ ତାଙ୍କ ଠାରେ ଦେଖାଗଲା ଯାହାକି ଜଣେ କୋରୋନା ପଜିଟିଭ୍ ରୋଗୀଠାରେ ସାଧାରଣତଃ ଦେଖାଯାଇଥାଏ ।

ପରିବାରର ଅନ୍ୟ ସଦସ୍ୟମାନଙ୍କ ମୁହଁରେ ଏକ ଅଜଣାଭୟର ଚିହ୍ନ ସ୍ୱଷ୍ଟ ଜଣା ପଡୁଥାଏ । ତାଙ୍କ ଖଟିଆ ଘରର ଗୋଟେ ପୁରୁଣା, ପ୍ରାୟ ଅବ୍ୟବହୃତ ବଖରାରେ ତାଙ୍କୁ ରଖି ଦିଆଗଲା ଯୋଉଠି ତାଙ୍କର ପୋଷା କୁକୁର 'ମାର୍ଶଲ'ର ବସା ଉଠା ହୁଏ ।

ଗୋପାଳ ବାବୁ କିଛି ବର୍ଷ ତଳେ ଗୋଟେ କୁକୁର ଛୁଆକୁ ରାସ୍ତା କଡ଼ରୁ ଉଠେଇ ଆଣି ଅତି ଯତ୍ନର ସହିତ ପାଳିଥିଲେ, ନାମ ଦେଇଥିଲେ 'ମାର୍ଶଲ' । ଏହି ବଖରାରେ ଏବେ ଗୋପାଳ ବାବୁ, ତାଙ୍କ ଖଟିଆ ଓ ତାଙ୍କର ପ୍ରିୟ 'ମାର୍ଶଲ' ।

ନିଜର ଦୁଇ ପୁଅ ଓ ବୋହୁ ତାଙ୍କଠାରୁ ଦୂରତା ବଜାୟ ରଖିବା ସହିତ ପିଲାମାନଙ୍କୁ ବି ନିଜ ଜେଜେଙ୍କ ପାଖକୁ ନଯିବା ପାଇଁ କଡା ନିର୍ଦ୍ଦେଶ ଦେଲେ । ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନମ୍ବରରେ ସୂଚନା ଦେଇ ଦିଆଗଲା ।

ଏଇ ଖବର ସାହିପଡିଶା ଚାରିଆଡେ ଖେଳିଗଲା । କିନ୍ତୁ ଗୋପାଳବାବୁଙ୍କୁ ଦେଖା କରିବାକୁ କେହି ଆସିଲେ ନାହିଁ । ଶାଢ଼ୀ ପଣତରେ ମୁହଁକୁ ବାନ୍ଧି ହାତରେ ବାଡ଼ିଟିଏ ଧରି କେହି ଜଣେ ପଡିସା ବୁଢ଼ୀ ଆସି, ଗୋପାଳ ବାବୁଙ୍କ ସ୍ତ୍ରୀଙ୍କୁ କହିଲା, ଆରେ କିଏ ଜଣେ ଟିକେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦୂରରେ ରହି ଖାଇବା ଖାଦ୍ୟଟା ବଢ଼େଇ ଦିଅ, ନଚେତ୍ ହସ୍ପିଟାଲଵାଲା ତାଙ୍କୁ ଭୋକିଲା ହିଁ ଉଠେଇ ନେବେ ।

ଏବେ ପ୍ରଶ୍ନ ଉଠିଲା ତାଙ୍କ ପାଇଁ ଖାଇବା କିଏ ନେଇକି ଯିବ ! ଦୁଇ ବୋହୁ ନିଜ ଶାଶୁ ହାତରେ ଖାଦ୍ୟଥାଳି ଧରେଇ ଦେଲେ । ଥାଳି ଧରିବାକ୍ଷଣି ଗୋପାଳବାବୁଙ୍କ ସ୍ତ୍ରୀଙ୍କ ହାତ ଥରିବାକୁ ଲାଗିଲା ତାଙ୍କୁ ଲାଗିଲା ଗୋଡ଼ ଦୁଇଟା ସତେ ଯେମିତି କୌଣସି ଖୁଣ୍ଟରେ ବାନ୍ଧି ଦିଆଯାଇଛି । ଏ ସବୁ ଦେଖିକି ପଡୋଶୀ ବୁଢ଼ୀ କହିଲା, ଆରେ ତୋ ସ୍ୱାମୀ ସିଏ, ତୁ ବି ! ମୁହଁ ବାନ୍ଧିକି ଚାଲିଯା ଆଉ ଦୂରରୁ ଥାଳି ବଢ଼େଇ ଦେ, ସେ ନିଜେ ଖାଇନବ ।

ସବୁ ବାର୍ତାଳାପ ଗୋପାଳବାବୁ ଚୁପଚାପ ଶୁଣୁଥିଲେ, ତାଙ୍କର ଥରଥର ଓଠରେ କହିଲେ ଯେ, ତାଙ୍କ ପାଖକୁ କେହି ନ ଆସିବାଟା ହିଁ ଭଲ । ତାଙ୍କୁ ଭୋକ ନାହିଁ ।

ଏହି ସମୟରେ ଆମ୍ବୁଲାନ୍ସ ଆସିଯାଏ, ଗୋପାଳବାବୁ ଆମ୍ବୁଲାନ୍ସରେ ଉଠିବା ପୂର୍ବରୁ ଥରେ ପଛକୁ ଚାହିଁ ନିଜ ଘରକୁ ଭଲକରି ଟିକେ ଦେଖିନେଲେ, ପ୍ରଥମ ମହଲାର ଝରକାରୁ ମାସ୍କ ପିନ୍ଧିଥିବା ନାତି ନାତୁଣୀ ଓ ତାଙ୍କର ପଛପଟେ ଓଢ଼ଣା ଦେଇ ଠିଆ ହୋଇଥିବା ଦୁଇ ବୋହୁଙ୍କୁ ଦେଖି ପାରିଲେ । ନାତୁଣୀ ହାତ  ହଲେଇ ବାୟ୍ ବାୟ୍ କହିଲା । ତଳ ମହଲରେ ଦୁଇ ପୁଅ ନିଜ ମାଆଙ୍କ ସହିତ ଛିଡା ହୋଇଥିଲେ ।

ଅନେକ ଭାବନା ତାଙ୍କ ଭିତରେ ଝଡ଼ ସୃଷ୍ଟି କରୁଥିଲେ । କ୍ଷଣକ ପାଇଁ ତାଙ୍କୁ ଲାଗିଲା ଯେମିତି ଜୀବନଟା 'ବିଦାୟ' ବୋଲି କହିଦେଲା ।

ଗୋପାଳବାବୁ ଛଳଛଳ ଆଖିରେ ନିଜ ଘରର ଦୁଆର ମୁହଁରେ ବସିପଡି, ଚୁମ୍ବନଟିଏ ଦେଇ ଆମ୍ବୁଲାନ୍ସରେ ବସି ପଡିଲେ । ତାଙ୍କ ସ୍ତ୍ରୀ ସାଙ୍ଗେ ସାଙ୍ଗେ ବାଲଟିଏ ପାଣି ଆଣି ଦୁଆର ମୁହଁରେ ସେ ବସିଥିବା ଜାଗାରେ ଢାଳି ଦେଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହାକୁ ତିରସ୍କାର କୁହାଯିବ ନା ମଜବୁରି ! କିନ୍ତୁ ଏ ଦୃଶ୍ୟଦେଖି କୁକୁର ବି କାନ୍ଦି ପକେଇଲା । ଗୋପାଳବାବୁଙ୍କୁ ହସ୍ପିଟାଲ ନେଇକି ଯାଉଥିବା ଆମ୍ବୁଲାନ୍ସ ପଛେ ପଛେ ଲାଙ୍ଗୁଡ଼କୁ ହଲାଇ ହଲେଇ ଚାଲିଲା ।

ଗୋପାଳ ବାବୁ ହସ୍ପିଟାଲରେ ୧୪ ଦିନ ରୁହନ୍ତି, ତାଙ୍କର ସବୁ ପରୀକ୍ଷା ସାମାନ୍ୟ ଥିଲା । ତାଙ୍କୁ ପୁରାପୁରି ସୁସ୍ଥ ଘୋଷଣା କରି ଡିସ୍‌ଚାର୍ଜ କରି ଦିଆଗଲା । ସେ ହସ୍ପିଟାଲରୁ ବାହାରକୁ ଆସି ଦେଖନ୍ତି ତ, ତାଙ୍କ କୁକୁର ମାର୍ଶଲ ବସିଛି । ଦୁଇ ଜଣ ପରସ୍ପରକୁ ଜାବୋଡି ଧରିଲେ, ଜଣଙ୍କ ଆଖିରେ ଗଙ୍ଗା ତ ଅନ୍ୟ ଜଣଙ୍କ ଆଖିରେ ଯମୁନା ବୋହି ଚାଲିଥିଲା ।

ତାଙ୍କ ପିଲାମାନଙ୍କ ଗାଡି ତାଙ୍କୁ ନବାକୁ ପହଁଚିବା ପୂର୍ବରୁ ନିଜ କୁକୁରକୁ ନେଇ ଅନ୍ୟ ଦିଗରେ ସେ ବାହାରି ପଡିଲେ । ସେ ଦିନଠୁଁ ତାଙ୍କୁ କେହି ଆଉ ଦେଖିନାହାନ୍ତି । ତାଙ୍କ ନିଖୋଜ ହବା ଖବର, ଖବର କାଗଜରେ ପ୍ରକାଶ ପାଇଛି । ସୂଚନା ଦେବା ବ୍ୟକ୍ତିଙ୍କୁ ₹୪୦୦୦୦/- ପୁରସ୍କାର ଦିଆଯିବ ।

ହଁ ₹୪୦୦୦୦/- ପଢିକି ମନେ ପଡିଲା, ତାଙ୍କର ପେନସନ ଏତିକି ଆସୁଥିଲା ଓ ନିଜର ପରିବାରର ହସ ଖୁସି ପାଇଁ ସେ ଉଡେଇ ଦଉଥିଲେ...........

ଗ୍ରାମ/ପୋ - ଦୁଲମପୁର , ବ୍ଲକ୍ - ଅତାବିରା , ଜିଲ୍ଲା -ବରଗଡ଼
ମୋବାଇଲ ନମ୍ବର - ୯୦୯୦୬୪୦୦୯୩
E-mail - debendrabhue02@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଢ଼େଇଶ ଅଙ୍ଗୁର



ରେଶମା ମହାନ୍ତି

ଓଃ କି ଗହଳି !! ପିମ୍ପୁଡି ପାଇଁ ବି ଜାଗା ନାହିଁ । ବସ ସିଟକୁ ଛାଡି ମଝିରେ ଆହୁରି ତିନି ଧାଡି ଠିଆ ହୋଇଛନ୍ତି ଲୋକ ।

ତା ପରେ ବି କଣ୍ଡକ୍ଟରର ମନ ବୁଝୁନି ।

ଭଉଣୀ ଟିକେ ବୁଲିଗଲ...

ସାନ ଭଉଣୀଟାକୁ ଏଇଠି ଟିକେ ଜାଗା ଦେଇଦିଅ..

ବଡ ଭାଇ ପଛକୁ ଟିକେ...

ମଉସା ଏଇଠି ଠିଆ ହୁଅନ୍ତୁ, ସିଟ ଖାଲି ହେଲେ ବସିବ....

ଏ ଭିତରେ ଠିଆ ହୋଇଥିବା ଲୋକଙ୍କ ଭିଡରେ ନିଜକୁ ଯେନତେନ ପ୍ରକାରେଣ ଆଡ଼ଜଷ୍ଟ କରୁଥାଏ ସୁଚିତ୍ରା । ଆଉ ଅଳ୍ପ ବାଟ ତ, ଟିକେ ଆଡ଼ଜଷ୍ଟ କରିଦେଲେ ଯାଏ । କଣ୍ଡକ୍ଟରର ଡାକ ଶୁଭିଲା ବାଣୀବିହାର... ବାଣୀବିହାର... ବସରୁ ବାହାରି ଆସିଲା ସୁଚିତ୍ରା । ବସରୁ ବାହାରି ଦେଖିଲା ତାଜା ତାଜା ଫଳ ଧରି ଠେଲା ଗାଡି ଠିଆ କରିଛି ଯୁବକଟିଏ । ଦେଖିବାକୁ ଭଲ ଚେହେରା, ହଟାକଟା, ଆକର୍ଷଣୀୟ । ପୁରା ଧନୀଘର ପିଲାପରି ନ ଲାଗିଲେ ବି ମଧ୍ୟବିତ୍ତ ପରିବାର ପିଲାପରି ଲାଗୁଥାଏ । ଫଳବାଲା ପରି ନୁହେଁ । ଯେମିତି ମାର୍କେଟିଂ ପିଲା ବହିଧରି ଘର ଘର ବୁଲନ୍ତି କିନ୍ତୁ ସେମାନେ ଠିକ ସେଇୟା ନୁହନ୍ତି । ସେଇଟା ତାଙ୍କ ପ୍ରୋଜେକ୍ଟ ।

ଠିକ ସେମିତି ଲାଗିଲା ସୁଚିତ୍ରାକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଭଳି ଆକର୍ଷଣୀୟ ଚେହେରା ସୁଚିତ୍ରା ମନରେ ଛାପ ପକେଇ ଆସୁଥିବା ବେଳେ ନିଜକୁ ସଞ୍ଜତ କଲା ସୁଚିତ୍ରା । ଫଳୱାଲାଠାରୁ ଅଢେଇଶ ଗ୍ରାମ ଅଙ୍ଗୁର ନିଜ ଖାଇବା ପାଇଁ କିଣି ନେଇଗଲା ସୁଚିତ୍ରା । ମନେମନେ ଭାବୁଥାଏ, ପେଟ ପୋଷିବା ପାଇଁ କିଏ କେତେ ବାଟ ଆପଣେଇ ନିଅନ୍ତି । ପେଟ ପୋଷ, ନାହିଁ ଦୋଷ ।

ଗୋଟେ ଫାଇନାନ୍ସ କମ୍ପାନୀରେ ଚାକିରୀ କରେ ସୁଚିତ୍ରା । ଭୁବନେଶ୍ୱରରୁ ଫେରିବା ବେଳେ ପୁଣି ସେଇ ଫଳୱାଲାକୁ ଦେଖେ ଓ ଘର ପାଇଁ କିଛି ଫଳ କିଣିନିଏ । ଘରେ ପହଞ୍ଚି ବାପାମା'ଙ୍କ ସହ ଭୋଜନ କଲା ବେଳେ, ବାପା ଜିତେନ୍ଦ୍ର ବାବୁ ଓ ମା' ଯଶୋଦା ବାହାଘର କଥା ଉଠାନ୍ତି । ସବୁ ଝିଅଙ୍କ ପରି ସେ ବି ଟାଳିଦିଏ,"ରୁହ ବାପା । କାଇଁ ଏତେ ବ୍ୟସ୍ତ ଯେ ? ମୁଁ କଣ ତୁମର ଖାଇଯାଉଛି ଯେ, ମୋତେ ଘରୁ ତଡିବାକୁ ବସିଛ ? ?" ଯଶୋଦା କହି ଉଠନ୍ତି, "ତୁ କଣ ଜାଣିବୁ ଗୋଟେ ଝିଅର ବାପା ଆଉ ମା ମନର ବ୍ୟସ୍ତତା ! ! ନିଜେ ଯେବେ ମା' ହବୁ ବୁଝିବୁ ।"

କଥାକୁ ହସି ହସି ଏଡେଇ ଦେଇଯାଏ ସୁଚିତ୍ରା । ଯଶୋଦା କିନ୍ତୁ ଝିଅ ମୁହଁ ଠିକେ ପଢ଼ିଛନ୍ତି । ଯେତେ ହେଲେ ମା ପରା । "ଝିଅ ଆମର ରାଜି ତମେ ଦେଖ" ବୋଲି ଏକ ପ୍ରକାର ଆଦେଶ ଦିଅନ୍ତି ଜିତେନ୍ଦ୍ର ବାବୁଙ୍କୁ, ମା ଯଶୋଦା । ଜିତେନ୍ଦ୍ର ଓ ଯଶୋଦା ହସା ହସି ହୋଇ ବର ଦେଖା କାମ ଆରମ୍ଭ କରିବାର ଯୋଜନା କରନ୍ତି ।

ପ୍ରାୟ ପନ୍ଦରଦିନ ପରେ, ସୁଚିତ୍ରା ପାଇଁ ଏକ ଭଲ ଘରୁ ପ୍ରସ୍ତାବ ଆସେ । ଗୋଟିଏ ପୁଅକୁ ବ୍ୟାଙ୍କ ଚାକିରୀ, ରୂପ ଯେମିତି ଗୁଣ ବି ସେମିତି । ଜିତେନ୍ଦ୍ର ବାବୁ ଓ ଯଶୋଦା ଭାରି ଖୁସି । ଝିଅ  ଅଫିସରୁ ଫେରିବା ପରେ ବାପା ଜିତେନ୍ଦ୍ର ପ୍ରସ୍ତାବ କଥା କୁହନ୍ତି ଆଉ ମା ଟିକେ ଅଧିକ ବଖାଣନ୍ତି ପୁଅର ରୂପ ଗୁଣକୁ ନେଇ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-- ଯଦି କହିବୁ ତୋ ଫୋନ୍‌କୁ ପୁଅର ଫୋଟୋ ପଠେଇବେ ତାଙ୍କ ଘର ଲୋକ । ତୋ ବାପା ତ ଦେଖିଛନ୍ତି ଭାରି ସୁନ୍ଦର ପିଲାଟି । କହିଲେ ଯଶୋଦା ।

-- ବାପା ତ ଦେଖିଛନ୍ତି ଫୋଟୋ କଣ ହବ ଆଉ ବୋଉ । ଉତ୍ତର ଫେରାଉ ଫେରାଉ ଲାଜ ଲାଜ ହୋଇଗଲେ ସୁଚିତ୍ରା ।

ଖୁସି ହେଇ  ଜିତେନ୍ଦ୍ର କହି ଉଠିଲେ,"ତେବେ ଏଇ ରବିବାର ତାଙ୍କୁ ଆସିବା ପାଇଁ ମୁଁ କହି ଦେଉଛି ? ? "

(ହସି ଦେଇ ଚାଲିଗଲା ସୁଚିତ୍ରା ... )

ଶନିବାର ରାତିରେ ସୁଚିତ୍ରାର ମନ ଉଡୁଥାଏ । ସକାଳୁ କଣ ହେବ ? କେମିତି ହେଇଥିବ ପୁଅଟି ? ମୁଁ ପସନ୍ଦ ଆସିବି କି ନାଇଁ ? ତାଙ୍କ ଘର ଲୋକ କେମିତି ହେଇଥିବେ ? କଣ ପଚାରିବେ ? ଏମିତି ଭାବି ଭାବି କେତେବେଳେ ନିଦ ଆସିଯାଇଛି ଜାଣିନି...

ରବିବାର ସକାଳେ ନୂଆ ବନ୍ଧୁ ଆସିବା ପାଇଁ ସବୁ ଆୟୋଜନ ଚାଲିଛି । ସୁଚିତ୍ରା ଆଜି ପ୍ରସ୍ଫୁଟିତ କଳିକା ପରି ଦିସୁଛି । ସଜବାଜ ହୋଇ ନିଜ ମୁଁହକୁ ବାରମ୍ବାର ଦେଖୁଚି ଆଇନାରେ । ଶାଢ଼ୀକୁ ବାରମ୍ବାର ସଜାଡୁଛି । ୟା ଭିତରେ ପହଁଚିଲେ ପୁଅଘର ଲୋକ । ପୁଅ ସତ୍ୟଜିତଙ୍କ ସହିତ ତାଙ୍କ ବାପା ଓ ମା ଆସନ ଗ୍ରହଣ କଲେ । କିଛି ଭଲ ମନ୍ଦ ଓ ଅତିଥି ଚର୍ଚ୍ଚା ସରିଲା ପରେ ଏବେ ଝିଅ  ଆସିବା ସମୟ । ଏପଟେ ସତ୍ୟଜିତଙ୍କ ମା ବୋହୁ ଦେଖିବାକୁ ବ୍ୟଗ୍ର...

ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟାଇ ଟ୍ରେରେ କଫି ନେଇ ମା'ଙ୍କ ସହ ପାଦ ଚିପିଚିପି ଆସୁଥାଏ ସୁଚିତ୍ରା । ସମସ୍ତଙ୍କ ମୁହଁରେ ଖୁସିର ଲହରୀ । ଝିଅଦେଖା ବି ହେଇଗଲା । ହେଲେ ସତ୍ୟଜିତ ଟିକେ ଚିନ୍ତାଗ୍ରସ୍ତ ଲାଗୁଥାନ୍ତି । ଆଉ ସୁଚିତ୍ରା ମୁହଁରେ ବି ସେତେ ଖୁସି ନଥାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମା'ଙ୍କୁ ଇସାରାରେ କିଛି କହିଲା ସୁଚିତ୍ରା...

ଆଜି କାଲିକା ପିଲା ଆଙ୍କା । ପରସ୍ପର ସହ ଟିକେ କଥା ହୋଇଗଲେ ସେମାନଙ୍କ ମତାମତ ନେବାରେ ଆମକୁ ସହଜ ହୁଅନ୍ତା ବୋଲି ପ୍ରସ୍ତାବ ଦେଲେ ଯଶୋଦା । ସମସ୍ତେ ଯଶୋଦାଙ୍କ କଥାରେ ହଁ ଭରି ପୁଅଝିଅ ଦୁହିଁଙ୍କୁ ସୁଚିତ୍ରା ରୁମକୁ ଯିବାକୁ କହିଲେ । ସୁଚିତ୍ରା ଆଗେ ଆଗେ, ପଛେ ପଛେ ସତ୍ୟଜିତ ।

ରୁମରେ ପହଞ୍ଚିବା ପରେ ପରେ ସୁଚିତ୍ରା କିଛି କହିବା ଆଗରୁ ସତ୍ୟଜିତ ଆଗ ନିଜ କଥା ରଖିଲେ, "ଦେଖ ମୁଁ ପରିସ୍ଥିତିର ଦାସ ହେଇ ଆଜି ଏଠାକୁ ଆସିଛି । ମୁଁ ବ୍ୟାଙ୍କ ଚାକିରୀ କରେ ନାହିଁ । ୩ବର୍ଷ ଧରି ସରକାରୀ ଚାକିରୀ ନହେବା ପରେ ଘର ଲୋକଙ୍କ ମନ ବୁଝିବା ପାଇଁ ମୁଁ ଚାକିରୀ ପାଇଥିବାର ଅଭିନୟ କରିଥିଲି । ଘରୁ ବାହାରି ଯାଇ ଭୁବନେଶ୍ୱରରେ ଫଳ ବିକେ ମୁଁ । ଅନ୍ୟ ସମୟରେ ପଢେ ଆଉ ରାତିରେ ଫେରିବା ପରେ ମଧ୍ୟ ଭିନ୍ନ ଭିନ୍ନ କମ୍ପିଟେଟିଭ ପାଇଁ ପ୍ରିପ୍ୟାର ହୁଏ । ମୁଁ ଏଥିପାଇଁ ଏ ବ୍ୟବସାୟକୁ ଆପଣେଇଲି କାରଣ, ମୁଁ ଜାଣେ ଅନ୍ୟ ଯେ କୌଣସି ବେସରକାରୀ ସଂସ୍ଥାରେ ଚାକିରୀ କଲେ ମୋତେ ପଢିବାକୁ ଏତେ ସମୟ ମିଳିବନି । ଏତେ ଦିନ ଅପେକ୍ଷା କଲିଣି, ପଢାପଢି ବି ଜୋରସୋରରେ ଜାରି ରଖିଛି । କାରଣ ମା'ର ସ୍ୱପ୍ନ ପୁଅ ତାର ସରକାରୀ ଚାକିରୀଟେ କରୁ । କମ୍ପାନୀ ଚାକିରୀ ପାଇଁ ମୋ ପାଖେ ଡ଼ିଗ୍ରୀ କି ଯୋଗ୍ୟତା ବି ନାହିଁ । ବି. ଏ. ପାସ କରିଛି । ମାତ୍ର ଅର୍ଥାଭାବ ମୋତେ ଆଉ ଅଧିକ କିଛି କରିବାର ସୁଯୋଗ ଦେଲାନି । ଟିୟୁସନ କରି ପଢା ଖର୍ଚ୍ଚ ଉଠାଉଥିଲି । ଆଉ ଏବେ ଚାକିରୀ କରିଛି ବୋଲି କହିବା ପରେ ଟିୟୁସନ କରିବା ସମ୍ଭବ ହେଲାନି । ମୁଁ ଚେଷ୍ଟା ଜାରି ରଖିଛି ଆଉ ନିଶ୍ଚୟ ଚାକିରୀ ପାଇବି ବୋଲି ଆଶା ଓ ବିଶ୍ୱାସ ମୋର ଅଛି । ତା'ପରେ ମୁଁ ବାହା ହେବା କଥା ଚିନ୍ତା କରିବି । କିନ୍ତୁ ମୁଁ କେବେ ବି ଗୋଟେ ଝିଅକୁ ଧୋକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇପାରିବିନି । ମୁଁ ଏବେ ବାହା ହୋଇପାରିବିନି । ମୋତେ କ୍ଷମା କରିଦେବେ । ଆପଣ ଆପଣଙ୍କ ଆଡୁ ମନା କରିଦେଲେ କୃତଜ୍ଞ ରହନ୍ତି । ଏକା ନିଶ୍ୱାସରେ ଏତକ କହିଗଲେ ସତ୍ୟଜିତ ।

ସୁଚିତ୍ରା ଆଗରୁ ଚିହ୍ନି ସାରିଥିଲା ଏ ସେଇ ଫଳ ବ୍ୟବସାୟୀ ଯାହା ଠାରୁ ସେ ସେଦିନ ଫଳ କିଣିଥିଲା ଓ ଆସିବା ବାଟରେ ଅନେକ ଥର ଦେଖିଛି ମଧ୍ୟ । କ'ଣ କହିବ କିଛି ଭାବି ପାରୁନଥିଲା ସୁଚିତ୍ରା । ଏତିକି ପଚାରିଲା, "ତେବେ ଏଠିକି କାହିଁକି ଆସିଲେ ? ଆଉ ବାପା ମା'ଙ୍କୁ ମିଛ କହି ଯୋଉ ଅପରାଧ କରୁଛନ୍ତି, କେବେ ଭାବିଛନ୍ତି ଯଦି ସେ ଏ ବିଷୟରେ ସେମାନେ ଜାଣିବାକୁ ପାଆନ୍ତି, ତେବେ କ'ଣ ହେବ ତାଙ୍କ ଅବସ୍ଥା ? ?"

ଅଚିହ୍ନା ଝିଅଟେ ଆଗରେ ଦୋଷୀପରି ତଳକୁ ମୁହଁକରି ଠିଆ ହୋଇଥିଲେ ସତ୍ୟଜିତ । କିଛି ସମୟ ଅନ୍ତେ ସୁଚିତ୍ରାକୁ ଚାହିଁ ସତ୍ୟଜିତ କହିଲେ, "ହଁ, ମୁଁ ମାନୁଛି ଯେ ମୁଁ ଭୁଲ କରିଛି । ମୋର ଟିକେ ମିଛ ସେମାନଙ୍କ ମୁହଁରେ ହସ ଖେଳାଇ ପାରିଛି । ସେ ଖୁସି ସବୁଦିନ ପାଇଁ କିପରି ରଖିପାରିବି ମୁଁ ସେଥିପାଇଁ ପ୍ରତିଜ୍ଞାବଦ୍ଧ । ଏ ମିଛ ଖୁସି ଦୂରୀଭୂତ କରି ମୁଁ ସେମାନଙ୍କୁ ସତ ଖୁସି ନିଶ୍ଚୟ ଦେବି ।"

-- ହେଲେ ଏଠିକି ଆସିବାର ଅଭିପ୍ରାୟ ? ?

-- କେବଳ ବାପା ବୋଉଙ୍କ କଥା ରଖିବାକୁ । ବୋଉ ଦେହ ବହୁତ ଖରାପ ରହୁଛି । ବାପା ବୋଉ ଚାହୁଁଛନ୍ତି ବୋହୁଟେ ପାଇଁ । ତାଙ୍କ କଥା ରଖିବାକୁ ଅନିଚ୍ଛା ସତ୍ତ୍ୱେ ଏଠିକି ଆସିଛି । କେବଳ ସେମାନଙ୍କ ମନରେ ଟିକେ ଖୁସି ଦେବାକୁ । ଝିଅଦେଖା ବିବାହର ପ୍ରଥମ ପଦକ୍ଷେପ । ହୁଏତ ଏହାଦ୍ୱାରା ସେମାନଙ୍କ ମନ ଟିକେ ଖୁସିହେବ, କିଛିଦିନ ପାଇଁ ସମୟ ମାଗିନେବି ମୁଁ ତାଙ୍କଠାରୁ ଆଉ ମୋ ବିବାହ କଥା ଟିକେ ଘୁଞ୍ଚିଯିବ ମୁଁ ଭାବୁଛି । ମୁଁ କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ଧୋକା ଦେବାକୁ ଚାହୁଁନଥିଲି । ସେଥିପାଇଁ ଆଗ ନିଜ କଥା ରଖିଲି ।

ସତ୍ୟଜିତଙ୍କ ଆଖିରେ ଥିଲା ସତ୍ୟର ଝଲକ... ଆଉ କିଛି କରି ପାରିବାର ସଂକଳ୍ପ.... ତାଳୁ ଠାରୁ ତଳିପା ଯାଏଁ ଏ ଦୃଢ ମନୋବଳ ପରିଲକ୍ଷିତ ହେଉଥିଲା । ଧୋକାର ସନ୍ଦେହ ମଧ୍ୟ ନଥିଲା ତାଙ୍କ କଥାରେ ।

କଣ କହିବ ଟିକେ ଚିନ୍ତାରେ ପଡିଗଲା ସୁଚିତ୍ରା । କିଛି ସମୟର ନୀରବତା...

ନାରୀର ବି ଅନେକ ରୁପ ଥାଏ । କେତେବେଳେ ଦୁର୍ଗା ତ କେତେବେଳେ କାଳୀ । କେତେବେଳେ ସରସ୍ୱତୀ ତ ଆଉ କେତେବେଳେ ମା ଲକ୍ଷ୍ମୀ । ସୁଚିତ୍ରା କିନ୍ତୁ ଆଜି ଦୁର୍ଗା କି କାଳୀ ନୁହେଁ ବରଂ ଲକ୍ଷ୍ମୀ କି ସରସ୍ୱତୀ ପାଲଟି ଯାଇଥିଲା । ନାଁ ତା ଆଖିରେ ଦେଖା ଯାଉଥିଲା କ୍ରୋଧ ନାଁ ଦ୍ୱେଷ । ଅସହାୟ ପୁରୁଷଟିର ଅସହାୟତା ପଢ଼ିପାରିଥିଲା ସୁଚିତ୍ରା । ବାପାମା'ଙ୍କ ଖୁସି ପାଇଁ ପଢୁଆ ପୁଅର ଫଳ ବ୍ୟବସାୟ ତା ପାଇଁ ଏକ ଉଦାହରଣ ପାଲଟି ଯାଇଥିଲା । ସୁଚିତ୍ରା ହୃଦୟରେ ବିଶ୍ୱାସର ଅଙ୍କୁରୋଦଗମ କରେଇ ସାରିଥିଲେ ସତ୍ୟଜିତ ।

ଆଖିରେ ଲୁହ ଜକେଇ ଆସୁଥିଲା ବେଳେ ରୋକି ଦେଲା ନିଜକୁ ସୁଚିତ୍ରା । କିଛି ସମୟ ପୂର୍ବରୁ ଯାହାକୁ ନେଇ ବିଦ୍ୱେଷ ଭାବ ସୃଷ୍ଟି ହେଇଥିଲା ମନରେ, ତା'ପାଇଁ ଏବେ ସମ୍ମାନ ଏବଂ ଭଲ ପାଇବାର ଝାପ୍ସା ଆଲୋକ ଦେଖାଯାଉଥିଲା । କହିଲା, "କାଇଁକି କେଜାଣି ତୁମକୁ ଅବିଶ୍ୱାସ କରିପାରୁନି ମୁଁ । ତୁମ ଆଖିର ସତ୍ୟତାକୁ ପଢିପାରୁଛି । ମୋର ବି କିଛି କଥା ଅଛି । ମୋର ବିବାହ ପାଇଁ ବେଶୀ ବୟସ ହେଇଯାଇନି । ମୁଁ ଅପେକ୍ଷା କରିପାରିବି କିଛି ଦିନ । କିନ୍ତୁ ଗୋଟେ ସର୍ତ୍ତରେ ।"

ସତ୍ୟଜିତ ଆବେଗ ଭରା ନୟନରେ ଚାହିଁଥାନ୍ତି ସୁଚିତ୍ରାକୁ..

– ଏ କଥା ଆମ ଭିତରେ ରହିବ ଯଦି ତୁମେ କଥାଦେବ କି କଠିନ ପରିଶ୍ରମ କରିବ ଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ଚାକିରୀ ପାଇବା ପରେ ସବୁ କଥା ସତ ସତ କହିବ ଘର ଲୋକଙ୍କୁ । ତାପରେ ଆମେ ବାହାଘର କଥା ଚିନ୍ତା କରିବା ।

ସତ୍ୟଜିତ ସୁଚିତ୍ରା କଥାରେ ହଁ ଭରିଲା । ଆଜିକାଲିକା ଝିଅ ପୁଣି ଏମିତି ହେଇ ପାରେ ? ବିଶ୍ୱାସ କରିପାରୁ ନଥିଲା ସତ୍ୟଜିତ...

ସୁଚିତ୍ରା ସତ୍ୟଜିତ ହାତ ଉପରେ ହାତ ରଖି ଆଖିର ପଲକ ପକାଇ ବିଶ୍ୱାସ ଦେଲା... ଆଉ ସିରିଅସ ମାହୋଲକୁ ଟିକେ ହାଲକା କରିବାକୁ କହିଲା, "ହଁ, ଚାକିରୀ ହେବା ଯାଏଁ ସବୁ ଦିନ ଯିବା ବାଟରେ ମତେ ଅଢେଇଶ ଗ୍ରାମ ଫ୍ରେସ ଅଙ୍ଗୁରୁ ମିଳିବ ତ ? ? ତେବେ ଯାଇ ରାଜି ହେବି..."

-- "ନିଶ୍ଚିତ, ନିଶ୍ଚିତ" କହି ଉଠିଲା ସତ୍ୟଜିତ । ଦୁହେଁ ଏକାବେଳେ ହସି ଉଠିଲେ...

ଗୋଟେ ନୂତନ ପ୍ରେମ କାହାଣୀର ଅଯମାରମ୍ଭ ହେବାକୁ ଯାଉଛି ବୋଲି ମୋତେ ବାସୁଥିଲା...

ନିମାପଡା, ପୁରୀ, ଓଡିଶା
ଇମେଲ୍ - reshmarimka91@gmail.com
ଭ୍ରାମ୍ୟଭାଷ : ୭୭୩୫୭୭୦୦୧୪

Magazine Downloaded from www.aahwaan.com

# ତାରାନାଥ ତାନ୍ତ୍ରିକ



ଦୀପକ ଷଡ଼ଙ୍ଗୀ

ଏହି କାହାଣୀର ପ୍ରଥମ ଭାଗ ଆହ୍ୱାନ ଇ-ପତ୍ରିକାର ମଇ ୨୦୨୦ ସଂସ୍କରଣରେ ପ୍ରକାଶିତ ହୋଇ ସାରିଛି ।

ଭାଗ – ୨

ମୂଳ ବଙ୍ଗଳା : ତାରାଦାସ ବନ୍ଦୋପାଧ୍ୟାୟ

ଓଡିଆ ଭାଷାନ୍ତର : ଦୀପକ ଷଡ଼ଙ୍ଗୀ

ସେ ମୋତେ ତାଙ୍କ ଶିଷ୍ୟ ହେବାକୁ କହିଲେ କିନ୍ତୁ; ମୋର ତାଙ୍କ ପ୍ରତି ଏତେ ଭକ୍ତି ଭାବନା କାହିଁ ଆସୁ ନଥିଲା । ତଥାପି ରାଜି ହୋଇଗଲି । ମନେମନେ ଭାବିଲି ଯଦି ଭଲ ନ ଲାଗେ ଛାଡିଦେଇ ଏଠୁ ପଳେଇବି ସେ କଣ ମୋତେ ବାନ୍ଧି କି ରଖିବ ନା କଣ । ସେ ପୁଣି କହି ଉଠିଲେ, "ମୁଁ ଏଇ କିଛି ଦିନ ହେବ ଗୋଟେ ବିଶେଷ ତନ୍ତ୍ର ସାଧନା କରୁଛି । ଏଇଟି ସରିଲା ପରେ ମୁଁ ତତେ ଦୀକ୍ଷା ଦେବି ।" ଏମିତି କିଛି ଦିନ କଟିଗଲା । ସେ ସାଧୁ ଦିନସାରା କୁଆଡେ ପଳେଇଯାଆନ୍ତି ଓ ଠିକ୍ ରାତିରେ ଫେରିଆସି ପୁଣି ଧୁନି ଜାଳି ତନ୍ତ୍ର ସାଧନା କରନ୍ତି । ମୁଁ ତାଙ୍କ ହାବଭାବ ଦେଖି ଜାଣିଗଲି ଯେ ସେ ଜଣେ କାପାଳିକ ବୋଲି । ମୁଁ ତାଙ୍କୁ ଦିନେ ପଚାରିଲି ଯେ, "ଏ ବଶୀକରଣ କଣ ?" ସେ ହସିହସି କହିଲେ, "ଏ ଗୁଡିକ ବଡ ଗୋପନ କଥା । ଶୁଣୁ ତୁ ଯଦି କାହାକୁ ବଶ କରିବାକୁ ଚାହୁଁଛୁ ତେବେ ଅମାବାସ୍ୟା ରାତିରେ ହୋଇଥିବା ଝଡବାତ୍ୟାରେ ବରଗଛରୁ ଝଡି ପଡିଥିବା ପତ୍ରକୁ ଯଦି ଗୋଟେ ମନ୍ତ୍ରରେ ଶୁଦ୍ଧି କରାଯାଏ ଏବଂ ସେହି ପତ୍ରକୁ ଗୁଣ୍ଡ କରିକି ଯଦି ଖାଇବାରେ ମିଶାଇ କୌଣସି ବ୍ୟକ୍ତି କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଯାଏ ତେବେ ସେ ତୋର ପଛରେ ପାଗଳ ଭଳି ଗୋଡେଇବ । ତୁ ଯାହା କହିବୁ ସେ ସେଇଆ କରିବ" । ଭିତରକୁ ଯାଇ ଗୋଟେ ଡବା ଭିତରୁ କିଛି ଶୁଖିଲା ପତ୍ର ମୋତେ ଆଣି ଧରେଇ ଦେଇ କହିଲେ "ଏଇ ଦେଖ ଇଯେ୍ ହେଉଛି ସେଇ ପତ୍ର ତୁ ଯାହା କୁ ଚାହିଁବୁ ତାକୁ ତୁ ବଶ କରି ପାରିବୁ ପାଖରେ ରଖିଥା କାମରେ ଆସିବ" । ମୁଁ ତାକୁ ନେଇ ମୋ ପାଖରେ ରଖିଲି । ଏମିତି କିଛି ଦିନ କଟିଗଲା । ଦିନେ ଦେଖିଲି ସାଧୁ ଦିନେ ସନ୍ଧ୍ୟାବେଳେ ବସି ଗୋଟେ ମଣିଷ ଆକୃତି ର ପିତୁଳା ତିଆରି କରୁଛନ୍ତି । ମୁଁ ତାଙ୍କୁ ପଚାରିଲି "ଏ ସବୁ କଣ" ? ସେ ମୋତେ ଦେଖି ଟିକେ ହସି କହିଲେ "ଗୋଟେ କାମ ଅଛି" । ଆଉ ବେଶୀ କିଛି ନ କହି ସେ ପିତୁଳା କୁ ନେଇ କେଉଁଠି ଲୁଚେଇ ଦେଲେ । ମୁଁ ତାଙ୍କର ଆଭିପ୍ରାୟ କିଛି ଠିକ୍ ସେ ବୁଝି ପାରିଲି ନାହିଁ । ଏମିତି ଚାରି ପାଞ୍ଚ ଦିନ କଟିଗଲା । ହଠାତ୍ ଦିନେ ସାଧୁ ଆସି ମୋତେ ପଚାରିଲେ "ତୁ ପ୍ରକୃତି ଉପରେ ବିଶ୍ୱାସ କରୁ ? ମୁଁ ହଁ ଭରିଲି । ସେ ପୁଣି କହିଲେ "ପ୍ରକୃତି ଯେମିତି ଆମ ମାନବ ସମାଜକୁ ବହୁତ କିଛି ଭଲ ଜିନିଷ ଦେଇଛି ସେମିତି କିଛି ଅଦୃଶ୍ୟ ଅନିଷ୍ଟକାରୀ ଶକ୍ତିଙ୍କୁ ମଧ୍ୟ ଲୁଚେଇ ରଖିଛି । ସେଥିମଧ୍ୟ ରୁ ବେତାଳ ହେଉଛି ଗୋଟିଏ । ଯଦି ଆମେ ବେତାଳ କୁ ଜାଗୃତ କରି ଦେଇ ପାରିବା ତେବେ ବେତାଳ କାମ ଶେଷ କରିବା ବିନା ଯିବ ନାହିଁ ଏବଂ ଯଦି କିଏ ତା କାମରେ ବାଧା ଦିଏ ତେବେ ସେ ତାକୁ ଯିଏ ଜାଗ୍ରତ କରିଛି ସେ ତାକୁ ହିଁ ମାରିଦେବ" । ଏ ସବୁ କଥା ଶୁଣି ମୋ ଦେହ ଥରି ଉଠିଲା । ସାଧୁ ପୁଣି କହିଲା "ଆଜି ରାତିରେ ମୁଁ ତତେ ବେତାଳକୁ କିପରି ଜାଗ୍ରତ କରାଯାଏ ସେଇ ରହସ୍ୟ ବତେଇ ଦେବି । ମୋର ଇଛା ହେଉଥିଲା ଜିନିଷ ପତ୍ର ଧରି ସେହିଦିନ ରାତିରେ ହିଁ ସେଠୁ ପଳେଇବା ପାଇଁ କିନ୍ତୁ ; ମୋତେ ଲାଗିଲା ଯେ କେହି ଗୋଟେ ଅଦୃଶ୍ୟ ଶକ୍ତି ମୋତେ ପଛରୁ ଟାଣି ଧରୁଛି । ମୁଁ ଚାହିଁଲେ ବି ସେଠୁ ବାହାରିପାରୁନି । ସେହିଦିନ ରାତି ଠିକ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟାଏ ବେଳକୁ ସାଧୁ ତା'ର କାର୍ଯ୍ୟକ୍ରମ ଆରମ୍ଭ କଲେ । ସାଧୁ ତିଆରି କରି ରଖିଥିବା ସେହି ପୁତୁଳା କୁ ଆଣି ସେଥିରେ ମନ୍ଦାର ଫୁଲ,ରକ୍ତଚନ୍ଦନ,ସିନ୍ଦୁର ଆଦି ଦେଇ ତାକୁ ନେଇ ମାଟି ଭିତରେ ପୋତି ଦେଇ ତା ଚାରିପାଖରେ ଶ୍ମସାନ ର ପାଉଁଶ ଦେଇ ଗୋଟେ ଗୋଲ କାଟି ଦେଲେ । ତା'ପରେ ନିଜେ ପଦ୍ମାସନ ରେ ବସି କଣ ଗୋଟେ ମନ୍ତ୍ର ଗୁଣୁଗୁଣୁ କରି ପଢିଲେ । ମୁଁ ଏ ସବୁ ଦେଖି ପଥର ପ୍ରାୟ ହୋଇ ଯାଇଥାଏ । ସେ ଆଖି ଖୋଲି ମୋତେ କହିଲେ ଘର ଭିତରୁ ଗୋଟେ ବାକ୍ସ ଭିତରେ ଗୋଟେ ମଦ ବୋତଲ ଅଛି ତାକୁ ଆଣିବାକୁ । ମୁଁ କୁଡିଆ ଭିତରୁ ମଦ ବୋତଲ ଧରି ଆସିଲି । ସେ ମଦ ବୋତଲ କୁ ଖୋଲି ଗୋଟେ ମଣିଷ ଖପୁରି ଭିତରେ ରଖିଲେ ଓ ପୁଣି କିଛି ମନ୍ତ୍ର ପଢିବାକୁ ଲାଗିଲେ । ମୁଁ ଦେଖିଲି ସେ ଖପୁରି ଭିତରେ ଥିବା ମଦ ର ରଙ୍ଗ ବଦଳି ଯାଇ ଏକଦମ୍ ରକ୍ତ ଭଳି ଲାଲ୍ ହୋଇଗଲା । ତା'କୁ ସେ ସାଧୁ ଢକଢକ କରି ପିଇଗଲା ଓ ତାପରେ ସେ ସାଧୁ ଶରୀର ଭିତରେ ଏକ ଅଦ୍ଭୁତ ପରିବର୍ତ୍ତନ ମୁଁ ଦେଖି ଡରିଗଲି । ଦେଖିଲି ତା ଆଖି ଦୁଇଟା ସଙ୍ଗେସଙ୍ଗେ ରକ୍ତ ଭଳି ଲାଲ୍ ହୋଇଗଲା । ମୋତେ ଦେଖି ହସି ହସି ଗର୍ଜନ କରି କହିଲା “ଜଲଦି ଗୋଟେ ଧୁନି ତିଆରି କର” । ମୁଁ ସଙ୍ଗେସଙ୍ଗେ କାଠ ଦେଇ ଗୋଟେ ଗାତ ଖୋଳି ଧୁନିଟିଏ ତିଆରି କରି ଦେଲି । ସେ ଧୁନି ପାଖରେ ବସି ପୁଣି କଣ ସବୁ ମନ୍ତ୍ର ପଢିଚାଲିଲା । ହଠାତ୍ ଦେଖିଲି ସେ ଧୁନି ଭିତରୁ ଗୋଟେ କଳା ଛାୟା ବାହରି ଗଲା । ମୋତେ ଦେଖି ସାଧୁ କହିଲା “ଦେଖିଲୁ ଏ ହେଉଛି ବେତାଳ କିନ୍ତୁ ; ଆଜି ମୁଁ କାହିଁକି ଯାକୁ ଏଠିକି ଡକେଇଛି ତା'ର ଅସଲ କାରଣଟା ମୁଁ ତତେ ଏ ପର୍ଯ୍ୟନ୍ତ କହିନି । ମୁଁ ଡରି ଯାଇ ପଚାରିଲି “କଣ ପାଇଁ” ? ସେ ହସି କି କହିଲା “ଆଜକୁ ପ୍ରାୟ ୨୦ ଦିନ ତଳେ ମୁଁ ମାଧବ ଘୋଷ ବୋଲି ଜଣେ ବ୍ୟକ୍ତିଙ୍କ ଘରେ ରହିଥିଲି । ମାଧବ ଘୋଷ ର ନା ଶୁଣି ମୋ ମୁଣ୍ଡ ବୁଲେଇଗଲା । କିଛି ନ ଜାଣିପାରିଲା ପରି ପଚାରିଲି

 Magazine Downloaded from www.aahwaan.com

"ସେ ତୁମର କଣ କରିଛି" ? ସାଧୁ ରାଗିଯାଇ କହିଲା "ମୁଁ ତା ଘରେ ଥିଲା ବେଳେ ତା ଝିଅ କୁ ଦେଖିଲି ମୁଁ ତା ଦେହରେ ଭୈରବି ର ଚିହ୍ନ ଦେଖି ପାରିଥିଲି ସେଥିପାଇଁ ମୁଁ ତାକୁ ମୋ ପାଖରେ ଭୈରବି କରି ରଖିବି ବୋଲି ତାକୁ ପ୍ରସ୍ତାବ ଦେଲି କିନ୍ତୁ ସେ ମୋ କଥା କୁ ଖାତିର ନ କରି ମୋତେ ଘରୁ ଅପମାନିତ କରି ଧକ୍କା ଦେଇ ତଡି ଦେଲା । ଆଉ ସେଥିପାଇଁ ଆଜି ଏ ଯେଉଁ ବେତାଳ କୁ ମୁଁ ଜାଗ୍ରତ କରେଇଛି ତାକୁ ମୁଁ ସେଠିକି ପଠେଇଛି । ମୋ ଅପମାନ ର ପ୍ରତିଶୋଧ ନେବା ପାଇଁ । ଯେଉଁ ପିତୁଳା ଟା ମୁଁ ମାଟି ତଳେ ପୋତିଛି ସେ ପିତୁଳା ହେଉଛି ମାଧବ ଘୋଷ ର । ଆସନ୍ତାକାଲି ଅମାବାସ୍ୟା ର ରାତି ଏବଂ ମୁଁ କାଲି ୧୦୦୧ ବେତାଳ ମନ୍ତ୍ର ପାଠ କରି ବେତାଳ କୁ ମାଧବ ଘୋଷ ର ଶରୀର ସହ ପରିଚିତ କରେଇ ଦେବି ଆଉ ତାପରେ ମାଧବ ଘୋଷ ମୋରି ଇଶାରା ରେ ନାଚିବ । ସେ ମୋତେ ଗୋଟେ ଦିନ ଅପମାନିତ କରିଛି ମୁଁ ତାକୁ ସାରା ଜୀବନ ମୋ ପାଖେ ଚାକର କରି ରଖିବି । ସେ ସବୁ ଦିନ ମରିବାକୁ ଚାହୁଁଥିବ କିନ୍ତୁ ମୁଁ ତାକୁ ନ ମାରି ତିଳତିଳ କରି କଷ୍ଟ ଦେଉଥିବି" । ଏତିକି କହି ଠୋ ଠୋ କରି ହସି ଉଠିଲା ସେ ସାଧୁ । ମୁଁ ଦେଖିପାରୁଥିଲି ତା ଆଖିରେ ଗୋଟେ ପ୍ରତିଶୋଧର ନିଆଁ କୁ । ମୁଁ ସାହସ କରି ତା'କୁ କହିଲି "କିନ୍ତୁ ଏ ତ ମହାପାପ ଆପଣ ଆପଣ ଙ୍କ ବିଦ୍ୟା ର ଏ କି ଅପବ୍ୟବହାର କରୁଛନ୍ତି ? ନରହତ୍ୟା ଭଳି ଜଘନ୍ୟ ଅପରାଧ କରିବାକୁ ଯାଉଛନ୍ତି ଆପଣ" । ସାଧୁ ରାଗି ଯାଇ କହିଲା "କାପାଳିକ ପାଇଁ କିଛି ବି ଅପରାଧ ନୁହେଁ । ତୁ କଣ ଜାଣିଛୁ ଏ ସବୁ ବିଷୟରେ" ? ଏଥର ମୁଁ ରାଗି ଯାଇ ସାହସ କରି କହିଲି "ତେବେ ଆପଣ ଏ ସବୁ କରନ୍ତୁ ଏଇଠି ବସିକି । ମୁଁ ଚାଲିଲି । ଆପଣଙ୍କ ସହିତ ଏ ପାପ ର ଭାଗୀଦାର ମୁଁ କେବେବି ହେବିନି" । ଏତିକି କହି ମୁଁ ସେଠୁ ମୋ ଜିନିଷପତ୍ର ଧରି ସେଇ ଅନ୍ଧକାର ରାତ୍ରିରେ ଚାଲି ଆସିଲି । ପଛରୁ ଶୁଣାଯାଉଥାଏ ସେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧୁ ର ବିକଟାଳ ହସ । ଆଉ ସେ କହୁଥାଏ "ଆଜି ପର୍ଯ୍ୟନ୍ତ ମୋତେ ଅପମାନ କରି ଏ ପୃଥିବୀରେ କେହି ବି ବଞ୍ଚି ନାହାନ୍ତି ତୁ ମୋର କଣ କରି ପାରିବୁ" ? ମୁଁ ଦଉଡିବାକୁ ଲାଗିଲି ପାଗଳ ଙ୍କ ଭଳି ଦଉଡି ଦଉଡି ଯାଇଁ ତା'ପର ଦିନ ସକାଳେ ମାଧବ ଘୋଷ ର ଘରେ ପହଞ୍ଚିଗଲି । ମୋତେ ଦେଖି ମାଧବ ଘୋଷ ଯେ ପରି କୋଟିନିଧି ପାଇଗଲା । ମୋତେ ମୁଣ୍ଡିଆ ମାରି ନେଇ ଘରେ ବସେଇଲା କହିଲା "ବାବା ଆପଣ ଏକ ଦମ ଠିକ ସମୟରେ ଆସି ପହଞ୍ଚିଛନ୍ତି" । ମୁଁ ପଚାରିଲି "କଣ ହେଲା" ? ସେ ଖୁବ ଡରି ଯାଇ କହିଲା "ବାବା କାଲି ରାତିରେ ମୋର ଦୁଇଟା ଗାଈ ହଠାତ ଚିତ୍କାର କରି ଗୁହାଳ ଭିତରେ ପଡି ମରିଗଲେ । ମୁଁ ଗାଁ ଭିତରୁ ପଶୁ ଡାକ୍ତର ଙ୍କୁ ଆଣି ଦେଖେଇଲି କିନ୍ତୁ ସେ ବି କିଛି ଜାଣିପାରିଲେନି ମୃତ୍ୟୁ ର କାରଣ କଣ ବୋଲି । ଆଉ ଆଜି ସକାଳ ପହରୁ ମୋ ଝିଅ କୁ ପ୍ରବଳ ଜର ମୁଁ ଜାଣି ପାରୁନି ବାବା ଏ ସବୁ କଣ ହେଉଛି ମୋ ସଙ୍ଗେ" । ମୋତେ ଆଉ ଅଛପା ରହିଲାନି ଯେ ଏ ସବୁ ସେ ବେତାଳ ର କାଣ୍ଡ ବୋଲି କିନ୍ତୁ ; ତା'କୁ ଏ ବିଷୟରେ ମୁଁ କିଛି ବି କହିଲିନି । ମୁଁ ଦେଖିଲି ମାଧବ ଘୋଷ ଆଖିରେ ଲୁହ । ଲୁହ ପୋଛି ସେ କହିଲା "ବାବା ଆପଣ ମୋ ଘରେ କିଛି ଦିନ ରୁହନ୍ତୁ" । ମୁଁ ହଁ ଭରିଲି । ସେଇ ଦିନ ସନ୍ଧ୍ୟାବେଳେ ମୁଁ ନଦୀକୁ ସ୍ନାନ କରିବା ପାଇଁ ଗଲି । ବାଟରେ ଆସୁଆସୁ ଟିକେ ରାତି ହୋଇଯାଇଥାଏ । ମୋତେ ଲାଗିଲା ଯେ ମୋ ପଛେପଛେ କିଏ ଜଣେ ଆସୁଛି । ମନେମନେ ଟିକେ ଆଖିବୁଜି ଭଗବାନ ଶଙ୍କରଙ୍କୁ ସ୍ମରଣ କଲି । ଦେଖିଲି ସେଇ ବୀରଭୂମ ର ବାବା ଆସି ମୋ ସାମ୍ନା ରେ ଛିଡା ହୋଇଛନ୍ତି । ଯିଏ କି ମୁଁ ବୀରଭୂମ ରେ ଥିଲାବେଳେ ମୋତେ କହିଥିଲେ ଯେ ବିପଦ ବେଳେ ମୋତେ ସେ ସାହାଯ୍ୟ କରିବେ ବୋଲି । ମୁଁ ତାଙ୍କୁ ଠିକ ଚିହ୍ନି ପାରି ତାଙ୍କୁ ପ୍ରଣାମ କଲି । ସେ ମୋତେ ଆଶୀର୍ବାଦ କରି କେଉଁ ଆଡେ ଉଭାନ ହୋଇଗଲେ । ମୁଁ ଫେରି ଆସି ମାଧବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୋଷ କୁ କହିଲି ଗୋଟେ ଢାଳ ରେ କିଛି ପାଣି ନେଇ କି ଆସିବାକୁ । ସେ ପାଣି ନେଇ ଆସିଲା । ମୁଁ ସେଇ ପାଣି କୁ ବାବା ଦେଇଥିବା ମନ୍ତ୍ର ଦ୍ୱାରା ଶୁଦ୍ଧ କରେଇ ତା ଘର ର ଚାରିପଟେ ଛିଞ୍ଚି ଦେଇ ଆସିଲି ଓ ମାଧବ ଘୋଷ କୁ କହିଲି "ଆଜି ରାତି ତୁମ ପରିବାର ଓ ମୋ ପାଇଁ ବହୁତ ଭୟାନକ ରାତି ତେଣୁ ତୁମ ପରିବାର ର କେହି ବି ସଦସ୍ୟ ଆଜି ଘର ବାହାରକୁ ବାହାରିବ ନାହିଁ । ସମସ୍ତେ ଘର ଭିତରେ ରହି ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବ" । ମୋ କଥା ଶୁଣି ମାଧବ ଘୋଷ ର ମୁହଁ ଏକ ଦମ ଛୋଟ ହୋଇଗଲା ଓ ମୁଣ୍ଡ ଟୁଙ୍ଗାରି ହଁ ଭରି ଘର ଭିତରକୁ ପଳେଇଲା । ରାତି ଭୋଜନ ସମୟରେ ମୁଁ ତାକୁ କହିଲି "ଯେ ଆଜି ତୁମେ ଓ ମୁଁ ଗୋଟିଏ ଘରେ ଶୋଇବା" । ମାଧବ ଘୋଷ ରାତି ଖାଇବା ସାରିକି ମୋ ପାଖ କୁ ଆସିଲା । ମୁଁ ତାକୁ ଖଟ ଉପରେ ବସିବାକୁ କହିଲି ଓ ଖଟ ର ଚାରିପଟେ ମନ୍ତ୍ରରା ପାଣି କୁ ଛିଞ୍ଚି ଦେଲି । ତା ପରେ ମୁଁ ଓ ମାଧବ ଘୋଷ ସେଇ ଖଟ ଉପରେ ବସିପଡିଲୁ । ରାତି ଠିକ ଦୁଇଟା ବେଳକୁ ହଠାତ୍ ଜୋର ରେ ପବନ ବହିଲା । ଆମ୍ବ ଗଛ ଗୁଡା ବହୁତ ଜୋର ରେ ହଲିବାକୁ ଲାଗିଲା । ସେ ପବନ ରେ ଘର ର କବାଟ ଝରକା ସବୁ ପିଟିହେଲା । ମାଧବ ଘୋଷ ର ପରିବାର ଲୋକ ଡରି ଯାଇ ଚିତ୍କାର କରିବାକୁ ଲାଗିଲେ । ମୁଁ ସେମାନ ଙ୍କୁ ସେ ଖଟ ଉପରେ ବସି କହିଲି କେହି ବି ଯେମିତି ବାହାରକୁ ନ ଯାଆନ୍ତି । ମାଧବ ଘୋଷ ମୋ ହାତ କୁ ଭୟ ରେ ମାଡିବସି ଥାଏ । ଏକ ଭୟଙ୍କର ଚିତ୍କାର କିଏ ଜଣେ କଲା । ସେ ଚିତ୍କାର ଶୁଣି ମାଧବ ଘୋଷ ର ପରିବାର ଲୋକେ ଭୟରେ ସମସ୍ତେ ଅଚେତ ହୋଇପଡିଲେ । ଏପରି ମନେ ହେଉଥାଏ କିଏ ଜଣେ ଜୋର କରି ଘର ଭିତରକୁ ପଶିବାକୁ ଚେଷ୍ଟା କରୁଥାଏ କିନ୍ତୁ ବାଧା ପାଇ ପଛକୁ ଫେରି ଯାଉଥାଏ । ଏମିତି କିଛି ସମୟ ହେବା ପରେ ଝଡ ହଠାତ୍ ବନ୍ଦ ହୋଇଗଲା । ପୁଣି ସବୁକିଛି ଶାନ୍ତ ହୋଇଗଲା । ଖାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣା ଯାଉଥାଏ  ଘର ପଛ ବାଡିରେ ଥିବା କଦଳୀଗଛ ର ପତ୍ର ର ହଲିବା ଶବ୍ଦ  । ମୋତେ ଲାଗିଲା ଯେପରି ସେ ଅଦୃଶ୍ୟ ଶକ୍ତି ଘର ପଶି ନ ପରି ଫେରିଗଲା ଭଳି  ।  ମାଧବ ଘୋଷ ମୋ ହାତ କୁ ସେମିତି ଧରିଥାଏ   । ଭୟରେ ସେ ବରଡା ପତ୍ର ଭଳି ଥରୁଥାଏ  । ମୁଁ ତାକୁ କହିଲି ବର୍ତ୍ତମାନ ସେ ଅନିଷ୍ଟକାରୀ ଶକ୍ତି ଘର ଭିତରକୁ ପଶି ନ ପାରି ଫେରିଗଲା"  । ସେଦିନ ରାତି ଟା ଆମ୍ଭେ ଦୁଇଜଣ ସେଇ ଖଟ ଉପରେ ବସି କି ହିଁ କଟେଇ ଦେଲୁ  । ସକାଳୁ ଉଠି ମୁଁ ମନ୍ତୁରା ପାଣି ନେଇ ମାଧବ ଘୋଷ ର ପରିବାର ଲୋକଙ୍କ ଉପରେ ଛିଞ୍ଚିବାରୁ ସେମାନେ ସମସ୍ତେ ଉଠି ବସିଲେ ତା ଝିଅ ର ଜର ବି ଭଲ ହୋଇ ଯାଇଥିଲା  । ମାଧବ ଘୋଷ ମୋ ଗୋଡ ଧରି ପ୍ରଣାମ କରି କହିଲା "ଆପଣ ଙ୍କ ଯୋଗୁଁ ହିଁ ମୋ ପରିବାର ଆଜି ବଞ୍ଚିଗଲା ମୁଁ ତା ଠାରୁ ବିଦାୟ ନେବା କୁ ଯିବା ବେଳକୁ ତା ପରିବାର ର ଲୋକ ମାନେ ଅନୁରୋଧ କଲେ ଯେ ଅନ୍ତତଃ ମଧ୍ୟାହ୍ନ ଭୋଜନ କରି ଯିବା ପାଇଁ ମୁଁ ସେମାନଙ୍କ ଅନୁରୋଧ ଏଡାଇ ଦେଇ ପାରିଲିନି  । ମଧ୍ୟାହ୍ନ ଭୋଜନ କରି ସାରିବା ପରେ ମୁଁ କିଛି ସମୟ ବିଶ୍ରାମ ନେଇ ସନ୍ଧ୍ୟା ବେଳକୁ  ମାଧବ ଘୋଷ ଠାରୁ ବିଦାୟ ନେଲି  ।  ମୁଁ ଚାଲିଥାଏ ଜଙ୍ଗଲ ବାଟ ଦେଇ   । ଦେଖିଲି ମୋ ପଛ ରେ କିଛି ସିପାହୀ ଘୋଡାରେ ବସି ଆସୁଛନ୍ତି  । ତାଙ୍କୁ ଦେଖି ମୁଁ ପଚାରିଲି "କଣ ହୋଇଛି ? ଆପଣମାନେ ସବୁ କୁଆଡେ ଯାଉଛନ୍ତି" ? ସେମାନେ ଘୋଡାରୁ ଓଲହାଇ ମୋତେ ପ୍ରଣାମ କଲେ ଓ କହିଲେ "ବାବା ଆଗରେ ଯେଉଁ ଶ୍ମସାନ ଅଛି ସେଠି ଯେଉଁ ସାଧୁ ରହୁଥିଲେ ଗତ କାଲି ରାତିରେ କେହି ଜଣେ ତାଙ୍କ ବେକ ମୋଡି କି ହତ୍ୟା କରିଛି  । ଆମେମାନେ ସେଠ କି ହିଁ ଯାଉଛୁ"  । ଏତିକି କହି ସେମାନେ ମୋ ଠାରୁ ବିଦାୟ ନେଇ ଚାଲିଗଲେ   । ମୁଁ ଠିକ୍ ଜାଣିପାରିଥିଲି ଯେ ସେ ସାଧୁ ମୋତେ କହିଥିଲେ ଯେ ଯଦି ବେତାଳ ତା କାର୍ଯ୍ୟ ହାସଲ କରି ନ ପାରେ ତେବେ ତାକୁ ଯିଏ ଜାଗ୍ରତ କରେଇଛି ତା'ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହିଁ ଜୀବନ ନେଇଯାଏ । ମୋର ମନ ଖୁବ୍ ହେଉଥିଲା ଯେ ସିପାହୀମାନଙ୍କ ସହ ଯାଇ ମୃତ ଦେହକୁ ଦେଖି ଆସିବା ପାଇଁ କିନ୍ତୁ ମୁଁ ଗଲି ନାହିଁ । ମୁଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଆଗକୁ ଚାଲିଲି ଓ ମୋତେ ଦେଖା ଦେଇ ମୋର ଓ ମାଧବ ଘୋଷ ର ପରିବାର କୁ ବଞ୍ଚେଇ ଥିବା ସେହି ବାବାଙ୍କୁ ମନେମନେ ପ୍ରଣାମ କଲି ।

ଗପ ଶେଷ ହେବା ପରେ ଆମେ ତାରାନାଥ ଠାରୁ ବିଦାୟ ନେଲୁ । ମୁଁ ଆସିବା ବାଟରେ କିଶୋର କୁ ପଚାରିଲି "ଗପ କେମିତି ଲାଗିଲା" ? ସେ ହସି କି କହିଲା "ଖୁବ ସୁନ୍ଦର ଓ ରହସ୍ୟମୟ" ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ବ୍ରହ୍ମପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୦ ୩୧୯ ୭୯୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇଚ୍ଛା



ସୁଧାଂଶୁ ଶେଖର ଦ୍ୱିବେଦୀ

ମୂଳ କାର୍ଲିଫର୍ଣ୍ଣିଆ : ରୋଜର ଡେନ୍ ବେସର

ଅନୁସୃଜନ : ସୁଧାଂଶୁ ଶେଖର ଦ୍ୱିବେଦୀ

୧୦ ବର୍ଷ ବୟସରେ ମୁଁ ବୁଝିପାରୁନଥିଲି ଏଲ୍‌ଭିସ୍ ପ୍ରିସଲେଠାରେ କଣ ଥିଲା ଯାହା ମୋ ପାଖରେ ନାହିଁ ? ମୋ କହିବା କଥା ହେଉଛି, ମୋ ପରି ତା ଗୋଟେ ମୁଣ୍ଡ ଅଛି, ଦୁଇଟା ହାତ ଅଛି, ଦୁଇଟା ଗୋଡ଼ ଅଛି । ତା'ହେଲେ ତା'ପାଖରେ କଣ ଏମିତି ଛପି ରହିଥିଲା ଯେ ଅନାଥାଳୟରେ ତାହାରି ବୟସର ସବୁ ଝିଅମାନଙ୍କୁ ଆଙ୍ଗୁଳି ଇଶାରାରେ ନଚାଉଥିଲ ?

ଶନିବାର, ପ୍ରାୟତଃ ସକାଳ ନ'ଟା ବେଳେ ଅନାଥାଳୟର ଜଣେ ବଡ଼ପିଲା ଇଉଗେନକୁ ପଚାରିବା ପାଇଁ ସ୍ଥିର କଲି । ବାସ୍ତବିକ ତାହା କି ପ୍ରକାର କଥା ହୋଇପାରେ ? ଯାହା ଏଲଭିସ୍ ପ୍ରିସଲେକୁ ସର୍ବୋଚ୍ଚ ଶିଖରରେ ବସାଇଛି ?

ସେ ମୋତେ କହିଲା, "ତାହାର ଦୁଇଟା କାର, ଏକରେ ଏଲ୍‌ଭିସ୍ କୁଞ୍ଚକୁଞ୍ଚିଆ ଚୂଳ ଏବଂ ଦ୍ୱିତୀୟରେ ତାର ମନଜିଣା ଚାଲି ।"

ଠିକ୍ ତା'ର ଅଧଘଣ୍ଟା ପରେ ଅନାଥାଳୟର ସମସ୍ତ ପୁଅପିଲାଙ୍କୁ ଏକତ୍ର ଗୋଟିଏ ସ୍ଥାନକୁ ଡକାହେଲା । ସଭିଙ୍କୁ କୁହାଗଲା, ଫ୍ଲୋରିଡ଼ାରେ ଥିବା ଜେକ୍‌ସ୍ନୋବିଲକୁ ଯିବା, ସେଠି ଆମମାନଙ୍କୁ ନୂଆ ଜୋତା ମିଳିବ ଓ ନୂଆ ପ୍ରକାର ହେୟାର କଟ୍ କରାହେବ । ହଠାତ୍ ମୋ ମନ ମଧ୍ୟରେ ଗୋଟେ ଖିଆଲ ପଥର ଭଳି ଧକ୍କା ଖାଇଲା, "ଯଦି ଏଲଭିସ୍‌ର ହେୟାରକଟ୍ ତାପାଇଁ ଭିନ୍ନ ପ୍ରକାର ବିଶେଷଣ ତା ହେଲେ ମୁଁ ମଧ୍ୟ ଆଜି ସେହିପରି ହେୟାରକଟ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବି ।"

ରାସ୍ତାସାରା ମୁଁ ଏଲ୍‌ଭିସ୍ ଭଳି ହେୟାର କାଟିବି ବୋଲି ସମସ୍ତଙ୍କୁ କହି ଦେଉଥାଏ । ଏପରିକି ଯେଉଁ ମେଟ୍ରନ୍ ଆମକୁ ଅନାଥାଳୟରୁ ଜେକସ୍ନୋବିଲକୁ ନେଇ ଯାଉଥିଲେ, ତାଙ୍କୁ ମଧ୍ୟ କହିଦେଉଥାଏ ।

ଯେତେବେଳେ ମୋତେ ନୁଆ ଜୋତା ମିଳିଲା, ମୁଁ ଉଲ୍ଲାସରେ ହସୁଥାଏ ଓ ଅନ୍ୟକାହାକୁ ଜୋତାର ଚମକ ଦେଖାଇବାକୁ ପ୍ରୟାସ କରୁଥାଏ । ସତରେ ମୋ ଜୋତା ସୁନାଭଳି ଚକ୍ ଚକ୍ କରୁଥାଏ । କିନ୍ତୁ ମୋତେ ସବୁଠୁ ଭଲ ଲାଗୁଥାଏ ଷ୍ଟୋର ହାଉସରେ ଥିବା ଏକ୍ସରେ ମେସିନରେ ନିଜ ଗୋଡ଼ର ହାଡ଼କୁ ଦେଖିବା ।

ମୁଁ ଆଦୌ ପ୍ରତୀକ୍ଷା କରି ପାରୁନଥାଏ । ମୋର ହେୟାରକଟ୍ କେବେ ହେବ ସେଇ ଅପେକ୍ଷାରେ ଟେନସନରେ ଥାଏ । ନୂଆ ଜୋତା ମିଳିସାରିଛି, ବାକି ହେୟାରକଟ୍ ପରେ ଶୀଘ୍ର ଅନାଥାଳୟକୁ ଯାଇ ଏଲ୍‌ଭିସ୍ ଭଳି ଚାଲିବାର ଅଭ୍ୟାସ କରିବାକୁ ଅଛି ।

ଶେଷରେ ଆମେ ସମସ୍ତେ ସେହି ନିର୍ଦ୍ଦିଷ୍ଟ ସେଲୁନରେ ପହଞ୍ଚିଗଲୁ ଯେଉଁଠି ଆମମାନଙ୍କର ନିଃଶୁଳ୍କ ହେୟାରକଟ୍ ହେବ । କାରଣ ଆମେ ସବୁ ଅନାଥ, ସହସା ମୁଁ ଜଣେ ବାରିକ ପାଖକୁ ଦୌଡ଼ିଯାଇ ଖୁସିରେ ଆତ୍ମବିଭୋର ହୋଇଗଲି ।

ବାରିକ ମୋତେ ଉଠେଇନେଇ ଚୌକିରେ ବସେଇଲା । ମୁଁ ସେଇ ବାରିକକୁ ଗାଢ଼ ନଜରରେ ଦେଖି ସ୍ମିତ ହସରେ କହିଲି, "ମୋତେ ଏଲ୍‌ଭିସ୍ ପ୍ରିସଲେ ପରି ହେୟାରକଟ୍ କରିଦେବ ।"

ତା'ପରେ ସେ ମୋ ଚୂଳ କାଟିବା ଆରମ୍ଭ କଲା । ସତରେ ମୋ ଖୁସିର ସୀମା ଦ୍ୱିଗୁଣ ବଢ଼ିଯାଉଥାଏ । ସେତିକିବେଳେ ମେଟ୍ରନ୍ ତାକୁ ଇଶାରା କଲା, ତାପରେ ସେହି ବାରିକ୍ ମେଟ୍ରନ୍ ପାଖକୁ ଯାଇ କାନପାଖେ କିଛି ଫୁସ୍ ଫୁସ୍ କଥା ହେଲେ । ବାରିକ ମୁଣ୍ଡ ହଲାଇ

 Magazine Downloaded from www.aahwaan.com

ସମ୍ମତି ଜଣାଇଲା ।

ମେଟ୍ରନ୍ ଅଫିସ୍ ରୁମକୁ ଯିବାପରେ ବାରିକ ମୋ ପାଖକୁ ଆସି କହିଲା, "ଆମକୁ ଏଲ୍‌ଭିସ୍ ପ୍ରିସଲେ ଭଳି ଚୂଳ କାଟିବା ପାଇଁ ପରମିସନ୍ ନାହିଁ ।"

କିଛି କ୍ଷଣ ପରେ ମୋ ମୁଣ୍ଡରେ ସଂପୂର୍ଣ୍ଣ ଚୁଳ ଅନ୍ତର୍ଦ୍ଧାନ ହୋଇ ସାରିଥାଏ । ନିଜ କାର୍ଯ୍ୟ ଶେଷ କରିବାପରେ ବାରିକ ମୋ ମୁଣ୍ଡରେ ପାଉଡ଼ର ନେସିଦେଲା । ପୁଣି ମୋ ହାତରେ ତମ୍ବାର ଏକ ମୁଦ୍ରା ରଖି କହିଲା, "ବାହାରେ ଥିବା ଦୋକାନରୁ କେଣ୍ଡି ନେଇଯିବ ।"

ମୁଁ ସେଇ ତମ୍ବା ମୁଦ୍ରାକୁ ତା ହାତରେ ଧରିଦେଇ କହିଲି, "ମୁଁ ଭୋକିଲା ନୁହେଁ ।"

"ପ୍ଲିଜ୍ ମୋତେ କ୍ଷମା କରିଦେବ । ଏହା ଉପର ମହଲର ଅର୍ଡର ଥିଲା ।" ସେ ଅନୁନୟ କଣ୍ଠରେ କହୁଥାଏ ।

ମୁଁ ତଳେ ବସିପଡ଼ି ଜୋତାରେ ଲାଗିଥିବା ଚୂଳକୁ ହାତରେ ଝାଡ଼ି ସଫା କଲି, ପୁଣି ଉଠି ପେଣ୍ଟକୁ ଝାଡ଼ି ସାରିବାପରେ ଅଫିସ୍ ଦ୍ୱାର ପାଖକୁ ବଢ଼ିଲି । ମେଟ୍ରନ୍ ମୋତେ ଦେଖି ଖୁବ୍ ଜୋର୍ ହସି ଉଠିଲା । ଯେମିତି ମୁଁ କୌଣସି ସର୍କସର ଜୋକର ହୋଇଯାଇଛି । ଯେଉଁ ବାରିକ ମୋ ଚୂଳ କାଟିଥିଲା ସେ ଚିତ୍କାର କରି କହିଲା, "ସେଇଟା ଡାହାଣୀ ?"

ମେଟ୍ରନ୍ ଖୁବ୍ ଜୋର୍ ଚିତ୍କାର କରି କ୍ରୋଧରେ ଗୋଡ଼ କଚାଡ଼ି ଦ୍ରୁତ ଗତିରେ ଅଫିସ୍ ରୁମରୁ ବାହାରିଗଲା । ମୋ ଚୂଳକୁ କାଟିଥିବା ବାରିକ ଅଭିମାନରେ କାନ୍ଥକୁ ବିଧା ମାରୁଥାଏ । ପୁଣି ସେ ମୋ ପାଖକୁ ଆସି ଠିଆ ହେଲା । ଯେଉଁଠି ମୁଁ ଠିଆ ହୋଇଥାଏ । ସେ ମୋତେ ଦେଖି ହସି ହସି ମୋର ଚୁଳନଥିବା ମୁଣ୍ଡରେ ହାତ ବୁଲେଇଲା । ମୁଁ ଲୁହ ଭରା ଆଖିରେ ତାକୁ ପଚାରିଲି । "ତୁମକୁ ଜଣାଅଛି ଏଲ୍‌ଭିସ୍ ପ୍ରିସଲେର ହାଡ଼ ସବୁଜ ଦେଖାଯାଉଛି ନା ଦେଖାଯାଉନି ?"

ବିସି-୭୪, ସେକ୍ଟର - ୧, ସଲ୍ଟଲେକ୍, କୋଲକାତା - ୬୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨, ଇମେଲ୍ : s.dwibedy@rediffmail.com

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



ତପନ କୁମାର ଦାସ

କର୍ତବ୍ୟ ବିମୁଢ଼ ମନୁଷ୍ୟକୁ କରେ ଆହ୍ୱାନ
ସମୟ ଆସେ ପରିବର୍ତନର ବର୍ତମାନ
ଚେତନା ନେଇ ସଚେତନ ପାଇଁ ହୁଅ ପ୍ରସ୍ତୁତ
ଆଗାମୀ ଭବିଷ୍ୟତର କର ଚିନ୍ତନ
ଅତୀତର ଗୌରବ ଗାଥା ପକାଅ ମନେ
ଗୁଞ୍ଜରଣ ହେଉ ତୁମରି କାନେ ||

ଆଜି ଘନ ଘନ ବନ ପାଲଟିଛି ମରୁଭୂମି
ଲଣ୍ଡା ପାହାଡ ବାହୁନି କାନ୍ଦେ
ଧରା ଚାହେଁ ଆକାଶକୁ ଟୋପାଏ ବର୍ଷା ପାଇଁ
ବାଟୋଇ ଖୋଜେ ବରଗଛର ଛାଇକି
କୃଷକ ଆତ୍ମା କାନ୍ଦେ ଉଜୁଡା ଫସଲ ପାଇଁକି ||

ବାରବୁଲା ମନୁଷ୍ୟ ପଶୁ ସଦୃଶ
କେତେ ଆତ୍ମଘାତୀ ଏଇ ମଣିଷ
ବୋଲାଏ ଶ୍ରେଷ୍ଠ ଜୀବ ବ୍ରହ୍ମାଣ୍ଡର
ପ୍ରକୃତିର ସ୍ରଷ୍ଟା ବି ପଶ୍ଚାତାପ କରୁଥିବେ
କାହିଁକି ମଣିଷକୁ ରଚନା କରିଥିଲି ବୋଲି !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ କେତେ ନିର୍ଦ୍ଦୟ ନିଷ୍ଠୁର
ପାପୀ ଘୃଣ୍ୟ ଅଟେ ଭୟଙ୍କର
ତାର ଅଭିଶାପରେ ପ୍ରକୃତି ରାଣୀ
ଆଜି ଜର୍ଜରିତ, ରକ୍ତାକ୍ତ, ଅବହେଳିତ
ସବୁଜ ବର୍ଣ୍ଣାଳୀକୁ କରେ ମରୁଭୂମି
ପୁଷ୍ପ ପରି କୋମଳ ଜଳବାୟୁକୁ କରେ ଦୂଷିତ
ଆଜି ପ୍ରକୃତି କ୍ଷତାକ୍ତ ।।

ରେ ରାକ୍ଷସ ରୁପି ଆଜି ବି ସମୟ କହେ
ତୋ ଦେହରେ ହାଡ ମାଂସ ରକ୍ତ ବହେ
ପୁନର୍ବାର ସୁଧୁରିଯା ଫେରିଆ ସତ୍ୟ ଯୁଗକୁ
ତିଳେ ଖାତିର କର ପ୍ରକୃତିର ସ୍ରଷ୍ଟାକୁ
ସବୁଜିମା ବୃକ୍ଷରାଜି ହସିଉଠୁ
ସାଗର ତରଙ୍ଗ ନାଚିଉଠୁ
ଶ୍ରୀରାମ ପୁଣି ରାବଣକୁ ହତ୍ୟା କରନ୍ତୁ
ଶ୍ରୀକୃଷ୍ଣ ଆସି କଂସବଧ କରନ୍ତୁ
ମୃତ ପ୍ରାୟ ସମାଜ ନିଦ୍ରାରୁ ହୋଇ ଜାଗ୍ରତ
ଏଇ ସଂସାର ବୁକୁକୁ ଆଦରି ପ୍ରାୟତ
ହୋଇ ସର୍ବଦା ସର୍ବେ ବଚନ ବଦ୍ଧ
ବିନାଶରୁ, ଧ୍ୱଂସରୁ ରକ୍ଷା କରିବା ତ !!

ଶିକ୍ଷକ, କେସିଙ୍ଗା, କଳାହାଣ୍ଡି, ଭ୍ରାମ୍ୟଭାଷ: ୯୪୩୮୪୧୫୯୫୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନଶୈଳୀର ମାର୍ଗ



ବେଣୁଧର ସୁରୁଜାଲ

ପ୍ରଜ୍ଞା, ଶୀଳ,କରୁଣାର ପ୍ରତୀକ
ବିଶ୍ୱ ଶାନ୍ତିଦୂତ,ଏସିଆ ଆଲୋକ ।
କ୍ଷଣଭଂଗୁର ଭ୍ରମପୂର୍ଣ୍ଣ ସମାଜରେ
ସତ୍ୟ ପଥର ହେ ! ମାର୍ଗଦର୍ଶକ ।। (୧)

ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳପିଣ୍ଡ,
ଯୁକ୍ତିସିଦ୍ଧ ବିଜ୍ଞାନ ଭିତ୍ତିକ ଅଟଇ ବୁଦ୍ଧଦର୍ଶନ ।
ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା
ମୌଳିକ ଜୀବନଶୈଳୀ କଥାକହେ ବୁଦ୍ଧଧର୍ମ ।। (୨)

ନଥାଇ ନିର୍ଯ୍ୟାସ ତଥ୍ୟ ଯୁକ୍ତିଯୁକ୍ତ
ପ୍ରଥାନାମେ ଶୁଣାକଥା କେବେ ବିଶ୍ୱାସ ନକର ।
ଉପଯୁକ୍ତ ବିଶ୍ଲେଷଣ କରି ହୃଦବୋଧ
ସତ୍ୟାସତ୍ୟ କାରଣ ସିଦ୍ଧ ନିର୍ଯ୍ୟାସକୁ  ମାନିବ
ହେବ ଯା ସମାଜେ ମଂଗଳକର ।। (୩)

ସ୍ୱାଧୀନଚେତା,ଶୁଦ୍ଧମୟ ଜୀବନ ଯାପନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉତ୍ତମ ମାନସିକତା, ବିଶ୍ୱାସ ଓ ଜ୍ଞାନ,
ଏ ପାଂଚଟି ସମ୍ପଦର ଅଧିକାରୀ ହେବା ପାଇଁ
ଶିକ୍ଷା ଦେଇଥାଏ ବୁଦ୍ଧଙ୍କ ଧର୍ମ ।। (୪)

ପରିପକ୍ୱ ମଣିଷର ଅନ୍ତିମ ଲକ୍ଷ୍ୟ
ଚିରନ୍ତନ ଶାନ୍ତି, ନିର୍ବାଣ ପ୍ରାପ୍ତି
ଅଷ୍ଟାଙ୍ଗ ମାର୍ଗର ଅନୁଶୀଳନେ
ଜନ୍ମମୃତ୍ୟୁ ଅବଳିଳା ଘଟଇ ପରିସମାପ୍ତି ।। (୫)

ସତ୍ ଚିନ୍ତା,ସତ୍ ଦୃଷ୍ଟି , ସତ୍ ଚେଷ୍ଟା, ସତ୍ ବୃତ୍ତି
ସତ୍ କର୍ମ, ସତ୍ ବାଣୀ, ସମାଧି ଓ ସତ୍ ସ୍ମୃତି ।
ଏ ମହାନ ଅଷ୍ଟାଙ୍ଗ ମାର୍ଗର ଅନୁଶୀଳନେ
ଦୂର ହୁଏ ଜୀବନୁ ଯାତନା ମିଳଇ ଶାନ୍ତିମୁକ୍ତି ।। (୬)

ସତ୍ୟ, ପବିତ୍ରତା, ଦାନ, ଶକତି, ପ୍ରେମ
ନିଷ୍ପତ୍ତି, ସମ୍ପୂର୍ଣ୍ଣ ଆତ୍ମ ନିୟନ୍ତ୍ରଣ ,
ମାନସିକ ସ୍ଥିରତା, ଧୈର୍ଯ୍ୟ, ଆତ୍ମଜ୍ଞାନ
ନିର୍ବାଣ ପ୍ରାପ୍ତି ହୁଅଇ କଲେ ଏସବୁ ପରିପୂର୍ଣ୍ଣ ।।(୭)

ମୋହଗ୍ରସ୍ତ, ଇନ୍ଦ୍ରିୟାଶକ୍ତ, ଅଜ୍ଞତା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ୍ଯ ପ୍ରକାଶର ଭୟ ,
ସତ୍ୟ-ଶାନ୍ତିର ପ୍ରତିଷ୍ଠା ନିମିତ୍ତ
ଏସବୁକୁ ପରିତ୍ୟାଗ କରିବ ନିଶ୍ଚୟ ।। (୮)

ଚରିତ୍ରବତା, ସତ୍ୟ, ଦୃଢ଼ତା, ନ୍ୟାୟ
ଏ ଚତୁର୍ଗୁଣ ଅଧିକାରୀ ହୁଏନି କେବେ
ଦୁଃଖେ ମିୟମ୍ରାଣ ।
ଗାର୍ହସ୍ଥ୍ୟ ମହତ୍ତ୍ୱପୂର୍ଣ୍ଣ ସର୍ବେନୁସନ୍ଧାନୀ ରୂପେ
ନିଜ ଜୀବନଶୈଳୀ କରନ୍ତି ସୁଖେ ଅତିକ୍ରମ ।। (୯)

ସାମାଜିକ ବୋଧ, ମଧୁର ବଚନ ସଂଗେ
ଭଦ୍ରୋଚିତ ଆଚରଣ,
ଜୀବନ ପ୍ରତିଟି କ୍ଷେତ୍ରେ ଅଟେ ବହୁ ମୂଲ୍ୟବାନ ।
ଆପଣେଇ ନେଲେ ଏସବୁ ସୁଗୁଣ
ସବୁଠି ମିଳେ ଆଦର ବଢ଼ଇ ବ୍ୟକ୍ତିର ମାନ ।(୧୦)

ବିନା ଦ୍ୱିଧେ ବୀର ବାଦ୍ୟ ବାଦକର ଶବ୍ଦ
ଭେଦିଯାଏ ଚତୁର୍ଦିଗେ ଯେସନ ।
ବିପଦେ ଆପଦେ ଧିର ନିଶ୍ଚଳ ରହି
ମୁକ୍ତ-ଚିନ୍ତନକାମୀ ଜୀବନ ଗତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱେ ପ୍ରେମବାର୍ତାବହ ହୋଇପାରେ ତେସନ ।। (୧୧)

ଯେବେ ସାରା ବିଶ୍ୱେ ସମ୍ମାନବୋଧ ଓ
ଉତ୍ତମ ବୁଝାମଣାରେ ଝଲସି ଉଠିବ ।
ଯୁଦ୍ଧ-ରକ୍ତପାତ ଅବସାନ ଘଟି
ବିଶ୍ୱେ ଭାତୃତ୍ୱ ବନ୍ଧନ ପ୍ରତିଷ୍ଠିତ ହେବ ।। (୧୨)

ମାଦକଦ୍ରବ୍ୟ ସେବନ, ଜୁଆ, ଭ୍ରଷ୍ଟାଚାର
ଜୀବହତ୍ୟା, ମିଥ୍ୟାଚାର ଓ ଚୋରିର ବୃତ୍ତି ,
ଏସବୁ କୁକର୍ମୁ ନିବୃତ୍ତ ରହିବା ଶିକ୍ଷା ଦିଏ
ବୁଦ୍ଧଂକ ଧର୍ମ ପଂଚଶୀଳ ନିତି ।। (୧୩)

ମୈତ୍ରୀପୂର୍ଣ୍ଣ କର୍ମ, ମୁକ୍ତହସ୍ତେ ଦାନ
ଶାନ୍ତି, ସରଳତା, ସନ୍ତୁଷ୍ଟିର କରି ପାଳନ ,
ସ୍ମୃତି ସୁସ୍ପଷ୍ଟ, ପ୍ରଦୀପ୍ତ ରଖି ସତ୍ୟପୂର୍ଣ୍ଣ ଆଚରଣ
ଶୁଦ୍ଧ କର ତୁମ ବାଣୀ, ଶରୀର, ମନ ।। (୧୪)

ବୁଦ୍ଧଦର୍ଶନ କହେ ସତ୍ୟକୁ ସତ୍ୟରେ କର ଗ୍ରହଣ
ସୃଷ୍ଟିକର୍ତ୍ତା ବୋଲି ନାହିଁ ଶକ୍ତି, ସତ୍ତା କିଛି ।
ଚିରନ୍ତନ ସତ୍ୟ ବିବର୍ତନବାଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାକୃତିକ ନିୟମର କାରଣ ଓ ପରିଣତିରୁ
ଏ ଜୀବଜଗତର ସୃଷ୍ଟି ହୋଇଛି ।। (୧୫)

ଶାନ୍ତିପୂର୍ଣ୍ଣ, ସୁସ୍ଥ ଜୀବନ ନିମିତ୍ତ
ବୁଦ୍ଧ, ଧର୍ମ, ସଂଘେ କର ଅନୁସରଣ ।
ନିଜ ଜ୍ଞାନର ଆଲୋକ ନିଜେ ହେବା ପାଇଁ
ପ୍ରଦୀପ୍ତ କର ସ୍ୱ-ଚେତନା, ବିବେକ, ବୁଦ୍ଧିଜ୍ଞାନ ।। (୧୬)

ବ୍ୟକ୍ତି ଜୀବନଶୈଳୀର ପ୍ରଦର୍ଶିତ ମାର୍ଗ
ଅଟେ କ୍ରାନ୍ତିକାରୀ ବୁଦ୍ଧ ଧମ୍ମ ଦର୍ଶନ ।
ଆଧୁନିକ ଯୁଗେ ଯୁଦ୍ଧ-ପିପାସୁ ଅଶାନ୍ତ ବିଶ୍ୱକୁ
ଶିଖାଏ ଶାନ୍ତି, ମୈତ୍ରୀ, ପ୍ରିତି ଭାତୃତ୍ୱ ବନ୍ଧନ ।।(୧୭)

ବୁଦ୍ଧଂ ନମାମି !
ଧର୍ମଂ ନମାମି !
ସଂଘଂ ନମାମି !

ବେଣୁଧର ସୁରୁଡାଳ
ସ.ଶିକ୍ଷକ, ସୋନପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ କଥା ମନେପଡ଼େ



ସୌଭାଗ୍ୟରଞ୍ଜନ ମହାପାତ୍ର

ମାଆ କଥା ମନେପଡେ
ଅନ୍ଧାର ରେ ଡରିଗଲେ ।
ମାଆ କଥା ମନେପଡେ
ଝୁଣ୍ଟି ପଡ଼ି ପଡିଗଲେ ।।
ମାଆ କଥା ମନେ ପଡ଼େ
ପଖାଳ କଂସା ଦେଖିଲେ ।
ମାଆ କଥା ମନେ ପଡ଼େ
ଢିଙ୍କିଶାଳ କୁ ଦେଖି ଦେଲେ ।।
ମାଆ କଥା ମନେପଡେ
ସଜନା ଶାଗ ଦେଖିଲେ ।
ମାଆ କଥା ମନେପଡେ
ଜ୍ୱର ଟିକେ ମତେ ହେଲେ ।।
ମାଆ କଥା ମନେପଡେ
ଝୋଟି ମୃରୁଜ ଦେଖିଲେ ।
ମାଆ କଥା ମନେ ପଡ଼େ
ବାପା ମାଡ ଭାବିଦେଲେ ।।

ମାଆ କଥା ମନେ ପଡ଼େ
ବରଷାରେ ଭିଜିଗଲେ ।
ମାଆ କଥା ମନେ ପଡ଼େ
ଗୁରୁବାର ଆସି ଗଲେ ।।
ମାଆ କଥା ମନେ ପଡ଼େ
ଗୋବର ଲିପା ଦେଖିଲେ ।
ମାଆ କଥା ମନେପଡେ
ମଣ୍ଡା, ଆରିସା ଦେଖିଲେ ।।
ମାଆ କଥା ମନେପଡେ
ଆଖି ପଲକ ବୁଜିଲେ ।
ଆଖି ଛଳଛଳ ହୋଇ
କଲମ ଟି ରହିଯାଏ ।
ମାଆ କଥା ମନେପଡେ,
ମାଆ କଥା ମନେପଡେ ।।

ଅଧ୍ୟାପକ ବୈଦିକ ମହାବିଦ୍ୟାଳୟ, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ଫେରେ



ଦୀପାଞ୍ଜଳୀ ଧୁପାଲ

ସ୍ମୃତି ଫେରେ,
ନିରୋଳା ନିଶିଥର
ନିଃଶବ୍ଦ ପ୍ରହରରେ,
ନିର୍ଜନତାର ତୂଳୀରେ
ଆଙ୍କି ବସେ ନିସ୍ପନ୍ଦ ମୂହୁର୍ତ୍ତ ଗୁଡ଼ିକୁ ।
ସ୍ମୃତି ଫେରେ,
ସେ ନିର୍ଜୀବ ଅତୀତର ତରଙ୍ଗିଣୀରେ
ଓଦା କରିବାକୁ,
ଏ ଜୀବନର ନଈ କୂଳ...
ବିନା କିଛି ସଂକୋଚ କିମ୍ବା
ଅଣଦେଖାର ଭୟରେ,
ସ୍ମୃତି ଫେରେ.....
ବାଧ୍ୟ କରେ ଛୁଇଁବାକୁ,
ତା'ର ବିବସ୍ତ୍ର ବାସ୍ତବତାକୁ ଦ୍ୱାହି ଦେଇ,
ଦେଖାଏ ସ୍ୱପ୍ନ ,
ଆଶାର ମୂର୍ଚ୍ଛିତ ପକ୍ଷୀ
ମୁକ୍ତ ହେବାର ।
କିନ୍ତୁ ସ୍ପର୍ଶ ମାତ୍ରେ ଉଭେଇ ଯାଏ,
ସ୍ପଷ୍ଟ କରି ସମ୍ପର୍କ ବିଗତ ଓ ବର୍ତ୍ତମାନର ।
ସ୍ମୃତି ଫେରେ,
ବେଖାତିର୍ କରି ସଞ୍ଚିତ ସମ୍ବେଦନା
ଅବା ଆକ୍ରୋଶର ସୀମାରେଖା,
ତ୍ୱରିତ ବେଗରେ.....
ସ୍ମୃତି ଫେରେ....
ହୃଦ ମହଲରେ ଅବାଧ ପ୍ରବେଶର
ସ୍ୱୀକୃତିରେ,
ଅଟ୍ଟହାସ୍ୟ କରି ।
ସ୍ମୃତି ଫେରେ... ପୁଣି ଫେରିଯାଏ..... ।

ବାସୁଦେବପୁର, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ସଂଗୀତ



ଇପ୍ସିତାରାଣୀ ସାହୁ

ଚାଲୁଥିଲି ଦିନେ ଅବାଟରେ ମୁଁ
ଏକ ଦିଗ୍‌ବିହୀନ ପକ୍ଷୀ ପରିକା
ଅଲକ୍ଷ୍ୟ ସ୍ରୋତରେ ବହି ଚାଲିଥିଲି
ଅଗଣିତ ସାଥୀଙ୍କର ପଛପଛିକା ।
ନା ଥିଲା କିଛି ପାଇବାର ଇଚ୍ଛା
ନା ଥିଲା କିଛି ହରାଇବାର ଭୟ
ଥିଲା ତ କେବଳ ସ୍ୱଚ୍ଛ ବାସ୍ତବତା
ମୋର ଏବଂ ପ୍ରକୃତିର ସହ ।
ତା'ରି ବୁକୁରେ ହସି ଖେଳି ଦିନେ
ଧୂଳିରୁ ପଥର ପାଲଟି ମୁଁ ଗଲି
ସ୍ୱତନ୍ତ୍ରତା ମଧ୍ୟେ ଲୁଚି ଖେଳି ଆଜି
ସ୍ଥୂଳ ନୀରବତାକୁ ଆପଣେଇ ନେଲି ।
ସ୍ତବ୍ଧ, ନିଃଶବ୍ଦ, ନିରସ ଜୀବନେ
ଆଜି ଆଉ କିଛି ଅଭିଳାଷ ନାହିଁ
ଜନ୍ମ ତ ଲଭିଛି ମୃତ୍ୟୁ ବି ଲଭିବି
ଆଉ କି ପାଇବି ଜୀବନେ ଗୋସାଇଁ ! !

ଗ୍ରା/ ପୋ - ବିଜେପୁର
ଜିଲ୍ଲା- ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଙ୍କୁ ବୁଝାନ୍ତୁ

ଓଡିଆ ସାହିତ୍ୟ କଥା



ସନ୍ତୋଷ କୁମାର ନାୟକ

ବାପରେ ଶୁଣ ତୁ କହୁଛି ବୁଝାଇ
ଓଡିଆ ସାହିତ୍ୟ କଥା,
ତୋ ପୂର୍ବପୁରୁଷ ଲେଖି ଯାଇଛନ୍ତି
ଓଡିଆରେ ଯେଉଁ ଗାଥା ।
ମାଟି ମହାକବି ସାରଳା ଦାସ ଯେ
ତୋର ପଣିଜେଜେ ହେବେ,
ତାଙ୍କ ହାତଲେଖା ମହାଭାରତକୁ
ଭୁଲିବୁ ନାହିଁ ତୁ କେବେ ।
ମାର୍କଣ୍ଡ ଦାସଙ୍କ କେଶବ କୋଇଲି
ବତ୍ସାଦାସ ଚଉତିଶା,
ପଢିଲେ ଜାଣିବୁ ଗଣ୍ଠିଧନ ମୋର
ଜୀବନର ଅଭିଳାଷା ।
ଜଗନ୍ନାଥ ଦାସ ଭାଗବତ ଆଉ
ବଳରାମ ରାମାୟଣ,
ସରସେ ବୁଝାନ୍ତି ସର୍ବସୁଖ ମିଳେ
ମନକୁ କରିଲେ ଟାଣ ।
ଅଚ୍ୟୁତାନନ୍ଦଙ୍କ ମାଳିକା ଶୁଣାଏ
କଳିଯୁଗ ପରିଣାମ,
ଯଶୋବନ୍ତ ଟୀକା ଗୋବିନ୍ଦଚନ୍ଦର
ଭଜୁକିନା ରାମନାମ ।
ଅନନ୍ତ ଦାସଙ୍କ କୃତିମଧ୍ୟେ ସାର
ହେତୁମୟ ଭାଗବତ,
ଜୀବନ ଦର୍ଶନ ପରମାତ୍ମା ଜ୍ଞାନ
ସୁଲଳିତେ ବିରଚିତ ।
ଉପେନ୍ଦ୍ର ଭଞ୍ଜଙ୍କ ବ' ବର୍ଣ୍ଣେ ରଚିତ
ବୈଦେହୀଶ ବିଳାସ ଯେ
ରାମାୟଣ କଥା ପଢି ପଢି ନିତି
ମନରେ ତାହାଙ୍କୁ ହେଜେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଳଦେବଙ୍କର ଚନ୍ଦ୍ରାନନ୍ଦ ଚମ୍ପୂ
ଅଭିମନ୍ୟୁ ଚିନ୍ତାମଣି,
ରୀତିଯୁଗକବି କାବ୍ୟକବିତାର
ସଂଖ୍ୟା ପାରିବୁନି ଗଣି ।
ରାଧାନାଥଙ୍କର ନନ୍ଦିକେଶ୍ୱରୀ ବା
ଚିଲିକା କି ଚନ୍ଦ୍ରଭାଗା,
ବିରହ ବେଦନା ପ୍ରକୃତି ବର୍ଣ୍ଣନା
ପ୍ରତି କାବ୍ୟେ ତାଙ୍କ ଉଭା ।
ସତ୍ୟବାଦୀ ପରା ଦେଶାତ୍ମବୋଧକ
କବିତା ଲେଖାର ଯୁଗ,
ଗୋପବନ୍ଧୁ ଦାସ ହରିହର ଆଉ
ଗୋଦାବରୀଶ ଯେ ଆଗ ।
ଦେଶବାସୀ ପାଇଁ କାମ କରି ସଦା
ରଖିବୁ ଦେଶର ମାନ
ଲୋଡା ହେଲେ ତୁହି ମାଟି ମାଆ ପାଇଁ
ଦେବୁ ଆତ୍ମ ବଳୀଦାନ ।

ଫକୀର ମୋହନ ମାମୁଁ ଲଛମା ତ
ସମାଜ ସଂସ୍କାର ପାଠ
ଗୋପୀନାଥଙ୍କର ମାଟିମଟାଳ ଯେ
ପାଇଥିଲା ଜ୍ଞାନପୀଠ ।
ଅଛି ତ ଅନେକ ଏଇତ ଝଲକ
କହଲି ବଖାଣି ସୁନା,
ଓଡିଆ ଭାଷାକୁ ଭଲ ପାଇବୁ ତୁ
କରିବୁନି କେବେ ମନା ।
ଓଡିଆ ବୋଲି ତୁ ଗରବ କରିବୁ
ଚାଲିବୁ ଟେକି ତୋ ମଥା
ଭାଷା ସାହିତ୍ୟକୁ ଭଲ ତୁ ପାଇଲେ
ହୋଇବୁ ଜଗତଜିତା ।

ବିଷମକଟକ
ଜିଲ୍ଲା- ରାୟଗଡା
ମୋ- ୮୨୪୯୪୯୫୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧରିତ୍ରୀର ବିଳାପ



ଗୀତାଞ୍ଜଳୀ ମହାରଣା

ଚାରିଆଡେ ଆଜି ଅପରାଧ ଚାଲେ
ଶାନ୍ତି ହେଲାଣି ଲୀନ
ହିଂସା କ୍ରୋଧ ରାଗ ଦ୍ୱେଷ ଭାବନା
ଆତଙ୍କେ ଥରାଏ ମନ
ବିଶ୍ୱାସେ ଆଜି ଭରିଅଛି ବିଷ
ରକ୍ଷକ ସାଜେ ଭକ୍ଷକ
ରକତ ର ମୂଲ ଶସ୍ତା ଏଠି
ପାଣି ତ ମହରଗ
ଉପରକୁ ଓଠ କହେ ମିଠା କଥା
ମନେ ଭରିଥାଏ ବିଷ
ଆଖିଆଗେ ଯାହା ଦିଶେ ସୁଶୀତଳ
ଭିତରଟା ନିଆଁ ଧାସ
ଆପଣାର ବୋଲି କେହି ଏଠି ନାହିଁ
ସଭିଏଁ ତ ସ୍ୱାତପର
ସଚ୍ଚା ବନ୍ଧୁଟିଏ ପାଇବନି ଏଠି
ସଭିଏଁ ବଇରୀ ସଭିଁଙ୍କର

ନୟନୁ ପ୍ଲାବିତ ଲହୁର ଧାରାକୁ
ପୋଛିବାକୁ ଏଠି କେହି ନାହିଁ
ସ୍ୱାର୍ଥପର ଏଇ ଦୁନିଆ ବକ୍ଷରେ
କାହାକୁ କହିବ 'ମୋର' ଭାଇ
ସୁଜଳା ସୁଫଳା ଧରିତ୍ରୀ ବୁକୁରୁ
ଶାନ୍ତି ହୋଇଛି ଚୋରୀ
ଘର ଢିଙ୍କି ପରା କୁମ୍ଭୀର ଏଠି
ଅଣ୍ଟି କାଟେ ତଣ୍ଟି ଛୁରୀ
ଚତୁର୍ଦ୍ଦିଗେ ଚାଲେ ଯୁଦ୍ଧ ବିଭୀଷିକା
ଅନ୍ୟାୟ ଚାଲେ ସବୁଠି
ଧରିତ୍ରୀ ମା'ର ବୁକୁଫଟା କାନ୍ଦ
କିଏବା ଶୁଣିବ ଏଠି ? ? ?

ଗୁଣ୍ଡିଚା ବିହାର, ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୟସ



ପୂଜାରାଣୀ ଜେନା

କେତେ ଯେ ବୟସ ହୋଇଛି ମୋହର
ଖୋଜିଲଣି ବର ଘର,
ଏତିକି ବୟସୁ କାହିଁକି ପିତା ହେ
କରୁଅଛ ମତେ ପର ?

ଯୌବନର ଛିଟା ଆରମ୍ଭ ହୋଇଲା
ପଢା ସମୟ ଯାଇନି,
ନିଜ ଗୋଡେ ଠିଆ ହେବାକୁ ଚାହେଁ ମୁଁ
ବଦଳିନି ଛୋଟ ଛୁଆ ଠାଣି ।

ପରିବାର ଶବ୍ଦ ବୁଝିବା ଆଗରୁ
ନେବି ପରିବାର ଦାୟିତ୍ୱ,
କାହିଁକି ଏମିତି ନିର୍ଦ୍ଦୟ ହେଉଛ
ଲୁହ ବହେ ଅବିରତ ।

ନିଜେ ଖାଇ ମୁଁ ଶିଖିନାହିଁ ବାପା
ତୁମରି ସାହାରା ନିଏ,
ସମାଜ କାହିଁକି ଏମିତି କରଇ
କାହିଁ ପର କରିଦିଏ ?

ଶୁଣିବ ଗୁହାରୀ ହେ ପିତା ମୋହର
ବୁଝିବ ମୋହରି ଦୁଃଖ,
ଚିନ୍ତା ଚେତନାକୁ ଉନ୍ନତ କରି ହେ
ଦେବ ଯେ ନ୍ୟାୟିକ ସୁଖ ।

ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବରବର୍ଣ୍ଣିନୀ



ମନୋଜ କୁମାର ମହାରଣା

ନେତ୍ର ଯା'ର ଅକୂପାର
ନୀଳ ଜଳ, କଳ କଳ..,
ନେତ୍ରଚ୍ଛଦ ବିଷ୍ଣୁପଦ
ଢଳ ଢଳ କି' କଲ୍ଲୋଳ...|
ନାଚୁଥାଏ ଉର୍ମିମାଳା
ବାତ ସାଥେ ଗାଇ ଗୀତ,
ସାଜିଯାଏ ହ୍ଲାଦଶାଳା
କରେ ଦ୍ରୁତ ଚିତ୍ତ ଶାତ... |୧|

ଆସ୍ୟ ଯା'ର ଭାଷ୍ୟ ଭାସ
ଦୃଶ୍ୟେ ପ୍ରାପ୍ତି ଚିତ୍ରରସ..,
ସିତବର୍ଣ୍ଣ ସ୍ନେରାନନ
ସେ ହଲ୍ଲକ କଲେ ସ୍ପର୍ଶ..|
ସୁ-ରଙ୍ଗଣୀ ମୃଦୁରାଣୀ
ରସ ରସାଳ କପୋଳ,
ରଦ ମୁକ୍ତା, ଚକ ଚକ
ତାର୍କ୍ଷ୍ୟ ନାସା, ସୁ-ତୀକ୍ଷଣ... |୨|

ଭ୍ରୂଲତା ଯା' କୋଦଣ୍ଡ ସମ
ମୃଦୁ ସୁଶ୍ରୀ ନିଏ ମର୍ମ....,
ରସନା ନାଲି, ଲଉଲୀ
ମୁଖ ବାସ୍ନା ବନମଲ୍ଲୀ.... |
ଚିବୁକ ଯା' ଶୋଣ ପୁଷ୍ପ
ନିର୍ଝରିଣୀ ଅମୀୟର..,
ଶୋଭନ ସେ ଅବଶ୍ୟାୟ
ସ୍ୱର୍ଗେ ସୃଷ୍ଟି ପ୍ରଣୟର.... |୩|

କେଶରାଶି ଘନବର୍ଣ୍ଣ
ଶୋଭା ବିଭା ବାସଚିରା,
ସ୍ୱନ ଧନ୍ୟ ବନପ୍ରିୟ
ଶବ୍ଦେ ନିଷାଦାଦିଭରା.... |
ଯା'ର ଗାତ୍ର ଜଡ଼ ମିତ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତ୍ୱିଷ୍, ସ୍ନିଗ୍ଧ, ଅବ୍ଜ ପତ୍ର..,
ବପୁ ବାସ୍ନା ଋତୁରାଜ
ସତେ ସେ ସ୍ୱର୍ଗୀୟ ଦ୍ୱିଜ... ।୪।

ହୃଦୟ ଯା' ଶୌରିପୁର
ସୁଖ ପ୍ରୀତିର ନଅର...,
ମନ ତଥାଗତ ସମ
ଶିଷ୍ଟ ପୂତ କଳେବର... ।
ରମ୍ଭୋରୁ ସେ ରମ୍ଭା ସମ
ରୂପ ତା'ର ମନୋରମା...,
ନାଭି ଗର୍ତ୍ତ ଶଙ୍ଖାକୃତ
ମୃଗୋଦର ତିଳୋତ୍ତମା...।୫।

ପଦ୍ମକନ୍ଦାଙ୍ଗୁଳି ଯା'ର
ପାଦ ପଦ୍ମ ସମ ପଦ୍ମା..,
କଟି ସୁକ୍ଷ୍ମ ପଶୁପତି
ଚାଲି ତା' ଗଜଗମନା..।
ରୁକ ବିନା ରୂପ ସୁନା
ହାବଭାବ ମୁଦାଗାର..,
ବସ୍ତ୍ର ବର୍ଣ୍ଣ ଅବଦାତ
କାୟେ ଶୋଭା ହେମହାର.... ।୬।

ମୁଁ ତାଙ୍କରି ବିଷୟରେ ବର୍ଣ୍ଣନା କରୁଛି,
ଯିଏ କି' ହିଂସାଅରୀ, ସ୍ୱାଧୀନାରୀ...
ପ୍ରୀତି ସୁଧା, ମିତ୍ରଲଜ୍ଜା....,,
ମୁଁ ତାଙ୍କରି ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରୁଛି,
ଯିଏ କି' ପ୍ରବାଳନଗରୀ ରାଜକୁମାରୀ...
ମହାକାନ୍ତି... ମଧୁମତୀ..
ମୋ ବରବର୍ଣ୍ଣନୀ 'ମଧୁପୂରବୀ'......।୭।

ବ୍ରହ୍ମପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୬୭୫୦୦୨୭

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କଙ୍କାଳ



ଦୁଷ୍ମନ୍ତ ବେହେରା

ଖ୍ରୀଷ୍ଟଢ ଖ୍ରୀଷ୍ଟଢର ଚାହାଣୀ
　　ରେ ଚାହିଁ ଥିଲି ତୁମକୁ
ତୁମେ କେବେ ଆସିବ
　　ତୁମ ପାଦ ର ସ୍ୱର୍ଶ ରେ
ମାଟି ରୁ ମୁଁ ଉଠିବି କଙ୍କାଳ
　　ତୁମେ ଏଠି ଦେଖ
କାରୁ ଚିତ୍ର କହି ଦିଅ
　　କି ସୁନ୍ଦର
ଦେଖି ଚାଲିଯାଅ
　　ଟିକେ ବି ମନେପଡେନି
　　ମୋ କଥା ମୁଁ କଙ୍କାଳ ।

ଶରୀର ର ଲହୁ
　　ଲୁହାଣ ରକ୍ତଝରି
କରିଥିଲି ତୁମକୁ
　　ଦଣ୍ଡାୟ୍ମ ମାନ
ତୁମେ ଏଠି ଆସି ଦେଖି ଚାଲି ଯାଅ
ଟିକେ ହେଲେ ମନେପଡୁ ନାହିଁ
ମୋ ଆଖି ର ଲୁହ ରକ୍ତ ର
　　ଲହୁ ମୁଁ ସେଇ କଙ୍କାଳ
ସହସ୍ର କଙ୍କାଳ ରେ ଗଢିଛି
　　ମୁଁ ଦେଉଳ ତୁମେ ଦେଖି
କହିଦିଅ କି ସୁନ୍ଦର ରେ ମାନବ
　　ମୋର ବେଦନା ସହସ୍ର କଙ୍କାଳ ର
ଲୁହ ଦେଖି ପାରୁନୁ ରେ ମାନବ
　　ମୁଁ ସେଇ କଙ୍କାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମତେ ମନେ ନ ପକାଇ

ଦେଉଳ କୁ କୁହ ବାଃ ବାଃ ଦେଉଳ

କିଏ ସେ ଗଢ଼ିଲା

କିଏ ସେ ରହିଲା

ତୁମେ ଏଠି ମନେପକାଅନି

କାହିଁକି ନା ସ୍ୱାର୍ଥ ସରିଗଲେ

କିଏ କାହାର

ତୁମେ ଏଠି ଦେଖି ଦେଇ ଚାଲିଯାଅ

ମୋର ଲୁହ ସେମିତି ରେ ଝରୁଛି

ତୁମେ କି ବୁଝିବ ମାନବ

ମୁଁ କଙ୍କାଳ

ମୁଁ କଙ୍କାଳ

ରାସୋଳ (ମୁଣ୍ଡିଆପଷି)

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଲୋକ ସେ ଅନ୍ଧାର



ଶାନ୍ତନୁ କୁମାର ରାଉତ

ତୁମର ଏ ଅସୁନ୍ଦରତା
ଏ କଦର୍ଯ୍ୟ କରାଳ ରୁପ
ଏ ସବୁ କେବଳ ମୋ ପାଇଁ
ଜଦି ମୁଁ ଆଜି ଏତେ ସୁନ୍ଦର
ଏବଂ ଦୁନିଆଁ ଆଖିରେ ସସମସ୍ତଙ୍କୁ
ସମସ୍ତଙ୍କର ମିଳନ କରୁଥାଏ
ସେସବୁର ପ୍ରତୀକରଣ ତମେ ଅଟ
ମୋର ପ୍ରତିଟି କାର୍ଯ୍ୟ ତୁମପାଇଁ ସମ୍ଭବ !!

ସକାଳର ସିନ୍ଦୁରା ଫାଟରେ
ସୂର୍ଯ୍ୟର ଉଦୟରେ
ମୋର ଉନ୍ମୋଚୟ ଜନ୍ମ
ମୋ ଇଚ୍ଛା ଅନୁସାରେ
ମୁଁ ଶାସନ କରେ ଏ ଦୁନିଆଁ କୁ
ମତେ ପାଇ ବହୁତ ଖୁସି
ଅନୁଭବ କରେ ସାରା ଦୁନିଆ...
କିନ୍ତୁ ସମୟାନୁଯାଇ ସବୁକିଛି ବଦଳି ଯାଏ !!

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆକାଶର ସୂର୍ଯ୍ୟ ଅସ୍ତ ହେବା ପରେ
ଆସିଯାଏ ତୁମର ପରିଚୟ
ସାରଦୁନିଆକୁ ତୁମେ କାୟାର
ଛାୟାରେ ପରିଣତ କରିଦିଅ
ତୁମର କଦାକାର କଦର୍ଯ୍ୟ ରୂପରେ
ଏ ଦୁନିଆଁ କୁ ଏବଂ ମୋର ଶାସନକୁ
ତମେ ତମ ଅଧୀନରେ କାବୁ କରିନିଅ
ମୁଁ ସବୁବେଳେ ହାରିଯାଏ ତୁମ ପାଖରେ !!

ଆମେ ଦୁହେଁ ଦୁହିଁଙ୍କ ଉପରେ ନିର୍ଭରଶୀଳ
ଆମ ଦୁହିଁଙ୍କର ଆତ୍ମସ୍ୱାର୍ଥ ନଥିଲେ ମଧ୍ୟ
ଆମ ଉପରେ ସାରା ଦୁନିଆ ନିର୍ଭରଶୀଳ
ଆମ ଦୁହିଁଙ୍କପାଇଁ ବିଶ୍ୱର ଜୀବ ଜଗତ ଅସ୍ତ
ବ୍ୟସ୍ତ..
କେବେ ତୁମକୁ ପାଇ ଖୁସି ହୁଅଂତିତ
ଆଉ କେବେ ମତେ !!

ମୁଁ ତୁମ ସାଥୀ ଏବଂ ତମେ ମୋ ସାଥୀ
ପଇସାର ଦୁଇ ପାର୍ଶ୍ୱର ମୂଲ୍ୟ ପରି
ଆମେ ଦୁହେଁ ମୂଲ୍ୟବାନ
ଏ ପାର୍ଶ୍ୱରେ ମୁଁ ରହିଲେ
ଅପର ପାର୍ଶ୍ୱରେ ତମେ
ଆମେ ଆଉ କେହି ନୁହଁ
ଆମେ ସଭିଙ୍କୁ କେବେ ଆଲୋକିତ କରୁ ତ
ଆଉ କେବେ ଅନ୍ଧାରମୟ
ମୁଁ ଆଲୋକ ହେଲେ ସେ ଅନ୍ଧାର... !!

ନୂଆସାହି (ପାଟରଙ୍ଗା)
୯୮୬୧୨୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଆଈ ମା



ଦେବବ୍ରତ ବାରିକ

ଆଇମା ମୋର ଭାରି ଫୁଲେଇ
କଥା କହନ୍ତି ମୁହଁ ବୁଲେଇ
ଦାନ୍ତତକ ସବୁ ଯାଇଛି ଖସି
ପାକୁଆ ପାଟିରେ ଦିଅନ୍ତି ହସି ।।

ଆଇମାଙ୍କର ଅଜବ ଖୋଇ
ସଂଜ ହେଉଣୁ ପଡନ୍ତି ଶୋଇ
ଯୁବାବେଳେ ଥିଲେ ଉଦଣ୍ଡି ଖଣ୍ଡେ
ବାହା ହୋଇଥିଲେ ବିନା ଡିମାଣ୍ଡେ ।।

ଚୁଟିଗୁଡିକ ଧଳା ଫୁରୁଫୁରୁ
ସିନ୍ଦୂର ଦିଶେ ନାଲି ଗୁରୁଗୁରୁ
ଗହଣା ପିନ୍ଧାରେ ଭାରି ସଉକ
ସୁନାହାରେ ଝୁଲୁଥାଏ ପଦକ ।।

ମିଠାକଥା ତାଙ୍କ ହୁଏ କି ଭୁଲି
ନମାନିଲେ କଥା ଦିଅନ୍ତି ଗାଳି
ଠାକୁରଙ୍କ ପାଶେ ଆମରି ଅଳି
ଶହେ ବରଷକୁ ଯାଆନ୍ତୁ ବଳି ।।

ଆଇମାଙ୍କର ପାନବଟୁଆ
ଭଜା ଧନିଆ ସଙ୍ଗେ ଗୁଣ୍ଡ ଗୁଆ
ଗୁଣ୍ଡିପାନ ଖାଇ ପାଟି ନାଲିଆ
ପାକୁଆ ପାକୁଳି କେଡ଼େ ବଢିଆ ।।

କଥାରେ ରାମାୟଣ ଭାଗବତ
ବଖାଣି ମହାଭାରତ ଚରିତ୍ର
ଘଡି ଘଡିକେ ଯୋଡନ୍ତି ହାତ
ଯାହା କରିବେ କଳା ସାଆନ୍ତ ।।

ସମ୍ପାଦକ :ପ୍ରୀତି ପ୍ରଣତି
ଆନନ୍ଦପୁର, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୋତେ ଆଉ କେଉଁ ରୂପରେ ସଜେଇବି



ପ୍ରସନ୍ନ କୁମାର ରାଉତ

(୧)

ମୋ ପଦାଘାତରେ ତୁ ଖୁସି ହଉଥିଲୁ

ତୁ ଖାଉଥିଲୁ ମୋ ପାଇଁ,

ତୁ ଶୋଉଥିଲୁ ମୋ ପାଇଁ,

କେବଳ ମୋ ପାଇଁ !

ତୋ ଶରୀର ଗୋଟା ପଣେ ତ ପୃଥିବୀ

ତୋତେ ଆଉ କେଉଁ ରୂପରେ ସଜେଇବି !

ତୁ ହିଁ କବିତା ତୁ ହିଁ କବି..... ||

( ୨ )

ସ୍ୱର୍ଗର ତୂଳିତଳ୍ପ ଶଯ୍ୟା

ତୋ ଲୁଗାକାନି ପରା କୋଳ,

ମୋ ଆରାମ ପାଇଁ

ମୋ ଦେହ ପାଇଁ

କେବଳ ମୋ ପାଇଁ !

ତୋ ହସ  ଗୋଟା ପଣେ ତ ଝରଣା

ତୋତେ ଆଉ କେଉଁ ରୂପରେ ସଜେଇବି !

ତୁ ହିଁ କାରଣ ତୁ ହିଁ କରୁଣା...... ||

(୩)

ଅମୃତର ସିନ୍ଧୁ ତୋ ବକ୍ଷ

ନିସ୍ୱାର୍ଥରେ ଝରେ

ମୋ ଭୋକ ପାଇଁ

ମୋ ଶୋଷ ପାଇଁ

କେବଳ ମୋ ପାଇଁ !

ତୋ କଥା ଗୋଟା ପଣେ ତ ସଂଗୀତ

ତୋତେ ଆଉ କେଉଁ ରୂପରେ ସଜେଇବି !

ତୁ ହିଁ ଶାଶ୍ୱତ ତୁ ହିଁ ସତ....... ||

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(୪)

ତୋ ହସ୍ତ ସ୍ପର୍ଶରେ ସ୍ୱର୍ଗ ସୁଖ

ଯେଉଁଠି ଅନ୍ଧାର ତୁ ସେଇଠି ଆଲୁଅ

ମୋ ପଥ ସୁଗମ ପାଇଁ

ମୋ ସ୍ୱପ୍ନ ପାଇଁ

କେବଳ ମୋ ପାଇଁ !

ତୋ ଆଖି ତ ଗୋଟା ପଣେ ଆଶାର

ଆଲୋକ

ତୋତେ ଆଉ କେଉଁ ରୂପରେ ସଜେଇବି !

ତୁ ହିଁ ଲେଖନୀ ତୁ ହିଁ ଲେଖକ....... ||

କେନ୍ଦ୍ରାପଡ଼ା, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୬୦୨୨୧୨

୯୩୪୮୩୭୨୦୭୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ଅଭିଷେକ ପାଢ଼ୀ

ଯେଉଁ ଦିନ ମା ଜନମ ହୋଇଲି,

ତୋ ଦୁଇଶହ ଛଅ ଖଣ୍ଡି ହାଡ ଭାଙ୍ଗିଣ ଆସିଲି । ।

ପ୍ରସବ ବେଦନା କେମିତି ସହିଲୁ,

କଷ୍ଟ ସହି ଭି ଟିକେ ଉପରେ ମୋର ରାଗି ନ ପାରିଲୁ । ।

ତୋ କୋଳେ ମାଲୋ କି ନିଶା ରଖି ଅଛୁ,

ନିଶା କିବା ଦିବା ମତେ ଭୁଲାଇ ଦେଇଛୁ । ।

ଆଖିର ଲୁହ କି ହୃଦୟରେ ଲହୁ ତୋ ଦେହେ ବହିଛି,

ରାତିଅଧେ ଯେବେ ଟିକେ ଛିଙ୍କିଣ ଦେଇଛି । ।

ତୋ ଦେହ ଭିଜି ଯାଏ ହେଲେ ମନ ଶୁଖି ନାହିଁ,

ରାତି ରାତି ଯେବେ ଶେଜେ ମୁତିଣ ଦେଇଛି । ।

କିଏ କହେ ମତେ ଶଠି ହସାଉଛି,

କିଏ କହେ ଟୋକା ରୋମାଣ୍ଟିକ ଅଛି,

ଜହ୍ନଠୁ ଶୀତଳ ତୋ ମମତାର ଧାର,

ତୋ ମୁହଁ ଦେଖି ମା ମୁଁ ଆଜି ଭି ହସୁଛି । ।

ଗୋଧୂଳି ବେଳାକୁ ଚାହିଁଥିବୁ ମା,

ମୋ କହ୍ନେଇକୁ ପ୍ରଭୁ ହୋଇବ ସାହା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନ ଫେରିବା ଯାଏ ତୋ ମନ କାନ୍ଦୁଛି,

ମା ଶୁଖକୁ ଆଜି ସେ କାଳିଆ ଝୁରୁଛି । ।

ଓଷା ବାର ବ୍ରତ କଣ ନ କରିଛୁ,

ଜମ ମୁଁହରୁ ମତେ ଛଡାଇ ଆଣିଛୁ,

ଦିନକୁ ଦି ଥର କି ଦିଅଁ ପୁଜିବି,

ତୋ ପାଦରେ ମା ମୋ ଜୀବନ ହାରିବି । ।

ବାହା ଦେଲୁ ମା ଆଖିରୁ ଲୁହ ଗଡେଇ,

ଭାବିଲୁ କି ପୁଅ ତତେ ଦେବ ଆଡେଇ,

ଏତିକି ଅଧମ ନୁହେ ଲୋ ମା' ମୁଁ,

ପେଟ ପିଠିର ମୁଁ ପ୍ରଭେଦ ଜାଣଇ । ।

କେମିତି ଶୁଝିବି ମା' ଲୋ ତୋ ରୁଣ,

ନଦେବି ଲୁହ କେବେ କରିପାରେ ପଣ,

ଏ କଥା ଭାବି ଭାବି ରାତି ପାହିଗଲା,

ବୋଧ ହୁଏ ଶେଷ ପଦଟି ଭୂଲ୍ ହେଇଗଲା । ।

ଓୟୁଏଟି, କୃଷି ଛାତ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ମଣିଷ



ୟୁ ଚନ୍ଦ୍ରଶେଖର

ଭାବ ସହରରେ ଏକାକୀ ନିବାସୀ

ଚିତ୍ତେ ଜଗତ ଚିନ୍ତନ

ଶୁନ୍ୟରୁ ଶବଦ ସାଉଁଟି ନିଏ ସେ

ଏକାଗ୍ରତାରେ ତା' ମନ ।

ଅତି ମାନସରୁ ଊରୁଧ ଚେତନା

ପାଇଛି ସେ ଆଶିଷରେ

ସର୍ବ ଦେଖିପାରେ ଭିନ୍ନ କୋଣରେ ସେ

ମାନସ ସ୍ଥିତି ଊର୍ଦ୍ଧରେ ।

ଆନ୍ଦୋଳିତ ମନେ ଭାବର ବିପ୍ଳବ

ଏହି ସମାଜ ହିତରେ

କରବାଳ ରୂପ କଲମ ତା' ପାଇଁ

ପ୍ରକଟ କରେ ଅକ୍ଷରେ ।

ଜଡ ଶରୀରକୁ ତ୍ୟାଜି ହଜିଯାଏ

ଭିନ୍ନ ଭାବର ସହରେ

ପ୍ରକୃତି, ପ୍ରଣୟ, ସଂସ୍କାର, ବିପ୍ଳବ

କେତେ କଥା ରଚେ ଧୀରେ ।

ଭିନ୍ନ ତା' ଜଗତ ଭିନ୍ନ ତା' ମହତ

ଭିନ୍ନ ତା' ଜୀବନ ପରା

ମୁକ୍ତ ବିହଙ୍ଗ ସେ ସର୍ବ ତା' ଅଧିନ

ରଚେ ସମାଜର ଧାରା ।

ନବ ଭାବଧାରା ସୃଷ୍ଟି ଜଗତର

ସ୍ରଷ୍ଟା ଅରୁଣିମା ରବି

ଅବ୍ୟକ୍ତକୁ ବ୍ୟକ୍ତ କରିପାରେ ବୋଲି

ଦ୍ୱିତୀୟ ଈଶ୍ୱର କବି ।

ସାନ ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇ ଭାବନା



ଆଶୁତୋଷ ମେହେର

## ପ୍ରଥମ ଭାବ : ଜୀବନ ତରୀ

ସଂସାର ସାଗରେ ନାଉରୀ ମୁଁ ଏକା
ତୁମରି ସାହାରା ଧରି
ଧୀରେ ବାହି ନିଏ ଆଶା ବାନ୍ଧି ମନେ
ମୋର ଏ' ଜୀବନ ତରୀ ।
ସୁଖ ର ଭାବନା ମନ ଖୋଜି ବୁଲେ
ସପନ ସାଗର ତଳେ
ଦୁଃଖ ଯାହା ପାଇଁ ଚିର ଦିନ ସାଥୀ
ମନ ସେଥି ପାଇଁ ଭାଳେ ।
ସୁଖ ଦୁଃଖ ସେ'ଯେ ଜୀବନ ର ରଙ୍ଗ
ହସ କାନ୍ଦ ଲୁହ ଲହୁ
ସେଇ ତକ ଧରି ବଢେ ଏଇ ତରୀ
ପ୍ରଭୁ ନାମ କହୁ କହୁ ।

## ଦ୍ୱିତୀୟ ଭାବ : ସ୍ୱର୍ଗୀୟ ପ୍ରେମ

ଫୁଲର ମହକେ ଖୋଜୁଛି ତୁମକୁ
ରହିଛ କେଉଁଠି ଯାଇ
ଶୁଖି ଝଡି ଯିବ ଏ ରଂଗ ପାଖୁଡା
ତୁମ ବାଟ ଚାହିଁ ଚାହିଁ ।
ସମୟ ତା' ବାଟେ ଆପେ ଗଡି ଯାଏ
ଆଜି ହୁଏ କାଲି ସ୍ମୃତି
ଆଖିର ପଲକ ଥକି ତ ଯାଏନି
ଦେଖି ସେ ଅଭୁଲା ପ୍ରିତି ।
ପ୍ରିତି ର ସରାଗ ଜୀବନ୍ତ କବିତା
ପ୍ରେମର ବିଜୟ ଗାଥା
ପ୍ରେମ ପାରାବାରେ ଲୁଚି କି ରୁହଇ
ହୃଦୟ ତଳର ବ୍ୟଥା ?
ବ୍ୟଥା ସେ ତ ନୁହେଁ ସ୍ୱର୍ଗୀୟ ଭାବନା
ଜୀବନେ ମହକ ଭରା
ସୁବାସିତ ସେଇ ପ୍ରେମେ ମହୀୟାନ
ଯୁଗ ଯୁଗ ପାଇଁ ଧରା ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଦେବଦାସୀ



ନିଲାମ୍ବର ମହାନନ୍ଦ

ନାଚୁଛି ମୁଁ ତୁମ ନାଟ ମଣ୍ଡପ ରେ
ନାଚୁଥିବି ମଲା ଯାଏଁ
ରତ୍ନ ପଲଙ୍କରେ ଶୋଇ ଦେଖୁଥିବ
ନିଦ ନ ଆସିବା ଯାଏଁ ।।

ନାଚୁଥିଲେ ଲାଗେ ହୁଅନ୍ତି କି ରାଧା
ଯାଆନ୍ତି ଯମୁନା କୂଳ
ମାଠିଆ କୁ ଭାଙ୍ଗି ନାଚନ୍ତି ସାଥିରେ
ଧରି ତୁମ ଦୁଇ ହାତ ।।

ହୁଅନ୍ତି ମୁଁ ଯଦି ଲକ୍ଷ୍ମୀ ଠାକୁରାଣୀ
କରୁଥାନ୍ତି ତୁମ ସେବା
ଷାଠିଏ ପଉଟି ରାନ୍ଧୁ ଥାନ୍ତି ନିତି
ଖାଇବାକୁ ତୁମେ ପରା ।।

କାହିଁ ମୋର ଭାଗ୍ୟ ମୋତେ ବା ଛୁଇଁବ
ତୁମେ ତେ ବ୍ରହ୍ମାଣ୍ଡ ସାଇଁ
ନାଚୁଛି ମୁଁ ଏଠି ଦେବଦାସୀ ତୁମ
ସବୁଦିନ ନାଚୁଥିବି ।।

ଦିନେ ତୋ କରିବ ମୋତେ ଆଲିଙ୍ଗନ
ଅପେକ୍ଷାରେ ଅଛି ଚାହିଁ
ଲକ୍ଷ୍ମୀ ଠାକୁରାଣୀ ଦେଖିଲେ ରାଗିବେ
ଆଗପଛ ଦେଖି ଚାହିଁ ।।

ଗ୍ରାମ:-ଆମ୍ବଗୁଡା ବ୍ଲକ:-ଗୋଲାମୁଣ୍ଡା ଜିଲ୍ଲା:-କଳାହାଣ୍ଡି
ମୋ:-୯୩୪୪୨୦୪୫୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା କରିବି ଆର ଜନମକୁ



ଲଭଲି ସରାପ

ଭଲ ପାଇଥିଲି ମନ ଦେଇଥିଲି
ତୁମକୁ ପାଇବା ପାଇଁ
ହତଭାଗି ମୁଁହି ଡରୁ ଥିଲି କାହିଁ
ତୁମକୁ କହିବା ପାଇଁ

କହିଦେଲେ କାଲେ କରିଦେବେ ମନା
ମନରେ ଏଇଆ ଭାବି
ଏଇ ଜନମ ରେ କହିନ ପାରିଲି
ଆର ଜନ୍ମେ କହିଦେବି

ଏଇ ଜନମ ରେ ଖୁସିରେ ରହିବା
ମୋ ପାଇଁ ଭାଗ୍ୟରେ ନାହିଁ
ଅପେକ୍ଷାର ଛଡ଼ା ନାହିଁ ମୋ ଜୀବନେ
କାନ୍ଦୁଛି ତୁମରି ପାଇଁ

ଛୋଟିଆ ଭୁଲ୍ ର ଏଇମୋ ପାଉଣା
ହୋଇଗଲ ତୁମେ ପର
ପ୍ରସ୍ଥ୍ୟତାପ ଛଡ଼ା ନାହିଁ ମୋ ଜୀବନେ
ଅଉକି କରିବି କୁହ

ହୋଇଗଲା ଶେଷ ମୋ ପ୍ରେମ କାହାଣୀ
ଆର ଜନ୍ମେ ହେବ ଦେଖା
ଅପେକ୍ଷା କରିବି ଆର ଜନମ କୁ
ତୁମକୁ ପାଇବି ପରା

ଗ୍ରାମ: ଆମ୍ବଗୁଡା  ବ୍ଲକ: ଗୋଲାମୁଣ୍ଡା
ଜିଲ୍ଲା: କଳାହାଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ ଦିଅ ଗୋ ସଖି



ପ୍ରଶାନ୍ତ କୁମାର ପଧାନ

ଇସାରା ଦେଲାଣି ସମୟ ଗୋ ସଖି
ଲେଉଟି ଯିବି ଏଥର
ରାଣଖାଇ କୁହ ଲୁହ ଢାଳିବନି
ଅନୁପସ୍ଥିତିରେ ମୋର ।।

କଥା ଦେଉଅଛି ଆର ଫଗୁଣରେ
କରିବି ଜୀବନ ସାଥି
ବାହୁ ଝୁଲଣାରେ ଝୁଲେଇ ତୁମକୁ
ଶୁଣେଇବି ପ୍ରେମଗୀତି ।।

କର୍ତ୍ତବ୍ୟ ପଥରେ ଯିବାପାଇଁ ହେବ
ସରିଲା ଛୁଟି ଅବଧି
ପ୍ରେମ ସିନ୍ଧୁକରୁ ମେଲାଣି ଦିଅ ଗୋ
କରନାହିଁ ଆଉ ବନ୍ଦୀ ।।

ବିରହ ବହ୍ନିରେ ଜଳିବାକୁ ହେବ
ନୁହେଁ କିନ୍ତୁ ଚିରକାଳ
ଅବୁଝା ହୁଅନା ବୁଝିଯାଅ ସାଥି
ଆସିବି ଫେରି ସଅଳ ।।

ଜହ୍ନ ବି ଝରାଏ ଲୁହର ଜୋଛନା
ଆମ ଏ କାହାଣୀ ଶୁଣି
ଓଦା ଆଖି ତୁମ ଓଦା କରେ ମୋତେ
ଲୁହର ମୁରୁଜ ବୁଣି ।।

ନେବାପାଇଁ ହେବ ତୁମଠୁ ବିଦାୟ
ଛାଡିଦିଅ ଏଇ ହାତ
ସିନ୍ଦୂରର ସାଥେ ଲେଉଟି ଫେରିବି
ସପନକୁ କରି ସତ ।।

ବୁରୋମୁଣ୍ଡା, ବରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରମିକ



ଭବାନୀ ଶଙ୍କର ଗିରି

ଶ୍ରମକୁ ଜୀବିକା କରଇ ଯିଏ
　　ଅତି ପରିଚିତ ଶ୍ରମିକ ସିଏ ।
ମଇ ପହିଲା ଅଟେ ଶ୍ରମିକ ଦିବସ
　　ଧନୀ କରେ ମଉଜ ମଜଲିସ ।
ପାଳନରେ ସୀମିତ ଏହି ଦିନ
　　ଶ୍ରମିକର ମନ ସଦା ବିଷର୍ଣ୍ଣ ।
ଶ୍ରମିକ ମୁଖରେ ହସ ସପନ
　　ସଦା କଷ୍ଟେ ବିତେ ତାର ଜୀବନ ।
କଷ୍ଟ କରି ଆମକୁ ଖୁସି ଦିଏ
　　ଶ୍ରମ ବାବଦରେ ପାଉଣା ନିଏ ।
ଅଳ୍ପ ଅର୍ଥେ କଷ୍ଟେ ଘର ଚଳାଏ
　　ଦୁଃଖ ତାର ପାଖ ଛାଡି ନଥାଏ ।
ରୂପ ଜୀର୍ଣ୍ଣଶୀର୍ଣ୍ଣ ମଳି ମୁଣ୍ଡିଆ
　　ଘର ଝାଟି ମାଟି ଭଙ୍ଗା କୁଡ଼ିଆ ।
ଖରା ବର୍ଷା ଶୀତକୁ ଏକ କରି
　　ପ୍ରତ୍ୟହ ପରିଶ୍ରମ କରେ ଭାରି ।

ଚାଷ, ଶିଳ୍ପ, କଳ କାରଖାନାରେ
　　ରାତି ଦିନ କଠୋର କାମ କରେ ।
ଆମକୁ ଆନନ୍ଦ ଦିଅନ୍ତି ଶ୍ରମିକ
　　ତାଙ୍କ ପାଇଁ ସୁଖ ପାଉ ଅନେକ ।
ସୃଷ୍ଟି ବଞ୍ଚାଇ ରଖନ୍ତି ସେମାନେ
　　ସ୍ୱାର୍ଥ ନାହିଁ କେବେ ତାଙ୍କ ଜୀବନେ ।
ଦୁଃସ୍ଥ ନିର୍ଯ୍ୟାତିତ ଶ୍ରମିକ ପାଇଁ
　　ସତେ କାହା ପାଖେ ଦରଦ ନାହିଁ ।
ଗର୍ବ ଅହଂକାର ଜାଣି ନାହାଁନ୍ତି
　　ସେଥିପାଇଁ ବୋଧେ ଦୁଃଖ ପାଆନ୍ତି ।
ଦୁଃଖ ତାଙ୍କର ଲାଘବ ହେଲେ
　　ସେମାନେ ଖୁସିରେ ବଞ୍ଚନ୍ତେ ଭଲେ ।
ଶ୍ରମିକ ମାନଙ୍କୁ ସମ୍ମାନ ଦେଇ
　　ଦେଶକୁ ଆମର ନେବା ଆଗେଇ ।

ବିଜାତଳା, ମୟୁରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାବାଙ୍କ ମାହେନ୍ଦ୍ର ବେଳା



ସତ୍ୟନାରାୟଣ ମିଶ୍ର

ଗାଁକୁ ଦେଖ ବାବା ଆସିଛନ୍ତି ବାବା
ସେଇ ପାଖର ଖାଲି ଘରଟି ତାଙ୍କରି ଅସ୍ଥାୟୀ ଢ଼ାବା ।
ପଞ୍ଝାଏ ଚେଲା କରନ୍ତି ବାବାଙ୍କ ସେବା
ଧ୍ୟାନ ଧାରଣା ରେ ନିମଗନ ସିଏ ସଦା ।
ସକାଳେ ଚାଲେ ଶୁଦ୍ଧ ଗୋଘୃତ ହୋମ
ଭଜନହୁଏ କେସିଓ ବାଜେ
ତିନି ଘଣ୍ଟାର ଆଧ୍ୟାତ୍ମିକ ପ୍ରବଚନ ।
ବାବା କହନ୍ତିଯୀଶୁଯେମିତି ଈଶ୍ୱର ପ୍ରତିନିଧି
ମୁଁ ସେମିତି ବିଷ୍ଣୁ ଦୂତ ଶକ୍ତିର ବାରା ନିଧି ।
ଅକର୍ମର ମୁଁ କର୍ମ ଦାୟକ
ଭାଗ୍ୟ ରେଖାର ସଂଶୋଧକ
ଅପୁତ୍ରୀ ଲଭେ ପୁତ୍ର ଦାନ ,ଦରିଦ୍ର ହୁଏ ଧନବାନ
କିଶୋରୀ କନ୍ୟାର ଭବିଷ୍ୟ ମୁଁ କରେ ଉଜ୍ୱଳ
ମିଳେ ତାକୁ ଭଲ ଘର ଭଲ ବର ।
ସୁବର୍ଣ୍ଣ ସୁଯୋଗ ନକର ହେଳା
ରାତି ଦଶଟା ରୁ ବାର ଟା ଯାଏ ମାହେନ୍ଦ୍ର ବେଳା "..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଃ ରେ ବାଃ ବାବା !

କରୁଛ ସତେ କି ଲୀଳା !

ଚେଲା କରୁଛନ୍ତି ପ୍ରଚାର

"ରମଣୀ ଗଣହେ ବାବାଙ୍କୁ ସାକ୍ଷାତ କର ।

ଯାହାକୁ ଭାବନ୍ତି କରୁଣା ର ଯୋଗ୍ୟା ବୋଲି

ତାକୁ ନେଇଯାନ୍ତି ଗୁପ୍ତ କୋଠରୀ କି

ଦିଅନ୍ତି ତୃତୀୟ ନୟନ ଖୋଲି ।

ମହେନ୍ଦ୍ରବେଳ ଟା ବୋଲି , ବାହାରେ ପଡଇ

ହରିବୋଲ ହୁଳହୁଳି ।

ସିନ୍ଧେକେଲା ବଲାଙ୍ଗୀର

୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାଦନ



ରାମ ଚନ୍ଦ୍ର ପ୍ରଧାନ

କାହିଁକି ସାଜିଛୁ  ଆଜି ତୁ ଦାଦନ
ପର ବିଦେଶକୁ ଯାଇ
ଗାଆଁ ବିଲବାଡ଼ି  ପଡିଆ ପଡିଛି
ଟାଙ୍ଗରା ଭୂଇଁଟେ ହୋଇ...
ଚାଷବାସ କରି  ଯୋଗାଇ ଦେଏରେ
ମୁହଁରେ ମୁଠାଏ ଦାନା
ଚାଷ ତୋବେଉସା ଚାଷ ତୋ ଭରସା
ଭାବେନା ତୁ ଅନାବନା...
ଦିନରାତି ତୁହି କେତେବା ଖଟିବୁ
ପର ଘର ଭାତ ଖାଇ
ଆଖେପାଖେ ତୋର କେହିସାହା ନାହିଁ
ଫେରିଆ ଫେରିଆ ଭାଇ...

ମାଆ ହାତରନ୍ଧା ଏଣ୍ଡୁରି ଆରିସା
ମନେ ପଡୁନି କି ତୋର
ରଜଦୋଳି ଖେଳ ସାଙ୍ଗସାଥି ମେଳ
ହୋଇଗଲେ କି ତୋ ପର...
ମାଆ ଆଖି ଲୁହ  ଶୁଖି ଆସିଲାଣି
ତୋତେ ବାପ ଝୁରି ଝୁରି
ଭିଟାମାଟି ଛାଡି  କେମିତି ରହିଛୁ
ଆପଣାକୁ ପର କରି...
ଡାକେ ତୋର ମାଆ ଆଉ ମାଟି ମାଆ
ଫେରିଆ ଫେରିଆ ଧନ
ଡେରି ନକରି ତୁ ସଅଳ ଫେରିଆ
ଅଧିର ହେଲାଣି ମନ...

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ :9861638736

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ଙ୍ଗା ମୋ ଭଙ୍ଗା ଦଦରା



ବିନୟ କୁମାର ଦଣ୍ଡସେନା

ଦେଖ ବହୁଛି ହେ ......          ଜ୍ଞାନଗଙ୍ଗା ପୂଣ୍ୟଧାରା

ଜ୍ଞାନଗଙ୍ଗା ଧାରେ   ପାରି ହେବାପାଇଁ

ଓଡ଼ଙ୍ଗା ମୋ ଭଙ୍ଗା ଦଦରା ....ଦେଖ....  !୦ !

ବ୍ୟାସ ବାଲମିକ   ଆର୍ଯ୍ୟାବର୍ତ୍ତ ଟେକ

ବିଜ୍ଞ ସନ୍ଥ ବ୍ରହ୍ମଚାରୀ  !

ପୂର୍ବସୁରୀ ଗଣ    ପଥ ଦେଖାଇଲେ

ସ୍ୱର୍ଣ୍ଣ ମସୀ ହସ୍ତେ ଧରି  ! !

ରଚିଲେ ତୁଲସୀ ସତ ସଙ୍ଗ ବିନୁ ମୁକତି ନୋହିବ- ପରା...ଦେଖ... !୧ !

ବିଦୁଷ ବିଦୁଷୀ   ବହୁ ଭାଷେ ଭାଷୀ

ନାନା ରଙ୍ଗେ ତୁଳୀ ତୋଳି  !

ଛନ୍ଦ ପ୍ରକରଣ     ଚରଣ ଚାରଣ

ନବରସେ ଗୁନ୍ଥି ମାଳି  ! !

ସନ୍ଥ ଭୀମଭୋଇ ଜଗତ କଲ୍ୟାଣେ ନର୍କକୁ କଲେ- ଆସରା...ଦେଖ.. !୨ !

ଚୈତନ୍ୟ ଶଙ୍କର     ମହିମା କବିର

ସାଲବେଗ ଖଗେଶ୍ୱର  !

ବୁଦ୍ଧ ମହାବୀର      ନାନକ ଆବର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୀଶୁ ଗୋବିନ୍ଦ ଠାକୁର !!

କବି ଗଙ୍ଗାଧର ପ୍ରଣୟ ଅଙ୍କୁର କରିଲେ ଜଗତ- ସାରା...ଦେଖ.... !୩ !

ଜୀବନ ଜଞ୍ଜାଳ ଜାଳ ମହାଜାଳ

ଛନ୍ଦିଛନ୍ତି ହସ୍ତପଦ !

ସ୍ନେହ ଶ୍ରଦ୍ଧା ପ୍ରେମ କୁଟୁମ୍ବ କଷଣ

ସୁଖ ଐଶ୍ୱର୍ଯ୍ୟ ସଂପଦ !!

କୃଷ୍ଣ ପ୍ରେମେ ବାଇ ହୋଇ ମୀରାବାଇ ବଜାଇଛନ୍ତି- ଢ଼େଣ୍ଟୁରା...ଦେଖ... !୪ !

ଜ୍ଞାନ ପାରାବାରେ ମନ ମୀନ ଖୋଜେ

କିଞ୍ଚିତ ଜ୍ଞାନଭଣ୍ଡାର !

ବୀଣା ଭାରତୀଙ୍କ ଜ୍ଞାନାଞ୍ଜନ ଦାନ

ହରେ ଅଜ୍ଞାନ ତିମିର !!

ଚାଣକ୍ୟ ପଦାଙ୍କ ପଦେ ପଦେ ସତ୍ୟ ପାପ ପ୍ରକ୍ଷାଳନେ- ପରା...ଦେଖ... !୫ !

ଶ୍ରୀକୃଷ୍ଣ ଶ୍ରୀମୁଖ ନିସୃତ ଅମୃତ ଉଶ୍ୱାସିବ ମହୀ ଭାର....

ଦେଖ ବହୁଛି ହେ...ଜ୍ଞାନଗଙ୍ଗା ପୁଣ୍ୟ !!

ବିନୟ କୁମାର ଦଣ୍ଡସେନା,
ଚିଙ୍ଗେରକଟା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନିଃଶବ୍ଦର ସୁର



ଦେବେନ୍ଦ୍ର ଭୁଏ

ନିରୋଳା ନିସ୍ତବ୍ଧତାରେ ଶୁଭେ
ଏକ ଅଦ୍ଭୁତ ଅନନ୍ତ ଆନନ୍ଦ
ସେ ତ କୋଳାହଳ ନୁହେଁ,
ନୁହେଁ ଅବା ବେଦନାର ସୁର
ତ ସିଏ କ'ଣ ?

ଚିହ୍ନିବା ସତରେ ବିରଳ
ତଥାପି ଯେବେ ବି ମିଳେ
ତାହାରି ଆଭାସ
ମନେ ଖେଳିଯାଏ ଏକ ଅସୁମାରୀ ହସ ।

ଅନେକ ପ୍ରଚେଷ୍ଟା ସତ୍ତ୍ୱେ ବି
ପାଇ ନାହିଁ ତାହାରି ମୂଳ
କେବଳ ଏତିକି ପାଇଛି
ଅନ୍ତରେ ରହିଛି ଏକ ନୂତନ ସଂସାର ।

କଣ ତାହା ନିତ୍ୟ ନିରନ୍ତର ?
ସିଏ ବୋଧେ ନିଃଶବ୍ଦର ଖେଳ
ହେଲେ ଏ ଶବ୍ଦରେ ହଜିଯାଏ
ସେଇ ନିଃଶବ୍ଦର ସୁର ।

ଗ୍ରାମ/ପୋ - ଦୁଲମପୁର, ବ୍ଲକ୍ - ଅତାବିରା,
ଜିଲ୍ଲା -ବରଗଡ , ଓଡ଼ିଶା
ମୋବାଇଲ ନମ୍ବର - ୯୦୯୦୬୪୦୦୯୩
E-mail - debendrabhue02@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନ୍ମଭୂମି



ବିଶ୍ୱଜିତ ଜେନା

ତୁମେ ହିଁ ମୋର ଜନ୍ମଭୂମି,
ତୁମେ ହିଁ ମୋର ମରଣଭୂମି ।
ତୋହରୀ କୋଳରେ ବଢ଼ିଛୁ,
ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ।
ମା' ପରି ଦେଇଛ କେତେ ଯେ,
ସ୍ନେହ ମମତା ଭଲପାଇବା ।
ହେ ଜନନୀ ତୁମେ ଦେଇଛ ,
କେତେ ଯେ ବୀର କୁ ଜନ୍ମ ।
ତୁମରି ଲାଗି ଦେଇଛନ୍ତି,
କେତେ ଯେ ପ୍ରାଣ ।
ହେ ଜନ୍ମଭୂମି, ତୁମ ପାଇଁ ଲେଖିଯାଇଛନ୍ତି
କେତେ ଯେ କବିତା ପ୍ରବନ୍ଧ ମାନ ।

ତୋର ଦେହେ ଫୁଟୁଥିବା ଫୁଲ,
ବାସ୍ନାରେ ମହକାରେ ଚାରିଦିଗେ ।
ତୋର ବୃକ୍ଷଲତାର ଫଳମୂଳ ,
ଦେହେ ଦେହିଛି ବଳ ।
ତୋର ନଦୀ ଝରଣା ମାନ,
ମନକୁ କରେ ଉଲ୍ଲାସ ମନୋରଞ୍ଜନ ।
ହେ ପୂଣ୍ୟଭୂମି ତୁମେ,
ସୁଜଳା ସୁଫଳ ଶସ୍ୟ ଶ୍ୟାମଳା ।
ତୋର ପାଇଁ ମୋର ଜୀବନ ଅଛି,
ତୋ ଲାଗି କିଛି କରିବା ପାଇଁ ।
ହେ ଜନ୍ମଭୂମି ,
ମୁଁ ତୁମ ପାଖରେ ଚିର ଋଣୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ମାଟି ହସୁଛି



ବାସନ୍ତିଲତା ଜେନା

ସାରା ବିଶ୍ୱ ଆଜି ପ୍ରକୃତି କୋଳରେ
ମହ ମହ ହୋଇ ବାସୁଛି
ଯୁଆଡେ ଚାହିଁଲେ ଶାନ୍ତ ରୂପ ଆଜି
ନୂଆ ନୂଆ ମୋତେ ଲାଗୁଛି ।୧।

ଶୂନ ଶାନ୍ ଲାଗେ ଗାଆଁରୁ ସହର
କୋଇଲିର ସ୍ୱର ଶୁଭୁଛି
ପଶୁ ପକ୍ଷୀ ଗଣ ନିର୍ଭୟେ ବୁଲନ୍ତି
ବଣ ଜଙ୍ଗଲ ହସୁଛି ।୨।

ଉଚ୍ଚ ଡିଗ୍ରୀ ଧାରୀ ବଡ଼ ବାବୁ ଯେତେ
ଦେଶ ବିଦେଶକୁ ଯାନ୍ତି
ନିଜ ରାଜ୍ୟରେ ରହିବକୁ ସେତ
ନା ପସନ୍ଦ କରି ଥାନ୍ତି ।୩।

ବଡ଼ ସହରରେ ବଡ଼ ଚାକିରୀରେ
ବଡ଼ କୋଠା ଘରେ ରହନ୍ତି
ବାପା ମାଆ କଥା ପାଶୋରି ଯାଆନ୍ତି
ଗାଆଁ କଥା ଭୁଲି ଯାନ୍ତି ।୪।

ଚାତକ ପରି ବାପା ମାଆ ଚକ୍ଷୁ
ପିଲାକୁ ଚାହିଁ ରହନ୍ତି
ହୃଦୟ ଶୂନ୍ୟତା ଭରି ଯାଇ ଥାଏ
ଆଖିରୁ ଲୋତକ ଝରାନ୍ତି ।୫।

ପ୍ରକୃତି ରାଣୀ ତ ସବୁ ଦେଖି ଶୁଣି
କରୋନା ଡାକି ଆଣିଛି
କରୋନା ଆତଙ୍କ ବିଶ୍ୱକୁ ଗ୍ରାସିଛି
ମହାମାରୀ ରୂପ ଧରିଛି ।୬।

ସ୍ୱଦେଶୀ ବାବୁ ଯେ ବିଦେଶକୁ ଛାଡ଼ି
ଘରକୁ ଏବେ ଧାଉଁଛି
ଗାଆଁ ଗଣ୍ଡା ଥିଲା ଶ୍ରୀହୀନା ହୋଇଣ
ଆଜି ଗାଁ ମାଟି ହସୁଛି ।୭।

ସଭିଙ୍କୁ ଏକାଠି କରିବା ପାଇଁକି
ବିଭୁ ଯୋଜନା ଚାଲିଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେତେ ଡାକିଲେ ବି ରକ୍ଷା କର ପ୍ରଭୁ
ଆଖି କାନ ବନ୍ଦ କରିଛି ।୮।

ପ୍ରାସାଦ ଆଜିତ ଶୂନ୍ୟ ପଡ଼ିଅଛି
ଗାଁ ଭିଟା ମାଟି ହସୁଛି
ମାଟି ଘର ଆଉ ଇନ୍ଦିରା ଆବାସ
ମହ ମହ ହୋଇ ବାସୁଛି ।୯।

ମେଗି ଚାଉମିନ ମଟନ ଚିକେନ
ସବୁକୁ ଭୁଲି ଯାଇଛି
ମାଆ ହାତ ରନ୍ଧା ଶାଗ ପଖାଳ ଯେ
ଅମୃତ ପରି ଲାଗୁଛି ।୧୦।

ଗାଡି ମଟର ବିକଟାଳ ଶବ୍ଦ
ଗାଁ ସହରରୁ କମିଛି
ବାୟୁ ପ୍ରଦୂଷଣ ବିଶୁଦ୍ଧ ହୋଇଛି
ପ୍ରକୃତି ଶୋଭା ବଢିଛି ।୧୧।

ପାର୍କ ଫିଲ୍ମି ମଲ ମଦ ଭାଟି ସବୁ
ମଶାଣି ପରିକା ପଡିଛି
ଗର୍ବ ଅହଂକାର ଭାଙ୍ଗିବା ପାଇଁକି
ପ୍ରକୃତି ଖେଳ ଖେଳୁଛି ।୧୨।

ଗାନ୍ଧିନଗର, ନବରଙ୍ଗପୁର
ମୋ : ୮୭୫୮୨୫୫୯୭୯

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଜୀଇଁବା ସବୁଠୁ କଷ୍ଟ



କମଳ ଲୋଚନ ମଲ୍ଲିକ

ସ୍ୱପ୍ନ ଦେଖିବା ମନାନାହିଁ ହେଲେ
ସ୍ୱପ୍ନରେ ବଞ୍ଚିବା କଷ୍ଟ ,
କଳ୍ପନାରେ ଜୀବନ ଜୀଇଁବା ମନାନାହିଁ ହେଲେ
କଳ୍ପନାକୁ ବାସ୍ତବ କରିବା କଷ୍ଟ ।୧

ଖୁସି ଉଲ୍ଲାସରେ ବଞ୍ଚିବା ମନାନାହିଁ ହେଲେ
ଆନନ୍ଦ ଜୀବନେ ସବୁଠୁଁ କଷ୍ଟ ,
ପ୍ରେମ ଭାବପ୍ରୀତି ହୃଦେ ରଖିବା ମନାନାହିଁ ହେଲେ
ପ୍ରେମରେ ଜୀବନ ଜୀଇଁବା କଷ୍ଟ ।୨

ସହଜ ଜୀବନଯାତ୍ରା ବିତାଇବା ମନାନାହିଁ ହେଲେ
ଜୀବନକୁ ସହଜ କରିବା କଷ୍ଟ ,
ସଙ୍ଗୀତ ପରି ଜୀବନ ସଜାଇବା ମନାନାହିଁ ହେଲେ
ସୁନ୍ଦର ଜୀବନ ଗୁନ୍ଥିବା କଷ୍ଟ ।୩

ହୃଦୟରେ ଜଣକୁ ସାଇତିବା ମନାନାହିଁ ହେଲେ
ହୃଦୟ ପରିଭାଷା ବୁଝିବା କଷ୍ଟ ,
କରୁଣ କବି ପରି ବର୍ଣ୍ଣନା କରିବା ମନାନାହିଁ ହେଲେ
ବାସ୍ତବରେ ଜୀବନ ଜୀଇଁବା ସବୁଠୁଁ କଷ୍ଟ ।୪

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ପିନ୍ - ୭୫୬୦୪୪, ଦୂରଭାଷ - ୬୩୭୦୦୯୧୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୀର ସୈନିକ



ବିମଳ ସାମିନୀ

ଧନ୍ୟ ବୀର ସୈନିକ
ଧନ୍ୟ ତୁମର ଭକ୍ତି
ଭାରତ ମାଁର ପ୍ରତିଟି
ସ୍ପନ୍ଦନରେ ତୁମର
ଜୟ ଗାଥାର ଗୀତି ॥

ପ୍ରାଣ ପଛେ ଯିବ
ବଚନ ନ ଯିବ
ଏହି ଯେ ତୁମର ପଣ
ତବ ଯୁଦ୍ଧ ନୀତିରେ
ଶତ୍ରୁ ହୁଏ ଭୀତି ॥

ମାଁ ମାଟି ପାଇଁ ସଦା
ବକ୍ଷରୁ ଝରେ ଲହୁ
କିପରି ଭୁଲିବେ
ତୁମ ବୀରତ୍ୱର ସେହି
ଅଭୁଲା ଦିନ ॥

ପ୍ରତିଟି ପାଦ ବଢୁ
ଏହି ଦେଶ ହିତେ
ତୁମ ଜୟ ଗାଥା ଗୀତି
ଗାଉଥିବେ ସଦା
ହୋଇ ହରସ ଚିତେ ॥

ତାଣ୍ଡେଲ, ସୋହେଲା, ବରଗଡ଼
ମୋ-୯୮୬୧୩୦୦୩୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଦାଦନ ଶ୍ରମିକ କହୁଛି



ରଶ୍ମିତା ବେହେରା

ଭୋକିଲା ପେଟରେ ଲଙ୍ଗଳା ପାଦରେ
ରାଜରାସ୍ତାରେ ମୁଁ ଚାଲିଛି
ଆଖିର ଲୁହକୁ ଓଠରେ ପିଇ ମୁଁ
ମୋ ଭୋକକୁ କବର ଦେଇଛି ।
ମୁଁ ଦାଦନ ଶ୍ରମିକ କହୁଛି(୧)
ଯୋଉ ଭୋକ ମତେ ଦାଦନ କରିଲା
ସେ ଭୋକ ଭିଟାମାଟିକୁ ଠେଲୁଛି
ଭୋକ ଭୁଗୋଳ ମୋ ବିସ୍ତାରୀ ବିସ୍ତାରୀ
ପେଟେ ପଇଁତରା ମାରୁଛି
ମୁଁ ଦାଦନ ଶ୍ରମିକ କହୁଛି ।(୨)
କରୋନା ଦୁର୍ଦ୍ଦିନ ଅସହାୟ କରି
ଜୀବିକା ଛଡାଇ ନେଇଛି
ନା ଦୁଃଖ କମୁଛି, ନା ବାଟ ସରୁଛି
ଆଖି ମୋ ବତୁରୀ କାନ୍ଦୁଛି ।
ମୁଁ ଦାଦନ ଶ୍ରମିକ କହୁଛି (୩)
ଆକାଶ କଇଁଆ ଚିଲିକାର ମାଛ
ସରକାରୀ ଯୋଜନା ସାଜିଛି
ରେଳ ଗଡିଲେ କି ଉଡାଯାହାଜ ଉଡିଲେ
ମୋ କଥା ବା କିଏ ଭାବୁଛି
ମୁଁ ପରା ଦାଦନ ଶ୍ରମିକ ସାଜିଛି ।(୪)
ଭୋକର ଭାରକୁ ଉଦରରେ ବୋହି
କଷ୍ଟରେ ଗଣ୍ଠିଲି ବୋହୁଛି
କାହାକୁ କହିବି କିଏବା ଶୁଣିବ
ଆଜି ଆହାରେ ପାହାର ପଡିଛି
ମୁଁ ଦାଦନ ଶ୍ରମିକ କହୁଛି ।(୫)
ମୋ ଅସହାୟ ଚିତ୍ର ଟିଭିରେ ଦେଖିକି
ଚୁଲି ମୁହେଁ ସ୍ତ୍ରୀ ମୋର କାନ୍ଦୁଛି
ପାଣିପାଇଁ ଅଭିଯୋଗ ବାଢିବାରୁ
ମୋ ଚଉଦପୁରୁଷ ଦାଦନ ବୋଲି ମୁଁ ଶୁଣିଛି
ମୁଁ ଦାଦନ ଶ୍ରମିକ କହୁଛି ।(୬)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ପାଇଁ ଯୋଜନା ଯୋଜନ ଦୁରରେ

ପାଦ ମୋର ବୁଝି ସାରିଛି

ଦରପୋଡା ଓଠେ ଲୁଣଭର୍ତ୍ତି ଲୁହ

ତଥାପି ଆଗକୁ ଚାଲିଛି

ମୁଁ ଦାଦନ ଶ୍ରମିକ କହୁଛି ।(୭)

ଜୀବନ ଜଞ୍ଜାଳ ଜାଳିଜାଳି ମତେ

ମନ ମୋ ନୀରବୀ ଯାଇଛି

ଖୋଲା ଆକାଶରେ ତାରକା ମେଳରେ

ଜହ୍ନ ବି ତାସ୍ଛଲ୍ୟ କରୁଛି

ମୁଁ ଦାଦନ ଶ୍ରମିକ କହୁଛି ।(୮)

କେ ଦେଖିଛ କୁହ ସୁନାର ଭାରତ

ମୁଁ ରାଜରାସ୍ତାରେ ଭାରତ ଦେଖୁଛି

କରୋନା ଦୁର୍ଦ୍ଦିନ, ମୁଁ ଯେ ପ୍ରବାସୀ ଦାଦନ

ଏଠି ମୋ କଥା  ବା କିଏ ଶୁଣୁଛି

ଆଜ୍ଞା, ମୁଁ ପରା ଦାଦନ ଶ୍ରମିକ କହୁଛି ।(୯)

ରଶ୍ମିତା ବେହେରା(ସାମ୍ବାଦିକା)

ନିହଲପ୍ରସାଦ,ଢେଙ୍କାନାଳ

ଯୋଗାଯୋଗ-୭୩୨୫୯୬୦୨୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଥାଯାଏ ଆମ ନଇଁ



ଅଶୋକ କୁମାର ପ୍ରଧାନ

ଏ ମାଟି ମମତା ପାଣି ପବନ
ଯାରି ପବନରେ ଚଳେ ଶ୍ୱସନ
ତାରି ଫଳ ମୂଳ ଖାଏ ମୁଁ ସ୍ନେହେ
ଶକତି ଭରିଛି ଏଇ ମୋ ଦେହେ
ସେହି ମୋ ଉତ୍କଳ ଭୂଇଁ
ତାରି ପାଦତଳେ ଆମ ମଥା ସଦା
ନିତି ଯାଉଥାଏ ନଇଁ ।
ନଦ ନଦୀ ବନ ଗିରି କାନନ
ନାନା ବୃକ୍ଷେ ଭରା ଘଞ୍ଚ ଅରଣ୍ୟ
ଶାଳ ପିଆଶାଳ ଶିଶୁ ଚନ୍ଦନ
ଲାଖ ମହୁ ଝୁଣା କି ମୂଲ୍ୟବାନ
ଭରି ଅଛି ଆମ ପାଇଁ
ତାର ସେବା ଦାନ ଭାବି ରାତିଦିନ
ମଥା ଯାଏ ଆମ ନଇଁ ।
ପ୍ରକୃତି ସମ୍ପଦ ଭରିଛି ଯେତେ
ବକ୍ସାଇଟ୍ ଲୌହ,ତମ୍ବା ଯେ କେତେ
ତରଳ ସ୍ୱର୍ଣ୍ଣ ବି ରଖିଛି ଭରି
ଭୁତଳ ଗର୍ଭରେ ଅଛି ସେ ଧରି
ସବୁ ଖଞ୍ଜି ଆମ ପାଇଁ
ତା'ର ଏ ବିଭବ ଅମୂଲ୍ୟ ସମ୍ପଦ
ଭାବି ମଥାଯାଏ ନଇଁ ।
ଅତୀତ ଉତ୍କଳ ଗୌରବ ଗାଥା
ଇତିହାସ ଦିଏ କେତେ ବାରତା
ବାରବାଟୀ ଦୁର୍ଗ ବୀରତ୍ୱ କଥା
ବୋଇତ ବନ୍ଦାଣ ସାଧବ ସତ୍ତା
ସବୁ ମହନୀୟ ହୋଇ
ଅତୀତ ଗୌରବ କଥା ଭାବି ଭାବି
ମଥା ଯାଏ ଆମ ନଇଁ ।
ଶିଳ୍ପୀ କାରଗରୀ ବିଦ୍ୟା ସମ୍ଭାର
କୋଣାର୍କ  ଲିଙ୍ଗରାଜ ପୁରୀ ମନ୍ଦିର
ରାଜରାଣୀ କଳା କେତେ ସୁନ୍ଦର
ଦେଇକି ପାରିବି ତା ପଟାନ୍ତର
ସବୁ ଆମ କଳା ଗାଇ
ତାର ଶିଳ୍ପୀ କଳା ମନେ ଭାଳି ହୋଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଥା ଯାଏ ଆମ ନଇଁ ।

ବିଶୁ ମହାରଣା ଧରମା କଥା
ଜାତି ଟେକ ପାଇଁ ନୁଆଁଇ ମଥା
ମନ୍ଦିର ଚୂଳରୁ ଯାଇଛି ଡେଇଁ
ପ୍ରତି ହୃଦେ ଦିଏ ତ୍ୟାଗ ଯୋଗାଇ
ସେ ତ୍ୟାଗ ଭାବନା ପାଇଁ
ତ୍ୟାଗର ପ୍ରତୀକ ମୋ ଉତ୍କଳ କଥା
ଭାବି ମଥାଯାଏ ନଇଁ ।
ପାଇକ ପୁଅର ସମର ସଜ୍ଜା
ଅସୀ ରଣଶିଙ୍ଗା ମାଦଳ ବାଜା
ଶତ୍ରୁକୁ ହରାଇ ଉଡାଏ ଧ୍ୱଜା
ସବୁ ହୃଦେ ଜାଗି ବୀରତ୍ୱ ଉର୍ଜା
ଏଇ ମୋ ବୀରତ୍ୱ ଭୂଇଁ
ତା ବୀରତ୍ୱ କଥା  ତ୍ୟାଗ ବଳୀଦାନ
ଭାବି ମଥା ଯାଏ ନଇଁ ।
ଜାତି ପ୍ରେମ ପ୍ରାଣ ମଧୁସୂଦନ
ଗଙ୍ଗାଧର ଗୋପବନ୍ଧୁ ନନ୍ଦନ
ରାଧାନାଥ ଗଜପତି ପୂଜନ
ଭକ୍ତକବି ସେହି ମଧୁସୂଦନ

ଓଡ଼ିଶାର ପ୍ରାଣ ହୋଇ
ଭାଷା ପ୍ରେମ ପ୍ରୀତି କଥା ଭାବି ହୋଇ
ମଥା ଯାଏ ଆମ ନଇଁ ।
ମୋ ଦେଶ  ମାଟିର ପବିତ୍ର ଗନ୍ଧେ
ଚଣ୍ଡାଶୋକ ପ୍ରାଣେ ଧର୍ମକୁ ବାନ୍ଧେ
ତରୀ ତେଜି ଧର୍ମ ଶଙ୍ଖକୁ ଛନ୍ଦେ
ତା ପୁଣ୍ୟ ଭାବନା ହୃଦୟ ସ୍ପନ୍ଦେ
ପୁଣ୍ୟମୟ ବାର୍ତ୍ତା ବହି
ତା ପୁଣ୍ୟ ଦାନକୁ ଭାବିଲେ ସର୍ବଦା
ମଥା ଯାଏ ଆମ ନଇଁ ।
ଭକ୍ତି ମୟ ମୋର ଶ୍ରୀକ୍ଷେତ୍ର ଧାମ
ବିଶ୍ୱ ଜନତାଙ୍କ ହୃଦୟେ ମର୍ମ
ବାର ମାସେ ତେର ପରବେ ନାମ
ପୁରଣ କରଇ ସବୁରି କାମ
ଭକ୍ତିମୟ ବାର୍ତ୍ତା କହି
ଏକତା ମନ୍ତ୍ରର  କଥା ଭାବିଦେଲେ
ମଥା ଯାଏ ଆମ ନଇଁ ।

ଶିକ୍ଷକ, ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୯୧୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେ ଅଛି ନା ?



ସନାତନ ଦାସ

ମନେ ଅଛି ନା.... ?
କଲେଜ୍ ଛକ ଢ଼େଟିଂ ରୁମ୍ ରେ
ତୁମ ସହ ଇସାରାରେ କଥା
ହେବାର ସେ ସମୟ.... ।

ମନେ ଅଛି ନା... ?
ଏସ ଭି ଏମ୍ କଲେଜ ର
ଓଲଟ ଦେବଦାରୁ ତଳେ
ମୋ ସହ ଛୋଟ ସମ୍ପର୍କ ଟିଏ
ଯୋଡ଼ିବାର ବେଳ... ।

ମନେ ଅଛି ନା.... ?
ହାତ ରେ ହାତ ଛନ୍ଦି
ମୋ ସହ ମକର ଆଉ ପୁସ୍ତକ ମେଳା
ବୁଲିବାର ସେ ଶୀତୁଆ ଅପରାହ୍ନ.. ।

ମନେ ରଖିଛ ନା ଭୁଲିଗଲେଣି,
ଅବା ସମାଧି ଦେଇ ଦେଲଣି
ସମୟର ଅତଳ ଗଭୀର ରେ... ।

ଆମ ସମ୍ପର୍କର ମୁକସାକ୍ଷୀ
ଆଉ ସେ ବରଗଛ ଟା ନାହିଁ
କେଉଁ କାଳରୁ ଧରାଶାୟୀ ହୋଇ
ଲୋଟିପଡିଲାଣି ନିର୍ଜୀବ ରୂପରେ
ଶୁଖିଲା ମାଟିର ଛାତିରେ.. ।

ଖୁବ୍ ଖୁସି ହୋଇଥିବ ନା,
ଯେଉଁଦିନ ଧୀରେ ଧୀରେ କାଟି
ନିଆଗଲା ସେଇ ବୁଢ଼ା ବରଗଛର
ଶୁଷ୍କ ଅବୟବକୁ.... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେମିତି ଆମ ସମ୍ପର୍କ ତୁମର
ପ୍ରତାରଣା ପାଇଁ ଛିଣ୍ଡି ଛିଣ୍ଡି
ନିଶ୍ଚିହ୍ନ ହୋଇଗଲା ଲଞ୍ଜା ତାରା ପରି.. ।

ଶେଷରେ ଯବନିକା ପଡ଼ିଗଲା ନା,
ଆମ ପ୍ରେମର ସବୁ ସନ୍ତକ,
ସେଇ ବୁଢା ବରଗଛ ସହ,... ?

ଆଉ କେହିବି ଦୋଷ ଦେବେନି ତୁମକୁ,
"ପ୍ରତାରିକା" ଚିହ୍ନ ବି ହଟିଗଲା ତୁମ ଠାରୁ
ସେଇ ଏକ ମାତ୍ର ବୁଢା ବରଗଛ ଶବ ସହ
ଏଥର " ତୁମେ ଖୁସି ତ".. ?

ସନାତନ ଦାସ
ସଂରା, ନାଲିବର୍, ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଣପଞ୍ଜୀକୃତ ଦାଦନ ଫେରନ୍ତା



ବାଲାଜୀ ସେଠୀ

କରଜର ପାହାଡ଼ ମୁଣ୍ଡେଇ ଆସିଥିଲି ପରବାସେ...

ଖଣ୍ଡେ ଖଣ୍ଡେ ପଥରକୁ ତଳକୁ ଖସେଇ

ମୁଣ୍ଡ ବୋଝ ହାଲୁକା କରିବାକୁ....

କେତେ ଯୁଗ ଲାଗିଯିବ କେଜାଣି...

କେବେ ଅନ୍ତହେବ କିଏବା କହିବ

ଚଉଦପୁରୁଷର ଦାଦନିଆ ଖଟଣି...

ଯନ୍ତ୍ରଣାର ମନ୍ଦର ଗିରିଟା ଲଦି ହେଇଯାଇଛି,

ଜୀବନ ସାରା ମନ୍ଥିହେଇ ଦୁଃଖର ହଳାହଳକୁ

ପିଇ ପିଇ ବଞ୍ଚିଛି,

ବଳକା ଆୟୁଷ ଧରି ଚାଲିଛି,

ମୋ ଭିଟାମାଟିରେ ସାରିବାକୁ.....

ସମୟ ହସୁଛି ମୁଚୁକୁନ୍ଦ ହସ,

ଚାଖଣ୍ଡେ ପେଟର ନିଉଛୁଣା ଭୋକ ବି

କରୁଛି ଅଟହାସ,

ଅହରହ ପେଁ ପାଁ ଶବ୍ଦକରି

ସାଇଁ ସାଇଁ ପବନକୁ କାଟି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦ୍ରୁତଗାମୀ ଯାନ ଗୁଡିକର ଦେଖାନାହିଁ,

କାଁ ଭାଁ କେତେବେଳେ ପାଲଭିଡା

ପଞ୍ଜାବୀ ଟ୍ରକଗୁଡିକୁ ଛାଡିଦେଲେ....

ଚାଲ  !ଭାଇମାନେ ଚାଲ ଆଗକୁ ମାଡି... !

ଏଇ ତ ପାଖେଇଲାଣି ଓଡ଼ିଶା ଆମରି,

ଜଗା ଡାକିଲାଣି ହାତଠାରି.....

ମିଛ ଆଶ୍ୱାସନା ଦେଇ ପରସ୍ପର,

ଜାତୀୟ ରାଜପଥ ଦୁଇକଡେ

ଲମ୍ବା ଧାଡିବାନ୍ଧି ଚାଲିଛନ୍ତି ମୋ ସହ

ମୋ ପ୍ରବାସୀ ସହାଯାତ୍ରୀମାନେ....

ମୁଣ୍ଡରେ,ପିଠିରେ,ହାତରେ

ଜୀବନ ଜୀବିକାର ଉପାଦାନ...

ଅସରନ୍ତି ପଥ...

ଅବିଶ୍ରାନ୍ତ ପଥିକ...

କାଖର ଶିଶୁ କେତେବେଳେ କାନ୍ଧରେ,

କେତେବେଳେ ମା'ଟାଣୁଥିବା

ଚକଲଗା ସୁଟକେସ୍ ଉପରେ ନିଘୋଡ଼ ନିଦରେ,

କିଏ କାଖେଇ ଚାଲିଛି ବୃଦ୍ଧାମାଆକୁ,

ସ୍ୱାମୀ କାନ୍ଧରେ ଗର୍ଭୁଣୀ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ଷୁଧା, ତୃଷାରେ ଅବଶ ଶରୀର ଭିଡିହୋଇ

ଚାଲିଛି ଆଗକୁ ଆଗକୁ,

ଯୁବାକାଳେ ଯଷ୍ଟିହସ୍ତ ବାର୍ଦ୍ଧକ୍ୟର ବେଶ,

ଚାଲିନପାରି ଯିଏ ଚିରନିଦ୍ରା ବରଣ କଲା

ସେ ଅଛବ ହୋଇ ପଡ଼ିରହିଲା,

ଛେଲିଉଠା ରକ୍ତାକ୍ତ ଗୋଦଡ଼ ପାଦମାନେ

ବଖାଣୁଛନ୍ତି ପ୍ରବାସୀ ଦାଦନର

ଭିଟାମାଟିକୁ ଫେରିବାର ଅଫୁରନ୍ତ କାହାଣୀ...

କିଟିକିଟି ଅନ୍ଧାରରେ ବି ଚିହ୍ନାଚିହ୍ନା ଲାଗୁଛି

ଅଦିନିଆ ବର୍ଷାଭିଜା ମାଟିର ବାସ୍ନା,

ଅଧଗଢା ବାଟ ଠାକୁରାଣୀ ମନ୍ଦିର ବେଢା,

ହାଟ ପଡିଆ,ପାହାଡତଳ ପଥରବନ୍ଧା

ଗାଡ଼ିଆ ଲାଗିଲେଣି ଆପଣା,

ବହଳ ମଳିବସା ଚର୍ମ ଅନୁଭବ କରୁଛି

ମାଟି ମାଆର ନିଶ୍ୱାସକୁ

ମାଇଲି ଖୁଣ୍ଟର ଲେଖା ସ୍ୱଷ୍ଟ ଦିଶୁଛି

ଖୁଣ୍ଟରେ ଝୁଲୁଥିବା ବିଜୁଳି ଆଲୁଅରେ...

ଏଇ ତ ! ପହଞ୍ଚିଗଲେ ଆମେ... !

କିନ୍ତୁ...ଗାଁ ପ୍ରବେଶପଥ ବନ୍ଦ.... !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଖିଆଙ୍କ ଅନୁମତିବିନା

ମାଛି ବି ଯେମିତି ନଗଳିବ....

ଚିହ୍ନା ମୁହଁ ଦେଖି ଅଲାଜୁକ ପଣେ

ପେଟ ଦୁଃଖ କରିଲି ପ୍ରକାଶ....

ଆବେଳରେ ଆସି ହୀନସ୍ତା କରୁଛ ତୁମେ

"ଅଣପଞ୍ଜୀକୃତ ଦାଦନ ଫେରନ୍ତା"  ! !

ସ୍ୱାଗତ କରୁଥିଲେ କରି ଅଭିସମ୍ପାତ...

(ଶିକ୍ଷକ)

ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାୟଶ୍ଚିତ



ରିପୁନ୍ ଜୟ ମହାପାତ୍ର

ଜୀବନ ଡଙ୍ଗାରେ କର୍ମଫଳ ସବୁ
ହେଲେ ବାବୁ ଟଳମଳ ।
କଷଟି ପଥରେ କଷି ହୋଇଯାଏ
ଜୀବନର ଆତ୍ମା ମୂଳ ।।

କଳା କର୍ମ ଯାକ ମିଛେ ଭାବି ଭାବି
ମନ ହୁଏ ସକସକ ।
କର୍ମ ମାନ ପାଇଁ ଅନୁତପ୍ତ ହେଲେ
ଆତ୍ମା ମୋର ଦକଦକ ।।

ସ୍ୱର୍ଗ ଲାଭ ପାଇଁ ସଭିଏଁ ବିକଳ
ଆତ୍ମା ମୋର ଅନୁତପ୍ତ ।
ସତ୍ କର୍ମ ପାଇଁ ଲୋଡା ନାହିଁ ବନ୍ଧୁ
ଅକାରଣେ ପ୍ରାୟଶ୍ଚିତ୍ତ ।।

ବାମଦେଇପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ସାବିତ୍ରୀ



ଜନ୍ମେଜୟ ପଣ୍ଡା

କେବେ ଫାଇଲିନ ତ କେବେ ଫନି

କେବେ ତିତିଲି ତ କେବେ ହୁଡହୁଡ

ଅନର୍ଗଳ ଶାଣଦିଆ ତୁଣ୍ଡରୁ ନିଗିଡି ଆସୁଥିବା

ମହାବାତ୍ୟାମାନେ ଧ୍ୱଂସ କରିପକାନ୍ତି

ବିଚାରା ସତ୍ୟବାନଟାର ପାରିଲାପଣିଆକୁ ।।

ଥକିପଡ଼ିଥିବା ମନଟା ଉଲ୍ଲସିତ ହୋଇଉଠେ

କାଳେ ଶୁଖିଯାଇଥିବା ସମ୍ପର୍କଟା ପୁଣି ସତେଜ ହୋଇଉଠିବ ଭାବି,

ଆଶା ଆଉ ନିରାଶାର ଛକିଶୂନ ଖେଳରେ ହାରିଯାଏ

ଅନ୍ଧ ସତ୍ୟବାନଟା ଏଇ ସାବିତ୍ରୀ ପର୍ବଟାରେ ବି ।।

ସଂସ୍କୃତି ଏବଂ ପରମ୍ପରାକୁ ହାଜମୋଲା ପରି ହଜମ କରିଦେଇ ଥିବା

ଆଧୁନିକା ସାବିତ୍ରୀମାନେ ମକଚି ଦିଅନ୍ତି ସ୍ୱାମୀର ଅସ୍ତିତ୍ୱ ଟିକକ,

ଠିକ ଗୋଟିଏ ସରି ଆସୁଥିବା ସିଗାରେଟ ପରି ।।

କାନ୍ଦେ.... ଖୁବ କାନ୍ଦେ ବିଚାରା ସତ୍ୟବାନଟା

ହୃଦୟ ତାର କୁରୁଳିଉଠେ ଅଜଣା କୋହରେ

କିନ୍ତୁ ସେ ତ ମାଲିକ ହାତର ବୋଲକରା ଲାବ୍ରାଡର, କାନ୍ଦିବ ବା କେମିତି ?

ସାବିତ୍ରୀଟା ତ ତାର ନିଜର, ଅତି ନିଜର କେହି ଜଣେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତିସନ୍ତର୍ପଣରେ ଗୋଟେଇ ପକେଇ ଅଣ୍ଟିରେ ପୁରେଇ ଦିଏ

ଲୁହ ଗୁଡାକୁ ଆଉ ମନେ ମନେ ହସୁଥାଏ

କଳିଯୁଗର ଏଇ ଭିନ୍ନ ସାବିତ୍ରୀକୁ ଦେଖି ll

ଦାଶରଥୀପୁର, ବଡ଼ମ୍ବା,କଟକ

ଭ୍ରାମ୍ୟଭାଷ : ୭୦୦୮୭୫୭୭୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଜୀବିକା



ସରୋଜିନୀ ମିଶ୍ର

ସଂଘର୍ଷର ପଥଧାରେ
ବିବଷ ମନ ଇଲାକା
କ୍ଷୁଧାର ଆକୁଳତା
ହାତଠାରି ଡାକିନିଏ
ଦୂରେ, ବହୁଦୂରେ
ପଥ ଅନ୍ତରାଳେ ।

ସ୍ୱପ୍ନ ହୁଏ
ସ୍ନେହଭିଜା ମାଟି
ମମତାର ଡୋରୀ
ବନ୍ଧୁତ୍ୱର ଅଲିଭା ସ୍ମୃତି
ବାତ୍ସଲ୍ୟ ପ୍ରେମର ନିବିଡତା ।୨

ସୀମାତୀତ କ୍ଳେଶ
ଅକୁହା ବେଦନା
ନିଭୃତ ହୃଦ କୋଠରୀରେ
ତାଲାବନ୍ଦ
ଛଳନାର ହସ ଖୋଜେ
ନୂଖୁରା ମୁଣ୍ଡରେ
ଟୋପାଏ ତେଲ
ନିଷ୍ପାପ ଓଠରେ
ଚେନାଏ ହସ ।

ନିଶ୍ଚିନ୍ତ ମୃତ୍ୟୁର
କଳାପାହାଡ
କରୋନାର କରାଳ
କଳା ଖିନ୍ ଭିନ୍
ସ୍ୱପ୍ନରେ ପଡିଲା ଚଡକ
ଦୃଶ୍ୟପଟେ ଆଗମନ
ବନ୍ଧୁପରିଜନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହଁମୟୀ ଜନନୀର
ଅଶ୍ରୁଳ ନୟନ ।

ଲକ୍ ଡାଉନ୍
ଦର୍ଦ୍ଦନାକ ସ୍ଥିତି
ମାଆ ଓ ମାଟିର ଆକର୍ଷଣ
ବିଶ୍ୱାସ ଅବିଶ୍ୱାସର ଖେଳ
କଲା ପଥଚାରୀ
ସୀମାହୀନ କଣ୍ଟକିତ ପଥେ
ଆକୁଳ ନୟନ
କ୍ଷୁଧିତ ପରାଣ
ବ୍ୟଥିତ ହୃଦୟ
ଖୋଜିବୁଲେ ଆଶ୍ରୟର ସ୍ଥଳ ।

ଦୃଢ ସଂକଳ୍ପ
ଅଦମ୍ୟ ପ୍ରଚେଷ୍ଟା
ଦୁଃସାହସ
ପ୍ରେରଣାର ଉତ୍ସ
ଅତିକ୍ରମ କରିପାରେ
ଲକ୍ଷ ଲକ୍ଷ କୋଶ ।

ଦାଦନ ମୁଁ
କର୍ମଜିବୀ
ନୁହେଁ କର୍ମକୋଢ଼ି
ନୁହଇ ଭିକାରୀ
ନୁହଇ ଶୋଷକ
ନୁହେଁ ଶଠଚାରୀ
ଅଶାନ୍ତିରୁ ପ୍ରଶାନ୍ତିକୁ
ଯିବାର ପ୍ରଚେଷ୍ଟା
କର୍ମମୋର
ଜୀବନ ଜୀବିକା
ଶ୍ରମ ମାଗେ ସମ୍ମାନ
ସମ୍ମାନ ନ ପାରିଲେ ଦେଇ
ଦିଅ ନାହିଁ ଅପମାନ
କରନାହିଁ କଳୁଷିତ ମନ ।

ଆଲୋକ ନଗର, ଆମ୍ବପୁଆ, ବ୍ରହ୍ମପୁର
ଭ୍ରାମ୍ୟଭାଷ- ୯୯୩୮୪୬୫୨୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିର ପ୍ରଶ୍ନ



ପ୍ରଜ୍ଞା ଭାରତୀ ପାଣି

ରେ ମାନବ,
କାହିଁକି କରୁ ତୁ ମିଛ ଅଭିମାନ,
ଭୋଗୁଛୁ ଯାହା ତୁ ମୋହରି ଦାନ,
ଏକା ତୁ ଆସିଛୁ, ଏକା ହିଁ ଯିବୁ,
କାହିଁ ପାଇଁ ଏତେ ଗର୍ବ ଅଭିମାନ ।

ବିଜ୍ଞାନ ବଳରେ କରିପାରୁ ତୁହି,
ଅସମ୍ଭବକୁ ପୁଣି ସମ୍ଭବ ସମାନ,
ହେଲେ କରିପାରିବୁ କି ତୁହି ,
ଅଟକାଇ ଦେଇ ମୋର ସେହି ତାଡ଼ନ ।।

ରେ ମାନବ,
କେଉଁଠି ହଜିଛି ତୋର ସେହି ମନ,
ଯିଏ ବୁଝିପାରୁଥିଲା ପ୍ରକୃତିର ଦାନ,
ଜନ୍ମ ପ୍ରକୃତିରୁ ହେବୁ ପୁଣି ସେଇଠି ଲୀନ,
କାହିଁ ନଷ୍ଟ କରୁ ତୁହି ତାହାରି ମାନ ।
ବୁଦ୍ଧିବଳେ କରିପାରୁ ତୁହି,
ନଷ୍ଟକୁ ପୁଣି ଉପଯୋଗ କ୍ଷମ,
ହେଲେ ପାରିବୁକି ତୁହି ଫେରାଇ ,
ମୋହରି ସେଇ ଅମୂଲ୍ୟ ଦାନ ।।

ରେ ମାନବ,
କାହାକୁ ମଣୁଛୁ ତୁହି ନିଜର ସମ,
ପିମ୍ପୁଡ଼ି ଆଉ ହାତୀ ହେବେକି ସମାନ,
ନେଇଛୁ ମୋଠୁ, ମୋପାଇଁ କିଛି କରିଲେ ଯାଇ,
ରହିବ ତୋହରି ସମ୍ମାନ ।

ଦକ୍ଷତାର ବଳେ କରିପାରୁ ତୁହି,
ମୋହରି ସର୍ବଶ୍ରେଷ୍ଠ ଉପଯୋଗ କ୍ଷମ,
ହେଲେ ପାରିବୁକି ତୁହି,
ଶାନ୍ତ କରି ପ୍ରକୃତିର ଅସନ୍ତୁଳନ ? ।।

ରୂପ୍ସା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାଦନ



ପୂର୍ଣ୍ଣିମା ଲେଙ୍କା

ଦୁନିଆ କୁ ଠିକ୍ ସେ ଜାଣି ନଥିବା
ଭଲ ରେ ଦେଖି ନଥିବା
କଥା କହି ଜାଣି ନଥିବା
ଖନୀ ମାରୁଥିବା
ନୀରିହ ଶିଶୁ ଟି
ପ୍ରଶ୍ନ କରେ ମା କୁ

କେବେ ମିଳିବ ମା ଆହାର
ମୋ ପେଟ କୁ
କେବେ କୁଡିଆଟେ ହେବ
ମୁଣ୍ଡ ଗୁଞ୍ଜିବାକୁ
କେବେ ନାନା ବାୟା ଗୀତ ଗାଇ ଦେବୁତୁ
ନେଇ ତୋ କଲୋକୁ

କାହିଁକି ଧାଇଁଚୁ ଆମେ ଗାଁ କୁ
ଲୋକେ କହୁଛନ୍ତି କାହିଁ ଦାଦନ ଶ୍ରମିକ
ଆମକୁ
ଦାଦନ ଶ୍ରମିକ ମାନେ କଣ୍ କି
ଥୋରେ କହି ଦେ ମା ତୋ
କୁନି ପୁଅ କୁ

କାହିଁକି ଲୋକେ ଡରୁ ଛନ୍ତି ଆମକୁ
କାହିଁକି ଲକେ ଦୁର୍ଦ୍ଦିନ ର କାରଣ
ନେଉଛନ୍ତି ଆମକୁ
ଦୂର ଦୂର ମାର ମାର କାହିଁକି କରନ୍ତି
ଦାଦନ ଶ୍ରମିକ କୁ

ମା ମା
ଆମେ କଣ୍ ମଣିଷ ନୁହଁ
ଆମ କଷ୍ଟ ଶୁଣିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ କେହିତ ନାହିଁ

କେତେ ଦୂର ବୋହିବୁ ତୁ

ମୋତେ ଚକ ଲଗା ମୁଣି ରେ ଥୋଇ

ଆମ ପାଇଁ କି କିଛି ସୁବିଧା ନାହିଁ

ଗାଁ କୁ ଗଲେ କି ଆମ ସବୁ ଦୁଃଖ

ଯିବ ଦୂରେଇ

ମା ଲୋ ମାଆ କିଛି ତୋ

କହି ଦେ ତୁହି

ନ ଖାଇ ନ ପିଇ

ଏମିତି କା ତୁ ତୁନି ରହି

କେତେ ବାଟ ତୁ ନେବୁଲୋ ବୋହି

କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଯେବେ ମନେପଡ଼



ପ୍ରଭାତ ବଳ

ହୃଦୟ କୋଠରୀ ମୋର

ଏବେ ପ୍ରେମରେ ନିଭୃତ,

ମନ ଜମି ମୋର

ତୁମ ହସରେ ପ୍ଲାବିତ ।

ଦିନେ ଅଳ୍ପ ମିଶିଥିଲା ମନ

ତୁମରି ମନ ସହ

ହେଲେ ବେଶୀ ଥିଲା ଦ୍ୱନ୍ଦ୍ୱ ସମନ୍ୱୟ ।

ପରିବ୍ୟାପ୍ତତାର ପରିଷ୍କୃତ ହୃଦୟେ,

ମୋ ନିସଙ୍ଗତାର ଗଣିତକୁ କଷି

ଫେଡ଼ି କ୍ଷୁଦ୍ର କ୍ଷୁଦ୍ର ଆୟୁଗ୍ମ ସଂକୀର୍ଣ୍ଣତା,

କଲ "ମୁଁ" ଆଉ "ତୁମେ" ର

ନିଷ୍କର୍ଷ ବନ୍ଧୁ ପରିଣୟ ।

ମୁଁ ଲୁପ୍ତ ଥିଲି ମୋ ନିଜଠାରେ

ଠାବ କଲା ତୁମ ବନ୍ଧୁ ପ୍ରୀତି,

ମୁ ଥିଲି ଅତୃପ୍ତ

ମୋ ନିଜ ଇଲାକାରେ

ତୁମ ସ୍ଥୂଳ ସାମ୍ରାଜ୍ୟେ

ମୋତେ କଲ ମୁକୁଟାଧିପତି ।

ଧୀରେ ଧୀରେ ତୁମ ସୂକ୍ଷ୍ମତାରେ

ବି ପାଇଲି ସିନ୍ଧୁ ଊର୍ମି ସ୍ୱପ୍ନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ଚହ୍ନିବାର ବହୁ ପୂର୍ବରୁ

ତୁମେ ଅକ୍ତିଆର କରିଆଣିଲ

ମୋ ଖୁସି ସବୁକୁ

ତୁମ ଲୁହ ମିଶା ସଂଘର୍ଷର

ଅପର୍ଯ୍ୟପ୍ତ ନିରନ୍ତର ପ୍ରୟାସରେ ।

ପ୍ରତିକ୍ଷଣେ ତୁମେ ଯେବେ ମନେପଡ଼

ପ୍ରତିଥର ମୁଁ ତୁମ ବନ୍ଧୁ ପଣିଆରେ ମସଗୁଲ

ଆଉ ପ୍ରତିଥର ମୁଁ  ପଡେ ତୁମ ପ୍ରେମେ

ଦିନେ ନୁହେଁ ପ୍ରତିଦିନେ ।

ବୋଧେ ସେଥିପାଇଁ

ତୁମ କଥା ମନେପଡେ ଅତି ଏକାନ୍ତରେ,

ଗୋଧୂଳି ସଞ୍ଜରେ ଆଉ ପ୍ରତି ନିଶାନ୍ତରେ ।

ପାଉଥାଅ ପୁନର୍ଜନ୍ମ ତୁମେ ପ୍ରତି ମୁହୂର୍ତ୍ତରେ  ।

କରଣପୋଖରୀ, ଭଦ୍ରକ

୯୭୭୬୬୬୮୦୭୩

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ରେ କରୋନା, ଦେଖିବି ତୋର ମୃତ୍ୟୁ



ଭାସ୍କର ଚନ୍ଦ୍ର ଖଣ୍ଡା

ରେ କରୋନା
ଶୁଣି ଶୁଣି ତୋ କରାଳ ଶାୟା
ଏ ଦୁନିଆ ବୁକୁରେ
ତୋ କାୟା ବିସ୍ତାର
ନେଉଛୁ ତୁ କେତେ ଜୀବନ
ଦିନ ପ୍ରତିଦିନ
ହେଲାଣି ଦେହସୁଆ
ଲାଗିଗଲାଣି ଭୟ ଏବେ ଗଲାଣି ଦୂରେଇ
।୧ ।

ନେଇଛୁ ଯେତେବେଳେ ଜନ୍ମ
ମୃତ୍ୟୁ ତ ଅବଶ୍ୟମ୍ଭାବୀ
କାହିଁକି ଡରିବି ବା ତୋତେ
ହେଲେବି ହିଂସ୍ର ପ୍ରାଣୀ ଟିଏ
ଆସିଲେ ସଂସ୍ପର୍ଶରେ କିଛି ଦିନ
ଭୟଟା ଯାଇଥାଏ ଦୂରେଇ
ସେଇ ଭଳି ଆଜି ନାହିଁ
ଆଉ ତୋର ଭୟ ।୨ ।

ଶିଖିଲିଣି ରହିବାକୁ ତୋଠାରୁ ଦୂରେଇ
ମନ ଏବେ ଚାହିଁଲାଣି
ବଞ୍ଚିବାକୁ ହେଲେ ମୋତେ
ବଢିବାକୁ ହେବ ଆଗକୁ
ପାରୁ ନାହିଁ ତୋତେ ଯେବେ ଆଡେଇ
କରିବି ଗ୍ରହଣ ରେ କରୋନା ତୋତେ
ତୋ ସହିତ ଚାଲିବାକୁ
ଶିଖିବି ମୁଁ ନୂଆ ଜୀବନର ଛାନ୍ଦ
ଜୀଇବାର ନୂଆ ଶୈଳୀ ।୩ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନର ସେ ଛାନ୍ଦକୁ ନେଇ

ମୁଁ ଉଠିବି ବସିବି ଖାଇବି

କରିବି ମୁଁ ସବୁ କିଛି

ଦେଖିବୁ ତୁ କିପରି ଆଗେଇବି ମୁହିଁ

ରହି ଯିବୁ ତୁ କୋଷ ଦୂରରେ

ପହଞ୍ଚିବା ଆଗରୁ ମୋ ପାଖରେ

ହୋଇଥିବି କେତେ ଅଗ୍ରସର

ରହିଯିବ ତାହା

ତୋର କଳ୍ପନା ବାହାରେ । ୪ ।

ନ ପାଇ କାହା ପାଖେ ଆଶ୍ରା

ଭାଂଗିଯିବ ତୋର ଗତିପଥ

ହୋଇ ଯିବୁ ଦିନେ କ୍ଳାନ୍ତ

ଯେଉଁ ପରି ଦେଖୁଛୁ ତୁ ମୃତ୍ୟୁ

ରେ କରୋନା

ଦେଖିବି ମୁଁ ତୋର ମୃତ୍ୟୁ ଦିନେ । ୫ ।

ରୋଡ଼ ନଂ ୩, ଜଗନ୍ନାଥ ନଗର

ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଶ୍ରୀପଦେ ଦିଅ ଅଶରା



ଅଲେଖ ମେହେର

ଜୟ ମାଁ ତାରିଣୀ  ଘଟଗାଁ ବାସିନୀ
ଆଦି ରୂପା ନାରାୟଣୀ
ବିରବେ କରୋନା  ବୁଡାଏ ଚେତନା
ଉଦ୍ଧରି ରଖ ମେଦିନୀ ।
ପରାଣ ଆତଙ୍କେ  ଇକ୍ଷଣ ଲୋତକେ
ଯାଇଛି ହସ ପାଶୋର ,
ପୁରଠୁ ନଗର  ଭୁତାଣୁ ଡଗର
ଗ୍ରାସିଅଛି ଘନ ଘୋର ।
ଦୀନ ଦୁଃଖ ଦେଖି  ବୁଜିଲ କି ଆଖି
ଏ ମହା ବିପତ୍ତି କାଳେ,
ଅରକ୍ଷିତ ହୋଇ  ତୋ କ୍ଷିତି ବୁଡଇ
ତରଣୀ ଲଗାଅ କୁଳେ ।
ଅମିୟ ସୁମନ  ଜୀବନ ଧାରଣ
ନଈ ସ୍ରୋତେ ଗଲା ଭାଷି,
ଗୃହବନ୍ଦୀ ନର  ବୁକେ ହାହାକାର
ଲପନରୁ ଗଲା ଖୁସି ।
ଦୁଷ୍ଟ ନିବାରିଣୀ  ସନ୍ଥର ପାଳିନୀ
ଦୟାମୟୀ ଭଗବତୀ,
ହାଟକ ବ୍ରହ୍ମାଣ୍ଡ  ହୁଏ ଖଣ୍ଡ ଖଣ୍ଡ
ଦିବସେ ଘୋଟଇ ରାତି ।
ଧରିତ୍ରୀ ଅମ୍ବର  ପାତାଳ ଗହ୍ୱର
ତୁମେ  ସର୍ବତ୍ର ରାଜିତ ,
ହୋଇଣ ସଦୟ  ଦିଅ ବରାଭୟ
ମହାମାରୀ ହେଉ ଲୁପ୍ତ ।
ସିଞ୍ଚି କୃପା ତୋୟ  ହୋଇଣ ସଦୟ
ଜୀବନ ରଖ ଜନନୀ,
ଶ୍ରୀ ପଦେ ଆଶରା  ମାଗେ ବିଶ୍ୱମ୍ଭରା
ମହିଷାସୁର ମର୍ଦ୍ଦିନୀ ।
ଜୟ ମାଁ ତାରିଣୀ----

ପାଯାବର
ମୋ ୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯନ୍ତ୍ର ଦାନବ



ଆୟୁଷ୍ମାନ ତ୍ରିପାଠୀ

ଭଗବାନ ସୃଷ୍ଟ ମନୋହର ଜଗତେ
ତୁ ଏକା ଶ୍ରେଷ୍ଠ ମରତେ,
ସୁନ୍ଦର ରଚନା ର ତୁ ପ୍ରତୀକ ଟେ
ନବ ଯୁଗର ତୁ ସତ୍ୟଟେ ।
ଧର୍ମ ର ସନ୍ତାନ ତୁ ମାନବ
କର୍ମ ର ପ୍ରତିଦାନ,
ଧର୍ମପଥ ରେ ସୃଜିଲୁ ଦାନବ
ଯନ୍ତ୍ର କୁ ଦେଲୁ ପ୍ରାଣ ?
କାଲିର ଦାନବ ଆଜିର ଯନ୍ତ୍ରାଶଂ
କରଇ ଧର୍ମ ର ନାଶ
ଶତବୁଦ୍ଧି ରଖିଥିବା ଏ ରୁଦ୍ରାଶଂ
ହାରଇ ଯନ୍ତ୍ର ର ପାଶ ।
ମାନବ ଅଟଇ ଶୋଣିତ ସନ୍ତାନ
ସବୁଠାରୁ ବଡ ଜ୍ଞାନୀ !
ଗର୍ବ ତାକୁ ଇ କରିବ ଖର୍ବ
କରିବ ହୀନମାନି ।

ଯନ୍ତ୍ର ଦାନବ ମନ୍ତ୍ର ପାଖେ ତୁ
ମାନ ନାହି ଆଜି ହାର୍
ତୁ ତ ଏଇ ମାଟି ମାଁ ର ମଣିଷ
କର ତାକୁ ନାରଖାର୍ ।
କୃତିମ ନର ର ବ୍ରହ୍ମାସ୍ତ୍ର ରେ
ମସ୍ତକ ନ କର ତଳ,
ଜାଗ ଆହେ ବୀର ମାନବ
ଶତ୍ରୁ କୁ କର ବିଫଳ ।
ତୋ ସାମ୍ନା ରେ ଛିଡାଅଛି ଆଜି
ମାନବ ର ସଇତାନ୍
ଛିନ୍ନ କର ତା ସବୁ ଶରୀର କୁ
ହେଇଯା ଇନ୍‌ସାନ୍ ।
ଚାରିଆଡେ ଆଜି ଶୁଭାଯାଉଅଛି
ଯନ୍ତ୍ର ର ଭୀମ ହୁଙ୍କାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଭୁଙ୍କ ର ଏତେ ସୁନ୍ଦର ଧରା କୁ
କରିଦେଉଛି ସେ ଚୁରମାର୍ ।
ପୃଥିବୀ କୁ କରଇ ପ୍ରଦୁଷଣ ଯୁକ୍ତ
ବାୟୁ କୁ ଅତି ବିଷାକ୍ତ
ନଦୀ ନାଳ ଜଳ ହୁଅଇ ଦୁଷାକ୍ତ
ଅନଳ ହେଲା ରକ୍ତାକ୍ତ ।
ମହାପବିତ୍ର ମନ୍ଦାକିନୀ ଧାରା
ହେଲା ଆଜି ଅତିଷ୍ଠ
ଯା ଜଳ ପିଇଲେ ଦେବତା ମଧ୍ୟ
ହେଉଥିଲେ ତିଷ୍ଠ ତିଷ୍ଠ ।
ସବୁଜ ଶ୍ୟାମଳ ନିକି ପରିବେଶ
ହୋଇଲା ସମୁଳେ ଧ୍ୱଂସ,
ରାମରାଜ୍ୟେ ହେଲା ସତୀ ଙ୍କ ହରଣ
ନାଶଇ ମାନବ ବଂଶ ।
ଯୁଗବ୍ୟାପି ଏଇ ସଂଗ୍ରାମ କୁ
କଲ ହେ ନିମନ୍ତ୍ରଣ !

ଏବେ ପୁଣି କାଇଃ ଯୁଦ୍ଧ ପାଇଁ
ସ୍ୱୀକାରୁନ ଆମନ୍ତ୍ରଣ ?
ରୁଧିର ଗଡାଅ ଲୁହ ହଜାଅ
ଆସ ହେ କର୍ମ କ୍ଷେତ୍ର
ଦାସତ୍ୱ ରୁ ମୁକ୍ତି ପ୍ରାପ୍ତି ର ଏହା
ଅଟେ ସୁଯୋଗ ମିତ୍ର ।
ଜାଗ ହେ ମାନବ ଜାଗିଉଠ ତୁମେ
ଯନ୍ତ୍ର କୁ କର ବିନାଶ,
ରାମରାଜ୍ୟ ସ୍ଥାପି ସ୍ୱଦେଶୀ ପାଳ ହେ
ବିଦେଶୀ କୁ କର ଶେଷ ।
ଏ ତରୁଣୀ ଧରା ର କୋମଳ ଶରୀରୁ
ହଟାଅ ଏ ଲୌହ ପାଦ,
ଲୌହ ମାନବ କୁ ଧରା ପୃଷ୍ଠ ରୁ
ନାଶ କର ହେ ଦେବଦ ।
ସୃଷ୍ଟି କର ନିଜର ଏକ ନବ ସୃଷ୍ଟି
କର ମଧୁର ସଂସାର,
ଧର୍ମ ପଥ ରେ ପଥିକ ହୋଇ
କର ସତ୍ ଆଚାର ।

ସିନ୍ଧେକେଲା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆଣୀ ମୁଁ ଆସିଛି



ଗୌରୀ ପଣ୍ଡା

ଅନାଦି, ଅନନ୍ତ ନାହିଁ ତ ସୀମାନ୍ତ
ଏ ବିଶ୍ୱ ଦିଗନ୍ତ, ନାହିଁ ତା'ର ଅନ୍ତ ।୧ !
ଜ୍ଞାନୀ,ଗୁଣୀ, ସନ୍ଥ,ତା ଗର୍ଭ ରୁ ଜାତ
ସିଞ୍ଚିଛନ୍ତି କେତେ ଝର ସ୍ନେହସିକ୍ତ ।୨
ମନ ତାର ଶାନ୍ତ, ହୁଏ ନାହିଁ କ୍ଲାନ୍ତ
ତା ବିନା ଏ ଧରା, ସର୍ବଦା ଅଶାନ୍ତ ।୩
ମାତା,ଭଗ୍ନୀ, ଝିଅ ଜାୟା ପ୍ରେମସିକ୍ତ
ନାରୀ ସେ ଅଟଇ ମୋହିଥାଏ କାନ୍ତ ।୪
ଉତ୍କଳ, ଓଡ଼ିଶା ପ୍ରଦେଶେ ଜନ୍ମିତ
ଲକ୍ଷ୍ମୀ, ସରସ୍ୱତୀ ନାମରେ ମୁଁ ଖ୍ୟାତ ।୫
ଓଡିଆଣୀ ଭାବେ ମୁହିଁ ପରିଚିତ
ପଖାଳ, ପିଆଜ,ଶାଗରେ ମୁଁ ପ୍ରିତ ।୬

ପରିବାର ମୋର ସାଥି, ସହୋଦର
ଚଳାଇ ଥାଏ ମୁଁ ନ ହୋଇ କାତର !୭
ଏ ରାଜ୍ୟେ ଆସିଛି ମହାବାତ୍ୟା କେତେ
ସାହାସ ବାନ୍ଧିଛି ଜୀବନରେ ସେତେ ।୮
ଦେଖିଛି ଏ ଆଖି ମହାମାରୀ ନାନା
ପାରିନି ଡରାଇ ମୋତେ ଏ କରୋନା ।୯
ଓଡିଆଣୀ ମୁହିଁ ଆସିଛି ଆହ୍ୱାନ
ଚାଲିବ କେମିତି ଜୀବିକା, ଜୀବନ ?୧୦
ଆଜି ମୋ ରାଜ୍ୟରେ ସ୍ଥିତି ଦୁର୍ଦ୍ଦନର
ଭାଙ୍ଗି ଦେଲା ହାଡ,ମାଡ କରୋନାର ।୧୧
ଆସୁ ପଛେ ଯେତେ ଝଡ,ଝଞ୍ଜା, ବାତ୍ୟା
ଏ ମାଟି,ପବନ ମୁହିଁ ତା ଅଗତ୍ୟା ।୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାଲୁଥିବି ସଦା ଏ ମାଟିର ସାଥେ

ଓଡିଆଣୀହୋଇ,ଓଡିଶାର ପଥେ ।୧୩

ନିଶ୍ଚେ ଘୁଞ୍ଚିଯିବ, ସ୍ଥିତି ସୁଧୁରିବ

ଆମ ଏ ଦୁର୍ଦ୍ଦିନ ସଦା ନ ରହିବ ।୧୪

ଚାଲିବାର ଅଛି ପଥ ବହୁଦୂର

ଥିବେ ମୋ ସାଥିରେ ରାଜ୍ୟ, ପରିବାର ।୧୫

ଖଟିବୁ ଖାଇବୁ, ଖୁସିରେ ରହିବୁ

ପ୍ରଭୁଙ୍କର ନାମ ମନରେ ଜପିବୁ ।୧୬

ସେଇ ଜଗନ୍ନାଥ ଜଗତର ନାଥ

ନିଶ୍ଚୟେ ରଖିବେ ତାଙ୍କ ଏ ଜଗତ ।୧୭

ଓଡିଆଣୀ ଆଜି ମୁହିଁ ଗରବିତ

ଦେଖିବ ଏ ବିଶ୍ୱ କରିବି ଚକିତ ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା



ସମ୍ୟଜିତ ପାତ୍ର

ତୁମେ ଆସିବ ବୋଲି
ଶୁଣିକି ଯେ ମୁଁ ଆନନ୍ଦ ହୋଇଗଲି ।
ଚାହିଁ ରହିଛି ତୁମ ପଥକୁ
ଆଖିରେ ଭରି ଶ୍ରାବଣ ବାରି ।

ଅପେକ୍ଷାର ପ୍ରଦୀପ  ଜଳି ଜଳି ଲିଭେ ଆଜି,
ମନ ବଗିଚାର କୁସୁମ ମୋହର ଯାଇଛି ଆଜି ହଜି ।
ଝରେ ଲୁହ ଦୁଇଧାର ପୁଣି ଶୁଖିଯାଏ
ହେଲେ ତୁମକୁ ପାଏନା ମୁଁ ଖୋଜି ।

ତୁମରି ସ୍ମୃତି ମୋ ପାଇଁ ଲାଗେ ସେ ଗୋଲାପର ଫୁଲ,
ଏବେବି ମନେ ଉତ୍ତାଳ ଖେଳେ ତୁମ ମୁଖର ହସ ଝଲମଲ ।
ସ୍ୱପ୍ନ ବିଭୋରରେ ହୋଇ  ଖୋଜିବୁଲେ
ତୁମର କି ମୋ ଅବସ୍ଥା ପ୍ରତି କିଛି ଆଶଂକା ଥାଏ ।

ମନେ ଆଉ ନାହିଁ ଆଶା ତୁମେ ଫେରି ଆସିବ ବୋଲି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ଫେରିବା ବାଟକୁ  ଆଉ ଲାଭ ନାହିଁ ବୋଲି ଆଜି ମୁଁ ଜାଣିଗଲି ।

ସମୟ ଡାକୁଛି ହାତଠାରି ମୋତେ ,

ତଥାପି ଅପେକ୍ଷା କାଳେ  କି ତୁମେ ଫେରିବ ସତେ ।

ଗ୍ରାମ/ପୋଷ୍ଟ- ଗଡିଆ, ପିନ-୭୫୭୦୨୪

ଜି- ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ସଂଯୁକ୍ତା ମହାପାତ୍ର

ତୁମଠୁ ଆରମ୍ଭ ମୋହର ସଂସାର,
ତୁମେ ସାଥେ ଥିଲେ ଦୁଃଖର ଶେଷ,
ତୁମକୁ ପାଇ ମୁଁ ପାଇ ଅଛି ସବୁ
ମନେ ନାହିଁ କିଛି ଅବଶୋଷ ।

କେବେ ଯଦି କିଛି ଭୁଲ କରିଦିଏ
କହି ଦେବ ମୋତେ ସତ କରି,
ରାଗ ରଖିବନି ମନରେ ତୁମର
ସଜାଡି ନେବି ମୁଁ ଉଜୁଡା ଡୋରି ।

ତୁମେ ମୋର ପ୍ରିୟ ମୁଁ ପ୍ରିୟତମା
ତୁମ ସଙ୍ଗେ ପଥ ଚାଲୁ ଥିବି,
ତୁମ ହୃଦୟର ରାଜ ଉଆସରେ
ତୁମରି ମନ ରାଣୀ ସାଜି ଥିବି ।

ଜୀବନର ଏଇ ଚଲା ପଥେ ସାଥୀ
ଯେବେ ପାଦ ମୋର ଥକି ଯିବ
ଆଉଜାଇ ନେବ ଛାତିରେ ତୁମର
ମଥାରେ ମୋ ପ୍ରିତି ପରଶ ଦେବ ।

ମାଗିବନି କେବେ ସରଗର ଚାନ୍ଦ
ଅବା ସୁନା ରୂପା ହୀରା ମୋତି,
ଲିଭି ଯାଉ ମୋର ଜୀବନର ଦୀପ
ହସି ଖୁସି ତୁମ କୋଳରେ ସାଥୀ ।

ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ



ଚିତ୍ତରଞ୍ଜନ ବାରିକ

ପୂର୍ବାକାଶେ ବାଳରବି ଅପରୂପ ଉଷା ଛବି
ଆଙ୍କି ଦେଇଅଛି ଯେହ୍ନେ ମାନସ ହସ୍ତେ,
ବିଛାଇ କଂସାରି ଲତା ଶେଫାଳୀ ଶିଶିର ସ୍ନାତା
କରେ ସେ ଉଷା ବନ୍ଦନା ଆନନ୍ଦ ଚିତ୍ତେ,
ହାତେ ଧରି ଔତ୍ସୁକ୍ୟ ମୋତି
ଅନୁପଲା ଦେଖାଏ ତା' ବାତ୍ସଲ୍ୟ ପ୍ରୀତି । ।୧ ।

ପଶ୍ଚିମୁ ଆଦ୍ୟ ପାଇକା ତୀରରେ ହସଇ ମକା
କ୍ଷେତ ଦିଶେ ଯେହ୍ନେ ଛାୟା ମିଶ୍ରିତ ଛବି,
ନବବଧୂ ସ୍ନାନ ସାରି ଲାଜକୁଳି ଲତା ପରି
ଯାଆନ୍ତି ନିଜ କୁଟିରେ ବିଭୁଙ୍କୁ ଭବି,
ଅଗଣାରେ ଚିହ୍ନ ପାଦର
ସେହି ପାଦ ଚିହ୍ନ ଅଟେ ଗ୍ରାମଲକ୍ଷ୍ମୀର । ।୨ ।

ଧର୍ମପୀଠ ବେଲବଣେ ଉତ୍ତରରେ ମନ ଜିଣେ
ପାଖେ ଧାନ କ୍ଷେତ ତା'ର ପଣତ କାନି,
ସୂର୍ଯ୍ୟମୁଖୀର ଚାହାଣୀ ମନ୍ଦିରରୁ ଶଙ୍ଖ ପୁଣି
ଅତିଥୀ ଚର୍ଚ୍ଚାରେ ଅଟେ ସେ ତେଜସ୍ୱିନୀ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡାକିଦେଇ କାକର ସ୍ୱରେ

ତନ୍ଦ୍ରାତୁର ପିଲାଙ୍କୁ ତା' ଜାଗ୍ରତ କରେ ।  । ୩ ।

ପାଇକା ନଦୀ ଦକ୍ଷିଣେ ତୀରେ ସ୍ୱର୍ଣ୍ଣରେଣୁ ବୁଣେ

ବାଣ୍ଟିଦେଇ ତା' ଅମୃତ ସନ୍ତାନ ହିତେ,

କୂଳେ କାଶତଣ୍ଡି ଉଭା ଆହାକି ବିଚିତ୍ର ଶୋଭା

ଶରତେ ହିମ ହରିଣି ଜଗତ ନେତ୍ରେ,

ଶିରେ ପିନ୍ଧି କାଶଗଜରା

ଅନୁପଲା ଗାଏ ଗୀତ ଆବେଗ ଭରା ।  । ୪ ।

ଗ୍ରାମ : ଅନୁପଲା, ପୋ: ଅନ୍ତେଇ,

ଥାନା : ତିର୍ତ୍ତୋଲ, ଜିଲ୍ଲା : ଜଗତସିଂହପୁର

ପିନ୍ : ୭୫୪୧୭୭

ମୋ : +୯୧୯୮୬୧୬୪୭୦୮୫

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ତମ ସ୍ମୃତି



ନେପାଳ କୁମାର ବେହେରା

ପ୍ରୀୟେ ତମ ସ୍ମୃତି କିଆଁ
ବିଦାରିତ କରେ ମୋର
କୋମଳ ହୃଦକୁ ଆଜି,,
ଚକ୍ଷୁବେନି ଅବିରତେ
ଝରାଏ ଯେ ଅଶ୍ରୁ ଧାର
ପ୍ରଖର ନଇଟେ ସାଜି ।।

ସ୍ମୃତି ସବୁ ସାଇତିଛି
ଦରଭଙ୍ଗା ହୃଦୟେ ମୋ
ପଢିବାକୁ ନିତି ଖୋଲି,,
ଅଧାଲେଖା ଗଳ୍ପ ଆମ
କ୍ଷୂର୍ଣ୍ଣ ଅଛି ତମ ବିନୁ
ଏକା ମୁଁ ପାରୁନି ତୋଳି ।।

କଣ୍ଟକିତ ପଥ ଏଇ
କେମିତି ପାଦ ଥାପିବି
ତୃପ୍ତି ତମ ହାତ ଛାଡି,,
ଜଳୁଛି ମୁଁ ବୈଶାଖୀରେ
କାଳେ ତମେ ଛାଇ ହୋଇ
ନେଇ ଯିବ ମୋତେ ଭିଡି ।।।

ଚାତକ ପରି ଚାହିଁଛି
ନୀଳବର୍ଣ୍ଣ ଆକାଶକୁ
କେବେ ଢାଳିଦବ ବାରି,
ଗୋଟେ ଛତା ତଳେ ଆମେ
ଅଧା ଭିଜା ଯଉବନେ
କିଛି ନ ଥିବ ଖାତିରି ।।

ଆମ ସ୍ମୃତିସବୁ ଯେତେ
ଲେଖିଲେ ତ ସରୁନାହିଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବହିଯାଏ ନଈ ପରି,,

କେଇଧାଡି ସ୍ମୃତି ପୁଣି

କବିତାର ରୂପଦେଇ

କଲମରେ ଦେଲି ଘାରି । ।

କଲମରେ ଦେଲି ଘାରି । ।

Author : nepalbehera97@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ କାହା ପଞ୍ଜୁରୀର ଶାରୀ



ସୁଶାନ୍ତ କୁମାର ଧଳ

ଆମ ସମ୍ପର୍କର ଡାଏରୀରୁ
ଫର୍ଦ୍ଦେ ଫର୍ଦ୍ଦେ ଗଲାଣି
କେବେଠାରୁ ଚିରି,
ଏଇ ଯେ ନିଶ୍ଚିହ୍ନ ପ୍ରାୟ ମାତ୍ର
ବଞ୍ଚି ରହିଚି ଗୋଟିଏ
ସ୍ମୃତି ଚ଼ିହ୍ନ ପରି ।

ସେଦିନ ବଜାରରେ ଅଚାନକ
ତୁମର ମୋର ଦେଖା,
ଆଖିରେ ମିଶିଲା ଆଖି
ହେଲେ କରିଲ ଉପେକ୍ଷା ।

ଭାବିଥିଲି କିଛି କହିବ
କେମିତି ଅଛି ପଚାରିବ
ହେଲେ ତୁମେ ଥିଲ ନୀରବ
ବୋଧେ କଥାହେବା ତୁମପକ୍ଷେ
ନଥିଲା ସମ୍ଭବ ।

ମନର ଉତ୍ସୁକତାକୁ
ଚାପି ମୁଁ ନପାରି
ଆଉ ବେଶୀ କାଳ
ନକରି ମୁଁ ଡେରି
ମୋ ଆଡୁ କହିବାକୁ
ଉଦ୍ୟତ ହୁଅନ୍ତେ
ଦେଖିଲି ଉଭା ଏକ ଯୁବ
ତୁମ ବାମ ପ୍ରାନ୍ତେ ।

ନବ ଭ୍ରମର ସେ
ଯୁବକ ପ୍ରବୀର
ବାହୁରେ ବାନ୍ଧିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମର ଶରୀର ।

ରୋକିଦେଲି ପାଦ

କେମିତି ଦେଖିଥାନ୍ତି ତୁମକୁ

କାପାଶେ ଆବଦ୍ଧ

ସେଦିନ ବଜାରରୁ ଫେରି

ମନ ଆଲମାରିରୁ

କାଢ଼ି ମୁଁ ଡାଏରୀ

ସମ୍ପର୍କର ଶେଷ ଫର୍ଦଟିକୁ

ଦେଲି ମୁହଁ ଚିରି

ଜାଣିଲି ସାଜିଛ ତୁମେ

ଆଉ କାହା ପଞ୍ଜୁରୀର ଶାରୀ ।

ସୁଶାନ୍ତ କୁମାର ଧଳ

ବ୍ରାହ୍ମଣୀକୁଳ, ଦଶରଥପୁର,

ଯାଜପୁର -755006

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମସୁଖ



ପୁଷ୍ପାଞ୍ଜଳୀ ପଣ୍ଡା

ତମକୁ ଥରେ ଦେଖିଦେଲେ

ମନ ଟା କୁରୁଳିଯାଏ

ତରଳିଯାଏ ।

ପାପୁଲିରେ ପୁଞ୍ଜା ପୁଞ୍ଜା

ସୁଖ ଭର୍ତ୍ତି ହୋଇଯାଏ ।

ତମକୁ ଦେଖିଲା ପରେ

ଜାଣିଲି ,

ଥରୁଟେ ଦେଖିଦେଲେ ବି

ପାଇହେଇଯାଏ

ଗୋଟେ "ଆତ୍ମସୁଖ" ।

ଛୋଟ ହୋଇଯାଏ

ଅନ୍ତରର ସବୁ ଶୁନ୍ୟତା

ସବୁ ଅପ୍ରାପ୍ତି ଓ ସବୁ ଦୁଃଖ ।

ତମାମ୍ ଜୀବନରେ

ତୁମ ସହ ଦେଖା

ମୋଡ଼ ବଦଳେଇଦେଲା ।

ସବୁ ଦେଖାଣିଆ ଖୁସୀ,ଅହଂ

"ମୋରପଣ""ମୋହ ପଣ"

କୁଆଡ଼େ ହଜିଗଲା ।

ଖାଲି ଦେଖିବାରେ ଯଦି

ଏ ଆବେଗ,ଭାବାବେଗ !

ଆଉ କି ଅଭିଯୋଗ !

ବାସ୍ ।ହେଇଗଲା ପରିପୂର୍ଣ୍ଣ

କଟିଯାଉ ସବୁ ଆକର୍ଷଣ

ମନାନାହିଁ ।

ମୁଁ ଅହଲ୍ୟା ହେବାର ଆଶା ବି ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତମକୁ ପାଇଗଲାପରେ

ଆଉ ଲୋଡ଼ା କଣ ! ଅଲୋଡା କଣ !

ବରଂ,ଏ ଦେଖିବାରେ

ଆତ୍ମସ୍ଥ ହେଇଯିବାରେ

ସବୁକିଛି ।

ନିଜକୁ ହଜେଇ ଦେବାରେ

ସବୁଅଛି ।

ଦେହ ,ମନ, ସବୁ ସଅଁପି ଦେବାରେ ସବୁଅଛି

ଖୁସି ଅଛି,ପ୍ରେମଅଛି

ନିଦ ଅଛି,ସ୍ୱପ୍ନ ଅଛି,

ସଜଡ଼ରେ ଚେତନାର

ସୃଷ୍ଟି ଅଛି ।

ତମକୁ ଥରୁଟେ ମୋ ଦେଖିବାରେ ଏତେ ସବୁ !

ଅଥଚ ,ତମେ ଥରେ ଦେଖିଦେଲେ

ସବୁତ ସରିଯାଆନ୍ତା.... ! !

ଡ଼ରିଯାଉଛ କି !

ସଂସାରଯାକର ବୋଝ ମୁଣ୍ଡେଇଛ ।

ଆଉ ଟିକେ ଅଧିକା ହେବ ବୋଲି

ଅଣଦେଖା କରୁଛ କି !

ଡ଼ରୁଥାଅ ।

ମୋର ନିଘା ନାହିଁ

ମୁଁ ତମକୁ ଥରୁଟିଏ ଦେଖିଦେଲେ

ମନଟା ଆହୁରି ଊର୍ଦ୍ଧ୍ୱଗାମୀ ହେଉଛି ।

ମୁଁ ଧୀରେ ଧୀରେ ତରଳି ଯାଉଛି ।

ପ୍ରେମମୟ,

ଆହୁରି ଗାଢ଼ ହେଇଯାଉଛି

ପ୍ରତୟ ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର

ଯାଜପୁର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଠାଏ ସପନ



ଅଜୟ କୁମାର ବେହେରା

ଗରୀବ ପଣ ମୋ
ନିତି ଉପହାସ ହୁଏ
ଆଖିର ଲୁହକୁ
ପିଇ ପିଇ ବଞ୍ଚିଥାଏ ।୧ ।

ମନରେ ଆସେ ମୋ
ଆହା କେତେ ଯେ ଭାବନା
ଦରିଦ୍ର ପଣରେ
ରହେ ତ ଅନୁସଚୋନା ।୨ ।

ଦୁଃଖ କରି ଆଉ
କି ଲାଭ ହୋଇବ ଭାଇ
ମନ କଥା ଯେବେ
ମନ ତ ବୁଝଇ ନାହିଁ ।୩ ।

ପାପ ପୂଣ୍ୟ ଏଠି
ହୁଏ ଯେବେ ଏକାକାର
ଖୋଜିଲେ ମିଳେ ନି
ସତେ ନ୍ୟାୟ କି ବିଚାର ।୪ ।

ମୁଠାଏ ସପନ
ମାଗିଥିଲି ମୁହିଁ ତୋତେ
ଅସରନ୍ତି ଦୁଃଖ
କାହିଁ ଦେଇଗଲୁ ମୋତେ ।୫ ।

ଭାବନାରେ ନିତି
ଆସୁ ଥାଉ ତୁହି ମୋର
ନିଶି ପାହି ଗଲେ
ଦିବସକୁ ରହେ ଡ଼ର ।୬ ।

ମୋରଡ଼ା, ମୟୂରଭଞ୍ଜ ।
ଭ୍ରାମ୍ୟଭାଷ : ୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ଦାନବୀ



ଆନନ୍ଦ ସାଗରିଆ

ଏ ଦାନବୀ !
ତୁ କାହିଁକି କରୁ ଏମିତି
ତୋ ଲାଗି କୋଢ କୋଢ ଲୋକ
ଭାଳି ହୁଅନ୍ତି ଦିବାରାତି ।୧

ତୁ ଜାଣୁକି ନା
ତୋ ଲାଗି ସଂସାର ଆତଯାତ
ତୋ ଲାଗି ପୃଥିବୀ ସର୍ବନାଶ
ତୋ ଲାଗି ମାନବର ଅବଶୋଷ ।୨

ତୋର ପ୍ରତିଟି କ୍ରୋଧ
ପୁରୁଷତ୍ୱ ନାଶ
ତୋର ଛନ୍ଦ, ଅହଙ୍କାରେ
ଗୁଟେ ସୁଖି ସଂସାରର ବିନାଶ ।୩

ଏ ଦାନବୀ !
ତୁ କାହିଁକି କରୁ ଏମିତି
ତୋର ସହଚରୀର ସୁଖ ହିଁ
ତୁ ନିଜେ ଲୁଟି ନେଉ
ଆଉ ତା'ର ପ୍ରତିହିଂସାରେ
ତୁ ଦିନ କାଟୁ ,
ତା ସହ ତୋ ସ୍ୱାମି ହା ! ପଦେ କହିଦେଲେ
ନାନା କଟୁ କଥା କହି
ତୁ ନିଜେ ହିଁ ତୋ ପ୍ରାଣନାଥକୁ
ହୀନ ଚକ୍ଷୁରେ ଦେଖୁ ।୪

ସେ ଯଦି ଦି ପଦେ କହେ
ତା ବାବଦରେ
ତୁ ରାଗ, ରୋଷ, ଅଭିମାନ ରଖି
ହଟ ହଟା କରିବସୁ
ଏ ଦାନବୀ
ତୁ କାହିକିଁ କରୁ ଏମିତି
କାହିଁକି କରୁ ?୫

ସ୍ନାତକୋତ୍ତର (ଓଡିଆ ଭାଷା ଓ ସାହିତ୍ୟ ବିଭାଗ)
ମୁଠାବଲି, ବ୍ଲକ୍- ବାଲିଗୁଡା, ଜିଲ୍ଲା- କନ୍ଧମାଳ
ଦୂରଭାଷା-୯୦୭୮୨୩୪୧୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଜେଜେମା'



ସୌଭାଗ୍ୟବତୀ ଗିରି

ଜେଜେମା' ମୋର ସ୍ନେହର ସାଗର
ମମତାର ନଦୀ ସିଏ
ଲେଖିବି ଲେଖିବି କେବେଠୁ ଭାବୁଛି
ତାଙ୍କ ପାଇଁ ପଦଟିଏ
କାଗଜକଲମ ଧରି ବସିଯାଇ
ଭାବେ ଯେବେ ତାଙ୍କ କଥା
ଲୁହର ଶ୍ରାବଣେ ଭିଜିଯାଏ ମୁହିଁ
ଘୁରିଯାଏ ମୋର ମଥା
ଜନ୍ମ ହେଉହେଉ ମୋ ଦେହରେ ଆଗେ
ବାଜିଥିଲା ଯାହା ହାତ
ଜେଜେମା' ନୁହଁ ସତେ କି ମୋ ପାଇଁ
ସରଗର ଦେବୀ ସେତ
ପିଲାଟି ଦିନରୁ କୋଳେଇ କାଖେଇ
ମଣିଷ ଆମକୁ କଲେ
ଭୁଲ୍ କଲେ ପୁଣି ଘଣ୍ଟାଘଣ୍ଟା ଧରି
ଆମକୁ ବୁଝାଉଥିଲେ
ବିଦ୍ୟାଳୟ ଅବା ଟିଉସନ ହେଉ
ଆମେ ପାଠପଢି ଗଲେ
ଆସିବା ପର୍ଯ୍ୟନ୍ତ ଦୁଆର ମୁହଁରେ
ବାଟ ଚାହିଁ ବସୁଥିଲେ
ବାପାମା' ଙ୍କ ଠୁ ଅଧିକ ଥିଲେ ସେ
କି କହିବି ତାଙ୍କ କଥା
ଯେତେ କହିଲେ ବି କମ୍ ପଡିଯାଏ
ଏମିତି ତାଙ୍କର ଗାଥା
ଜନ୍ମ ମୃତ୍ୟୁ ଅଟେ ସଂସାର ନିୟମ
କେ ପାରିବ ତାକୁ ଟାଳି
ସେଇ ନିୟମକୁ ପାଳନ କରି ସେ
ଦୁନିଆଁ ରୁ ଗଲେ ଚାଲି
ଆଜି ସେ ନାହାଁନ୍ତି ଆମ ଗହଣରେ
ଅଛନ୍ତି ସୂକ୍ଷ୍ମ ରୂପରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାଙ୍କ ଆଶୀର୍ବାଦ ହାତ ଦୁଇଟି ଯେ
ଅଛି ଆମରି ମଥାରେ
ଏକାନ୍ତରେ ଯଦି ଜେଜେମା' କଥା
କେବେ ମନେ ପଡିଯାଏ
ଅମାନିଆ ହୁଏ ଲୁହକୋହ ସବୁ
ଆଖି ମୋର ଭିଜିଯାଏ

ପଟ୍ଟାମୁଣ୍ଡାଇ
କେନ୍ଦ୍ରାପଡା
୭୭୩୫୯୩୩୭୩୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହସ



ସୁବ୍ରତ କୁମାର ଗିରି

ହସ ପରା ମାନେ ନାହିଁ ଶତ୍ରୁ କି ମିତ୍ର,

ହସ ଗୋଟେ ସରଳ ହୃଦୟର ଚିତ୍ର ।

ହସ ଜୀର୍ଣ୍ଣ କରିପାରେ କପଟତାକୁ,

ହସ ବି ଲୁଚାଇ ପାରେ ଦୁଃଖ ଚିନ୍ତାକୁ ।

ହସ ବତୁରାଇ ଦିଏ ହିଂସା କ୍ରୋଧ କୁ,

ହସ ସୃଷ୍ଟି କରେ ଆତ୍ମୀୟତା ବୋଧକୁ ।

ହସ ବେଶି ସୁନ୍ଦର ନା ବେଶ ସୁନ୍ଦର,

ହସ ମିଶା ବେଶ ବୋଧେ ବେଶି ସୁନ୍ଦର ।।

କନିଷ୍ଠ ଶିକ୍ଷକ,

ମୋବାଇଲ-୭୮୯୪୮୦୩୩୧୦

ତଳାପାତି,ଅଶନା, ମୟୂରଭଞ୍ଜ-୭୫୭୦୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଭୂତାଣୁ



ଶରତ ଚନ୍ଦ୍ର ଜାଲି

କରୋନା ଭୂତାଣୁ ଭୂତ ହୋଇ ଆସି
ଡରାଏ ସଭିଙ୍କୁ ଏବେ
ସବୁରି ଚିନ୍ତା ସେ ବଢେଇ ଦେଇଛି
ଧରା ଛାଡି ଯିବ କେବେ ?

ଖାଁ ଖାଁ ଲାଗେ ସହର ବଜାର
ବିଶ୍ୱ ଅର୍ଥନୀତି କ୍ଷତି
ବିଶ୍ୱ ବିପର୍ଯ୍ୟୟ ଘୋଷଣା ହୋଇଛି
ବିନାଶ ଦୁଆରେ କ୍ଷିତି ।

ଘରେଘରେ ସେଇ ଗୋଟିଏ ଚର୍ଚ୍ଚା
ସର୍କାରଙ୍କ ମୁଣ୍ଡବ୍ୟଥା
କେମିତି ତା'ସାଥେ ହେବ ମୁକାବିଲା
ସଜାଗ ହେବେ ଜନତା ।

ସ୍କୁଲ,କଲେଜ ବନ୍ଦ ହୋଇଲାଣି
ଜନତା କର୍ଫ୍ୟୁ ଜାରି
ମନ୍ଦିର,ମସଜିଦ ଯହିଁ ତହିଁ ଦେଖ
ସର୍ବତ୍ର ଶୂନ୍ୟତା ଭରି ।

ଦୂରଭାଷ ଆଉ ଦୂରଦର୍ଶନରେ
ଘନଘନ ଘଟଣାକୁ
ଦେଖି ଆଚମ୍ବିତ ବିଶ୍ୱ ମହାମାରୀ
ବିଶ୍ୱାସ ନାହିଁ ପ୍ରାଣକୁ ।

ବୈଜ୍ଞାନିକମାନେ ଗବେଷଣାରତ
କେବେ ଔଷଧ ଆସିବ
ଚାହୁଁଚାହୁଁ କେତେ ଅମୂଲ୍ୟ ଜୀବନ
ଅକାଳେ ସେ କି ନାଶିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା କଲାଣି କାୟା ଯେ ବିସ୍ତାର

ମାୟା ତାର ବୁଝି ନୁହେଁ

ବାୟା ହୁଏନା ସେ କରୋନାକୁ ଦେଖି

ସଚେତନ ଯିଏ ରୁହେ ।

ଆସ ଦେଶବାସୀ ଶପଥ ଯେ ନେବା

ସତର୍କ ହୋଇବା ସର୍ବେ

ସ୍ୱଚ୍ଛ ଭାରତକୁ ବଜାୟୀ ରଖିବା

ହସିବା,ନାଚିବା ଗର୍ବେ ।

ସ୍ୱଚ୍ଛମନ୍ତ୍ର ତୁଣ୍ଡେ ଗାଇବା,କହିବା

ହୃଦୟରେ ହେବା ଗୁଣି

କରୋନା ଭୂତାଣୁ ଡରି ପଳାଇବ

ସ୍ୱଚ୍ଛମନ୍ତ୍ର ନାରା ଶୁଣି ।

ପଥରା,ଖଲ୍ଲିକୋଟ,ଗଂଜାମ

ମୋ-୭୮୨୩୯୧୭୬୫୧

Magazine Downloaded from www.aahwaan.com

# ଆତ୍ମବିଶ୍ୱାସ



ଲୀଳାମୟ ଶତପଥୀ

ଝର ଝର ନୀର ତୁ ନିର୍ଝର ନଦୀ ର
ଲଂଘିଯିବୁ ସାତ ପାହାଡ଼
ଧୈର୍ଯ୍ୟ ଧର୍  ଆରେ ଚାତକ ପକ୍ଷୀ ତୁ
କାଇଁ ଏତେ ହଡ ବଡ଼ (୧)

ସେଇ ନିର୍ଝର ନଦୀ ର ଶୁଖିଲା ପ୍ରାନ୍ତର
ତୁ ଏକା ଜୀବନ୍ତ ଶାମୁକା
ଅତୀତ କୁ ଭୁଲି ଭବିଷ୍ୟ କମାର୍ଥେ
ତୋତେ ଲଢ଼ିବାକୁ ହେବ ଏକା (୨)

ଶିଖର କୁ ତୋତେ ଛୁଇଁ ବାକୁ ହେଲେ
ଶିଖି ବାକୁ ପଡେ କିଛି
କର୍ମ କ୍ଷେତ୍ର ପାଇଁ  ସମର୍ପିତ ହୋଇ, ବଢ଼ିଚାଲ
ଆଗେ ସମୟ ସରିନି ଅଛି (୩)

ସୁପ୍ତ ଅବସ୍ଥା ରେ ଦେଖି ପାରିବୁନି
ଉଜ୍ଜ୍ୱଳ ରବିର ଉଦୟ
ସ୍ୱପ୍ନରାଇଜର  ରଙ୍ଗୀନ୍  ଛବିଟି,  ଆଙ୍କିବାକୁ ଲାଗେ
କାହିଁ କେତେ ଅବା ସମୟ (୪)

ସୁନ୍ଦର ଗୋଲାପ ପାଇବାକୁ ହେଲେ
କଣ୍ଟା ଠିଆ ହୁଏ ବାଧା ସାଜି
ଜୀବନ ଯୁଦ୍ଧ ରେ ଜିତି ବାକୁ ହେଲେ
ହାରିବାକୁ ହୁଏ ଅଳ୍ପ କେତେଟା ବାଜି (୫)

ଚାଲିଛୁ ଝୁଣ୍ଟିଛୁ ପଡିଛୁ ଗଡ଼ିଛୁ
ହେଲେ ଚାଲିବା ତୁ ଛାଡ଼ି ନାହୁ
ବିଫଳତା ଦିନେ ସଫଳତା ଆଣେ
ଯେପରି ତୁ ଭୁଲି ନଯାଉ(୬)

ଗ୍ରା- କାଛିସାହି, ଅରଣ୍ଡୁଆ
ବାସୁଦେବପୁର, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ପୁଷ୍ପଲତା ସାହୁ

ସ୍ୱପ୍ନ ରାଇଜରେ ଘର କରିଥିଲେ
ଆକାଶ ପୃଥିବୀ ସାକ୍ଷୀ
ଏକାଠି ରହିବା ଜୀବନଟା ସାରା
କଥା ଦେଇ ହାତ ରଖି ।।
ସ୍ୱପ୍ନ ଦେଖେଇଲ ପଞ୍ଜୁରୀ ବି ଦେଲ
ବାନ୍ଧି ହେଲି ତୁମ ପ୍ରେମେ
ଉଡିବା ଛାଡି ମୁଁ ପୋଷା ମାନିଗଲି
ଗହନ ପ୍ରେମର ବନେ ।।
ଅଧର ରୁ ତୁମ ଶୋଷି ନେଇ ମଧୁ
ତୁମ ସାଥେ ହେଲି ବାଇ
ନିଜକୁ ହଜାଇ ତୁମରି ସ୍ୱପ୍ନ ରେ
ବାଟ ବଣା ଗଲି ହୋଇ ।।
ତୁମେ ଚାଲି ଗଲ ତୁମରି ବାଟରେ
ରହିଛି ତୁମରି ସ୍ମୃତି
ତୁମ ସେ ସ୍ମୃତିକୁ ପାଥେୟ କରି ମୁଁ
ଜୀବନ କାଟୁଛି ନିତି ।।
ଜୀବନ ପଥରେ ଅମଡ଼ା ବାଟରେ
ଥକି ପଡିଲିଣି ଚାଲି
ଜୀବନ ଟା ଖାଲି କଣ୍ଟକିତ ପଥ
ପାଦ ତଳେ ଚୋରାବାଲି ।।
ଖସି ଖସି ଯାଏ ପାଦ ତଳ ବାଲି
ପଶି ପଶି ଯାଏ ପାଦ
ଅନ୍ଧକାର ମୟ ଅତୀତ ସମୟ
ଚାଖିଲି ଜୀବନ ସ୍ୱାଦ।।
ରାତି ଆସିଗଲେ ମନେ ପଡ ତୁମେ
ସାଉଁଟେ ତୁମରି ସ୍ମୃତି
ସପନରେ ଆସି ଧରା ଦିଅ ନାହିଁ
ଚାଲି ଯାଅ ବାଟ କାଟି ।।
ସପନପରୀ ମୋ ସପନ ଶଯ୍ୟାରେ
ସାଜିବ ଅଳକା ନନ୍ଦା
ତୁମେ ମୋ ସ୍ୱପ୍ନର ସୁନେଲି ସନ୍ଧ୍ୟା ରେ
ପୁଷ୍ପିତ ରଜନୀଗନ୍ଧା ।।

ସହକାରୀ ଶିକ୍ଷୟିତ୍ରୀ, ମକୁନ୍ଦପୁର ଉ ପ୍ରା ବିଦ୍ୟାଳୟ
ଜଗତସିଂହପୁର, ଫୋନ - ୯୬୫୮୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନକଲି ପ୍ରେମରେ



ଶୁଭକାନ୍ତ ସାହୁ

ନକଲି ପ୍ରେମରେ ଶାସନ ଖସେ
ନକଲି ପ୍ରେମରେ ଅଜ୍ଞାନ ରସେ ।।
ନକଲି ପ୍ରେମରେ ଅଶାନ୍ତି ଆସେ
ନକଲି ପ୍ରେମରେ ଶ୍ରମଟି ନାଶେ ।।
ନକଲି ପ୍ରେମରେ ଯନ୍ତ୍ରଣା ମିଳେ
ନକଲି ପ୍ରେମରେ ଜୀବନ ଯାଏ ।।
ନକଲି ପ୍ରେମରେ ନରକ ଗତି
ନକଲି ପ୍ରେମରେ ମିଳେନା ଶାନ୍ତି ।।
ନକଲି ପ୍ରେମରେ ବାଟଟି ହୁଡେ
ନକଲି ପ୍ରେମରେ ମିତ୍ରକୁ ଛାଡେ ।।
ନକଲି ପ୍ରେମରେ ବିଷାଦ ବଢେ
ନକଲି ପ୍ରେମରେ ବନ୍ଧୁତା ଛିଡେ ।।
ନକଲି ପ୍ରେମରେ ମିଳେନା ମୁକ୍ତି
ନକଲି ପ୍ରେମରେ ଥିଲେ ଆସକ୍ତି ।।
ନକଲି ପ୍ରେମରେ ସଭିଏଁ ବାୟା
ଧନ୍ୟ ବିଧାତାଙ୍କ ସୃଷ୍ଟିର ମାୟା ।।

ଗ୍ରାମ/ ପୋଷ୍ଟ : ଖଲଡି
ଭାୟା/ଥାନା : ଉଦଳା
ଜିଲ୍ଲା: ମୟୁରଭଞ୍ଜ
ପିନ: ୭୫୭୦୪୧
ଦୂରଭାଷ: ୯୮୫୩୩୭୦୧୫୭

Magazine Downloaded from www.aahwaan.com

# ସ୍ମୃତି ତାର...



ଅଂଶୁମାନ ଦାସ

କିଛି ସ୍ମୃତି ମନେ ପଡେ ଆଜି ବିତିଲା ଦିନର
ସ୍ୱପ୍ନ ଥିଲା ଯାହା ମୋ ପାଇଁ କରିଲୁ ତୁ ସତ ।

କିଛି କଥା ମନେ ପଡେ ଆଜି
ସେ ପ୍ରଥମ ଦେଖାର ।
ଚାହିଁ ଦେଲେ ତା ଆଖିକୁ ଥରେ
କାହିଁ ଲାଗୁଥିଲା ଡର ।

ମନ ହଜିଥିଲା ମୋର
ଯେବେ ଶୁଣିଥିଲି ମିଠାମିଠା କଥା ତାର ।
ନିଦ ହଜିଥିଲା ମୋର
ଯେବେ ପାଇଥିଲି ପ୍ରଥମ ସ୍ପର୍ଶ ତାର ।

କିଛି ସ୍ୱପ୍ନ ଲାଗୁଥିଲା ଯାହା ହେଇଗଲା ସତ
କିଛି ସ୍ମୃତି ମନେପଡେ ଆଜି ବିତିଲା ଦିନର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭକ୍ତବତ୍ସଳ



ସୁନନ୍ଦ ତ୍ରିପାଠୀ

କାହାକୁ କରିଛୁ ଧନୀ, ମାନି, ଜ୍ଞାନୀ
　　କାହାକୁ ଦାଣ୍ଡ ଭିକାରି
ତୋ ବିନା ତୋ ଲୀଳା କେ ପାରିବ ଜାଣି
　　ପ୍ରଭୁ ଗୋଲାକବିହାରୀ ।।

ପୂର୍ଣ୍ଣ ରୂପେ ଯିଏ କରେ ସମର୍ପଣ
　　ନିଜକୁ ପାଖେ ତୋହରି
ଶୁଣି ତାର ଡାକ ଚାଲି ଆସି ପାଖ
　　ତା ଦୁଃଖ କୁ ଦେଉ ହରି ।।

ଲଭି ନ ପାରଇ ତୋ କରୁଣା ଯା'ର
　　ହୃଦେ ଗର୍ବ,ଅହଂକାର
ନିଷ୍କାମ ଭକତି କରିଥାଏ ଯିଏ
　　ହୋଇଯାଉ ଦାସ ତାର ।।

ବାରଂବାର କ୍ଷମା କରୁ ଅନ୍ୟାୟି କୁ
　　ଦେଖାଇଥାଉ ସତ୍ମାର୍ଗ
ଦଣ୍ଡ ଦେବାପାଇଁ ବାଧ୍ୟ ହେଉ ପୁଣି
　　ତେଜି ନ ପାରିଲେ ଗର୍ବ ।।

ଯୋଗୀସର୍ଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଳନ



ସିଦ୍ଧେଶ୍ୱର ତ୍ରିପାଠୀ

ଚିକିମିକି ତୋର ଚମକ ଚେହେରା
ଯଉବନ ମଖା ଅଙ୍ଗ
ମିଠା ମିଠା ତୋର ପୀରତିର ଭାଷା
ବୋଲିଦେଲା ପ୍ରେମ ରଙ୍ଗ ।

ଘାରିଲା ଯେବେଠୁ ଏଦୁଇ ମନକୁ
ଭଲପାଇବାର ନିଶା
ଦୁଇ ଓଠ ମିଶି ନୀରବେ କହିଲେ
ସେ ନୂଆ ଋତୁର ଭାଷା ।

ବହୁ ଦିନର ଏ ନିସଙ୍ଗ ଜୀବନ
ପାଇଗଲା ଗୋଟେ ସାଙ୍ଗ
ଚିକିମିକି ତୋର ଚମକ ଚେହେରା
ଯଉବନ ମଖା ଅଙ୍ଗ ।

ଯେତେ ଥିଲା ଏଇ ଦେହର ଦହନ
ନିମିଶରେ ଦେଲୁ ଧୋଇ
ମନ ଅଗଣାର ଚଉ ପାଖ ଶାରା
ଫୁଲରେ ଦେଲୁ ସଜେଇ ।

ସେଇ ତୋ ଠିକଣା ହେଲା ମନ ଜିଣା
ସୀମାନ୍ତ କଳିଙ୍ଗ ବଙ୍ଗ
ବହୁ ଦିନର ଏ ନିସଙ୍ଗ ଜୀବନ
ପାଇଗଲା ଗୋଟେ ସାଙ୍ଗ ।

କୁଣ୍ଡିଲୋ, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିଅଁ, ତୁମେ ସୁନ୍ଦର



ରାମ ପ୍ରସାଦ ସିଂହ

କଳା ମୁହେଁ ଶୋଭା କାଳିଆ ଠାକୁର
ଚୋରେଇ ନିଏ ସଭିଙ୍କୁ,
ଆପଣାର ଲାଗଇ ଭାବ ଭକ୍ତିରେ
ମନ ତାଙ୍କରି ପାଖକୁ ।।

ଦିବ୍ୟ ସୁନ୍ଦର ଚମକ ଶ୍ୱେତଭରା
ଆହା ସେଇ ଦିଅଁରୂପ,
ଥରିଏ ଚାହାଣିରେ ଭରେ ହୃଦୟ
ଦୂରେଇ ଯାଏ ତ ପାପ ।।

ସବୁରି ନୟନେ ତୁମେ ମଧୁମୟ
ତୁମେ ହିଁ କାଳିଆ ଦିଅଁ,
ଭରିଯାଏ ମନେ ପୂର୍ଣ୍ଣ ଭାବରସ
ତୁମରି ଦର୍ଶନେ କୁହ ?

ସୁକରପଡ଼ା, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳଙ୍କିନୀ



ଗଣେଶ ଦାସ

ମାତୃ ଜରାୟୁ ରୁ ଭୂମିଷ୍ଠ ପରେ

ମୋ ବାପା କନ୍ୟାଦାନ ପାଇଁ ଆଶା ବାନ୍ଧିଥିଲେ

ମାଆ କୋଳରେ ଅଲିଅଳରେ ଶୈଶବ ବିତେଇ

ଯୌବନରେ ପାଦଥାପି ମୁଁ ଦେଖୁଥିଲି

କୂଳବୋଧୂ ହେବାର ସ୍ୱପ୍ନ

ହେଲେ ବିଧିର ବିଧାନ ଥିଲା ମୋ ପାଇଁ କିଛି ଅଲଗା

ସୃଷ୍ଟିକର୍ତ୍ତା ମୋତେ ଅନାଥିନୀ ସଜେଇ

ମୋ ନିଜ ଲୋକଙ୍କୁ ନେଇଗଲେ

ଏଇଠୁ ଆରମ୍ଭ ହେଇଗଲା ମୋ ଜୀବନର ସଂଘର୍ଷ

ଦେଖିଥିବା ସ୍ୱପ୍ନ ସବୁକୁ ବାକ୍ସରେ  ପୁରେଇ ବାହାରିଥିଲି

ଏତେ ବଡ଼ ଦୁନିଆଁରେ ସାହାରା ଖୋଜିବାକୁ....

ଶେଷରେ ନୟାନ୍ତ ହେଇ ନିଜ ପେଟର ଭୋକ ମେଣ୍ଟଇବା ପାଇଁ

ମେଣ୍ଟେଇଲି ଆଉ କାହା ଦେହର ଭୋକକୁ ।

ସେବେଠୁ ରାତି ମୋ ଲାଗି ମାହେନ୍ଦ୍ରବେଳା  ।

ରାତିହେଲେ ବହଳ ମେକପ୍ ମାଖି, ଦେହେ ଅତର ଲଗେଇ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କବରୀରେ ରଜନୀଗନ୍ଧା ଖଞ୍ଜି

ଗ୍ରାହକ ପାଇଁ ପ୍ରସ୍ତୁତ ହୁଏ ।

ଆଉ କିଛି ନୋଟ ପାଇଁ ଲଟେଇ ଦିଏ

ମୋର ସବୁତକ ସ୍ୱାଧୀନତା ପର ପୁରୁଷ ପାଖରେ ।

ଅନେକ ପୁରୁଷ ଆସନ୍ତି ରାତିକୁ ରଙ୍ଗୀନ କରିବା ପାଇଁ ,

ନିଜର ଯୌନ ପିପାସା ମେଣ୍ଟେଇବା ପାଇଁ ,

ତିଳ ତିଳ କରି ଉପଭୋଗ କରିଚାଲନ୍ତି ମୋ ନରମ ପଣକୁ

ରାତି ସରିଗଲେ କଡ଼ଲଉଟାଇ ଫେରିଯାଆନ୍ତି

ଥରେ ବି ଚେଷ୍ଟା କରନ୍ତିନି ପଢ଼ିବା ପାଇଁ

ମୋ ଛାତି ତଳେ ସାଇତା ଯନ୍ତ୍ରଣାର ଉପନ୍ୟାସକୁ ।

ଏ ଚିଲ ଆଖିଆ ସମାଜ ମୋ ଚରିତ୍ରକୁ ମୂଲ୍ୟାୟନ କରି ଘୃଣାକରେ ମୋତେ,

ମୋ ବୃତ୍ତିକୁ

ହେଲେ କିଏ ବୁଝେଇବ ,

ମୋର ବି ସୌକ ନଥିଲା ଏମିତି ଜୀବନ ଜିଇଁବାକୁ

ଇଛାଥିଲା ପାଠପଢିବାକୁ, ଆକାଶର ଚାନ୍ଦ ଧରିବାକୁ,

ପାଣିରେ ବୁଡ଼ି ଆକାଶେ ଉଡିବାକୁ,

କିନ୍ତୁ ଏ ସଭ୍ୟସମାଜରେ ଭଦ୍ରମୁଖା ପିନ୍ଧି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜକୁ ସତ୍ୟବାନ୍ ବୋଲାଉଥିବା ପୁରୁଷମାନେ

ମୋ ପର କାଟି

ମୋ ବେସାହାରାପଣିଆର ସୁଯୋଗ ନେଇ

ମୋତେ ବେଶ୍ୟାଳୟ ରାସ୍ତା ଦେଖେଇଲେ

ମୋତେ ବେଶ୍ୟା ନାମ ଦେଇଥିବା ସମାଜ

କ'ଣ କହି ସମ୍ବୋଧନ କରିବ ଏ କାମାନ୍ଧ ପୁରୁଷଙ୍କୁ ?

ଦାହୁଣଦା, ଭୋଗରାଇ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋକ



ସୌମ୍ୟରଞ୍ଜନ ପାଲ

ଖାଦ୍ୟ ଅଭାବରୁ ଉଦର ଭିତରେ ନିଆଁ ଜଳିବାଟା ଭୋକ
ନାଜିବାଦ ଲାଗି ଦେଶ ସମ୍ପତ୍ତିରେ ନିଆଁ ଜାଳିବାଟା ଭୋକ
କାମୁକ ପାଇଁକି ଝିଅ ଶରୀରର କପଡ଼ା ଚିରାଟା ଭୋକ
ରଥଯାତ୍ରା ପାଇଁ ଦରଜୀ ପୁଅର କପଡ଼ା ଦେବାଟା ଭୋକ ।।

ଦିନରାତି ଭୁଲି ସ୍ୱପ୍ନ ସତ ପାଇଁ ପାଠ ପଢ଼ିବାଟା ଭୋକ
ଦିନରାତି ଭୁଲି ମୋବାଇଲ ଘଷି ଖେଳ ଖେଳିବାଟା ଭୋକ
ନାୟକ ଗାୟକ ଶିଳ୍ପୀ ପାଇଁ କିଛି ନୂଆ ଘଟିବାଟା ଭୋକ
ଶାନ୍ତିର ପ୍ରଦେଶେ ଆତଙ୍କୀ ପାଇଁକି ହିଂସା ଘଟିବାଟା ଭୋକ ।।

ହରଡ଼ଘଣାରେ ଅନ୍ୟକୁ ପକେଇ ମଜା ଦେଖିବାଟା ଭୋକ
ଜୀବନର ଶିଢ଼ି ଚଢ଼ିଲା ପୁଅର ଖୁସି ଦେଖିବାଟା ଭୋକ
ଅନ୍ୟକୁ ସାହାଯ୍ୟ କରି ଫଟୋ ନେଇ ଗର୍ବ କରିବାଟା ଭୋକ
ଦେଶକୁ ଦୁଇଟା ଦିନ ପତାକାରେ ମନେ କରିବାଟା ଭୋକ ।।

ବନ୍ଧନ ଶିକୁଳି ଛିଣ୍ଡାଇ ସ୍ୱାହିର କବିତା ଲେଖାଟା ଭୋକ
ପେଟ ପୁରା ସତ୍ତ୍ୱେ ସାମୁଦ୍ରିକ ଅନ୍ନେ ଲାଳ ଗଡ଼ିବାଟା ଭୋକ ।।

ଗ୍ରା/ପୋ: - ବଡ଼ଶୋଳ, ଭାୟା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ, ପିନ୍ - ୭୫୭୦୮୬
ମୋବାଇଲ - ୯୯୩୭୮୮୯୮୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ୱେଷଣ



ରଶ୍ମିରେଖା ବାରିକ

ରାତିକୁ କରିଛି କାକୁତି ମିନତି
କାଣିଚାଏ ସ୍ୱପ୍ନ ପାଇଁ,
ଛିଟିକି ଆସିଛି ଶବ୍ଦପରି ଏକା
ଜୀବନ ଦୁଃଖକୁ ନେଇ ।

ଅଚେତ ସୂର୍ଯ୍ୟର ମହାବଳ ଖରା
ହୁଏ ଖାଲି ମାଳ ମାଳ,
ମୋ' ଦେହ ଲୁହରେ ଓଦା ଜର ଜର
ନଥାଏ ସେଠି ସକାଳ ।

ରାତିର ଅନ୍ଧାର ଏକେଲା ପଣକୁ
କରିଦିଏ ଶାହେ ଗୁଣ,
ମୁହୂର୍ତ୍ତ ମାନଙ୍କ କନ୍ଦା କଟା ପରେ
ହୁଏ ମୁଁ ଲହୁଲୁହାଣ ।

କଟା ଜିଭ ପରି ଲହ ଲହ ହୁଏ
ନିଛାଟିଆ ଖରାବେଳ,
ମୁଠାଏ ଆୟୁଷ ଭିତରେ ନଥାଏ
କାଣିଚାଏ କୋଳାହଳ ।

ନିମିଷକେ ହୁଏ  ସମୟ ଧକ୍କାରେ
ଏମିତି ମୁଁ ପଣବନ୍ଦୀ,
ଆଖି ସାଥେ ଲୁହ ଲୁଚକାଳି ଖେଳେ
ଯେମିତି ଯୁଗଳବନ୍ଦୀ ।

ବାମ୍ଫ ପରି ଉଠେ ଅତୃପ୍ତ ଜୀବନ
ଶୂନ୍ୟରେ ଅଟକି ଯାଏ,
ପ୍ରତି ସ୍ପନ୍ଦନରେ ଅନ୍ତରର ସ୍ୱର
ପ୍ରିୟତମ କୁ ହିଁ ଲୋଡେ ।

ପୁଟିଣା, କମର୍ଦ୍ଦା, ବାଲେଶ୍ୱର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଙ୍ଗୀତ ସେ, ଜୀବନ ଅମୃତ



ହାସ୍ୟମୟୀ ରାଜ

ନେପଥ୍ୟରୁ ଭାସି ଆସିଲେ
ସଂଗୀତର ସୁମଧୁର ସ୍ୱର
ଭିନ୍ନ ଏକ ଦୁନିଆରେ
ମନ କରେ ବିଚରଣ
ପାଦ ହୁଏ  ଅଥୟ
କେବେ ବାନ୍ଧିବାକୁ ନୂପୁର  ।।

ତାର ସାଧନା ଓ ସ୍ୱର
ନିଜ ଭିତରେ ତୋଳୁଥାଏ
ଏକ ଭାବମୟ ଜଗତ
ଏକାଗ୍ରତାରେ ଭରିଦିଏ
ଚେତନା ଓ ଚିତ୍ତ
ତାର ସ୍ନିଗ୍ଧ ଛୁଆଁ
ବିକ୍ଷିପ୍ତ ମନକୁ
କରେ ମନ୍ତ୍ରମୁଗ୍ଧ
ସୁର ଲୟ ତାଳ ଜ୍ଞାନ
କରେ ତାକୁ ଅନିନ୍ଦ୍ୟ ଶାଶ୍ୱତ
ସୁପ୍ତ ଚେତନାକୁ
ସେ ପୁଣି କରେ ଉଜ୍ଜୀବିତ  ।।

ମୂର୍ଚ୍ଛନା ତା ସଂଚରିଯାଏ
ପ୍ରାଣରୁ ପ୍ରାଣକୁ
ହରିଦେଇ ଦୁଃଖ ପରିତାପ
ଅଶାନ୍ତ ଏ ମନ ବଗିଚାରେ
ଡେଣା ଝାଡି  ଉଡିଯାଏ
ଶାନ୍ତିର କପୋତ
ପରିପୂର୍ଣ୍ଣ କରେ ହୃଦୟକୁ
କରେ ପରିତୃପ୍ତ  ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂଗୀତ ଜୀବନର ମିତ

ବିଧୁର ପ୍ରାଣରେ ସେ

ଚେନାଏ ହସର

ଅନାବିଳ ସୂତ୍ର

ତା ବିନା ସଂସାରଟା

ରସ ହୀନ ମୃତ

କରୁଥାଏ ଜୀବନକୁ

ସଦା ମଧୁସିକ୍ତ ।

ଭରୁଥାଏ ଜୀବନେ ଅମୃତ ।।

ଓରାଳି, ହାଟଡିହି, କେନ୍ଦୁଝର ।*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁମନ



ଧିରେନ୍ଦ୍ର କୁମାର

ଜନମିଛି ସଂସାରେ

ମୋ କୋମଳ କ୍ଷୁଦ୍ର ଶରୀରେ

ଭରି ମହାର୍ଘ ମହକ ମୋର ପ୍ରତିଟି ଜନ୍ମରେ ।।

ସିମୀତ ଜୀବନେ

ମହାକାଇ ଦେବି ଅନ୍ୟ ଜୀବନକୁ ଅସିମୀତ

ପ୍ରତି ଜୀବନରେ ଭରିଦେବି ପୁଲକ

ସବୁ ସଂଗୀତ ପାଇଁ ସାଜିବି ମୂର୍ଚ୍ଛନା । ।।

ଭାଗ୍ୟେ ଥିଲେ ଲାଗିବି ପ୍ରଭୁ ଚରଣରେ କିମ୍ବା

ଝଡିଯିବି ସେଇ ଉଦ୍ୟାନରେ ଯହିଁ ନିଷ୍ପାପ ଙ୍କ ଜନ୍ମ ।

କିମ୍ବା

ଯାଚିଦେବି ସର୍ବସ୍ୱ ବନିଯିବି ଅମୃତ କଳସ

ମେଣ୍ଟାଇବି ଅସହ୍ୟ କ୍ଷୁଦାର ବେଦନା ।।।

କା ପାଇଁ ମୁଁ ସାଜିଯିବି କୋମଳ ବିଛଣା ତ

କା ପାଦରୁ ହରି ନେବି କଣ୍ଟାର ଯାତନା,,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଜି ମୁହିଁ ସମ୍ପର୍କ ର ସନ୍ତକ ଟିଏ ଗଢିପାରେ ଦୃଢତମ ବନ୍ଧ

ଡୋରି ଟିଏ ହୋଇ  ଯୋଡି ଚାଲେ ମନ

ସାନବଡ ଉଚ୍ଚ ନୀଚ କେହି ବି ନୁହଁନ୍ତି

ମୋ ପାଇଁ ତ ସଭିଏଁ ସମାନ ।

ମୁଁ ସୁମନ

ଝଜିରୀ । ଅନୁଗୁଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ



କାହ୍ନୁ ଚରଣ ସାହୁ

ତୁମେ ପାରିଲନି ବୁଝି
ମୋ ଅନ୍ତରର ବ୍ୟଥା
ଯାହା ତୁମକୁ ନିଜର ଭାବି
ସ୍ନେହ ମମତାରେ ଜାବୁଡ଼ି ଧରିଥିଲି

ତୁମେ ଅନୁଭବ କରିପାରିଲନି
ମୋ ହୃଦୟର ଆବେଗ
ଯାହା ତୁମକୁ ନେଇ ହେଇଥିଲା ସୃଷ୍ଟି

ପର କରିଦେଲ
ଭାବନାର ଅନ୍ତ ବି ଘଟିଲା
ଏବେ କେବଳ
ମୁଁ ଓ ମୋ ସ୍ୱପ୍ନ
ଏକା ଏକା ଜିଉଁଛୁ....

ହେ ସମୟ ତୁମେ
କେମିତି ବିଶ୍ୱାସଘାତ କଲ
ଆପଣାର ଭାବିଲି ବୋଲି
ପ୍ରତିପାଦରେ କଣ୍ଟା ହୋଇ ଫୁଟିଲା

ତୁମ ସାଥିରେ
ସର୍ବଦା ରହିଆସୁଥିଲି
ତୁମକୁ ସମ୍ମାନ ଦେଇ
ତୁମେ ଥିଲା ମୋ ସ୍ୱପ୍ନ
ମୋ ହୃଦୟର ସ୍ପନ୍ଦନ

ହେଲେ କଣ କଲ ତୁମେ
ମୋ ଗରିବପଣିଆକୁ ଜାଣିଲା ପରେ
କୂଳ ଲାଗୁଲାଗୁ
ଅଜଣା ବ୍ୟାଧିରେ
ଅଟକାଇ ଦେଲ
ଗଢୁଥିବା ମୋ ସ୍ୱପ୍ନର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଜ ମହଲ.....

ଆଉ କେଇ ଦିନ ପରେ
ହେଇଥାନ୍ତି ହାକିମ
ଶିଖିଥିବା ଅନେକ କିଛିକୁ
ଶିଖେଇବାକୁ ଯେଉଁ ସ୍ୱପ୍ନ ଥିଲା
ଏବେ ନିର୍ଜୀବ ସେଗୁଡା

ତଥାପି
ଅପେକ୍ଷା ଆଉ ବର୍ଷକୁ
ତୁମ ବାହାରିବା ଖବର
ଶୁଣୁ ଶୁଣୁ ଆରମ୍ଭ କରିଥିବା
ଜୀବନର ଜୟଯାତ୍ରାକୁ
ଆହୁରି ଆଗେଇ ନେବି
ମୋ ଛାତିକୁ ପଥର କରି ।

(ଚାକିରୀପାଇଁ ସ୍ୱପ୍ନ ଦେଖିଥିବା ଯୁବକଟିର କିଛି ଭବନା )

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବମ ଗ୍ରହ



ନାରାୟଣ ସାହୁ

ମୁଁ,

ଲକ୍ଷାଧିକ ଗୋଡ଼ି ଓ

ମହରମ୍ ମଧ୍ୟରେ

ସୂକ୍ଷ୍ମ ଶିଳା ରେଣୁ ! !

ଜଙ୍ଗଲର,

ଅସଂଖ୍ୟ ପାଦପ,

ପଶୁ,ପକ୍ଷୀ ଓ

ଜୀବଜନ୍ତୁ ଆଦି

ଜଡ଼ ଓ ନିର୍ଜୀବ ମଧ୍ୟରୁ

ସାମାନ୍ୟ ବାୟୁ

ଯିଏ କି ଅଦୃଶ୍ୟ ! !

ଗୋଟେ,

ଅଭିଶପ୍ତ ଦୁଃଖୀର

କ୍ଷଣଭରି ହସ,

ଓ

ସୁଖର ଛତା ତଳେ

ବିନ୍ଦୁଏ ଲୁହ !

ପ୍ରଚଣ୍ଡ ଗ୍ରୀଷ୍ମରେ

ଅମାନିଆ ଝଡ ,

ଶୀତର କାକରରେ

ଅଦୃଶ୍ୟ ପାହାଡ଼ ।

ଗୋଟେ

ସାମାନ୍ୟ ଝିଣ୍ଟିକା

ଯାହାର ଡେଣା ଅଛି,

ଲାଞ୍ଜ ଅଛି,

ଉଡିବି ପାରୁଛି

ହେଲେ ପକ୍ଷୀ ନୁହେଁ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ,

କେବେ ଥିଲି

ନବଗ୍ରହରେ

ନବମ ଗ୍ରହ ରୂପେ,

ହେଲେ ଅଷ୍ଟଗ୍ରହରେ

ପାଇବନି ମୋତେ !

କାହିଁକି ନା'

କ୍ଷୁଦ୍ର ମୋ ଶରୀର ପରିଧି । ।

ଚଣ୍ଡିଖୋଲ,ଯାଜପୁର

ଭ୍ରାମ୍ୟଭାଷ : ୭୬୦୮୦୧୪୦୬୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୂର୍ଖକୁ ମୂର୍ଖ ସଂଗାତ



ଫାଲଗୁନୀ ରଣା

ମୂର୍ଖକୁ ମୂର୍ଖ ସଂଗାତ ଜ୍ଞାନୀକୁ ସୁଜ୍ଞାନୀ ।
ଦାମ୍ଭୀକ ଜନଙ୍କ ସାଂଗ ଶଠ ଅଭିମାନୀ ।।
କପଟୀ ଜନଙ୍କ ମେଳେ କପଟୀ ସ୍ୱଭାବୀ ।
ବନ୍ଧୁପଣ କରେ ନିଜ ଅନ୍ତରଙ୍ଗ ଭାବି ।।
ବକପନ୍ତି ମଧ୍ୟେ କି ମରାଳ ଶୋଭା ପାଏ ?
ସୁବାସିତ ମଲ୍ଲୀ ମଧ୍ୟେ କିଂଶୁକ ପରାୟେ ।।
ସତ୍ୟବ୍ରତୀ ଜନେ ନିତ୍ୟେ ସତ୍ୟପଥେ ଚଳେ ।
ଧର୍ମ ପଥର ପଥିକ ହୋଇ ଅବିଚଳେ ।।
ଦୁର୍ଜ୍ଜନ ଖଳ ଲଭଇ ନିନ୍ଦା ଅପମାନ ।
ସୁଜନଙ୍କୁ ଦ୍ୟନ୍ତି ସର୍ବେ ଦେବତା ସମ୍ମାନ ।।
ନାନାସ୍ଥାନେ ଲଭଇ ସେ ତା ଯୋଗ୍ୟ ଆଦର ।
କୁମତି ଦୁର୍ବୃତ୍ତ ଠାରେ ନ ଥାଏ ତା'ଡର ।।
ଏଣୁ ଧର୍ମବନ୍ତ ଜନେ ଧର୍ମ ନ ଛାଡ଼ନ୍ତି ।
ଅଧାର୍ମିକେ ରଉରବ ନରକେ ପଡ଼ନ୍ତି ।।
ଧର୍ମପଥେ ଯାର ଥିବ ନିରନ୍ତରେ ଚିତ୍ତ ।
ତଥାପି ତାକୁ ଅପ୍ରତେ କରିବା ଉଚିତ ।।
ଧାର୍ମିକକୁ ଦେଖାଇଲେ କିଛି ମାତ୍ର ଧନ ।
ଛିଡ଼ିଯାଏ ସତ୍ୟ ଶାନ୍ତି ନ୍ୟାୟର ବନ୍ଧନ ।।
ସପକ୍ଷରେ ଥାଇ ହୁଏ ବିପକ୍ଷ ସହାୟ ।
ଧନ୍ୟରେ ଦଇବ ତୋର ଏ ବିଧାନ,ହାୟ !
ଏ କଳିଯୁଗରେ ନାହିଁ ପାତକ ଠିକଣା ।
ଲାଖ ବିନ୍ଧିପାରେ ଜଣେ ହୋଇଥିଲେ କଣା ।।
ପଙ୍ଗୁ କରିପାରେ ହିମାଚଳ ଆରୋହଣ ।
ଜଣକ ଉନ୍ନତି ଜଣେ ନ କରେ ସହନ ।।

ମହୁଆଭଟା, ନୂଆପଡ଼ା
(ନେସନାଲ୍ କଲେଜ ନୂଆପଡ଼ାରେ ଅଧ୍ୟାପକ)
ଭ୍ରାମ୍ୟଭାଷ : ୯୮୬୧୦୭୫୬୭୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ସମାଜ



ସନ୍ତୋଷ ପଟ୍ଟନାୟକ

ଆ : ଆଗକାଳ ଶିକ୍ଷା ଆଦର  ସଂସ୍କାର
ଆଜିକା ପ୍ରତିଯୋଗିତା
ଆକଟତା ନାହିଁ  ଆମ ବିଦ୍ୟାଳୟେ
ଆଚାର୍ଯ୍ୟ କାଟନ୍ତି ଚିତା....

ଜି : ଜୀବନେ ଅଭାବ ଜିଜ୍ଞାସାର ଜ୍ଞାନ
ଜିଞ୍ଜିରୀ ଘେରା ଜୀବନ
ଜୀବିକା ନିର୍ବାହେ ଜିମା ପଡେ ଶିଶୁ
ଜୀବନଟା  ଯନ୍ତ୍ର ସମ

ର : ରମଣୀ ରମୁଚି ରସିଆ ରସରେ
ରତି ପ୍ରୀତି ସର୍ବ ସୁଖ
ରମ୍ୟ ଉପବନେ ରଙ୍ଗପାଣି ଶୋଭା
ରଙ୍ଗବାଜିରେ ଶାସକ

ସ : ସହନଶୀଳତା ସରି ଯାଇଅଛି
ସମର୍ପଣ ନାହିଁ ମନେ
ସବୁରି ଅନ୍ତରୁ ସରିଚି ଦରଦ
ସମାଜ ଅଧଃପତନେ

ମା : ମାଫିଆ ରାଜୁତି ମାନ ବଢିଅଛି
ମାନବିକତାଟା ମାଟି
ମାର୍କାମରା କରେ ମାଲଖାନା ରକ୍ଷା
ମାସୁଲ ରେ ହୁଏ ଖଟି

ଜ : ଜନନୀ ବିକୁଛି ଜନ୍ମିତ ସନ୍ତାନ
ଜୀବିକା ନିର୍ବାହ ପାଇଁ
ଜନ ମାନସରେ ଜମାଟ ବାନ୍ଧିଚି
ଜରାନିବାସର ଛାଇ.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ରଜଟା ଖାଁଖାଁ ଲାଗୁଛି



ନାରାୟଣ ଚନ୍ଦ୍ର ସେନାପତି

ଚାରି ବାଉଁଶିଆ ପଟା ଦୋଳି କାହିଁ
କେଉଁ ଗଛେ ଦିଶୁନାହିଁ
ବରଷକେ ଥରେ ଆସିଛି ରଜ ଲୋ
ମଧୁ ଗୀତି ଶୁଭୁନାହିଁ
ପାନ ବଟୁଆର ଖିଲିପାନ ଆଜି
ଓଠ ଲାଲ କରୁନାହିଁ
ସୁନ୍ଦରୀ ଝିଅର ପାଦରେ ଅଳତା
ଚିହ୍ନ ବର୍ଣ୍ଣ ଦିଶୁନାହିଁ
ଶୁନ ଶାନ୍ ଖାଲି ଲାଗୁଛି
ଆଜିର ଦିନରେ ମଡ଼ର୍ଣ୍ଣ ରଜଟା
ଖାଲି ଖାଁ ଖାଁ ଲାଗୁଛି।

କଦଳୀ ପଟୁଆ ନାହିଁ ଝିଅ ପାଦେ
ହାଏ ହିଲ ଖାଲି ଦିଶୁଛି
ମଣ୍ଡା କି ହଳଦୀ ପତ୍ର ପିଠା ନାହିଁ
ବିରିଆଣୀ ଗନ୍ଧ ବାସୁଛି

ତାସ ପଶା କିବା ବାଗୁଡି ଖେଳ ତ
କେଉଁଠି ଲୁଚିକି ଶୋଇଛି
ଯେଉଁଠି ଦେଖିବ ସ୍ମାର୍ଟ ଫୋନ ଯାଦୁ
ସଭିଙ୍କୁ କିମିଆଁ କରିଛି
ଶୂନ ଶାନ୍ ଖାଲି ଲାଗୁଛି
ଆଜିର ଦିନରେ ମଡ଼ର୍ଣ୍ଣ ରଜଟା
ଖାଲି ଖାଁ ଖାଁ ଲାଗୁଛି।

ପାଣି ବୁହା ଶବ୍ଦ ଲିଭିତ ଗଲାଣି
ମଦ ବୁହା ଖାଲି ଚାଲିଛି
ବସୁମାତା ସ୍ନାନ ନିଆଁରେ ହେଲାଣି
ପାଣି ସରି ସରି ଯାଉଛି
ହଳଦୀ କାଠୁଆ ତେଲ ଗେହ୍ଲ ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଳି ହିଂସା ଖାଲି ଚାଲିଛି

ନୂଆ ପୋଷାକ ଓ ଅତର ବାସୁନି

ଈର୍ଷା ହିଂସା ନାଚ କରୁଛି

ଶୂନ ଶାନ୍ ଖାଲି ଲାଗୁଛି

ଆଜି ଏ ଦିନରେ ମଡ଼ର୍ଣ୍ଣ ରଜଟା

ଖାଲି ଖାଁ ଖାଁ ଲାଗୁଛି।

ଜ୍ୟେଷ୍ଠ ଆଷାଢ଼ର ପବିତ୍ର ବନ୍ଧନ

ଦେଖି ଆଜି କ୍ଷେତ କାନ୍ଦୁଛି

ରଜ ସଜ ବାଜ ସଂସ୍କାର ମଉଜ

ଅଭିଧାନ ଆଜି ଖୋଜୁଛି

ପ୍ରଥା ପରମ୍ପରା ବିଧି ଓ ଆଚାର

ଲଗ୍ନ ବିଦେଶିନୀ ସାଜିଛି

ଆଜିକା ମଣିଷ ମନ ହୃଦ ଆତ୍ମା

ହାଇବ୍ରିଡ଼ ହୋଇଯାଇଛି

ଶୂନ ଶାନ୍ ଖାଲି ଲାଗୁଛି

ଆଜି ଏ ଦିନରେ ମଡ଼ର୍ଣ୍ଣ ରଜଟା

ଖାଲି ଖାଁ ଖାଁ ଲାଗୁଛି।

ଜମ୍ବିରା,କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ନାନପୂର୍ଣ୍ଣିମା



ସତ୍ୟବ୍ରତ ସାହୁ

ଶହେ ଆଠ ଗରା ଶୀତଳ ଜଳରେ ସ୍ନାନ ସାରି ସ୍ନାନ ପୂର୍ଣ୍ଣିମାରେ

ଗଜାନନ ବେଶେ ଦେଖାଦେଲା ପରେ ତାତି ବଢ଼ିଯାଏ ଶ୍ରୀଅଙ୍ଗରେ ।(୦)

ସୁନାକୁଅ ପାଣି ପଞ୍ଚତ୍ରିଂଶ ଗରା ଗାଧୋଇବେ ଜଗନ୍ନାଥ

ତ୍ରୟୋତ୍ରିଂଶ ଗରା ବଳଭଦ୍ର ପାଇଁ ବାଇଶି ସୁଭଦ୍ରା ମାତ

ସୁଦର୍ଶନ ଦେବ ଆଠର ଗରାରେ ଗାଧେଇବେ ସୁବାସ ଜଳରେ ।(୧)

ଶହେ ଆଠ ଗରା ...(୧)

ଗଣପତି ଭକ୍ତ ସ୍ନାନବେଦୀ ପରେ ଖୋଜିଥିଲେ ନିଜ ଇଷ୍ଟଦେବ

ଗଣେଶ ରୂପରେ ଦରଶନ ଦେଲେ ବୁଝି ଭକତର ମନୋଭାବ

ଜ୍ୱରରେ ପୀଡ଼ିତ ହୋଇ ତିନି ଦିଅଁ ରହିଯିବେ ଅଣସର ଘରେ ।

ଶହେ ଆଠ ଗରା ...(୨)

ପଲ୍ଲାସାହି, କମାଳପୁର,

ଅହିୟାସ, ଯାଜପୁର-୭୫୫୦୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠିଟିଏ ପ୍ରିୟାକୁ



ରୋହିତ ସେଠୀ

ମୋ' ଠାରୁ ପ୍ରିୟା ରହିଛ
ତୁମେ ବହୁତ ଦୂରେ
କେତେ ନଈ ବିଲ ପାହାଡ଼
ଗାଁ ସହର ପରେ ।

କପୋତକୁ ଚିଠି ଦେଇଛି,
ଚିଠି ପାଇବା କ୍ଷଣି
ପ୍ରେରଣ କରିବ ବାରତା
ମୋର ହୃଦୟ ରାଣୀ ।

ଯୁଗଟିଏ ହେବ ଦେଖିନି
ବୋଲି ତୁମ ବଦନ
ସେଥିପାଇଁ ପରା ବ୍ୟାକୁଳେ
ଖୋଜେ ଏଇ ମୋ' ମନ ।

କୋଇଲିକୁ କହି ଦେଇଛି
କୁହୁ କୁହୁ ତାନରେ
ଅନ୍ତର କଥା ମୋ' କହିବ
ବସି ଆମ୍ବ ଡାଳରେ ।

ଲୟକରି ବାରେ ଶୁଣିବ
ସେଇ କୋଇଲି ରାବ
ପ୍ରତ୍ୟୁତ୍ତର ଦେବ ଝଟିତି
ବୁଝି ମୋହରି ଭାବ ।

ଦୁତିମେଣ୍ଡି(ମଲିକ ସାହି)
ଖଜୁରିପଡା,କନ୍ଧମାଳ
ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷ୍ଠୁର ମଣିଷ



ରାଜୁକୁମାର ପାତ୍ର

ଧିକ୍କାର ତୋ ମଣିଷ ରୂପୀ ରାକ୍ଷସଜୀବନ
ଗର୍ଭିଣୀହାତୀର କରୁଣ
ହୃଦୟ ବିଦାରକ ବିକଳ ଚିତ୍କାର
ଶୁଣିକିକେମିତି ବା ସହିପାରିଲା ତୋ କାନ
ଧିକ୍କାର ତୋର ମଣିଷ ଜୀବନ ।.......
କ୍ଷୁଧା ତୃଷାର୍ତ୍ତେ ନିରିହ ହାତୀଟି
ପାଟି କରିଥିଲା ଖୋଲା
ମୁଖରେ ଭର୍ତ୍ତି ଦେଲୁ ତାର
ବାରୁଦ ରୂପୀ ବିଷଫଳ
କେମିତି ବା ତୋ ବିବେକ ଅନୁମତି ଦେଲା
ଶୁଣିକି ହୃଦୟ ଯାଉଛି ଦୋହଲି ।।......

କେତେ କଷ୍ଟ କରି ଲଭିଥିଲୁ ତୁ ମଣିଷ ଜନ୍ମ
ଯେମିତି ବା ସାହାସ କଲୁ
ଏମିତିକା ନିଷ୍ଠୁର ନିଷ୍ପତ୍ତି ନେବାକୁ
ଥରେ ସୁଦ୍ଧା ଭାବିଲୁନି
କେତେ କଷ୍ଟ ଯେ ହେବ ତାକୁ ।।।.......
ଏତେ ବଡ ଧରଣର ଅମଣିଷ କାମ
କାହିଁକି ତୁ କଲୁ
ତୋ କୁକର୍ମ ର ଫଳ ନିଜେ ତୁ ଭୋଗିବୁ
ଦୁନିଆର ଦୃଶ୍ୟ ଦେଖିବାକୁ ବ୍ୟାକୁଳ ଥିବା
କୁନି ଶିଶୁ ହାତୀ କରିଥିଲା କ'ଣ ବା ଅପରାଧ
ମଣିଷ ଚେହେରା ସୁଦ୍ଧା ଦେଖିନି ଯେ
ତୋ କୁତ୍ସିତ ଷଡ଼ଯନ୍ତ୍ରେ ଶୁଆଇ
ଦେଲୁ ଯେ ତାକୁ ଚିରନିଦ୍ରାରେ ।।।।.......

ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ୭୩ତମ ସ୍ୱାଧୀନତା ଦିବସ ଚାଲିଗଲା



ଲିଟନ୍

୭୩ ତମ ସ୍ୱାଧୀନତା ଦିବସ ଚାଲିଗଲା ବାଟେ ବାଟେ

ତଥାପି ଆଜି ନିଲାମ ହେଉଛି ନାରୀର ଇଜ୍ଜତ ଗାଁ ହାଟେ

୭ ବର୍ଷ ଅଭଲା ଶିଶୁର ହେଉଛି ଗଣଧର୍ଷଣ

ଶୁଣିଲେ ଯେ ଛାତିଫାଟେ

ତଥାପି ଆଜି ନିଲାମ ହେଉଛି ନାରୀର ଇଜ୍ଜତ ଗାଁ ହାଟେ

ପରାଧିନ ଥିଲା ଦେଶ କିଛିତ ନଥିଲା

ଏବେ ଯେଉଁଆଡେ ଦେଖ ଖାଲି ଶୋଷଣ

ଏମିତି ଏ ଭାରତର ନାଗରିକ

କେତେଯେ ହେଇଗଲେ ସ୍ୱାଧୀନ

ଦିନ ଦୁଇପହରରେ ଏଠି ନାରୀର ତଣ୍ଟି କଟେ

ନିଲାମ ହଉଛି ଆଜି ନାରୀର ଇଜ୍ଜତ ଗାଁ ହାଟେ

ବା ବା ରେ ଭାରତବାସୀ ତୁମେପରା ବଡ଼ସାହସୀ

ଏଇ କଣ ତୁମ ସାହସିକତା

ଅବଳା ଦୁର୍ବଳା ନାରୀକୁ ଶୋଷଣ କରି

କରୁଛ ତାହାର ହତ୍ୟା

ହେ ଅବିବେକି ନିଷ୍ଠୁର କଂସେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାରତବାସୀ ସଭିଁଏ କାଳେ ଭଉଣୀ ଭାଇ

ଆଜି କଣ ଏଇ ପଣ କାହାର ମନେପଡୁନାହି

କାହିଁକି ହେଉଛ ରେ କୃପଣତାର  ଉଦାହରଣ

ସମ୍ମାନ ନଦେଲ ନାହି ବନ୍ଦ କର ଏ ଅତ୍ୟାଚାର

ଚାଲରେ ସତ୍ ବାଟେ          ଚାଲରେ ସତ୍ ବାଟେ

କେବେବି ନିଲାମ ନହେଉ ନାରୀର ଇଯତ୍ ଗାଁ ହାଟେ

Iceboy Litan <litanzxq@gmail.com>

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ସିଂହାସନ



ସଂଜୀବ କୁମାର ଦାସ

ହାତେ ନେଇ ନ୍ୟାୟର ଜଷ୍ଟି ଯେବେ ଓହ୍ଲାଇଥିଲି ନ୍ୟାୟପତି ଆସନେ,
ଦେଖିଲି ସେଦିନ ସାମ୍ନାରେ ଦଣ୍ଡାୟମାନ ଆରୋପୀ ସ୍ୱାମୀ କାଠଗଡ଼ାରେ
ହାଜତର କାଳ କୋଠରୀରେ ବନ୍ଦ ଯୁବକଟି
ପତ୍ନୀହନ୍ତା ଦୋଷରେ ଦଣ୍ଡିତ,
ଆସିଛି ଯେଣୁ ଆଜି କରିବ ଗୁହାରି ମୋ ପାଖରେ, ସର୍ବସମ୍ମୁଖରେ ।
ବନ୍ଦୀ ଜୀବନ ତା'ର ସ୍ୱହସ୍ତେ ଭିଆଇଥିବା ହତ୍ୟାରୁ,
ଅତି ଆପଣାର ଧର୍ମପତ୍ନୀକୁ ସନ୍ଦେହରେ ।
ଶେଷ ଶୁଣାଣି ତା'ର କରିବେ ବିଚାରପତି, ନାହିଁ ତା'ର ନିଘା କାହା ପ୍ରତି,
ସେ ନିର୍ବାକ ସ୍ଥିତପ୍ରଜ୍ଞ ଋଷିଭଳି ।
ସାକ୍ଷୀ ଏକ ଚଷମୁଦ୍ଦିନ୍ ଗବାହ,
ତା କଥାକୁ ଏଡାଇବାର ଜୁ ନଥିଲା ଯୁବକ ଆରୋପୀର ।
ଏହାଙ୍କ ଉପସ୍ଥିତିରେ ଯୁବକ ଭିଆଇଥିଲା ଜଘନ୍ୟ କାଣ୍ଡ ।
ମାନିଯାଇଥିଲା ସେ ସବୁକିଛି, ମୁଣ୍ଡ ପାତି ସହିନେବାକୁ କଠୋର ଶାସ୍ତି ।
ନିର୍ଦ୍ଦୋଷ ପତ୍ନୀର କାକୁତି ମିନତି ତାଠାରେ ରଖିନଥିଲା କିଛି ଫରକ୍ ।
ପତ୍ନୀର ଆତ୍ମୀୟତା ହାର ମାନିଥିଲା ଯୁବକ ପାଖରେ ।
ସେ ଖାଲି ଧରି ବସିଥିଲା 'ସତୀତ୍ୱ'ର ମହାର୍ଘ କଡିଟାକୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣିଥିଲି ଏକପାଖିଆ ବୟାନ ବସି ଆସନେ ।

ଚିରାଚରିତ ପ୍ରଥାରେ ପାରିଥିଲି ଯୁବକକୁ, "ଶେଷ ଇଚ୍ଛା ତୁମର ?"

"ଭୂଲ ବୁଝିପାରିଛି, ଡେରି ହୋଇଗଲା ହଜୁର୍ । ମୋ ପ୍ରାପ୍ୟର ମୁଁ ହକଦାର ।"

ରାୟ ଶୁଣାଇବାକୁ ଇତସ୍ତତଃ ନିଘା କରିଥିଲି ସିଂହାସନ ଆଡେ ।

'ଅର୍ଡର, ଅର୍ଡର' କରି ଶୁଣାଇଥିଲି ରାୟ ।

ଏ ମାମଲାରେ ଆସାମୀର ଦଣ୍ଡ ନୁହେଁ 'ମୃତ୍ୟୁ',

ବରଂ ଆଜୀବନ କାରାଦଣ୍ଡ, ଏକ ସୁଯୋଗ ଯୁବକକୁ,

ବୁଝିବାକୁ ନିଜର ଭୂଲ ଆଉ ଜୀବନକୁ ପତ୍ନୀ ବିନା ।

କଟକ,

ଦୂରଭାଷ: ୬୩୭୧୬୧୯୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆକାଂକ୍ଷା



ରୋଜା ପଣ୍ଡା

ମୁଁ ଜାଣିଛି ମୁଁ ପାରିବି

ମୁଁ ଜାଣିଛି ମୁଁ ପାରିବି ତୋ ଆଖିର ସବୁତକ ଲୁହକୁ ପୋଛି,

ମୁଁ ଜାଣିଛି ମୁଁ ପାରିବି ତୋ ଅଗଣାରେ ପ୍ରୀତି ଫୁଲରୁ କେଇ ଆଞ୍ଜୁଳା ବିଞ୍ଚି,

ଅନୁମତି ମିଳିଲେ ତୋର

ଅନୁମତି ମିଳିଲେ ତୋର ଛଡେଇ ନେଇ ତୋ ଜୀବନର ସବୁତକ ଦୁଃଖ

ଭରିଦେବି ତୋ ଦରଦୀ ଓଠରେ ଖିଲିଖିଲି ହସର ମୁଠା ମୁଠା ମୋତି ।

ମୁଁ ଉଠାଇ ପାରିବି ତୋର ମଥାରେ ଲଦାଥିବା ଭାରି ବୋଝକୁ,

ସଜେଇ ପାରିବି ଜହ୍ନର ଆଲୋକରେ

ତୋର ଆଲୁଅ ନଥିବା ଅନ୍ଧାରିଆ କୋଠରୀକୁ ।

ମୁଁ ଗଣି ପାରିବି ତୋର ଛାତିର ସ୍ପନ୍ଦନ ଆଉ ଅନୁଭବ କରିପାରିବି ତା ଧ୍ୱନିକୁ,

ମୁଁ ବାନ୍ଧି ହେଇପାରିବି ତୋର ପ୍ରତ୍ୟେକଟି ନିଶ୍ୱାସରେ,ଆଉ ପଢିପାରିବି ତୋର ବୁକୁଭରା କୋହକୁ ।

ତୁ ବିଶ୍ୱାସ କରି ଦେଖ୍

ତୁ ବିଶ୍ୱାସ କରି ଦେଖ୍ ଥରେ ମୁଁ ବାଛିନେବି ତୋ କଣ୍ଟକିତ ଜୀବନକୁ,

ଆୟୁଷ ସବୁ ମୋର ତୋ ନାଁ ରେ ଲେଖି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୀର୍ଘାୟୁ କରି ତତେ ଚାଲିଯିବି ବହୁତ ଦୁରକୁ ।

ମୁଁ ଜାଣିଛି ମୁଁ ପାରିବି,

ମୁଁ ଜାଣିଛି ମୁଁ ପାରିବି ସବୁ କିଛି ତ୍ୟାଗ କରି କେବଳ ତୋ ଖୁସି ପାଇଁ,

ମୁଁ ଜାଣିଛି ମୁଁ ପାରିବି ମୋ ଆଖିର ଲୁହରେ ସବୁତକ ଦୁଃଖକୁ ତୋ ଧୋଇ ।

ଧୋକା ବୋଲି ଶବ୍ଦଟିଏ ପାଇବୁନି ତୁ ମୋ ପାଖରେ,

ମୁଁ ରହିଥିବି ସବୁଦିନ ତୋ ପାଇଁ ଆଉ ସାରା ଦୁନିଆ ପାଇଁ ପ୍ରେରଣାଟିଏ ହେଇ,

ପ୍ରେରଣାଟିଏ ହେଇ ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, କଟକ

ଭ୍ରାମ୍ୟଭାଷ : ୯୪୩୮୧୭୪୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିମାନ...



ଦମୟନ୍ତୀ ଜେନା

କେଁ କଟର ଶବ୍ଦ କରି
ଚକ ଗଡିଯାଏ ରାସ୍ତାରେ
ପରିବହନରେ ସାହାଯ୍ୟ କରେ
ବୋଲାଏ ଶଗଡ଼ ସାଥିରେ ।।

ଶଗଡ ଏବେ ଗଲାଣି ଚାଲି,
ଆସିଛି ସାଇକେଲ
ତାହାର ବି ୨ ଟି ଚକ
ଗଡୁଛି ଭାରି ବୋବାଲ ।।।

ସାଇକେଲ ଏବେ ହେଲାଣି ପୁରୁଣା
ଲାଗିଛି ସେଥିରେ ମୋଟର
ନାବାଳକ ଦେଖି ହୁରି ଛାଡନ୍ତି
ଚଢ଼ିବାକୁ ଯେ ଅଧିର ।।

ଖରାରେ ତାତି ବର୍ଷା ପାଣି ଖାଇ
ଯାଏ ମୁଁ ଦୁଇ ଚକିରେ

ଚାରିଚକିଆ ଚଢ଼ିବାକୁ
ମନ, ଭାରି ଅଧୀର ହୁଏ ରେ
ଦୂର ଯାତ୍ରା ରେ ମନ ପଡ଼ିଯାଏ
ରେଳଗାଡ଼ି ର କଥା
ନ କହିଲେ ଭଲ ହେବ ଭାଇ
ତାର ଅବସ୍ଥା ।।

ପିଲାଥିଲା ବେଳେ ଗାଡିରୁ ଓହ୍ଲେଇ
ବାଏ ବାଏ କରୁଥିଲୁ
ଦୂର ଯାତ୍ରା ପାଇଁ ବାପାଙ୍କ ନିକଟେ
ଅଳି ଦଳିକରୁଥିଲୁ
ଟ୍ରେନରେ ବସିବାର ସମୟ
ଯେବେ ନିକଟଆସିଲା
ଶୌଚାଳୟ ଓ ପରିଛନ୍ନତା ଦେଖି
ଦେହରେ କମ୍ପନ ହେଲା ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକୁଟିଆ ବସି ଭାବୁ ମୁଁ ଥିଲି

ସନ୍ଧ୍ୟା ବେଳେ ଛାତ ଉପରେ

ଉଡିଯାଉଥିଲା ଉଡାଯାହାଜ

ଘୁଁ ଘୁଁ ହେଇ ଆକାଶ ମାର୍ଗରେ

ମନ ହେଲା ପୁଣି ଅସ୍ଥିର ! ! !

ଦୂରରୁ ଥାଇ ଭାବୁଥିଲି

କଣ ହେଇଥିବ ତା ଭିତର । ।

କହନ୍ତି ସଭିଏଁ

ଖାଲି ବଡ଼ ଲୋକ ମାନେ ଯାଆନ୍ତି ସେଥିରେ

ସୁସଜ୍ଜିତ ଆୟୋଜନ ଥାଏ

କହୁଛି ଭାଇ ସତରେ । ।

ମନ ଏବେ ଚାହିଁ ବସିଛି

ସେଇଠି ବସିବା ପାଇଁ

ବସିଲେ ଜାଣିପାରିବି  ଭାଇ

ଅନୁଭୂତିର କିଛି କଥା କହିବା ପାଇଁ । । ।

ସହକାରୀ ଶିକ୍ଷୟତ୍ରୀ, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଈଶ୍ୱର ତୁମେ କେଉଁଠି ?



ପ୍ରଶାନ୍ତ କୁମାର ମହାନ୍ତି

ଯଦା ଯଦା ହିଁ ଧର୍ମସ୍ୟର ବାଣୀ ହେଉ
ଅବା ହେଉ ସଂଭବାମି ଯୁଗେ ଯୁଗେର
ସର୍ବବ୍ୟାପି, ସର୍ବବିଦ୍ୟମାନର ଡିଣ୍ଡିମ ପିଟୁଛ ଅଜସ୍ର
ଆସ୍ତିକ ମୁଁ ପଚାରୁଛି ପ୍ରଶ୍ନଟିଏ ମୋ ସନ୍ଦେହର
ଉପଯୁକ୍ତ ପକ୍ଷ ରଖ ହେ ବୟସ୍କ, ଅବସରପ୍ରାପ୍ତ ଈଶ୍ୱର
ପ୍ରଶ୍ନ ମୋର ତୁମ ସତ୍ତା ଆଉ ତୁମ ପଦମର୍ଯ୍ୟାଦାର... @

ଦେଖିଛ କି ଥରେ ଅଳିଆଗଦା ର ଭାତ ଡାଲି ଲଗା ଅଇଁଠା ପତର
ଫୁଙ୍ଗୁଳା କଙ୍କାଳ ମାନେ ବି ହସି ହସି
ଗୋଟେଇ ଖାନ୍ତି ସେଇ ଅଇଁଠା ଆହାର
ପ୍ରଶ୍ନ ମୋର ସେଇ ହସ ଦେଖି ଫାଟିଯାଏନି କି ଛାତି ତୁମର
ନା ନା ତମର କଣ ଯାଏ
ଷାଠିଏ ପଉଟି ସାଥେ ତମର ତ ଅଛି ଆନନ୍ଦ ବଜାର
ତୁମେ କି ବୁଝିବ ସେଇ ଭୋକିଲା ର ଦୁଃଖ ପେଟ ଚାଖଣ୍ଡର....

ରତ୍ନସିଂହାସନ ଛାଡି କେବେ ଥରେ ବୁଲିଦେଖ
ତୁମ ସୃଷ୍ଟି ର ସଂସାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାସ୍ତା କଡେ କନ୍ୟା ଭୃଣ କାନ୍ଦେ
ବଞ୍ଚିବାକୁ କରି ଆକୁଳ ଚିତ୍କାର
ଜବାବ ଦିଅ ଇଶ୍ୱର ମୋ ପ୍ରଶ୍ନ ର
ଝିଅ ବୋଲି କଣ ଫିଙ୍ଗାଯିବ, ମରାଯିବ ତା କୋମଳ ଶରୀର
ଏତେ ଶସ୍ତା ତା ଜୀବନ
ଏଇ କଣ ବିଚାର ତୁମର ? ?........

ବୁଲିଯାଅ ବୃଦ୍ଧାଶ୍ରମ ନେତ୍ର ଖୋଲି ଦେଖିଯାଅ ଥରେ
ପାଞ୍ଚ ପୁଅ ଜନ୍ମ ଦେଇ ବୁଢ଼ୀମା ଟି କାନ୍ଦି କାନ୍ଦି ମରେ
ଅନ୍ତ ଚିରି ଅମୃତ ରେ ପାଳିଥିଲା ଯିଏ
ବରଗଛ ପରି ଛାଇ ଦେଇଥିଲା ଯିଏ
ବଡବାବୁ ହେଲା ପରେ ପୁଅ ଜବାବ ଦଉଚି
ତୁମେ ବୁଢ଼ା ବୁଢ଼ୀ ଦୁହେଁ ଅଟ ମୋର କିଏ ?
ପ୍ରଶ୍ନ ମୋର ହେ ଇଶ୍ୱର
ଇଏ କି ତରିକା ଭଲା ପିତୃମାତୃ ଋଣ ଶୁଝିବାର ? ? ? ?.....

ଗରିବର ପଖାଳରେ ଏଠି ଲୁଣ ନିଅଣ୍ଟିଆ
ନବବଧୂ ଦେହେ ଲାଗେ ଯୌତୁକ ର ନିଆଁ
ପୁତ୍ର ଶବ ପିତା କାନ୍ଧେ
ନିର୍ଦ୍ଦୋଷ କୁ ଧର୍ମ ବାନ୍ଧେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ପଷ୍ଟ ଦିବାଲୋକେ ହୁଏ ପାଞ୍ଚ ବର୍ଷ ଝିଅ ବଳାତ୍କାର

ହେ ଇଶ୍ୱର ତୁମକୁ ଶେଷ ପ୍ରଶ୍ନ ମୋର

ତୁମ ସତ୍ତା ଆଉ ଧର୍ମ ସଂସ୍ଥାପନାର

ସତରେ କଣ ଖମ୍ବ ଚିରି ନେଇଥିଲ ନରସିଂହ ଅବତାର ? ?.....

ନା ତୁମେ ବୟସ୍କ ନା ଗ୍ରହଣ କରିଛ ସ୍ୱେଚ୍ଛାକୃତ ଅବସର

ସବୁଜାଣି ସବୁଦେଖି ତୁମେ ନିରୁତ୍ତର

ଲିଭେଇଦିଅ ସେଇ ଯୌତୁକ ର ନିଆଁ କୁ

ପଙ୍ଗୁ କରିଦିଅ ବଳାତ୍କାରୀ ର ସବୁ ଅଙ୍ଗକୁ

ପିତା ଶବ କାନ୍ଧେଇବାକୁ ଯୋଗ୍ୟ କର ପ୍ରତି ପୁତ୍ରକୁ

ଛିଣ୍ଡେଇ ଦିଅ ସେଇ ପିଶାଚ ପିଶାଚୀ ଙ୍କର ହାତକୁ

ଯିଏ ଚେଷ୍ଟା କରନ୍ତି କନ୍ୟାଭ୍ରୂଣ ହତ୍ୟା କରିବାକୁ

ସଦବୁଦ୍ଧି ଦିଅ ସେଇ କୃତଘ୍ନ ସନ୍ତାନ ମାନଙ୍କୁ

ଯିଏ ହତାଦର କରେ ନିଜ ଜନ୍ମଦାତା ପିତାମାତାଙ୍କୁ

ଖୁସିର ହସ ଦିଅ ସେଇ କ୍ଷୁଧାର୍ତ୍ତ ମାନଙ୍କୁ

ମର୍ଯ୍ୟାଦା ବଜାଇ ରଖ ତୁମ ପଦବୀ ଆଉ ସତ୍ତା କୁ

ପ୍ରେରଣ କର ବିନାଶୟ ଚ ଦୁଃସ୍ବପ୍ନ ତାମ ର ଚିଠି

ଲୁହ ଭରା ଆଖି କୋହ ଭରା ଛାତିରେ

କେହି ଯେମିତି କେବେ ନ ଡାକୁ

ହେ ଇଶ୍ୱର ତୁମେ କେଉଁଠି ? ?

କାକଟପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୋଇଛି ରକ୍ତାକ୍ତ ବର୍ଣ୍ଣ



ଜଗବନ୍ଧୁ ସାହୁ

ପାପ ଭାରେ ଆଜି ଭରି ଅଛି ମହୀ
ପୂଣ୍ୟର ପୃଥିବୀ ପରେ
ଆହେ ଚକ୍ରଧାରି  ଆସ ଅବତରୀ
ପାପି ସଙ୍ଗାରିବ ଥରେ

ସତ୍ୟ ଯୁଗରେ  ଲକ୍ଷ୍ମୀଙ୍କ ସାଥିରେ
ବସିଥିଲ ବଇକୁଣ୍ଠେ
ଗଜ ଡାକଦେଲା  ରଖ ନାରାୟଣ
ଶୁଭି ଗଲା ତତ୍ କ୍ଷଣେ

କୁମ୍ଭୀରକୁ ମାରି  ଗଜ ଉଦ୍ଧାରିଲ
ରଖିଲ ଭକତ ପଣ
ଏ କଳି ଯୁଗରେ  ମାଆ ସାଥେ ପୁତ୍ର
ଚାଲିଗଲା ଦୁଇ ପ୍ରାଣ

କାଇଁ ଶୁଭିଲାନି  ଗଜରାଣୀ ଡାକ
ଆହେ ପ୍ରଭୁ ନାରାୟଣ
ମଣିଷ ରୁପି ଏ ରାକ୍ଷାସ ମାନେ ଯେ
ଛଳେ ନେଲେ ତାର ପ୍ରାଣ

କିଆଁ ଡାକିଲାନି  ଗଜରାଣୀ ତୁମକୁ
ଦେଲ ନାହିଁ ତୁମେ ଧ୍ୟାନ
ପୂଣ୍ୟର ପୃଥିବୀ  ପାପ ଭାରେ ଆଜି
ହୋଇଛି ରକ୍ତାତ ବର୍ଣ୍ଣ

ପ୍ରେମ୍ କବି ଜଗବନ୍ଧୁ ସାହୁ : ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଅଶାନ୍ତ ମୋ ପଦମାଳା,
ଅସଂଯତ ଶବ୍ଦମେଳା,
ଦେଖି ତୁମେ ରୁଷିଲେ ରୁଷିବ;

କେବେହେଲେ କିନ୍ତୁ ଥରେ
ମୌନେ ବିଜନେ ଅନ୍ତରେ
ଦିନେ ଏ ମୋ' ପଦ ତ ଦିଶିବ । ।

ପ୍ରତି ଥର ଦୃଷ୍ଟିପାତ
ପ୍ରତି ପଦମାଳା ସାଥେ
ଶୁପ୍ତ ଭାବ ଉଠୁଥିବ ଫୁଟି;

ଘେନି ନବରବି ଜ୍ୟୋତି,
ନବ ଯଉବନେ ତାତି
ପୁଲକ ତୁମର ଯିବ ଲୋଟି । ।

ନିଶ୍ଚେ ଦିନେ ବିଚରିବ
ବିଶାଳ ଶବ୍ଦବିଭବ
ପରେ ଚକ୍ଷୁ ରଖି ନିବଦ୍ଧିତ;

ଖୋଜି ପ୍ରତି ଛନ୍ଦ ଅର୍ଥ
ଘାଣ୍ଟିବ ମୋର ସାହିତ୍ୟ
ନେତ୍ର ତୁମ ଥିବ ଉନ୍ମିଳିତ । ।

ଅର୍ଥ ମତେ ଶବ୍ଦ ଖୋଜି
ଆଙ୍କିବି ଶକ୍ତି ନିୟୋଜି
ପ୍ରାଚୀ ନଭେ ନବ ସୂର୍ଯ୍ୟୋଦୟ;

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତୀଚୀରେ ଧୀରେ ଧୀରେ
ଆଙ୍କିବି କଲମ ଗାରେ
ଘନ ରାତ୍ରି ଅନ୍ଧକାରମୟ । ।

ଭରା ଅଜଣା ଔତ୍ସୁକ୍ୟ
ମନେ ମୋ କରିବ ନୃତ୍ୟ
ଭରିଥିବ କେତେ ମାଦକତା;

ତୁମ ଚକ୍ଷୁ ତଳେ ତଳେ
ନୟନର ଉଷ୍ମ ଜଳେ
ଥିବ ତୁମ ପ୍ରୟାସ ବ୍ୟର୍ଥତା । ।

ଦିନେ ତ ଆସିବ ଫେରି,
ଅତୀତକୁ ଝୁରି ଝୁରି
ଦେବ ପ୍ରାଣସଙ୍ଗିନୀଠି ମନ;

ମୋ ସାଥୀରେ ମିଶିବ ତ,
କରି ନେବ କୋଳାଗ୍ରତ,
ନ ରଖିବ ରାଗ ଅଭିମାନ । ।

ସହଦେବଖୁଣ୍ଟା, ବାଲେଶ୍ୱର ।
୭୭୮୯୭୭୨୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ବ୍ୟାକରଣ



ସୁଦିପ୍ତା ବେହେରା

କେତେ ଆନ୍ଦୋଳିତ ଶବ୍ଦ ବ୍ୟାକରଣରେ
ପ୍ରତିପାଦିତ ପ୍ରତି ଶବ୍ଦରେ
ପ୍ରତିଧ୍ୱନିତ...
ଆଉ କେବେ ହିଲ୍ଲୋଳିତ ତରଙ୍ଗରେ
ଦୋଳାୟିତ ହର୍ଷୋଲ୍ଲାସରେ... ।
ଦୟା - କ୍ଷମା - ଶାନ୍ତି
ପରିପୂର୍ଣ୍ଣ ବିଶେଷ୍ୟ ଗୁଣରେ
ସାହସିକତା, ନିର୍ଭିକତା...
ଆଉ କେବେ
ପଳାତକ ବିଧେୟ ବିଶେଷଣ ସାଜି
ଯୁକ୍ତ ହୁଏ ସଂଯୋଜକ ଅବୟରେ ।
କେବେ ହଁ ଆଜ୍ଞା,
ଆସ୍ତି ସୂଚକରେ
ସୂଚିତ କରେ ଜୀବନଦର୍ଶନ
ଆଉ କେବେ
ନାଁ - ନାହିଁ ନାସ୍ତି ବାକ୍ୟରେ
ଆମନ୍ତ୍ରଣ କରେ,
ଘନ ଘୋର ଯୁଦ୍ଧ
ବିଶ୍ୱାସର କ୍ରିୟା ସୂଚକରେ
ନିବିଡ଼ତା ଆହୁରି ଗଭୀର ହୁଏ
ଆଉ କେବେ
କିଏ କାହିଁକି କଣ
ସନ୍ଦେହର ପ୍ରଶ୍ନ ଚିହ୍ନରେ ।
ଦୂରତାର ଗାର ଟାଣେ
ଜୀବନ ପୃଷ୍ଠାରେ
ତୁମେ ଆଉ ମୁଁ ସମ୍ପର୍କରେ
ସେମାନେ କିନ୍ତୁ ପ୍ରଶ୍ନ ନେଇ
ସର୍ବନାମ ପିରାମିଡ୍ ତୋଳେ ।
ଆଉ କେବେ
ଶଙ୍ଖ ହୁଳୁହୁଳି
ଧ୍ୱନ୍ୟାତ୍ମକ ଅବୟରେ
ନିଜକୁ ସମର୍ପିତ କରେ
ପ୍ରଭୁ ପଦାରବିନ୍ଦରେ ।

ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଅନ୍ତରବା, ମୋହନା, ଗଜପତି, ଓଡ଼ିଶା

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୂଲିଆ



ଦୁର୍ଯ୍ୟୋଧନ କରଡ଼ା

ମୂଲିଆ ନାମ ମୋର ଶ୍ରଦ୍ଧାରେ ଡ଼ାକନ୍ତି
ବାବୁଘରେ କାମ କଲେ ହଳିଆ କୁହନ୍ତି ।।୧।।
ଖାଇବା ରହିବା ଦେଇ ମାସିକ ଦରମା
ଦିନରାତି ଖଟୁଥାଏ ଛୁଟିଫୁଟି ନାହିଁ ଜମା ।।୨।।
ବିଲବାଡ଼ି ଗାଇଗୋରୁ ଛେଳିମେଣ୍ଢା ଚରାଏ
ଦୋକାନ ବଜାର ହାଟବାଟ ସବୁଠି ଡ୍ୟୁଟି ଥାଏ ।।୩।।
ମାଲିକର ଗେହ୍ଲାପୁଅ ଯଦି ମାନେ ସବୁରି
ନହେଲେତ ଦୁମ୍‌ଦୁମ୍ ଭୁଷୁଭୁଷୁ ମିଳେ ମୋତେ ଉପୁରି ।।୪।।
ରାଜ୍ୟଛାଡ଼ି ଅନ୍ୟରାଜ୍ୟେ ଗଲେ ନାମ ଯାଏ ବଦଳି
ଦାଦନ, ପ୍ରବାସୀ ଶ୍ରମିକ, ଚାକର, ବଛା, କୁଲି, ମାଳି ।।୫।।
ଘରୋଇ ଶ୍ରମ କାମରେ ଚାକର ବୋଲାଏ
ଝାଡ୍ରୁ, ପୋଛଣୀ, ରୋଷେଇ ପିଲାସେବା ଥାଏ ।।୬।।
ଲାଟ୍ରିନ୍ ସଫା କଲେ ମୋତେ ମେହଂତର ଡ଼ାକନ୍ତି
ଛୁଅନା ଛୁଅନା କହି ଦୂର୍ ଦୂର୍ ଭଗାନ୍ତି ।।୭।।
ସ୍କୁଲ କଲେଜ ନେଇ ପିଲାଙ୍କୁ ମୁଁ ଛାଡ଼ଇ
ପିଲାମାନଙ୍କଠାରୁ ଚାଚା ପଦ ମିଳଇ ।।୮।।
ମାଲିକ ନଥିଲେ ଘରେ ଗାଡ଼ିଆନ ପଦବୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମାନିଆ ହେଲେ ପିଲା ଗାଳିମାଡ଼ ମିଳେବି ।।୯ ।।

ପାର୍କ ବଗିଚା କାମରେ ମାଳି ମୋର ନାମଟା

ଫୁଲଫଳ ନଫୁଟିଲେ ଚାଲିଯିବ ଚାକିରିଟା ।।୧୦ ।।

ରୋଷେଇ କଲେ ହୋଟେଲରେ ମହାରାଜ କହିବେ

ପ୍ଲେଟ୍ ଧୂଆ ପରଶାରେ ହୋଟେଲ୍ ବଏ ଡ଼ାକିବେ ।।୧୧ ।।

ବିଲଡ଼ରଙ୍କ ସାମ୍ନାରେ ମୁଁ ମିସ୍ତ୍ରୀ ମଜୁରିଆ ବଢ଼େଇ

ଠିକ୍‌ଠାକ୍ କାମ ନହେଲେ ଦିଅନ୍ତି ତଡ଼ି ବାଡ଼େଇ ।।୧୨ ।।

ଷ୍ଟେସନ୍ ରେ ଲୋକେ ମୋତେ ଷ୍ଟେସନ୍ କୁଲି ଡ଼ାକନ୍ତି

ଶୀଘ୍ରଶୀଘ୍ର ବୋହିନେଲେ ବକ୍ସିସ୍ ମୋତେ ଦିଅନ୍ତି ।।୧୩ ।।

ପେପର ବିକିଲେ ମୋର ନାମ ହୁଏ ହକର

ସକାଳୁ ଉଠି ପେପର ବାଣ୍ଟେ ଦିନଯାକ ବେକାର ।।୧୪ ।।

ଶିଶୁ ଶ୍ରମିକ ଭାବେ ହୋଟେଲ ଗ୍ୟାରେଜ୍ ଢ଼ାବାରେ

ପିଲାପିଲା ଚିହ୍ନାରକୁ ମାଡ଼ଖାଏ ରେଂଚିରେ ।।୧୫ ।।

ମାଲଗୋଦାମରେ ଜିନିଷ ବୋହି ଖଲାସି କାମ କରେ

ଟ୍ରକବସ୍ ଉପରକୁ ବସ୍ତା ଟେକି ଭୋକଉପାସେ ମରେ ।।୧୬ ।।

ଖଣିଖଦାନ ସିପୋର୍ଟ ଏୟାରପୋର୍ଟ ସବୁଠି ଦରକାର

ନିଜର କିନ୍ତୁ ଓଜନ ନାହିଁ ଜୀନଟା ବେକାର ।।୧୭ ।।

ଚିଅର ଲିଡ଼ର, ବାର ଗାର୍ଲ କଲଗାର୍ଲ ଭଳିକି ଭଳି ନାମ

ଘରୋଇ ଶ୍ରମିକ, ବନ୍ଧୁଆ ମଜଦୂର ନାହିଁ କିଛି ଦାମ୍ ।।୧୮ ।।

ଗୋଡ଼ି ପିଟାଳି, ପତ୍ର ତୋଳାଳି, ଇଟା ପକାଳି ପାନ ଛିଣ୍ଡାଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଚୁପକାଳି, ମାଟି ବୁହାଳି, ଜରି ଗୋଟାଳି ନାମ ଭଳିଭଳି । ।୧୯ । ।

ସଂଗଠିତ, ଅଣସଂଗଠିତ ଶ୍ରମିକ ମଂଚ ଗଢ଼ା ହେଲାଣି କେତେ

ମୋ ସମ୍ମାନ ଓ ଅଧିକାର ମିଳିପାରୁନି ମୋତେ । ।୨୦ । ।

ରିକସା ଚାଳକ ଅଟୋ ଚାଳକ ଚପରାଶି କ୍ରିତଦାସ

ସବୁଠି ମୋ ଉପସ୍ଥିତି ରହେ କିନ୍ତୁ ଉପବାସ । ।୨୧ । ।

କମ୍ପାନୀ ଫାକ୍ଟ୍ରି ମାଲିକମାନେ ଦିନରାତି ଶୋଷନ୍ତି

କୋଟିପତିରୁ ଆରବପତି ଖରବପତି ହୁଅନ୍ତି । ।୨୨ । ।

ସଂବିଧାନର କାଗଜ ବାଘ ଡ଼ରନ୍ତି ନାହିଁ କେହି

ଯିଏ ଯାହାବାଟେ ଶୋଷଣ କଲେ କାହାର କିଛି ନାହିଁ । ।୨୩ । ।

କାର୍ଲମାର୍କସ୍ ଲେଲିନ୍ ଗାନ୍ଧି ଅମର୍ତ ସେନ୍

କାହା ଅର୍ଥନୀତି କାମ କରେନା ସବୁ ସୁନ୍ଶାନ । ।୨୪ । ।

ଶାରୀରିକ ବୌଦ୍ଧିକ ଶ୍ରମ ଝଗଡ଼ା କିଏ ସାନ ବଡ଼

ଦୁନିଆସାରା ଶାରୀରିକ ଶ୍ରମ ଖାଉଛି ବେଶୀ ମାଡ଼ । ।୨୫ । ।

ସରକାରୀ ବେସରକାରୀ ବହୁ ପ୍ରକାର ଅନ୍ତର

ଶ୍ରମ ଶୋଷଣ ସବୁଠି ଚାଲିଛି ନିରନ୍ତର । ।୨୬ । ।

ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଗୋଟେ ଦିଟା ନାମ

ଏ ଦେଶର ମୂଲିଆର କାହିଁ ଶହସ୍ର ନାମ । ।୨୭ । ।

ଯାହାରି ଯୋଗୁଁ ଦୁନିଆ ବଂଚେ ସମ୍ମାନ ନାହିଁ ତାର

ଶିକ୍ଷା ସ୍ୱାସ୍ଥ୍ୟ ଅବ୍ୟବସ୍ଥାରେ ଚଳେ ତା ପରିବାର । ।୨୮ । ।

ଶ୍ରମର ମୂଲ୍ୟ ପାଏନି କେବେ ଜୀବନ ମାଟି ହୁଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ସରକାର ନା ଠିକାଦାର କମ୍ପାନୀ ମାଲିକ ଦିଏ ।।୨୯ ।।

ଅଭାବ ଆଉ ଅନାଟନ ଚୀର ସହଚର ଥାଆନ୍ତି

ରୋଗବ୍ୟାଧି ଜନ୍ତ୍ରଣା ତାକୁ ପ୍ରକୃତ ପ୍ରେମ କରନ୍ତି ।।୩୦ ।।

ଗାଳି ମାଡ଼ ନିର୍ଯ୍ୟାତନା ଅପମାନ ସାଂଗସାଥୀ

ଯୁଆଡ଼େ ଗଲେ ସଦାସର୍ବଦା ସାଂଗରେ ଯାଇଥାନ୍ତି ।।୩୧ ।।

ଅସମ୍ଭବ ଶବ୍ଦ ସିଏ କାଟିଦେଇଛି ଜୀବନେ

ଆଗକୁ ମାଡ଼ିଚାଲିଛି ଡ଼େଇଁ ବାଧା ବନ୍ଧନେ ।।୩୨ ।।

ମରଣକୁ ଡ଼ର ନାହିଁ ବାତ୍ୟା ବନ୍ୟା ଛାର

ଯିଏ ଯୋଉଠିକି ଡ଼ାକିଲା ସାଙ୍ଗେସାଙ୍ଗେ ହାଜର ।।୩୩ ।।

ଆକାଶ ଛାତ ଧରିତ୍ରୀ ବିଂଛଣା ଅଛି ଯାର

ମନ ଦୁଃଖ ନାହିଁ ନଦେଲେ ଆମ ସରକାର ।।୩୪ ।।

ଚୁପ୍ ସଇତାନ୍ ସରକାର ଆଜି ସଂପୂର୍ଣ୍ଣ ନିର୍ବିକାର

ମାଗଣା ସ୍କିମ୍ ହଜାରେ ସିନା ଦଉନି ଅଧିକାର ।।୩୫ ।।

ଅନ୍ଧ ସାଜିଛି ପଙ୍ଗୁ ଆଇନ୍ ଭୋଟର ପଶାପଲି

ବିରୋଧୀ ଶାସକ ଡ୍ରାମେବାଜ୍ ମିଛରେ ଠେଲାଠେଲି ।।୩୬ ।।

ସମାନ କାମକୁ ସମାନ ମଜୁରୀ ଛୁଟି ଆନ୍ୟାନ୍ୟ ଭତା

ସରକାରୀ ବେସରକାରୀ ଦରକାର ସମାନାତା ।।୩୭ ।।

ଶ୍ରମିକର ଅବସ୍ଥା ସରକାର ନ ସୁଧୁରିବେ ଯେବେ

ଦେଶର ଅବସ୍ଥା ଖରାପରୁ ଅତି ଖରାପ ହଉଥିବ ତେବେ ।।୩୮ ।।

ଉପ ସଭାପତି, ମୋହନା ଓକିଲ ସଂଘ, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଓଡ଼ିଆ ଘରର ବୋହୂ



ଭାରତୀ ସାହୁ

ମୁଁ ଓଡ଼ିଆ ଝିଅ ମୁଁ ଓଡ଼ିଆ ବୋହୂ
ଏଇ ଗରବ ମୋ ସାଥିରେ ରହୁ
ମୋ ଭାଷା ଓଡ଼ିଆ କେତେ ଯେ ବଢ଼ିଆ
ସତେକି ଝରୁଛି ମହୁ
ମୁଁ ଓଡ଼ିଆ ଘରର ବୋହୂ...
ଓଡ଼ିଶା ଦେଶେ ଜନମ ବୋଲି
ଗରବେ ଛାତି ଯାଉଛି ଫୁଲି
ଓଡ଼ିଆ ପୁଅ କଳା ଚାତୁରୀ
ଜୀବନେ କେବେ ହେବନି ଭୁଲି
ଓଡ଼ିଆ ପୁଅର ବୀରତ୍ୱ କାହାଣୀ
ଯୁଗେ ଯୁଗେ ରହିଥାଉ
ମୁଁ ଓଡ଼ିଆ ଘରର ବୋହୂ...
ଓଡ଼ିଆ ଜାତି ରହିବ ମନେ
ବାରତା ଦେବ ସବୁରି କାନେ
ଓଡ଼ିଆ ଗୀତ ଶୁଣିଲେ ଥରେ
ମନ ତ ଖାଲି ତାକୁ ହିଁ ଝୁରେ
ଓଡ଼ିଆ ଠାକୁର ଜଗନ୍ନାଥ ମୋର
ତା ଚରଣେ ମନେ ରହୁ
ମୁଁ ଓଡ଼ିଆ ଘରର ବୋହୂ...
ଓଡ଼ିଆ ଲେଖିବି ଓଡ଼ିଆ ପଢ଼ିବି
କହିବି ଓଡ଼ିଆ ଭାଷା
ଓଡ଼ିଆ ଗୀତକୁ ଗାଇବାକୁ ସଦା
ରହିଛି ମନରେ ଆଶା
ଓଡ଼ିଆଣୀ ପରି ଜୀବନ କାଟିବି
ହସି ହସି ଦିନ ଯାଉ
ମୁଁ ଓଡ଼ିଆ ଘରର ବୋହୂ...
ମୁଁ ଓଡ଼ିଆ ଘରର ବୋହୂ...

ମାର୍ଫତ : ଦୀପ୍ତିକାନ୍ତ ସାହୁ
ଯୁନିଦା ପାଟନା, ଦଶରଥପୁର, ଯାଜପୁର
ଭ୍ରାମ୍ୟଭାଷ : ୭୮୫୫୮୪୯୧୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଭ୍ ୟୁ ରିଭ୍ୟୁ



ଅଭିମନ୍ୟୁ ବେହେରା

ଲଭ୍ ୟୁ ରିଭ୍ୟୁ
ତମ ପରେ ତମେ ଶିଖେଇଥିବା
ତମ କଥା କୁହା ପକ୍ଷୀ ଶୁଆ
ତମ ପରେ ମୋତେ ଏବେ
ଆଇ ଲଭ୍ ୟୁ କହିଲାଣି
ତମେ ଲଗେଇଥିବା
ତମ କୁଣ୍ଡର ଗୋଲାପ ଗଛରୁ
ଥଣ୍ଟରେ ଗୋଲାପ ଛିଡାଇ
ତମ ପରେ ମୋତେ ଏବେ
ଗୋଲାପ ଫୁଲ ଭେଟି ଦେଲାଣି
ଇଂରାଜୀରେ ଆଇ ଲଭ୍ ୟୁ ଉଚ୍ଚରଣ ବେଳେ
ଶୁଆର ସ୍ୱର ପେଟିକାକୁ କେତେ କଷ୍ଟ
ଥଣ୍ଟରେ ଗୋଲାପ ତୋଳିଲା ବେଳେ
ଥଣ୍ଟରେ ଗୋଲାପ କଣ୍ଟା ଫୁଟିବାର ଆହୁରି କଷ୍ଟ
ଲୋଡା ନାହିଁ ଗୋଲାପ
ଚାହିଁବକେ କରିବାକୁ ରିଭ୍ୟୁ
ଇଂରାଜୀ କବି ଓସ୍କାର ଓାଇଲଡଙ୍କ
ନାଇଟଙ୍ଗଲ ଆଉ ରୋଜର ରିଭ୍ୟୁ
କାହିଁକି ନାଇଟଙ୍ଗଲ ପରି
ନିଜ ଦେହରୁ ନିଗାଡି ଦେବ
ରୁଧିର ନିର୍ଝର
ବରଂ ଖୋଲିଯାଉ ପଞ୍ଜୁରୀ ଉଡିଯାଉ ପକ୍ଷୀ
ଯଦି ପ୍ରେମ ଶାଶ୍ୱତ ଚିରନ୍ତନ ନିଷ୍ଠେ
ଦୁନିଆ ପାରିବ ଦେଖି
ଶୁନ୍ୟ ପଞ୍ଜୁରୀ ରହିବ ତ ସାକ୍ଷୀ
ତମ ବିନା ବଂଚିବା କେମିତି ଯାଇଛି ଶିଖି

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୮୧୬୦୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆର ମମତା



ଡଃ ମନୋରଞ୍ଜନ ବିଷୋୟୀ

ମାଆ କ'ଣ ଆଉ
ଡାକୁନି ଜହ୍ନକୁ
ଓହ୍ଲାଇ ଆସିବାକୁ
ନିଜ ପୁଅ ହାତକୁ ।
କାହିଁକି ବା ଆଉ
ମାଆ ଡାକିବ ଜହ୍ନକୁ
ଏବେ ତ ସମୟ
ବଦଳାଇ ଦେଇଛି
ସଂପର୍କର ଛବିକୁ ।
ପୁଅ ବଡ଼ ହୋଇ
କହୁଛି ଏବେ
ଜହ୍ନକୁ ଟେକାମାରି
ଝଡ଼ାଇ ଆଣି ଦେବ
ନିଜ ପ୍ରିୟା ହାତକୁ ।
ଏପରିକି ଜହ୍ନକୁ
ପୁନେଇଁ ରାଣ ଦେଇ
ଅଟକାଇ ପାରୁଛି
ପ୍ରିୟା ସହ ଗପିବାକୁ ।
ଆଉ ଭିଟାମାଟି ଛାଡ଼ି
ମନ ବଳାଇଲାଣି
ଜହ୍ନ ରାଇଜରେ
ଘରଟିଏ ତୋଳି
ପ୍ରିୟା ସହ ରହିବାକୁ ।
ତେଣୁ ତ ମାଆ ଆଉ
ଡାକୁନି ଜହ୍ନକୁ
ଓହ୍ଲାଇ ଆସିଲେ ଜହ୍ନ
କେମିତି ପୂରଣ କରିବ
ପୁଅ ନିଜ ସ୍ୱପ୍ନକୁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
ଫୋନ୍: ୮୮୯୫୧୪୧୭୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଲିଗଲ 'ବାବା' ମୋତେ ଏକା ଛାଡ଼ି



ପ୍ରଭାତ ମିଶ୍ର

ବାପଠାରୁ ବଳି ସେନେହ ପାଇଲି
ଯାହା ଆଶିଷରେ ବଡ଼ ମୁଁ ହୋଇଲି
ନିଜ ପିଲା ପରି ଯା'କୋଳେ ଖାଇଲି
ସମ୍ପର୍କେ ସିଏ ମୋ ଅଜା
ଲଳିତ ମୋହନ ନାମେ ଯେ ଭୂଷିତ
ମୋର ତ ପ୍ରିୟ 'ବାବା' ।
ସ୍ୱଭାବରେ ସିଏ ଭାରି ସ୍ୱାଭିମାନୀ
କରୁଣ, ଉଦାର ମନର ତ ଧନୀ
ଜୀବନଟା ତାଙ୍କ ସଂଘର୍ଷ କାହାଣୀ
ଯିଏ ଦେଖିଅଛି ସିଏ ଅଛି ଜାଣି
ଦୁଃଖ, ବେଦନାକୁ ନିଜ ମନେ ଘେନି
ଭାବୁଅଛି ଆଜି ଅଜାଙ୍କ କାହାଣୀ ।
ଦଶ ବର୍ଷୁ ବାପ ଛେଉଣ୍ଡ ହୋଇଲେ
ବାଲ୍ୟକାଳୁ କଷ୍ଟ ସ୍ୱାଦ ସେ ଚାଖିଲେ
ମାଆ ପଣତରେ ବଡ଼ ଯେ ହୋଇଲେ
ସଂଘର୍ଷ ବେଦନା ଅଙ୍ଗେ ସେ ସହିଲେ
ଜୀବନଟା ଯାକ ଦୁଃଖ ଯେ ଦେଖିଲେ
ମଲାଯାଏଁ କିନ୍ତୁ ହାତ ନ ପାତିଲେ ।

ଚାଲି ଶିଖିଲି ମୁଁ ଯାହା ହାତଧରି
ଖୁଆଇଲା ଯିଏ ନିଜ କୋଳେ ଧରି
ନିଜ ପିଲାପରି ନେଲା ଯେ ଆଦରି
କଣ୍ଢେଇ ଖେଳିକି ଯାହା ବେତ ଧରି
ଭାବିଥିଲି ତାର ହେବି ଆଶାବାଡ଼ି
ହେଲେ, ଚାଲିଗଲ ବାବା ମୋତେ ଏକା ଛାଡ଼ି ।
ଛୁଟି ବେଳେ 'କିରା' ନେବ କେ ଆଦରି
ଯିବି 'ବଡ଼କଟା' କାହା ହାତଧରି
ଖେଳିବି ମୁଁ ଆଉ କାହା ବେତଧରି ।
କାହାଠୁ ଶୁଣିବି ଗୀତ କାନ ଡେରି
କୋଟି ଜନମର ଋଣୀ ମୋତେ କରି
ଚାଲିଗଲ 'ବାବା' ମୋତେ ଏକା ଛାଡ଼ି ।

କିରା = ମୋର ମାମୁଁଘର ଗାଁର ନାମ, ବଡ଼କଟା = ମାମୁଁଘର ଗାଁରେ ଥିବା ଗୋଟିଏ ପୋଖରୀ

ଇମେଲ୍ : prabhat11499@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜ



ଜ୍ୟୋତ୍ସ୍ନାମୟୀ ପୋଲାଇ

ବରଷକେ ଥରେ ଆସିଛି ରଜ
ସାଥିରେ ଆଣିଚି କେତେ ମଉଜ
ଆଲୋ ବଉଳ...
ଆଲୋ ସଙ୍ଗାତ...
ପାଳିବା ଏଥର ରଜ
ହୋଇ ନୂଆ ସଜବାଜ ।
ଝିଅମାନଙ୍କର ସୁଲଭ ଆଜି
ନବ ବସନରେ ଦେହକୁ ସାଜି
ନାଲି ଟୁକୁଟୁକୁ ଅଳତା ପାଦେ
ରୁଣୁଝୁଣୁ ଚୁଡ଼ି ହାତକୁ ସାଜେ
ଆଖିରେ କଜଳ ଗାର...
ଆମ୍ବତୋଟା ମାଳେ ଝିଅ ବୋହୁଙ୍କର
ଲାଗିଛି ଆଜି ମେଳଣ ।
ଆମ୍ବଗଛ ଡାଳେ ବାନ୍ଧିଛି ଦୋଳି
ସବୁ ସାଙ୍ଗ ଚାଲ କରିବା ମେଳି

କୁଆଁରୀମନର ରଙ୍ଗୀନ ଛିଟାରେ
ଆମ୍ବତୋଟା ଆଜି ଯିବ ଚହଲି ।
ଘରେ ହୋଇଥିବ ଏଣ୍ଡୁରି ପିଠା
କାକରା ଆରିସା ଓ ପୋଡ଼ପିଠା
ରଜଦୋଳି ସଙ୍ଗେ ମିଠାପାନ ଖିଲ
ଖାଇଲେ ଲାଗିବ ବଢ଼ିଆ ମିଠା ।
ଏତେ କଥା ଭାବି ମୋର ମନ
ହେଲାଣି ଆଜି ଲୋ ଭାରି ଉଛନ୍ନ
ଉଛୁର ଆଉ ନ କର,
ସଅଳ ସଅଳ ଆଲୋ ବଉଳ
ବେଳ ନ ବୁଡୁଣୁ ବାହୁଡ଼ି ଆସିବା
ବୋଉ ପକେଇଛି ରାଣ ।

ବେଲଗୁଣ୍ଠା, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନନୀତ୍ୱର୍ ଗୀତି



ଦଣ୍ଡାସି ପ୍ରଧାନ

ତୁମେ ହେ ଜନନୀ ଜନ୍ମଦାତ୍ରୀ
ସ୍ୱର୍ଗୀୟ ବରଦାନ
ସମର୍ପଣର ଶିଖାସାକ୍ଷର ଅମୃତ ଆଲିଙ୍ଗନ
ସମୟ ସ୍ରୋତର ଚିହ୍ନ
ଜନ୍ମ ଜନ୍ମାନ୍ତରେ ଅତି ଓ ଇତିର
ଆତ୍ମୀୟ ବରଦାନ ।୧

ଆକାଶ - ପୃଥ୍ୱୀ - ସୂରୁଜ - ଚାନ୍ଦ
ମାଟି - ପାଣି - ପବନରେ
ତୁମର ସତ୍ତା ଓ ଶକ୍ତିର ସ୍ପର୍ଶ ସ୍ପନ୍ଦିତ
ସ୍ପନ୍ଦନରେ
ସଞ୍ଚରି ଜଗତରେ
ମାଧବ - କୃଷ୍ଣ ବେଣୁ ସ୍ୱର ସୁର
ନିଃସର୍ତ୍ତ ମମତା ଧାରେ ।୨

ନିତ୍ୟ ପ୍ରବାହିତ ଆନ୍ତଃସାର ସ୍ରୋତେ
ଚଳ ଚଞ୍ଚଳ ଏ ମାଟି
ପବିତ୍ର ନିନାଦେ ସଦା ଜାଗ୍ରତ
ଅମିୟ ଆନନ୍ଦ କୋଟି
ଜୀବ ଜଗତରେ ଏଠି
ମୃଦୁ ଗୁଞ୍ଜରଣ ପ୍ରୀତି ପ୍ରତିକର
ଭିନ୍ନ ଅନୁଭୂତି ଭେଟି ।୩

ବନ୍ଦୀଶାଳରୁ ଯମୁନାର ଜଳେ
ଗୋଧୂଳିର ଗୋପଦାଣ୍ଡେ
ଯଶୋଦା ନା ତୁମେ ଦେବକୀ ଜନନୀ
ଶୃଙ୍ଖଳ ଖୁଆଦଣ୍ଡେ
ନବ ନବ ସ୍ୱାଦୁ ଶୋଣିତ ସ୍ରୋତରେ
ପରଖି ଚାଲିଛି ତୁଣ୍ଡେ ।୪

ଯୁଗ ଯନ୍ତ୍ରଣା ଯାତ୍ରା ଯୁଦ୍ଧରେ
ଥକି ତ ଯାଇ ନ ତୁମେ
ରାଜ ଦରବାରେ କାନନ ପ୍ରାନ୍ତରେ
ଥଇଥାନି ନାନା ନାମେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅପବାଦ ବଦନାମେ

ଆଶୀର୍ବାଦର ସୁଧା ଧାରା ଅର୍ପି

ଅର୍ଜିଛି କୀର୍ତ୍ତି ଧାମେ ।୫

ବନ୍ଦନ ବନ୍ଦିତା ସାମର୍ଥ୍ୟ ହେତୁ ତ୍ୟାଗପୂତ ଜୀବନର

ତୁମେ ଓ ଆମେର ବନ୍ଧନ ସମ୍ପର୍କ

ଭିନ୍ନ ଏକ ମମତାର

ସୁଲକ୍ଷଣୀ ସମ୍ବଳର

ସ୍ନେହ - ଶ୍ରଦ୍ଧା - ପ୍ରୀତି - ପ୍ରେମ - ପ୍ରଣୟର

ତୁଳାତୁଳ ବିଭବର । ୬

ପବିତ୍ର ପାପର ଶାଶ୍ୱତ ଦମ୍ଭ ଅମ୍ଳାନ ପ୍ରତିଭା ସତୀ

ସୁବିଶାଳ ସ୍ତମ୍ଭ ତ୍ୟାଗ ତାଗିଦର

ସେବା ଧର୍ମେ ସ୍ୱର ଗୀତି

ତୁମେ ଭିତ୍ତି - ସ୍ଥିତି - ସ୍ମୃତି

ବୁଦ୍ଧ ଓ ବୋଧର ସ୍ମାରକ ସ୍ଥାପନେ

ନିର୍ବାଣେ ମୋକ୍ଷ ମୁକ୍ତି ।୭

ସମ୍ପାଦକ (ସାହିତ୍ୟ), ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ

ପାତ୍ରପୁର, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୪୦୦୬୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାୟାଜାଲ



ବାସୁଦେବ ନାୟକ

ଆଲିଙ୍ଗନ ସବୁ ଛଡ଼ାଇକି ନେଲ
ହୁଗୁଳା ହେଲାଣି ବନ୍ଧନ
କରୋନା ତୁମକୁ ଡରି ମରି ଆଉ
କରୁନାହୁଁ କର ମର୍ଦ୍ଦନ ।୧

ଘର, ପରିବାର, ସମାଜରେ ଖାଲି
ମାନୁଅଛୁ ଏବେ ଦୂରତା
ପ୍ରେମ, ପ୍ରୀତି, ସ୍ନେହ ଲୋକ ପାଇବକି
ଲାଗୁନାହିଁ ଏତେ ନିରୁତା ।୨

ବାହା, ବ୍ରତଘର, ପଟୁଆର ଆଜି
ଗଡ଼ି ଗଡ଼ି ଗଲା ଲଗନ
ବନ୍ଧୁ ଗହଳିରେ ବଫେ ଭୋଜିଖିଆ
ହୋଇଲାଣି ସାତ ସପନ ।୩

ମେଳା ମଉଛବ, ଯାନିଯାତରାକୁ
ହେଉନି ମନରୁ ପାଶୋରି
ହୋଟେଲ୍, ମୋଟେଲ୍, କାଫେ ରେଷ୍ଟୁରାଣ୍ଟ
ଝୁରୁଛୁ ଭାଗ୍ୟକୁ ଆଦରି ।୪

ଗୋଷ୍ଠୀ ଜୀବନଟା ଅଲୋଡ଼ା ହେଲାଣି
ବନ୍ଦ ପୁଣି କର୍ମ ସଂସ୍ଥାନ
ସ୍କୁଲ୍, କଲେଜ କି ଖେଳପଡ଼ିଆରେ
ଜମୁନାହିଁ ଆଉ ଆସ୍ଥାନ ।୫

'ଏକଲା ଚଲୋରେ'ର ନୀତି ଆପଣାଇ
କେତେ ଦିନ ପଡ଼ି ରହିବୁ
ତାଲାବନ୍ଦୀ ହୋଇ ଏ ମାୟାଜାଲରୁ
କେବେକୁ ଉଦ୍ଧାର ପାଇବୁ ।୬

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୭୬୫୬୯୮୭୮୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମ ସ୍ମୃତିରେ



ରବୀନ୍ଦ୍ରନାଥ ମହାରଣା

ତୁମ ସ୍ମୃତିରେ ମୁଁ ଆତ୍ମହରା
ଚେତନାରୁ ଅବଚେତନ ଯାଏଁ
ତୁମ ଭାବନାରେ ମୁଁ ବିଭୋର
ମୋର ପ୍ରତି ସକାଳରୁ ସଂଜ ଯାଏଁ ।

ମୋର ପ୍ରତି କାହାଣୀରେ ତୁମେ ଆସ
ସାରାଂଶର ଶେଷ ଶବ୍ଦ ହୋଇ
ବନ୍ଦ ଆଖିରେ ବି ତୁମେ ଦିଶୁଥାଅ
ସତେ ଏକ ଛାୟାଚିତ୍ର ହୋଇ ।

ତୁମେ ମୋ ପ୍ରେମର ସମ୍ପୂର୍ଣ୍ଣ ପରିଭାଷା
ଛାଇଯାଅ ହୃଦୟର ସ୍ପନ୍ଦନ ହୋଇ
ତୁମେ ଆସ କି ନ ଆସ ମୋ ନିକଟେ
ତୁମ ସ୍ମୃତି ଆସେ ବନ୍ଦ କବାଟ ଫିଟେଇ ।

ଫୁଲରୁ ଝୁଲ ଯାଏଁ ମହମହ ବାସ ତୁମେ
ସତେ ଭୁରି ଭୁରି ବାସ୍ନା ହୋଇ,
ମନେ ସୃଷ୍ଟିକର ଆଶାର ଫୁଆରା
ଅନୁପସ୍ଥିତିରେ ଉପସ୍ଥିତିର ସଂଜ୍ଞା ହୋଇ ।

ଅନ୍ତଃହୀନ ଭାବନାର ନିର୍ଜନ ବେଳାରେ
ଆସ ପରସ୍ତ ପରସ୍ତ କୋଳାହଳ ନେଇ,
ପୁଣି କେବେ ଚାଲିଯାଅ ଦୂରେ ବହୁ ଦୂରେ
ବୋଝେ ସାଇତା ସ୍ମୃତିକୁ ମୁଣ୍ଡେଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ବସନ୍ତର ଚିଠି



ବେଣୁଧର ସୁତାର

ସ୍ରଷ୍ଟାର ଜୀବନ୍ତ ସୃଷ୍ଟିର ମହକ ମଧୁର ପୁଲକ ତୋଳେ
ପ୍ରୀତି ପ୍ରାଣମୟ ସ୍ୱର୍ଗୀୟ ପ୍ରଣୟ କଳ୍ପନା ନୟନ କୋଳେ
ପ୍ରସ୍ତର ଗାତ୍ରରେ ମଧୁଝଙ୍କାରେ ଅୟୁତେ ସ୍ୱପ୍ନ ଭରି
ଅମୃତମୟ ସେ ବିମୁଗ୍ଧ ସୁଷମା ପ୍ରୀତିର ସ୍ୱପ୍ନପୁରୀ
କେତେ ମଧୁଝରା ପ୍ରେମର ପସରା ରାଗରସ ଆଶାବରୀ
ପ୍ରୀତି ପ୍ରତୀକ୍ଷାର ସାଇତା ଚିତ୍ରରେ ଉପମା ପଡ଼ଇ ଝରି
ପ୍ରଣୟପିଆସୀ କୋଣାର୍କ କନ୍ୟାର ଉଷ୍ଣପ୍ରେମ ମାଦକତା
କାମନା ନେତ୍ରରେ ରତି ଆଳାପରେ ମୁଗ୍ଧଭାବ ପ୍ରବଣତା
କୁନ୍ଦରଦନା ସେ ବିଦ୍ୟୁତ ଲୋଚନା ମେଖଳାଯା ରୁଣୁଝୁଣୁ
ତାରୁଣ୍ୟ ଭଙ୍ଗିରେ ଚହଲେ ଚାତୁରୀ ପ୍ରୀତିର ପଦ୍ମରେଣୁ
ସେ ଯେ ପ୍ରୀତିପର୍ଣ୍ଣା ସୌନ୍ଦର୍ଯ୍ୟସମ୍ପର୍ଣ୍ଣା ପ୍ରେମର ଅମୃତଲଗ୍ନା
ଉର୍ମିଳ ଇଛାର ଦୁର୍ବାରକଳ୍ପନା ପ୍ରଣୟର ସ୍ୱପ୍ନମଗ୍ନା
କାଳର ଅକାଳ କୁଟିଳ କୁହାଟ ତା ଆଖିର ତନ୍ଦ୍ରା ଲୁଟି
ପୀରତି ମୋହର ଅଦୃଶ୍ୟ ବନ୍ଧନ ସନ୍ତ୍ରମେ ଯାଇଛି ତୁଟି
କୁମାରୀ ଅନ୍ତର କାରୁଣ୍ୟ କାହାଣୀ ବେଦନା ଯା ମର୍ମଭେଦି
ନୟନ ଅଶ୍ରୁରେ ସୃଷ୍ଟିକଲା କିବା ଯନ୍ତ୍ରଣାର ନୀଳ ନଦୀ
ହଜିଗଲା ତାର ଗୋତ୍ର ଠିକଣା ସାଜିଛି ଅହଲ୍ୟା ଏଠି
ମନର ମଣିଷ ଦେଇଛି ବିରହେ ଶେଷ ବସନ୍ତର ଚିଠି ।

କେଶଦୁରାପାଳ, କେନ୍ଦୁଝର
ଭ୍ରାମ୍ୟଭାଷ : ୯୧୭୮୫୬୭୨୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଦିନ ସପନେ



ନିରଞ୍ଜନ ସାହୁ

ସେଦିନ ରାତିରେ ତୁମ ସହ ମୋର
ଭେଟ ହୋଇଥିଲା ସପନେ
ଚୁପିଚୁପି କେତେ କଥା କହିଥିଲ
ମୋ କାନରେ ତୁମେ ଗୋପନେ ।

ଦିଶୁଥିଲ ତୁମେ ସରଗର ପରୀ
ହସୁଥିଲ ଖିଲିଖିଲି
କଥା କହୁଥିଲ ବିଣାଜିଣା କଣ୍ଠେ
ରାଜହଂସୀ ପରି ଚାଲି
ମୋ ମନକ୍ଷେତରେ ସବୁଜ ବିପ୍ଳବ
ତୁମ ପ୍ରୀତି ବୀଜବପନେ ।

ଦେଖି ତୁମ ଠାଣି ଶୁଣି ତୁମ ବାଣୀ
ହଜି ଯାଇଛି ମୋ ମନ
ତୁମକୁ ନିଜର କରିବା ପାଇଁ କି
ମନ ଏବେ ଛନଛନ
ରାତି ସିନା ପାହେ ମୁହିଁ କିନ୍ତୁ ଥାଏ
ବିନିଦ୍ର ରଜନୀ ଯାପନେ ।

ନିହଲ ପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
୭୫୯୦୧୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଷାନ



ବର୍ଷାରାଣୀ ବିଶ୍ୱାଳ

ସନ୍ତାନ ସେ ଗ୍ରୀଷ୍ମ, ବର୍ଷା, ଶରତର
ଧରଣୀଠୁ ବଳି ଟାଣ
ସହିଷ୍ଣୁତା ମାର୍ଗର ଚରମ ଧାରୀ
ମାଟିର କୃଷକ ଗଣ ।୧

ଦେଇ ନିଜ ଜୀବନକୁ ଜଳାଞ୍ଜଳି
ନକରି ଝଡ଼ ଖରଜ
କରେ ସୁନ୍ଦର ଫସଲ ଉତ୍ପାଦନ
ଯୋଗାଏ ପ୍ରବଳ ବୀଜ ।୨

ନେଇ ସାହୁକାରଙ୍କଠୁ ଋଣଭାର
ଦେଖେ ଆୟତ୍ତିସ୍ୱପ୍ନ
ବନ୍ୟାପ୍ଲାବନ ମରୁଡ଼ି ପ୍ରହରରେ
ହୁଏ ନଷ୍ଟ ଉତ୍ପାଦନ ।୩

କୃଷକ ଜୀବନଧାରା ମନୋହର
ନ ଜଣା ସଞ୍ଜସକାଳ
ବଡ଼ି, ଚୁଡ଼ା ଶୁଖୁଆ ପଖାଳ ଭାତ
କାଟେ ସାରା ଦିନକାଳ ।୪

ଲଙ୍ଗଳ ବଳଦ ପ୍ରିୟ ସାଥି ତାର
କରେ ନୀତି ସେ ସଂଘର୍ଷ
ପାଏ ପାଉଣା ଅନୁଚିତ ଦରରେ
ଶୀକାର ଧନୀକ ପାର୍ଶ୍ୱ ।୫

କୃଷକ ବୃହତ୍ତ ସ୍ଥାନ ଜଗତରେ
ଦେବା ସର୍ବଦା ସମ୍ମାନ
ପରଷିବା ଖାଦ୍ୟର ଗନ୍ତାଘର ସେ
ଆମର ପ୍ରିୟ କିଷାନ ।୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟିର ଆହ୍ୱାନ



ପରମାନନ୍ଦ ରାଜହଂସ

ଡାକଇରେ ମୁହିଁ ତୋ, ଜନମ ମାଟି
ଫେରିଆରେ ଧନ ମୋର,
ମାଟିର କୁଟୀର ଭାଙ୍ଗିଦେଇ କିଆଁ
ଉଆସ ବିଳାସେ ଘର ।୧

ସ୍ୱର୍ଣ୍ଣମୟୀ ଲଙ୍କା ତୋଳି ଚାହୁଁପୁଣି
ଚନ୍ଦ୍ରକୁ ରଖିବୁ ଆଣି
ତୋତେ କି ଦିଶୁନି ବିକଟାଳ ରୂପ
ଡାକୁଛି କି ପିଶାଚିନି ।୨

ଯନ୍ତ୍ର ତୋଳି ତୁ ଯନ୍ତ୍ରର ସାଥେ
ଚଇତନ୍ୟ କରୁ ତୁଷ୍ଟ
ସଭ୍ୟତା ନାମୀ ଦାନବୀ ମୁଖରେ
ପଡ଼ି ଦଉ ମୋତେ କଷ୍ଟ ।୩

ବିଜ୍ଞାନ ନାମେ ଅଜ୍ଞାନ ଜପି ତୁ
ମରଣର ଯନ୍ତ୍ରା କଲୁ
କୁହୁକିନି ଲୀଳା କୁହୁକ କରଇ
ବୁଦ୍ଧିଜ୍ଞାନ ହରାଇଲୁ ।୪

ନଗ୍ନ ଶରୀରେ ନୃତ୍ୟ କରେ ସେ
ନିଶ୍ୱାସେ ତେଜଇ ଧୂଆଁ
ଆସୁରିକ ଶକ୍ତି ଧ୍ୱଂସ କରିବ
ଭିଆଇବ ରୋଗ ନୂଆଁ ।୫

ନିର୍ଲଜ ହୋଇ ତୁ ସପନେ ଭାସିଲୁ
ସୃଷ୍ଟିକୁ କଲୁ କଦର୍ଯ୍ୟ
ଫେରିକି ପାଇବୁ କୃତ୍ରିମ କବଳୁ
ପ୍ରକୃତିର ସେ ସୌନ୍ଦର୍ଯ୍ୟ ।୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୂରରୁ ସମାନ ଦିଶେ ମନୋରମ
ଆଖି ଆଗେ ସେ ବିଷମ
ସରିଛି ମନ୍ଥନ ନ ମିଳିବ ଆନ
ପରିଶେଷେ ବିଷପାନ ।୭

ଶୁଣିଥାରେ ବାପ ଜାଣିଛି ତୋ କୋପ
ଦେଖିଛି ଯନ୍ତ୍ରର ରୂପ
ସେଇ ସେ ଡାହାଣୀ ପାରୁନୁ ତୁ ଜାଣି
ଛୁଇଁଛି ତା ମନେ ପାପ ।୮

ଆଗାମୀ ଯୁଗର ଦ୍ରଷ୍ଟା ମୁଁ ରେ କହେ
ନବୀନ ଯୁଗର ସ୍ରଷ୍ଟା
ଫେରିଆରେ ଧନ ମାଟିର କୂଟୀରେ
ଭୁଲିଯାଇ ହୀନ ଚେଷ୍ଟା ।୯

ଜ୍ୟୋତିଷାଚାର୍ଯ୍ୟ, ମହାବୀରଧାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟୋପାଏ ଜଳ



ରିଭୁ ଆଭୂଷଣ ପଣ୍ଡା

ଦିପହର ଖରାରେ ଲାଗୁଥାଏ
ସମସ୍ତ ସବୁଜିମା ଜଳିଯାଉଛି
କେବଳ ତୁମ ଚେହେରା ଶୀତଳ
ଶିଶିର ସହ ଉଙ୍କି ମାରୁଛି ।୧

ମଥାରୁ ତୁମର ସେଇ ଟୋପାଏ ଜଳ
ତମ ସୁନ୍ଦର ଗାଲ ପାଖକୁ ଆସୁଥାଏ
ଲାଗେ ସତେ ଅବା ଏକ ମନମୋହନୀ
ସାଗର ଲହରୀରେ ଖେଳୁଥାଏ ।୨

ଗାଲରୁ ପୁଣି ଖସିଲା, ଗୋଲାପୀ ଓଠ ପାଖକୁ
ଲାଗିଲା ଅମୃତ ପଡ଼ିଛି ମୋ ବୁକୁରେ
କେଜାଣି କଣ ହେଲା ? ଆଉ ଖସୁନି ସେ ଟୋପାଏ ଜଳ
ବାନ୍ଧି ହୋଇଯାଇଛି ତମ ଓଠ ମାୟାରେ ।୩

ହେ ସାବିତ୍ରୀ ! ! ରଖିପାରିବ ତାକୁ ? ଓଠ ପାଖରେ ?
ମିଳିଲା ଉତ୍ତର ଯେବେ ଉଠେଇଲ ସିନ୍ଦୁର ତମ ମଥାପାଇଁ
ଆପେ ଖସିଗଲା ଭୂମିକୁ, ସେ ଟୋପାଏ ଜଳ
ଏଇ ଅବଶୋଷ ବିଦାୟ ଦେଇ ।୪

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମଫଳ



ଦେବରାଜ ମେହେର

ଅଦୃଶ୍ୟ ବ୍ୟାଧିରେ ଆତଙ୍କିତ ବିଶ୍ୱ
ତ୍ରାହି ତ୍ରାହି ଡାକେ ନର,
ବିଜୁଳି ପରାଏ ବ୍ୟାପଇ ସେ ବ୍ୟାଧି
ନାହିଁ ବୋଲି ପ୍ରତିକାର ।

ବିଜ୍ଞାନର ବଳେ ବଳିଆନ ଯେହୁ
ଗୃହବନ୍ଦୀ ନିଜ ଘରେ
ବୁଢ଼ିଆଣୀ ଜାଲେ ପତଙ୍ଗ ଯେସନେ
କଲବଲ ହୋଇ ମରେ ।

ମାଆ ଛୁଏଁ ନାହିଁ ଜନ୍ମିତ ଶିଶୁକୁ
କୋଳ ହୁଏ ସାତ ପର
ଶୁଝି କେ ପାରିଛି ଜନନୀର ଋଣ
ପିଇ ତା'ର ସୁଧା ଝର ।

ଆପଣା ଜନଙ୍କୁ ଛୁଇଁଦେଲେ ଏଠି
ଅଜଣା ଭୟ ଯେ ଘାରେ
ହାତେ ମାପି ଯଦି ଚାଖଣ୍ଡେ ଚାଲିଲେ
ବ୍ୟାଧି ରହିଥାଏ ଦୂରେ ।

ତୁଣ୍ଡିବାନ୍ଧି ସର୍ବେ ମଉନ ହେଲେଣି
ନିର୍ବାସିତ ଯେ ଝା ବାସେ
ବାରବାର ନିଜ ହସ୍ତ ପଖାଳନ୍ତି
ଜୀବନ ବଞ୍ଚିବା ଆଶେ ।

ଅଶାନ୍ତ ନଗରେ 'ନିସ୍ତବ୍ଧ' ପ୍ରହରୀ
ରାଜରାସ୍ତା ଛାତିପରେ
କୋଳାହଳମୟ ସହରଟା ଆଜି
ଶୋଇଅଛି ନିସ୍ତେଜରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୃତ କର୍ମଫଳ ଭୋଗଇ ମାନବ
ଆନ ନୁହେଁ ଶାସ୍ତ୍ରବାଣୀ
ଆଶୀର୍ବାଦ ଅବା ଅଭିଶାପ ଲଭେ
ନିଜ କର୍ମ କଥା ଜାଣି ।

ସୃଷ୍ଟି ମଧ୍ୟେ ଶ୍ରେଷ୍ଠ ମାନବ ଜୀବନ
ଜଗତ କଲ୍ୟାଣ ପାଇଁ
ତେଜି ଅପକର୍ମ କର ସେବା ଧର୍ମ
ହସିବ ଏ ଧରା ଭୂଇଁ ।

ଦେବ ଭବନ, ଗୋହିରା ପଡ଼ର
ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାକୁ ଡରନା



ମେରୀ ମାଝୀ

ଦୁନିଆରେ ଆସିଲ ତୁମେ
ବ୍ୟାପିଲ ଦେଶ ବିଦେଶରେ ।
ସୃଷ୍ଟି କରିଦେଲ ଏକ ଭୟଙ୍କର ସଂସାର
ସଂକ୍ରାମକ ହେବାରୁ ଡରିକି ଲୋକେ କଲେ ହାହାକାର ।
ମଣିଷକୁ କରିଦେଲ ତାଲାବନ୍ଦି
ରାକ୍ଷସର ରୂପ ନେଲ ତୁମେ କେମିତି ?
ରାସ୍ତାଘାଟ ପାଲଟିଗଲା ମରୁଭୂମି
ଭୁକିଲା ମଣିଷର ସେ ଲୁହଭରା ଆଖି
ଆଶା ଅଛି ନୂଆ ସକାଳ ଦେଖିବାର
ଦିନରାତି ଏକାଠି କରିକି ବିଜ୍ଞାନ ଖୋଜୁଛି ଉପଚାର
ହସି ଉଠିବ ଗାଁ ସହର
ଗଢ଼ି ଉଠିବ ରଙ୍ଗୀନ ଏ ଦେଶ
ଆୟୋଜନ ହେବ ମେଳା ଓ ମହୋତ୍ସବ
ହୃଦୟରେ ଥିବ କରୋନାକୁ ହରେଇବାର ଉତ୍ସାହ
ମନ୍ଦିରରେ ଘଣ୍ଟା ବାଜିବ
ଜଳୁଥିବ ଆଲୋକର ଦୀପ
ଖୁବ୍ ଶୀଘ୍ର ଆସିବ ସେ ଦିନ
ଆଶା ଓ ଧୈର୍ଯ୍ୟ ରଖ ନ କରି ଅଭିମାନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବିକତା



ମୀନକେତନ ବଡ଼ୋକିଆ

ମାନବିକତାର ବଳି ପଡ଼େ ଆଜି
ମାନବତାର କୁକର୍ମ ।
ପୁତ୍ର ଆଜି ଏଠି ପିତୃହତ୍ୟା କରେ
ତିଳେ ନାହିଁ ସ୍ନେହପ୍ରେମ ।୧

କ୍ରୋଧ ହିଂସା ଇର୍ଷ୍ୟା ଆପଣାର ହେଲା
ବିକାର ସାଜିଲେ ଜନ ।
ବିଶ୍ୱାସରେ ବିଷ, ଦେଉଛି ମଣିଷ
ପଶୁଠାରୁ ହେଲା ହୀନ ।୨

ଦୟା, କ୍ଷମା, ଭକ୍ତି, ଅନ୍ତ ହୋଇଗଲା
କଳିରେ ନାହିଁ ତା ସ୍ଥାନ
ଧନ ଉପାର୍ଜନ ଏକମାତ୍ର ଲକ୍ଷ୍ୟ
ଭୁଲିଗଲେ ସ୍ୱାଭିମାନ ।୩

ମଣିଷ ନିଶ୍ୱାସ ସାଜିଛି ଗରଳ
ବିଶ୍ୱାସକୁ ନାହିଁ ବାଟ
ଝିଣ୍ଟିକାକୁ ମାରି ବଣି ପୋଷୁଛନ୍ତି
ଗରିବକୁ ମାରି ପେଟ ।୪

ରକ୍ଷକ ସାଜିଛି ଭକ୍ଷକ ତ ଏଠି
ଦୋଷୀକୁ ନ ମିଳେ ଦଣ୍ଡ
ରାଜନେତା ମାନେ ରାଜ କରୁଛନ୍ତି
ନିର୍ଦ୍ଦୋଷର କଟେ ମୁଣ୍ଡ ।୫

କଳୁଷିତ ଆଜି ମାନବ ସମାଜ
ଦୁର୍ନୀତି ଓ ନିର୍ଯ୍ୟାତନା
ଶତ୍ରୁ ମିତ୍ର ଆଜି ମିତ୍ର ଶତ୍ରୁ ସାଜେ
କହିବା ଏହାକି ? ଭାଗ୍ୟ ବିଡ଼ମ୍ବନା ।
କହିବା ଏହାକି ? ଭାଗ୍ୟ ବିଡ଼ମ୍ବନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦ୍ଧାର କରାଯାଉ



ଶୁଭଶ୍ରୀ ସୁଆର

ଉଦ୍ଧାର କରାଯାଉ
ନିର୍ଯାତନାର ଶିକାର ହେଉଥିବା ସମ୍ପର୍କ ମାନଙ୍କୁ
କେବେ ଯାଏଁ ବାରମ୍ବାର ଅସ୍ତିତ୍ୱ
ହରେଇ ଚାଲିଥିବେ ଜୀବନର
ଫର୍ଦ୍ଦ ସବୁ....

ଉଦ୍ଧାର କରାଯାଉ
ସେଇ ଲାଳିତ୍ୟପୂର୍ଣ୍ଣ ଭାବନାକୁ
କେବେ ଯାଏଁ ସମ୍ପର୍କର ଦ୍ୱାହି ଦେଇ
ହରେଇ ଚାଲିଥିବେ ମୁହୂର୍ତ୍ତର
ଫର୍ଦ୍ଦ ସବୁ....

ଉଦ୍ଧାର କରାଯାଉ
ସେଇ ମିଠା ମିଠା ବାହାନାକୁ
କେବେ ଯାଏଁ କୁତ୍ସିତ ମାନସିକତାର
ଉଦାହରଣ ପାଲଟିବେ ସ୍ମୃତି ପୁସ୍ତକର
ଫର୍ଦ୍ଦ ସବୁ....

ଉଦ୍ଧାର କରାଯାଉ
ସେଇ ଶବ୍ଦମାନଙ୍କୁ ବ୍ୟବହାର ହେବେ
କେବେଯାଏଁ ଅର୍ଥହୀନ ହୋଇ
ଆଉ ନିଜସ୍ୱ ହରାଇବେ ଅଭିଧାନର
ଫର୍ଦ୍ଦ ସବୁ....

ଉଦ୍ଧାର କରାଯାଉ
ଅସହାୟ ମନଟିର ସେଇ ନିରବତାକୁ
କେବେ ଯାଏଁ ବାନ୍ଧି ହୋଇ ରହିବେ
ଅର୍ଥହୀନ ଶବ୍ଦର ଶିଙ୍କୁଳିରେ
ଆଉ ହରେଇ ଚାଲିଥିବେ ପ୍ରକୃତ ସମ୍ପର୍କର
ଫର୍ଦ୍ଦ ସବୁ....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରାମ୍ୟ ସ୍ମୃତି



ମାନସୀ ସ୍ୱାଇଁ

ଘନ କୁହୁଡ଼ି ସାଙ୍ଗରେ ପାହାନ୍ତି ରବିଙ୍କ ଲୁଚକାଳି ଖେଳ
ଗାଁ ଦାଣ୍ଡରେ ଅର୍ଦ୍ଧନଗ୍ନ ଅବୋଧ କଟି ଛୁଆଙ୍କ ମେଳ ।
କାଖରେ କଳସ ଦେହରେ ଅଳସ
ଗ୍ରାମ୍ୟ ଲଳନାଙ୍କ ଅର୍ଦ୍ଧସିକ୍ତ ଓଷ୍ଠରେ
ଲାଜୁଆ ଅର୍ଦ୍ଧ ସମ୍ପୂର୍ଣ୍ଣ ସ୍ମିତହାସ ।
ରୂପ ଯେମିତି ସୁନ୍ଦର ସରସ
ମନ ସେମିତି ସରଳ ହରସ ।
ବୟସ୍କ ବ୍ୟକ୍ତିଙ୍କ ହୁଏ ଯେ ସମ୍ମାନ
ଯୁବକ ଗୋଷ୍ଠୀଙ୍କ ମନେ ସ୍ୱାଭିମାନ ।
ପ୍ରାରମ୍ଭେ ବିଦ୍ୟାଳୟ ଶେଷେ ଶ୍ମଶାନ
ଗାଁ ମଧ୍ୟେ ହୋଇଛନ୍ତି ତୁଳସୀ ଦେବୀ ସ୍ଥାପନ ।
ଗ୍ରାମ ପୁଷ୍କରିଣୀରେ ପଦ୍ମାଦେବୀ ଯେ ଶୋଭନ୍ତି
ଶିଉଳି ସାଙ୍ଗରେ ମୀନ ଯେ ଖେଳନ୍ତି ।
ମହାଦେବ ମନ୍ଦିର ପ୍ରାଙ୍ଗଣ ହୁଅଇ ପୁଷ୍ପ ମଣ୍ଡିତ
ତତ୍ ଚତୁଃପାର୍ଶ୍ୱରେ ଗ୍ରାମନଦୀ ଶୋଭାରେ
ସମସ୍ତେ ହୁଅନ୍ତି ବିସ୍ମିତ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାରମାସ ତେର ପର୍ବେ ଗ୍ରାମ ହୁଅଇ ସୁସଜ୍ଜିତ

ଆମୋଦ ପ୍ରମୋଦ ସହ ପ୍ରୀତି ମିଳନ କରନ୍ତି ସମ୍ପର୍କିତ ।

ଆମ୍ବ ତୋଟା ଯାଇ ଆମ୍ବ ଝଡ଼େଇବା ମଜା

ଅତୀତ ସ୍ମୃତିକୁ ଚେଇଁ ଆଖି ହୁଏ ଲୁହଭିଜା ।

ପ୍ରାତଃ କର୍ମ ତତ୍ପର ହୁଏ ଏ ପ୍ରାଣ

ସନ୍ଧ୍ୟାଦୀପ ସଙ୍ଗେ ହୁଏ ଭକ୍ତିଜଣାଣ ।

ଘଣ୍ଟମୃଦଙ୍ଗ ସଙ୍ଗେ ଈଶ୍ୱର ବିଶ୍ୱାସ

ଆଣେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସାହାସ ।

ଯେତେ ସହରକୁ ତୁମେ କର ପ୍ରସ୍ଥାନ

ଗାଁର ସ୍ଥାନ ସର୍ବଦା ଅନ୍ୟୁନ ।

ଯେତେ ନଭଶ୍ଚୁମ୍ବୀ ଅଟ୍ଟାଳିକା ତୁମେ କର ସ୍ଥାପନ

ଶେଷ କାଳେ ମର ଶରୀର ହେବ ଗାଁ ମାଟିରେ ଲୀନ ।

ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଯୋଉଠି



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନ ଆଉ ମରଣ ମଧ୍ୟରେ
ଯନ୍ତ୍ରଣାର ଲୁଚକାଳି
ସେଇ ଲୁଚକାଳି ମାନବ ଜୀବନେ
ସାଜିଛି ଆଜି ଶିକୁଳି
ଶିକୁଳିର ବେଡ଼ି ପଡ଼ିଛି ତା ପାଦେ
ଆଶା ହୋଇଛି ନିରାଶା
ସେଇ ନିରାଶା ଭରିଛି ଜୀବନେ
ହତାଶ ରୂପି ତମସା
ସେ ତମସାର ଘନ ଅନ୍ଧକାର
ନୁହେଁ ଆଉ ବେଶୀଦୂର
ସେହି ଦୂର ଦିନେ ନିକଟ ହୋଇବ
ନୂଆ ଆଶାର ସଂଚାର

ସେଇ ଆଶାକୁ ହୃଦୟେ ସାଉଁଟି
ବିତିଯାଉ ପ୍ରଭୁ ଦିନ
ଯନ୍ତ୍ରଣା ଯେଉଁଠି ଜୀବନ ସେଇଠି
ସବୁ ତ ତୁମରି ଦାନ
ସୁଖରେ ତ ଖୁସି ହୋଇଛୁ ଅନେକ
ଦୁଃଖରେ ଭାଙ୍ଗିବୁ କିଆଁ
ଜୀବନ ଯୋଉଠି ଯନ୍ତ୍ରଣା ସେଇଠି
ସବୁ ତ ତୁମ କିମିଆଁ ।

ସହକାରୀ ଶିକ୍ଷକ, ଭୂଇଁପୁର, କଲ୍ୟାଣପୁର,
ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ଣ୍ଣମୀ ରାତି



ସୁବ୍ରତ କୁମାର ଦାସ

ହିମାଂଶୁ ଚମକେ ବିହାୟସେ ଦେଖ
ଲାଗେ କେଡ଼େ ମନୋରମ
ଦିବାନ୍ଧ ବସିକି ମହିରୁହ ଡାଳେ
କରେ ଖାଦ୍ୟ ଅନ୍ୱେଷଣ ।
ଖଣ୍ଡ ଖଣ୍ଡ ହୋଇ ଇରମ୍ମଦ ମାନ
ଯାଉଛି ଗଗନେ ଭାସି
ଆଂଶିକ ମାତ୍ରାରେ ସୁଧାଂଶୁ ଲୁଚନ୍ତି
ତୀର୍ଯ୍ୟକ ମୁରୁକି ହସି ।
ସଜନୀ ଗୋ ତୀର୍ଯ୍ୟକ୍ ମୁରୁକି ହସି !!!
ପ୍ରଭଞ୍ଜନ ବୋହେ ସୁଲୁସୁଲୁ ହୋଇ
ଶୀତେଇ ଯାଏ ମୋ ତନୁ
ଦଲକାଏ ଆସି ପୁଣି ଥମିଯାଏ
ବିଚଳିତ କରେ ମନୁ ।
ମହୀଧର ଭଳି ଲାଗଇ କାନ୍ତାର
ଦୂରେ ଥିବା ମହୀରୁହ
ନିର୍ଜନ ରାତ୍ରିର ନିର୍ଜନ ପ୍ରହରେ
ଲାଗଇ ସବୁ ନିସ୍ତବ୍ଧ ।

ନିମାପଡ଼ା, ପୁରୀ, ଓଡ଼ିଶା
ଭ୍ରାମ୍ୟଭାଷ : ୭୭୩୫୯୯୯୬୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନର ନାୟିକା



ଯାଦବ ପ୍ରଦୀପ ପରୁଆ

ରୂପା ଜହ୍ନ ପରି ତା ମୁଖର ଶୋଭା ତେଜ ପୂର୍ଣ୍ଣିମାର ଚାନ୍ଦ,
କୁରଙ୍ଗୀ ନେତ୍ରକୁ ଭୃଲତାର ଠାଣି ହସ ଓଠେ ମନ୍ଦ ମନ୍ଦ ।
ଶ୍ୟାମଳୀ ସୁନ୍ଦରୀ ତନୁ ପାତଳି ସେ ରସ ଜୁଡୁବୁଡୁ ତନୁ,
କି ଉପମା ଦେବି ବାଙ୍କ ଚାହାଣିକୁ ଭୁଲି ହେଉ ନାହିଁ ମନୁ ।
ସରସୀର ନୀର ଭେଦିକି ଉଠିଲା କାଖ ପରେ ଘେନି କୁମ୍ଭ,
ଆତୁର ନୟନେ ଚାହିଁ ରହିଥିଲି ତୁଟି ଯାଉଥିଲା ଦମ୍ଭ ।
ପାଖକୁ ଆସିଣ ଯେବେ ଚାଲିଗଲା ଅତର ବାସ୍ନା ଛୁଟାଇ,
ହୃଦୟର ଧନୁ ଟଙ୍କାର ନାଦରେ ମନ ମୋ ଗଲା ଶୀତେଇ ।
ଅଧରର ଶବ୍ଦ ଅଟେ ମଧୁସମ କଣେଇ କି ଦେଲା ଚାହିଁ,
ମୃତ ପଦ୍ମ ବନେ ଜୀବନ ସଂଚାର ଆଣି କି କରିଲା ବିହି ।
କର୍ଣ୍ଣ ପଟଳରେ କରାଘାତ କରି ଜନନୀ ମୋ ଦେଲେ ବାଧା,
ସ୍ୱପ୍ନ ଦେଖୁ ଦେଖୁ ରାତି ପାହିଗଲା ସ୍ୱପ୍ନ ରହିଗଲା ଅଧା ।

ମୋ-୯୩୪୮୭୬୨୭୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ବି ଜଣେ ସତ୍ୟବାନ



ରାଧାମୋହନ
ପୂଜାହାରୀ

ମୁଁ ବି ଜଣେ ସତ୍ୟବାନ
ରଖିବି ପତ୍ନୀଙ୍କର ମାନ,
ସାଥେ ତାଙ୍କ ସଦା ମୁଁ ଯେ ରହିଥିବି
ଏଇ ମୋ ରହିଲା ରାଣ,
ମରିଯିବି ପଛେ ବଂଚାଇ ରଖିବି
ବଳିଦେଇ ନିଜ ପ୍ରାଣ,
ମୁଁ ବି ଜଣେ ସତ୍ୟବାନ ।

ରଖିବି ମାନ ସମ୍ମାନ
କରିବିନି ହୀନିମାନ,
ନାରୀ ରୂପେ ସେହି ସତୀ ସାବିତ୍ରୀ
ଏ ବିଶ୍ୱେ ଆଜି ମହାନ,
ବିଶ୍ୱବାସୀ ସଦା ତାଙ୍କର
କରୁଥାନ୍ତି ଜୟଗାନ,
ମୁଁ ବି ଜଣେ ସତ୍ୟବାନ,
ମୁଁ ବି ଜଣେ ସତ୍ୟବାନ ।

ଗ୍ରାମ : ଲସ୍ତଲା, ବ୍ଲକ : ଉଲୁଣ୍ଡା
ଜିଲ୍ଲା : ସୋନପୁର
ମୋବାଇଲନମ୍ବର : ୮୯୧୭୪୧୬୮୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁ



ଜୟନ୍ତ କୁମାର ସାହୁ

ତୁ ନିଜକୁ ଖୋଜିବା ଆରମ୍ଭ କର
ଉଦାସ କାହିଁକି ଆଜି
ତୁ ଚାଲିବା ଆରମ୍ଭ କର
ତୋ ପାଦଚିହ୍ନ ଯାଉ ସମୟର ବରଷାରେ ଭିଜି ।
ଦୁନିଆର କଳଙ୍କ କାହିଁ
ତୁ ତ ସତ୍ୟର ପଥିକ
ଚରିତ୍ର ତୋ ଜଳପରି ପବିତ୍ର
ତୁ କାହିଁ ନୁଆଉ ମସ୍ତକ ।
ଆଖିର ନିର୍ଝର ଯଦି ତୋର
ତୁ କାହିଁ ଖୋଜୁ କଣ ଦେବୁ ଉତ୍ତର
ତୁ କାହିଁ ଭାବୁ ନିଜକୁ ଦୋଷୀ
କାହାପାଇଁ ଏ କାରାଗାର ।
ତୁ ସତୀ ସୀତା ହେଲେ
ବାଧ୍ୟ ନୁହଁ ଦେବାପାଇଁ ପ୍ରମାଣ
ଅଗ୍ନିରେ ଜଳେଇ ନିଜକୁ
ଭାଙ୍ଗୁ କୋଉ ଯୁଗର ପଣ ।
ଏଇ ପାପିଙ୍କର ହକ ନାହିଁ
ତୋ ଉପରେ କରିବାକୁ ଅତ୍ୟାଚାର
କାଠକୁ ଚୁଲିରେ ପାଉଁଶ କଲା ଭଳି
ଦେଖେଇ ଦେ ତୋ ଦେବୀ ଅବତାର ।
ତୁ ଜାଗରର ଦୀପ ନୁହଁ
ତୁ କ୍ରୋଧର ଉତ୍ତପ୍ତ ଲାର୍ଭା
ତୋ ପଣତରେ ବାନ୍ଧି
ସିଖେଇ ଦେ ପଶୁଙ୍କ ଭିତରେ ମଣିଷର ବାର୍ତ୍ତା ।
ଆଉଥରେ ଆରମ୍ଭ କର
ନିଜକୁ ବସନରେ ସଜେଇବା
ନିଜ ଓଢଣୀ ଉଡେଇ ଧ୍ୱଜବାନା
ଯଦି ତୋ ଓଢଣୀ ଖସେଇ ଦେଖେଇଦେ
ଭୂକଂପର ପ୍ରତିଧ୍ୱନିରେ ଆକାଶକୁ ଥରାଇବା ।
ହାତର ଜଞ୍ଜିର ନୁହଁ ସେତ
ବ୍ରହ୍ମାସ୍ତ୍ରର ପରିଭାଷା
ସର୍ବନାଶରୁ ଆରମ୍ଭ କରି
ଘୃଣାକୁ ମାଟିରେ ମିଶା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳିଯାଉ ସତ୍ୟ ଆସୁଛି



ଇଂ ବିଦ୍ୟାଧର ପଣ୍ଡା

କରୋନା ଲାଗୁଛି କଳ୍କୀ ମାହାପ୍ରୁ
କଳିଯୁଗ ଶେଷ କରିବ
ବାରହାତ ଖଣ୍ଡା କେତେ ମାରିଥାନ୍ତା !
କୁଆଡୁ କାହାକୁ ଧରିବ ? -୦-
ଅନ୍ନଦାତା ମଲେ ଆପେ ସବୁ ଯିବେ
ସରଗ ଧାମକୁ ବାହୁଡି
ଧନୀ କି ଗରିବ ହା' ଅନ୍ନ ହା' ଅନ୍ନ
ଭଜୁଥିବେ ଧରି କଉଡି -୧-
ସେଥିପାଇଁ ବୋଧେ ପଙ୍ଗପାଳ ଦଳ
ଅଗଣିତ ମାଡି ଆସନ୍ତି
ନିମିଷକେ ସଫା କ୍ଷେତର ଫସଲ
କୃଷକ ଚିନ୍ତାରେ ବସନ୍ତି -୨-

ଲିମ୍ବତେଲ ଢାଳି ନିଆଁ ହୁଳା ଜାଳି
ଢୋଲଟିଣ ଥାଳି ବାଜୁଛି
ସରକାର ଦିଏ ବହୁ ଉପଦେଶ
ଚାଷୀ ନିଦ କିନ୍ତୁ ହଜିଛି -୩-
ଯେନତେନ ପ୍ରକାରେଣ ଯମରାଜ
ମାରୁଛି ଗୋଡେଇଗୋଡେଇ
ଅଦୃଶ୍ୟ ବା ଦୃଶ୍ୟ ସଭିଙ୍କ ସହିତ
ବଂଚିବାକୁ ଜାରି ଲଢେଇ -୪-
କିଛି କହୁଛନ୍ତି ଦୈବୀ ଦୁର୍ବିପାକ
ଭଗବତ କୃତ ବାସୁଛି
ଧରମୀ ରହିବେ ପାପୀ ଚାଲିଯିବେ
କଳି ଯାଇ ସତ୍ୟ ଆସୁଛି -୫-

ଖ- ୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି
ଭୁବନେଶ୍ୱର-୭୫୧୦୧୯, ଓଡିଶା, ମୋ : ନଂ -
୯୪୩୯୨୮୦୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିଜ୍ଞା



ମିନତୀ କୁମାରୀ ଦାସ

କି ସୁନ୍ଦର ଏହି ଧରଣୀ
ସଜ୍ଜିତ ପରିପାଟୀ ।
ଲତା କୁଞ୍ଜ ଗିରି ସାଗର
ପ୍ରକୃତିର ଏ ଭେଟି ।।
ସ୍ୱର୍ଣ୍ଣିମା ଆଭା ଯେ ପରଶି
ପ୍ରଭାତେ ବାଳଭାନୁ ।
ସୁଧାମୟ ଜହ୍ନ ଜୋଛନା
କ୍ଲେଶ ହରଇ ମନୁ ।।
ଷଡ଼ ଋତୁ ଅବତରନ୍ତି
ସମୟ ଅନୁସାରେ ।
ଛନ୍ଦଯୁକ୍ତା ସାଧ୍ୱୀ ନାରୀଙ୍କ
ସମ ଏ ବସୁଧାରେ ।।
ସରସ ବର୍ଣ୍ଣାଳୀ କୁସୁମ
ଦ୍ରୁମରାଜି ଶ୍ୟାମଳ ।
ଯହିଁ ପଡେ ନେତ୍ର ବିରାଜେ
ପ୍ରକୃତି ସୁମଞ୍ଜୁଳ ।।

ଚମତ୍କାରିତା ବାରି ହୁଏ
ଦର୍ଶନେ ବସୁନ୍ଧରା ।
କି ଯତନେ ଗଢ଼ି ଅଛନ୍ତି
ସ୍ରଷ୍ଟା ସୃଷ୍ଟିର ଧାରା ।।
ଆହାର ପାଇଁ ତ ମିଳଇ
ଶସ୍ୟ ସ୍ୱାଦିଷ୍ଟ ଫଳ ।
ତୃଷା ନିବାରଣ ପାଇଁକି
ନଦୀ ଝରଣା ଜଳ।।
ପ୍ରଶ୍ୱାସ ପାଇଁ ବି ସୁଲଭ୍ୟ
ମୁକ୍ତ ମନ୍ଦ ସମୀର ।
ପ୍ରକୃତିର ଦାନ ଜଗତ
ସତେ କି ମନୋହର ।।
ଦ୍ରୁତ ବୃଦ୍ଧି ଜନସଂଖ୍ୟାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାହିଦା ପୂର୍ଣ୍ଣ ପାଇଁ ।

ପରିବେଶ ଉପରେ ଚାପ

ଦିନୁଁ ଦିନ ବଢ଼ଇ ।।

ପ୍ରତ୍ୟକ୍ଷେ ଅବା ପରୋକ୍ଷରେ

କରୁ ନିଜ ବିନାଶ ।

ବେଳହୁଁ ସଚେତନ ହେଲେ

ନ ହୋଇବା ନିରାଶ ।।

ବୃକ୍ଷରୋପଣ ସହ କରି

ପରିବେଶ ସୁରକ୍ଷା ।

ପ୍ରକୃତି ରକ୍ଷଣେ ନିଶ୍ଚୟ

ହେବ ଜୀବନ ରକ୍ଷା ।।

ପ୍ରତିଜ୍ଞା କରିବା ଆଜିଠୁ

ପରିବେଶ ନିମନ୍ତେ ।

ସୁସ୍ଥ ଓ ସୁନ୍ଦର ମହୀରେ

ରହିଥିବା ନିଶ୍ଚିନ୍ତେ ।।

ସହକାରୀ ଶିକ୍ଷୟିତ୍ରୀ

ରାଜୀବ ନଗର, ଲୋଚାପଡ଼ା, ବ୍ରହ୍ମପୁର

ଭ୍ରାମ୍ୟଭାଷ : ୯୪୩୯୫୯୭୪୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଙ୍ଗ



ନିବେଦିତା ଜେନା

ସାଙ୍ଗ,

ନିହାତି ସାଧାରଣ ଶବ୍ଦଟିଏ

ଅନେକଙ୍କ ପାଇଁ

ନା, ତାପାଖେ ଅଛି

ରକ୍ତର ନିବିଡ଼ତା

ନା ସେ ଦେଖେଇ ପାରେ

ସାମାଜିକ ସ୍ୱୀକୃତି,

ମୁଁହବୋଲା ପଦଟିଏ ଖାଲି.....

ମୁଁ ବି ଅନେକଥର ତାଗିଦ କରେ

ମୋ ପିଲାମାନଙ୍କୁ, ଜୀବନରେ

କିଛି ବଡ଼ କରିବାର ଅଛି,

ସବୁବେଳେ ଖାଲି ସାଙ୍ଗ ଆଉ ସାଙ୍ଗ

ସତେ ଯେମିତି ବଡମଣିଷ ଆଉ ସାଙ୍ଗ

ଦୁଇଟି ପ୍ରତିବାଦୀ ଶବ୍ଦ.....

ଆଜି କିନ୍ତୁ ଜୀବନର ମଧ୍ୟାହ୍ନରେ

ନିଖୁଣ ଏକ ଅଭିନେତ୍ରୀ ପରି

ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ

କରୁକରୁ ଲାଗେ ଯେମିତି

ଯିଏ ସେଇ ଛୋଟ ଦରଦୀ

ମନରେ ଦେଇ ଦିଏ

ଶୀତଳତାର ପ୍ରଲେପ

ସେ ହିଁ ସାଙ୍ଗ....

କେତେ ଗମ୍ଭୀର ପରିସ୍ଥିତିରେ

ବି ଯାହାକଥାରେ ଦାନ୍ତ ଦି ଧାଡି

ବୋଲ ନମାନି ଫିକ କରି ହସିଦିଏ

ସେ ହିଁ ସାଙ୍ଗ.....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ ସମ୍ପର୍କର ପରିସୀମା

ଏତେ ବ୍ୟାପକ ଯେ ସ୍ୱୟଂ କୃଷ୍ଣ

ବହିଥିଲେ ସଖାର ନାମ

ସେ ହିଁ ସାଙ୍ଗ....

ଯେଉଁ ଶବ୍ଦକୁ ବ୍ୟାଖ୍ୟା

କରିବାରେ ଅସମର୍ଥ

ଏ ଶବ୍ଦକୋଷ

ସେ ହିଁ ସାଙ୍ଗ.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକାନ୍ତ ବାସ



ଡଃ ହୀରାଲାଲ ଦାସ

ବିଧାତାର ଏଇ ସୁନ୍ଦର ସୃଷ୍ଟିରେ,
କୋରୋନା ଚହଳ ଆଜି ।
କ'ଣ ଦେଇ ତାକୁ ବଜାୟ ରଖିବ,
ପାରୁନି ନିଜେସେ ଜାଣି ।।୧।।

ସୃଷ୍ଟିରେ ମନୁଷ୍ୟ ସର୍ବଶ୍ରେଷ୍ଠ ବୋଲି,
କରଇ ବିଧାତା ଗର୍ବ ।
ସେଇ ନର ଆଜି ବିନାଶ କରୁଛି,
ସୁନ୍ଦର ସୃଷ୍ଟିକୁ ଦେଖ ।।୨।।

ମୃତ୍ୟୁକୁ ସଂଘର୍ଷ କରି ହାହାକାର,
ହୁଏ ନର ଥର ହର ।
ମୁକ୍ତ ନର ଆଜି ପିଞ୍ଜରା ଆବଦ୍ଧ,
କରୁଛି ଏକାନ୍ତ ବାସ ।।୩।।

ଏକାନ୍ତ ବାସରେ ହସ୍ତ ପ୍ରଖାଳନ,
ମୁହଁରେ ବସନ ସାଥେ ।
ସୁଷମ ଖାଦ୍ୟକୁ ସାମାଜିକ ଦୂର,
ନ ରହିବ ଭୟ ସତେ ।।୪।।

ମୂଲ୍ୟବାନ ଏଇ ମନୁଷ୍ୟ ଜୀବନ,
ଆଉ କି ମିଳିବ ଥରେ ।
ସାମାଜିକ ଦୂର ବଜାୟ ରଖିବା,
ମହାମାରୀଠାରୁ ଦୂରେ ।।୫।।

ଗୃହରେ ଜୀବନ ଏକାନ୍ତ ବାସରେ,
ରହିବା ସମସ୍ତେ ଆଜି ।
ପରାହତ ହେବ କୋରୋନା ଭୂତାଣୁ,
ଜିତିବ ମନୁଷ୍ୟ ଜାତି ।।୬।।

ଅଜ୍ଞାତ ବାସରେ ଅଦୃଶ୍ୟ ହସ୍ତରେ,
ଉଦ୍ଧାରିଲ ପାଣ୍ଡବଙ୍କୁ ।
ସେହିପରି ମାୟା ଦେଖାଅ ତୁମେହେଁ,
ଶ୍ରେଷ୍ଠ ଜୀବ ମନୁଷ୍ୟକୁ ।।୭।।

ଦେଶକାଳ ପାତ୍ର ବିଚାରକୁ ନିଅ,
ହେଳା କରନାହିଁ ମନେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁନ୍ଦର ସଂସାର ତୁମରି ହାତରେ,

ଉଜାଡି ଦିଅନି କେବେ ।।୮।।

ଜାଗରେ ମନୁଷ୍ୟ ଜଗାଅ ଆତ୍ମାକୁ,

ସଜାଗ ହୁଅରେ ଆଜି ।

ବିଧାତାର ଏଇ ସୁନ୍ଦର ସୃଷ୍ଟିରେ,

ହସ ଫୁଟାଇବା ମିଶି ।।୯।।

ନିର୍ଦ୍ଦେଶକ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପରିସର,

କେନ୍ଦୁଝର ।।

( ସଂସ୍କୃତ ବିଭାଗ )

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଘର୍ଷ



ପଙ୍କଜ୍ କୁମାର ମାହାନା

ଦୁଃଖ କ୍ଲେଶ ସହି ଅତିଷ୍ଠ ହୋଇଣ,
କରୁଛି ସଂଘର୍ଷ ପୁଣି ।
ତଥାପି ମରେନା ମନର ଏ ଆଶା,
ବିଶ୍ୱାସ ଟିକକ ପାଇଁ ।।୧ ।।

ଚାଟଶାଳୀଠାରୁ ସଂଘର୍ଷ କରିଣ,
ତଥାପି ସରୁନି ଆଜି ।
ବୟସର ଏଇ ମଧ୍ୟାହ୍ନ ବେଳାରେ,
ପହଞ୍ଚି ଗଲାଣି ଆସି ।।୨ ।।

କେତେ ଦୁଃଖ କଷ୍ଟ ସିଏ ଜାଣେ ଯିଏ,
ବହିଛି ବିଦ୍ୟାର ଭାର ।
ସ୍ଥୁଳଦୃଷ୍ଟି ବ୍ୟକ୍ତି ନ ପାରଇ ଝାଣି,
ବିଦ୍ୟାର କେତେ ଯେ ମୂଲ ।।୩ ।।

ବିଦ୍ୟା ଦିଏ ବୁଦ୍ଧି ସଦ୍‌ଜ୍ଞାନ ସବୁ,
ଶ୍ରେଷ୍ଠ ଧନ ପୁଣି ସିଏ ।
ଅନ୍ନର ସଂସ୍ଥାନ କରି ନ ପାରିଲେ,
ଲାଭ କି ସେଥିରେ ଥାଏ ।।୪ ।।

ଖରା କି ବରଷା ଶୀତ କି କାକର,
ତିଳେ ହେଁ ନ ଥାଏ କ୍ଲେଶ ।
ସଂଘର୍ଷର ଏଇ ବନ୍ଧୁର ପଥରେ,
ଚାଲୁଥାଏ କେତେ ପାଦ ।।୫ ।।

ସଂଘର୍ଷର ମୂଲ ଦିଅ ପ୍ରଭୁ ତୁମେ,
ଆଜି ଟେକିଦେଇ ହାତ ।
ପାମର ପଙ୍କଜ ପାଦେ କରେ ନମ,
କରିବ ଜୀବନ ଯାକ ।।୬ ।।

ଶୁଳିଆପଦା, ମୟୂରଭଞ୍ଜ , ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ



ହୀରାବତୀ ପାତ୍ର

ବରଷା ପରି ଦିଶେ ଏଇ ଲୁହ,
କାହା ପାଇଁ ମିଛିମିଛିକା ତ
କାହା ପାଇଁ ଅନ୍ତରର କହ ।।
କିଏ ବୁଝେ ଏଠି କିଏ ବୁଝେନା,
ଝରିପଡ଼େ ନୟନୁ ଏତ
ସତେ କି ବହେ ସେ ଝରଣା ।।
ଏ ହୁଏନା ନଈ କି ସାଗର,
ମନର କଷ୍ଟକୁ ଶାନ୍ତ କରେ
ଏହାର ମୂଲ୍ୟ ହୁଏ ଅପାର ।।
ନୟନ ଯୁଗଳୁ ଝରେ ଏ ଅମୃତ ଧାର,
ରଙ୍ଗ ବିହୀନ ଦିଶଇ ସିନା
ମନର ଦୁଃଖକୁ କରଇ ଦୂର ।।

କିଏ ଢାଳେ ଲୁହ କେହି ମଲାପରେ,
ତ ପୁଣି କିଏ ଢାଳେ ଲୁହ କେହି
ବାପଘରୁ ଗଲାପରେ ।।
କେବେ ସେ ଆସଇ ଅନ୍ତରରେ,
ତ କେବେ ଆସେ ଭାବନାରୁ
ଜଣାପଡୁ ନାହିଁ ଏ ଆସିଲା କେଉଁଠାରୁ ?
ଏଇ ସଂସାରେ କିଏ ବା କାହାର,
ସବୁ ଏଠି ଦେଖନ୍ତି ସ୍ୱାର୍ଥ
ଏଇ ଲୁହ ହି ହୁଏ ଏକା ଆପଣାର ।।

ନଳଗଜା, ମୟୂରଭଞ୍ଜ

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିଶପ୍ତ ଫଗୁଣ ଆଜି



ବିକାଶ ଚନ୍ଦ୍ର ଧୁଙ୍ଗିଆ

ଫଗୁଣର ଆଜି ଡିଣ୍ଡିମ ବାଜୁଛି,
ବିଶ୍ୱ ରାଇଜରେ ସତେ ।
ପୁଷ୍ପବତୀ ଆଜି ପ୍ରକୃତିର ରାଣୀ,
କୋଳରେ ଧରିଛି କେତେ ।।୧।।

ଫଗୁଣ ଦେହରେ ତଥାପି ତାହାର,
ଦୁଃଖ ରହିଅଛି ଯେତେ ।
କହିପାରୁନାହିଁ ହୃଦୟ ବେଦନା,
ସାଇତି ରଖିଛି ଏତେ ।।୨।।

ପ୍ରକୃତିର ଏଇ ସୁନ୍ଦର କୋଳରେ,
ମନୁଷ୍ୟର ସ୍ଥାନ ଶ୍ରେଷ୍ଠ ।
ଦାନବ ପରି ସେ ହୋଇ ଆଜି ନର,
କରୁଛି ପ୍ରକୃତି ନଷ୍ଟ ।।୩।।

ନିଜ ସ୍ୱାର୍ଥ ପାଇଁ ସମୂହର ଖୁସି,
ବଳି ପକାଉଛି ଆଜି ।
ନିଜେ ଖୋଳି ଗାଡ ଗାଢେ ପୂର୍ଣ୍ଣ ହେବ,
ଯାଉଛି ନିଜକୁ ଭୁଲି ।।୪।।

ଶାଳୁଆ ବଣରେ ଶାଳ ଫୁଲ କୋଳେ,
ମହୁଫେଣା ସରସର ।
ନାହିଁ ଆଜି ଶାଳ ମହଫେଣା ତାର,
କାନ୍ଦୁଛି ଫଗୁଣ ଦେଖ ।।୫।।

ଫଗୁଣ ଆସିଲେ ଧରଣୀର କୋଳ,
ପୂର୍ଣ୍ଣ ହୁଏ ନାନା ରଙ୍ଗେ ।
ନାନା ରଙ୍ଗେ ତାର ଗଭା ସଜା ହୁଏ,
ଚହଟ ଚିକ୍କଣ ଦିଶେ ।।୬।।

ଅଭିଶପ୍ତ ଆଜି ଫଗୁଣ ହୋଇଛି,
ମଣିଷ ସାଜିଛି ଦାଉ ।
ଅଶ୍ରୁଧାର ଆଜି ଶୁଖୁନାହିଁ ତାର,
କାହାକୁ କହିବ ଆଉ ।।୭।।

ଏ ଜୀବଜଗତ ପରାପୃର ଦାନ,
ଦେବାନାହିଁ କରି ନଷ୍ଟ ।
ସାଇତି ରଖିବା ସୁରକ୍ଷିତ ଦେବା,
ସଂକଳ୍ପ କରିବା ଆସ ।।୮।।

ଶୁଳିଆପଦା,ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଁ ଶ୍ରୀ ମା ବାସବୀକନ୍ୟକା ପରମେଶ୍ୱରୀ



ଚିନାରୀ କିଶନ୍ କୁମାର ସୁବୁଦ୍ଧି

## ଓଁ ଶ୍ରୀଶ୍ରୀଶ୍ରୀ ମା ବାସବୀ କନ୍ୟକା ପରମେଶ୍ୱରୀ ଦେବୀ ନମଃ

ମନମନ୍ଦିରରେ ପୂଜାପାଏ ସିଏ..... ତା ପାଇଁ ଭକତି ଅମାପ ।

ଥରୁଟିଏ ଯାର ଶରଣ ପଶିଲେ..... ଧୋଇଯାଏ ଯେତେ ପାପ ।

ଭକତର ସେ ଦୁଃଖଭଞ୍ଜନି ମା..... ଜଗତଜନନୀ ମାତ ।

ସତ ପୀଡାବ୍ୟାଧି ଖଣ୍ଡ ନ ହୁଅଇ..... ଯୋଡିଦେଲେ ବେନି ହସ୍ତ ।

ଭକତ ବତ୍ସଳା ଦୟାର ସାଗର..... ରୁପେ ସେ ଅପୂର୍ବ ସୁନ୍ଦରୀ ।

ବୈଶ୍ୟ ସମାଜର ଇଷ୍ଟଦେବୀ ମାତ..... କନ୍ୟକା ପରମେଶ୍ୱରୀ ।

ଆପାଦମସ୍ତକ ସୌନ୍ଦର୍ଯ୍ୟେପୂରିତ..... ଅପୂର୍ବ ମହିମା ଭଣ୍ଡାର ।

ଶରୀରେ ଶୋଭାଇ ସୁବର୍ଣ୍ଣର ପାଟ..... ଲଲାଟେ ଝଟକେ ସିନ୍ଦୁର ।

ତୋ ମନ୍ଦିରେ ଥରେ ମଥା ଟେକିଦେଲେ..... ମିଳେ ସ୍ୱର୍ଗୀୟ ଆନନ୍ଦ ।

ପିତାମାତା ସେବା ନିତ୍ୟ କଲେ ମାତ..... ଦେଇଥାଉ ଆଶୀର୍ବାଦ ।

ଘରେଘରେ ଆଉ ପୁରେପୁରେ ମାଗୋ..... ତୋ ନାମେ ଗାଆନ୍ତି ସ୍ତୁତି ।

ଭିକ୍ଷୁକ ମୁହଁରେ ଭିକ୍ଷାଟିକେ ଦେଲେ..... ଆତ୍ମା ହୋଇଯାଏ ତୃପ୍ତି ।

କର୍ମମୟ ଏହି ମଣିଷ ଜୀବନେ..... ପଡେ ଯେବେ ଘୋର ବିପତ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ ଶୁଭନାମକୁ ତୁଣ୍ଡେ ଉଚାରିଲେ..... ନିଶ୍ଚେ ମିଳିଯାଏ ମୁକତି ।

ବୈଶ୍ୟ ସମାଜର ତୁହି ଏକା ସାହା..... ତୁହି ମାଗୋ ଆମ ଶକତି ।

ନିଷ୍ଠାମୟ ଚିତ୍ତେ ପୂଜାକଲେ ତୋର..... ଜୀବନରେ ହୁଏ ଉନ୍ନତି ।

ତୋଠାରୁ ଆରମ୍ଭ ଏ ଛୋଟ ଜୀବନ..... ତୋଠାରେ ହିଁ ହୁଏ ଶେଷ ।

ଏ ଜନମ ମୋର ସାର୍ଥକ ହୋଇବ..... ଢାଳିଦେଲେ ତୁ ଆଶିଷ ।

ଧରମେ ତୁ ମାଗୋ କରମରେ ତୁ..... ତୋବିନୁ ନାହିଁ ଗତି ଅନ୍ୟ

ତୋ ସନ୍ତାନ ରୂପେ ଜନମ ନେଇଲୋ..... ଲଭିଛି ମୁଁ କୋଟି ପୂଣ୍ୟ ।

ଯେତେ ବଖାଣିଲେ ତୋ ଗୁଣଗାରିମା..... ଚିତ୍ତ ହୁଏନି ସନ୍ତୋଷ

ଧର୍ମର ହେଉ ଅପୂର୍ବ ବିଜୟ..... ଅଧରମ ହେଉ ଧ୍ୱଂସ ।

ଶେରଗଡ, ଗଂଜାମ, ଓଡିଶା

ପିନ-୭୬୧୧୦୬

ଭ୍ରାମ୍ୟବାଷ-୭୨୦୫୭୨୦୯୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂର୍ଯ୍ୟସମ ଜଳିବି ମୁହିଁ



ପଦ୍ମନାଭ ନାଏକ

ସୂରଜ ସମ ଉଇଁବି ମୁହିଁ
ପୂରୁବ ଗଗନରେ ,
ଜ୍ଞାନ କିରଣ ଢାଳିବି ନିତି
ସବୁରି ହୃଦୟରେ । ( ୧ )

ଜାଳିଦେବି ଅମାନବିକତା
ଦୂରେଇ ଅଜ୍ଞାନତା ,
ଦୂରହେବ ଜାତି ଉପଜାତି
ନିଷ୍ଠୁର ଧର୍ମାନ୍ଧତା । (୨ )

ଟାଣିନେବି ମାନସ ପଟରୁ
ସକଳ ସଂକୀର୍ଣ୍ଣତା ,
ବିଞ୍ଚି ଦେବି ସେନେହ ଅବିର
ପ୍ରେମ ବରଷା ଛିଟା । ( ୩ )

ରବି ସମ ସୃଜି ମେଘମାଳା
ହାରିବି ଦୁଃଖର ଜ୍ୱାଳା
ମରୁପଥେ ଭାଗୀରଥୀ ସାଜି
ବହିବି ଜୀବନ ସାରା । ( ୪ )

ହାତରେ ହାତ ମିଶାଇ ମୁହିଁ
କରିବିରେ ଦେଶ ସେବା ,
ନିଃସ୍ୱର ସର୍ବସ୍ୱ ସାଜି ପୁଣି
ନାଶିଦେବି ତାର ବ୍ୟଥା । ( ୫ )

ଭାରତ ମାଆର ଛୁଆ ମୁହିଁ
ଗାଉଥିବି ତାର ନାମ ,
ପୂଣ୍ୟ ଏହି ମାନବ ଜନମେ
ଜଳିବି ସୁରୁଜ ସମ । ( ୬ )

ଓଡିଆ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା, ବଲାଙ୍ଗିର
ଭ୍ରାମ୍ୟଭାଷ : ୮୬୫୮୯୨୭୯୯୦, ୭୦୦୮୭୮୨୯୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ଅଲିଭା ସାହୁ

ସମୟ କାହିଁକି ତୁ ହଜିଗଲୁ କହ
ତୋ ପାଇଁ ଆଖିରୁ ମୋ ଦୁଇଟୋପା ଲୁହ ।
କାହିଁକି ଆସିଲୁ ତୁ ଦୁନିଆକୁ କହ
ତୋ ପାଇଁ ଛାତିରେ ମୋ ଅସୁମାରି କୋହ ।
ବର୍ତ୍ତମାନ ଅତୀତକୁ କାହିଁ ଚାଲିଗଲା କହ
କିଏ ପୁଣି ପୋଛିଦେବ ମୋ ଆଖିର ଲୁହ ।
ଆଉଥରେ ମିଳନ୍ତା କି ମୋ ହଜିଲା ଦିନ
ସାଉଁଟନ୍ତି ପୁଣି ଥରେ ମୋ ସୁଖର ସପନ ।
ଅଛି ସେହି ଦିନରାତି ବୁଲିଗଲାରେ ସମୟ
ମନ ଅଛି ଆଜି ମୋର ଭାଙ୍ଗିଲା ହୃଦୟ ।

ସମୟ କାହିଁକି ତୁ ହେଲୁରେ ନିଷ୍ଠୁର
ସାଙ୍ଗସାଥିଠାରୁ ମୋତେ କରିଦେଲୁ ଦୂର ।
ଏତେ ବଡ଼ ସଂସାରରେ କରିଦେଲୁ ଏକା
କାହିଁକି ତୁ କରୁଅଛୁ ମୋତେ ଏତେ ଈର୍ଷା ।
ଭାବିଥିଲି ତୋ ଆଗକୁ ମୁଁ ଯିବିରେ ଚାଲି
ହାରିଗଲି ତୋ ପାଖେ ମନ ମୋ ଭାଙ୍ଗିଲି ।
ଜାଣିଛି ତୁ ଠକିଦେଲୁ ଆସିବୁନି ଫେରି
ମୋ ଜୀବନ ଚକ ଏବେ ଯାଏ ଘୁରି ଘୁରି ।
ନିସ୍ତବ୍ଧ ଅନ୍ଧକାରେ ଖୋଜୁଛି ମୁଁ ତତେ
ହାତ ଛାଡ଼ି ଚାଲିଗଲୁ କୋଉଠି ତୁ ସତେ ।

ତିରୁଚିରାପଲ୍ଲୀ, ତାମିଲନାଡୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ରାଜେନ୍ଦ୍ର କୁମାର ମହାନ୍ତି

ମୂଳଦୁଆ ସୁଦୃଢ଼ ଥିବା
ଘରଟା ଆଜି ଅସଜଡା ଲାଗୁଛି
ସଠୀଘର ଅଳନ୍ଧୁରେ ଭର୍ତି
ବାପା ମାଁଙ୍କ ଫଟୋରେ
ଉଇଲାଗି ଯାଇଛି
ବଡ ଭାଇଙ୍କ ଘରଟି
ଏସି ହୋଇଛି
ନାତିଟୋକାଟା ଲନରେ
ଉରୁଣ୍ଡି ଉରୁଣ୍ଡି ଖେଳୁଛି ।
ମାଁ ସାତସିଆ ଲୁଗା ଖଣ୍ଡେ
ପିନ୍ଧି ତୁଳସୀ ଚଉରା ମୂଳେ
ଦୀପ ଜାଳୁଛି
ଫିକା ଚା ରେ ରୁଟି ଦିଖଣ୍ଡ
ଶିଜି ଗଲାଣି
ବୋହୁ ପକ୍ସି ଖାଉଛି
ଆରାମ ଚେଆରରେ ବସି ।

ସମୁଦୁଣୀ ଆଜି ସୁନାରଂଗ ଦିଆ
ଚଷମା କିଣିବେ ବୋଲି
ଜ୍ୱାଇଁ ପାଖକୁ ଆସିଛନ୍ତି
ସମୁଦୀଙ୍କ ସାଂଗରେ
'ବାପା' ଆଇଁ ମାଁ ଗରମ ପାଣି କରିଛି
ଲେଟ୍ରିନ ସଫା ହେଉନି ବୋଲି
ଘର ଚାକରାଣୀ ମୁହଁ ଏଡୁଟିଏ କରିଛି
ଆଉ ବଡଭାଇ ଭାଉଜଙ୍କୁ କହୁଛନ୍ତି
ତୁମ ଡାଡିମମି କଥା ବୁଝ
ସେ ପରା ଆମ ଅତିଥି
ଘର ଆଜି ଆମ ପୂରିଲା ଫୁରିଲା ଲାଗୁଛି ।

ରାଜବୋରା ସମ୍ବର ପଦ୍ମପୁର, ବରଗଡ଼
ମୋ.ନଂ : ୮୬୫୮୩୭୬୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡାଏରୀ : ମୋ ମୌନପ୍ରେମିକା



ସନ୍ଦୀପ ଶେଖର ଜେନା

କେବେକେବେ ନିଦ ଭାଙ୍ଗିଯାଏ
ସ୍ୱପ୍ନ ଭାଙ୍ଗିବାର ଶବ୍ଦରେ,
ଭାରି ଅସହାୟ ବୋଧ ହୁଏ
ରାତିର ନିରବତା ଢାଙ୍କି
ନିଷ୍ଚେତ ଥାଆନ୍ତି ପୁରା ସହର,
କିନ୍ତୁ ଅନ୍ତର ମୋ ଖିନ୍‌ଭିନ୍ ହେଉଥାଏ
କେଉଁ ଏକ ଅଶାନ୍ତ ଝଡ଼ରେ ।

ନିଜ ସହ ଛଳନା
କରି ମୁଁ ପାରେନା,
ଆଉଥରେ ଆଖି ବୁଜି
ନିଦକୁ ମନାଇ ପାରେନା ।

ସ୍ୱତଃ ପାଦ ବଢିଚାଲେ ଟେବୁଲ୍ ପାଖକୁ
ଟାଣିଆଣେ ନିର୍ଜୀବ କାୟାର ଡାଏରୀଟିକୁ,
ପୃଷ୍ଠା ପରେ ପୃଷ୍ଠା ଓଲଟାଏ
ସୁରକ୍ଷିତ ରଖିଛି ସେ ତା ବକ୍ଷରେ
ତରୁଣ ଜୀବନର ଅନେକ ଭାବନାକୁ ।

ଗତିଶୀଳ ହୋଇଉଠେ ଚେତନା
ବଳପୂର୍ବକ ନିଦ ଭାଙ୍ଗେ
ସୁପ୍ତ ଶବ୍ଦ ମାନଙ୍କର,
ବାଧ୍ୟ କରାଏ ନତମସ୍ତକ ହେବାକୁ
ମୋ ଇଚ୍ଛା ଆଗରେ,
ଭୃତ୍ୟ ହେବାକୁ ମୋ ଭାବନାର,
ସ୍ୱୀକାର କରିବାକୁ ରାଜତ୍ୱ ମୋ ଲେଖନୀର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷତାକ୍ତ କରିଚାଲେ କାଗଜ ବକ୍ଷକୁ

ନୀଳରକ୍ତରେ ସେ ଜକେଇ ଉଠେ

ସବୁ ଅପମାନ - ଅଭିମାନ

ପ୍ରେମ - ଆକର୍ଷଣ; ଆଶା - ନିରାଶାକୁ

ମୁକୁଳା ବକ୍ଷରେ ତା' ଢାଳି ଦିଏ,

ବେଡି ପକାଇ ଶବ୍ଦ ସଜାଇ ଦିଏ ।

ଜାଣେନା ମୋ ଭାବନା ହିମାଳୟର ବସ୍ତୁତ୍ୱ

ସେ ସମ୍ଭାଳି ପାରେ କିନା,

କେବେ ପଚାରିନି ତାକୁ

ମୋ ଲେଖନୀ ଆଘାତରେ

ଯନ୍ତ୍ରଣା ହୁଏ କି ନା,

କେଉଁ ଅଧିକାରରେ ସେ ଶବ୍ଦଙ୍କୁ

ପରାଧିନତାର ଶୃଙ୍ଖଳରେ ବାନ୍ଧି ଦିଏ

ମୁଁ ନିଜେ ବି ଜାଣେନା ।

ସ୍ମିତହାସ୍ୟଟିଏ ଆଙ୍କି ଡାଏରୀ ମୋ

ସାଉଁଟି ନିଏ ସବୁ ଭାବନାର ରଙ୍ଗ,

ଅକୁହା କଥାର ନୂଆ ପୃଷ୍ଠାଟି

ଲୁଚାଇ ନିଏ ତା ବକ୍ଷରେ,

ଶାନ୍ତ ହୋଇଯାଏ ହୃଦୟ ଆଉ

ଶରୀର ଫେରିଚାଲେ ଲୋଟିବାକୁ

ନିଦ ତରଙ୍ଗରେ ।

ମୌନ ପ୍ରେମିକା ମୋ ନିଶ୍ଚେତ ପରି

ପଡି ରହିଥାଏ ଟେବୁଲ ଉପରେ ।

ନାଟୁଣୀ, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଭିଡ଼ - ୧୯ : ଦୁଇଟି କବିତା



ବିକାଶ କୁମାର ମଲ୍ଲିକ

## ଚାଷୀଭାଇ

ଚାଷୀ ଭାଇ ବିଲୁ ଫେରି ଖୋଜୁ ନାହିଁ ପଖାଳ,

ଗାଁ ମୁଣ୍ଡେ ଶୁଭୁ ନାହିଁ ନାଚ ଗୀତ ତାଶ ଖେଳ,

ଚାରିଆଡେ ସାନ୍ଧ୍ୟ ଦୀପ ଥିଲା କୋଳାହଳ,

ଗାଁମୁଣ୍ଡ ଆଜି ପାଲିଟିଛି ନିରବ ନିର୍ଜନ ନିଶ୍ଚଳ !

କେବେ ବର୍ଷା, କେବେ ବନ୍ୟା,କେବେ ମରୁଡ଼ିର ଖେଳ,

ହତାଶାର ଅନ୍ତ ନାହିଁ, ଏବେ କୋଭିଡ ବି ସାଜିଛି,

ଚାଷ ଆଉ ଚାଷୀ ପାଇଁ କାଳ !

ଯିଏ ଦିନେ ଦେଉଥିଲା ଅନ୍ନଜଳ ,

ହଜାରେ ମୁହଁରେ ଆଶ୍ୱସ୍ତି ର ଫଳ,

ତା ବିଲେ ବୁଲୁ ନାହିଁ ଲଙ୍ଗଳ,

ଟଙ୍କା ବୁଣି ଦେଲେ, ମସଲା ନଥିଲେ,

ବରଷୁ ନଥିଲେ, ପଙ୍ଗପାଳ ଖାଇଗଲେ,

ନେତା ଭାଷଣରେ, ଅଂକୁରିବ କି ବୀଜ, ଫଳିବକି ଫଳ  ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ବିଦେଶୀ

ସମସ୍ତେ ପର ପର, ଗାଁ ରାସ୍ତା କରେ ହତାଦର,

ବିଦେଶିଆ ବଡ ବାବୁ ଗାଁରୁ ବି ବହିଷ୍କାର,

ପରିବାରେ ଆଜି ନାହିଁ ତାହାରି ଆଦର,

ହୋଇଥିବ କାଳେ କୋଭିଡ ବେମାର,ଗାଁ ସାରା ଟୁପୁର ଟପର,

ସେହି ଆଶଙ୍କାରେ ତାହା ଘରେ ଆଗେ ଇସ୍ତାହାର,

ତା ନିଜ ଘର ନିଜ ପାଇଁ ବିଦେଶୀ  ଜଂଜୀର !

ପଶୁ ପକ୍ଷୀ ବିଚରଂତି ରାସ୍ତାଘାଟେ ମାଳ ମାଳ,

ବନ୍ଦୀ ମଣିଷ ପୁଣି, ମୁକ୍ତ ଅଟେ ସୁଦୂର ଶୃଗାଳ,

ମଦ ନାହିଁ ମାଂଶ ନାହିଁ, ଦିଶେ ପୁଣି ଆକାଶଟା ଖୁବ ନୀଳ ନୀଳ,

ନାହିଁ ଆଜି ଧୁଆଂ ଗନ୍ଧ, ପେଁ ପାଁ ସାଇରନ ଖେଳ,

ହସୁଚି ଆକାଶ ମାଟି, ନଦୀ ନାଳ ପୋଖରୀ ନିର୍ମଳ,

ଚାରିଆଡେ ଶାନ୍ତି ମୈତ୍ରୀ ସଦଭାବର ଢାଳ,

ବିଦେଶୀ ବାବୁ ର କିନ୍ତୁ ଆଖି ଛଳ ଛଳ !

## ଶ୍ରମିକ

କ୍ୟାମ୍ପ ରେ ଶ୍ରମିକ ଗଣେ ଦିନ ହାତ ଗଣି,

ଭାତ ଅଛି ଡାଲି ନାହିଁ, ଲୁଣ ଥିଲେ ନାହିଁ ପାଣି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେମିତି ପହଂଚିବ ଘରେ ପାରୁ ନାହିଁ ଜାଣି,

ମା ତାର ବାଟ ଚାହିଁ ଝରକାରୁ ଚାହେଁ କ୍ଷଣି କ୍ଷଣି,

ଭାବେ ବିଦେଶ ଠୁ କେତେ ଭଲ ଗାଁ ର ମଶାଣି !

ଘର ତାର ବହୁ ଦୂର, ରାସ୍ତା କିନ୍ତୁ ନିହାତି ନିଜର,

ସେ କାହାର, ଏ ସରକାର ନ ସେ ସରକାର ର,

କାହା ପାଖେ ନାହିଁ ତା ଖବର,

ବିଲ ବନ ପାହାଡ଼ ଚିନ୍‌ହନ୍ତି ତାକୁ,

ଚିନ୍‌ହା ମଣିଷ ହିଁ କରେ ଦୂର ଦୂର !

ପେଟ ପାଇଁ ଦେଶ ବୋଝ ଲଦିଥିଲା ମୁଣ୍ଡେ,

ଅସମୟେ କେହି ଟିକେ ପାଣି ଦେଲେ ନାହିଁ ତୁଣ୍ଡେ,

କାହା ପାଇଁ ଜାଣେ ନାହିଁ କାହିଁ ଏ କଷଣ,

ଜଣା ନାହିଁ କେଉଁ ଆଉ କେଇ ପାଦ ପରେ,

ଅଛି କି ଭାଗ୍ୟରେ ତାର ଡାଲି, ତେଲଲୁଣ ?

କେଉଁ ଦୂର ବିଲ ବନ ରେଳ ଧାରଣାରେ,

ଲେଖା ତା ପାଇଁ ମୃତ୍ୟୁ କି ନିର୍ବାଣ ?

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,

ଭାରତ ସରକାର, ନୂଆ ଦିଲ୍ଲୀ

malickbikashkumar@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଞ୍ଚିବା



ସୁବାସ ଚନ୍ଦ୍ର ମୁଦୁଲି

ଅଳପ ଜୀବନଟା ସଅଳ ସରିଲା
ଆଉ କିଛି ଅଛି ବାକି
କିଣା ବିକା ସରିଲାଣି
ହିସାବ ଚାଲିଛି
ହାଟ ଗଲା ଭାଙ୍ଗି
ହାନିଲାଭ ହାରିବା ଜିତିବା ସବୁ
ମିଶାମିଶି ଅକ୍ଷରରେ ଗଢା
ଗୋଟିଏ ଗୋଟିଏ ଶବ୍ଦ ମାତ୍ର
ପରିଚୟ ପାଇବାକୁ ପରିସ୍ଥିତିର
ହେଲେ , ବାସ୍ତବତା ଠାରୁ
ଏହାର ଦୂରତା ବହୁଦୂର
ଅମାପ
ତଥାପି ଜୀବନ
ଧର୍ମ ତାର ଜିଇବାର

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର
ମୋ - ୯୪୩୭୭୮୦୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରାଜିତ ପ୍ରତିବିମ୍ବ



ସୀତାକାନ୍ତ ମହାପାତ୍ର

ମୁଁ ଏଇ ଜନମର ଅଳପ ଆୟୁଷ
ଅର୍ଦ୍ଧଦଗ୍ଧ ଏକ ପ୍ରାଣ,
ତୁମେ ଶତାୟୁ ସୁନ୍ଦରୀ ଏବେ ବି ଜୀବିତା
କାନ୍ତ ସ୍ପର୍ଶ ଭିଡ଼େ ମନ ।

ମୁଁଂ ଗୁମୁରା କପୋତ ଏବେ ବି କାନ୍ଦୁଛି
ହଜାଇଅ ମହୁଲ ବନ,
ତୁମେ ଅବଶ୍ୟ ମହକ ମଧୁମତିଟିଏ
କିଣି ନେଇଥାଏ ମନ ।

ତୁମେ ଦୂର ଆକାଶର ପୂନେଇ ଜହ୍ନ
ଜୋଛନା ନଈର ସୁଅ,
ମୁଁ ହତଭାଗ୍ୟ ଏକ ଦିଗହରା ପକ୍ଷୀ
ନିର୍ଜନ ପୁରବୀ ସ୍ୱର ।

ତୁମେ ପାଖ ବଗିଚାର ଗୋଲାପ ଫୁଲଟେ
ରକ୍ତଭିଜା ଲାଗୁଥାଅ
ତୋଳିବାକୁ ଯାଇ କେତେ କଣ୍ଟାଘାତ
ମୁଁ ସହୁଥିବା ଏକ ଦେହ ।

ତୁମେ ସିନ୍ଦୁର ବିନ୍ଦୁରେ ଚମକ ଚାନ୍ଦିନୀ
ପରଦେଶିଆର ମନ,
ମୁଁ ତୁମରି ପ୍ରେମରେ ଅବସାଦ ଭରା
ଛଟପଟ ଏକ ପ୍ରାଣ ।

ତୁମେ ଶବ୍ଦ ମମତାର ଆଞ୍ଜୁଳାଏ ସ୍ନେହ
ଭାବନାର ସୃଷ୍ଟି ଘରେ,
ମୁଁ ଶବ୍ଦ କାଙ୍ଗାଳୀ ପାଇଚି ତୁମକୁ
ହୃଦୟର ଦାନ ପରେ ।

ବାଙ୍କୀ, କଟକ, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୩୭୩୦୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମ୍ପର୍କର ପରିଭାଷା



ଚନ୍ଦ୍ରକାନ୍ତ ଜେନା

ସମ୍ପର୍କ, ସେ ତ ସମ୍ପର୍କ,
ଯାହା ଅଟେ, ସ୍ନେହ, ପ୍ରେମ, ଶ୍ରଦ୍ଧାର ପ୍ରତୀକ ।
ସମ୍ପର୍କ... ଏମିତି ସେ ସମ୍ପର୍କ,
ଯହିଁ ଥାଏ ଶାନ୍ତି, ମୈତ୍ରୀ, ପ୍ରୀତିର ପୁଲକ ।
ସମ୍ପର୍କ... ସେ ତ ସମ୍ପର୍କ
ଥାଏ ତହିଁ, ହସ, ଖୁସି, ସଦିଚ୍ଛାର ଅପୂର୍ବ ଝଲକ ।
ସମ୍ପର୍କ... ସେ କି ଘୃଣ୍ୟ ସମ୍ପର୍କ !
ଅନ୍ତର ଛଳନାଭରା, ସ୍ୱାର୍ଥ ହୃଦଯାକ ।
ସମ୍ପର୍କ... ଧିକ୍ ସେ 'ମିଛ' ସମ୍ପର୍କ
ହଜାରେ ଥିଲେ ଥାଉ ଶ୍ରେଷ୍ଠ 'ସତ' ଏକ ।
ସମ୍ପର୍କ... ସେ ଏମିତିକା ସମ୍ପର୍କ
ବଞ୍ଚିବା ଶିଖାଏ ପୁଣି ଶିକ୍ଷା ଦିଏ ନୈତିକ ।
ସମ୍ପର୍କ... ସେ ପୁଣି କି ସମ୍ପର୍କ
ଛନ୍ଦ କପଟ ଯହିଁ ଜୀବନ ନିରର୍ଥକ ।
ସମ୍ପର୍କ... ଏମିତି କର ସମ୍ପର୍କ
ନିର୍ମଳ ହୃଦୟ ଆଉ ସ୍ୱଚ୍ଛ ମନ ରଖ ।
ସମ୍ପର୍କ... ସେ ତ ସ୍ୱର୍ଗୀୟ ସମ୍ପର୍କ,
ମୂଲ୍ୟ ବୁଝି କାର୍ଯ୍ୟକଲେ, ଜୀବନ ହୁଏ ସାର୍ଥକ ।
ବଞ୍ଚିବା ହୁଏ, ମୂଲ୍ୟବୋଧଭିତ୍ତିକ ।
ସମ୍ପର୍କ ହେବ ନୈସର୍ଗିକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନା ଓ କୁନି



ବାଦଲ ମହାରଣା

କୁନା କୁନି ଦୁଇ ଚଢ଼େଇ
ଉଡ଼ିଗଲେ ଆକାଶେ ଡେଣା ବାଡ଼େଇ ।
ପ୍ରଥମ ଉଡ଼ାଣ ବଡ଼ ସୁନ୍ଦର
ସ୍ଥାନେ ଆହାର ପୁଣି ସ୍ଥାନେ ବିହାର ।
ସମୟ ଗଡ଼ି ହେଲା ଦ୍ୱିପହର
ବସିଗଲେ ଭାଇଭଉଣୀ ହୋଇକି ଥର ।
ଘର ବାହୁଡ଼ା ପାଇଁ ହେଲେ ପ୍ରସ୍ତୁତି
ଗତି ବଢ଼ାଇକି ହେଲେଣି ଫୁର୍ତ୍ତି ।
ବେଳବୁଡ଼ି ଆସି ସଂଜ ହେଲା
ବସା ଘରଟି ତ ନ ମିଳିଲା ।
ମନେ ଦୁଃଖ ଆଉ ଆଖିରେ ଲୁହ
ମିଳିଲେନି ବାପା ମା ମନରେ କୋହ ।
ହୋଇ କାନ୍ଦ କାନ୍ଦ ଅତି ବିକଳେ
ଚଢ଼ି ବସିଗଲେ ଗଛର ଡାଳେ ।
ସଂଜରୁ ରାତି ପୁଣି ହେଲା ସକାଳ
ନିଦ ନାହିଁ ଖାଲି ମନେ ଆକୁଳ ।
ଭୂମି ଉପରେ ସୂର୍ଯ୍ୟ ପଡ଼ିବା କ୍ଷଣେ
ଉଠିଗଲେ ଦୁହେଁ ହୋଇ ତତ୍ପରେ ।
ବାପା ମା ଶବ ସେ ଗଛ ତଳେ
ଶୋଇଥିଲେ ଯୋ ବୃକ୍ଷ ଡାଳେ ।
ଯନ୍ତ୍ରର ମାନବ ତା ସଉକ ପାଇଁ
ଜଙ୍ଗଲ ଆଡ଼କୁ ଆସିଛି ଧାଇଁ ।
ଲୌହଦାନବକୁ ସାଙ୍ଗରେ ନେଇ
ଖୁସି ହୁଏ ସବୁ ଜୀବନ ନେଇ ।
ମାନବର ବିଚିତ୍ର ସଉକ
ପାଲଟିଲା କୁନାକୁନିର ଦୁଃଖ ।
ଅଶ୍ରୁର ଧାରରେ ଆଖି ଭିଜେଇ
ଜୀବନ ହାରିଲେ ଚଢ଼େଇ ଦୁଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁସରିତ



ମଞ୍ଜୁରାଣୀ ମିଶ୍ର

ତୁ ତ ସେଇ ନିରାକାର

ବ୍ରହ୍ମ ନିନାଦ ଓଁକାର

ନିଶ୍ୱାସରେ ପ୍ରଶ୍ୱାସରେ

ପଥପ୍ରାନ୍ତର ଆଲୁଅରେ

ମାଟି ପାଣି ପବନରେ

ଭୟର ବାଦୁଡ଼ି ବସାରେ

ଉଲ୍ଲାସର ସଞ୍ଜିବନୀରେ

ତୁ ହିଁ ସବୁ ପ୍ରଶ୍ନର ଉତ୍ତର

ତୁ ହିଁ ସବୁ ସୁଖଦୁଃଖର ସମାହାର

ତୁ ତ ସେଇ ଜନାର୍ଦ୍ଦନ

ଏକୋଇର ବଳା ବିଶିକେସନ

ଗିରି ଗୋବର୍ଦ୍ଧନ କାଳୀୟ ଦଳନର ଉପାଖ୍ୟାନ

ତୋ ବାଙ୍କଚାହାଣୀ ମୋହନବଂଶୀର କାହାଣୀ

ଯୁଗ ଯୁଗକୁ କଥା ଥିବ

ତୁ କପଟ କରୁଥିବୁ କୋଳେଇ ନେଉଥିବୁ

ଘର ଗଢୁଥିବୁ ଭାଙ୍ଗୁଥିବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ ମାଗିଲେ ଦେଉଥିବୁ ମାଗିଲେ ମୁହଁ ଫେରାଇବୁ

ବେଢ଼ି ଉପରେ କୋରଡ଼ାର ମାଡ଼

ପାଲିଙ୍କି ଉପରେ ପାଟ ଛତାର ଉହାଡ଼

ହେଲେ -

ଦୋଷ କାହିଁକି ତୋର ହେବ

ଯିଏ ଯେମିତି ବୁଣିଥିବ ଅମଳ ତ ଆପେ ଆପେ ହେବ

ଭାବରେ କି ଅଭାବରେ

ଏ ଜନ୍ମରେ କି ଆର ଜନ୍ମରେ

କାଳିଆରେ -

ତୋ ବଡ଼ଦେଉଳ ଶରଧାବାଲି ଦୂରରୁ ଦିଶୁଥିବ

ହାତ ପାହାନ୍ତାରୁ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାବେଳେ

ପତିତପାବନ ବାନା ହାତଠାରି ଡାକୁଥିବ

ନିଶ୍ଚିନ୍ତରେ ତୁ ଷାଠିଏ ପଉଟି ଭୋଗ ଖାଉଥିବୁ

ରଥ ଚଢୁଥିବୁ ଓହ୍ଲାଉଥିବୁ

ପ୍ରଳୟପୟୋଧି ଜଳେ ଟହ ଟହ ହସୁଥିବୁ

ଆଉ ମୁଁ ବାଇଶି ପାହାଚ ଚଢ଼ି ଚଢ଼ି ଥକି ଯାଉଥିବି

କଳ୍ପବଟ ମୂଳେ ଅଭୁଲା ଅତୀତକୁ ମନେ ପକାଇବି

ମୋ କର୍ମଫଳର ହିସାବନିକାସ ତୋ ସିଂହ ଦୁଆରେ

ଥାକ ଥାକ ଜମା ହେଉଥିବ ଗରୁଡ଼ ସ୍ତମ୍ଭ ପାଖରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁ ଯାଉଥିବୁ ଦୟଣା ତୁଳସୀମାଳ

ମୁଁ ଚାଖୁଥିବି ତୋ ଅବଢ଼ା

ଆନନ୍ଦ ବଜାର ଭୋଗମଣ୍ଡପରେ ସହଳ ସହଳ

ହାଇଦ୍ରାବାଦ

ଭ୍ରାମ୍ୟଭାଷ : ୭୩୮୧୨୭୬୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂନେଇ ରାତିର ପୀରତି



ଶ୍ରୀରାଜଶେଖର ସି ଚିମା

ଚାନ୍ଦନୀଭରା ଏହି ପୂନେଇ ରାତି,
ନିଦବିନା ଯାହା ମଧୁଭରା ରାତି,
ପ୍ରିୟାର ବିରହ ଭରା ଚପଳ ରାତି,
ଗାଏ ମୁଁ ପ୍ରେମଭରା ସୁରମ୍ୟ ଗୀତି ।୧।

ମିଠା ଡଙ୍କ ମାରେ ଏ ଜହ୍ନରାତି,
ନଭ ନକ୍ଷତ୍ର ଦେଖି ବିତାଏ ରାତି,
ଚନ୍ଦ୍ରକାନ୍ତି ନେଲା ମୋର ମତିଗତି,
ଅତ୍ୟନ୍ତ ସୁଖପ୍ରଦ ପ୍ରେୟସୀର ପ୍ରୀତି।୨।

ପ୍ରେମିକା ଚିନ୍ତାରେ ଯାଏ ଦିନରାତି,
ଯାହାର ସ୍ମୃତି ଅନ୍ଧକାରରେ ବତି,
ଚାରୁ ଚନ୍ଦ୍ରାବତୀ ମୋ ପାଇଁ ବିଭୂତି,
ଲଳିତ ଲାବଣ୍ୟବତୀ ମୋର ସୁମତି।୩।

ଶୀତଳ ବେଳ ଚିତ୍ତରେ ଆଣେ ତାତି,
ହୃତ୍ସ୍ପନ୍ଦନ ଜଣାଏ ପ୍ରଣୟର ଅନୁଭୂତି,
ପ୍ରିୟତମାର ପ୍ରତୀକ୍ଷାରେ ନାହିଁ ବିରତି,
ଅଭୁଲା ଯେ ପୁନେଇ ରାତିର ପୀରତି।୪।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହାୟ



ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ

ଅସହାୟ ଥୁଣ୍ଟା ବରଗଛ
କାହିଁ କେଉଁ କାଳରୁ
ଛିଡ଼ା ହୋଇଛି,
ଆପତ୍ତି ନାହିଁ ସାମ୍ନା କରୁଛି
ଖରା, ବର୍ଷା ଆଉ
ଶୀତର ପ୍ରକୋପ

ଖୁସିଅଛି... କାହିଁକି ନା
ପକ୍ଷୀ କେତୋଟି ବସା ବାନ୍ଧିଛନ୍ତି,
ଅଣ୍ଡା ଦିଅନ୍ତି,
ତାର ନିର୍ଜନତାର ସମୟରେ
କିଚିରି ମିଚିରି ଶବ୍ଦ କରି
କେତେ କଥା ଗପନ୍ତି
ସବୁକିଛି ଠିକ ଥିଲା
ହଠାତ କାହୁଁ ଯନ୍ତ୍ର ଚାଳିତ
କଟର୍ ଆସି
ଶରୀର ତାର ଖିନ୍‌ଭିନ୍ କଲା

ଲୋକମାନେ ଅଭିଯୋଗ କରିଥିଲେ
ରୋଡ଼ କରିବାପାଇଁ ଇଂଜିନିୟର
କାଳେ ଗଛ କାଟି ଦେଇଥିଲେ

ସବୁକିଛି ଶୁନ୍‌ସାନ
ଶବ୍ଦ ନାହିଁ ନିର୍ଜନତା ଏଠି
ପକ୍ଷୀମାନଙ୍କର କାକଳି ଆଉ
କାଠି କୁଟାର ନୀଡ଼
ଦୃଶ୍ୟମାନ ହେଉ ନାହିଁ

ଦିନ କେଇଟା ପରେ ପୁଣି କୋଳାହଳ
ରଙ୍ଗବେରଙ୍ଗ ଗାଡ଼ି ମଟର
ମାଡି ଚାଲନ୍ତି
ବରଗଛ ଆଉ
ପକ୍ଷୀ ମାନଙ୍କର ସ୍ୱପ୍ନ
ସବୁଦିନ ପାଇଁ ଅତିତ କରି ଦେଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଚିତ୍ର ତୁମ ମହିମା



ଗୁପ୍ତେଶ୍ୱର ଚାନ୍ଦ

ବିଚିତ୍ର ତୁମ ମହିମା ମହାପ୍ରଭୁ
ବିଚିତ୍ର ତୁମ କରଣୀ ।
ଭାବିଲେ ବିସ୍ମୟ ଲାଗେ ଚାହିଁ ତବ
ଲୀଳାମାନ ବେଣୁପାଣି ।୧

ଭକତ ବତ୍ସଳ ଭାବଗ୍ରାହୀ ହରି
ହୃଦୟ କୁଞ୍ଜବିହାରୀ ।
ଧେନୁ ପଛେ ବତ୍ସା ଗମିଲା ପରାୟେ
ଭକତକୁ ଅନୁସରି ।୨

ଭାବ ଟିକେ ପାଇ ହୁଅ ଆନନ୍ଦିତ
ଆହେ ଶ୍ରୀ ସଚ୍ଚିଦାନନ୍ଦ ।
କର୍ମ ଅନୁସାରେ ଫଳ ଯାଚିଦିଅ
ନକରି କପଟ ଛନ୍ଦ ।୩

ପୁତନା ସୁନ୍ଦରୀ ହୃଦେ ଛଳ କରି
ତା' ଉରଜେ ବୋଳି ବିଷ ।
କ୍ଷୀର ପିଆଇବା ଅଭିନୟ କଲା
ଭିତରେ ବହିଣ ରୋଷ ।୪

ନ ଘେନି ତା'ଦୋଷ ହୋଇ ମହାତୋଷ
ବଢ଼ାଇଲ ତା'ର ମାନ ।
ମାଆର ମର୍ଯ୍ୟାଦା ଲଭିଲା ଧନ୍ୟ ସେ
ବଇକୁଣ୍ଠେ ଦେଲ ସ୍ଥାନ ।୫

ଉଚ୍ଚ ନୀଚ କୂଳ ବଂଶ ପରମ୍ପରା
ନ ଦେଖ ରୂପ ସମ୍ଭାର ।
ଜାତି ଗୋତ୍ର ଠାରୁ ସବୁରି ଉର୍ଦ୍ଧ୍ୱରେ
ବିଚିତ୍ର ତୁମ ବିଚାର ।୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ୍ଦାକିନୀ ଭଳି ମନ ନିରିମଳ

ହୃଦୟ ହେଲେ ପବିତ୍ର ।

ବିରାଜିତ ହୁଅ ତହିଁ ଦୀନବନ୍ଧୁ

ସେ ହୁଏ ପରମମିତ୍ର ।୭

ଶ୍ରୀକର ପରଶେ କୁବୁଜା ଲଭିଲା

ନିମିଷକେ ଦିବ୍ୟ ରୂପ ।

ବୋଲି ହେଲ ଦେହେ ଭାବର ଚନ୍ଦନ

ବାସିଲା ପ୍ରେମର ଧୂପ ।୮

ଶରଧା ବିଶ୍ୱାସ ବଳେ ବିଶ୍ୱାବସୁ

ଭୁଞ୍ଜାଇଲା ଫଳମୂଳ ।

ଅଛୁଆଁ ଦିଅଁଙ୍କୁ ବୁଝି କେ ପାରିବ

ନାହିଁ ଯା'ର ଥଳ କୂଳ ।୯

ତେଜି ନନ୍ଦିଘୋଷ ଭକ୍ତ ପାଇଁ କି

ବିଜେ ହେଲ ବାଲି ରଥେ ।

ସଦା ପାଖେ ପାଖେ ରହିଥିବ ପ୍ରଭୁ

ନେବନି ଅସତ୍ୟ ପଥେ ।୧୦

ସମାସିଂହା, ଝାରସୁଗୁଡ଼ା

ଭ୍ରାମ୍ୟଭାଷ : ୭୬୮୩୮୪୧୦୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଶବ୍ଦ ରାତି



ସେବକାନ୍ତ ନନ୍ଦ

ନିଶବ୍ଦ ରାତିରେ ଏକୁଟିଆ ତୁମେ
ଲୁଚି ଲୁଚି ଆସ ଯେବେ
ତୁମ ପାଦ ଚିହ୍ନ ଦେଖି ଆଙ୍କୁଥାଏ ଛବି
ପ୍ରଥମ ଥର ଦେଖାହେଲା ଯେବେ ।
ତୁମ ସ୍ମୃତି କେବେ ଭୁଲିହୁଏନା
ପ୍ରେମର ବାରତା ନେଇ
ନିର୍ଜନ ଏ ରାତି ଆମ ପାଇଁ ସାକ୍ଷୀ
ଖୋଜେ ତୁମକୁ ପାଇବା ପାଇଁ ।
ନିଶବ୍ଦ ରାତିର ନିରବତାରେ
ଚାହୁଁଛି ତୁମ ପ୍ରେମର ମିଳନ ।

ବିରହୀ ପ୍ରଣୟୀ ସାଥେ ମୋର ନାହିଁ
ଏକୁଟିଆ ସିନା ଏଇ ମନ ।
ତୁମ କଥା ଭାବି ରାତି ଯାଏ ସରି
ନିଦ ମୋର ଆଖିରେ ନାହିଁ
ହୃଦୟରୁ ବେଶି ଭଲପାଏ ତୁମକୁ
ନିତି ଖୋଜୁଥାଏ ତୁମ ବାଟକୁ ଚାହିଁ ।
ଜୀବନଟା ଗୋଟେ ମରିଚୀକା ସାଜି
ହୋଇଗଲ ଯାଯାବର
ନିଶବ୍ଦ ରାତିରେ ପ୍ରିୟା ମୋର ନାହିଁ
ଜୀବନଟା ହେଲା ଗୋଟେ ଅଙ୍ଗାର ।

ବନ୍ଧପାଲି, ଉପରଝର, ବଲାଙ୍ଗିର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମର୍ପଣ



ଜଗଜ୍ଜୀବନ ସେଠୀ

ନୀଳ ପାରାବାର, କଲ୍ଲୋଳ କେତେ
କଳେବର ପୂର୍ଣ୍ଣ ଉଦକେ
ଚକ୍ରବାଳ ଯାଏଁ ଦିଶୁଅଛି କିନ୍ତୁ
ଲେଶେ ନ ମିଶିଛ ଆକାଶେ ।
ଶତ ତରଙ୍ଗିଣୀ ମମବକ୍ଷେ ଲୀନ
ଲୀନ କୋଟିଯୁଗ ପୟୋଦ
ପଙ୍କରେ ଭରା ତୋ ସୂକ୍ଷ୍ମ କ୍ଷୀଣ ତନୁ
ମୋତିରେ ଗର୍ଭ ମୋ ପୂରିତ ।
କହ ସରୋବର କେମନ୍ତେ ଇଶ
ତୋ ବକ୍ଷେ ରଖିଲେ କମଳ
ଢଳ ଢଳ ଜଳ ତୋ ପତ୍ର ଉପରେ
ଦିଶେ ଅବା କେତେ ମଞ୍ଜୁଳ ।
ଆଗାର ମୁଁ ଯେ, ମୋତି ମାଣିକ୍ୟର
ରଖିଅଛି ତାରେ ବକ୍ଷରେ ମମ
ଦିଶୁଅଛି ରୁକ୍ଷ, ମୋର ଏଇ ବକ୍ଷ
ଅଳଙ୍କାରହୀନ ବନିତା ସମ ।

କିନ୍ତୁ ତୋର କାୟ, ଅଟେ ପଙ୍କମୟ
ତଥାପି ଧରିଛି ଅମ୍ବୁଜ
ବିହି କେଉଁ ଧାରେ ବିଚାରିଣ ପୁଣି
ଭାଗେ ଦେଲା ତୋର ସରୋଜ ।
ଶୁଣି ପୁଷ୍କରିଣୀ, କହେ ମନ ବାଣୀ
ସୁଧିରେ ଚଳାଇ ରସନା
ଶୁଣ ରତ୍ନାକର ସୁରମ୍ୟା ସୃଷ୍ଟିର
ନିୟମ ବିହିର ରଚନା ।
କୋଟି ଜଳଜୀବ, ଅନେକ ବିଭବ
ଯଥା ମୋତି, ରତ୍ନ, ହେମ
କେତେ ଯେ ଖଣିଜ ନାହିଁ ପଟାନ୍ତର
ବକ୍ଷେ ତୋ ହୋଇଛି ସଙ୍ଗମ ।
ଗର୍ବ ନାହିଁ ମୋରେ, ଲାଗି ଅରବିନ୍ଦ
ଦୁଃଖ ନାହିଁ ଲାଗି ପଲଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଲଲୁ ଗଢ଼ିଣ, ମୟୁଖ ଢାଳିଣ

ରଚିଲେ ସ୍ୱୟଂ ସେ ଗୀର୍ବ୍ୱାଣ ।

ସମର୍ପିତ ସର, ଆନନ୍ଦ ଅପାର

ସ୍ମିତ ହାସ ଦେଇ ଭାସଇ

ପରିପୂର୍ଣ୍ଣ ଭାବ, ଆଦରିଲେ ଯାଇ

ଅପୂର୍ବ ଖୁସି ସେ ଲଭଇ ।

ଅମ୍ମୁଆବାଡ଼ି, ଗଞ୍ଜାମ

ଭ୍ରାମ୍ୟଭାଷ : ୮୯୮୪୦୪୯୫୨୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ମୋ ପୁଅ ଫେରିଛି



ମହେନ୍ଦ୍ର କୁମାର ସ୍ୱାଇଁ

ବହୁ ଦିନ ପରେ ବୁଢ଼ୀ ଆଜି ଖୁସି
ଆସିଛି ବୁଢ଼ୀ ର ପୁଅ
କୋରନା ପାଇଁ କି ପୁଅ ତା ଆସିଛି
ସାଙ୍ଗେ ଧରି ଝିଅ ପୁଅ

ବହୁ ଦିନ ପରେ ବୁଢ଼ୀ ପାଦ ଆଜି
ତଳେ ଜମା ଲାଗୁ ନାହିଁ
କେତେଦିନ ପରେ ପୁଅ ବୋହୂ ତାର
ଆସିଛନ୍ତି ଗ୍ରାମେ ଧାଇଁ

ଯାହା ମନେ ଥିଲା ସବୁ କଥା ଭାବି
ବୁଢା କୁ କହୁଛି ଶୁଣ
ମୋ ପୁଅ ଆସିଛି ବହୁ ଦିନ ପରେ
ଭାକୁର ମାଛ ଟେ ଆଣ

ସୋରିଷ ବାଟି ମୁ କଞ୍ଚା ଲଙ୍କା ଦେଇ
କରିବି ଭାକୁର ଝୁଳ
ବାଡିରୁ ଆଣିଛି ନାନା ଶାଗ ସବୁ
ମିଶାଇ ଆଣିଛି ଫଳ

ମୋ ପୁଅ କୁ ଯାହା ଭଲ ଲଗେ ସବୁ
କରିବି ନିଜ ହାତରେ
ଆସିଛି ମୋ ପୁଅ ବହୁ ଦିନ ପରେ
ଦେବି ମୁ ତାକୁ ଆଦରେ

ନାତି ନାତୁଣୀ ଙ୍କୁ ପାଖରେ ବସେଇ
କେତେ ଗପ ତାଙ୍କୁ କୁହେ
ପୁରା ପରିବାର ଆଜି ଏକାଠି ତାହାର
ବୁଢ଼ୀ ର ମନ କି ରହେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଶି ଲଡୁ ଆଉ ଆରିସା ପିଠା କୁ
କରିଲା ବୁଢ଼ୀ ହାତରେ
ନାତି ନାତୁଣୀ ଙ୍କୁ ବସେଇ କୋଳରେ
ଖୋଇଲା ଅତି ସ୍ନେହଁ ରେ

ରୋଗ ସିନା ଆସି କଷ୍ଟ କେତେ ଦେଲା
ବୁଢ଼ୀ ତ ପାଇଛି ସୁଖ
ବରଷକେ ଥରେ ପୁଅ ଆସୁଥିଲା
ଆସି ରହିଲା ତା ପାଖ

ନାତି ନାତୁଣୀଙ୍କ ବାଟ ଚାହିଁ ଚାହିଁ
ଲୁହ କେତେ ଝରୁଥିଲା
ପୁରା ପରିବାର କୁ ପାଖେ ତାର ପାଇ
କେତେ ଖୁସି ହେଉଥିଲା

ବୁଢ଼ୀ ମୁହେଁ ହସ ବୁଢା ଆଜି ଦେଖି
ମନେ ମନେ କାନ୍ଦୁଥିଲା
ସବୁ ଦିନ ପାଇଁ  ପୁଅ ରହନ୍ତା କି
ବୁଢା ମନେ ଭାବୁଥିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଦ



ଶ୍ରୀକ୍ଷେତ୍ର ସୁନ୍ଦର

ସେ ତ ଚୁପି ଚୁପି ଆସେ

କିଛି ଜାଣିବା କି ବୁଝିବା ଆଗରୁ

ଏ ବଳବାନ ଗୋଟା ଦେହଟାକୁ କାବୁ କରି ବସେ

ତା ସମ୍ମୋହନୀ ମାୟାରେ

ଯେଉଁଠି ପଲକ ଉଠେଇ ଚାହିଁବାକୁ ବି ସୁ ନଥାଏ

ତାପରେ କେଜାଣି ସେ କେଉଁ ଏକ ଅଜଣା ମୂଲକକୁ ଟାଣିନିଏ

ଯେଉଁଠି ଘନ ଅନ୍ଧାରର ରାଜତ୍ୱ

କେବେ କେମିତି ସେଠି ସ୍ୱପ୍ନ ସାଙ୍ଗରେ ବି ଭେଟ ହୁଏ

ସେ ତ ସେଠି ଆଗତୁରା ହାତକୁ ଭିଡି ଧରି ବାଟ କଢ଼େଇ ନିଏ

କେଉଁ ଏକ ପୂର୍ବ ପରିଚିତା ପରି

ହେଲେ କାଉ 'କା' କଲେ ସବୁ ମାୟା ତୁଟି ଯାଏ

ଆଉ ଏ ଅବଶ ଦେହଟା ପଡି ରହିଥାଏ ବାସି ବିଛଣାରେ ........

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ଼

ମୋ – ୯୦୯୦୨୭୬୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଜକୂଳୀ



ସରୋଜ ସାହୁ

କଣ୍ଟା ସରସରବାଡ଼ି ଲାଜକୂଳୀ
ଦେହ ତାର କୋମଳତା
ଛୁଇଁଦେଲେ ଥରେ ଯାଏ ସେ ଲାଜେଇ
ନୁଆଇଁ ଦିଅଇ ମଥା ।

ରାଗ ଅଭିମାନ ନାହିଁ ତା ମନରେ
ସୂକ୍ଷ୍ମପରି ତାର କଣ୍ଟା
ଯେତେ ଛୁଇଁଲେ ବି ଦିଏନି ଆଘାତ
ଝରେ ନାହିଁ ରକ୍ତଟୋପା ।

ସୂରୁଜ ଉଇଁଲେ ଖୋଲିଦିଏ ତାର
କଅଁଳିଆ ଟିକି ପତର
ଧାଡ଼ି ଧାଡ଼ି ହୋଇ ସଜ ହେଲାପରି
ଲାଗେ ଭାରି ମନୋହର ।

ଫୁଲଟି ତାହାର ଦିଶେ ଚକମକ
ଶାମୁକାର ମୋତି ପରି
ଅବିର ରଙ୍ଗର ରେଣୁରେ ସଜେଇ
ପ୍ରେମଭାବ ଦିଏ ଭରି ।

ତୋଳିଆଣି ଯେବେ ପାପୁଲିରେ ଧରେ
କରେ ମୋତେ ଭାରି ଲାଜ
ଓଢ଼ଣା ଖୋଲିଲେ ନୂଆବୋହୂ ମୁହଁ
ଫୁଲପରି ଦିଶେ ସଜ ।

ଆଠଗଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପାଙ୍କ ପକେଟ୍



ବିକାଶ ଚନ୍ଦ୍ର ବେହେରା

ପ୍ରାୟ ପ୍ରତ୍ୟେକ ସାର୍ଟରେ ପକେଟ୍ ଥାଏ...

ମୋ ବାପାଙ୍କ ଧଳା ଓ ନୀଳରଙ୍ଗର ଛକି ପକା ସାର୍ଟର

ବାମ ପାଖରେ ଛୋଟ ପକେଟ୍ ଟିଏ ମଧ୍ୟ ଥିଲା...

ମୋ ବାଳୁତ ମନର ପ୍ରତି ଆଶାକୁ ଯିଏ ପୂରଣ କରୁଥିଲା...

ଏବେକାର ATM ଠୁ ଟିକେ ଅଧିକା ସେ...

କାହିଁକି ? ? ?

କାହିଁକି ନା,

ସେଥିରୁ କାଗଜ ନୋଟ୍ ସହ ମୁଦ୍ରା ମଧ୍ୟ ରହୁଥିଲା...

ପ୍ରତି ଦିନର ଚକୋଲେଟ ଖିଆ,

ସକାଳ ଜଳଖିଆରେ ଆଉ ଦିଟା ରସଗୋଲା ଖାଇବାକୁ ସେଥିରୁ ମୋତେ ମିଳୁଥିବା ପର୍ଯ୍ୟାପ୍ତ ଧନ...

ଅମାପ ଅମାରଟିଏ ମୋ ପାଇଁ ଥିଲା ମୋ ବାପାଙ୍କ ପକେଟ୍...

ଆଲ୍ଲାଦିନର ଯାଦୁ ଦୀପ ଭଳି...

ଆଉ ଭାନୁମତୀ ର ପେଡ଼ି ପରି ମୋର ପ୍ରତି ଇଚ୍ଛା କୁ

ମୁଁ ଇଙ୍ଗିତ ମାତ୍ରେ ପୂରଣ କରୁଥିଲା...

ମୋ ପାଇଁ ସେ ପକେଟ୍ ଗୋଟିଏ ରାଇଜ ଟିଏ ଗଢିଥିଲା...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନେକ ଖେଳନା, ଅନେକ ବହିପତ୍ର, ଅନେକ ଚକୋଲେଟ,

ଆହୁରି ଅନେକ ମନୋହରୀ ସାମଗ୍ରୀର

ସ୍ୱର୍ଗଟିଏ ସରଜିଥିଲା ମୋ ପାଇଁ...

ଛାତ୍ର, ଶିକ୍ଷା ବିଭାଗ

ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ - ୭୫୪୦୦୩

ମୋ-୮୯୦୭୪୨୬୦୩୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପାଦଚିହ୍ନ



କୃଷ୍ଣଚନ୍ଦ୍ର ବାରିକ

ସକାଳ ସୂରୁଜ ଉଇଁଲେ ଆକାଶେ
ଚାରିଆଡ଼େ ଦିଶେ ତୁମ ପ୍ରେମକିରଣ,
ସଞ୍ଜ ନଇଁଗଲେ ଅନ୍ଧାର ରାତିରେ
ଭିଜିଯାଏ ମନ ଓଦାହୁଏ ପ୍ରାଣ ।୧

କି ଉପମା ଦେବି ତୁମକୁ ମୁଁ ପ୍ରିୟା
ଖୋଜି ପାଉନାହିଁ ଭାଷା
ପ୍ରେମର ରଙ୍ଗରେ ରଙ୍ଗେଇଲ ମୋତେ
ପ୍ରେମ ଦୁନିଆଟା ଲାଗେ ନିଶା ନିଶା ।୨

ତୁମେ ପ୍ରେମସର ବିନ୍ଧିଲ ଯେ ପ୍ରିୟା
ମୋ ହୃଦୟ ରାଇଜରେ
ଜିଣିଲ ମୋ ହୃଦୟ ତୁମେ ପ୍ରିୟତମା
ତୁମ ପ୍ରେମ ଶକ୍ତି ବଳରେ । ୩

ଥୁଣ୍ଟା ବୃକ୍ଷଟିକୁ ନୂଆ ରୂପ ଦେଲ
ଦିଶେ ସବୁଜିମା ଆଜି
ମୋର ଦୁନିଆକୁ ନୂଆ ପ୍ରାଣ ଦେଲ
ତୁମେ ମୃଦୁମଳୟ ସାଜି । ୪

ତୁମ ବିନା ପ୍ରିୟା ଏହି ଆକାଶରେ
ନିସ୍ତେଜ ଦିଶଇ ଜହ୍ନ
ଶତ ଆଲୋକର ବର୍ଷା ମୋ ରାଇଜେ
ଯେବେ ପଡ଼େ ତୁମ ପାଦଚିହ୍ନ । ୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗ୍ରୀଷ୍ମପରେ ବର୍ଷା, ଦିନପରେ ରାତି
ପ୍ରକୃତିର ଏହା ବେଶ
ତୁମରି ଭାବରେ ଭାବୁକ ଆଜି ମୁଁ
ନାହିଁ ଆରମ୍ଭ ନାହିଁ ତା'ର ଶେଷ । ୬

ତୁମରି ଚିନ୍ତନେ ରାତି ପାହେ ମୋର
ତୁମରି ଚିନ୍ତନେ ଦିନ
ତୁମରି ପ୍ରେମକୁ ସାଇତି ରଖିବି
ବଞ୍ଚିଥିବି ଯେତେ ଦିନ । ୭

ବିଜୟ ନଗର, କେନ୍ଦ୍ରାପଡ଼ା, ୭୫୪୨୨୪, ଓଡ଼ିଶା
ଇମେଲ୍ : kbarick1996@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରାଜିତ ନାୟକ



ବସନ୍ତ କୁମାର ପ୍ରଧାନ

ଜୀବନର ଅଙ୍କାବଙ୍କା ବାଟରେ

ବାଟୋଇଟି କ୍ଲାନ୍ତ ପଥହୀନ

ସମୟର ଦିପହରରେ

ନିନ୍ଦା ଅପବାଦର ଖରାଟି ଝାଞ୍ଜିରେ

ଭସ୍ମିତ ତା' ଲକ୍ଷ୍ୟ

ମଳିନ ତା' ଆଶା ଅଭିସାର

ଡେଇଁ ପାରିଥାନ୍ତା ହେଲେ

ସମୟର ବହଳ ହିଡ଼କୁ

ଝୁଣ୍ଟିଥିଲେ ସିନା ରକ୍ଷା ପାଇଥାନ୍ତା

ହେଲେ ସେ ତ ଧରାଶାୟିତ

ଯନ୍ତ୍ରଣାର ତତଲା ବାଲିରେ

ଧର୍ଷିତ ଓ ପ୍ରତାରିତ ବାରବାର

ଛଳନାର ବାହୁ ବନ୍ଧନରେ

ଓଃ ! କି ନିରବ ବିଳାପ

ନିସ୍ତେଜ ହୋଇଯାଉଛି ତାର ସର୍ବାଙ୍ଗ

ବହିଯାଉଛି ରକ୍ତର ବୈତରଣୀ

କ'ଣ ବା ଅଛି ପୁଞ୍ଜି ତାର ଏଇ ଜୀବନରେ ?

ଯାହା ଖାଲି ରହିଯିବ

ମରଣର ହସ୍ତାକ୍ଷରରେ

ପରାଜିତ ନାୟକର ଶେଷ ସ୍ୱାକ୍ଷର ।

ଶିକ୍ଷକ,

ଶ୍ରୀପୁରୁଷୋତ୍ତମପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ

ଡେଲାଙ୍ଗ, ପୁରୀ

ଭ୍ରାମ୍ୟଭାଷ : ୮୬୩୭୨୧୯୫୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନୀ ପ୍ରିୟା



ସୌମ୍ୟରଞ୍ଜନ ପାତ୍ର

ତୁମ ବିନା ସାଥି ଲାଗେ ଫିକାଫିକା
ଚାଲିବି କେମିତି ବାଟ ଏକା ଏକା
ଆସିଥିଲ ସାଜି ମରୁ ମରିଚୀକା
ଟାଣିଦେଲ ହୃଦେ ପୂର୍ଣ୍ଣ ଯବନିକା ।

ପ୍ରଥମ ପ୍ରେମର ପହିଲି ଫଗୁଣ
ବାଟ ଭୁଲି ସ୍ମୃତି ହୁଏ ଆନମନ
କାଳବୈଶାଖୀର କଣିଏ ଆଭାସ
ଜାଣି ପାରିଲିନି ସେ ପୂର୍ବାନୁମାନ ।

ବିନା ମଳୟରେ ସାଜିଲ ବସନ୍ତ
କରିବାକୁ ବୋଧେ ଜୀବନର ଅନ୍ତ
ଋତୁଚକ୍ରକୁ ବି ବଦଳାଇ ଦେଲ
କରିବି କେମିତି ବାଟ ଅତିକ୍ରାନ୍ତ ।

କଥା ଦେଇଥିଲ ସାଥୀ ଏ ପ୍ରେମର
ଧରିବାକୁ ହାତ ଜନ୍ମ ଜନ୍ମାନ୍ତର
ଭୁଲିଲ କେମିତି ହୋଇ ସ୍ୱାର୍ଥପର
ଜାଳିଦେଲ ମୋର ସବୁ ଅଧିକାର ।

ଉଜାଡି ଦେଲ ମୋ ସଜଡା ସପନ
ଭୁଲିଗଲ ତୁମେ ଅତୀତର ଦିନ
କେଉଁ ଅଭିମାନେ ଦୂରେ ଗଲ କାହିଁ
ଜାଣିବାକୁ ମନ ଝୁରେ ରାତିଦିନ ।

ଜୀବନ ପ୍ରଦୀପ ଲିଭି ଆସିଲାଣି
ସ୍ମୃତି ସବୁ ଆଜି ସାଉଁଟି ପାରୁନି
ଶ୍ରାବଣ ଧାରାରେ ଭାସି ଯାଇଥିବା
ଅତୀତ କା'ଆଗେ କହି ମୁଁ ପାରୁନି ।

ଛୋଟ ଛୋଟ କଥା ମିଥ୍ୟା ପ୍ରତିଶ୍ରୁତି
ମିଛ ବାଲିଘର ମିଛ ତୁମ ପ୍ରୀତି
ତଥାପି ଏ ମନ ବୁଝେ ନାହିଁ କାହିଁ
ଅବିଶ୍ୱାସ ଲାଗେ ପ୍ରେମ ପରିଣତି ।

ତୁମ ସ୍ନେହ ପ୍ରେମ ରାସ୍ତାର ପଥିକ
ସଜେଇଲା ମୋତେ ଦୁନିଆଁରେ ଯୋଗୀ
ଅଭିମାନୀ ପ୍ରିୟା ତୁମରି ଦୟାରୁ
କବିତା ମୁଁ ଲେଖେ ସାଜି ଅନୁରାଗୀ ।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ
ଜିଲ୍ଲା: ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିବେଦନ



ଅନ୍ନପୂର୍ଣ୍ଣା ଦାସ

ହେ ପରମ ପିତା ହେ ବିଶ୍ୱ ନିୟନ୍ତା
ପ୍ରଣାମ ମୋହର ଘେନ
ରକ୍ଷା କର ତୁମେ ଏ ନିସ୍ୱ ବିଶ୍ୱକୁ
ଏତିକି ମୋ ନିବେଦନ

ତୁମେ ହିଁ ଅସୀମ ତୁମେ ହିଁ ଅନନ୍ତ
ତୁମେ ହିଁ କୋଦଣ୍ଡଧାରୀ
ତୁମେ ଦୟାବନ୍ତ ତୁମେ ଲକ୍ଷ୍ମୀକାନ୍ତ
ତୁମେ ଅଟେ ଚକ୍ରଧାରୀ ।

ଯୁଗେ ଯୁଗେ ତୁମେ ପତିତ ଉଦ୍ଧାରି
ଉଡାଇଛ ତବ ନେତ
ଆଜି ଏ ଜଗତ ତ୍ରାହି ତ୍ରାହି ଡାକେ
କି ପାଇଁ ମଉନ କୁହ ।

ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜ (ସେବେ : ଏବେ)



ପ୍ରଶାନ୍ତ କୁମାର ନାଥ

ରଜ ଆସିଗଲେ ରଜର ଆଗରୁ
ହେଉଥିଲେ ସଜବାଜ
ଏଇନେ ରଜଟା ଆସୁଅଛି ଯେବେ
ଖୋଜୁଛନ୍ତି କେଳିକୁଞ୍ଜ ।
ରଜ ଆସିଗଲେ ଗାଆଁ ବରଗଛେ
ଲାଗୁଥିଲା ରଜଦୋଳି
ଏଇନେ ପ୍ରେମିକ ପ୍ରେମିକା ମିଶିକି
ପାର୍କେ କରନ୍ତି କେଳି ।
ସେବେର ରଜରେ ସବୁ ଘରେଘରେ
ଭାସୁଥିଲା ପିଠା ମିଠା
ଏଇନେ ରଜରେ ସତେକି ଯେମିତି
ଓଠରୁ ଝରୁଛି ସିଠା ।
ଖିଲିପାନ ଖାଇ ସେବେର ରଜରେ
କରୁଥିଲେ ବୁଲାବୁଲି
ଏବେର ରଜରେ ଓଠର ସାଥିରେ
ଗାଲ ବି ପଡୁଛି ନାଲି ।

ସେବେର ରଜରେ ବାସ ଛୁଟୁଥିଲା
ଘରେ ଘରେ ଫଳମୂଳ
ଯା'ପାଇଁ ଏଇନେ ହୁଅନ୍ତି ପାଗଳ
କହିବାକୁ ନାହିଁ ବେଳ ।
ସେବେର ରଜରେ ହେଉଥିଲା ପରା
ବଉଳ ସଙ୍ଗାତ ମେଳ
ଏଇନେ ରଜରେ ଯୋଡି ଯାଉଁଳି ଯେ
ଦିଶନ୍ତି ମାଳକୁ ମାଳ ।
ସେବେର ରଜରେ କଦଳୀ ପଟୁଆ
ପିନ୍ଧୁଥିଲେ ଜୋତା କରି
ଏବେର ରଜରେ ହାଇହିଲ ପିନ୍ଧି
ବୁଲୁଛନ୍ତି ଘିରିଘିରି ।
ସେବେର ରଜରେ ବୁଲୁଥିଲେ ସବୁ
ନୂଆ ପୋଷକକୁ ପିନ୍ଧି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଇନେ ବୁଲନ୍ତି ବୟଫ୍ରେଣ୍ଡ ସାଥେ

ମୁହଁରେ କପଡା ବାନ୍ଧି ।

ସେବେର ରଜରେ ଗାଆଁର ଯୁବକ

କବାଡି ଖେଳରେ ମାତେ

ଏବେର ରଜରେ ମଦର ଭାଟିରେ

ଦିନଟା ତାହାର ବିତେ ।

ରଜଟା ଆସିବ, ଆସିବ ବୋଲିକି

ଖୁସି ଲାଗୁଥିଲା ସେବେ

କେତେବେଳେ ଆସି ରଜ ଚାଲିଯାଏ

ଜାଣି ହେଉନାହିଁ ଏବେ ।

ପ୍ରଶାନ୍ତକୁମାରନାଥ

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର-୭୦୫୦୧୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପତ୍ରିକା



ଭାର୍ଗବୀ ମାଝୀ

ଆସିଛି ଏକ ସୁନ୍ଦର ପତ୍ରିକା
ଶବ୍ଦରେ ପୂରିତ ତୁମ ହାତ ଲେଖା
ପ୍ରେମର ମନ୍ଦିରେ ତୁମେ ମୋ ପ୍ରେମିକା
ମୁଁ ନାଟକ ହେଲେ ତୁମେ ମୋ ନାୟିକା ।

ମୁହଁରେ ତୁମର କେତେ ମାଦକତା
ମନ-ହୃଦୟରେ ତୁମ ନିରବତା
ଶରୀରରେ ତୁମ କେତେ ଯେ ଆଦ୍ରତା
ମନରେ ତୁମର ପୁରିଛି ଶୂନ୍ୟତା ।

ଚିଠିରେ ତୁମର ପ୍ରେମର ସଂହିତା
ପଢିବାକୁ ମନେ ବଢେ ବ୍ୟାକୁଳତା
କୈଶୋରରେ ପୁଣି ତୁମେ କୈଶୋରିକା
ଇନ୍ଦ୍ରପୁରୀର ସାଜିଛ ମେନକା ।

ଓଠରେ ତୁମର କେତେଯେ ଉଷ୍ମତା
ଆଖିରେ ପୁରିଛି କେତେ ଚଞ୍ଚଳତା
ନିର୍ଜନ ଭୂଇଁରେ ତୁମେ ଅଟ୍ଟାଳିକା
ମୁଁ ପତ୍ର ହେଲେ ତୁମେ ମୋ ପତ୍ରିକା ।

ବ୍ରାହ୍ମଣ ଛେଣ୍ଡିଆ, ଧର୍ମଗଡ଼
କଳାହାଣ୍ଡି ।

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଘୂର୍ଣ୍ଣାୟମାନ



ପ୍ରଜ୍ଞା ପାରମିତା ମହାନ୍ତି

ଏହା ଚାରିପଟେ କକ୍ଷ ପଥେ ଘୂରିବୁଲୁଛି ଯେ ମୁଁ
ଦିନ-ରାତି-ମାସ-ବର୍ଷ ଧରି ପ୍ରତି ନିୟତ ।
ମୋର ଯେ ଅଛି ନିର୍ଦ୍ଦିଷ୍ଟ ପରିସୀମା,ପରିଧି
ଆଉ ଅକ୍ଷପଥ ବି ନିର୍ଦ୍ଧାରିତ ।
ଅକ୍ଷାଂଶ,ଦ୍ରାଘିମା ତଥା ମକର-କର୍କଟ କ୍ରାନ୍ତିର ସମଷ୍ଟିଗତ,
ସେଠୁ ହେବାର ନାହିଁ ବିଚ୍ୟୁତ ।
ହେଲେ ମୁଁ ହେବି, ସେ ସୌରମଣ୍ଡଳରୁ ନିର୍ବାସିତ ।
ଭୋଗିବି ଦଣ୍ଡ ଅଜ୍ଞାତବାସର, ସଙ୍ଗେ ହେଇ ମର୍ମାହତ ।
ଘୂରୁଥିବା ଯାଏଁ ଇ ଅଛି ମୋର ଏକ ସଜ୍ଞା ବା ଅସ୍ତିତ୍ୱ ।
ହେଉ ପଛେ ଏକ ମଣ୍ଡଳ/ପରିବାରର ସତ୍ୟ ।
ଯଦି ବା ମୋର କେତେକ ନିଜର ଉପଗ୍ରହ ବା ସ୍ତାବକ ଅଛନ୍ତି,
ଯଦି ବା ମୋର ନିଜସ୍ୱ ବଳୟ ଅଛି ସୁରକ୍ଷା ପାଇଁ,
ମୁଁ ଯେ ସେ ବ୍ୟାପକତାର ଏକ ଅବିଭକ୍ତ ।
ଘୂର୍ଣ୍ଣାୟପ୍ରାୟ ଏକ ଆକର୍ଷଣବଳରେ ମୋହମୁଗ୍ଧ ।
ପରିକ୍ରମଣୀୟ, ଅଥଚ ନୁହେଁ ପରିବର୍ତ୍ତନୀୟ-ସ୍ୱୟଂସିଦ୍ଧ ।
ଚରୈବତି, ଚରୈବତି, ଚରୈବତିର ମହାମନ୍ତ୍ର ।
ସେଠୁ ଖସିଗଲେ ହିଁ ହେବି କେବଳ ଏକ ଶୀତଳ ପିଣ୍ଡ,
ଆହତ, କ୍ଷତାକ୍ତ, ମୃତବତ ଉଲ୍କାପାତ ।

ମାର୍ଫତ- ଶରତ ଚନ୍ଦ୍ର ମହାନ୍ତି
ପୁରୀ, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁମନସ୍କ



ଅଭିଷେକ ମହାପାତ୍ର

ମୋର ଯାବତୀୟ ସୀମାବଦ୍ଧ ଜୀବଦ୍ଦଶାରେ -

ଯେତେ ସବୁ ସ୍ୱପ୍ନ ଆସେ

ସବୁତକ ମୃତ୍ୟୁମୟ ।

ମୁଁ ତାକୁ କେମିତି ବା ମୃତ୍ୟୁ ମାଗିପାରେ ? !

ଯଦିବା ଏ ଜୀବଦ୍ଦଶାରେ କେବେ ନା କେବେ

ମୃତ୍ୟୁ ଭୋଗିବି ବୋଲି ମୋ ଭାଗ୍ୟରେ ଲେଖାଥାଏ !

ସମଗ୍ର ପ୍ରଶଂସା, ନିନ୍ଦା,ହସ,ଲୁହ ଭିତରେ -

କାହିଁକି କେଜାଣି ମୋତେ ଆଜି ମୃତ୍ୟୁ ଦେଖାଯାଏ !

ମୁଁ ମୁକ୍ତି ପାଏ ନା ପୂର୍ନଜନ୍ମ ଲଭୁଥାଏ -

ଏକ ଅବଶ୍ୟମ୍ଭାବୀ ଜଡତା ପରେ ପରେ !

କେଜାଣି କାହିଁ ମୁଁ ମରୁଥାଏ ଆଜି ଏକ ଆତଙ୍କିତ ନୀରବତାରେ ।

ଆଜି ସବୁ ତୁଚ୍ଛ ଲାଗେ !

ଘର, କ୍ଷେତ, ବାପା, ବୋଉ

କାହିଁକି ଈଶ୍ୱର ମୋତେ ପଢାଇଲ -

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମ୍ପର୍କର ପାଠ ମୃତ୍ୟୁର ଏ ଅମଡ଼ା -ଅଫେରା ପଥରେ !

ଗତକାଲି ତୁଟାଇ ଆସିଛି ସବୁ ମୋହ

ଏବେ ଆଉ ନାହିଁ ଭୟ ।

ମୁଁ ଶାନ୍ତି ଚାହେଁ ,

ଆଉଁସି ଦେ ତୋ ଶୀତଳ ହାତରେ

ମୋ ଭୟଭରା ମୁହଁ !

ନାମ - ଅଭିଷେକ ମହାପାତ୍ର

ଗ୍ରାମ - ରାମଦାସପୁର

ପୋଷ୍ଟ- କୋଲଣଗିରି

ଭାୟା - ଇନ୍ଦୁପୁର

ଜିଲ୍ଲା - ଯାଜପୁର

ପିନ୍ -୭୫୪୨୧୪

ଦୂରାଭାଷ - ୭୬୫୬୯୧୫୫୯୫

ଇ-ମେଲ୍- abhisekmohapatra0167@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବ ସଂଦେଶ



ଶୁଭଦର୍ଶିନୀ ରାଉତ

ଅଚିହ୍ନା, ଅଜଣା ମହାମାରୀଟିଏ
ଘୋର ଅନ୍ଧକାର ରାତ୍ରିରେ,
ସୁପ୍ତପ୍ରାୟ ଆଜି ଏ ମାନବ ଜାତି
ଶୋଇଯାଇଛି କି ନିଦ୍ରାରେ ?
କର୍ମଠୁ ଦୂରେଇ, ସ୍ୱପ୍ନଠୁ ଦୂରେଇ
ଗୃହପିଞ୍ଜରାରେ ହୋଇଛି ବନ୍ଦୀ
ପରାଧିନତାର ଅଣନିଃଶ୍ୱାସରେ
କ୍ଷଣେ କ୍ଷଣେ ହୋଇଯାଏ ସେ ରୁଦ୍ଧି ।
ଛପନ କୋଟିର ଜୀବଯନ୍ତୁ ମଧ୍ୟେ
ଥିଲା ଶ୍ରେଷ୍ଠ ଦିନେ ଯିଏ ସଂସାରେ
କି' ଦୋଷ ଭୋଗୁଛି ଏତେ ଦଣ୍ଡ ଆଜି
କି ତ୍ରୁଟି ରହିଲା ଅବା କର୍ମରେ ?
ପ୍ରକୃତି ହସୁଛି ଘରି ସ୍ୱଚ୍ଛତାରେ
ପ୍ରଦୂଷଣମୁକ୍ତ ଦିଶେ ଆକାଶ
ସ୍ୱାର୍ଥଲାଗି ନଷ୍ଟ କରିଥିଲା ବୋଲି
କଲାକର୍ମ ଫଳ ଭୋଗେ ମଣିଷ ।

ନିଷ୍ଠୁର ନିର୍ଦ୍ଦୟ ମଣିଷ ସେ ପୁଣି
ନିରୀହ ପ୍ରାଣୀଙ୍କ ଜୀବନ ନେଲା
ଭୋଜନ ଲାଳସେ ମାଂସାଶୀ ବୋଲାଇ
ଧର୍ମଦ୍ୱାରେ ଜୀବହନ୍ତା ସାଜିଲା ।
ଆଜି ସେ ସର୍ବ ପ୍ରାଣୀ ଓ ପ୍ରକୃତି
ଦିଅନ୍ତି ସଂଦେଶ ନୀରବତାରେ
ରେ ମନୁଷ୍ୟ ! କିମ୍ପା କରୁ ଏତେ ଗର୍ବ
ନ ଭାବ ତୁ ନିଜକୁ ଶ୍ରେଷ୍ଠ ସଂସାରେ ।
ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟି ଏ ବ୍ରହ୍ମାଣ୍ଡ
ସଭିଏଁ ଆମ୍ଭେ ଯେ ନିମିତ ମାତ୍ର
ମାନବ, ପାଶବ ସମେତ ପ୍ରକୃତି
ସମସ୍ତେ ଏଠି ପରସ୍ପରର ମିତ୍ର ।
ଚତୁର ପ୍ରାଣୀ ତୁ ବୋଲାଇ ନିଜକୁ
ଈଶ୍ୱରଙ୍କ ସମ କରୁ ତୁଳନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହତାଦର୍ କରୁ ଅନ୍ୟପ୍ରାଣୀଙ୍କୁ ଯେ
ସ୍ୱାର୍ଥଲାଗି ଦେଉ କେତେ ଯନ୍ତ୍ରଣା ।
ଅତ୍ୟାଚାର ଭାର ପୂରିଲା ତୋ ଆଜି
ଅଧର୍ମର ଚକ ଭାଙ୍ଗିଲା ପୁଣି
ନିଜ ଧ୍ୱଂସ ଜଡ଼ ନିଜେ ତୁ ସାଜିଲୁ
ଏ ଯାଏଁ ତୁ କିବା ପାରୁନୁ ଜାଣି ?
ଅହଂ, ଗର୍ବ, ହିଂସା କରି ତ୍ୟାଗ ତୁହି
'ଜୀବେଦୟା' ନୀତି ନିଅ ଆଦରି
ଈଶ୍ୱରଙ୍କ ପାଦେ ଶରଣ ପଶି ତୁ
ଅଧର୍ମ ପଥରୁ ଯାଅ ଓହରି ।
ଏ ମନୁଷ୍ୟ ଯେବେ ସ୍ୱାର୍ଥାହୁତି ଦେଇ
ବିଶ୍ୱହିତ କର୍ମେ ବ୍ୟତୀ ରହିବ
ନିଶି କାଳ ଅନ୍ତେ ପ୍ରଭାତ ଆସିବ
ଏ ଜଗତ ପୁଣି ହସି ଉଠିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତତେ ଦେଖିଲା ପରେ



ସୁନିଲ୍ ଦାସ

ଦେଖିଲି ଯେବେ ମୁଁ ପ୍ରଥମ ଥର
ଲାଜେଇ ତୁ ଚାଲିଗଲୁ
ଚୋରାଚାହାଣୀର ମୁରୁକି ହସରେ
ମନ ମୋ ଚୋରେଇ ନେଲୁ - ୧

ଲାଜର ଓଢ଼ଣୀ ଢାଙ୍କିଲୁ ତୋ ମୁହେଁ
ମୋ ପ୍ରେମ ପରଶ ପାଇ
ପ୍ରେମର ଜ୍ୱାଳାରେ ଜାଳିଲୁ ମୋତେ ଲୋ
ପାଗଳ କରିଲୁ ତୁହି - ୨

ଦେଖିବାଉ ମୋତେ ବାହାନା କେତେ ତୋ
ଏପଟ ସେପଟ ହୋଇ
କିଛି ଡର କିଛି ଭୟ ରହିଥିଲା
ତୋ ମନେ ମୋହରି ପାଇଁ - ୩

ପରୀ ରାଇଜର ରାଜଜେମା ହୋଇ
ମନେ ତୋର ଗର୍ବ କାହିଁ ?
ମୋ ହାତଧରି ବାଟ ଚାଲିବାକୁ
ମନେ ତୋର ଊଣା ନାହିଁ - ୪

ନିଛକ ପ୍ରେମର ପ୍ରେମିକା ସାଜିଲୁ
ମୋ ଜୀବନକୁ ଆସି
ଯନ୍ତ୍ରଣା ଜୁଇରୁ ମୋତେ ଟାଣି ନେଇ
ମୋ ମନେ ଭରିଲୁ ଖୁସି - ୫

ଇଞ୍ଜିନିୟର୍, ଗୀତାଗ୍ରାମ, ଅନୁଗୁଳ
ଭ୍ରାମ୍ୟଭାଷ : ୯୯୩୭୪୨୨୫୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସନ୍ତ ଆସିଚି



ନାରାୟଣ ମହାରଣା

ଆସିଚି ବସନ୍ତ ନେଇ ଋତୁର ସମ୍ଭାର,
କୋଣ ଅନୁକୋଣେ ବହେ ଚୋରା ମଳୟର,
ଲୁକ୍କାୟିତ ବାର୍ତ୍ତା ମୋର ପ୍ରତିଟି ଅନ୍ତରେ,
କହିଦିଏ ବସନ୍ତର ସଦ୍ୟ ସମ୍ମୁଖରେ,
ହେ ବସନ୍ତ !
ଦେବଦୂତ ପ୍ରତୀକ ଯେ ତୁମେ,
ବୀଣାଜିଣା ତନ୍ତ୍ରୀର ସ୍ୱର ସମ୍ଭାଷଣେ,
ବିତାନ ତା, ଝଙ୍କୃତ ନସ୍ୱର
ବନ ଉପବନେ ଗହନ କାନନେ,
ପୁଲକିତ କରେ ସଦା ମଧୁପ ଗୁଞ୍ଜନେ ।
ଅଳିକରେ ଅଳୀ ଆସି,
ପାଦପ ପାଦପେ ବସି,
କଳି କଳୀ ଯାଏ ମଧୁ କୁସୁମ ପରସେ ଆସି ।

ତୁମେ ତ ବସନ୍ତ -
ହସି ହସି ବାସନ୍ତୀର ତନୁ ବଲ୍ଲରୀରେ,
ଖଞ୍ଜିଦେଲ, ଜୁଇ ଯାଇ ମାଳତୀ,
ସେବତୀ ପୁଷ୍ପରେ
ପେନ୍ଥା ପେନ୍ଥା କୃଷ୍ଣଚୂଡ଼ା ଗଭାରେ ତାହାରି,
ମଣ୍ଡଣି କରିଛ ଆହା !
କାକ କୃଷ୍ଣକବରୀରେ ।
ରଜନୀଗନ୍ଧାର ଛିଟା ଅଙ୍ଗେ ଅଙ୍ଗେ ବାଜି,
ସଙ୍ଗ ହେବାପାଇଁ ବାତୁଳ ମଧୁମକ୍ଷିକା,
କିଂଶୁକ ବରଜି ।
କାଶତଣ୍ଡୀ ଝୁଲି ଝୁଲି ନିଯୁତ ସମ୍ଭାର
ସୁଶୀତଳ ସମୀରଣ ଆନନ୍ଦ ସଂଚାର
ବଧୂଲୀର ସ୍ମିତହାସ, ବଦନେ ପୀୟୁଷ
ଚନ୍ଦ୍ର ଜ୍ୟୋସ୍ନା ରଜନୀର ଅନ୍ତିମ ପ୍ରକାଶ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରବିରଶ୍ମି ପ୍ରକଟିଲା ଧୀରେ ଧରା ତଳେ,

ପ୍ରସ୍ଫୁଟିତ କମଳିନୀ ସରୋବର ଜଳେ,

ପ୍ରାଚୀ ଉହାଡ଼େ ଲୁଚିଲେ ତପନ

ଲୁଚାଇ ଦେଲେଣି ଦେଖ -

ରକ୍ତିମ କିରଣ,

ପୂର୍ଣ୍ଣିମାର ଇନ୍ଦୁ ବିନ୍ଦୁ ରୂପ ଆକର୍ଷଣ,

ଏଇତ ଗୋଧୂଳି ଲଗନ ।

ଅବସରପ୍ରାପ୍ତ କର୍ମଚାରୀ

ଆସିକା ସମବାୟ ଚିନିଶିଳ୍ପ, ନୂଆଗାଁ

ଆସିକା, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲଟିଏ



ସନ୍ଧ୍ୟାରାଣୀ ନନ୍ଦ

ଫୁଟିଅଛି ଫୁଲ ଦିଶେ ମନୋହର,

ତୋଳିବାକୁ ଶରଧା ବୋଲିଛି ମୋହର ।

କି ସୁନ୍ଦର ଫୁଲ, କି ସୁନ୍ଦର କୁସୁମ,

ଦିଶୁଥଏ କେତେ ମରୋରମ ।

ବଣବୁଦା ତଳେ ଫୁଟି ଅଛି

ମହ ମହ ତାର ମହକ ହେଉଛି ।

ମନ ମୋର ହୁଏ ତୋଳିବାକୁ ବିକଳ

ଚାରିଆଡ଼େ ପଡ଼ିଯାଏ ଚହଳ ।

କ୍ଷୁଦ୍ର ଏକ ଫୁଲ କେଡ଼େ ଶୋଭାବନ,

ଫୁଟିଅଛି ସେହି ଅରଣ୍ୟେ କାନନ ।

ଛୋଟ ହୋଇ ଦେଇଥାଏ ଆନନ୍ଦ

କଅଁଳ ସ୍ୱର୍ଶ ତାର ହୁଏ ମନ୍ଦ ମନ୍ଦ ।

ନିରସ ନୁହେଁ ସେ ବିଚଳିତ ମନ

ଶରଧା ଲାଗେ ତାକୁ କେତେ ମୋର ମନ ।

ଦିନକର ପାଇଁ ଫୁଟିଥାଏ ସେହି

ଦେଖିଲେ ତାକୁ ମନ ନିଏ ମୋହି ।

କାନନ ମଧ୍ୟରେ ଫୁଟିଅଛି ଫୁଲ

ଆହାକି ସୁନ୍ଦର କେତେ ଯେ କୋମଳ ।

ବନ୍ଧପାଲି, ଉପରଝର
ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତତ୍ତ୍ୱ



ଭକ୍ତବନ୍ଧୁ ବିଶ୍ୱାଳ

ତତ୍ତ୍ୱ ତତ୍ତ୍ୱଦର୍ଶୀ ତଥା ତତ୍ତ୍ୱବାଦୀ
ତନ୍ତ୍ରାଦି ତଡ଼ିବବେଗ,
ତଦ ତଦନନ୍ୟ ତଥାସ୍ତୁ ତଥିରେ
ତତ୍ତ୍ୱୁ ତତ୍ତ୍ୱର ତଡ଼ାଗ ।
ତଡ଼ିଦାଭ ତହୁଁ ତକ୍ତ ତକାତକି
ତଟସ୍ଥ୍ୟ ତଡ଼ ତତ୍ତ୍ୱଙ୍କ,
ତଥୈବ ତଥିରେ ତଥାସ୍ତୁ ତତ୍କୃତ
ତତ୍‌ସ୍ୱରୂପ ତଦାତ୍ମକ ।
ତଦେକାତ୍ମା ତନୁ ତନୁରୂହ ତନ୍ତୁ
ତପସ୍ୱତି ତପାନଳ,
ତପସ୍ୟା ତପାଳି ତପୀ ତତ୍ତ୍ୱ ଲଭେ
ତପ୍ତକୁଚ୍ଛ ତଦବଳ ।
ତମ ତମୋନାଶ ତମପ ତମୀଚର
ତମୋନ୍ଧ ତପିସ୍ରା ତର୍କ,
ତର୍ପଣ ତର୍ଷଣ ତତ୍ତ୍ୱର ତରାସ
ତର୍କିକ ତର୍ମିମ ତର୍ଷ ।

ଟୀକା : ତତ୍ତ୍ୱୁ = ରହସ୍ୟ, ତଡ଼ାଗ = ବଡ଼ ପୋଖରୀ, ତଡ଼ଦାଭ = ଜ୍ୟୋତି, ତନୁରୂହ = ସନ୍ତାନ, ତପ୍ତ କୁଚ୍ଛ = ପ୍ରାୟଶ୍ଚିତ, ତମି = କ୍ରୋଧ, ତର୍ଷଣ = ପିପାସା

ଘସିଏନ୍, ପାଟଣାଗଡ଼, ବଲାଙ୍ଗୀର
ଭ୍ରାମ୍ୟଭାଷ : ୯୩୪୮୯୫୧୮୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୃଷ୍ଟିର ରକ୍ଷକ



ଇତିଶ୍ରୀ ମହାରଣା

ସୃଷ୍ଟିର ସ୍ରଷ୍ଟା ତୁମେ ସୃଷ୍ଟିକର୍ତ୍ତା
ଧରା ଧରିତ୍ରୀର ରକ୍ଷକ ତୁମେ
ହେ, ସୃଷ୍ଟିର ବିଧାତା ।
ଜଗତ ନିର୍ମାଣକର୍ତ୍ତା, ଶତ୍ରୁର ବିନାଶକର୍ତ୍ତା
ହେ ବିଦ୍ୟାଦାତା !
ଜଣାଉଛି ମୁଁ ଆଜି ତୁମ ପବିତ୍ର ଚରଣେ
ଗୁହାରୀର କିଛି ବାର୍ତ୍ତା ।
ଭକ୍ତ ତୁମର ନା ଏକ ନା ଅନେକ
ସହସ୍ର ଲକ୍ଷରେ ଗଣା ।
ମୋର ପ୍ରାର୍ଥନା ଶୁଣିବ ମଣିମା
ତୁମ ଲକ୍ଷ ଲକ୍ଷ ଭକ୍ତ ମଧ୍ୟରେ ମୁଁ ଜଣେ ଗଣା ।
ଜଗତର ଭାର ନିଜ ଶିରେ ନେଇ
ଗଢ଼ିଅଛ ଏ ସୁନ୍ଦର ସଂସାର,
ମନୁଷ୍ୟ ରୂପକ ଭିନ୍ନ ଏକ ଜାତି
ସଜେଇଛି ସାଜି ଏ ସୃଷ୍ଟିର ସଂହାର ।
ଛୋଟ-ବଡ଼, ଭଲ-ମନ୍ଦର ବିଚାର
ଦେଇ ଜଣାଇଅଛ ପ୍ରତି ଜାତିକୁ ।
ଭକ୍ତିର ଭାବ ଓ ଶକ୍ତିର ସାମର୍ଥ୍ୟ
ଦେଇଅଛ ପ୍ରଭୁ ପ୍ରତି ଜୀବକୁ ।
ପଞ୍ଚଇନ୍ଦ୍ରିୟରେ ସୃଷ୍ଟି କରିଛ
ଏ ମନୁଷ୍ୟ ଶରୀର ରୂପକୁ
ବୁଦ୍ଧି, ଜ୍ଞାନ, ବଳ ବିବେକର ଶକ୍ତି
ପ୍ରେରଣାର ଉତ୍ସରେ ଗଢ଼ି ତୋଳିଛ ତା ବ୍ୟକ୍ତିକୁ ।
ଦେଵଭାବର ଭାବନା ନାହିଁ ତୁମଠାରେ
ଜାଣିଅଛି ହେ ମହାପ୍ରଭୁ ।
କରୁଣା ଦୃଷ୍ଟିରେ ଘୋଡ଼ାଇ ରଖିଛ,
ସବୁ ଜୀବର ଦୁଃଖ ଦୁର୍ଦ୍ଦଶାକୁ ।
କରଯୋଡ଼ି ମୁଁ କରୁଛି ପ୍ରଣାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ଜଗତ ସୃଷ୍ଟିକର୍ତ୍ତା !
ତଥାପି ହୃଦୟର କିଛି ଅବଶୋଷ
ଶୁଣ ହେ ବିଧାତା ! ଜଣାଉଛି ମୋ ବାର୍ତ୍ତା ।
ଦେଖୁଛି ମୁଁ ଏ ସଂସାର ଦୁଃଖର ରୀତିରେ
ଚକ୍ଷୁଯାଏ ମୋର ଲୁହେ ଭରି,
ପ୍ରାର୍ଥନା ମାର୍ଗରେ ଜଣାଉଛି ମୁଁ ଶୁଣ ମୋର ଗୁହାରୀ ।
ପିତାମାତାହୀନ ସନ୍ତାନ ଆଜି
ଅସହାୟତାର ରୂପ ନେଇ ବଞ୍ଚେ ଏ ସମାଜେ
କନ୍ୟାଭ୍ରୂଣ ହତ୍ୟାକରି ଯୋଗାନ୍ତି ଲାଞ୍ଛ
(ସେହି ଦୁର୍ଲ୍ଲଭ 'ପିତାମାତା')
ଉପଭୋଗ କରନ୍ତି ଟଙ୍କାଶେଯେ ।
ଆବର୍ଜନାର ଶେଯରୁ ମିଳୁଛି
ସେହି ଛୋଟ ଶିଶୁକନ୍ୟାର କରୁଣ ଶବ୍ଦ
ଅନାଥର ପରିଚୟେ ଘୁରିବୁଲନ୍ତି ସେ,
ଖୋଜି ବୁଲନ୍ତି ମା' ଓ ମମତାର ପ୍ରତିଶବ୍ଦ ।
କୁସଙ୍ଗର ରାସ୍ତା ଆପଣେଇ ନେଇ
ଚାଲି ଯାଆନ୍ତି ବହୁଦୂର
ସମାଜର ଏକ କଳଙ୍କିତ ଜାତିରେ,
ରହିଯାଏ ପରିଚୟ ତାଙ୍କର ।
ଜୀବନର ସଂଘର୍ଷ ଭାରି ପଡ଼ିଯାଏ,
ସମୟର ଦୁଃଖ ଯାତ୍ରାରେ,
ହରାଇ ନିଜକୁ ସବୁଦିନ ପାଇଁ,
ଶୋଇଯାଆନ୍ତି ଶେଷ ନିଃଶ୍ୱାସରେ ।
ଖୁସିର ମୁହୂର୍ତ୍ତ କଳ୍ପନାତୀତ ଲାଗେ,
ପ୍ରତିଟି ସମୟ ସ୍ରୋତରେ,
ସଂଘର୍ଷକୁ ସାଥୀ ବାଛି ନିଅନ୍ତି ସେ,
ହସାଇ ନିଜକୁ ଦୁନିଆ ଆଖିରେ ।
ସ୍ନେହ-ପ୍ରେମର ଆଶା ଖୋଜନ୍ତି,
ଦୁନିଆ ଲୋକଙ୍କ ଭାଷାରେ,
ତିରସ୍କାର ପାତ୍ରେ ସାଜନ୍ତି ନିଜକୁ,
ଗଢ଼ନ୍ତି ନିଜକୁ ଅଗ୍ନିଜ୍ୱାଳାରେ ।
ନାରୀର ସ୍ଥିତି ଆଜି ଅଛି ଅସୁରକ୍ଷିତ,
ବଞ୍ଚିବାକୁ ଚାହେଁ ସେ ବର୍ଷ ଶତ ଶତ,
ପୁରୁଷର ଧର୍ଷଣର ଶିକାର ନୁହେଁ ସେ,
ସେ ଶକ୍ତିର ପରିଚୟ,
ନା ସେ ଅବଳା, ନା ସେ ଦୁର୍ବଳା,
ସେ ସୃଷ୍ଟିର ପୂଜକ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ 'ସୃଷ୍ଟିର ରକ୍ଷକ'

ସେ ଧରା ଧରିତ୍ରୀ, ଜନ୍ମଦାତ୍ରୀର ପ୍ରତୀକ ।

ପରପୁରୁଷର ନୁହେଁ ସେ ଖେଳଣା

ପୂଜାର ଦେବୀ ସେ ଆଦି, ଅନ୍ନପୂର୍ଣ୍ଣା

ନୁହେଁ ସେ ବେଶ୍ୟା, ବିଦ୍ରୁପର ପାତ୍ର,

ରୂପ ନୁହେଁ ତା ଏକ,

ସହସ୍ର ରୂପ ଯେ ଅନେକ,

ସେ ଅଟେ ଜାୟା,,

ସେ ଅଟେ ଜନନୀ,

ସେ ଅଟେ ଜଗତଭଗିନୀ,

ଧନଧାତ୍ରୀ ପୁଣି ବିଦ୍ୟାଦାତ୍ରୀ ସେ,

ସର୍ବତ୍ର ପୂଜିତ ସେ ବୀଣାପାଣି ।

ପ୍ରଭୁ ! ତୁମର ବିଚିତ୍ର ଲୀଳା,

ବୁଝି ମୁଁ ପାରେନା,

ଅବଶୋଷ ଲାଗେ ମନ ମଧ୍ୟରେ,

ସୁନ୍ଦର ସୃଷ୍ଟିକୁ ରକ୍ଷା କରନ୍ତୁ,

କରଯୋଡ଼ି ଜଣାଉଛି ତବ ପଦ ଚରଣେ,

ରକ୍ଷା କରନ୍ତୁ ସେହି ବିରଳ ଜାତିକୁ

ସାଜି ସୃଷ୍ଟିର ରକ୍ଷକ ତୁମେ

ସାଜି 'ସୃଷ୍ଟିର ରକ୍ଷକ' ତୁମେ ।

ଏମ୍.ଏ. ଇଂରାଜୀ ସାହିତ୍ୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଆସିକା, ଗଞ୍ଜାମ, ଓଡ଼ିଶା

+=========================+

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉଲଗ୍ନ ରାଜା



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା : ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ସମସ୍ତେ ଦେଖୁଛନ୍ତି ଯେ, ରାଜା ଉଲଗ୍ନ, ତେବେ ବି
ସମସ୍ତେ କରତାଳି ମାରୁଛନ୍ତି ।
ସମସ୍ତେ ଯୋର କରି କହୁଛନ୍ତି, ସାବାସ୍ ସାବାସ୍ ।
କା'ର ମନେ ସଂସ୍କାର, କାହାର ଭୟ -
କିଏ ବା ନିଜର ବୁଦ୍ଧି ଅନ୍ୟ ଲୋକପାଶେ ବନ୍ଧା ଦେଇଦେଇଛି
କିଏ ବା ପରାନ୍ନଭୋଜି
କିଏ କୃପାପ୍ରାର୍ଥୀ, ଆଶାର୍ଥୀ, ପ୍ରବଞ୍ଚକ;
କିଏ ଭାବୁଛି, ରାଜବସ୍ତ୍ର ସତେ ହିଁ ଅତୀବ ସୂକ୍ଷ୍ମ,
ଆଖିରେ ପଡୁନି ଯଦିଓ, ତେବେ ଅଛି
ଅନ୍ତତଃ ରହିବାଟା କିଛି ଅସମ୍ଭବ ନୁହଁ ।

କଥାଟା ସମସ୍ତେ ଜାଣନ୍ତି ।
କିନ୍ତୁ ସେ କଥା ଭିତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି ପ୍ରଶସ୍ତି ବାକ୍ୟ ଉଚ୍ଚାରକ କିଛି
ଆପାଦମସ୍ତକ ଭୟ, ଫନ୍ଦିବାଜ ଅଥବା ନିର୍ବୋଧ
ସ୍ତାବକ ହିଁ ନଥିଲା ।

ଗୋଟିଏ ଶିଶୁ ଥିଲା -
ସତ୍ୟବାଦୀ, ସରଳ, ସାହସୀ ଏକ ଶିଶୁ ।
ଓହ୍ଲାଇଛି କଥାର ରାଜାର ବାସ୍ତବର ପ୍ରକାଶ ରାସ୍ତାରେ
ପୁଣି କରତାଳି ହେଉଛି ମୁହୁର୍ମୁହୁ
ଜମି ଉଠିଛି ସ୍ତାବକବୃନ୍ଦର ଭିଡ଼ ।
କିନ୍ତୁ ସେଇ ଶିଶୁଟିକୁ ମୁଁ
ଭିଡ଼ର ଭିତରେ ଆଜି କେଉଁଠି ଦେଖୁନି ।
ଶିଶୁଟି କୁଆଡ଼େ ଗଲା ? କିଏ କି କୁଆଡ଼େ ତାକୁ କେଉଁ
ପାହାଡ଼ର ଗୋପନ ଗୁହାରେ ଲୁଚାଇ ରଖିଛି ?
ନା ସେ ପଥର - ଘାସ - ମାଟି ନେଇ ଖେଳୁ ଖେଳୁ
ଶୋଇପଡ଼ିଛି କେଉଁ ନିର୍ଜନ ନଦୀର ଧାରେ କିମ୍ବା
ପ୍ରାନ୍ତରର ଗଛର ଛାୟାରେ ।

ଯାଅ, ତାକୁ ଯେମିତି କରିହେଉ ଖୋଜି ଆଣ ।
ସେ ଆସିଥରେ ଏଇ ଉଲଗ୍ନ ରାଜାର ଆଗେ -

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିର୍ଭୟେ ଛିଡ଼ା ହେଉ ।

ସେ ଆସି କରତାଳିର ଊର୍ଦ୍ଧ୍ୱେ ଗଳା ଫଟାଇ ପଚାରୁ

ରାଜା, ତୋର କପଡ଼ା କେଉଁଠି ?

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨, ନୟାଗଡ଼

ଭ୍ରାମ୍ୟଭାଷ : ୯୩୩୯୬୧୦୧୬୮

ଇମେଲ୍ : sanmahakud@gmail.com

ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ



ବିଶ୍ୱନାଥ ଭୁଏ

ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ୍
ହୁରୁଦ୍ ର ସେ ଆନ୍ କିଙ୍ଗ୍,
କାହାକେ ଭି ନେ ଦେଖନ୍ ହୀନ୍
ସେବା କର୍'ସନ୍ ରାଏତ୍ ଦିନ୍ ।
ଗରିବ୍ ଲୁକର୍ ମନର୍ କଥା
ସଥେ ସେ ବୁଝୁଛନ୍,
ହେଥିର୍ ଲାଗି ଦୁଖ୍ ସମିଆଁ କେ
ଆସି ଠିଆ ହଉଛନ୍ ।
ସେବାର୍ ବାଟେ ଚାଲୁଛନ୍
ଦୁଆର୍ ତା'କର୍ ଖୁଲିଛନ୍,
ଦେବାର୍' ଟା ସେ ଶିଖିଛନ୍
କାନ୍'ଲା ଲୁକ୍'କୁ ହଁସଉଛନ୍ ।

କେଶାଇପାଲି, ଭଟଲି
ବରଗଡ଼, ମୋ-୯୬୭୮୮୭୮୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇ କେନ୍ଦୁ ପତର୍ ଥି



ବିଶ୍ୱନାଥ ଭୁଏ

ଇ କେନ୍ଦୁ ପତର୍ ଥି
ବେଲ୍ ଉଦା ଉଦାନୁ
ବେଲା ଶେଷ୍ ହେବାର୍ ତକ୍
ଗୁଁଥା ଚାଲିଥିସି ଆଶାର୍ ମହଲ୍
ଇ କେନ୍ଦୁ ପତର୍ ଥି ।
ମନ୍ ଭି ଉସତର୍ ନଦୀ
ତଁରି ବସ୍'ସି
ବାନ୍ଧ୍'ଲା ବେଲେ
ଇ କେନ୍ଦୁ ପତର୍ ଥି ।
ହିସାବର୍ ଦୁନିଆଁର୍ ହାଟେ
କେଥ୍'ନି କେତେ
ଗହଲ୍ ଚହଲ୍ ଲାଗିବସ୍'ସି
ଇ କେନ୍ଦୁ ପତର୍ ଥି ।
ବୁଆମାର୍ କେତେ ସପନ୍
ପାଠ୍ ପଢ଼ା, ବିହାବର୍'ପନ୍
ଡାକର୍ ଛୁଆକର୍ ଥିସି
ଇ କେନ୍ଦୁ ପତର୍ ଥି,
ଇ କେନ୍ଦୁ ପତର୍ ଥି.......... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୫୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁ ସହେସି ମାଁ



ପ୍ରସନ୍ନ ପ୍ରୟାସ ଭୁଏ

ଦେଖୁଥିଲି ଏକସକଁଟି
ସେ ମମତାମୟୀ
ସରବ୍ ସହନି ମାଁ କେ
ଆଏଁଖ୍ ପତା ତଲେ
ଲୁହର୍ ସମୁଦର୍ ଜାଁକି
ମୁଁଡ଼ ଉପରେ ଦୁଖର୍
ବାଦଲ କେ ଲଦି
ତଥାପି ମୁହେଁ ହଁସିଟେ ।

ଦେଖି ଅନସରୁ ଥିଲି, ଭାଲୁଥିଲି
ମାଁ'ର ଧିରଜ, କଅଁଲ୍ ଗୁନକେ
ହଦର୍ଜ୍ୟା ରେହ୍ନାପନକେ ମୋର
ସହି ଯାଉଥାଏ ଚୁପଚାପ୍
ମାଁ' ଟେ ବଲି ଆରୁ ମୁଇଁ
ହଉଥାଏ ଉଦୁର୍ଚ୍ଛା ଆହୁରି ଆହୁରି ।

ଯେଡ଼େ ବଡ଼ ହେଲେ ଭି
ମାଁ ଆଁଖି ସବୁବେଲେ ଛୁଆ
ଅଧାଖୁରି ଭାତ୍ ଖାଏସି ବଲି
ଦେଇଦେସି ହାଣି ପୁଛି କରି
ରହି ଯାଏସି ନିଜେ ପାଏନ୍ ପି
ହେଲେ ଆଏଜ୍
ଭରିଯାଇଥିଲା ପେଟ୍
ଅଧାଖୁରିର୍ ଅଧା ଭାତେ ।

ମାଁ ମତେ ପଢ଼ି ସାରିଥିଲା
ମାଏଟ୍ ତଲେ ପଡ଼ଲି କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଉଛାବର୍ କରି ଦେଇଥିଲା

ସବୁ ସପନ୍ ସବୁ ସୁଖ୍

ମତେ ପାଏଲା କି...

ହେଲେ ଆଏଜ୍ ମାଁ କେ

ମୋର ପଢ଼ବାର୍ ବେଲା ଘଡ଼ି

ମନର୍ ସିଲଟ୍ ଥି ଦୁଖର୍ ଖଡ଼ି ଧରି

ସୁଖର୍ ଲେଖଲି ଯେଭେ ଅକ୍ଷର୍  ଗୁଟେ

ବଡ ହେଲି ନ ବଲି

ଜାନି ହଉଥାଏ ଭୋଲ୍

ଦେଖୁଥିଲି ଲୁହର୍ ସମୁଦରଟା

ଖୁସିଥି ମାରୁଥାଏ ଲହରୀ

ମାଁ ମୁହେଁ ଉଦୁଥାଏ

ଉଆଁଶ୍ ରାତି ଉସନାକି ଗୁଟା ଜନ୍  ।

ପ୍ରଧାନପାଲି, ସମ୍ବଲପୁର

୮୬୪୮୨୧୮୭୬୬

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଜୀବନ୍



ପ୍ରସନ୍ନ ପ୍ରୟାସ ଭୁଏ

ଛିଡ଼ଲା ପଏଁକ୍ କେ
ନାଇଁ ଭାବ୍ ଡେନା
ତାର୍ ସହାରା ଥି
ଉଡ଼ମି ବଲି ଆକାଶେ
ମକର୍ଲା ପଥରର୍ କାଏଁ  ଆଏସ୍ ...

ଶୁଇ କରି ଦେଖଲା ସପନ୍
ବନେ ଅଏନ୍ ଲାଗସି ନିଦେ ଥିଲା ବେଲେ
ସୁନା ହରିନ୍ କାହାନି ଥି ସତ୍
ସଥର୍ ବଏଲେ
ଟଁକା ହିଁ ଚଲ୍ ପ୍ରଚଲ୍ ...

ଜଂଗ୍ ଏଡ଼କି ବାହାଁ
ଢେଁକି ବୁଡାସାପ ହଇ ଶୁଇଲେ
ଫରକ୍ କାଣା ରହେଲା
ଜୀବନ୍ ଆରୁ ମରନ୍ ଭିତରେ...
ଜଂଗଲି ଫୁଲର୍ କାଏଁ  ବାସ୍ନା
ଫୁଟି ମଉଲି ଝରିଗଲେ

ଦୁଖ୍ ଦରଦର୍ କଁଟା ଭିଲେ
ସୁଖ୍ ଫୁଲର୍ ଅଲଗ୍ ବାସ୍ନା
ଟିକେ ଛିଁ ଦେଲେ ଜୀବନ୍ ସାଫୁଲ୍....

ବନେ ଅସାରକେ ନେଇ ଜୀବନ୍
ଗୁର୍ ଲିଆଥି ପାଗଲା ଜୁଗାର୍
କେଭେ ଚିନି ମିଠା ତ
କେଭେ କସା ପିତା ଟର୍
ହଁସି କରି ହଁସେଇ
ଲୁହୁଥି ଉହୁଲି ଖଏଣ୍ ଧରବାର୍
ଜୀଇଁବାର୍ ନାଇଁ ନ ଜୀବନେ
ହେବାର୍ ଅଛେ ଜୀଇଁ ତୁରୁପ୍ତ  ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ରମଣୀରଞ୍ଜନ ବିଶ୍ୱାଳ

ମୁନୁଷ ଜୀବନ ଶଗଡ ଚକା
ଶଗଡିଆ ମାହାପୁରୁ
ନାକ ରସି ଧରି ଶଗଡ ଚକାକେ
ଚଲାସନ ଥାଇ ଦୁରୁ ।

ମନ ବୁଧି ବଲି ଦୁଇଟା ବଲଦ
ଯୁଡି ହେଇ କରି ଠାଟେ
ଖାଲ ଢିପ ମାଡି ଜୀବନ ଚକାକେ
ଘିଚ୍ ସନ ବାଟେ ବାଟେ ।

କେତେ ଧୁର ଯିବା ଜୀବନ ଚକାଯେ
ଶଗଡିଆ ଏକା ଜାନେ
ଅତଡିଆ ବଟେ ନରଦେଇ ନେଲେ
ଚକା ନି ରହେ ଛନେ ।

ସିଟି ଆରା ପୁଟି ଅଁଛାଡ ଢଁକର
ଜୀବନର କାନଖିଲା
ରୂପ ରସ ଗନ୍ଧ ପାଏନ ପବନ
ସରିଗଲେ ଚକା ଗଲା ।

ଶଗଡିଆ ଯଦି ରସି ଛାଡି ଦେଲେ
ନାଇ ରହେ ଆରୁ ଚକା
କଁଦା ବୁବା କେତେ ଦେଖବୁ ତେହେରୁ
ଚକା ଲାଗି ଧୁକା ଫୁକା ।

ଉପର ବାହାଲ, ବଲାଙ୍ଗିର
ମୋ- ୭୭୪୯୦୦୧୯୦

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ସଂସ୍କାର



ରମଣୀରଞ୍ଜନ ବିଶ୍ୱାଳ

ଘୁଗୁଲିଝାରି ହେଇ ଶାଶ ବୁଢିଟେ,
କହୁଛେ ବହକେ ତାର
ସଂସ୍କାର ନିଦେଇ ତୋର ମା ବୁଆ,
ସଁପାକୁଦା ତୋର ସାର ।

ଶାଶ ଶଶୁରକେ କହୁଛେ ବହ,
ପୁଓ ତମର ବେକାର
ଦେଖି ଯାଇଥିଲ କୁଟୁମ ଯାକ,
ବସିକରି ଏସି କାର ।

ଯାହା ମାଗି ଥିଲ କାଗଜେ ଲେଖି,
ଆନିଛେ ତ ଏସି ଗାଡି
ସଂସ୍କାର ବଲି ଏତେ ଦରବ କେ,
ନିଲେଖି ଦେଇଛ ଛାଡି ।

ଜିନିଷ ପତର ଆନବାର ଲାଗି,
ଜମିକେ ଦେଲୁଁ ଗହନା
ଖଞ୍ଜବାର ଲାଗି ବରାତି ଭୁଜି,
ସବୁ ବିକିଦେଲୁଁ ସୁନା ।

ସଂସ୍କାର ଦେଇଛେଁ ଗହନା ରଖି,
କେନତା ଆନତି କହ
ତୋର ଝି ଠାନୁ ଇହାଦେ ଶିଖୁଛେ,
ଦେଖୁଛୁ ତ ଦହଦହ ।

ଉପର ବାହାଲ, ବଲାଙ୍ଗିର
ମୋ- ୭୭୪୯୦୦୧୯୦

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ଖରା ଆଉଛେ



ଫିରୋଜ୍ କୁମାର ପଟେଲ୍

ଫଗୁନେ ମହମହ ଧରତୀ ର
କେନ୍ ଗୁଟେ ଫୁଲର ସହରେ
ଦୁତୀୟ ଈଶ୍ୱର ମାନେ
ତିହାରେ ମାତାଲ ଥିଲା ବେଲେ
କେନ୍ ଉରଙ୍ଗିଲା ଝାଉ
ତାଙ୍କର କବିତା ଡାଏରୀ ଭିତର କେ
ଅଚାନକ ଢୁକି ଆସିଛେ ।୧

ବର୍ଷେ ନୁ ଅଥକ ହଇ
ଚାଲୁ ଥିଲା ସୂର୍ଯ୍ୟ
ଆଜି ଅଚାନକ ;
ଧରତୀ ର ପାଏନ ପିଇ କେ
ମହାକାଶ ନୁ ଉତିରି ଆଇଛେ । ୨

ସୁଖା ନଦୀର ତରେ
ଲାଲେଲାଲ ଫଲସ ଫୁଲ
ହୁଲି ଲାଗି ହୁଲା ଜାରି କଲା ବେଲକେ
ଡଙ୍ଗର ଉପରର ସେ ଝରନା ର
ବୀଣା ର ତାର ସବୁ
ଆଜି ନ କେନ୍ତା ଯେ ଛିଡି ପଡିଛେ । ୩

ମାଏଟ ସଙ୍ଗେ ମାଏଟ ହଇ
ମୁରହି ଆମଚୁର ଟିକେ ନ
ତୁନପଡୁ ଥିବାର ଗୁଡି
ଆଜି ମହାଜନ କେ
ତୁରେନ କଂସେ ଲାଗି କହି ପକଉଛେ । ୪

ଆଲାର ଝାର ଜଙ୍ଗଲ ନଏଦ କଁଟା
ଚୁପଚାପ ଗାଁ ଖୁଇଲ
ଶୁନଶାନ ରାଜ ରାସ୍ତା ଆରୁ
ଉଜଡ଼ା ଫଗୁନ କହୁଛେ
ଇଟା...
ଖରା ଆଉଛେ ..ଖରା ଆଉଛେ । ୫

ଅବନକେଲା, ସୁନ୍ଦରଗଡ଼-୧୯
ଅଧ୍ୟାପକ, ପ୍ରୟାସ ଡିଗ୍ରୀ କଲେଜ, ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମର୍ ପାଲେ ଯେ ପଡ୍‌ଲା ଥରେ



ଯୁବରାଜ କୁଦେଇ

ମୁଲ୍ କି ହଁସି ଚାଖି ଚାହାନି
ମନ୍ କେ ନେସ ତମେ ଗୋ ଘିନି
ଚୁରେଇ ଚୁରେଇ ଦେଖ୍ ବାର୍ ଠାନି
ତମେ ଭାବୁଥିସ କିହେ ନାଇଁ ଜାନି
ତମର୍ ଚୁରା ପିରତିର୍ ଖେଲ୍
ତମର୍ ପାଲେ ଯେ ପଡ୍ ଲା ଥରେ
ହେଇ ଯଉଛେ ଫେଲ୍
ଲହର୍ ମନି କଁସି ଜନି
ଲଗେଇ ଦେସ କାଏଁ ମହନି
ପ୍ରେମ୍ ନଏଦ୍ ନୁ ଆନ୍ ସ ଛାନି
ରସିଆ ହେସି ଘାଏ ହୁର୍ ଗୁନି
ତମେ ଉପ୍ ରିଆ ଦେଖାସ ଠାସ୍
ତମର୍ ପାଲେ ଯେ ପଡ୍ ଲା ଥରେ
ହେଇ ଯଉଛେ ନାସ୍
ଆଏଁଖ୍ ପୁର୍ ତୁନୁ ମହୁଆ ଠାନି
ଇସାରା ଥିଁ ପିଆସ ମହୁଲି ପାନି
ବଉଲି ଧୁକା ଥିଁ ଉଡାସ ପନତ୍ କାନି
ସମ୍ କୁ ମାର୍ ସ ଘାଁଟି ସାନି

ତମର୍ କଁଚା ସୁଆଦିଆ କଥା
ତମର୍ ପାଲେ ଯେ ପଡ୍ ଲା ଥରେ
ହେଇ ଯଉଛେ ଅଥା
ସୁନ୍ଦ୍ ରି ଗୁରି ମନ୍ ଗୁମାନି
କଥା ସିଖିଛ ଗୋ ସୁଲ୍ ହ ଭର୍ ନି
ଧରା ପଡିଗଲେ ମାର ଫୁଟାନି
ବଡ୍ ଲୁକ୍ କର୍ କଥା ମୁଟେ ନାଇଁ ମାନି
ବନେ ନୁହେଁ ତମର୍ ଚାଲି ଚଲ୍ ନି
ତମର୍ ମନ୍ ମାନି କବାର୍ ଛାଡ
ତମର୍ ପାଲେ ଯେ ପଡ୍ ଲା ଥରେ
ତାର୍ ଭାଙ୍ଗି ଯଉଛେ ଲାଡ
ତାର୍ ଭାଙ୍ଗି ଯଉଛେ ଲାଡ

ଗ୍ରା/ପୋ- ଇଛାପୁର, ଥା- ଡୁଙ୍ଗୁରିପାଲି
ଜି- ସୋନପୁର, ମୋ- ୭୯୭୮୭୧୦୯୫୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ୍‌ରେ ନାଇଯିବୁ ବଦ୍‌ଲି



ହୃଷିକେଶ ସାହୁ

ଗଁଥି ନେଇ ପାରେ ମୁଁଇ ତତେ
ବନେଇ ଫୁଲ୍ ଗଜ୍ ରା
ତୁମି ନେଇ ପାରେ ହେଇ ତୋର୍
ମନର୍ ମନ୍ ଭଁଅରା
ସୁହୁରି ଗଲି ତତେରେ ଭାଲି
ଫୁଲ୍ ରେ ନାଇ ଯିବୁ ମଉଲି

ଝାରର୍ ମଲି ହେଇରେ ତୁଇ
କେତ୍ ନି ଆଶ୍ କର୍ ସୁ
ମୁଁଇ ରହେସି ମନ୍ ମନ୍ଦିରେ
ତୁଇ ତ ଝାରେ ଫୁଟ୍ ସୁ
କାଏଁଜେ ହେସୁ ତୁଇ ଚାହାଲି
ଫୁଲ୍ ରେ ନାଇ ଯିବୁ ଝାଁଉଲି

ମହ ମହ ମହକି ତୁଇରେ
ଚାରି କୁଡି ବାସୁ ଥିସୁ
ଗହ ଗହ ଗହକି ହେଇରେ
ପବନେ ତୁଇ ଖେଲ୍ ସୁ

ନାଇ ଜାନୁରେ ଝଡ୍ ମି ବଲି
ଫୁଲ୍ ରେ ନାଇ ଯିବୁ ବଦ୍ ଲି
ଜୁଇ ଜାଇର୍ ହେନା ଟଗର୍

ମହକି ଉଠେ କଁହର୍
ତତେ ଖାଲି ନୁର୍ ସି ନଜର୍
ହେଇ ମନର୍ ଭଁଅର୍
ତତେ ସପନେ ଦେଖ୍ ଲି ବଲି
ଫୁଲ୍ ରେ ନାଇ ଯିବୁ ମଉଲି
ଫୁଲ୍ ରେ ନାଇ ଯିବୁ ଝାଁଉଲି
ଏ ଫୁଲ୍ ନାଇ ଯିବୁ ବଦ୍ ଲି

ଡାଙ୍ଗୋଲ୍ , ସୋହେଲା , ବରଗଡ଼,
୭୩୭୨୩୭୦୧୭୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବିତ୍ରୀ ବ୍ରତ



ଅରୁଣ କୁମାର ଭୋଇ

ଜେଠ୍ ମାସର୍ ଉଆଁସ ଦିନେ
ସାବିତ୍ରୀ ମାନକର୍ ଦିନ୍
ଆଏସ ମାଗସନ୍ ଘଏଁତାର୍ ଲାଗି
ଛଡେଇକରି ପାପ-ପୁଇନ୍
ପୂଜାପାଠ୍ କରି ଉପାସର୍ ଦିହେଁ
ମାଗସନ୍ ତିନଟା ବର୍
କିଏ ଜାନେ ବୁଆ କାଣା ମଗବା ବଲି
ଯମ ରଜା କେ ଡର୍
ବୁଆର୍ ଲାଗି ଛୁଆ, ଶଶୁର୍ ଲାଗି ଆଏଁଖ୍
କେଡେ କଳଢପେ ମାଗସନ୍
ହୁଁସିଆରିର୍ ବଳେ ମୁନୁଷର୍ ଜୀବନ କେ
ତାର ହାତୁ ଛଡେଇ ଆନସନ୍
ଅଶ୍ୱପତି ରଜା ସାବିତ୍ରୀ ନୁନି କେ
ଦେଇଥିଲେ ସିନେ ଜନମ୍
ବୁଆ ହିସାବେ ଆର୍ କାଁ କରତେ
ଦେଇପାରତେ କାଏଁ କରମ୍

ବଛରେ ଜିଁବା ଜାନିକରି ଘଲା
ହେଇଥିଲେ ତା'କେ ବିହା
ଯମ୍ ନିହେଲେ କାଏଁ ହେଲା
ମହାପୁରୁ ହେଇଥିଲେ ସାହା
ଦିନେକର୍ ଲାଗି ସାବିତ୍ରୀ ବଲି
ଲୋକ କଲେ ହୁଲାଜାରି
ସକାଲ୍ ପାଏଲେ ଚାଏଁ-ଚାବରି ଗୋ
ବାଲ୍ କେ ମୁକୁଲା କରି
ବଛରଟାକର୍ ରାଗ,ରିସମି ରୁଷା-ଫୁଲା
ସବୁ ଯେତେକେ ଦେଇ ପାସରି
ମୁନୁଷ୍ ଜିଁଉ 100 ବଛର୍ ବଲି
ହଉଥିସନ ଚାବି-ଆଁପରି

ଧଉଁରାଦାଦାର, ରାମପୁର,ବଲାଙ୍ଗୀର
ମୋ-୯୯୩୮୧୩୨୩୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଗା କମ୍ ଖଏରଚା ଜହ



କ୍ଷମାନିଧି ସାହୁ

ଜାଗାଟା ବଏଲେ ଟିକେ ଆଏ ନ
ଖଏରଚା ମାଗସି ଜହ
ଏନ୍ତା ଜାଗାଟେ ଟୁକେଲକର୍ ଠାନେ
କିଏ ଜାନିଛ କହ ?..

ଲାଖ୍ ଲାଖ୍ କୋଟି କୋଟି ନାଇଁ ହବଡେ
ସଜେଇ ହେସନ୍ ଅଏନ୍
କେତେ ରକମର୍ ଦରବ ଲାଗସି
ହାଏରେ ବିଧାତା ଧଏନ୍ !

ଏଁଖ୍ ନାକ୍ କାନ୍ ଚଁଏଣ୍ ମିଶି
ଗଢିଛେ ବିଧାତା ଇଥି
ସବୁଠାନେ ଖଞ୍ଜି ଦେଇଛେ
ଯାହାକେ ଜାଣା ସେଥି..

ଟାଟା,ବିର୍ଲା ପଛେ ଗୁଡା ଖାପିନେବେ
ଇଥିର୍ ଦୁକାନ୍ ମାନେ ମେଲା
ଇ କମ୍ପାନି ଟା କେଭେ ନାଇଁ ବୁଡେ
ଯୁଗ୍ ଯୁଗ୍ ରହେବା ଖୁଲା..

ମନକେ ଜାନି କିରିମ୍ ପଉଡର୍
ଆଖି କଜଲ୍ ଅଉ ମୁସ୍କୁରା
ଚଁଏଣ୍ କେ ଚେହିଁ ଲିପ୍ ଷ୍ଟିକ୍ ନିଦାନ୍
କାନଫୁଲ୍ ଗୁନା ହେଲେ ଚେହେରା..

ଆର୍ ଗୁରଦୁଟେ ଦରବ୍ କେତେ
ହେତା ନାଇନ ମୋର୍ ଠାନେ
ଜାଗା କମ୍ ଖଏରଚା ଜହ ବଏଲେ
ଟୁକେଲକର୍ "ମୁହୁଁ" ବଲି ଜାନେ...

ଜାମପାଲି,ମେଲଛାମୁଣ୍ଡା,ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନଏଦ୍ କଛାର୍



ଜିତେନ୍ଦ୍ର ପାଣ୍ଡେ

କାର୍ ବାପ୍ ଦାଦି ଅର୍ଜିଲା ସମ୍ପତ୍ତି ନାଇଁ ସେ
ହେଇଥିସି ଅହରହ ଛିନା ,
ମରିଗଲା ଉତାରୁ ସବେ ହେନିକେ ଯିମା
କାହାକେ ନାଇଁ ନ ମନା  । ।

ଥରେ ଯେ ଯାଇଛେ ରହି ଯାଇଛେ ସେନେ
କୁରେ,ରୁଷି ଗଛର୍ ତଲେ ,
ନାଇଁ ଫିରିଆସେ ନିଜର୍ ଲୋକ୍ ଯେତେ
କାନ୍ଦିବୁବି ରଡି ଛାଡ୍ ଲେ  । ।

କାହାକେ ଆଁକି ଦେସନ୍ ନଏଦ୍ କଛାରେ
ହେଇଯାଏସି ଛନେକେ ଖାର୍ ,
ତୁପିଦେସନ୍ କାହାକେ ନେଇଁ ମାଏଟ୍ କୁଡି
ଘିଚି ଖାଇଦେସି ହୁଣାର୍  । ।

ଚେରେ ଚିଁର୍ ଗୁଲ୍ ଗଗାଚବା କେତେ
ହେଉଥିସନ୍ ଦିନ୍ ଗୁଲା ,
ରାଏତ୍ ହେଲେ ଦେବ୍ ତା ବାହାରିସି ହେନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧରିକରି ଜୁଏହୁଲା ।।

ଦିନ୍ ବେଲେ ବି ଗଲେ ଚକ୍ ଲାଗ୍ ସି ହେନେ
ଦିହିଁ ଯଉଥିସି ଶିତେଇ,
ରାତି ଭେକେଛେକେ ଯାଇଥିବୁ ଯଦି
ଡରେ ହେବୁ ହଗେଇ ମୁତେଇ ।।

ଡର୍ ବାର୍ ନାଇଁ ନ ସବ୍ ଯିମା ହେନିକେ
ଦିନ୍ କାଲ୍ ସରିଗଲେ ,
ଜାଁ ଥିବାର୍ ପତେ ମିଲାମିଶା ହେଇ
ରହିଥାଉଁ ଭଲେ ଭଲେ ।।

ଆବ୍ ରି କରି ଆମ୍ କେ ରଖ୍ ବା ସବ୍ କେ
ନାଇଁକରି ବାଛ୍ ବିଚାର୍ ,
ଇ ସଁସାରେ ଆମର୍ ଖେଲାବୁଲା ସର୍ ଲେ
ଠାନ୍ ଦେବା ନଏଦ୍ କଛାର୍ ।।

ବାଗଉଡାର, ବେଲପଡା,ବଲାଙ୍ଗିର
ମୋ-୬୩୭୦୯୭୯୬୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦମ୍ ଧର



ପୁସ୍ତମ୍ ଯୁଆଡ଼ି

ଦମ୍'ଧର ଦିନେ ସମିଆ ଆଏବା

ଝଲୋମୁନା ଧରି

ତମକୁ,ଆମକୁ ,ସେମାନ୍'କୁ ବି

ସକଁଲି ନେବା ଗୁଟାମୁଟା,

ସେନେ ଆଉ ହଁ ନାଇଁର

ପ୍ରଶ୍ନବାଚୀ, କମା, କି ପୁର୍ନଛେଦ୍

କିଛି ନି ଥିବା ।

ଭୁଡିବାହାଲ୍
ଗାଇସିଲାଟ୍, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫିର୍ ଫିରି



ରମଣୀକାନ୍ତ ସାହୁ

ଫିର୍ ଫିର୍  ଉଡୁଥିସି ଫିର୍  ଫିରି
ଡାଲ୍ ନୁ ନଡାଲ୍ କେ , ଫୁଲ୍ ନୁ ଫୁଲ୍ କେ
ବସୁଥିସି, ଉଠୁଥିସି , ଉଡୁଥିସି ଫିର୍ ଫିରି

ଛୋଟ୍ ଛୁଆର୍  ମନ୍  ଭୁର୍ ତା
ଉତ୍ ପଡିଆର ମାକଡ୍  ନାଚ୍  ଫିର୍ ଫିରି
କେତେବେଲେ ଜୀବନ୍ ଯାଏସି ଛାଡି ନାଇପାରେ ଜାନି ଫିର୍ ଫିରି  ।

ଆଏଜ କରୋନା ଭୁତାଣୁ କରୁଛେ ମାକଡ୍  ନାଚ୍
ଆଉ ମୁନୁଷ୍ ହେଇ ଯାଇଛେ ଫିର୍ ଫିରି
ଲାଖ୍ ଲାଖ୍ ମଲେନ, ଆଉ କେତେ ମର୍ ବେ ନାଇନ ହିସାବ୍  କାହାରିର୍  ।

ବେଲ ଥାଉନ୍  ଥାଉନ୍  ସୁଧ୍ ରି ଯା
ମାସ୍ କ ପିଂଧ୍ , ହାତ୍ ଧୁ ଥା ଥର୍  ଥର୍ ,ରଖ୍ ନିଜ୍ କେ ଦୁର୍
ଜୀବନ୍  ଥିଲେ ଜୀବ୍ କା ଅଛେ
ମୁନୁଷ୍  ଜୀବନ୍  ନାଇ ମିଲେ ଆଉଥରେ  ।

କତରବଗା, ସମ୍ବଲପୁର, ମୋ:/ହ୍ୱାଟସ୍ଆପ୍ :9437736618

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେନ୍ ଘାଏ ଫିରି ଆଏତା



ସହଦେବ ଧରୁଆ

ଗୁଏଇଁ ଦେଇ ପଛାଡେ
ଛାଡି ଆଏଲା 'ଛୁଆଦିନ୍'
ଲେହେଟି ଦୁଲି ଲେଖେନ୍
ଫେନ୍ ଘାଏ ଫିରି
ଲେହେଟି ଆଏତା...
ସୁଖର୍ ପରୁଆଟେ ହେଇ ।
ଆର୍ ମୁଇଁ, 'ବାଲୁତ୍ ଛୁଆ'
ସାଂଗ୍ ସରତାର୍ ମେଲେ
କିଁଦରି ମରଲି କୁଦୁଥୁତି...
ଖେଲୁଥୁତି... ଉଷତେଁ
ଧୁଏଲ୍ ବାଏଲ୍ ସରସର୍ ହେଇ ।
କେତେବେଲେ ଘରେ...
ବାଟ୍‌ଛୁମେ...ସୁଲକି ତରେ
ଆର୍ ଗା'ର୍ ବେଶ୍ ମୁଡେ
ସରଲ୍... ସୁତର୍
ନିଛେଲ୍...ନିସ୍-କପଟିଆ

ଲଂଗଲା ବୁତଲା ହେଇ ।
ସାଂଗର୍ ଜୁଲି ବଉଲି ସାଂଗେ
ବିହାଚୁରା ଖେଲ୍.....
ମୁଇଁ ବରପିଲା ହେଲେ
ସେ ହଉଥୁତା କନିଆଁ ଟୁକେଲ୍
ଲାଡେଗେଲେ ବନଉଥୁତୁ
ଧୁଲିବାଲିର୍ ଘରଟେ
ସରାଗେ ଗହମହ ହେଇ ।
ନେଁ ଥିତା କାମ୍-ଧଁଦା
କନେସି କବାର୍ ବୁତାର୍ ଭିଡ୍
ମୁକୁଲା ଆକାଶର୍ ଚରେଇ
ଖୁଲୁମ୍ ଖୁଲା ଉଡୁଥୁତା...
ଝାର୍ ଜଂଗଲ୍ ଖମନ୍ ନଏଦ୍ ନଲା
ଜେହିତେହି..କାହିଁ କେତେ ଧୁର୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନ୍ ଜଁଜାଲର୍ ପିଁଜରାଟା

ମେଲାଢ଼ିଲା ହୁଲଗୁଲା ହେଇ ।

ସିଆନ୍ ସୁଜନ୍ ଲୁକେ

କହେସନ୍..... ଶୁନିଥିଲି

ପୁରାନ୍ ଶାସତରେ ଭିଲ...

ତାର୍ ନମୁନାର୍ ଛାପ୍୍ଟେ,

“କହିଗଲା କଥା ବହିଗଲା ପାଏନ୍”

କେଭେଁ ପଛ୍ କୁତି

ଲେହେଟି ପଲଟେ ନେଇଁ ।

ତହବି,

କାଏଁଜେ ମର୍ ଉଡିଏଲ୍ ମନ୍

ହୁରଗୁନି ବାମିହେସି ?

ହେତେଇ...ସୁରତା କରି

ଗୁଜରି ଗଲା ଦିନ୍ ମାନକେ

ଫେନ୍ ଘାଏ ଫିରି ଆଏତା ବଲି

ନାହିଁ ନୁହେଲା ଆଶଟେ ବାଁଧସି

ଅଏଲ୍ ଫଏଲ୍ କରି ତେଜେଇ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,ଭବନେଶ୍ୱର

ମୋ.ନଂ : ୭୭୮୨୮୭୭୭୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର୍ ମୁନୁଷ୍



ମନୋରଞ୍ଜନ
ସୁରୁଜାଲ୍

ପାଖେଁ ପାଖେଁ ଥିଲେ
କିଛି କହି ନାଇଁ ହୁଏ
ନିଜର୍ ନୁ
ଦୁରେଇ ଗଲେ
ଅଡୁଆଲ୍ ହେଲେ
ଗୁଲେଇଘାଁଟି ଝୁରି ହେସି
ଇ ମନ୍ ଟା
ହଟାବାର୍ ଲାଗି
କେରାବାର୍ ଲାଗି
ଜିବନର୍ ଧୁନ୍ଦଲା ।
ହାତ୍ ଧରି କରି
ବାଟ୍ ଚାଲୁଥିଲେ
ସହି ନାଇଁ ହୁଏ
ମନ୍ ମୁନୁଷର୍ ଗଲଗୁଲା ।

ମନର୍ ମୁନୁଷ୍
ଯଦି
ହଜି ଯିବା
ଲୁକି ଦେବା
ହେତକି ବେଲେ
ବୁଝି ହେସି
ତାର୍ ବିନେ
ଇ ଜିବନ୍ ଟା
କେତେ ଗୁପା ଗୁନ୍ଦଲା ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଇଁ ହେତୋଉଛେ ଜନ୍ କେ



ଡିସମ୍ବର ମେହେର

ରାଏତ୍ ନେ ସଭେଁ ସୁଇଦେଲେ ମୁଇଁ ଚେତି ଥିସି
ଦେଖୁଥିସି ଖୁଲା ଆକାଶ୍ କେ
ଆଏଁଖ୍ ନୁ ପାଏନ୍ ଥପ୍ ଥପ୍ ଥିପି ଯାଉଥିସି
ହେତୋଉଥିସି ତୁମର୍ କଥାକେ ।।

ହେ ଜୁଲିଆ ତରାକେ ଦେଖେଇ କରି
ତମେ କହୁଥିଲ ଆମର୍ ପ୍ରେମର୍ କଥା
ଆଏଜ୍ ଭି ଉଦିଛେ ସେ ତରା
ନାଇଁ ସୁନି ପାରୁଛେ ଆର୍ ସେ ପିର୍ତିର୍ ବାର୍ତ୍ତା ।

ମୋର୍ ରଙ୍ଗ୍ ରୁପର୍ କରୁଥିଲା ତାରିପ୍
କଇଁ,ପଦମ୍ ସନେ କରୁଥିଲ ଜୋଟ୍ ।
ଆଏଜ୍ ହଜି ଯାଇଛେ ସବୁ ଚମକ୍
ଛାତିନେ ବାଜିଛେ ଦରଦ୍ ର ଚୋଟ୍ ।।

ଆଏଁଖ୍ ଲିମି ଦେଲେ ତମେ ଦିଶୁଛ
ନିନାଶ୍ ନେ ଭି ତମର୍ ଶବଦ୍ ଶୁନୁଛେ
ପାସକେ ଆସ .ପାସକେ ଆସ ଡାକୁଛ
ନାଇଁ ଜାଇପାରୁଛେ ...ନାଇଁ ଜାଇ ପାରୁଛେ ।

ଗଣ୍ଡାବାହାଲି ନୂଆପଡା, ମୋ-୭୮୯୪୭୮୮୧୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଯୋଗେଶ୍ୱର ସାହୁ

ଦଶମାସ ଦଶ ଦିନ ଗରଭେ ଧରି
ଜନମ ଦେଲୁ ଗୋ ମା ତୁହି
ଛୋଟଟାନୁ ଆଏଜ୍ ବଡ଼ ଟେ କଲୁ
ଅଲି ଅରଦଳି ମୋର୍ ସହି ।୧

ନିଜେ ଭୁକେ ରହି ଖାଏବାର୍ କେ ଦେଲୁ
ନାଇ କରି କେଭେ ଊଣା,
ପଣତ ତଳେ ମତେ ଛଅଁରା ଦେଇ
ଦୁଖ୍ କେ କଲୁ ବାଟ ବଣା ।୨

ଆଏଜ୍ କାଲି ପିଲା ବିହା ଟେ ହେଲେ
ମାଆ କେ କରୁଛେ ପର,
ଭୁଲି ଯାଉଛେ ତାର ପୁରୁଣା କଥା କେ
ମାଆ ଯେ କେତେ ନିଜର ।

ମାତୃ ଦିବସେ ଏତିକି ଗୁହାରି
ମାଆ କେ ନାଇ କର ପର
ମାଆ ଥିଲେ ପାଖେ ହସବା ସଂସାର
ଜଗତ ହେବା ସୁନ୍ଦର ।

ଘସିଏନ୍, ପାଟଣାଗଡ଼
ଭ୍ରାମ୍ୟଭାଷ : ୯୩୪୮୬୯୭୫୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପହେଲା ଭେଟ୍



ବିଶ୍ୱନାଥ ଭୁଏ

କେଥି'ନି ଦିନୁଁ ଭେଟ୍ ପଡ୍'ମି ବଲି ଭାବୁଥିଲି । କେଭେ ଆଏତା ଗୁଟେ ସୁଯୋଗ୍, ଭେଟ୍ ପଡ଼ି ପଦେ କଥା ହେତିଁ । ଆଏଜ୍ ତ ବୁଧବାର୍ ଦିନ୍ ଆଏ । ସବୁ ବୁଧବାର୍ ଦିନ୍ କେ ଭଟଲି ଅଭିଯୋଗ ପ୍ରକୋଷ୍ଠ ନିକେ ଆଏସନ୍ ଆମର୍ ଏମ୍.ଏଲ୍.ଏ । ଫଟୁଥି ତ ଦେଖିଥିଲି । ଆଏଜ୍ ସଥେ ଦେଖ୍'ମି, ଭେଟ୍ ପଡ୍'ମି । ମୋର୍ ଭାଏବୁହେନର୍ ପଢ଼ା ବାବଦ୍ ଥି କଥା ହେମି । ସକାଲର୍ ୯.୩୫ ହେଇଛେ, ଲୋକ୍ ଭି କେଥି'ନି କେତେ ଭିଡ୍, ସଭେ ନିଜର୍ ନିଜର୍ କାମେ ଭେଟ୍ ପଡ଼ି ଆସିଛନ୍ ଆମର୍ ଏମ୍.ଏଲ୍.ଏ ସୁଶାନ୍ତ ସିଂ ଆଜ୍ଞାଙ୍କର୍ ପାସ୍'କେ । ମୁଇଁ ଭାବୁଛେ ପହେଲା କାଣେ କହେମି ? କହେଲା ବେଲେ ନେ ଥେତ୍'ରେଁ ତ ? ଏମ୍.ଏଲ୍.ଏ. ଆଜ୍ଞା ପହଁଚିଏଇଛନ୍ । କାର୍ ନୁ ଉତିର୍'ଲେ କି ସଭେ ଆଜ୍ଞାଙ୍କୁ ନମସ୍କାର କରିଛନ୍ । ମୁଇଁ ଭି ଭିଡ୍ ଭିତ୍'ରେ ଥେଇ କରି ନମସ୍କାର କରିଛେଁ । ଆଜ୍ଞାଙ୍କୁ ସଥେ ଦେଖିକରି ମୋର୍ ଜୀବନ୍ ଧକ୍ ଧକେଇ ବସ୍'ଲା । ମୁଇଁ ଭାବୁଛେଁ ପହେଲା କା'ଣେ କହେମି ? କହେଲା ବେଲେ ନେ ଥେତ୍'ରେଁ ତ ? ଇଟା ଭାବି ଭାବି ଜୀବନ୍ ଧକ୍ ଧକେଇ ବସ୍'ଲା । ମନେ ମନେ ପଏଟ୍ କରୁଛେଁ ପହେଲା ଇଟା କହେମି ତେହେରୁ ସେଟା କହେମି । ଆଜ୍ଞା ବସିଛନ୍ ଲୋକ୍ ଭି ହୁଦା ହୁଦା ଆସୁଛନ୍ ଆଉ କଥାବାର୍ତ୍ତା ହଉଛନ୍ । ଗୁଟେ ଗାଁର୍ ଛ' ଲୋକ୍ ବିରିଜ୍ ବନାବାର୍ କାମର୍ ଲାଗି ଆସିଛନ୍ ଆଉ ଆଜ୍ଞାଙ୍କର୍ ସାଂଗେ କଥା ହଉଛନ୍ । ଆଜ୍ଞା ଭି ସେ ବାବଦ୍ ଥି କଥା ହେଇକରି ବୁଝୁଛନ୍ । ବିରିଜ୍ ର କାମ୍ ଜଲ୍'ଦି କର୍'ମା ବଲି କହୁଛଁନ୍ । କେତେଲୋକ୍ କଲ୍ୟାଣ ମଣ୍ଡପ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନାବାର୍ ଲାଗି କହୁଛନ୍ ତ ଆଉ କେତେଲୋକ୍ ଚାଷ୍ ଲାଗି ବୋର୍ ଉଏଲ୍ ର ଟାସ୍'କର୍ମା ଲେଇନ୍ ବାବଦ୍ ଥି କଥା ହଉଛନ୍ । ଇ ସମିଆଁ କେ ମୁଇଁ ଭିଡ୍ ଭିତରେ ଆଜ୍ଞାଙ୍କୁ ଦେଖୁଛେଁ ଅଉ ଆଜ୍ଞାଙ୍କର୍ କଥାକେ ଶୁନୁଛେଁ । ସମିଆଁ ୧୨ ଟା ହେଇ ଗଲା ।ଏତେ ବେଲ୍ ତକ୍ ମୁଇଁ କିଛି ନେ ଖେଇଥେଇ । ଆଜ୍ଞାଙ୍କୁ ଦେଖିକରି ଭୋକ୍ ଶୋଷ୍ ଭି ନେ ଲାଗ୍'ବାର୍ ।ଇ ସମିଆଁକେ ଚାହାବାଲା ଟେ ଆସ୍'ଲା ଅଉ ସମ୍'କୁ ଚାହା ଗିଲାସେ ଗିଲାସେ ଦେଇ ବସ୍'ଲା । ଚାହା ଗରମ୍ ଥିଲା । ମୁଇଁ ଭି ପିଇଲି ଯେ ମୋର୍ ଜିଭ୍ ଟିକେ ପୁଡ଼ିଗଲା । ପି' ପୁଆ ସାର୍'ଲି କି ଗିଲାସ୍ କେ କଲେ କଲେ ମୋର୍ ପେଁଟ୍ ମୁନା ଥି ଭରି ନେଲି । ସବୁବେଲେ ଭାବୁଥେଁ - ପହେଲା କା'ଣେ କହେମି, ତେହେରୁ କା'ଣେ କହେମି ? ଜୀବନ୍ ଧକ୍ ଧକଉଥିଲା । ଲୋକ୍ ମାନେ ନିଜର୍ ନିଜର୍ ଯେନ୍ କାମେ ଆସିଛନ୍ ସେ ବାବଦ୍ ଥି କଥାହେଇକରି ପଲେଇ ବସୁଛନ୍ ।

ଟିକେ ଟିକେ ଖାଲି ହେଲେ କି ମୁଇଁ ଭି ଆଜ୍ଞାଙ୍କର୍ ପାସ୍'କେ ଯେଇବସୁଛେଁ କି ଇ ସମିଆଁକେ ଗୁଟେ ସାମ୍ବାଦିକ୍ ଆସ୍'ଲା ଅଉ ଆଜ୍ଞାଙ୍କର୍ ଇଣ୍ଟର୍ ଭ୍ୟୁ ନେମି କହେଲା । ଆଜ୍ଞାଙ୍କର୍ ଇଣ୍ଟର୍ ଭ୍ୟୁ ନଉନ୍ ନଉନ୍ ୧୫ ମିନିଟ୍ ଲାଗ୍'ଲା । ସମିଆଁ ୧ ହେଇଗଲାନ । ତା'ର୍ ପରେ ଏମ୍.ଏଲ୍.ଏ. ଆଜ୍ଞା ଭାତ୍ ଖାଏବାର୍ ଲାଗି ଭିତର୍ କ୍ୱାଟର୍ କେ ଯେଇଛନ୍ ।ଲୋକ୍ ଭି ପଲେଇ ବସ୍'ଲେ । ଅଉ ୫/୬ ଲୋକ୍ ଅଛନ୍ । ମୁଇଁ ଭି ପାଖର୍ ହୋଟେଲ୍ ନୁ ମୁଠେ ଖେଇ ଆଏତିଁ ବଲି ଭାବେଁ ।ଫେର୍ ଭାବେଁ ନେଇଁ ନେଇଁ ଆଜ୍ଞାଙ୍କର୍ ସାଂଗେ ଭେଟ୍ ପଡ୍'ଲେ ଯେକ୍ ଖାଏମି । ୨.୩୦ ଆଡ଼େ ସମିଆଁ ହେଇଯେଇଛେ । ଆଜ୍ଞା ଠିକ୍ କ୍ୱାଟର୍ ନୁ ବାହାରିଛନ୍ କି ମୁଇଁ ଡରି ଡରି କରି ଆଜ୍ଞାଙ୍କର୍ ପାସ୍ କେ ଯେଇକରି କହୁଛେଁ- ଆଜ୍ଞା ନମସ୍କାର...! ଆଜ୍ଞା ପଚରେଇଛନ୍ ହଁ କେଁ ହେଲା ? ମୁଇଁ କହୁଛେଁ-" ଆଜ୍ଞା, ମୋର୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଏବୁହେନ୍ ମେଟ୍ରିକ୍ ପାସ୍ କଲେ ନ । ଇ ଦୁହିଝନ୍ ଆଗ୍'କେ ପଢ୍'ବାର୍ କେ ଚାହୁଁଛନ୍ ।ପଢ୍'ବାର୍ ଲାଗି ପଇସାପତର୍ ଲାଗ୍'ଲେ ଆପଣ୍ ସାହାଯ୍ୟ କର୍'ବେ ।" ଆଜ୍ଞା ପଚରଉଛନ୍ - କେତେ କେତେ % ରଖିଛନ୍ ? ମୋର୍ ଭାଇ ୪୫% ଅଉ ବୁହେନ୍ ୬୩% ରଖିଛନ୍ ବୋଲି କହିଛେଁ । ଆଜ୍ଞା ତାଙ୍କର୍ ମୋବାଇଲ୍ ନମ୍ବର୍ ଦେଇକରି କହିଛନ୍ - ମୋର୍ ମୋବାଇଲ ନମ୍ବର ରଖିଥ, କିଛି ଅସୁବିଧା ହେଲେ ଫୋନ୍ କର୍'ବ । ଇ ସମିଆଁ କେ ଆଜ୍ଞା କାର୍ ଥି ବସିଛନ୍ ଅଉ ଯେଇଛନ୍ । ଏମ୍.ଏଲ.ଏ. ଆଜ୍ଞାଙ୍କୁ ଦେଖ୍'ଲି, ଭେଟ୍'ଲି ଅଉ କଥା ହେଲି ବଲି ମତେ ଭୋକ୍ ଶୋଷ୍ ଭି ଅଉ ନେ ଲାଗି । ଆଜ୍ଞାଙ୍କର୍ ସାଂଗେ ଇ ପହେଲା ଭେଟ୍ ର ସ୍ମୃତି କେ ମୁଇଁ ମୋର୍ ହୁରୂଦ୍ ଭିତରେ ରଖିଛେଁ ।

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାହୁଡ଼ିଗଲେ ଦ୍ୱିତୀୟ ଈଶ୍ୱର



ସୁଷମା ପରିଜା

ବର୍ତ୍ତମାନର ସମୟ ଏକ ଘଡିସନ୍ଧିର ସମୟ । ସମଗ୍ର ମାନବ ଜାତି ତା'ର ବଳ, କଳ, କୌଶଳ ଲଗାଇ ଲଢୁଛି ଏକ ଅଦୃଶ୍ୟ ଆତଙ୍କବାଦୀ ସହିତ । ମାନବଜାତିର ସବୁ ପ୍ରୟାସକୁ ଫୁତ୍କାରମାରି ଉଡେଇ ଦେଇ ରକ୍ତମୁଖା ଆତଙ୍କବାଦୀ ବିଜୟୋଲ୍ଲାସରେ ଘୁରି ବୁଲୁଛି ଦେଶ ପରେ ଦେଶ, ରାଜ୍ୟ ପରେ ରାଜ୍ୟ, ଗ୍ରାମ ପରେ ଗ୍ରାମ, ଲକ୍ଷ ଲକ୍ଷ ପ୍ରାଣ କବଳିତ କରି ମଧ୍ୟ ମେଣ୍ଟିନାହିଁ ତା'ର ଅନନ୍ତ ତୃଷ୍ଣା । ସହସ୍ରାଧିକ ଯୋଦ୍ଧାଙ୍କୁ ପରାସ୍ତ କରି ସେ ଉଡାଇ ଚାଲିଛି ତା'ର ଜୈତ୍ରବାନା । ଟଳି ପଡୁଛନ୍ତି କେତେ କେତେ ମହାମେରୁ, ଗଡି ଚାଲିଛି କେତେ କେତେ ମହାଯୋଦ୍ଧାଙ୍କ ମୁଣ୍ଡ । ଦ୍ୱିତୀୟ ଈଶ୍ୱରମାନେ ମଧ୍ୟ ତା' ଆଗରେ ହାର୍ ମାନୁଛନ୍ତି, ପରାସ୍ତ ହୋଇ ଫେରି ଯାଉଛନ୍ତି । ତା'ର କ୍ଷୁଧାର୍ତ୍ତ ଆଁ'ର ଅତଳ ଗହ୍ୱର ଭିତରେ ହଜି ଯାଉଛନ୍ତି । ସେମିତି ଏକ ଦ୍ୱିତୀୟ ଈଶ୍ୱରଙ୍କ କଥା ...... ।

କେବଳ ଆଖ୍ୟାରେ ନୁହେଁ ପ୍ରକୃତ ପକ୍ଷରେ ସେ ଥିଲେ ଜଣେ ଦ୍ୱିତୀୟଈଶ୍ୱର । ମାନବତାର ପୂଜାରୀ ଏଇ ମହନୀୟତାର ଚରମ ଦୃଷ୍ଟାନ୍ତଙ୍କର ନାମଥିଲା ଡଃ କେ ଏମ୍ ଇସମାଇଲ ହୁସେନ୍ । ଉଣେଇ ଶହ ଚଉରାଳିଶି ମସିହା ଡିସେମ୍ବର ମାସ ପାଞ୍ଚ ତାରିଖରେ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍‌ଜିଲ୍ଲାରେ ତୁଙ୍ଗଭଦ୍ରା ନଦୀତଟ ଏକ ଛୋଟ ସହରରେ ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମନେଇ ନିଜର ବିଚକ୍ଷଣ ଧୀଶକ୍ତି ବଳରେ ସେ ହୋଇ ପାରିଥିଲେ ଜଣେ ପ୍ରଖ୍ୟାତ ଡାକ୍ତର, ଯିଏ ମାନବ ସେବାକୁ ଈଶ୍ୱରଙ୍କ ସେବା ମନେକରି ମାନବତାର ସେବା କରି ଚାଲିଥିଲେ ସାରା ଜୀବନ । ନିଜେ ଜଣେ ମୁସଲମାନ ହୋଇଥିଲେ ମଧ୍ୟ ଜାତି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ରୋଗୀଙ୍କୁ ସମାନ ଭାବରେ ଚିକିତ୍ସା କରୁଥିଲେ କେବଳ ଜଣେ ମଣିଷ ଭାବରେ ।

ଅନେକ ରୋଚକ କାହାଣୀ ଶୁଣିବାକୁ ମିଳେ ସେଇ ଦେବତୁଲ୍ୟ ଡାକ୍ତରଙ୍କ ସମ୍ବନ୍ଧରେ । କୁର୍ଣ୍ଣୁଲ୍ ମେଡିକାଲ କଲେଜରୁ ଡାକ୍ତରୀ ପଢିସାରିବା ପରେ ସେ ସେଠାରେ ଜଣେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ଧନୀଟିଏ ହେଉ କି ଗରିବ, ସମସ୍ତ ରୋଗୀଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ସେ । ମାନବତାର ସେବା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୌଣସି ଦରିଦ୍ର ରୋଗୀର ଦୁଃଖ ଦେଖି ସେ ସହି ପାରୁ ନଥିଲେ । ଊଣେଇଶହ ପଞ୍ଚସ୍ତରି ମସିହାରେ କୁର୍ଣ୍ଣୁଲ ହସ୍ପିଟାଲରେ ସେ ସହକାରୀ ଅଧ୍ୟାପକ ଥିବାବେଳେ ଥରେ ଗୋଟିଏ ଅତି ଗରିବ ରୋଗୀଙ୍କର ମୃତ୍ୟୁ ହୋଇଥିଲା, ତାଙ୍କ ଶବକୁ ଘର ଯାଏଁ ନେବା ଲାଗି ମଧ୍ୟ ତାଙ୍କ ପରିବାରର ଲୋକଙ୍କ ପାଖରେ ପଇସା ନଥିଲା, ସେଥିପାଇଁ ସମସ୍ତେ ମନ ଦୁଃଖରେ କନ୍ଦାକଟା କରୁଥିଲେ, ଡାକ୍ତର ଇସମାଇଲ ହୁସେନ୍ଙ୍କ କାନରେ ପଡିଲା କଥାଟି, ତତକ୍ଷଣାତ୍ ସେ ନିଜ ପକେଟରୁ ସମସ୍ତ ଖର୍ଚ୍ଚ କରି ରୋଗୀର ଶବ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ତାଙ୍କ ଘରକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ ଖାଲି ସେତିକି ନୁହେଁ, ଗୋଟିଏ "ଚାରିଟି ସୋ" କରି ତହିଁରୁ ଆୟ ହୋଇଥିବା ସମସ୍ତ ଅର୍ଥକୁ ସେଇ ପରିବାରକୁ ସାହାଯ୍ୟ ଦେଇଥିଲେ । ସମାଜ ସେବାରେ ଉତ୍ସର୍ଗୀକୃତ ଥିଲା ତାଙ୍କର ଜୀବନ ।

ପରବର୍ତ୍ତୀ ସମୟରେ ସେ ନିଜ ଘରେ ନିଜର କ୍ଲିନିକଟିଏ କରି ମାଗଣାରେ ରୋଗୀ ଚିକିତ୍ସା କରିବା ଆରମ୍ଭ କରିଦେଇଥିଲେ । ଦିନରେ ବିଭିନ୍ନ ପ୍ରକାରର କାମ ରହୁଥିଲା, ତେଣୁ ସେ ସନ୍ଧ୍ୟା ସମୟରେ ତାଙ୍କର କ୍ଲିନିକରେ ରୋଗୀସେବା ଆରମ୍ଭ କଲେ, ତାଙ୍କ ହାତରେ କିଛି ଐଶ୍ୱରୀୟ ଶକ୍ତି ଥିଲା କି ନାହିଁ ଜଣାନାହିଁ କିନ୍ତୁ ତାଙ୍କର ମଧୁର ଆଶ୍ୱାସନା ଭରା କଥାରେ ହିଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଧିକ ଆରୋଗ୍ୟଲାଭ କରୁଥିଲେ ରୋଗୀମାନେ । ତାଙ୍କର ସରଳ ଅମାୟିକ ବ୍ୟବହାରରେ ଆକୃଷ୍ଟ ହୋଇ ଅନେକ ରୋଗୀ ଆସୁଥିଲେ ତାଙ୍କ ପାଖକୁ, କୌଣସି ରୋଗୀକୁ ସେ ଫେରାଇ ଦେଉ ନଥିଲେ, ସେଥିପାଇଁ ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଜାରି ରହୁଥିଲା । ଚିକିତ୍ସା କଲା ବେଳେ ସେ କୌଣସି ରୋଗୀର ନାମ ପଚାରୁ ନଥିଲେ କେବଳ ବୟସ ଏବଂ ରୋଗର ଲକ୍ଷଣ ବିଷୟରେ ପଚାରୁଥିଲେ । ଅନ୍ୟ ଡାକ୍ତରଙ୍କ ଭଳି ଅନେକ ଗୁଡିଏ ଅଯଥା ପରୀକ୍ଷାନିରୀକ୍ଷା ମଧ୍ୟ କରିବା ଲାଗି ପରାମର୍ଶ ଦେଉ ନଥିଲେ ବରଂ ଖୁବ କମ୍ ଔଷଧ ଲେଖୁଥିଲେ ଯାହା ନିହାତି ଜରୁରୀ ହେଉଥିଲା । ରୋଗୀକୁ ଚିକିତ୍ସା କରିବା ନିମନ୍ତେ ସେ ନିଜେ କୌଣସି ଫିସ୍ ନେଉ ନଥିଲେ, ରୋଗୀର 'ସଲାମ୍ ଡାକ୍ତରସାବ୍' ଶବ୍ଦଟି ତାଙ୍କର ପାରିଶ୍ରମିକ ବୋଲି ସେ ମନେ କରୁଥିଲେ । କ୍ଲିନିକରେ ତାଙ୍କ ଟେବୁଲ୍ ପାଖକୁ ଲାଗି ଆଉ ଗୋଟିଏ ଟେବୁଲରେ ତୁଳା, ଡେଟଲ୍, ସିରିଞ୍ଜ୍, ଔଷଧ ଇତ୍ୟାଦି ସହିତ ଖାଲି କାର୍ଟୁନ୍‌ଟିଏ ରହୁଥିଲା । କେବଳ ଯଦି ରୋଗୀକୁ ଇଂଜେକସନ ଦେବାକୁ ପଡୁଥିଲା, ତେବେ ତାଙ୍କ ପାଖରେ ଯେଉଁ କମ୍ପାଉଣ୍ଡରଟି ସେଇ ଇଂଜେକସନ ଦେଉଥିଲା, ତା'ର ଫିସ୍ ବାବଦକୁ ଦୁଇଟଙ୍କା ସେଇ କାର୍ଟୁନରେ ପକାଇ ଦେବାକୁ ସେ ରୋଗୀଙ୍କୁ କହୁଥିଲେ, ତେଣୁ ରୋଗୀମାନେ ଭାବୁଥିଲେ ଯେ ଡାକ୍ତରଙ୍କ ଫିସ୍ ହେଉଛି ଦୁଇଟଙ୍କା । ତେଣୁ ସେମାନେ ତାଙ୍କୁ "ଦୁଇଟଙ୍କିଆ ଡାକ୍ତର" ବୋଲି ନାମ ଦେଇଥିଲେ । ସେଇ ନାମଟି ଏତେ ପ୍ରସିଦ୍ଧ ଥିଲା ଯେ ଯଦି କୌଣସି ରୋଗୀ ପାଖରେ ଦୁଇଟଙ୍କିଆ ନୋଟଟିଏ ନଥିଲା, ତେବେ ସେ ପାଞ୍ଚ ଟଙ୍କିଆ କିମ୍ବା ଦଶଟଙ୍କିଆ ନୋଟଟିଏ ସେଇ କାର୍ଟୁନ ଭିତରେ ପକାଇ ଦୁଇଟଙ୍କା ବାଦ ଦେଇ ବଳକା ପଇସା ନେବାକୁ ଭୁଲୁ ନଥିଲେ । ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଡକ୍ଟର ଇସମାଇଲ୍ ହୁସେନ୍ ସେଇ "ଦୁଇ ଟଙ୍କିଆ ଡାକ୍ତର" ନାଆଁରେ ପରିଚିତ ହେଉଥିଲେ ।

ଆଉ ଗୋଟିଏ ସେମିତି ମଜାଦାର ଘଟଣା ଘଟିଥିଲା ଉଣେଇଶହ ଅଶୀ ମସିହାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡକ୍ଟର ଇସମାଇଲ୍ ହୁସେନ୍‌ଙ୍କର କ୍ଲିନିକ୍ ପୁରା ଦମରେ ଚାଲିଥାଏ, ଦୂର ଦୂରାନ୍ତରୁ ରୋଗୀମାନେ ଛୁଟି ଆସୁଥାନ୍ତି ତାଙ୍କ ପାଖକୁ ମାଗଣାରେ ଚିକିତ୍ସାପାଇବା ଲାଗି । ପ୍ରବଳ ଲୋକ ଗହଳି ହେଉଥାଏ । ସେତେବେଳେ ନିର୍ବାଚନ ସମୟ, ଆଇନ୍‌ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସରକାର ନିୟମ ଘୋଷଣା କରିଦେଲେ ଯେ ରାତି ଦଶଟା ତିରିଶି ମିନିଟ୍‌ପରେ କୌଣସି ଡାକ୍ତରଖାନା ଖୋଲା ରହି ପାରିବ ନାହିଁ । ବିଳମ୍ବିତ ଅପରାହ୍ନରେ ଖୋଲୁଥିବା ଡାକ୍ତର ସାବ୍‌ଙ୍କ କ୍ଲିନିକ୍ ସେଇ ନିୟମ ମାନି ରାତି ସାଢେ ଦଶଟା ବେଳକୁ ବନ୍ଦ ହୋଇଗଲା । ଡାକ୍ତର ସାବ୍ ସିନା ନିୟମକୁ ମାନିଲା ହେଲେ ରୋଗୀ ମାନଙ୍କର ଖୁବ୍ ଅସୁବିଧା ହେଲା, ଅନେକ ଗୁଡାଏ ରୋଗୀ ଚିକିତ୍ସା ନପାଇ ଫେରିଲେ ଡାକ୍ତର ସାବ୍‌ଙ୍କ କ୍ଲିନିକରୁ । ଅନ୍ୟ ଡାକ୍ତର ମାନଙ୍କ ପାଖରେ ଚିକିତ୍ସିତ ହେବାକୁ ଚାହିଁଲେନି ସେମାନେ, ତେଣୁ ସେମାନେ ମେଳିକରି ଚାଲିଲେ କୁର୍ଣ୍ଣୁଲର ଏସପିଙ୍କୁ ଅନୁରୋଧ କରିବାକୁ, ଡାକ୍ତର ଇସମାଇଲ୍ ହୁସେନ୍‌ଙ୍କ କ୍ଲିନିକକୁ ପୂର୍ବବତ୍ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁମତି ଦେବା ଲାଗି । ସୋସିଆଲ୍ ମିଡିଆରେ ପ୍ରଚାରିତ ହେଲା ସେମାନଙ୍କ ଦାବୀ, ପ୍ରବଳ ଜନ ସମର୍ଥନ ମିଳିଲା । ନିରସ୍ତ୍ର ହୋଇ ଏସପି ଜଣାଇଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କୋଟଲା ବିଜୟ ଭାସ୍କର ରେଡ୍ଡୀଙ୍କୁ ଏବଂ ଶେଷରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କଲେ ଯେ ଜନସାଧାରଣଙ୍କ ଦାବିକୁ ନିଶ୍ଚୟ ମାନିବାକୁ ପଡିବ । ତା’ପରେ ସେ ଅନୁମତି ଦେଇଥିଲେ ଡାକ୍ତର ସାବ୍‌ଙ୍କର କ୍ଲିନିକକୁ ପୂର୍ବବତ୍ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଲା ରଖିବାକୁ ।

ଡାକ୍ତର ଇସମାଇଲ୍ ହୁସେନ୍ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ତିନୋଟି ରାଜ୍ୟରେ ଖୁବ ଲୋକପ୍ରିୟତା ହାସଲ କରିଥିଲେ ତାଙ୍କର ନିଃସ୍ୱାର୍ଥପର ସେବା ଲାଗି । କୁର୍ଣ୍ଣୁଲରେ ତାଙ୍କର ଲୋକପ୍ରିୟତା ଲକ୍ଷ୍ୟକରି ଟି ଡି ପି ର ମହାନ୍ ନେତା ସ୍ୱର୍ଗତ ଏନ୍‌ଟି ରାମାରାଓ ଉଣେଇଶହ ଅଣାନବେ ମସିହାରେ ତାଙ୍କୁ ଏମ୍‌ଏଲ୍‌ଏ ଟିକେଟ୍ ବି ଏ ଦେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ୟାବିନେଟରେ ସ୍ଥାନ ଦେବାକୁ ଚାହୁଁଥିଲେ ଯାହାକୁ ସେ ବିନମ୍ରତାର ସହିତ ପ୍ରତ୍ୟାଖାନ କରି ଦେଇଥିଲେ । ଥରେ ତାଙ୍କର ଜଣେ ବନ୍ଧୁ ପଚାରିଲେ "ତୁମେ ଏମିତି ବିନା ପାରିଶ୍ରମିକରେ ଏତେ ସମୟ ଦେଇ, ପରିଶ୍ରମ କରି ରୋଗୀମାନଙ୍କୁ ଚିକିତ୍ସା କରୁଛ କାହିଁକି ? ତୁମର କ'ଣ ଅର୍ଥପ୍ରତି ମୋଟେ ଆସକ୍ତି ନାହିଁ ? ଡକ୍ଟର ଇସମାଇଲ୍ ହୁସେନ୍ ହସି ହସି ଉତ୍ତର ଦେଇଥିଲେ, "କାହିଁକି ଅର୍ଥପ୍ରତି ଆସକ୍ତି ରଖିବି ? ଟଙ୍କା ପଇସା କ'ଣ ହେବ ମୋର ? ଈଶ୍ୱର ତ ମୋତେ ବହୁତ କିଛି ଦେଇଛନ୍ତି, ମୋର ପୁଅ ଜଣେ ନାମୀ ଡାକ୍ତର, ମୋର ଜଣେ ଜ୍ୱାଇଁ କଲେକ୍ଟର, ଆଉ ଦୁଇଜ୍ୱାଇଁ ମଧ୍ୟ ଉଚ୍ଚ ବେତନଭୋଗୀ ସରକାରୀ କର୍ମଚାରୀ, ଆଉ ଅଧିକ ରୋଜଗାର କରିବି କାହାଲାଗି ? ବରଂ ଏଇ ଲୋକମାନଙ୍କୁ ସେବାକରି ଯେଉଁ ସମ୍ମାନ, ଯେଉଁ ଆନନ୍ଦ ମିଳୁଛି ସେଇ ମୋର ପାରିଶ୍ରମିକ ବୋଲି ଭାବିବି । କେତେ ମହାନ ଚିନ୍ତାଧାରା ଥିଲା ସେଇ ମହାନ ଆତ୍ମାଙ୍କର ।

ଗତ ମାର୍ଚ୍ଚମାସରୁ ଡାକ୍ତର ସାବ୍‌ଙ୍କର କାମ ବହୁତ ବଢି ଯାଇଥିଲା । ବିଦେଶ ମାଟି ଡେଇଁ କରୋନା ଆତଙ୍କ ଖେଳି ଯାଇଥିଲା ସାରା ଭାରତରେ । ଲୋକମାନଙ୍କୁ କରୋନା ଭୂତାଣୁର ଭୟାବହତା ବିଷୟରେ ସଚେତନ କରାଇବା ଜରୁରୀହୋଇ ପଡିଥିଲା । ଡାକ୍ତର ସାବ୍ ରୋଗୀଙ୍କ ଚିକିତ୍ସା ତ କରୁଥିଲେ, ତା'ସହିତ ସେ ଠାଆଠାଆ ବୁଲି ଲୋକ ମାନଙ୍କୁ "କରୋନା" ରୋଗର ଭୟାବହତା ବିଷୟରେ ବୁଝାଇଥିଲେ, ପ୍ରତିଷେଧକ ସଚେତନତା ସୃଷ୍ଟି କରୁଥିଲେ । ଦିଲ୍ଲୀର "ତବଲିଗୀ ଜମାତ୍"ରୁ ଫେରିଥିବା ମୁସଲମାନ ମାନଙ୍କ ଦ୍ୱାରା କରୋନା ଭାଇରସ୍ ସଂକ୍ରମିତ ହେଉଥିବା ଖବର ଜଣା ପଡିବାରୁ ଆନ୍ଧ୍ରପ୍ରଦେଶ ସରକାର ଡାକ୍ତର ଇସମାଇଲ୍ ହୁସେନ୍‌ଙ୍କୁ ସେହି ଜମାତ୍ ଫେରନ୍ତା ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଠାବ କରି ସେମାନଙ୍କ ଚିକିତ୍ସା କରିବାର ଦାୟିତ୍ୱ ଦେଇଥିଲେ । ସେହି କାର୍ଯ୍ୟରେ ଦିନରାତି ଲାଗି ରହିଥିଲେ ସେ ନିଜର ଜୀବନକୁ ବାଜି ଲଗାଇ । ଶହଶହ ରୋଗୀ ଚିହ୍ନଟକରି ଆଣି କୋଭିଡ୍

 Magazine Downloaded from www.aahwaan.com

ହସ୍ପିଟାଲରେ ଭର୍ତ୍ତି କରାଉଥିଲେ ସେମାନଙ୍କ ଚିକିତ୍ସା କରାଇବା ଲାଗି । ସେମିତି ଚିକିତ୍ସା କରୁ କରୁ ଶେଷରେ ସେଇ "କରୋନା ଭୂତାଣୁ"ରେ ସଂକ୍ରମିତ ହୋଇଥିଲେ ନିଜେ ସେଇ କରୋନା ଯୋଦ୍ଧା ।

ଜୀବନରେ ଲକ୍ଷ ଲକ୍ଷ ରୋଗୀଙ୍କ ପ୍ରାଣରକ୍ଷା କରିଥିବା ସେଇ ଦ୍ୱିତୀୟ ଈଶ୍ୱର କିନ୍ତୁ ନିଜକୁ ରକ୍ଷା କରିପାରିଲେନି କରୋନା ରାକ୍ଷସ କବଳରୁ । ସେଇ କରୋନା ଭୂତାଣୁ ସହ ଲଢୁଥିବା ବେଳେ ପରାସ୍ତ ହୋଇ ଧରାଧାମରୁ ବାହୁଡି ଗଲେ ସ୍ୱର୍ଗକୁ ଦୁଇହଜାର କୋଡିଏ ମସିହା ଏପ୍ରିଲ୍ ମାସର ଚଉଦ ତାରିଖ ଦିନ । ସେ ଏମିତି ଏକ ଘଡିସନ୍ଧି ସମୟରେ ଫେରିଗଲେ ଯେ ତାଙ୍କୁ ଭଲ ପାଉଥବା ସମ୍ମାନ କରୁଥିବା କେହି ହେଲେ ତାଙ୍କର ଶେଷ ଦର୍ଶନ ଟିକିଏ କରିବାକୁ, କି ଶେଷ ବିଦାୟ ଟିକିଏ ଜଣାଇବା ଲାଗି ସୁଯୋଗ ପାଇଲେନି । କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ଭସ୍ମୀଭୂତ ହୋଇଗଲା ତାଙ୍କର ପାର୍ଥିବ ଶରୀର । "ଦୁଇ ଟଙ୍କିଆ ଡାକ୍ତର" ହଜିଗଲେ ସମସ୍ତଙ୍କ ଦୃଷ୍ଟିପଟଳରୁ । ଫେରିଗଲେ ଦ୍ୱିତୀୟ ଈଶ୍ୱର ପୁଣିଥରେ ଆଉ କେଉଁରୂପରେ ଆଉ କେଉଁଲୋକରେ ମାନବତାର ସେବା କରିବା ପାଇଁ । କେବଳ କୁର୍ଣ୍ଣୁଲ୍ ସହର ଝୁରିବ ନାହିଁ, ସାରାବିଶ୍ୱ ଝୁରିବ ସେଇ ଦ୍ୱିତୀୟ ଈଶ୍ୱରଙ୍କୁ । ତାଙ୍କର ସେଇ ନିଃସ୍ୱାର୍ଥପର ସେବା ଲାଗି ମୃତ୍ୟୁପରେ ବି ସେ ଅମର ହୋଇ ରହିବେ କୋଟି କୋଟି ଭାରତୀୟଙ୍କ ହୃଦୟ ମଧ୍ୟରେ ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ
ଭ୍ରାମ୍ୟଭାଷ : ୯୩୩୭୨୭୨୪୭୭

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାର୍ଥପରତା ?



ନାରାୟଣ ଚନ୍ଦ୍ର ସେନାପତି

## ସ୍ୱାର୍ଥପରତା ସୁସମ୍ପର୍କର ସବୁଠୁ ବଡ଼ ପ୍ରତିବନ୍ଧକ

ସୁସମ୍ପର୍କ ସେତୁ କେମିତି ଗଢ଼ିବୁ
ଯଦି ଅଛି ସ୍ୱାର୍ଥପରତା
ଆଶାର ସୌଧ ତୋ ଶ୍ମଶାନେ ମିଶିଲ୍ଲ
କାହିଁକି ବୁଣୁଛୁ ତିକ୍ତତା ?"

ପ୍ରୀତି ମନ୍ଦାକିନୀ ଢାଳି ଭିଜା ବାରେ
ହସୁଥିବୁ ଚିରଦିନ
ନିଃସ୍ୱାର୍ଥପରତା ଅବଢା ବାଣ୍ଟିଲେ
ସାର୍ଥକ ହେବ ତୋ ପ୍ରାଣ ।"

ମାୟାମୋହର ସଂସାରକୁ ସଉଦା କରିବାକୁ ଆସିଥିବା ଶ୍ରେଷ୍ଠ ସୃଷ୍ଟି ମଣିଷ କେବେ ପଣ୍ୟଶାଳାରେ ଦଣ୍ଡାୟମାନ ହୋଇ ଲୋଭରେ ପୁଳାଏ ଦୁଃଖ କିଣେ ତ କେବେ ନିର୍ଲୋଭରେ ଚିମୁଟେ ସୁଖ କିଣେ । ରକ୍ତ ମାଂସର ଶରୀରରେ ଇନ୍ଦ୍ରିୟଗୁଡ଼ାକ ଯେବେ ନିୟନ୍ତ୍ରଣାଧୀନ ହୁଅନ୍ତି ସେତେବେଳେ ସେ ହସିହସି ପେନ୍ଥାଏ ଆନୁଗତ୍ୟ କିଣି ସେଥିରେ ସମ୍ପର୍କର ମହଲ ସୃଷ୍ଟି କରେ । ଯେବେ ଅମାନିଆଁ ହୋଇ ହେୟଜ୍ଞାନ ଓ ଦାମ୍ଭିକତାରେ ବେପରୁଆ ଘୃଣାଭଣ୍ଡାରେ କିଣେ ସେତେବେଳେ ଜଣାପଡେ ତା ମନରେ, ଅନ୍ତରରେ, ହୃଦରେ, ଆତ୍ମାରେ, ଚିନ୍ତାରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେତନାରେ କେବଳ ଗୋଟିଏ ତିକ୍ତ ଦ୍ରବ୍ୟ ଆଦ୍ରବ୍ୟ ହୋଇ ଭାସମାନର ସ୍ଥିତି ବଜାୟ ରଖିଛି ତାହା ହିଁ ସ୍ୱାର୍ଥପରତା । ସେତେବେଳେ କଳେ ବଳେ କୌଶଳେ କିବା କିଂକର୍ତ୍ତବ୍ୟବିମୁଢ ହୋଇ ସୁସମ୍ପର୍କର ସୁଖକୁଡିଆ ନିର୍ମାଣ ପାଇଁ ଯେତେ ଚାହିଁଲେ ବି ତା ସ୍ୱପ୍ନ ତ କେବେ ସତର ଝରକା ଛୁଇଁପାରେନା ବରଂ ଦୁଃସ୍ୱପ୍ନ ବା ଦିବାସ୍ୱପ୍ନର ଧୂମ୍ର ପାହାଡ଼ ପାଲଟିଯାଏ, କାରଣ ସୁସମ୍ପର୍କ ପାଇଁ ପରା ଦରକାର ଟିକିଏ ନିଃସ୍ୱାର୍ଥପରତା, ମାତ୍ର ତା ପାଖରେ ଥିବା କୁଢ଼ କୁଢ଼ ସ୍ୱାର୍ଥପରତା ତାର ପଥକୁ ସୁଗମ କରିବା ପରିବର୍ତ୍ତେ ପ୍ରଧାନ ଅନ୍ତରାୟ ହୋଇ ଛିଡ଼ାହୋଇ ଅଗମ୍ୟ କରିପକାଏ ।

ବାସ୍ତବରେ ନିଃସ୍ୱାର୍ଥପରତା ଏକ ସ୍ୱର୍ଗୀୟ ଗୁଣ ଆଉ ସୁସମ୍ପର୍କ ଏକ ଅମୃତମୟ ବନ୍ଧନ । ଆଉ ସ୍ୱାର୍ଥପରତା ଏକ ପାପିଳ କୁଣ୍ଡ । ଏମାନଙ୍କର ବ୍ୟାଖ୍ୟା, ବିଶ୍ଳେଷଣ କରିବା ପାଇଁ ହେଲେ ପ୍ରକୃତପକ୍ଷରେ ଏମାନଙ୍କର ସଂଜ୍ଞା ନିରୂପଣ ଓ ସ୍ୱରୂପ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଅବଗତ ହେବା ବିଧେୟ । ସ୍ୱାର୍ଥପରତା ଏକ ହୀନ, ନିକୃଷ୍ଟ, କଦର୍ଯ୍ୟ ଗୁଣ ଯାହା ପ୍ରତ୍ୟକ୍ଷରେ କେବଳ ନିଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିଥାଏ ଆଉ ପରୋକ୍ଷରେ ତା ବ୍ୟତୀତ ଅନ୍ୟର ଅହିତ ଓ ଅମଙ୍ଗଳ ଚିନ୍ତା କରିଥାଏ । ଅପରପକ୍ଷରେ ସୁସମ୍ପର୍କ ଏକ ଐଶ୍ୱରୀୟ ନିବିଡ଼ତା ଯାହା ସମ୍ପୂର୍ଣ୍ଣ ସମର୍ପଣ ବା ତ୍ୟାଗର ସଂଗମର ସୃଷ୍ଟି ହୋଇ ସଦାସର୍ବଦା ପରସ୍ପର ଓ ଅପରର ମଙ୍ଗଳ ପାଇଁ ସୁନେଲି ସ୍ୱପ୍ନ ଦେଖୁଥାଏ । ତେବେ ଏମାନଙ୍କର ସମ୍ପର୍କ ଏକ ନଦୀର ଦୁଇ କୂଳ, ଦିଗବଳୟର ଦୁଇ ବିପରୀତ ଦିଗରେ ଅରୁଣର ଉଦୟ- ଅସ୍ତ ପରି ସମ୍ପୂର୍ଣ୍ଣ ବିପରୀତ ଧର୍ମୀ । ଜୀବନର କୌଣସି ସମୟରେ କେହି କାହାକୁ ସ୍ପର୍ଶ, ଛେଦ କରିପାରିବା ତ ଦୂରର କଥା ଏପରିକି ସମାନ୍ତରାଳ ବି ହୋଇପାରିବେ ନାହିଁ । ଏମାନଙ୍କର ସ୍ୱରୂପ ଆଲୋକ ଅନ୍ଧାର, ସୁଗନ୍ଧ ଦୁର୍ଗନ୍ଧ କିବା ପୁଣ୍ୟ ପାପର ଲୀଳାଖେଳା ସଦୃଶ । ସୁସମ୍ପର୍କ ଏକ ସୁରମ୍ୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରାସାଦ ହେଲେ ସ୍ୱାର୍ଥପରତା ଏକ ପ୍ରାକୃତିକ ବିପର୍ଯ୍ୟୟ, ସୁସମ୍ପର୍କ ଏକ ସୁଫଳ ଦିବ୍ୟ ଅପୂର୍ବ ସୁକୁମାର ତନୁ ହେଲେ ସ୍ୱାର୍ଥପରତା ଏକ ଦୁଃସାଧ୍ୟ ଭୁତାଣୁ/ଜୀବାଣୁ/କୀଟାଣୁ ଆକ୍ରାନ୍ତ ଅଚିକିତ୍ସିତ ଭୟଙ୍କର ବ୍ୟାଧି । ତେବେ ସୁସମ୍ପର୍କର ରାଜରାସ୍ତାରେ ସ୍ୱାର୍ଥପରତା ଏକ ଅବରୋଧ କାରୀ ଗଭୀର ଗର୍ତ୍ତ ନୁହଁ ତ ଆଉ କ'ଣ ?

ଅତୀତର ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଏସବୁର ସଳଖ ଦୃଷ୍ଟାନ୍ତ ନିଶ୍ଚିତ ଭାବେ ଦୃଷ୍ଟିଗୋଚର ହେବ । ସେଦିନ ଔରଙ୍ଗଜେବଟା ସିଂହାସନ ଆରୋହଣର ସ୍ୱାର୍ଥପାଇଁ ଆତ୍ମୀୟଙ୍କୁ ହତ୍ୟାକାରିବାକୁ ପଛେଇଲା ନାହିଁ । ଦିଗ୍ ବିଜୟୀ ସମ୍ରାଟ ହୋଇ କ୍ଷମତା କିଣିବା ଆଶାରେ ଚଣ୍ଡାଶୋକ, ଆଲେକଜାଣ୍ଡାର, ଆକବର, ନେପୋଲିୟନଙ୍କ ପଶୁତୁଲ୍ୟ ଆକ୍ରମଣ ଓ ସରଳ ନିରୀହ ବ୍ୟକ୍ତିଙ୍କୁ ନିହତ କରି ବିଦ୍ରୁପର ରକ୍ତନଦୀ ବନ୍ୟା ଗର୍ଜନ ସୃଷ୍ଟିକରିବା କ'ଣ ହିଂସାପୁର୍ଣ୍ଣ ହିଂସ୍ର ସ୍ୱାର୍ଥପରତା ନୁହଁ କି ?

ରାମାୟଣରେ ନିଜପୁତ୍ରକୁ ରାଜଗାଦୀ ଦେଇ ସ୍ୱୟଂ ରାଜମାତା ହେବାର ପରିକଳ୍ପନା ସହ ସ୍ୱାମୀଙ୍କ ମୃତ୍ୟୁର କାରଣ ତଥା ରାମ ବନବାସର ସୂତ୍ର ସୂତ୍ରପାତ କରିଥିବା କୈକେୟୀ ପାଖରେ, ନିଜର କାମନା ବାସନାକୁ ଚରିତାର୍ଥ କରିବାକୁ ଯାଇ ସୁର୍ପଣଖା ରାମଙ୍କୁ ପାଇବାର କଳ୍ପନା ବାସ୍ତବରେ ଥିଲା ସ୍ୱାର୍ଥପରତାର ଭଣ୍ଡାର । ସ୍ୱପୁତ୍ର ମାନଙ୍କୁ ଜ୍ୟେଷ୍ଠ ଶ୍ରେଷ୍ଠ ଭାବେ ଦେଖିବାକୁ ଅନ୍ଧ ଧୃତରାଷ୍ଟ୍ରର ସ୍ୱାର୍ଥପର ଚିନ୍ତା, ନିଜେ ସର୍ବ ରାଜ୍ୟ ରାଜସିଂହାସନ ଭୋଗ ଆଶାରେ ପାପାଚାରୀ ଦୁର୍ଯ୍ୟୋଧନର ପାଣ୍ଡବଙ୍କୁ ଅତ୍ୟାଚାର ଜତୁଗୃହରେ ଜାଳି ପୋଡି ମାରିବାର ଷଡଯନ୍ତ୍ର ସ୍ୱାର୍ଥପରତା ନୁହଁ ତ କଣ ହୋଇପାରେ ? ତେବେ ଏ ସ୍ୱାର୍ଥପରତା କଣ ସୃଷ୍ଟି କରିପାରିଥିଲା ସ୍ୱପ୍ନର ରାମରାଜ୍ୟ ? ଏ ସ୍ୱାର୍ଥପରତା ସୁସମ୍ପର୍କ ପରିବର୍ତ୍ତେ ସୃଷ୍ଟି କରିଥିଲା ୧୮ଦିନର ସମ୍ପୂର୍ଣ୍ଣ ମହାଭାରତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତ୍ର ଜନ୍ମଭୂମିର ସୁରକ୍ଷା ଓ ସମ୍ମାନ ପାଇଁ ସେଦିନର ଚାଣକ୍ୟଙ୍କ ଅଜସ୍ର ତ୍ୟାଗ ଓ କୌଶଳ, ଧର୍ମ ନ୍ୟାୟ ଓ ଯୋଗ୍ୟତାର ସମ୍ମାନ ତଥା ମାତୃଭୂମି ପାଇଁ କାର୍ତ୍ତବ୍ୟର ପରାକାଷ୍ଠା ଦେଖାଇଥିବା ଅଶୋକ ଓ ଚନ୍ଦ୍ରଗୁପ୍ତଙ୍କ କଷ୍ଟ, ନିଷ୍ଠା ଓ ତ୍ୟାଗରେ ଭରପୁର ଥିଲା ନିଃସ୍ୱାର୍ଥପରତା, ରାଜ୍ୟବାସୀଙ୍କ ସହ ସୁସମ୍ପର୍କ । ଭରତର ଉଦାରତା, କଠଉ ପୂଜା, ରାଜ ସିଂହାସନକୁ ତୁଚ୍ଛ କରି ଭାଇକୁ ସର୍ବସ୍ୱ ମଣିଥିବା ସ୍ୱର୍ଗୀୟ ଗୁଣ ଶିକ୍ଷା ଦିଏ ନିଃସ୍ୱାର୍ଥପରତା ଓ ଭ୍ରାତୃତ୍ୱର ଶ୍ରେଷ୍ଠ ନିଦର୍ଶନ ।

ସେଦିନ କୃଷ୍ଣ ସୁଦାମାଙ୍କ ସମ୍ପର୍କରେ ନଥିଲା ସ୍ୱାର୍ଥପରତା ମାତ୍ର ଥିଲା ଶାଶ୍ୱତ ପ୍ରେମ, ପ୍ରକୃତ ବନ୍ଧୁକୁ ଭଲପାଇବା ଓ ଉତ୍ସର୍ଗୀକୃତ ମନୋଭାବର ପରିପନ୍ଥୀ । ଦୁର୍ଯ୍ୟୋଧନ ଓ ପ୍ରବଳପ୍ରତାପୀ ମହାଦାନୀ କର୍ଣ୍ଣଙ୍କ ସୁସମ୍ପର୍କରେ ଥିଲା ପ୍ରେମର ଐଶ୍ୱରୀକ ନିବନ୍ଧନ, ପାର୍ଥ ସାରଥିଙ୍କ ସୁସମ୍ପର୍କ ତ ଦିବ୍ୟଚେତନାର ପ୍ରକୃଷ୍ଟ ଉଦ୍ଦୀପନା । ସେଠାରେ କୌଣସି ସ୍ୱାର୍ଥପରତାର ଚିହ୍ନବର୍ଣ୍ଣ ନଥିଲା । ଜଣଙ୍କ ପାଇଁ ଅନ୍ୟଜଣଙ୍କର ପ୍ରାଣ ବାହୁନି କାନ୍ଦୁଥିଲା । ହେଲେ ଆଜି ଭାଇଭାଇର ଚିରଶତ୍ରୁ କେବଳ ଟିକିଏ ଜାଗା, କେତୋଟି ଟଙ୍କା ଆଉ କିଛି ପରିଚୟ ବିହୀନ ଧନ ସମ୍ପଦ ଅଳଙ୍କାର ପାଇଁ । ବନ୍ଧୁବନ୍ଧୁର ପରମଶତ୍ରୁ ହୋଇ ପ୍ରତି ପଦକ୍ଷେପରେ ଚାହିଁଛି ଦେଖିବାକୁ ତାର ଅଧୋପତନ, କୂଟନୀତି ହିଂସା ଜର୍ଜରିତ ଉପାୟରେ ଅସୁବିଧାରେ ପକାଇବାକୁ କରୁଛି ଷଡଯନ୍ତ୍ର ପରେ ଷଡଯନ୍ତ୍ର । କେବଳ ସମ୍ପଦ ସମୟରେ ଅଭିନୟ ଅଟ୍ଟହାସ୍ୟ ଓ ପରିହାସର ଭାପ୍ସା ପ୍ରତିଛବି ଆଙ୍କି ଚାଲିଛି ଦୂଷିତ ସମାଜରେ । ଚାଣକ୍ୟଙ୍କ 'ଉତ୍ସବେ ବ୍ୟସନେ ଚୈବ....' ଶ୍ଳୋକରେ ଥିବା ବନ୍ଧୁର ସଂଜ୍ଞାଟା କଳଙ୍କି ଖାଇଲାଣି । 'ଯୁଦ୍ଧ ଯଦି କରି ବସିବୁ ସାଥିରେ ଥିବ ଭାଇ...' ପଦଟି ତା ସ୍ୱତନ୍ତ୍ରତା ହରାଇ କାନ୍ଦିଲାଣି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ଧୀରେ ଧୀରେ ଅଧିକରୁ ଅଧିକ ସ୍ୱାର୍ଥପର ହୋଇଗଲାଣି । ଗର୍ଭ ଯନ୍ତ୍ରଣା ଓ ଚିନ୍ତା ଯନ୍ତ୍ରଣା ସହି ଜନ୍ମ, ଲାଳନପାଳନ ବଡ଼ କରାଇବାର ଦୁର୍ବାର ଆଶା ରଖିଥିବା ପିତା ମାତାମାନେ ପୁତ୍ରକନ୍ୟାଙ୍କ ଦ୍ୱାରା ନିଷ୍ପେସିତ ଦଳିତ ଅତ୍ୟାଚାରିତ ଘୃଣିତ ହୋଇ ଲୁଚିଲୁଚି କାନ୍ଦୁଛନ୍ତି । କେହି କେହି ସ୍ୱଗୃହର ବନ୍ଦୀ କାରାଗାରେ ବା ବୃଦ୍ଧାଶ୍ରମର ଆବଦ୍ଧ କୋଠରୀ ଭିତରେ ନିଜ ଅତୀତର କୃତକର୍ମ ନା ବର୍ତ୍ତମାନର ଅଭିଶାପ କଥା ଚିନ୍ତାକରି ଲେଖୁଛନ୍ତି ପ୍ରତିକ୍ଷଣ କୋହରେ, ମୋହରେ, ସ୍ୱାର୍ଥପରତା ଖୋଜୁଛନ୍ତି ସଜ ସୁସମ୍ପର୍କର ବାସି ସଞ୍ଜାରେ । ଦିନ ଦିନ, ମାସ ମାସ,ବର୍ଷ ବର୍ଷ ସେବା ଯୋଗାଉଥିବା ଗୃହପାଳିତ ପଶୁମାନ ପ୍ରକୃତିକୁ ପଚାରୁଛନ୍ତି - ଏ ବୃଦ୍ଧାବସ୍ଥାରେ ମାଲିକ ଦେଇଥିବା ପ୍ରୋତ୍ସାହନ ସତରେ ସ୍ୱାର୍ଥପରତା ନା ସୁସମ୍ପର୍କର ଦୀପ୍ତ ପ୍ରତିଛବି । ସ୍ୱାମୀ-ସ୍ତ୍ରୀଙ୍କ ପରକୀୟା ପ୍ରୀତି ସତରେ ସାତ କଳସ ଆଠ ଦୀପର ସଂସ୍କାର ନା ଅତ୍ୟାଧୁନିକତାର ନୀରବ ପାପ, ଏଥିରେ ସନ୍ତାନ ସନ୍ତତିଙ୍କର ହନ୍ତସନ୍ତ ସେମାନଙ୍କର ଦୁର୍ଭାଗ୍ୟ/ପୂର୍ବ ଜନ୍ମର କର୍ମଫଳ ନା ଅଭିଶାପ । ସମ୍ପର୍କର ବାୟାବସା ଗଢିବାକୁ ସ୍ୱପ୍ନ ଦେଖିଥିବା ପ୍ରେମୀଯୁଗଳଙ୍କ ବିଚ୍ଛେଦ, ଶହୀଦ ଓ ଉଭାନ ହେବା ପଛରେ କଣ ଅଛି, ପ୍ରେମ ନା ପ୍ରତାରଣା..., ଶୁଭୁଛି ନିଃସ୍ୱାର୍ଥପରତାର ଆବାହାନୀ ସଂଗୀତ ନା ସ୍ୱାର୍ଥପରତାର ବିକଟାଳ ଶବ୍ଦ ନାଁ ବିରହର କୋହଥରା ଆର୍ତ୍ତଚିତ୍କାର । ଅନ୍ୟକୁ ଅସୁବିଧାରେ ପକାଇ ନିଜେ ଶ୍ରେଷ୍ଠତ୍ୱ ହାସଲ ପାଇଁ କଲେଜରେ ଭଲ ପାଇଲେଣି ଛାତ୍ରଛାତ୍ରୀ, ଧନୀକ, କ୍ଷମତାଶାଳୀ ପୁଅ ଝିଅ ଜୋର ଜବରଦସ୍ତ, ଧମକ ଚମକ, ଜିଦି, ବଳପୂର୍ବକ କିଣିଲେଣି ତାଙ୍କ ମନ ପସନ୍ଦର ଶୁଦ୍ଧ ସୁଶିକ୍ଷିତ ଗୁଣବାନ ଆତ୍ମାମାନଙ୍କୁ ତାଙ୍କ ସମ୍ମତି ଅରାଜି ବିରୁଦ୍ଧରେ । ଏ କଣ ସୁସମ୍ପର୍କ ନା ସ୍ୱାର୍ଥପରତା ? ସମାଜରେ ଏଭଳି ସ୍ୱାର୍ଥପର ବ୍ୟକ୍ତି ଅଛନ୍ତି ଯେ ଭିନ୍ନ ଭିନ୍ନ ବୃତ୍ତିଧାରୀଙ୍କ ଠାରୁ ସାହାଯ୍ୟ ପାଇବା ଆଶାରେ ଅନିଚ୍ଛାକୃତ ସମ୍ମାନ ଜଣାଇ ଅଭିନୟ ସମ୍ପର୍କ ସ୍ଥାପନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରନ୍ତି । କେହି କେହି ସରଳତାର ସୁଯୋଗ ନେଇ ନିଖୁଣ ଅଭିନୟ କରି ମିଛ ସମ୍ପର୍କ ସୃଷ୍ଟି କରନ୍ତି । କେତେକ ଦଲାଲ ଟାଉଟର ସମାଜର ନିରାଶ୍ରା ଅସହାୟମାନଙ୍କୁ ସହାୟତା ଆଳରେ ତାଙ୍କ ଦସ୍ତଖତ କି ଟିପଚିହ୍ନ ନେଇ ସବୁକିଛି ଲୁଟି ନିଅନ୍ତି । କେତେକ ଧର୍ମ ନାମରେ ଆଖିଥାର ମାରି କେତେ ଝାପ୍ସା ସମ୍ପର୍କ ରଖି ଶୋଷଣ କରନ୍ତି । କିଏ କିଏ ନାରୀଙ୍କୁ ପ୍ରଲୋଭନ ଦେଖାଇ ମିଛ ମାୟା ଜାଲରେ ଆବଦ୍ଧ କରି ଶେଷରେ ପରିତ୍ୟାଗ କରନ୍ତି । କିଛି ପାଇବା ଆଶାରେ ତ କିଏ ମନରେ ଆବିଳତା ରଖି କେତେ ସମ୍ପର୍କର ସାମାଜିକ ନାଟକ ସୃଷ୍ଟି କରନ୍ତି ଏସବୁ ସ୍ୱାର୍ଥପରତା ନୁହଁ ଆଉ କ'ଣ । ତେବେ ଏସବୁ ସ୍ୱାର୍ଥପରତା ସୁସମ୍ପର୍କର ଶଙ୍ଖକ୍ଷେତ୍ର ସୃଷ୍ଟିକରିବ ନା ସମ୍ପର୍କ ନାମରେ ଶ୍ମଶାନ ଭୂଇଁ ଗଢି ତୋଳିବ ?

ପରାଧୀନ ଭାରତବର୍ଷର ଇଂରେଜ ମାନଙ୍କ ପ୍ରଥମେ ଅଭିନୟ କରି ପ୍ରବେଶ ପରେ ଶୋଷଣ ଅତ୍ୟାଚାର ଓ ଲୁଣ୍ଠନ କ'ଣ ଏଯାବତ ସୁସମ୍ପର୍କ ନକ୍ସା ଅଙ୍କନ କରିପାରିଛି ? ଅବଶ୍ୟ ଏଥିପାଇଁ ଆମ ଦେଶଦ୍ରୋହୀ ଚାଟୁକାର, ତୋଷାମାଦକାରୀ ଚରଣଚୁଟିଆଙ୍କ ପରି ପରଗୋଡାଣିଆଙ୍କ ସ୍ୱାର୍ଥପରତା ପାଇଁ ଦେଶ ଓ ଇଷ୍ଟପ୍ରାଣ ଆର୍ଯ୍ୟ ମାନଙ୍କୁ ଦୀର୍ଘ ୩୦୦ବର୍ଷ ଗୋଲାମିରେ ସଢ଼ିବାକୁ ପଡିଥିଲା । ଅତୀତ ଓ ସାମ୍ପ୍ରତିକ ବିଶ୍ୱ ଇତିହାସରେ ଜାତିସଂଘକୁ ଉପେକ୍ଷା କରି ଚୀନ୍, ବାଂଲାଦେଶ ଓ ପାକିସ୍ଥାନ ସନ୍ତ୍ରସବାଦ ଓ ଅଣୁଅସ୍ତ୍ରର ସାହାଯ୍ୟ ନେଇ ସୁସମ୍ପର୍କକୁ ଗୋଇଠା ମାଡ଼ କରି କ୍ଷମତା ବିସ୍ତାର କରି ଶ୍ରେଷ୍ଠ ଅହଂତ୍ୱ ଜାହିର କରିବାକୁ ଚାହୁଁଛି । ସେଦିନ ଜାହାଙ୍ଗୀର ଓ ଜୟଚନ୍ଦ୍ରଙ୍କ ପରି କୁଳାଙ୍ଗାରଙ୍କ ସ୍ୱାର୍ଥପରତା ଭାରତକୁ ରୁଗ୍ଣା କରିପକାଇଥିଲା । ସେଦିନ ଶକ୍ତିଶାଳୀ ଆମେରିକାର ହିରୋସୀମା, ନାଗାସାକୀ ଉପରେ ପରମାଣୁ ବୋମା ସହ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ୱାର୍ଥପରତା ବିଶ୍ୱର ହିଂସାକାଣ୍ଡ ସୁସମ୍ପର୍କକୁ ଶକ୍ତ ଧକ୍କା ମାରିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏସବୁ ବିଶ୍ଲେଷଣ କଲେ ପ୍ରତିଭାତ ହୁଏ ସ୍ୱାର୍ଥପରତା ଏକ ଏପରି ଅଳଙ୍କାର ଯାହା ଅସାମାଜିକ, ଅସଭ୍ୟ, ଅମାନବିକ ମାନଙ୍କର କଦର୍ଯ୍ୟ କଦାକାର ଶରୀରକୁ କୁକାର୍ଯ୍ୟ ପାଇଁ ପ୍ରଣୋଦିତ କରି ସୁସମ୍ପର୍କକୁ କ୍ଷତବିକ୍ଷତ ଓ ଖିନ ଭିନ କରିଥାଏ । ଅପରପକ୍ଷରେ ସୁସମ୍ପର୍କ କେବଳ ଭଦ୍ର, ସାମାଜିକ, ସଭ୍ୟ, ଅନୁରାଗୀ, ଶିଷ୍ଟାଚାରୀ, ହୃଦୟୀମାନଙ୍କ ଅମରାବତୀ ଯାହାଦ୍ୱାରା ରାମରାଜ୍ୟ ପ୍ରତିଷ୍ଠା ସହ ସ୍ୱୟଂ ବିଶ୍ୱ ନୈତିକ ଓ ଆଧ୍ୟାତ୍ମିକତାର ଦେବାଳୟ ବା ବିଦ୍ୟାଳୟ ହୋଇପାରିବ ।

ବିଶ୍ୱବିଜୟୀ ବିବେକାନନ୍ଦଙ୍କ ମତରେ Selfishness is a destructive weapon which smasses a large community in no time.

ଭାରତବର୍ଷର ପ୍ରଖ୍ୟାତ ମନିଷୀ ଓ ଶ୍ରେଷ୍ଠ ଦେଶପ୍ରେମୀ ଶ୍ରୀଅରବିନ୍ଦଙ୍କ ମତରେ Good relation is a medium to build a holy nation by dint of selfishless.

ବାସ୍ତବିକ ସ୍ୱାର୍ଥପରତା ହେଉଛି କାମନା,ବାସନା,ଲୋଭ,ହିଂସା,କପଟ,ଘୃଣା ଭରପୁର ଥିବା ବିଷକୁମ୍ଭ । ପୁନଶ୍ଚ ଏହାର ଲକ୍ଷ୍ୟ ହେଉଛି ଅସତ ଉପାୟକୁ ହାତେଇ ରାତାରାତି ବଡ଼ ହେବା,କଳେ ବଳେ କୌଶଳେ ଶ୍ରେଷ୍ଠ ହେବା, କ୍ଷମତାଶାଳୀ ହେବା, ବଡ଼ ହେବା, ଦିଗବିଜୟୀ ହେବା ।

ଠିକ୍ ସେହିପରି ସୁସମ୍ପର୍କ ହେଉଛି ଉଦାରତା, ପ୍ରେମ, ସ୍ନେହ, ଶ୍ରଦ୍ଧା, ସହଯୋଗ, ଉଦାରତା, ଆତ୍ମୀୟତା, ଉପକାର, ତ୍ୟାଗ ଓ ଅନ୍ୟକୁ ଖୁସି କରାଇବାରେ ଭରପୁର ଏକ ମହୁଫେଣା । ଯାହାର ଲକ୍ଷ୍ୟ ଶିଷ୍ଟାଚାରୀ, ସଦାଚାରୀ, ସଂସ୍କାରୀ, ଶୃଙ୍ଖଳିତ ମାନବ ସୃଷ୍ଟିକରି ତାଙ୍କ ମାଧ୍ୟମରେ ଶାନ୍ତି, ମୈତ୍ରୀର ସାମ୍ରାଜ୍ୟ ସୃଷ୍ଟିକରିବା, ବିଶ୍ୱଭ୍ରାତୃତ୍ୱ ମାଧ୍ୟମରେ ବସୁଧୈବ କୁଟୁମ୍ବକମର ବାଣୀକୁ ସତ୍ୟ କରିବାକୁ ହେବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ପ୍ରଶ୍ନ ବାରମ୍ବାର ପ୍ରତିଧ୍ୱନିତ କରେ ସତରେ ଏ ସ୍ୱାର୍ଥପରତା ଥିଲେ କଣ ସୁସମ୍ପର୍କ ସୃଷ୍ଟି କରିହେବ ? ଖୁବ୍ ଖୁସି ଲାଗେ ଚରାଚର ସୃଷ୍ଟିରେ ବୃକ୍ଷ ନିଃସ୍ୱାର୍ଥପର ଭାବେ କଣ ନ ଦେଉଛି ? ସେଥିପାଇଁ ପରା ସେ ଆମ ବନ୍ଧୁ ଆମ ଦେବତା । ସୂର୍ଯ୍ୟ ବାଛବିଚାର ନ କରି ସଭିଙ୍କ ଉପରେ କିରଣ ରେଣୁ ବୁଣିବା,ପ୍ରତ୍ୟହ ତାଙ୍କ ନିର୍ଦ୍ଧାରିତ ନିର୍ଘଣ୍ଟକୁ ସମ୍ମାନ ଦେବା,ସମୀରଣ ଭେଦ ଭାବ ନ ରଖି ସଭିଙ୍କୁ ଛୁଇଁବା, ମାଆ ବସୁଧା ଧୈର୍ଯ୍ୟ ଓ ସହନଶୀଳତାର ବନ୍ୟାରେ ପହଁରି ପହଁରି ଆମକୁ ମମତା ଓ ସେବାର ଶୁଦ୍ଧ ଜଳ ସିଞ୍ଚନ କରି ଆର୍ଦ୍ର କରିବା ଏହିପରି ନିସ୍ୱାର୍ଥପରତାରେ ସଜ ସୁସମ୍ପର୍କ ରକ୍ଷା ପ୍ରକୃତ ପକ୍ଷେ ଅଭିନନ୍ଦନୀୟ ଓ ସୁସମ୍ପର୍କର ଉପକାରୀତାର ପ୍ରକୃଷ୍ଟ ଉଦାହରଣ ।

ଅବଶ୍ୟ କେହି କେହି ବର୍ଣ୍ଣନା କରନ୍ତି ସ୍ୱାର୍ଥର ମୂଳେ ଏ ଜଗତ.... ମାତ୍ର ଯେଉଁ କର୍ମରେ ସାମୁହିକ ସ୍ୱାର୍ଥ ନିହିତ ଥାଏ ତାହା ସ୍ୱାର୍ଥପରତା ଠାରୁ ବହୁ ଦୂରରେ । ସେଥିରେ ଥାଏ ତ୍ୟାଗ, ଆତ୍ମବଳୀଦାନ, ସମର୍ପଣ ଓ ମହାନତା । ଯେପରି ନିଜ ପୁଅ ରୋଗଶଯ୍ୟାରେ ଥାଇବି ଗୋପବନ୍ଧୁ ସହସ୍ର ଅସହାୟ ବନ୍ୟା ପ୍ରପିଡ଼ିତଙ୍କ ସେବାପାଇଁ ଛୁଟି ଯାଉଥିଲେ, ଆଉ ହୋଇପାରିଥିଲେ ଉତ୍କଳମଣୀ । ମଧୁବାବୁ ଦେଶପ୍ରେମ ବହ୍ନି ଜାଳିବାକୁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ପାଇଁ ବା ଆହୁତି ଦେବାପାଇଁ ଆହ୍ୱାନ କରିଥିଲେ । ସ୍ୱାଭିମାନ, ଜାତିପ୍ରେମ ଓ ଭାଷାପ୍ରେମକୁ ମୂଳ ଲକ୍ଷ୍ୟ କରି ଓଡ଼ିଆଙ୍କ ପ୍ରାଣସ୍ପନ୍ଦନର ଅମ୍ଳାନ ହୋଇ ଯାଇଥିଲେ । ଜାତିର ପିତାଙ୍କର ନିଃସ୍ୱାର୍ଥପରତାର ପରାକାଷ୍ଠା ଭାରତବାସୀଙ୍କୁ ଅଛପା ନାହିଁ ।

ଅବଶ୍ୟ ସାମ୍ପ୍ରତିକ ସମାଜରେ ସ୍ୱାର୍ଥପରତା ଏକ ବିରାଟ ଆୟତନ ଦଖଲ କରିଛି ତଥାପି ମହାନତାରେ ପରିପୂର୍ଣ୍ଣ ମହାମାନବଙ୍କ ସୁସମ୍ପର୍କର ପ୍ରଚେଷ୍ଟା ଏବେବି ଅବ୍ୟାହତ ରହିଛି । ସଂସ୍କୃତି ସମ୍ପନ୍ନ ଓଡ଼ିଆ ମାଟିର ଲଢୁଆ ପୁଅ ନବୀନ ବାବୁଙ୍କ ନିଃସ୍ୱାର୍ଥପରତା ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁସମ୍ପର୍କ କିଛି କମ୍ ନୁହଁ । ମୋ ପୁଣ୍ୟମୟୀ ଭାରତବର୍ଷର ସୁନାପୁଅ ସଂସ୍କାରୀ ନରେନ୍ଦ୍ରମୋଦୀଙ୍କ ନିଃସ୍ୱାର୍ଥପରତା ସୁସମ୍ପର୍କରେ ବିଶ୍ୱଭ୍ରାତୃତ୍ୱ ସୃଷ୍ଟିର ପରିକଳ୍ପନା ଓ ପ୍ରତିକ୍ଷଣ ଭାରତବାସୀଙ୍କ ସୁଖ ଦେଖିବାପାଇଁ ତ୍ୟାଗ, କଷ୍ଟ ନିଷ୍ଠା ଓ ଆଖିରୁ ଲହୁ ଲୁହ ଢାଳିବା ଆଦୌ ସମାଲୋଚନାର ଶରବ୍ୟ ନୁହଁ । ଶେଷରେ କେବଳ ଏତିକି କହିବାକୁ ଚାହେଁ, ଯେଉଁଠି ନିଃସ୍ୱାର୍ଥପରତା ସେଇଠି ସୁସମ୍ପର୍କ ଆଉ ଯେଉଁଠି ସ୍ୱାର୍ଥପରତା ସେଠାରେ ସୁସମ୍ପର୍କ ତ ଅସଫଳକୁ ହାତେଇଥିବା ଏକ ଦିବାସ୍ୱପ୍ନ । ପ୍ରକୃତରେ ସ୍ୱାର୍ଥପରତା ସୁସମ୍ପର୍କର ସବୁଠୁ ବଡ଼ ପ୍ରତିବନ୍ଧକ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ମୋ ପୁଣ୍ୟଭୂଇଁର ଅଧିବାସୀଙ୍କ ପାଇଁ ମୋ ମନରୁ ସ୍ୱତଃ ବାହାରିଆସେ,

ହେ ଆର୍ଯ୍ୟ ତୁମେ ହୁଅନା ଅନାର୍ଯ୍ୟ

ସ୍ୱାର୍ଥପରତାକୁ ଧରି

ଅହିଂସା ପ୍ରେମରେ ଗଢ଼ ସୁସମ୍ପର୍କ

ସବୁ ଦୁଃଖ ଯିବ ସରି ।"

ଜମ୍ଭରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାରୀ : ଅଭିଶାପ ନା ଆଶୀର୍ବାଦ



ନିଗମ କୁମାର ବେହେରା

ମହାମାରୀ : କାହା ପାଇଁ ଅଭିଶାପ ତ କାହା ପାଇଁ ଆଶୀର୍ବାଦ

ମହାମାରୀଗୁଡ଼ିକ ଯୋଗୁଁ କେତେ ସାମ୍ରାଜ୍ୟ ନଷ୍ଟ ହୋଇଯାଇଛି ଏବଂ ସାମ୍ରାଜ୍ୟବାଦର ବିସ୍ତାର ମଧ୍ୟ ହୋଇଛି । କେବଳ ଏତିକି ନୁହେଁ ବିଭିନ୍ନ ମହାମାରୀ ଯୋଗୁଁ ବିଶ୍ୱ ଜଳବାୟୁରେ ମଧ୍ୟ ଉତ୍ଥାନପତନ ଦେଖିବାକୁ ମିଳିଛି । ମନୁଷ୍ୟ ସମାଜକୁ ଅର୍ଥନୈତିକ, ସାମାଜିକ ଏବଂ ରାଜନୀତି କ୍ଷେତ୍ରରେ ହୋହଲାଇ ଦେଇଥିବା ସେଭଳି କିଛି ମହାମାରୀଗୁଡ଼ିକ ଆଜିର ଆଲୋଚନାର ବିଷୟ ।

୧୪୦୦ ଶତାବ୍ଦୀର ପଞ୍ଚମ ଓ ଷଷ୍ଠ ଦଶକରେ "ପ୍ଲେଗ୍ ମହାମାରୀ" ଯୋଗୁଁ ୟୁରୋପୀୟ ମହାଦେଶରେ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ମାହାମାରୀରେ ୟୁରୋପକୁ ନିଜ ଅଧା ଜନସଂଖ୍ୟା ହରାଇବାକୁ ପଡ଼ିଥିଲା । କିନ୍ତୁ ଲକ୍ଷାଧିକ ଜୀବନ ନେଇଥିବା ଏହି ମହାମାରୀ ୟୁରୋପୀୟ ରାଷ୍ଟ୍ର ପାଇଁ ବରଦାନ ଥିଲା । ନିଜର ମାତ୍ରାଧିକ ନାଗରିକଙ୍କ ମୃତ୍ୟୁକୁ ଦେଖି ପ୍ରତିଟି ୟୁରୋପୀୟ ଦେଶ ନିଜକୁ ଅଧିକରୁ ଅଧିକ ଶକ୍ତିଶାଳୀ କଲେ, ଫଳରେ ଆଜି ଏହି ଦେଶଗୁଡ଼ିକ ବିତ୍ତଶାଳୀ ରାଷ୍ଟ୍ରରେ ପରିଗଣିତ । "ବ୍ଲାକ୍ ଡ଼େଥ୍" ନାମରେ ପରିଚିତ ପ୍ଲେଗ ମହାମାରୀରେ ମୃତ୍ୟୁଯୋଗୁଁ ସେ ସମୟରେ ଜମିରେ କାମ କରୁଥିବା ଶ୍ରମିକମାନଙ୍କ ସଂଖ୍ୟା ବହୁଳମାତ୍ରାରେ ହ୍ରାସ ପାଇଥିଲା । ଯେଉଁ କେତକ କୃଷକ ବଞ୍ଚିଥିଲେ ସେମାନେ ଜମିଦାରମାନଙ୍କ ନିକଟରେ ମୂଲଚାଲ କରିବା ବୃଦ୍ଧି କଲେ ଫଳସ୍ୱରୂପ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକର 'ସାମନ୍ତବାଦ' ପ୍ରଥା ଭାଙ୍ଗିବାକୁ ଲାଗିଲା । ଯେଉଁ କୃଷକମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜସ୍ୱ ବୃଦ୍ଧି ପାଇଁ ଜମିଦାରର ଜମିରେ କାମ କରିବା ପାଇଁ ବାଧ୍ୟ ଥିଲେ ସେମାନେ ନିଜକୁ ଜମିଦାରଠାରୁ ସ୍ୱାଧୀନ ଘୋଷଣା କଲେ । ଏଥି ଯୋଗୁଁ 'ମଜଦୁରୀ' ପ୍ରଥାର ଉତ୍ଥାନ ହେଲା, ଯାହାଦ୍ୱାରା ପଶ୍ଚିମ ୟୁରୋପ ଅଧିକ ଆଧୁନିକ ଓ ବ୍ୟାପାରିକ ହେବା ସହ ନଗଦ ନେଣଦେଣ ବ୍ୟବସ୍ଥା ଦିଗରେ ଅଗ୍ରସର ହେଲା । ଏହାପରେ ଜମିଦାରମାନଙ୍କୁ ଶ୍ରମିକମାନଙ୍କ ମଜୁରୀ ଦେବା ମହଙ୍ଗା ହେଲା । ଏହି ମହାମାରୀ ସେମାନଙ୍କୁ ନୌବାଣିଜ୍ୟ କ୍ଷେତ୍ରରେ ଆଗକୁ ବଢିବା ପାଇଁ ସୁଯୋଗଦେଲା କାରଣ ଏଥିରେ ଅର୍ଥଲଗାଣ ବହୁତ କମ୍ ଥିଲା ଏବଂ କମ୍ ଶ୍ରମିକଙ୍କ ବ୍ୟବହାର ଥିଲା କିନ୍ତୁ ଲାଭ ପ୍ରତିଶତ ଅଧିକ ଥିଲା । କୁହାଯାଏ ଏଠାରୁ ହିଁ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକ 'ସାମ୍ରାଜ୍ୟବାଦ'ର ଆରମ୍ଭ କଲେ ଏବଂ ଏହା ପରେ ୟୁରୋପୀୟ ମାନେ ଲମ୍ବା ସମୁଦ୍ରଯାତ୍ରା କରିବା ଆରମ୍ଭ କଲେ । ଏହା ପୂର୍ବରୁ ଲମ୍ବା ସମୁଦ୍ରଯାତ୍ରାକୁ ବିପଦ ମାନୁଥିଲେ କିନ୍ତୁ ପ୍ଲେଗ୍ ମହାମାରୀ ଯୋଗୁଁ ୟୁରୋପୀୟମାନଙ୍କୁ ତାହା କମ୍ ବିପଦପୂର୍ଣ୍ଣ ଲାଗିବାକୁ ଲାଗିଲା । କାରଣ ଲୋକମାନେ ଏତେମାତ୍ରାରେ ମୃତ୍ୟୁର ତାଣ୍ଡବ ଦେଖିଥିଲେ ଯେ ତାଙ୍କ ମନରେ ଆଉ ମୃତ୍ୟୁର ଭୟ ନଥିଲା । ଏହି କାରଣରୁ ସେମାନେ ଅନ୍ୟ ଦେଶର ସନ୍ଧାନରେ ବାହାରିପଡ଼ିଲେ ଏବଂ ଯେତେବେଳେ ୟୁରୋପୀୟମାନେ ଅନ୍ୟ ଦେଶଗୁଡ଼ିକକୁ ଗଲେ ସେମାନେ ନିଜ ଦେଶଗୁଡ଼ିକର ଅର୍ଥ ବ୍ୟବସ୍ଥାର ସୁଦୃଢୀକରଣର ପନ୍ଥା ମିଳିଗଲା । ଏହା ପରେ ଆରମ୍ଭ ହେଲା 'ଉପନିବେଶବାଦ', ତେଣୁ କୁହାଯାଇପାରେ ପ୍ଲେଗ ମହାମାରୀ ଯୋଗୁଁ ଏକ ନୂତନ ପଶ୍ଚିମ ୟୁରୋପର ଉତ୍ଥାନ ହେଲା । ଅର୍ଥ ବ୍ୟବସ୍ଥାର ଆଧୁନିକିକରଣ ସେମାନଙ୍କୁ ନୂତନ ବସ୍ତୁର ନିର୍ମାଣ ପାଇଁ ପ୍ରେରଣା ଯୋଗାଇଲା ଏବଂ ଉପନିବେଶଗୁଡ଼ିକର ଆୟାତ ଅର୍ଥରେ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକ ନିଜର ଅର୍ଥବ୍ୟବସ୍ଥାକୁ ସୁଦୃଢ କଲେ । ଏହି ବଳରେ ଆଜି ମଧ୍ୟ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକ ଦୁନିଆ ଉପରେ ରାଜୁତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛନ୍ତି ।

ୟୁରୋପୀୟ ଦେଶଗୁଡିକ ୧୫୦୦ ଶତାବ୍ଦୀର ଅନ୍ତ ସୁଦ୍ଧା ଆମରିକୀୟ ମହାଦ୍ୱୀପରେ ନିଜର ଉପନିବେଶବାଦର ପ୍ରସାର କରି ନିଜର ସାମ୍ରାଜ୍ୟ ସ୍ଥାପିତ କରିସାରିଥିଲେ । ବ୍ରିଟେନର 'ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ'ର ବୈଜ୍ଞାନିକମାନେ ନିଜ ଅଧ୍ୟୟନରେ ପାଇଲେ, ୟୁରୋପର ବିସ୍ତାର ପରେ ଆମେରିକାର ପ୍ରାୟ ୬ କୋଟି ଜନସଂଖ୍ୟା ଗୋଟିଏ ଶତାବ୍ଦୀର କମ ହୋଇ ମାତ୍ର ୬୦ ଲକ୍ଷରେ ପହଞ୍ଚିଯାଇଥିଲା । ୟୁରୋପୀୟ ଉପନିବେଶ ସ୍ଥାପନ ପରେ ଆରମ୍ଭ ହୋଇଥିବା ଏହି ମୃତ୍ୟୁର କାରଣ ମହାମାରୀ ଥିଲା ଯାହାକୁ ଉପନିବେଶବାଦୀ ନିଜ ସାଥୀରେ ଆମେରିକାକୁ ଆଣିଥିଲେ । ଏଥିରେ ସବୁଠାରୁ ବଡ଼ ମହାମାରୀ ଥିଲା "ଚେଚକ", ଅନ୍ୟ ବେମାରୀଗୁଡ଼ିକ ମଧ୍ୟରେ "ଖସ୍ରା", "ହେଜା", "ମ୍ୟାଲେରିଆ", "ପ୍ଲେଗ୍", "କଳା କାଶ" ଏବଂ "ଟାଇଫସ୍" ଆଦି ସାମିଲ୍ ଥିଲା ଯାହା କୋଟି କୋଟି ଲୋକର ଜୀବନ ନେଇଥିଲା । ଜନସଂଖ୍ୟା ହ୍ରାସ ଯୋଗୁଁ ଚାଷ କମ୍ ହୋଇଗଲା ଏବଂ ଚାଷ ଜମିଗୁଡ଼ିକ ପ୍ରାକୃତିକ ଜଙ୍ଗଲରେ ପରିଣତ ହେବାରେ ଲାଗିଲା । ଏଥିଯୋଗୁଁ ଆମେରିକୀୟ ମହାଦ୍ୱୀପରେ ପ୍ରାୟ ୫,୬୦,୦୦୦ ବର୍ଗ କିଲୋମିଟର ଅଞ୍ଚଳ ଜଙ୍ଗଲରେ ପରିଣତ ହୋଇଥିଲା ଯାହା କେନିଆ ଓ ଫ୍ରାନ୍ସର କ୍ଷେତ୍ରଫଳର ସମତୁଲ୍ୟ ଥିଲା । ଏତେମାତ୍ରାରେ ବୃକ୍ଷ ବୃଦ୍ଧି ଯୋଗୁଁ ପରିବେଶରେ ଅଙ୍ଗାରକାମ୍ଳ କମ୍ ହୋଇଯାଇଥିଲା । ଏହା ପରେ ଦୁନିଆ ଅନ୍ୟ ସ୍ଥାନଗୁଡ଼ିକର ତାପମାତ୍ରା ମଧ୍ୟ କମ୍ ହେବାରେ ଲାଗିଲା । ଏହା 'Little IceAge' ବା 'ଛୋଟ ହିମଯୁଗ' ରୂପେ ପରିଚିତ । ଏହି ଜଳବାୟୁ ପରିବର୍ତ୍ତନ ଫଳ ୟୁରୋପକୁ ସହିବାକୁ ପଡ଼ିଥିଲା । ୟୁରୋପକୁ ବହୁଳ ମାତ୍ରାରେ ଖାଦ୍ୟଶସ୍ୟ ନଷ୍ଟ ସହ ମରୁଡ଼ିର ସାମ୍ନା ମଧ୍ୟ କରିବାକୁ ପଡ଼ିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୀନରେ 'ମିଙ୍ଗ୍' ରାଜବଂଶ ପ୍ରାୟ ତିନି ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କରିଥିଲେ । ନିଜର ସଂପୂର୍ଣ୍ଣ ଶାସନ କାଳରେ ଏହି ରାଜବଂଶ ପୂର୍ବଏସିଆର ଏକ ବିଶାଳ ଭୂଖଣ୍ଡ ଉପରେ ନିଜର ଆଧିପତ୍ୟ ଜାହିର କରି ଉଭୟ ରାଜନୈତିକ ଓ ସାଂସ୍କୃତିକ ପ୍ରଭାବର ଛାପ ଛାଡ଼ିଥିଲେ । କିନ୍ତୁ ପ୍ଲେଗ୍ ମହାମାରୀ ଯୋଗୁଁ ଏହି ଶକ୍ତିଶାଳୀ ରାଜବଂଶର ପତନ ହୋଇଥିଲା । ୧୬୪୧ ମସିହାରେ ଚୀନର ଉତ୍ତର ପ୍ରାନ୍ତରେ ପ୍ଲେଗ୍ ମହାମାରୀ ବ୍ୟାପିବା ଯୋଗୁଁ ବହୁଳଭାବରେ ଲୋକଙ୍କ ଜୀବନଗଲା । କିଛି ଅଞ୍ଚଳରେ ଏହି ମହାମାରୀ ଯୋଗୁଁ ଜନସଂଖ୍ୟା ୨୦ ପ୍ରତିଶତ ହୋଇ ଯାଇଥିଲା । ଚୀନରେ ପ୍ଲେଗ୍ ମହାମାରୀ ଯୋଗୁଁ ଲୋକଙ୍କ ନିକଟରେ ଖାଇବା ପାଇଁ ଦାନାଟିଏ ମଧ୍ୟ ନଥିଲା । ଏହା ପରେ "ମଞ୍ଚୁରିଆର କିଙ୍ଗ୍" ରାଜବଂଶ ଚୀନ ଉପରେ ଆକ୍ରମଣ କରି ମିଙ୍ଗ୍ ରାଜବଂଶର ପତନ ଘଟାଇଥିଲେ । କିଛି ଲୋକଙ୍କ ମତରେ ମିଙ୍ଗ ରାଜବଂଶର ପତନର କାରଣ ମରୁଡ଼ି ଓ ଭ୍ରଷ୍ଟାଚାର ହୋଇଥିବା ବେଳେ ଏଥିରେ ପ୍ଲେଗ୍ ମହାମାରୀର ଭୂମିକାକୁ ଏଡ଼ାଏ ଦିଆଯାଇନପାରେ ।

କେରବିଆଇ ଦେଶ 'ହାଇତି'ରେ ଜାତ ମହାମାରୀ ସେହି ସମୟର ବୃହତ ସାମ୍ରାଜ୍ୟବାଦୀ ଦେଶ ଫ୍ରାନ୍ସକୁ ଆମେରିକାରୁ ଦୂରେଇ ଯିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା । ଏହାର ପରବର୍ତ୍ତୀ ସମୟରେ ଆମେରିକା ଏକ ବିକଶିତ ରାଷ୍ଟ୍ର ରୂପେ ବିକଶିତ ହୋଇଥିଲା ଏବଂ ବିଶ୍ୱ ମହାଶକ୍ତି ହେବା ଦିଗରେ ଅଗ୍ରସର ହୋଇଥିଲା । ୧୮୦୧ ମସିହାରେ କେରବିଆଇ ଦେଶ 'ହେଇତି'ରେ ୟୁରୋପୀୟ ଉପନିବେଶକାରୀ ଦେଶଗୁଡ଼ିକ ବିରୋଧରେ ସେଠାକାର ବହୁ କ୍ରୀତଦାସମାନେ ବିଦ୍ରୋହ ଆରମ୍ଭ କରିଦେଇଥିଲେ । ଅନେକ ବିଦ୍ରୋହ ପରେ ଫ୍ରାନ୍ସ ଓ ଲଗାସୁର ମଧ୍ୟରେ ସନ୍ଧି ହୋଇଥିଲା ଏବଂ ସେ ହେଇତିର ଶାସକ ହେଲା । ଏପଟେ "ନେପୋଲିଅନ୍ ବୋନାପାର୍ଟ" ନିଜକୁ ଫ୍ରାନ୍ସର ଆଜୀବନ ଶାସକ ରୂପେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଷିକ୍ତ କରି ସଂପୂର୍ଣ୍ଣ ହେଇତି ଦ୍ୱୀପ ଉପରେ ନିଜର ଅଧିକାର ଜାହିର କରିବା ପାଇଁ ନିଜର ସୈନ୍ୟମାନଙ୍କୁ ସେଠାରେ ଯୁଦ୍ଧ କରିବାକୁ ପଠାଇଲେ । ଫ୍ରାନ୍ସର ଏହି ଯୋଦ୍ଧାମାନେ ଯୁଦ୍ଧ ମଇଦାନ ନିଜକୁ ଲଢ଼ାକୁ ରୂପେ ପ୍ରତିପାଦିତ କଲେ କିନ୍ତୁ 'ୟେଲୋ ଫିଭର୍'ର ପ୍ରକୋପରୁ ନିଜକୁ ରକ୍ଷା କରିପାରିଲେ ନାହିଁ । ଏହି ୟେଲୋ ଫିଭର୍ ଯୋଗୁଁ ଫ୍ରାନ୍ସର ପ୍ରାୟ ୫୦ ହଜାର ସୈନ୍ୟ ମୃତ୍ୟୁବରଣ କରିଥିଲେ ଏବଂ ପରିଶେଷରେ ମାତ୍ର ୩ ହଜାର ସୈନ୍ୟ ହିଁ ଫ୍ରାନ୍ସ ଫେରିପାରିଥିଲେ । ଏହି ଯୁଦ୍ଧ ହାରିବାପରେ ନେପୋଲିଅନକୁ ହେଇତି ଦ୍ୱୀପ ଛାଡ଼ିବାକୁ ପଡ଼ିଥିଲା ଏବଂ ଉତ୍ତର ଆମେରିକାରେ ଫ୍ରାନ୍ସ ଉପନିବେଶ ବିସ୍ତାରର ସ୍ୱପ୍ନକୁ ଭାଙ୍ଗିଦେଇଥିଲା । ଏହି ଯୁଦ୍ଧର ୨ ବର୍ଷ ପରେ ଫ୍ରାନ୍ସ କେରବିଆଇ ଦ୍ୱୀପକୁ ଆମେରିକାକୁ ବିକ୍ରି କରିଦେଲା, ଯାହା 'ଲ୍ୟୁସିଆନା ପରଚେଜ୍' ନାମରେ ବିଖ୍ୟାତ । ଫଳରେ ନୂତନ ଦେଶ ଆମେରିକାର କ୍ଷେତ୍ରଫଳ ବଢି ଦୁଇଗୁଣା ହୋଇଯାଇଥିଲା ଓ ପରବର୍ତ୍ତୀ ସମୟରେ ବିଶ୍ୱଶକ୍ତି ହେବାରେ ସାହାଯ୍ୟ କରିଥିଲା ।

ଆଫ୍ରିକାରେ ପଶୁମାନଙ୍କରେ ବ୍ୟାପ୍ତ ମହାମାରୀ ଯୋଗୁଁ ୟୁରୋପୀୟ ଦେଶଗୁଡ଼ିକୁ ଆଫ୍ରିକାରେ ନିଜ ସାମ୍ରାଜ୍ୟ ବିସ୍ତାରର ସୁଯୋଗ ଦେଇଥିଲା । ୧୮୮-୯୭ ମସିହାରେ 'ରିଆଣ୍ଡରପେଷ୍ଟ' ନାମକ ଭାଇରସ୍ ଆଫ୍ରିକୀୟ ମହାଦ୍ୱୀପର ୯୦ ପ୍ରତିଶତ ପାଳିତ ପଶୁଙ୍କୁ ମାରିଥିଲା । ଏହାକୁ ପଶୁମାନଙ୍କ ମଧ୍ୟରେ ବ୍ୟାପ୍ତ ପ୍ଲେଗ୍ ରୋଗ ମଧ୍ୟ କୁହାଯାଏ । ଏହି ମହାମାରୀ "ହର୍ନ ଅଫ୍ ଆଫ୍ରିକା", "ପଶ୍ଚିମ ଆଫ୍ରିକା" ଓ "ଦକ୍ଷିଣ-ପଶ୍ଚିମ ଆଫ୍ରିକା"ର ଲୋକଙ୍କ ପାଇଁ ମୃତ୍ୟୁଦାୟୀ ହୋଇଥିଲା । ଏଥି ଯୋଗୁଁ ଆଫ୍ରିକାରେ ଦୁର୍ଭିକ୍ଷ ବ୍ୟାପିବା ସହ ବିନା ବଳଦରେ କୃଷି କାର୍ଯ୍ୟ ମଧ୍ୟ ସମ୍ଭବ ନଥିଲା । ଫଳସ୍ୱରୂପ ୧୮୭୦ ମସିହାରେ ଯେଉଁ ଆଫ୍ରିକାରେ ୟୁରୋପୀୟ ଉପନିବେଶ ସଂଖ୍ୟା ୧୦ ପ୍ରତିଶତ ଥିଲା ତାହା ୧୯୦୦ ମସିହା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଳକୁ ୯୦ ପ୍ରତିଶତରେ ପହଞ୍ଚିଥିଲା ।

ବର୍ତ୍ତମାନ କରୋନା ଭୂତାଣୁର ବିପର୍ଯ୍ୟୟରେ ସମଗ୍ର ବିଶ୍ୱ କବଳିତ । ଇତି ମଧ୍ୟରେ ପୃଥିବୀର ୨୦୦ରୁ ଅଧିକ ଦେଶରେ କରୋନା ଭୂତାଣୁ ସଂକ୍ରମିତ ହୋଇସାରିଛି । ମେ' ୩୧ ସୁଦ୍ଧା ୬,୦୫୪,୧୮୭ ଲୋକ ଏହି ଭାଇରସରେ ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୩୬୮,୭୧୧ ଛୁଇଁଛି । ମନୁଷ୍ୟ ସମାଜ କରୋନା ପୂର୍ବରୁ ଅନେକ ମହାମାରୀର ମୂକସାକ୍ଷୀ ଏବଂ ମହାମାରୀ ବିରୋଧରେ ଲଢେଇ କରି ମଣିଷ ପ୍ରତିହତ ମଧ୍ୟ କରିଛି । ବର୍ତ୍ତମାନ ସମୟରେ ଆମକୁ ଉଭୟ ମହାମାରୀ ଏବଂ ଲକଡ଼ାଉନ୍ ଯୋଗୁଁ ସୃଷ୍ଟି ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଦୂରୀକରଣ ସକାଶେ କାର୍ଯ୍ୟ କରିବାକୁ ହେବ । ସମସ୍ତ ମନୁଷ୍ୟ ଜାତି "ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟା" ବାକ୍ୟକୁ ମୂଳମନ୍ତ୍ର କରି ମତଭେଦ ଦୂର କରି ଏକଜୁଟ ହୋଇ କରୋନା ମହାମାରୀ ବିରୋଧରେ ଲଢେଇ କରିବାକୁ ହେବ । ଗରିବ ଦେଶଗୁଡ଼ିକୁ ମହାମାରୀ ବିରୋଧରେ ଲଢେଇ କରିବା ପାଇଁ ବୃହତ ଅର୍ଥନୈତିକ ଦେଶଗୁଡ଼ିକ ଆର୍ଥିକ ସହାୟତା କରିବା ଉଚିତ । ଆଶା କରୋନା ମହାମାରୀ ଓ ମହାମାରୀ ପରବର୍ତ୍ତୀସ୍ଥିତି ମୁକାବିଲାରେ ବିଶ୍ୱବାସୀ ସଫଳ ହେବେ ଏବଂ ପୃଥିବୀ ତାହାର ପୂର୍ବାବସ୍ଥାକୁ ଫେରିଆସିବ ॥

ଗ୍ରାମ/ପୋଷ୍ଟ : ରାମନାଗୁଡ଼ା, ଜିଲ୍ଲା : ରାୟଗଡ଼ା
ଦୂରଭାଷ : ୭୦୭୭୯୫୧୩୫୫, ୭୯୭୮୪୩୧୯୬


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିର ତାଣ୍ଡବଲୀଳା



ଆଶୁତୋଷ ନାୟକ

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣିରଖିବା ଉଚିତ ପ୍ରକୃତିର ଆବିର୍ଭାବ ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଧନ, ବଳ, କ୍ଷମତା ଓ ରୂପ ଆଦିକୁ ନେଇ ଗର୍ବ କରିଆସୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବାପାଇଁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ସହିତ ସଂଗ୍ରାମ କରୁଛି ।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିର ସବୁଠୁ ବୁଦ୍ଧିମାନ ଜୀବ ହେଉଛି ମଣିଷ । ସବୁଠୁ ଶ୍ରେଷ୍ଠ ଜୀବ ହେଉଛି ମନୁଷ୍ୟ କାରଣ ତା'ର ବୁଦ୍ଧି ଓ ବିବେକ ଅଛି । ଯାହାକି ଅନ୍ୟ ଜୀବଜନ୍ତୁ ପାଖରେ ଦେଖାଯାଇ ନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହା ଯେ ମନୁଷ୍ୟ ନିଜର ବୁଦ୍ଧି ଅସତ୍ ଉପାୟରେ ପରିଚାଳିତ କରି ପ୍ରକୃତି ଉପରେ ଅନବରତ ଅତ୍ୟାଚାର କରି ଚାଲିଛି ଏବଂ ନିଜର ଅର୍ଥବଳ, ବାହୁବଳ ପ୍ରୟୋଗ କରି ଦୁର୍ବଳ ଉପରେ ଅତ୍ୟାଚାର କରି ଚାଲିଛି । ନିଜର ସ୍ୱାର୍ଥସାଧନ ପାଇଁ ମନୁଷ୍ୟ ଜଙ୍ଗଲ ବନ୍ୟାପ୍ରାଣୀଙ୍କୁ ଧ୍ୱଂସକରି ଚାଲିଛି । ଈଶ୍ୱରଙ୍କର ସୁନ୍ଦର ସୃଷ୍ଟିକୁ ଅନବରତ ଧ୍ୱଂସ କରି ଚାଲିଛି ।

ନିଜର କୁତ୍ସିତ ଜିହ୍ୱା ଲାଳସାକୁ ଚରିତାର୍ଥ କରିବାପାଇଁ ଲକ୍ଷ ଲକ୍ଷ ପଶୁପକ୍ଷୀ ମାନଙ୍କୁ ହତ୍ୟା କରୁଛି । ସୃଷ୍ଟିର ଶ୍ରେଷ୍ଠଜୀବ ବୋଲାଉଥିବା ମନୁଷ୍ୟ ଛୋଟ ଛୋଟ କୀଟପତଙ୍ଗ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ପାଖରୁ ଆରମ୍ଭ କରି ବଡ଼ ଜୀବ ଡଲଫିନ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର ଭୋଜନରେ ଗ୍ରହଣ କରୁଛି ।

ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଚୀନ୍ । ସେଠାକାର ଜନ ସାଧାରଣ ପ୍ରାୟ ସମସ୍ତ କୀଟପତଙ୍ଗ, ବାଦୁଡ଼ିରୁ ଆରମ୍ଭ କରି ସାପ ପର୍ଯ୍ୟନ୍ତ ନିଜର ଭୋଜନରେ ଗ୍ରହଣ କରନ୍ତି । ଅନ୍ୟ ଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାପାଇଁ ଦେଶ ଦେଶ ମଧ୍ୟରେ ଏବେ ତୀବ୍ର ପ୍ରତିଯୋଗିତା ଚାଲିଛି । ଏଥିପାଇଁ ବିଭିନ୍ନ ପ୍ରକାର ଆଣବିକ ଅସ୍ତ୍ର, ରକେଟ୍, କ୍ଷେପଣାସ୍ତ୍ରର ବିପୁଳ ପ୍ରୟୋଗ କରାଯାଉଛି ଯାହାକି ଆମ ପୃଥିବୀର ଜଳ, ସ୍ଥଳ, ଆକାଶର ସମସ୍ତ ପରିବେଶକୁ ବିଷାକ୍ତ ଓ ଧ୍ୱଂସ କରୁଛି ।

ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବା ପାଇଁ ଦେଶ ଦେଶମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଓ ସଂଘର୍ଷ ଚାଲୁରହିଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଚୀନ, ଋଷିଆ, ଆମେରିକା ଇତ୍ୟାଦି । ପ୍ରକୃତିର ସୁନ୍ଦର ସୃଷ୍ଟି ବୃକ୍ଷ, ଜଙ୍ଗଲ ଜୀବଜନ୍ତୁ ଇତ୍ୟାଦି । ଏମାନଙ୍କ ଯୋଗୁଁ ପୃଥିବୀର ସନ୍ତୁଳନ ବଜାୟ ରହେ ।

ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ମନୁଷ୍ୟ ସର୍ବଦା ଉଦ୍ଭିଦ ଉପରେ ନିର୍ଭରଶୀଳ । କିନ୍ତୁ ସ୍ୱାର୍ଥପର ମନୁଷ୍ୟ ନିଜର ସ୍ୱାର୍ଥ ସାଧିତ ହେଲାପରେ ଇଶ୍ୱରଙ୍କର ସୁନ୍ଦର ସୃଷ୍ଟି ଉଦ୍ଭିଦ ଓ ଜଙ୍ଗଲକୁ ନଷ୍ଟ କରିଚାଲିଛି । ସର୍ବଂସହା ଧରିତ୍ରୀମାତା ଉପରେ ଅକଥନୀୟ ଅତ୍ୟାଚାର କରି ଚାଲିଛି । ମୃତ୍ତିକାଖନନ, ଗିରିଖନନ ଏହାର ଜ୍ୱଳନ୍ତ ଉଦାହରଣ । ବିଭିନ୍ନ କଳ କାରଖାନାରୁ ବାହାରୁଥିବା ବିଷାକ୍ତ ଗ୍ୟାସ, ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ଇତ୍ୟାଦି ନଦୀ, ନାଳ, ପୁଷ୍କରିଣୀ, ସମୁଦ୍ରକୁ ପ୍ରତି ମୂହୁର୍ତ୍ତରେ ପ୍ରଦୂଷିତ କରି ଚାଲିଛି । ମନୁଷ୍ୟ ନିଜର ଅତ୍ୟାବଶ୍ୟକୀୟ ସାମଗ୍ରୀର ଚାହିଦା ମେଣ୍ଟାଇବା ପାଇଁ ବିଭିନ୍ନ ଗୃହପାଳିତ ପଶୁ ଯଥା ଓଟ, ଗୋମାତା, ଛେଳି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେଣ୍ଢା, ମଇଁଷି, କୁକୁଡ଼ା, ବଳଦ, କୁକୁର, ବିଲେଇ ଇତ୍ୟାଦି ଲାଳନ ପାଳନ କରୁଛି, କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହା ଯେ ସ୍ୱାର୍ଥପର ମନୁଷ୍ୟ ନିଜର ସ୍ୱାର୍ଥ ସାଧିତ ହେଲା ପରେ ପଶୁପକ୍ଷୀ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛି ଓ ସେମାନଙ୍କୁ ହତ୍ୟାକରି ନିଜର କୁତ୍ସିତ ଜିହ୍ୱା ଲାଳସା ଚରିତାର୍ଥ କରୁଛି । ଏହାହିଁ ମାନବ ଜାତି ପାଇଁ ନିକୃଷ୍ଟତାର ବଳିଷ୍ଠ ପ୍ରମାଣ । ନୃସଂସତା ଓ ନିର୍ଦ୍ଦୟତାର ସବୁ ସୀମା ଉଲଘଂନ କରିସାରିଛି ଆଜିର ମନୁଷ୍ୟ ।

ଏହାର ଜ୍ୱଳନ୍ତ ଉଦାହରଣ ଅଷ୍ଟ୍ରେଲିଆରେ ୨୦୨୦ ମସିହା ଜାନୁୟାରୀ ୮ ତାରିଖରେ ଘଟିଥିବା ଘଟଣା ସାରା ମାନବ ଜାତି ପାଇଁ କଳଙ୍କ । ଅଷ୍ଟ୍ରେଲିଆ ଦେଶର ପ୍ରଶାସନ ଦ୍ୱାରା ହେଲିକପ୍ଟରର ସହାୟତାରେ ୧୦୦୦୦ରୁ ଉର୍ଦ୍ଧ୍ୱ ଓଟମାନଙ୍କୁ ମାରିଦିଆ ଯାଇଥିଲା ।

ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ଓ ନରସଂହାର ଜାରି ରଖିଥିବା ପ୍ରାଣଘାତୀ ମାରାତ୍ମକ କରୋନା ଭୂତାଣୁ ବିଶ୍ୱର ସମସ୍ତ ଶକ୍ତିଶାଳୀ ଓ ବିକଶିତ ବୋଲାଉଥିବା ରାଷ୍ଟ୍ର ଯଥା ଚୀନ୍, ଇଟାଲୀ, ଫ୍ରାନ୍ସ, ଜର୍ମାନ, ଋଷିଆ, ଜାପାନ, ସ୍ପେନ୍, ଏବଂ ସୁପର ପାୱାର ଆମେରିକା ଗୋଟିଏ ଭୂତାଣୁ "କରୋନା" ପାଖରେ ନତମସ୍ତକ ରୂପେ ଦଣ୍ଡାୟମାନ । ସମସ୍ତ ଆଧୁନିକ ସୂଚନା ପ୍ରଯୁକ୍ତି ବିଦ୍ୟା, ଆଧୁନିକ ଯନ୍ତ୍ରପାତି, ଉନ୍ନତ ଜ୍ଞାନକୌଶଳ, ଉନ୍ନତ ମାନର ମେଡ଼ିକାଲ ଉପକରଣ ଓ ବୈଜ୍ଞାନିକ ଜ୍ଞାନକୌଶଳରେ ନିର୍ମିତ ସ୍ୱୟଂଚାଳିତ ମେସିନ ଦ୍ୱାରା ରୋଗୀସେବା କରାଯିବାର ବ୍ୟବସ୍ଥା ଉପଲବ୍ଧ ଥିବା ସତ୍ତ୍ୱେ ନିଜର ଜନ ସାଧାରଣଙ୍କୁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ତାଣ୍ଡବ ରଚୁଥିବା କରୋନା ଭୂତାଣୁ କବଳରୁ ମୁକ୍ତ କରିବା ସେମାନଙ୍କ ପକ୍ଷେରେ ଅସମ୍ଭବ ପରିଲକ୍ଷିତ ହେଉଛି ।

ଆଜିସୁଦ୍ଧା ସାରାବିଶ୍ୱରେ କରୋନା ମହାମାରୀ କାରଣରୁ ୧,୬୫,୦୯୪ ଜଣ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚି ସାରିଲେଣି । ସୁପର ପାୱାର ଆମେରିକାରେ ଏହି ଭୂତାଣୁ ସର୍ବାଧିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃତ୍ୟୁର ତାଣ୍ଡବ ରଚିଥିବା ବେଳେ ଆଜିସୁଦ୍ଧା ସେଠାରେ ୪୦,୫୬୫ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି । ଇଟାଲୀ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଥିବା ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ସେଠାରେ ୨୩,୬୬୦ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି । ସେହିଭଳି ସ୍ପେନ୍ ଓ ଫ୍ରାନସରେ ଯଥାକ୍ରମେ ୨୦,୪୫୩ ଏବଂ ୧୯,୭୧୮ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି ।

ଆମେରିକାର ରାଷ୍ଟ୍ରପତି "ଟ୍ରମ୍ପ" ମତରେ ଏହି ମାରାତ୍ମକ ଭୂତାଣୁର ପ୍ରଭାବ ଅଗଷ୍ଟ ମାସ ଯାଏ ଜାରି ରହିବ । ବ୍ରିଟିଶ ଗବେଷକଙ୍କ ମତରେ ଏହା ୧୮ ମାସ ଯାଏ ଉତ୍ପାତ କରିବ । ଜର୍ମାନର ବିଭିନ୍ନ ଗବେଷକଙ୍କ ମତରେ ଏହାର ପ୍ରଭାବ ୨ ବର୍ଷ ଯାଏଁ ଜାରି ରହିବ । ବର୍ତ୍ତମାନ ସାରା ବିଶ୍ୱରେ ୨୧୦ରୁ ଅଧିକ ରାଷ୍ଟ୍ରରେ ଏହି ମାରାତ୍ମକ କରୋନା ଭୂତାଣୁ ନିଜର କାୟାବିସ୍ତାର କରି ସାରିଲାଣି ।

କରୋନା ଭୂତାଣୁ ଉତ୍ପତ୍ତି କେଉଁସ୍ଥାନରୁ ହୋଇଛି ତାହା ଏବେ ବି ସାରା ବିଶ୍ୱବାସୀଙ୍କ ପାଇଁ ରହସ୍ୟମୟ ହୋଇ ରହିଛି । ଏହି ଭୂତାଣୁ କିପରି କାହା ପାଖରୁ ସଂକ୍ରମିତ ହୋଇଛି ତାହାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ ।

ପ୍ରସିଦ୍ଧ ଆମେରିକାର ସମ୍ବାଦପତ୍ର ୱସିଂଙ୍ଗଟନ୍ ପୋଷ୍ଟ ଏବଂ ବିଭିନ୍ନ ଜାତୀୟ ଅନ୍ତର୍ଜାତୀୟ ଗଣମାଧ୍ୟମ ମାନଙ୍କର ରିର୍ପୋଟ ଅନୁସାରେ ଚୀନର୍ "ୱୁହାନ" ସହରରେ ଅବସ୍ଥିତ ଏକ ଜୈବିକ ଅସ୍ତ୍ର ପ୍ରସ୍ତୁତ କରୁଥିବା "ଇନଷ୍ଟିଚ୍ୟୁଟ ଅଫ୍ ଭାଇରୋଲଜି" ଲାବରୁ ଏହି କରୋନା ଭାଇରସ୍ ଲିକ୍ ହୋଇଛି ଏବଂ ଚୀନର ଜ୍ଞାତସାରରେ ଏହା କରାଯାଇଛି । ଚୀନ୍ ଏହି ସଂକ୍ରାନ୍ତୀୟ ସମସ୍ତ ପ୍ରମାଣ ଓ କାଗଜପତ୍ରକୁ ନଷ୍ଟ କରିଦେଇଛି ।

ଚୀନର୍ ପୁରୁଣା ଇତିହାସକୁ ଅବଲୋକନ କଲେ ନିଜର ଏକଚ୍ଛତ୍ରବାଦୀ ହୋଇଥିବା ନୀତି ପାଇଁ ସାରା ବିଶ୍ୱରେ ପରିଚିତ । ନିଜର କୁତ୍ସିତ ମାନସିକତା ଏବଂ ବିଶ୍ୱର ସବୁଠୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶକ୍ତିଶାଳୀ ରାଷ୍ଟ୍ର ସୁପର ପାୱାର "ଆମେରିକା" ଅର୍ଥନୀତିକୁ ଧ୍ୱଂସ କରିବାର ଅଭିଳାଷା ପାଇଁ ଯେ କୌଣସି ସ୍ତରକୁ ଖସିବା ଚୀନପକ୍ଷେ ଅସମ୍ଭବ ନୁହେଁ । ଚୀନର ଦୀର୍ଘ ଦିନର ନୀରବତା ସମଗ୍ର ବିଶ୍ୱବାସୀଙ୍କର ସନ୍ଦେହକୁ ଆହୁରି ପ୍ରତୀଭୂତ କରିଛି । ବର୍ତ୍ତମାନ ଆମେରିକା ଏହି ରହସ୍ୟ ଉପରୁ ପରଦା ଉଠାଇବା ପାଇଁ ଓ ପ୍ରକୃତ ସତ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ଅନୁସନ୍ଧାନ ଜାରି ରଖିଛି ।

ଏହି କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ଅନେକ ଶିକ୍ଷା ପ୍ରଦାନ କରିଛି । ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ ମନୁଷ୍ୟ ନିଜର ଧନବଳ, କ୍ଷମତା ଓ ରୂପ ଆଦିକୁ ନେଇ ସବୁବେଳେ ଅହଙ୍କାର କରନ୍ତି । ଦୁର୍ବଳ ଅସହାୟ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ସବୁବେଳେ ଚେଷ୍ଟା କରନ୍ତି । ନିଜର ଦୋଷକୁ ଅନ୍ୟ ଉପରେ ଲଦିଦେଇ ଓ ଅନ୍ୟକୁ ହରାଇବାର ପ୍ରତିଯୋଗିତାରେ ନିଜକୁ ସାମିଲ କରନ୍ତି । ସମସ୍ତ ଅସାଧୁ ଉପାୟ ଅବଲମ୍ବନ କରି ଅର୍ଥ, ପ୍ରାଚୁର୍ଯ୍ୟ, କ୍ଷମତା ହାସଲ କରିବା ପାଇଁ ଯେ କୌଣସି ସ୍ତରକୁ ମଧ୍ୟ ଯିବା ମନୁଷ୍ୟ ପାଇଁ କିଛି ଅସମ୍ଭବ ନୁହେଁ । କିଛି ମନୁଷ୍ୟ ନିଜର ଅଜସ୍ର ଅର୍ଥ, ଧନ ସମ୍ପତ୍ତି, ବାହୁବଳ, ଉଚ୍ଚପଦବୀ ପାଇଁ ମୋହମାୟାରେ ଏମିତି ଅନ୍ଧ ହେଇ ଯାଇଥାନ୍ତି କି ସେମାନେ ଈଶ୍ୱରଙ୍କର ଅସ୍ତିତ୍ୱକୁ ମଧ୍ୟ ସ୍ୱୀକାର କରି ନଥାନ୍ତି ।

କିନ୍ତୁ ଆଜି ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ନିଜକୁ ଗୃହବନ୍ଦୀ କରି ରଖିଛି । ମନୁଷ୍ୟର ଗର୍ବ, ଅହଙ୍କାର ନିମିଷକ ମଧ୍ୟରେ ପାଣି ଫୋଟକା ପରି ମିଳେଇ ଯାଇଛି । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦେଇଥିବା ଓ ମୃତ୍ୟୁର ତାଣ୍ଡବ ରଚିଥିବା ପ୍ରାଣଘାତୀ ମାରାତ୍ମକ କରୋନା ଭୂତାଣୁ କବଳରୁ ନିଜକୁ ମୁକ୍ତ କରିବାପାଇଁ ସମସ୍ତ ପ୍ରକାରର ଉନ୍ନତ ଓ ବୈଜ୍ଞାନିକ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରୟୋଗକରି ମଧ୍ୟ ଏହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରାକରଣ ପାଇଁ କୌଣସି ଟୀକା କିମ୍ବା ଔଷଧ୍ ବାହାର କରିବାକୁ ଆଜି ସୁଦ୍ଧା ସକ୍ଷମ ହୋଇ ପାରିନାହିଁ । ସତେ ଯେପରି ଗୋଟିଏ ଭୂତାଣୁ ପାଖରେ ସମଗ୍ର ବିଶ୍ୱ ଅସହାୟ ଓ ନିରୁପାୟ ହୋଇପଡ଼ିଛି ଓ ହାର୍ ମାନିବାକୁ ବାଧ୍ୟ ହୋଇଛି ।

ନିଜର ମାନ ଅଭିମାନ ରାଗ, ହିଂସା, ଦ୍ୱେଷ, ଘୃଣାଭାବକୁ ପରିତ୍ୟାଗ କରି "ମଣିଷ ପଣିଆ" ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ବିଶ୍ୱବାସୀଙ୍କୁ ଅନୁଭବ କରିବାର ସମୟ ଆସିଛି । ଏକଥା ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବ ଜାତିକୁ ହାର୍ ମାନିବାକୁ ପଡ଼ିବ ।

ସଫଟ୍‌ୱେର୍ ଇଞ୍ଜିନିୟର୍
ଗୋପାଳପୁର, ବାଲେଶ୍ୱର
ଇମେଲ୍ : bapunn525@gmail.com
ଦୂରଭାଷ : ୭୦୨୦୭୧୯୬୦୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବେଶ ଆଜି ହସୁଛି



ନିରୁପମା ପ୍ରଧାନ

ବିଶ୍ୱରେ ଏବେ କରୋନା ଭୁତାଣୁ ସଂକ୍ରମଣ କରିଛି ଏବଂ ଏଥିରୁ ଆମଦେଶ ଭାରତ ମଧ୍ୟ ବାଦ ପଡ଼ିନାହିଁ । ଏହି ବିଶ୍ୱ ମହାମାରୀରୁ ସୁରକ୍ଷା ଦୃଷ୍ଟିରୁ ଦେଶକୁ ସରକାର  ଲକ ଡାଉନ କରିଛନ୍ତି । କରୋନା ଯୋଗୁଁ ତ ଲୋକେ ବହୁତ କଷ୍ଟ ସହିଲେଣି । କିଏ ନିଜପୁଅକୁ ହରାଇଛି ତ କିଏ ନିଜ ବାପାକୁ ତ କିଏ ନିଜ ଝିଅକୁ ଆଉ କିଏ ପୁଣି ମାକୁ । କେତେ ମାବାପା ତାଙ୍କ ପୁଅ ଝିଅକୁ ରାଜ୍ୟ ତଥା ଦେଶ ବାହାରକୁ ପାଠ କିମ୍ବା ଚାକିରୀ କରିବାପାଇଁ ଛାଡିଥିବା ବେଳେ ଘରକୁ ଆସିପାରୁ ନାହାନ୍ତି । କିଏ ପୁଣି ନିଜ ରୋଗୀଣା ବାପାକୁ ନେଇ ଉତ୍ତମ ଚିକିତ୍ସା ପାଇଁ ବାହାର ରାଜ୍ୟରେ ଫସି ରହିଛନ୍ତି । କେତେ ଯେ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ହେଉ କି କୋଚିଂପାଇଁ  ଯାଇକି ବାହାର ରାଜ୍ୟ ତଥା ବାହାର ଦେଶରେ ଫସିରହିଛନ୍ତି । ଗରିବ ମୁଲିଆ ଲୋକଟି ନିଜର ବୃଦ୍ଧ ମାବାପାର ପେଟରେ ଦାନା ଦେବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଏବେ ଆସିବାକୁ ଚାହିଁଲେ ବି ଆସିପାରୁନାହିଁ । କେତେ ଲୋକଙ୍କ ଘରେ ସାହାନାଇ ବାଜିବାର ଥିଲା ତାହା ଘୁଂଚି ଯାଇଛି । ଏହିଭଳି ବିପଦ ସମୟରେ ସମଗ୍ର ଜଗତ କୌଣସି ଆଡେ ଯିବା ଆସିବା ନ କରି ଘରେ ରହି ପରିବାରକୁ ବାହୁନି ବାହୁନି କାନ୍ଦୁଥିବା ବେଳେ ଜଣେ କେବଳ ହସୁଛି । ସେ ହେଉଛି ପରିବେଶ ।

ରାସ୍ତା ଘାଟରେ ନାହିଁ ଆଗ ପରି ପ୍ରଦୂଷିତ ଧୂଆଁ କି କୁଢ଼ କୁଢ଼ ଆବର୍ଜନା । କଳକାରଖାନାରୁ ବାହାରୁ ନାହିଁ କଳାବଦଳ ଛାଇଗଲା ପରି ପ୍ରଦୂଷିତ ଧୂଆଁ । ସେଥିପାଇଁ ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶର ତାରାରାଜିମାନେ ଉଦୟମାନ ହୋଇ ସ୍ୱଷ୍ଟଭାବରେ ଝଲକି ଉଠୁଛନ୍ତି । ଲୋକମାନଙ୍କର ଯାତାୟାତର ଭୟ ଆଉ ପଶୁ ପକ୍ଷୀମାନଂକୁ ନାହିଁ । ସେମାନେ ନିର୍ଭୟରେ ସର୍ବତ୍ର ବିଚରଣ କରୁଛନ୍ତି । କୋଇଲିର ସୁମଧୁର ଗାନ ଶୁଣିବାକୁ ମିଳୁଛି । ମୟୁର ଡେଣାମେଲି ନୃତ୍ୟ କରୁଛି । ରାସ୍ତାରେ ଆଗ ପରି ନାହିଁ ପାନର ଛେପ କି ବସ୍ତା ବସ୍ତା କୁର୍କୁରେର ଜରି । ପଲ୍ଲୀରୁ ଦିଲ୍ଲୀ କୁଢ଼ କୁଢ଼ ଆବର୍ଜନାରୁ ମୁକ୍ତ ହେଇଛି । ସନ୍ଧ୍ୟା ସମୟରେ ସମୁଦ୍ରକୂଳେ ଆଉ ଲୋକଙ୍କ ଗହଳି ଜମୁନାହିଁ । ଯାହାକି ସକାଳର ପବନରେ ଆଗପରି ଦୁର୍ଗନ୍ଧ ନାହିଁ । ଏଣୁ ସାମୁଦ୍ରିକ ଜୀବ ମଧ୍ୟ ଖୁସିରେ ନିଶ୍ୱାସ ଛାଡୁଛି । ସତେ ଯେମିତି ସମୁଦ୍ରର ଲହଡିରେ ମୁକ୍ତା ଝରୁଛି, ପାଣି ତାର ସ୍ୱଚ୍ଛ ଓ ନିର୍ମଳ ହୋଇଛି । ସାମୁଦ୍ରିକ ଜୀବ ଖୁସିରେ ଉପରକୁ ଡିଆଁ ମାରି ଖେଳୁଛିନ୍ତି । ନଦୀରେ ଆଗ ପରି ବହି ଆସୁନାହିଁ ଆବର୍ଜନା, ଯାହାର ପାଣି ଏବେ ପାନୀୟ ଉପଯୋଗୀ ହୋଇପାରିଛି । ଗଙ୍ଗାନଦୀ ମଧ୍ୟ କାଚକେନ୍ଦୁ ପରି ନିର୍ମଳ ହୋଇଛି । ତୀର୍ଥ ସ୍ଥାନରେ ଆଗ ପରି ଜନସମାଗମ ନାହିଁ, ସେଥିପାଇଁ ତ ତୀର୍ଥସ୍ଥାନର ଚାରିପାଖ ପରିଷ୍କାର ପରିଚ୍ଛନ୍ନ ଅଛି । ଶତଚେଷ୍ଟା ପରେ ଦିଲ୍ଲୀ ସରକାରଙ୍କ ଅଡ଼ ଇଭିନ ନମ୍ବର ବି ଫଳପ୍ରଦ ହୋଇପାରି ନଥିଲା, ପରିବେଶ ପ୍ରଦୂଷଣରୁ ମୁକ୍ତ କରିବାପାଇଁ । ଦିଲ୍ଲୀବାସୀ ଏବେ ଆକାଶର ତାରାଗୁଡିକୁ ସ୍ୱଷ୍ଟ ଭାବରେ ଦେଖି ପାରୁଛନ୍ତି । ଯାହା ଆଜି କରୋନା ଭୁତାଣୁ ଯୋଗୁଁ ସମ୍ଭବ ହୋଇ ପାରିଛି । ଆଗ ପରି ଆକାଶରେ ନାହିଁ ଦୂଷିତ ବାୟୁର ଆସ୍ତରଣ । ପଲ୍ଲୀଠୁ ଦିଲ୍ଲୀ ସବୁଠି ପରିବେଶ ହସୁଛି । ଗଛଲତା ସବୁଜିମାରେ ନାହିଁ କଳାରଙ୍ଗ ଆସ୍ତରଣ । ସତେ ଯେମିତି ସବୁଆଡେ ପ୍ରକୃତିରାଣୀ ସବୁଜ ରଙ୍ଗର ପାଟଶାଢ଼ୀ ପିନ୍ଧି ଖିଲି ଖିଲି ହୋଇ ହସୁଛି । ଯେବେଠୁଁ କରୋନା ଭୁତାଣୁ ବିଶ୍ୱକୁ ସଂକ୍ରମଣ କରିଛି, ତା'ପରଠୁ ପରିବେଶ ହସୁଛି ।

କତରବଗା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହ୍ୱାଟ୍‌ସାପରେ ପାଠପଢ଼ା



ସୌଭାଗ୍ୟବତୀ ଗିରି

ହ୍ୱାଟସଆପ୍ ପାଠପଢାର ପ୍ରକୃତ ଚିତ୍ର

ଏବେ କରୋନା ଭଳି ପରିସ୍ଥିତିରେ ଜନଜୀବନ ଠପ୍ ହେଇ ପଡିଥିବା ବେଳେ ବି ସରକାରୀ ଅଫିସରେ କର୍ମଚାରୀ କାର୍ଯ୍ୟରତ । ବେସରକାରୀ କର୍ମଚାରୀ ମାନଙ୍କର ଚାଲିଛି ୱାର୍କ ଫ୍ରମ୍ ହୋମ୍ । ଲାପଟପ୍ ଭିଡିଓ କଲ୍‌ରେ କେତେ ମିଟିଙ୍ଗ୍ ଚାଲିଛି । ବେସରକାରୀ ସ୍କୁଲ୍‌ରେ କେବେଠାରୁ ଅନ୍ ଲାଇନ୍ ଟିଚିଙ୍ଗ ଆରମ୍ଭ ହେଇଗଲାଣି । କିନ୍ତୁ ସରକାରୀ ସ୍କୁଲ୍ ପିଲାଙ୍କ ପାଇଁ କିଛି ବ୍ୟବସ୍ଥା ହେଇନଥିଲା । ସରକାରୀ ସ୍କୁଲ୍ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ହ୍ୱାଟସ୍ଆପ୍ ରେ ପାଠପଢା ପାଇଁ ସରକାର ଯେଉଁ ପଦକ୍ଷେପ ଟିଏ ନେଇଛନ୍ତି ତାହା ବାସ୍ତବିକ୍ ସ୍ୱାଗତଯୋଗ୍ୟ । କିନ୍ତୁ ଏବେ ମନରେ ଗୋଟିଏ ପ୍ରଶ୍ନ ସତରେ କ'ଣ ହ୍ୱାଟସ୍ଆପ୍ ପାଠପଢା ସଫଳ ହେବ ? ? ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢାଉଥିବା କେତେଜଣ ଅଭିଭାବକଙ୍କ ପାଖରେ ଆଣ୍ଡ୍ରଏଡ୍ ମୋବାଇଲ୍ ଥାଏ ? ? ନିଜର ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଥିବା ଲୋକମାନେ କେତେ ବୁଝୁଛନ୍ତି ହ୍ୱାଟସ୍ଆପ୍ ପାଠପଢାକୁ ? ? ଗୋଟେ ସରକାରୀ ସ୍କୁଲର ଜଣେ ଶିକ୍ଷକଙ୍କ ସଂସ୍ପର୍ଶରେ ଆସି ଦେଖିଲି ହ୍ୱାଟସ୍ଆପ୍ ପାଠପଢାର ଦସ୍ତାବିଜ୍ ଲେଖନ ବହୁତ୍ ସୁନ୍ଦର ଭାବରେ କରାଯାଉଛି । ଘଣ୍ଟା ଘଣ୍ଟା ସମୟ ବିନିମୟରେ ଅତି ସୁନ୍ଦର ଭାବେ ଚିତ୍ରବିଚିତ୍ର କରି ପାଠ ଲେଖା ହେଉଛି । ଏତେ ପ୍ରାଞ୍ଜଳ ଭାବରେ ବୁଝେଇ ଲେଖାଯାଉଛି ଯେ ତା'କୁ ଯେ କେହି ବି ବୁଝି ପାରିବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠୁ ଆରମ୍ଭ କରି ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବି ପୂରା ଲାଗି ପଡିଛନ୍ତି

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କେମିତି ପିଲାମାନେ ଘରେ ରହି ବି ପାଠ ପଢନ୍ତୁ । କିଛି ଶିକ୍ଷକ ଶିକ୍ଷୟିତ୍ରୀ ତ ସେମାନଙ୍କ ମୂଲ୍ୟବାନ୍ ସମୟ୍ ସାରି ବିଭିନ୍ନ ସହଜ ଓ ସରଳ ଶିକ୍ଷାଭିତ୍ତିକ ଭିଡିଓ କରି ବି ଛାଡୁଛନ୍ତି । ଶିକ୍ଷକ ମାନଙ୍କର ଲକ୍ଷ୍ୟ ତ ସେଇ ଗୋଟେ ଜାଗାରେ ହିଁ ଥାଏ । କେମିତି ପିଲାଟିଏ ପାଠପଢି ଭଲ ମଣିଷ ଟେ ହେଉ ।

କିନ୍ତୁ ଏ ହ୍ୱାଟସ୍ଆପ୍ ପାଠପଢା କେତେ ସଫଳ ?? ପିଲାମାନେ କ'ଣ ସତରେ ପାଠ ପଢୁଛନ୍ତି ହ୍ୱାଟସ୍ଆପ୍ ରେ ?? ହ୍ୱାଟସ୍ଆପ୍ ପାଠପଢାର ପ୍ରକୃତ ଚିତ୍ର ଏକ ଛୋଟିଆ ଘଟଣା ମାଧ୍ୟମରେ ।

କେତେବେଳୁ ସୂର୍ଯ୍ୟ ଉଠି ଆସିଲେଣି । ରତନୀ ତରତର ହୋଇ ବିଲକୁ କାମ କରିବାକୁ ବାହାରୁ ଥିଲା । କ'ଣ ଏବେ କରିବ ସେ । ଏଇ କେତେ ଦିନ ହେଲା ପିଲା ତିନିଟା ଙ୍କ ପେଟକୁ ଦାନା ମୁଠେ ଦବା କଷ୍ଟ ହେଇଗଲାଣି । ଆଗରୁ କେଇଘର କାମ ଧରିଥିଲା । କି ରୋଗ ଆସିଲା କେଜାଣି ଏବେ ସେଇଟା ବି ବନ୍ଦ । ତା ସ୍ୱାମୀ ଦନିଆ ଟା ଆଦ୍ୟରୁ ଅଯୋଗ୍ୟ । ସକାଳୁ ଉଠି ଲୋକ ପାଣିରେ ମୁହଁ ଧୁଅନ୍ତି । ସେ କିନ୍ତୁ ମଦରେ ମୁହଁ ଧୁଏ । ଏବେ ସରକାର ମଦ ଦୋକାନ ବନ୍ଦ କରି ଦେଇଚନ୍ତି ଯେ ଦନିଆ ସକାଳେ ସଞ୍ଜରେ ଏ ଗାଁ ସେ ଗାଁ ବୁଲୁଚି ଦେଶୀ ମଦ ଟୋପାଏ ପାଇଁ । ଆଉ ସିଏ ବା କି ସାହାଯ୍ୟ କରିବ ଘରକୁ । ସିଆଡୁ କାନ୍ଦିକାନ୍ଦି ଆସିଲା ବଡପୁଅ ରାଜୁଆ । ଗୋଟାଏ ଜିଦ୍ । ତା'ର ଗୋଟାଏ ମୋବାଇଲ୍ ଦରକାର । ଏବେ ସରକାରଙ୍କ ତରଫରୁ ହ୍ୱାଟସଆପ୍ ରେ ପାଠପଢା ହେଉଛି । ତା'ସାଙ୍ଗମାନେ ସବୁ ପଢି ଗଲେଣି । ହେଲେ ସେ ପଢିପାରୁନି । କାହିଁକି ନା ତା'ର ମୋବାଇଲ୍ ନାହିଁ । ସାଙ୍ଗ ଘରକୁ ଗଲେ ସାଙ୍ଗ ବି ଏବେ ପାଖ ପୂରଉନି । କହୁଛି ସାମାଜିକ ଦୂରତା ନ ରଖିଲେ କରୋନା ହେଇଯିବ । ତେଣୁ ତା'ର ମୋବାଇଲ୍ କିଣିବା ଟା ନିହାତି ଦରକାର । ତାଟକା ହେଇ ପୁଅକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହିଁ ରହିଥିଲା ରତନୀ । ଏଁ....ଇଏ ପୁଣି ପାଠପଢା ପାଇଁ ଏତେ ବ୍ୟସ୍ତ । ମୁଁ ତ ସବୁଦିନ ୟାକୁ ଘୋଷାଡି ଘୋଷାଡି ନେଇ ଇସ୍କୁଲ୍ ରେ ଛାଡେ । ଇସ୍କୁଲ୍ ଗଲାବେଳେ ୟା ଗର୍ଜନରେ ଗାଁ ଦାଣ୍ଡଟା ଫାଟିପଡେ । କେବେ ଇସ୍କୁଲ୍ ରେ ରହେ ତ ପୁଣି କେବେ ମୋ ପଛେପଛେ ଆସି ଘରେ ହାଜର । ଆମ ଗାଁ ଇସ୍କୁଲ୍ ରେ କୋଉ ମାଷ୍ଟର କି ମାଷ୍ଟରାଣୀ ନାହିଁ ଯିଏ ତାକୁ ବୁଝେଇକି ପାଠ ପଢେଇ ଦବ । ଆଉ ଇଏ ଏବେ ପଢିବାକୁ ଏତେ ଉଚ୍ଛନ୍ନ । ପୁଅକୁ ବୁଝେଇବାକୁ ଚେଷ୍ଟା କଲା ରତନୀ । ଆରେ,ବଞ୍ଚିକି  ରହିଲେ ତ ପାଠ ପଢିବ । ଆମ ଭଳି ଗରିବଙ୍କ ପାଇଁ ଭାତ ମୁଠାଏ ଯୋଗାଡ କରିବା କଷ୍ଟ ହେଇ ଯାଉଚି । ସେ ହ୍ୱାଟସଆପ୍ ପାଠପଢା ହେଲେ ହଉ ନହେଲେ ନାହିଁ । ହେଲେ ରାଜୁଆ ର ଗୋଟେ ଜିଦ୍ ସେ ମୋବାଇଲ୍ ରେ ପାଠ ପଢିବ । ପୁଅର ମୋବାଇଲ୍ କିଣା ଜିଦ୍ ଦେଖି ଠାଏ କରି ଗୋଟାଏ ଚାପୁଡା କଷିଦେଲା ରତନୀ । ସିଆଡେ ବିଲକୁ ଯିବା ଡେରି ହଉଚି । ଆଉ ଇଏ ଏଠି ପାଲା କରୁଚି । ରାଜୁଆ ସେମିତି ଠିଆ ହେଇ ଭେଁ ଭେଁ କରୁଥିଲା । ବିଲକୁ ବାହାରିଗଲା ରତନୀ ।

ହେଲେ ମା' ମନଟା ଜମା ବୁଝୁ ନଥିଲା । ପିଲାଟା ତ କିଛି ଖରାପ କଥା ପାଇଁ ଜିଦି କରିନି । ପାଠପଢା ପାଇଁ କରିଚି । ହେଲେ ମୋବାଇଲ୍ ପାଇଁ ପଇସା ଆସିବ କୋଉଠୁ ? ସରକାର ବି ବଡ ଅବୁଝା । ଆରେ ଆମେ ପଇସା ଖର୍ଚ୍ଚ କରିପାରିବୁନୁ ବୋଲି ତ ତମ ଇସ୍କୁଲ୍ କୁ ପଠଉଚୁ । ରାଜୁଆ ଟା ଆମର ଇସ୍କୁଲ୍ ଯାଉଥିଲା ବୋଲି ତାକୁ କୁପନ୍ ମିଳିଲା । ସେଇଥିରେ କେତେ ଗୁଡେ ଚାଉଳ ମିଳିଲା ଯେ ଦିନ କେଇଟା ଆମର ସେଇଥିରେ ଚଳିଗଲା । ଛୁଆ ଦି'ଟା ଇସ୍କୁଲ୍ ରୁ ଖାଇଦେଇ ଆସୁଥିଲେ ଯେ ଗୋଟେ ଚିନ୍ତା ଯାଉଥିଲା । ଏବେ ତ କରୋନା ଆଇଲା ଦିନୁ ସେତକ ବି ନାହିଁ । ଛୁଆଙ୍କ ପାଇଁ ଦି'ଟା କ'ଣ ଯୋଗାଡ କରିବା କେଡେ କଷ୍ଟ ହେଇଗଲାଣି । ତମେ କ'ଣ ଆମ ଅବସ୍ଥା ବୁଝିପାରୁନ ଯେ ପୁଣି ଏବେ ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡରେ ବୋଝ ଉପରେ ଆହୁରି ନଳିତା ବିଡା ଲଦି ପକଉଚ । ମୋ ପୁଅ ଛୋଟ ଛୁଆ । ତାର ବି ଦୋଷ କ'ଣ ? ଏଇ ଗାଁ ଇସ୍କୁଲ୍ ମାଷ୍ଟର ମାଷ୍ଟରାଣୀ ଯାକ ନମ୍ବର୍ ମାଗିକି ମୋ ପୁଅ ମୁଣ୍ଡକୁ ଖରାପ କରି ସାରିଲେଣି । ସେଇଥି ପାଇଁ ସେ ଜିଦି କରୁଛି  ମୋବାଇଲ୍ ପାଇଁ । ହେଲେ ମୋବାଇଲ୍ କିଣିବାକୁ ପଇସା କୋଉଠୁ ଆଣିବି ? କାମ କରି ଯାଉଥିଲେ ମାଲିକାଣୀଙ୍କ ଠାରୁ କିଛି ପଇସା ଧାର୍ କରି ଆଣିଥା'ନ୍ତି । ପଛରେ କାମ କରି ଶୁଝି ଦେଇଥା'ନ୍ତି । ହେଲେ ଏବେ ତ କାମ କରି ଯାଉନି । କୋଉ ବିବେକରେ ପଇସା ଧାର୍ ମାଗିବି । ଆମେ ଗରିବ ହେଇପାରୁ ହେଲେ ଆମେ ଅବିବେକୀ ନୁହଁ । ଏଇମିତି ବରବର ହେଉଥାଏ ରତନୀ । ହଠାତ୍ ତା'ର ମନେ ପଡିଲା । କାଠ ବାକ୍ସରେ ପୁରୁଣା କାନଫୁଲ ହଳେ ଅଛି । ତା' ଝିଅ ବେଳର । ସେଇଆ କୁ ଲଗେଇ ସେ ଶାଶୁଘର ଆସିଚି । କାଳେ ଭାଙ୍ଗିଯିବ ସେଥିପାଇଁ ସେ ଜମା ପିନ୍ଧେନି । ବାକ୍ସରେ ସାଇତି ରଖିଥାଏ । କୁଣିଆ ମଇତ୍ର ଘର ଗଲେ ପିନ୍ଧିକି ଯାଏ । ସେଇଟାକୁ ବିକିଦେଲେ ହୁଏତ ମୋବାଇଲ୍ କିଣିବାକୁ ପଇସା ହେଇଯିବ । ସେ କାନଫୁଲ ନ ପିନ୍ଧିଲା ନାହିଁ । ଗାଁ ନିତିଆ ଦୋକାନରେ ପଚାଶ କି ଶହେ ଟଙ୍କା ଦେଲେ ହଳେ ଚିକିଚିକିଆ କାନଫୁଲ ହେଇଯିବ । ପୁଅର ପାଠପଢାଟା କିନ୍ତୁ ଆଗ । ପାଠପଢି ମଣିଷ ହେଲେ ଏଇମିତିଆ କାନଫୁଲ କେତେ କିଣିଦବ ସେ । ରତନୀ ସ୍ଥିର କଲା କାନଫୁଲଟା ବିକି ଦେଇ ମୋବାଇଲ୍ କିଣିବ ।

ତା' ପରଦିନ କାନଫୁଲ ବିକା ହେଇ କିଣାହେଲା ମୋବାଇଲ୍ । ହ୍ୱାଟସଆପ୍ ଖୋଲାହେଲା । ପ୍ରଶ୍ନପତ୍ର ଆସିଲା । ଉତ୍ତରଫର୍ଦ୍ଦ ବି ଆସିଲା । ହେଲେ ସେସବୁ ଲେଖାପଢା ପାଇଁ ରାଜୁଆ ପାଖେ ସମୟ କାହିଁ ? ତାକୁ ତ ଥୋଟାଭିମ୍, ନାଚଗୀତ ଦେଖିବାକୁ ସମୟ ଅଣ୍ଟୁନି । ପାଠପଢା କଥା କହିଲେ ଯୋଉମାନେ ରାଜୁଆକୁ ସାମାଜିକ ଦୂରତା ରଖିବା କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଥିଲେ ସେମାନେ ଏବେ ମୁଣ୍ଡକୁ ମୁଣ୍ଡ ଯୋଡିଦେଇ ରାଜୁଆ ମୋବାଇଲ୍ ରେ ବଟିଆ କମେଡି ଦେଖୁଚନ୍ତି ।

ସେଦିନ ବିଲରୁ କାମସାରି ଘରକୁ ଫେରିଲା ରତନୀ । ସଞ୍ଜ ହେଇଗଲାଣି । ମା' କୁ ଦେଖିଦେଇ ରାଜୁଆ ଖାତା କଲମ ଆଣି କ'ଣ ସବୁ ଲେଖି ପକଉଥାଏ ମୋବାଇଲରୁ ଦେଖିଦେଖି । ମା' ମନ ଭାରି ଖୁସି । ପୁଅ ତା'ର ଏବେ ପାଠରେ ମନ ଦେଲାଣି ।

ଦନିଆ କୋଉଠି ଥିଲା କେଜାଣି ଝପଟି ଆଇଲା । ପଚାଶ ଟଙ୍କା ମାଗିଲା । ରତନୀ ମନା କଲା ତା ପାଖେ ଟଙ୍କା ନାହିଁ । ଯୋଉ ପଚାଶ ଟଙ୍କା ଅଛି ସେଇଥିରେ କାଲିକି ତେଲଲୁଣ ହବ । ସେତକ ଦେଇଦେଲେ କାଲି ଛୁଆ ଖାଇବେ କ'ଣ ? ରାଗରେ ଗର୍ଜନ କଲା ଦନିଆ । ମୋବାଇଲ୍ କିଣିବାକୁ ପଇସା ଅଛି ଆଉ ମତେ ଦବା ପାଇଁ ପଚାଶଟା ଟଙ୍କା ନାହିଁ । ରତନୀକୁ ମିଳିଲା ଅଶ୍ଳୀଳ ଶୋଧା, ବିଧା, ଚାପୁଡା, ଗୋଇଠା । ସେତିକିରେ ବି ମନ ଶାନ୍ତି ହେଲାନି ଦନିଆର । ଝପଟି ଯାଇ ମୋବାଇଲ୍ ଟା ଛଡେଇ ଆଣିଲା ରାଜୁଆ ହାତରୁ । ଦୁଲ୍ କିରି କଚାଡି ଦେଲା ତଳେ । ରାଜୁଆ ଆଉ ରତନୀ ଏକାବେଳେ ଦଉଡିଗଲେ ମୋବାଇଲ୍ ଟା ଉଠେଇବାକୁ । ଆଉ କିଛି ନଥିଲା । ମୋବାଇଲ୍ ଟା ଭାଙ୍ଗି ଚୁନା ହୋଇ ଯାଇଥିଲା । ତା ସହିତ ଭାଙ୍ଗି ଚୁନା ହୋଇଯାଇଥିଲା ରତନୀର ପୁଅକୁ ପାଠ ପଢେଇ ମଣିଷ କରିବାର ସ୍ୱପ୍ନ ।

ପଟାମୁଣ୍ଡାଇ
କେନ୍ଦ୍ରାପଡା
୭୭୩୫୦୩୩୬୩୨

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ନିଜକୁ ନିଜେ ବଦଳାଅ



ଶାନ୍ତନୁ କୁମାର ରାଉତ

ନିଜେ ନିଜକୁ ବଦଳାଇ ଦିଅ ଦୁନିଆ ବଦଳି ଯିବ

ବର୍ତ୍ତମାନର ସମାଜରେ ମନୁଷ୍ୟଜାତି କାଳରାତ୍ରିର ଅନ୍ଧକାର କାୟାରେ ଲୁଚିଲୁଚି ଯାଉଛି । ବିରାଟକାୟ ସମୁଦ୍ରର ତରଙ୍ଗର ସୌନ୍ଦର୍ଯ୍ୟକୁ ଯେପରି ଅମାନିଆ ଜୁଆରର ଭଙ୍ଗା ମାଡିଆସି ତରଙ୍ଗର ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ ଠିକ ସେହିପରି ଆଜିର ମାନବସମାଜ କଦର୍ଯ୍ୟ ଓ କୁତ୍ସିତ ଭାବରେ ନଷ୍ଟ ହେବାର ମୂଳ କାରଣ ହେଲା ନିଶା ।

ଜୀବନ ଏକ ରଙ୍ଗମଞ୍ଚ ବଞ୍ଚିବାର ନିଶା ଜିଇଁବା ଶିଖାଇଦିଏ ଆଉ ଭଲ ଚରିତ୍ରଟେ ପାଇବା ଅଭିନୟ ଶିଖାଇ ଦିଏ । ଆଜିର ଦୁନିଆରେ ପ୍ରାୟ ଶତକଡା ୯୦ ଭାଗ ଲୋକ ନିଶା ଭିତରେ ଲିପ୍ତ । ସେ ପ୍ରେମର ନିଶା ହେଉ ଅବା ଟଙ୍କାର ନିଶା କିନ୍ତୁ ଦୁନିଆକୁ ବହୁ ପରିମାଣରେ ନଷ୍ଟ କରୁଥିବା ନିଶାରେ ଏ ଦୁନିଆ ବହୁତ ଲୋଭାୟିତ ଯଥା ମଦ, ଗଞ୍ଜେଇ, ଅଫିମ, ଚରସ, ବ୍ରାଉନସୁଗାର ଇତ୍ୟାଦି । ପ୍ରଶାସନଠାରୁ ପ୍ରଶାସକ ପର୍ଯ୍ୟନ୍ତ ସମସ୍ତେ ଅଳ୍ପ ବହୁତେ ଜଡିତ କୌଣସି ନା କୌଣସି ନିଶାରେ ।

ମଦ କେତେ ଯେ ଜୀବନ ନଷ୍ଟ କରିଲାଣି ତାହା ତ ସବୁଦିନ ଖବରକାଗଜ ଗଣମାଧ୍ୟମରେ ପ୍ରକାଶିତ ହେଉଛି ଯଦି ଆଜି ଗୋଟିଏ ବଢିଲା ଝିଅ ରାତିରେ ବାହାରକୁ ଯାଇ ପାରୁନି ତାହାର କାରଣ ଏଇ ମଦ । କାରଣ ସେ ଜାଣୁଛି ସେ ରାତ୍ରିରେ ବାହାରକୁ ଗଲେ ସେ ଶାରୀରିକ ନିର୍ଯାତନାର ଶିକାର ହୋଇବ ଆଉ ସେ ସବୁ ହେଉଛି କେବଳ ଏଇ

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ମଦ ପାଇଁ । ଏ ମଦ ପିଇବାର ପ୍ରତ୍ୟକ୍ଷ କ୍ଷତି ଯେତେ ପରୋକ୍ଷ କ୍ଷତି ଢେର ଗୁଣ ଅଧିକ ଗୋଟିଏ ଛୋଟିଆ ଉଦାହରଣ : ଗୋଟିଏ ମଦ୍ୟପ ଗାଡିଚାଳକ କିଛି ଅର୍ଥର ବିନିଯୋଗରେ ମଦ ପିଇଲା ଏବଂ ଦୁର୍ଘଟଣା ଘଟାଇଲା ଏଥିରେ ତା ନିଜର ଅଙ୍ଗ ହାନିହେଲା କିମ୍ବା ଜୀବନ ଚାଲିଗଲା ମାଲିକର ଆର୍ଥିକ କ୍ଷତି ହେଲା ବୀମା କମ୍ପାନୀ କ୍ଷତି ସହିଲା ଯାତ୍ରୀ ବା ବାଟୋଇର ଅଙ୍ଗହାନି ହେଲା ଚାଳକ ସମେତ ଅନ୍ୟ ଦୁର୍ଘଟଣାଗ୍ରସ୍ତ ମାନଙ୍କର ଚିକିତ୍ସାରେ ପାଣି ଭଳି ଟଙ୍କା ଖର୍ଚ୍ଚ ହେଲା ଖର୍ଚ୍ଚ ଭରଣା ଲାଗି ଧାର କରଜ ହେଲା । କରଜ ଶୁଝିବା ଲାଗି ଜମିବାଡ଼ି ବିକ୍ରି ହେଲା । ପିଲାଛୁଆଙ୍କ ପାଠପଢା ଅଧାରେ ରହିଲା ଯାହା ଫଳରେ ସେମାନଙ୍କର ବି ଜୀବନ ନଷ୍ଟ ହେଲା । ବଢିଲା ଝିଅ ଅବା ଭଉଣୀର ବାହାଘର ଅଟକିଲା ଏମିତି କେତେ କଣ ଆଉ ଗୋଟିଏ କଥା ହଉଛି ଏଥିପାଇଁ ଅନେକ ଗୁଡିଏ ପ୍ରାଣୀ ଅନେକ ଦିନ ଯାଏ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଯନ୍ତ୍ରଣା ଭୋଗୁଛନ୍ତି । ଗୋଟେ ମାଆର କୋଳରୁ ପୁଅକୁ ଛଡେଇ ନେଲା । ଭାଇଭଉଣୀର ପବିତ୍ର ସମ୍ପର୍କକୁ ଛିନ୍ନ କରିଲା । ଗୋଟେ ସ୍ତ୍ରୀ ପାଖରୁ ଅମୁଲ୍ୟ ସମ୍ପଦ ସିନ୍ଦୁରକୁ ଛଡାଇନେଇ ବିଧବା ସଜାଇଦେଲା । ସାମାଜିକ ସାମୁହିକ ବୈଠକକୁ ନଷ୍ଟ କରିବା ସହିତ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ମାନଙ୍କୁ ଅସମ୍ମାନ କରାଉଛି ଏହାର ମୁଖ୍ୟ କାରଣ ନିଶ୍ଚୟ ଏଇ ମଦ । ସବୁ ଦେଖିଶୁଣି ମଧ୍ୟ ପୁରା ନିରବ ଆମ ସରକାର ଓଲଟା ଅଧିକରୁ ଅଧିକା ମଦ ଦୋକାନ ଖୋଲିବାକୁ ସରକାରୀ ଅନୁମତି ଦେଉଛନ୍ତି କାରଣ ଏଥିରେ ପ୍ରଚୁର ମାତ୍ରାରେ ଅର୍ଥ ମିଳୁଛି ସରକାରଙ୍କୁ ଯାହାଫଳରେ ମଦଦୋକାନୀମାନେ ମଧ୍ୟ ମଦ୍ୟପ ମାନଙ୍କୁ ଲୁଟିବାକୁ ସହଜ ହେଉଛି ।

ଆମେ ସଭ୍ୟ ମଣିଷ ଆଧୁନିକ ମଣିଷ ଦୁନିଆର ରୀତିନୀତି ଚଳଣି ସଂସ୍କାର ଆମକୁ ବହୁତ କିଛି ଜଣା । ଆମେ ଜାଣୁ ମଦଦ୍ୱାରା ଆମ ଜୀବନର କେତେ ମାତ୍ରାରେ କ୍ଷତି ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣି ମଧ୍ୟ ଆମେ ସେ ଚୋରାବାଲି ପରି ରାସ୍ତାରେ ପାଦ ଛାପି ଛାପି ଚାଲିଛେ । କିନ୍ତୁ ଚୋରାବାଲିର ଶେଷ ହଜିବାଟା ନିଶ୍ଚିତ । ସବୁଠାରୁ ଗୁରୁତ୍ୱପୂର୍ଣ କଥା ହଉଛି ମଦ ଆମ ଜୀବନର ସମସ୍ତ ସୁଖଶାନ୍ତିକୁ ଛଡାଇ ନବା ସହିତ କେତେ ଯେ ସଂସାରକୁ ନଷ୍ଟ କରି ଅସହାୟ କରିଦେଉଛି କିନ୍ତୁ ଏ ନିର୍ଲଜ ନିର୍ବୋଧ ମଣିଷ ଜାତି ମଦକୁ ଛାଡି ପାରୁନି ଓଲଟା ତାର ସେଇ ରକ୍ତମୁଖା ଜୀବନ ନଷ୍ଟଦିଗକୁ ଦୃତଗତିରେ ଟାଣି ହୋଇଯାଉଛି । ଏବେ ବି ସମୟ ଅଛି ବଦଳିବାର । ନିଜ ମନ ଉପରେ ନିଜର କର୍ମ ନିର୍ଭର କରେ ଆଜିର ଦୁନିଆରେ କେହି କାହାକୁ କୌଣସିଥିରେ ରୋକି ପାରିବେ ନାହିଁ ସେଥିଲାଗି ନିଜେ ନିଜକୁ ବଦଳାଇ ଦିଅ ଦୁନିଆ ବଦଳିଯିବ ।

ପିଇବା ଆରମ୍ଭ ସାଙ୍ଗ ସାଥି ମେଳେ
ଅଳପ ଅଳପ କରି
ସେଇ ମଦ ଆଜି ଜୀବନକୁ ଆମ
ଦେଲାଣିରେ ପୁରା ସାରି
ଅଭ୍ୟାସକୁ ତୁମ ଛାଡିଦିଅ ବନ୍ଧୁ
ଛାଡିବାକୁ ଲାଗେ  କଷ୍ଟ
ନ ଛାଡିଲେ ତୁମେ ଜାଣିଶୁଣି ନିଜ
ଜୀବନ କରିବ ନଷ୍ଟ ....

ନୂଆସାହି, ପାଟରଙ୍ଗା, ଯାଜପୁର
୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବାସୀ ଶ୍ରମିକ



ସୋସିଆଲ୍ ଫୋରମ୍

ଉପଯୁକ୍ତ ଭିତ୍ତିଭୂମିର ଅଭାବ ସାଙ୍ଗକୁ ନିଜସ୍ୱ ସମ୍ବଳରେ ରୋଜଗାର ପନ୍ଥାର ସୁଯୋଗ ନଥିବା ହେତୁ ସାଧାରଣତଃ ମଣିଷ ନିଜ ପେଟକୁ ଗଣ୍ଡେ ଦାନା, ଶରୀରକୁ ଖଣ୍ଡିଏ କନା ଓଢ଼େଇ ବଞ୍ଚିରହିବା ଲକ୍ଷ୍ୟରେ ଅନ୍ୟ ସ୍ଥାନ ଗସ୍ତ କରିଥାନ୍ତି ଯେଉଁଠି ସେମାନଙ୍କୁ ସେସବୁର ସୁଯୋଗ ମିଳିଥାଏ । ସେମାନଙ୍କ ଜୀବନ ଜୀବିକା ଏବଂ କର୍ମକୁ ନେଇ ଯାହା କିଛି ରୋଜଗାର କରନ୍ତି ସେହି ସ୍ଥାନରେ ବଞ୍ଚିରହିବା ପାଇଁ ତାହା ପର୍ଯ୍ୟାପ୍ତ ନହେଲେ ମଧ୍ୟ କେବଳ ଜୀବନ ବଞ୍ଚିରହିବା ଲୋଭ ହେତୁ ସମସ୍ତଙ୍କ କଡା ପ୍ରତାରଣାର ଶିକାର ହୋଇ ବଞ୍ଚିଥାନ୍ତି । ଜୀବନରେ ନିଜେ କୌଣସି ପ୍ରକାର ଆନନ୍ଦ ଉପଭୋଗ କରିବା କିମ୍ବା ନିଜ ପିଲାଙ୍କ ଉନ୍ନତ୍ତିର ପଥ ପରିଷ୍କାର କରିପାରିବା ଭଳି କ୍ଷମତାହିଁ ନଥାଏ ସେମାନଙ୍କ ପାଖରେ ଯାହା ଆଉ ଭବିଷ୍ୟତ ବୋଲି କିଛି ଭାବିବା ତ ବହୁତ ଦୂରର ବିଷୟ ହୋଇଥାଏ ସେମାନଙ୍କ ପାଇଁ । କୌଣସି ପ୍ରକାରେ ନିଜର ଜୀବନ ବଞ୍ଚିଯିବା ପରେ ଅତି କଷ୍ଟରେ କିଛି ସଞ୍ଚିତ ଅର୍ଥ ପ୍ରେରଣ କଲେ ଘରେ ବୃଦ୍ଧ ପିତାମାତା କିମ୍ବା ଅନ୍ୟାନ୍ୟ କୁଟୁମ୍ବ ଚାଳନ୍ତି ସେମାନଙ୍କର । ହେଲେ ସେମାନଙ୍କର ଏହି ଯନ୍ତ୍ରଣାଦାୟୀ ଜୀବନ ବଞ୍ଚିବା ନେଇ ସମାଜରେ କେହି କୌଣସି ପ୍ରକାର ଆଶ୍ୱାସନା କରିନଥାନ୍ତି କିମ୍ବା ସେମାନଙ୍କ ପ୍ରତି କାହାର ଦାୟୀର୍ଦ୍ଧ ଭାବ ମଧ୍ୟ ନଥାଏ । କେବଳ ନିଜ ଭାଗ୍ୟ କୁ ଆଦରି ସେମାନେ କୌଣସିମତେ ବଞ୍ଚି ରହିଥାନ୍ତି । ବାଲ୍ୟ କାଳରେ ଶିକ୍ଷା ଅର୍ଜନ ନକରି ସେମାନେ ସମାଜରେ ଗୋଟିଏ ଗୋଟିଏ ଅନାବଶ୍ୟକ ବସ୍ତୁ ଭଳି ନିଜକୁ ଭାବି ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତିକି ଶ୍ରମ ଦାନ କରିଥାନ୍ତି ତଥା କଥିତ ଶିକ୍ଷିତ ସମାଜ ସେସବୁ ଉପଭୋଗ କରି ସେମାନଙ୍କ ଠାରୁ ଶତଗୁଣରେ ଐଶ୍ୱର୍ଯ୍ୟ ମଧ୍ୟରେ ରହିଥାନ୍ତି । ସେହି ଶିକ୍ଷିତ ମାନଙ୍କ ଦ୍ୱାରା ନିୟନ୍ତ୍ରିତ, ପରିଚାଳିତ ହୋଇ ଯେତିକି ଆଦାୟ କରିଥାନ୍ତି ତାହାର ଏକ ଦଶମାଂଶ ମଧ୍ୟ ପାଇନଥାନ୍ତି ସେମାନେ । ତଥାପି ପ୍ରାତଃ ସୂର୍ଯ୍ୟର ଆରମ୍ଭରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ନିଜକୁ ଲହୁଲୁହାଣ କରି ସମାଜକୁ ଚଳାଇଥାନ୍ତି ଯାହା ସେମାନଙ୍କ ବୁଝିବା କ୍ଷମତା ବହିର୍ଭୁତ । ଶାରୀରିକ ଶ୍ରମ ଦାନ କରି ପ୍ରକୃତ ଜୀବନ ବଞ୍ଚିବାର ସାର୍ଥକତା ଅଛିବୋଲି ତ ସେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ, ନିଷ୍ପେସିତ !!

ମଣିଷ ଗୋଟିଏ ସଂସ୍କୃତ, ଉନ୍ନତ ସାମାଜିକ ପ୍ରାଣୀ ଭାବେ ପରସ୍ପର ପ୍ରତି ପ୍ରେମ ବାଣ୍ଟି ଅସମୟରେ ଜଣେ ଜଣକୁ ସାହାଯ୍ୟର ହାତ ବଢ଼ାଇ ଆନନ୍ଦରେ ରହିବା ଉଦେଶ୍ୟ ନେଇ ଗଠନ କରିଥିଲା ମଣିଷ ସମାଜ । କିନ୍ତୁ ଏଇଠି ତାହାର ବିପରୀତ କାର୍ଯ୍ୟ ହେଉଥିବା କେହି ଅସ୍ୱୀକାର କରିପାରିବେ ନାହିଁ । ସମସ୍ତେ ସବୁବେଳେ ଅନ୍ୟ ପ୍ରତି ହିଂସା, ଦ୍ୱେଷ, କ୍ରୋଧ, ଲୁଣ୍ଠନ, ପ୍ରତିଯୋଗିତା ମୂଳକ ଚିନ୍ତାଧାରା ରଖି ବଞ୍ଚୁଛନ୍ତି । କେହି କାହାର ଦୁଃଖରେ ଭାଗିଦାରୀତା ହେବାତ ଦୂରର କଥା, ବରଂ ଓଲଟା ଦୁଃଖରେ ରହିଥିବା ମଣିଷ ପ୍ରତି ଅଧିକ ଈର୍ଷାନ୍ୱିତ ହେଉଥିବା ଦେଖିବାକୁ ମିଳୁଛି ! ଭାଇଚାରାର ନାରା କେବଳ ଶବ୍ଦ ମାଧ୍ୟମରେ କୁହେଳିକା ପ୍ରଚାର କରି ସମସ୍ତେ ସମସ୍ତଙ୍କ ପ୍ରତି ଭଗାରିଚାରା ଉଦେଶ୍ୟ ରଖୁଥିବା ଅସ୍ୱୀକାର କରିହେବ ନାହିଁ !! ତଥା କଥିତ ଶିକ୍ଷିତ ସମାଜ ନିଜକୁ ବଡ଼ଲୋକର ମିଥ୍ୟା ପରିଚୟ ଦେଇ ସେମାନଙ୍କଠାରୁ ଶ୍ରମ ଲୁଣ୍ଠନ କରି ପ୍ରତାରିତ କରିବା ସହିତ ସେମାନଙ୍କୁ ବିଭିନ୍ନ ମିଛ କଥା କହି ଭୁଆଁ ବୁଲାଇ ନିଜସ୍ୱ ସ୍ୱାର୍ଥ ହାସଲ କରିଥାନ୍ତି । ସେମାନେ ବିଚାରା ଜୀବନ ବଞ୍ଚିବାର ବାଟ ନପାଇ ନିଜ ଭାଗ୍ୟକୁ ଆଦରି ଅକଥନୀୟ ଶ୍ରମଦାନ କରି ସଂସାର ଚଳାଇ ଆସୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏସବୁ ବିଷୟର ସତ୍ୟାସତ୍ୟ ଏବଂ ଯୁକ୍ତିଯୁକ୍ତତା ଉପରେ ମୋର ବ୍ୟକ୍ତିଗତ ଅନୁଭୂତି, କିଛି ପ୍ରବାସୀ ଓଡ଼ିଆଙ୍କ ସହିତ କଥୋପକଥନରୁ ପାଦେ......

ବାଲେଶ୍ୱର ଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଅନେକ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ସହିତ କଥୋପକଥନ କରି ଜାଣିବାକୁ ପାଇଲିଯେ ଅନେକଙ୍କର କିଛି ଜମିଜମା ଥିଲେ ମଧ୍ୟ ଉପଯୁକ୍ତ ଜଳସେଚନର ଅଭାବ ସାଙ୍ଗକୁ ବାତାବରଣ ଜନିତ କ୍ଷୟକ୍ଷତି ତଥା ଶସ୍ୟ ଆଦାୟ ହେବାପରେ ସେସବୁ ବିକ୍ରି କରି ତାହାର ଉପଯୁକ୍ତ ମୂଲ୍ୟ ପାଇବା ଇତ୍ୟାଦିର ଅଭାବନିୟତା ହେତୁ ସେମାନେ ଆମରାଜ୍ୟରେ କ୍ଷେତରେ କାର୍ଯ୍ୟକାରୀ ପରିବାର ଚଳାଇବା ସମ୍ଭବ ହେଉନାହିଁ । ଆଉ କିଛି ମତ ଦେଲେ ସେମାନେ କୌଣସି ବ୍ୟବସାୟ କରି ପରିବାର ଚଳାଇବା ପାଇଁ ଉଦ୍ୟମ କରି ବିଫଳ ହୋଇ ଅନ୍ୟରାଜ୍ୟ ମାନଙ୍କରେ ଦାଦନ ଖଟୁଛନ୍ତି । କିଛି ଲୋକ ନିଜର ସ୍ଥାବର ସମ୍ପତ୍ତି କିମ୍ବା ଆର୍ଥିକ ସ୍ୱଚ୍ଛଳତା ନଥିବା ହେତୁ କୌଣସି ଶିଳ୍ପ କିମ୍ବା ହୋଟେଲରେ କାର୍ଯ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସେସବୁର କ୍ଷେତ୍ର ମିଳୁନାହିଁ ଆମ ରାଜ୍ୟରେ, ତେଣୁ ସେମାନେ ଅନ୍ୟରାଜ୍ୟରେ ଥିବା ବିଭିନ୍ନ କ୍ଷୁଦ୍ର ଶିଳ୍ପ କିମ୍ବା ହୋଟେଲରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି । ହେଲେ ସେମାନେ କେବଳ ନିଜର ଦୁର୍ଭାଗ୍ୟ ବୋଲି ମନେ କରିବା ଛଡା ସେସବୁର ଅଭାବନିୟତା ଦୂର ହେଲେ ନିଜ ସ୍ଥାନରେ ରହି କାର୍ଯ୍ୟ କରିବାରେ କୋଣସି ଅସୁବିଧା ରହିବ ନାହିଁ ବୋଲି ଭାବୁଥିଲେ ମଧ୍ୟ କିଂକର୍ତ୍ତବ୍ୟମୂଢ଼ !!

ଏଠାରେ ଆଉ ଏକ ପ୍ରଶ୍ନ ମନକୁ ଆସେ ଯେ କେବଳ ପ୍ରବାସୀ ଶ୍ରମିକ କାହିଁକି, ଉଚ୍ଚ ଶିକ୍ଷିତ ମାନେ ମଧ୍ୟ ରାଜ୍ୟ ବାହାରେ ରହି କାର୍ଯ୍ୟ କରୁଥିବା ଆମେ ସମସ୍ତେ ଜାଣୁ । ସେମାନେ ମଧ୍ୟ ଅନୁରୂପ ପରିସ୍ଥିତିର ଦାସ ହୋଇଥିବା ବେଳେ ସେମାନଙ୍କ ରୋଜଗାର ଶ୍ରମିକ ମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ ଥିବା ହେତୁ ସେମାନଙ୍କୁ କେହି ପ୍ରବାସୀ ଶ୍ରମିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବରେ ଗ୍ରହଣ ନକରି ବରଂ ଉଚ୍ଚ ଆସନରେ ଅଭିଷିକ୍ତ କରିଥାନ୍ତି । କେବଳ ରୋଜଗାର ଅଧିକ କରୁଥିବା ବ୍ୟକ୍ତି ଆମ ସମାଜରେ ସମସ୍ତଙ୍କ ଦ୍ୱାରା ସମ୍ମାନିତ ହୋଇଥାନ୍ତି, ଯେଉଁଠି କମ ରୋଜଗାର କ୍ଷମ ମଣିଷ ମାନଙ୍କୁ ସମସ୍ତେ ଏକରକମ ଘୃଣା ଚକ୍ଷୁରେ ଦେଖୁଥିବା ଅସ୍ୱୀକାର କରିହେବ ନାହିଁ ।

ମନରେ ଏକ ପ୍ରଶ୍ନ ଉଠେ ଯେ କେବଳ ଓଡିଶା କାହିଁକି ଅନ୍ୟାନ୍ୟ ଯେତେସବୁ ରାଜ୍ୟ ଆମଦେଶରେ ଅଛନ୍ତି ପ୍ରାୟତଃ ଅନେକ ରାଜ୍ୟର ଲୋକମାନେ ବିଭିନ୍ନ ସହର ଗୁଡିକରେ ପ୍ରବାସୀ ଶ୍ରମିକ ଭାବେ ନିୟୋଜିତ ହୋଇ କାର୍ଯ୍ୟ କରିଆସୁଛନ୍ତି । ହେଲେ ସେହିସବୁ ରାଜ୍ୟ ଗୁଡିକରେ ଉପଯୁକ୍ତ ଭିତ୍ତିଭୂମି ଗଢି ଉଠିବା ସମ୍ଭବପର ହେଉନାହିଁ ? ନା ଆମ ମାନସିକତାର ଅଭାବ ଯୋଗୁଁ ହୋଇପାରୁନାହିଁ । ଦ୍ୱିତୀୟତଃ କେବଳ ପ୍ରବାସୀ ଶ୍ରମିକ କାହିଁକି, ଅନ୍ୟାନ୍ୟ ଯେଉଁମାନେ ସେହିସବୁ ରାଜ୍ୟରେ ସ୍ୱଵାସରେ ରହୁଛନ୍ତି ସେମାନେ କଣ ଉନ୍ନତ୍ତ ରାଜ୍ୟ ଗୁଡିକ ତୁଳନାରେ ଭଲରେ ଅଛନ୍ତି ? ବୋଧହୁଏ ନୁହେଁ ! କାରଣ ରାଜ୍ୟବାସୀଙ୍କ ଆନ୍ତରିକତାର ଅଭାବ ହେତୁ ତଥାକଥିତ ଗରିବ ରାଜ୍ୟ ଗୁଡିକ ପ୍ରଗତି କରିପାରୁନଥିବା ସ୍ୱିକାରଯୋଗ୍ୟ । ଲୋକଙ୍କ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା ହେତୁ ଅନୁନ୍ନତ ରାଜ୍ୟ ଗୁଡିକର ଉନ୍ନତ୍ତି ହେଉନଥିବା ଏକ ଅପ୍ରିୟ ସତ୍ୟ । ଏଠି ଲୋକଙ୍କର ସାମୁହିକ ସ୍ୱାର୍ଥକୁ ପଛରେ ପକାଇ ନିଜସ୍ୱ ସ୍ୱାର୍ଥ ପଛରେ ପଡିଥିବା ଲୋକ ଅଧିକ । ବିନା ପରିଶ୍ରମରେ ଅଧିକ ଆଦାୟ କରିବା ସହିତ ନିଜର ଆସନ୍ତା ପିଢିଙ୍କ ପାଇଁ ଅର୍ଥ ସଞ୍ଚୟ କରି ରଖିବା ଏବଂ ସେହି ଅର୍ଥକୁ ବଜାରରେ ପ୍ରଚଳିତ କରିବା ନଶିଖି ବରଂ ବିଭିନ୍ନ ବିନିଯୋଗକାରି ସଂସ୍ଥା ମାଧ୍ୟମରେ ସହରରେ ଥିବା ବଡ ବଡ ଶିଳ୍ପ ମାନଙ୍କୁ ସହାୟତା ଯୋଗାଇଦେବାରେ ଏମାନଙ୍କ ଆଭିମୁଖ୍ୟ ବହୁତ ବେଶୀ । ତେଣୁ ସହରରେ ଥିବା ଶିଳ୍ପ ଗୁଡିକ ଜନସଧାରଣଙ୍କ ଅର୍ଥରେ ପରିଚାଳିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଶ୍ରମିକ ମାନଙ୍କୁ ପ୍ରତାରିତ କରି ନିଜେ ବିତ୍ତଶାଳୀ ହେଉଥିବା ବେଳେ ଯାହାଙ୍କ ଅର୍ଥରୁ ସେମାନଙ୍କ ଶିଳ୍ପ ପରିଚାଳିତ ହୁଏ ଏବଂ ଯେଉଁମାନେ ଶ୍ରମଦାନ କରି ସେମାଙ୍କୁ ବିତ୍ତଶାଳି କରିଥାନ୍ତି ସେମାନେ ସମସ୍ତେ ଅତି ଦୁର୍ବଳ ଜୀବନ ଯାପନ କରିଥାନ୍ତି । ବିତ୍ତଶାଳି ଶିଳ୍ପପତି ସେମାନଙ୍କ ଠାରୁ ଆଦାୟ କରି ତାଙ୍କରି ଉପରେ ଶାସନ କରୁଥିବା ସାଧାରଣ ଲୋକ ନବୁଝିପାରିବା ପର୍ଯ୍ୟନ୍ତ ସମାଜ ଏମିତି ଯେ ଚାଲୁଥିବ ସେଥିରେ ତିଳେହେଲେ ସନ୍ଦେହ ନାହିଁ ।

ଇତି ମଧ୍ୟରେ ସାଧାରଣ ଆର୍ଥିକ ସ୍ୱଚ୍ଛଳ ଥିବା ମଧ୍ୟବିତ୍ତ ପରିବାର ବର୍ଗ ସେହି ବିତ୍ତଶାଳି ସମ୍ଭ୍ରାନ୍ତ ପରିବାରଙ୍କ ସମକକ୍ଷ ହେବାତ ସ୍ୱପ୍ନର ଦୂରତ୍ୱ ଥିବାବେଳେ ସେମାନଙ୍କ ଦ୍ୱାର ମୁହଁକୁ ମଧ୍ୟ ଯାଇପାରିବେ ନାହିଁ । କିନ୍ତୁ ନିଜକୁ କିଞ୍ଚିତ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କ ତଳେ ଥିବା ଏହି ଶ୍ରମିକ ଗୋଷ୍ଠୀଙ୍କୁ ଏକ ରକମ ଛୋଟ ନଜରରେ ଦେଖି ସେମାନଙ୍କ ପ୍ରତି ମନରେ ବିଦ୍ୱେଷଭାବ ରଖୁଥିବା ଦେଖିବାକୁ ମିଳୁଛି । ଏହି ମଧ୍ୟବିତ୍ତ ପରିବାର ବର୍ଗ ଜାଣି ପାରୁନାହାନ୍ତି ଯେ ସେମାନେ କ୍ରୀତଦାସ ହେଲେ ଏହିମାନେ କ୍ରିତଦାସଙ୍କ ବଡଭାଇ ! ଅର୍ଥାତ ବିତ୍ତଶାଳୀଙ୍କ ଦ୍ୱାରା ଏମାନେ ଏତେ ମାତ୍ରାରେ ଲାଂଛିତଯେ ସେହି ଶ୍ରମିକ ଶ୍ରେଣୀ ଅପେକ୍ଷା ମାଧ୍ୟମ ବର୍ଗ ଆହୁରି ବହୁତ ମାତ୍ରାରେ ଲୁଣ୍ଠିତ ହୋଇଥାନ୍ତି ! ଉପଯୁକ୍ତ ଜ୍ଞାନର ଅଭାବରୁ ଏମାନଙ୍କ ମନରେ ସୃଷ୍ଟି ହେଉଥିବା ଅହଂଭାବ ସଙ୍କୁଚିତ ନହେଲେ ଏହିମାନଙ୍କ ପରୋକ୍ଷରେ ପର୍ଯ୍ୟାପ୍ତ କ୍ଷତି ହେଉଥିବା ସେମାନଙ୍କ ବିଚାର ବହିର୍ଭୁତ । ତେଣୁ ଉଚ୍ଚ ସ୍ତରରେ ଥିବା ଠକ ଗୋଷ୍ଠୀଙ୍କୁ ବିରୋଧ କରି ମଧ୍ୟବିତ୍ତ ପରିବାର ଏବଂ ଶ୍ରମିକ ଗୋଷ୍ଠୀ ଏକ ହେଲେ ସମାଜରେ ସାମ୍ୟବାଦ ସୃଷ୍ଟି ହେବା ସମ୍ଭବ ହୋଇ ପାରିବ ବୋଲି ଆମର ଅନୁମାନ । କାରଣ ଶିଳ୍ପପତି, ଧନୀକ ଗୋଷ୍ଠୀଙ୍କ ନିଜସ୍ୱ ବୋଲି କିଛି ନାହିଁ । ସେମାନେ କେବଳ ଠକିବା ଜାଣନ୍ତି ଯାହା ମଧ୍ୟବିତ୍ତ ଲୋକେ ଧନ ଏବଂ ଶ୍ରମିକ ଶ୍ରମ ଦାନ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କୁ ଉଚ୍ଚ ସ୍ଥାନରେ ବସାଇ ସେମାନଙ୍କ ଦ୍ୱାରା ପ୍ରତାରିତ ହେଉଛନ୍ତି । ଏହା ବୁଝିବା ସାଧାରଣ ମଧ୍ୟବିତ୍ତ ଲୋକ କିମ୍ବା ଶ୍ରମିକଙ୍କ ଜ୍ଞାନ ବହିର୍ଭୁତ ଥିବାବେଳେ ସଚେତନତାର ଆବଶ୍ୟକ ଯଥେଷ୍ଟ ଅଧିକ ଅଛି ।

ଇତି ମଧ୍ୟରେ ସରକାରୀ ସଚେତନତା ଏବଂ ସହଯୋଗର ଅଭାବ ଲୋକମାନଙ୍କୁ ଏହିସବୁ ବିଷୟରୁ ମୁକୁଳିତ କରି ରଖିଥିବା ଏକ ଅତ୍ୟନ୍ତ ବିଚାରଶୀଳ ବିଷୟ । ସାଧାରଣ ଲୋକ ଜ୍ଞାନ ଅଭାବରୁ ଏମିତି କରୁଥିବା ବେଳେ ସମାଜକୁ ପରିଚାଳନା କରି ସୁସ୍ଥ ସବଳ ସମାଜ ଗଠନ କରିବା ଦାଇତ୍ୱ ଦିଆଯାଇଥିବା ଶାସକ, ନେତା, ପ୍ରଶାସକ ମାନେ ବିଭିନ୍ନ କ୍ରିୟାଶୀଳ ଯୋଜନା କରି ସେଗୁଡିକୁ ଆନ୍ତରିକତାର ସହିତ ସମାଜରେ ପ୍ରଚାର ପ୍ରସାର କରାଇ କ୍ରିୟାଶୀଳ କରାଇପାରିଲେ ହୁଏତ ଆସନ୍ତା ଭବିଷ୍ୟତରେ ଦୁର୍ବଳ ରାଜ୍ୟ ଗୁଡିକ ଧୀରେ ଧୀରେ ସବଳ ହେବାକୁ ଲାଗିଥାନ୍ତେ ବୋଲି ଆମ ବିଚାର । କିନ୍ତୁ ସାମୁହିକ ସ୍ୱାର୍ଥ ବ୍ୟତୀତ କେବଳ ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ ସ୍ୱାର୍ଥନ୍ୱେଷୀ ମଣିଷ କଣ ନିଜର ମାନସିକତା ପରିବର୍ତ୍ତନ କରିପାରିବ ? ଆଉ ନୂତନ ଏକ ସୁସ୍ଥ ସମାଜ ଆମେ ଆମ ଜୀବନ ମଧ୍ୟରେ ଦେଖି ପାରିବା ? ପ୍ରଶ୍ନ ଅନେକ ଉତ୍ତର................... ! ! ! !

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ.

ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଡ଼ୋଶୀରାଷ୍ଟ୍ର ଆକ୍ରମଣ ? ?



ପଙ୍କଜ ପାଣିଗ୍ରାହୀ

ପଡୋଶୀ ରାଷ୍ଟ୍ର ଆକ୍ରମଣର କାରଣ !

ସାଧାରଣ ଲୋକଙ୍କ ଆର୍ଥିକ ଦୁର୍ବଳତା !

ଆଦି କାଳରୁ ରାଜାରାଜୁଡାଙ୍କ ସାମ୍ରାଜ୍ୟ ବିସ୍ତାର ନୀତି ଏବଂ ପରାକ୍ରମୀ ରାଜାଙ୍କ ଦୁର୍ବଳ ରାଷ୍ଟ୍ର ଗୁଡିକ ଉପରେ ଆକ୍ରମଣ କରି କବଳିତ କରିବାର ଅନେକ ଅଧ୍ୟାୟ ବିଶ୍ୱ ଇତିହାସରେ ବର୍ଣ୍ଣିନା କରାଯାଇଥିବା ସମସ୍ତଙ୍କୁ ଗୋଚର । ଏହିସବୁ ଘଟଣା ପ୍ରତ୍ୟାସିତ ଭାବେ କରାଯାଇ ନିଜର ସାମ୍ରାଜ୍ୟ ବିସ୍ତାର ପୂର୍ବକ ବିଶାଳ ଅଖଣ୍ଡ ଭୂପତି ହେବା ସ୍ୱପ୍ନ ସେମାନଙ୍କୁ ଯେମିତି ଘାରୁଥିଲା ଠିକ ଅନୁରୂପ ବିଚାର ଆଜିଦିନରେ ମଧ୍ୟ ଅନେକ କ୍ଷମତାସୀନ ମଣିଷଙ୍କ ଦେଖିବାକୁ ମିଳୁଛି । ହେଲେ ଜଣେ ବ୍ୟକ୍ତିବିଶେଷଙ୍କ ଖ୍ୟାତି ଅର୍ଜନ ପାଇଁ କୋଟି କୋଟି ଧନ, ଜୀବନ ବିପର୍ଯ୍ୟସ୍ତ, ବିନାଶ ହେବାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦ୍ୱିଧା ରହୁନଥିବା ଏବଂ ଦୁର୍ବଳ ରାଷ୍ଟ୍ରର ଅଧିପତିଙ୍କ ଅଚାତୁରୀକ କାର୍ଯ୍ୟକଳାପ ଓ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା ହେତୁ ଏହିଭଳି ଘଟଣା ଘଟିବାକୁ ପ୍ରଶ୍ରୟ ଦେଉଥିବା ବେଳେ ସାଧାରଣ ଜନତାଙ୍କ ଅଜ୍ଞାନତା ମଧ୍ୟ କିଛି କମ ଦାୟୀ ନୁହେଁ ସେସବୁ ପାଇଁ । ବିଡମ୍ବନା ଏହାଯେ ସାଧାରଣ ଲୋକଙ୍କ ଅସାଧାରଣ ଅଜ୍ଞାନତା ହେତୁ ସ୍ୱରାଷ୍ଟ୍ରର ଅମାପ କ୍ଷତି ଘଟି ଚାଲୁଥିବା ବେଳେ ପଡୋଶୀ ରାଷ୍ଟ୍ର ଗୁଡିକର ଲୋଲୁପ ଦୃଷ୍ଟିରେ କବଳିତ ହୋଇ ପରାଧିନତାକୁ ପ୍ରଶ୍ରୟ ଦେଇଥା'ନ୍ତି କିପରି ତର୍ଜମା କରାଯିବାରେ ଆପଣ ମାନଙ୍କର କର୍ତ୍ତବ୍ୟବୋଧତା ବିଚାର୍ଯ୍ୟ ଯୋଗ୍ୟ........ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁର୍ବଳ ରାଷ୍ଟ୍ରର ପରିଚୟ ପାଇବା ପରେହିଁ ପଡୋଶୀ ରାଷ୍ଟ୍ର ନିଜର ପରାକ୍ରମ ପ୍ରଦର୍ଶନ କରିବା ସାହସ କରିଥା'ନ୍ତି । ନିଜଠାରୁ କ୍ଷମତାସୀନ ରାଷ୍ଟ୍ର ଉପରେ ଆକ୍ରମଣ କରିବା ପାଇଁ ଭାବିବା ଦୂରର କଥା, କାଳେ ସେମାନଙ୍କ ଦ୍ୱାରା ଆକ୍ରମିତ ହେବାର ଭୟ ରଖିଥାଏ ପଡୋଶୀ ରାଷ୍ଟ୍ର । ହେଲେ ଦୁର୍ବଳ ରାଷ୍ଟ୍ରର ପରିଚୟ ମିଳେ କେମିତି ? ଏହି ପ୍ରଶ୍ନ କାହା ମନରେ ଆନ୍ଦୋଳିତ ହୁଏନାହିଁ ! କିମ୍ବା ଆନ୍ଦୋଳିତ ହେଲେ ମଧ୍ୟ ତାହାର ଗୂଢ଼ ରହସ୍ୟ ଅନୁଭବ ନକରି ମଣିଷ ଅନେକ ସମୟରେ ପରିସ୍ଥିତି, ସମୟକୁ ଦୋଷାରୋପ କରୁଥିବା ଦେଖିବାକୁ ମିଳେ । କିନ୍ତୁ ବାସ୍ତବତା ଅନୁଭବ ଏକ ବିରଳ ଚିନ୍ତନ ! ରହସ୍ୟର ବାସ୍ତବତା ଉପରେ ଆଧାରିତ ବିଶ୍ଳେଷଣଟି କେତେଦୂର ଯୁକ୍ତିଯୁକ୍ତ ଏବଂ ଗ୍ରହଣୀୟ ନିର୍ଭର ନିଜ ନିଜ ଜ୍ଞାନର ପରିସୀମା ଉପରେ !

ସାଧାରଣ ଲୋକଙ୍କ ଆର୍ଥିକ ଦୁର୍ବଳତା ରାଷ୍ଟ୍ରର ଦୁର୍ବଳତାର ମାନଦଣ୍ଡ ଭଳି କାର୍ଯ୍ୟ କରିଥାଏ । ଅର୍ଥାତ ଯେଉଁ ରାଷ୍ଟ୍ରର ସାଧାରଣ ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ଅଧିକ ସେହି ରାଷ୍ଟ୍ରକୁ ଧନଶାଳୀ ଓ କ୍ଷମତା ସମ୍ପର୍ଣ୍ଣ ରାଷ୍ଟ୍ର ବୋଲି କୁହାଯାଏ । ପୃଥିବୀର କେତେକ ରାଷ୍ଟ୍ରକୁ ଧନଶାଳୀ, ପ୍ରକୋପୀ ଆଖ୍ୟା ଦିଆଯିବାରେ ଏହାଛଡା ଅନ୍ୟ କୌଣସି ମାପକ ନିର୍ଦ୍ଧାରିତ କରାଯାଇ ନଥାଏ । ସେମାନଙ୍କ ଅବଦାନ, ଋଣ ଇତ୍ୟାଦି ଗ୍ରହଣ କରି ଦୁର୍ବଳ ରାଷ୍ଟ୍ର ଗୁଡିକ ସେମାନଙ୍କ ପାଖରେ ନିଜର ଦୁର୍ବଳତା ପ୍ରକାଶ କରୁଥିବା ହେତୁ ସେମାନଙ୍କ ପ୍ରକୋପ, ଦୌରାତ୍ମ୍ୟ ଯଥେଷ୍ଟ ପ୍ରଭାବ ପକାଇଥାଏ ସାଧାରଣ ଲୋକଙ୍କ ଉପରେ । ତେଣୁ ଅଧିକ ଋଣଗ୍ରସ୍ଥ ରାଷ୍ଟ୍ର ଗୁଡିକ ଉପରେ ନିଜର ପ୍ରଭାବ ବିସ୍ତାର କରି ସେମାନଙ୍କୁ କରାୟତ୍ତ କରିବା ଲକ୍ଷ ରଖିଥା'ନ୍ତି ସବଳ ପଡୋଶୀ ରାଷ୍ଟ୍ର ଗୁଡିକ । ହେଲେ ସାଧାରଣ ଲୋକଙ୍କ ଆର୍ଥିକ ଦୁର୍ବଳତାର ସୂତ୍ର କ'ଣ ବିଚାର କରିବା ?!

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଷ୍ଟ୍ରର ଅର୍ଥନୀତି ନିର୍ଭର କରେ ସେହି ରାଷ୍ଟ୍ରର ରିସୋର୍ସ ଅର୍ଥାତ ପ୍ରାକୃତିକ ଉତ୍ସର ଆଦାୟ, ବିକ୍ରୟ ଉପରେ । ଯେଉଁ ରାଷ୍ଟ୍ର ପ୍ରାକୃତିକ ଉତ୍ସରେ ଭରପୁର ଏବଂ ସେସବୁର ଉତ୍ତୋଳନ କ୍ଷମତା ସହିତ ପଡୋଶୀ ରାଷ୍ଟ୍ର ମାନଙ୍କୁ ଯୋଗାଇଦେବାରେ କ୍ଷମତା ରଖିଥା'ନ୍ତି ସେମାନେ ସାଧାରଣତଃ ଉନ୍ନତ୍ତ ଏବଂ ଧନୀ ରାଷ୍ଟ୍ରରେ ପରିଣତ ହୋଇଥା'ନ୍ତି । କେତେକ କ୍ଷେତ୍ରରେ ଉପଯୁକ୍ତ ପ୍ରାକୃତିକ ଉତ୍ସ ନଥାଇ ମଧ୍ୟ ଅଧିକ ପରିଶ୍ରମ କରି ବିଭିନ୍ନ ଶିଳ୍ପଜାତ ପଦାର୍ଥ ପ୍ରସ୍ତୁତ, ବିକ୍ରୟ କରି ବିତ୍ତଶାଳୀ ରାଷ୍ଟ୍ରରେ ପରିଣତ ହୋଇଥିବା ଅନେକ ଉଦାହରଣ ସୃଷ୍ଟି କରିଛନ୍ତି ଜର୍ମାନୀ, ସୁଇଜ୍‌ରଲାଣ୍ଡ, ଜାପାନ ଓ ଚାଇନା ଭଳି କେତେକ ରାଷ୍ଟ୍ର । କିନ୍ତୁ ଯେଉଁମାନେ ଉପଯୁକ୍ତ ପ୍ରାକୃତିକ ଉତ୍ସ ସହିତ ଯଥେଷ୍ଟ ମାନବ ସମ୍ବଳ ଥାଇ ମଧ୍ୟ ସେସବୁର ଉପଯୁକ୍ତ ବିନିଯୋଗ ନକରି ଆଳସ୍ୟ ଏବଂ କୁଶାସନରେ କବଳିତ ହୋଇଥାନ୍ତି ସେହି ରାଷ୍ଟ୍ର ଗୁଡିକର ଭବିଷ୍ୟତ ଅନିର୍ଦ୍ଧିଷ୍ଟ ହେବାରେ କୌଣସି ଅଯୌକ୍ତିକତା ନଥାଏ । ସମ୍ପୃକ୍ତ ରାଷ୍ଟ୍ରର ସାଧାରଣ ଜନତାଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ ପୂର୍ବକ ପ୍ରାକୃତିକ ସମ୍ବଳ କିମ୍ବା ଶିଳ୍ପାୟନ ଉତ୍ପାଦକ ଆଦାୟ କରିବା ଏବଂ ପଡୋଶୀ ରାଷ୍ଟ୍ରକୁ ରପ୍ତାନି କରିବାରେ ଅକ୍ଷମ ରାଷ୍ଟ୍ର ନିଜର ଅର୍ଥନୈତିକ ସମ୍ବଳ ବିକାଶ କରିବାରେ ଅକ୍ଷମ ହୋଇଥା'ନ୍ତି, ଯାହା ସମ୍ପୃକ୍ତ ରାଷ୍ଟ୍ରର ପ୍ରଜାଙ୍କୁ ଅର୍ଥନୈତିକ ଦୁର୍ବଳ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ଅନ୍ୟ କ୍ଷେତ୍ରରେ ସମ୍ପୃକ୍ତ ପ୍ରଜା ମାନଙ୍କ ଠାରୁ ଅଧିକ ଟିକସ ଆଦାୟ କରୁଥିବା ରାଜାମାନେ ସ୍ୱେଚ୍ଛାଚାରୀ ଭାବେ ଅର୍ଥନୈତିକ ଚାପ ପକାଇ ସାଧାରଣ ଲୋକଙ୍କୁ ଅର୍ଥନୈତିକ ଦୁର୍ବଳ କରିବାରେ ସହାୟକ ହୋଇ ପଡୋଶୀ କ୍ଷମତାସୀନ ବିକାଶଶୀଳ ରାଷ୍ଟ୍ର ମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଆସୁଥିବା ବିଷୟ ଧାରାବାହିକ ଭାବେ ଲାଗିରହିଛି ଯାହା ଆଜିକା ସମୟରେ ମଧ୍ୟ ଦେଖିବାକୁ ମିଳେ କେତେକ ସ୍ଥାନରେ । ଅର୍ଥନୈତିକ ସାମ୍ୟତା ଉପରେ ଅନୁରୋକ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନରଖିଥିବା ରାଷ୍ଟ୍ରରେ ସାଧାରଣ ଜନତା ନଅଙ୍କ ଦୁର୍ଭିକ୍ଷ ପିଡୀତଙ୍କ ଭଳି କାହାର କରୁଣା, ଦାନ, ଦୟାର ପତ୍ର ହୋଇ କୌଣସିମତେ ଜୀବନ ବଞ୍ଚିବାକୁ ବ୍ୟାକୁଳ ଥିବା ଭଳି ପରିସ୍ଥିତି ସେମାନଙ୍କ ମାନବିକତାକୁ ଦୁର୍ବଳ କରିଥାଏ । ଫଳତଃ ଅର୍ଥାଭାବ ଜନିତ ଉପଯୁକ୍ତ ଖାଦ୍ୟାଭାବ ଏବଂ ପୁଷ୍ଟିକର ଖାଦ୍ୟ ଅଭାବ ଜନିତ ମାନସିକ ଅବଚେତନାର ବିକାଶ ଅଭାବରୁ ମଣିଷ ମାନସ ଏକରକମ ଭିକାରି ସଦୃଶ୍ୟ ମାନସିକତା ସୃଷ୍ଟି କରିବାରେ ସେମାନଙ୍କ ଦୁର୍ବଳତା ପ୍ରକାଶ ପାଇଥାଏ । ଅର୍ଥାତ ସେମାନଙ୍କୁ ସବୁବେଳେ କିଞ୍ଚିତ ଦାନ, ଦୟାର ପାତ୍ରକରି ସେମାନଙ୍କ ମାନବିକତା ଏବଂ ସ୍ୱାଭିମାନକୁ ଦୁର୍ବଳକରି ରଖାଯାଉଥିବା ଏକ ଅପ୍ରିୟସତ୍ୟ କଥା । ଜାପାନ ଭଳି ବିକଶିତ ରାଷ୍ଟ୍ରରେ ଅର୍ଥନୈତିକ ସାମ୍ୟତା ଉପରେ ଗୁରୁତ୍ୱାରୋପ କରାଯାଇ ସାମାଜିକ ଦୃଢ଼ତା ସୃଷ୍ଟି କରାଯିବାରେ ସେମାନଙ୍କ ସାଧାରଣ ଜନତାଙ୍କ ବ୍ୟକ୍ତିତ୍ୱ ଏବଂ ମାନବିକ ଉନ୍ନତ ଚିନ୍ତାଧାରା ହେତୁ ସେମାନେ କାହାର ଦୟାର ପାତ୍ର ହେବା ଏକରକମ ଘୃଣା କରୁଥାଇ କୌଣସି ବିପତ୍ତି ସମୟରେ ସ୍ୱାବଲମ୍ବୀ ଭାବେ ମୁକାବିଲା କରୁଥିବା ହେତୁ ଏତେ ଛୋଟ ରାଷ୍ଟ୍ର ହୋଇମଧ୍ୟ ଆଜିକା ଦିନରେ ସେମାନଙ୍କୁ ଆକ୍ରମଣ କରିବା ପାଇଁ ଭାବିବା ଦୁଃଷସହସ କେହି କରିପାରିବେ ନାହିଁ ! କିନ୍ତୁ ଅନେକ ଦୁର୍ବଳ ରାଷ୍ଟ୍ର ଦେଖିବାକୁ ମିଳନ୍ତି ଯାହାଙ୍କ ସାଧାରଣ ଜନତା ଅନ୍ୟର ଦାନପାଇଁ ଏତେ ବ୍ୟାକୁଳ ହୋଇ ଥା'ନ୍ତିଯେ ସେମାନେ ଦାନ ଗ୍ରହଣ କରିବା ଏକପ୍ରକାର ସୌଭାଗ୍ୟର କଥା ବୋଲି ଭାବିଥା'ନ୍ତି, ଯାହା ଜାପାନୀ ମାନଙ୍କ ସମ୍ପୂର୍ଣ୍ଣ ବିପରୀତ ଚିନ୍ତନ ! ତେଣୁ ଏହିସବୁ ମାନସିକତା ଗୁଡିକ ଦୂର ନହେବା ପର୍ଯ୍ୟନ୍ତ ରାଷ୍ଟ୍ରୀୟ ବିକାଶ ଏବଂ ନିଜକୁ ଅନ୍ୟଠାରୁ ସୁରକ୍ଷିତ ରଖିବା ଅସମ୍ଭବ ! ସେହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶର ସାଧାରଣ ନାଗରିକ ଜାଗୃତ ନହେଲେ ଭବିଷ୍ୟତ ବିପର୍ଜନକ ହେବାରେ ନିଜେହିଁ ଦାୟୀରହିବା ଛଡା ଅନ୍ୟ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚାରକୁ ନିଆଯାଇ ନପାରେ । ଅତଏବ ସାଧାରଣ ମଣିଷଙ୍କ କାର୍ତ୍ତବ୍ୟବୋଧତା ଉପରେ କିଛି ପ୍ରଶ୍ନ ଏବଂ ତାହାର ଉତ୍ତର ଅନୁଶୀଳନ କରାଯିବାରେ ଆପଣମାନଙ୍କ ବିଚାରଯୋଗ୍ୟ ପଦକ୍ଷେପ କ'ଣ ?

କୌଣସି କ୍ଷେତ୍ରରେ ଶାସନ କ୍ଷମତାରେ ଥିବା ବ୍ୟକ୍ତିଙ୍କ ଅଯୋଗ୍ୟତା ହେତୁ ରାଷ୍ଟ୍ରର ଅର୍ଥନୈତିକ ବ୍ୟବସ୍ଥା ବ୍ୟତିକ୍ରମ ଆଡକୁ ମୁହାଁଇଲେ ସାଧାରଣ ଲୋକେ ସେସବୁକୁ ସାର୍ବଜନୀନ କରି ବିଶାଳ ଜନଜାଗରଣ ପୂର୍ବକ ପ୍ରଜାମେଳି କରି କ୍ଷମତାସୀନ ବ୍ୟକ୍ତିଙ୍କୁ ପରିବର୍ତ୍ତନ ନକଲେ, ହାତଗୁଡ଼ କହୁଣିକୁ ଗଲାପରେ ଆଉ କିଛି ନଥିବ କରିବା ପାଇଁ ! ତେଣୁ ସାଧାରଙ୍କ ଲୋକେ କୌଣସି କ୍ଷମତାସୀନ ବ୍ୟକ୍ତିଙ୍କ ପ୍ରତି ନିଜର ପ୍ରଗାଢ଼ ସୌହାର୍ଦ୍ଧ୍ୟତା ପ୍ରଦର୍ଶନ ନକରି କେବଳ ଜନସ୍ୱାର୍ଥ ଉଦେଶ୍ୟରେ ନିଜର ବିଚାର ଶକ୍ତିକୁ ଉପଯୋଗ ପୂର୍ବକ ଉପଯୁକ୍ତ ପଦକ୍ଷେପ ନେବା ନିତାନ୍ତ ଜରୁରୀ । କୌଣସି ନିର୍ଦ୍ଧିଷ୍ଟ ବ୍ୟକ୍ତି ସାମାଜିକ ଶାସନ ଦାୟିତ୍ୱରେ ହଜାର ହଜାର ବର୍ଷ ଧରି କ୍ଷମତାସୀନ ହେବା ଅସମ୍ଭବ ଥିବାବେଳେ ତାଙ୍କର ସୀମିତ ବୟସ ସୀମା ମଧ୍ୟରେ ନିଜର ଉପଭୋଗୀତା ଏବଂ ସାମାଜିକ ସମ୍ମାନ୍ନ ଜନିତ ସାଧାରଣ ଲୋକଙ୍କର ଲାଭ, କ୍ଷତି ଆକଳନ କରିପାରି ନଥା'ନ୍ତି ! ଫଳତଃ ସାଧାରଣ ପ୍ରଜା ଆକଳନ ବହିର୍ଭୁତ କ୍ଷତିର ଶିକାର ହେବାରେ ସମ୍ପୃକ୍ତ ଅସମର୍ଥ ଶାସକଙ୍କୁ କୌଣସି ପ୍ରଭାବ ପଡ଼ିନଥାଏ । କାରଣ ସେ ନିଜ ଜୀବନ ଶେଷ ପର୍ଯ୍ୟନ୍ତ ସିଂହାସନ ଉପଭୋଗ କରିବାର ଏକମାତ୍ର ଲକ୍ଷ ରଖିଥିବା ବେଳେ କୋଟି କୋଟି ଜନତା କେତେଯେ କାରୁଣ୍ୟ ଦୁଃଖରେ ସଢୁଥା'ନ୍ତି ତାଙ୍କର କଳ୍ପନା ବହିର୍ଭୁତ ହୋଇଥାଏ ! ତେଣୁ ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନଜାଗରଣ, ଜନମାନସରେ ଦେଶପ୍ରେମ ସୃଷ୍ଟି ହୋଇ ଉପଯୁକ୍ତ ଶାସକ ଚୟନ କରାନଗଲେ ରାଷ୍ଟ୍ର ପଡୋଶୀଙ୍କ ଆକ୍ରମଣରୁ ନିଜକୁ ରକ୍ଷା ନକରିପାରି ପରାସ୍ତ ହେବାରୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେହି ରକ୍ଷା କରିପାରିବେ ନାହିଁ । ରୀତିମତ ପୁରୁଷାନୁକ୍ରମିକ ଶଢଯନ୍ତ୍ରକାରୀ ସ୍ୱେଚ୍ଛାଚାରିତା ଶାସନ ଚଳାଇ ଆସୁଥିବା ପାରମ୍ପରିକ ବଂସୋଦ୍ଭବ ତଥା ଅଯୋଗ୍ୟ, ଅକ୍ଷମ ମଣିଷଙ୍କ ପ୍ରତି କୌଣସି ସମ୍ବେଦନଶୀଳ ବିଚାର ନରଖି, ସ୍ୱଚ୍ଛ ମାନବିକ ଚିନ୍ତାଧାରା ସହିତ ଚତୁର ନିସ୍ୱାର୍ଥପର ମଣିଷ ମାନଙ୍କୁ ସାମାଜିକ ଶାସନ କ୍ଷମତା ଦେବାରେ ଦେଶର ବିକାଶର ମାନଦଣ୍ଡ ନିର୍ଭର କରୁଥାଏ ! ତେଣୁ ଉପଯୁକ୍ତ ସମୟରେ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟ ନକଲେ ସମ୍ପୃକ୍ତ ରାଷ୍ଟ୍ରର ଭବିଷ୍ୟତ ପିଢିଙ୍କୁ ଅଗ୍ନି ମୁଖକୁ ଠେଲିଦେବା ଛଡା ଆଉ କିଛି ହୋଇନପାରେ ବୋଲି ଆମ ବିଚାରରେ ଆପଣଙ୍କ ମତାମତ ଅପେକ୍ଷାରେ............. ? ! !

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ.

ଇମେଲ୍: socialforum.org.in@gmail.com

ଭ୍ରାମ୍ୟଭାଷ : ୯୪୩୭୩୩୨୪୯୯୭

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ମାମୁଁଘର ଗାଁ କଥା



ସାଇପ୍ରସାଦ ସାହୁ

ପିଲାବେଳ, ଗ୍ରୀଷ୍ମ ଅବକାଶ ଓ ମାମୁଁଘର ଗାଁ କଥା

ଅନେକ ଦିନ ତଳର କଥା । ଆଜିକୁ ପ୍ରାୟ ପାଞ୍ଚବର୍ଷ ହେଲାଣି । ଏମିତି ଏକ ଗ୍ରୀଷ୍ମ ଅବକାଶ ସମୟରେ ରାଜେଶବାବୁ ପିଲାଦୁହିଁଙ୍କୁ ନେଇ ସେମାନଙ୍କ ମାମୁଁଘର ଗାଁଆଡେ ବୁଲାଇ ଆଣିବେ ବୋଲି କହୁଥିଲେ ମଧ୍ୟ କଥା ରଖିପାରିନାହାନ୍ତି । ରାଜେଶବାବୁ କେନ୍ଦ୍ରୀୟ ବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ଅଧ୍ୟାପକ । ଏହା ସହ ଏକାଧାରରେ ସେ ଜଣେ ଗାଳ୍ପିକ ଓ ଦାର୍ଶନିକ । ଇସ୍ପାତ ନଗରୀରେ ସରକାରୀ କ୍ୱାର୍ଟର ପାଇ ରହୁଥିବାବେଳେ ତାଙ୍କ ଧର୍ମପତ୍ନୀ ରଶ୍ମିତା ସହରର ଏକ ପ୍ରତିଷ୍ଠିତ କମ୍ପାନୀରେ ସଂଯୋଜକ ଭାବେ କାମ କରନ୍ତି । ବଡ ପୁଅ ଓ ସାନଝିଅ ଦୁହେଁଯାକ କେନ୍ଦ୍ରୀୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି । ମା' ବାପା ପାଖରେ ରହୁଥିବାରୁ କେବେ କେମିତି ରାଜେଶବାବୁ ପରିବାର ଧରି ଦିନେ ଦି'ଦିନ ପାଇଁ ବୁଲିବାକୁ ଯାଆନ୍ତି । ପିଲାମାନେ ନିଜ ଗାଁକୁ ଜାଣିବା ପାଇଁ ବେଶ୍ କିଛି ଯଥେଷ୍ଟ ଆଗ୍ରହୀ ନ ଥିଲେ । କିନ୍ତୁ ପିଲାମାନଙ୍କର ମାମୁଁଘର ଏକ ସମୁଦ୍ରକୂଳିଆ ଗାଁକୁ ପିଲାମାନଙ୍କୁ ନେଇ ଥରେ ଅଧେ ଗଲେ ବି କେବେ ଗୋଟିଏ ଦିନରୁ ଅଧିକ ରହିବାର ସମୟ ଆଉ ସୁଯୋଗ ପାଇନାହାନ୍ତି । ତା'ର କାରଣ ହେଲା; ଦୁହିଁଙ୍କ ଚାକିରି ଆଉ ନିଜ ପିଲାମାନଙ୍କର ପାଠପଢା । ଖରାଛୁଟି ସମୟରେ ପିଲାମାନଙ୍କୁ ନେଇ ନିଜ ଗାଁ ଆଉ ତାଙ୍କ ମାମୁଁଘର ଗାଁରେ କଟେଇବେ ବୋଲି ଦୁହେଁ ଯୋଜନା କରିଆସୁଛନ୍ତି । କିନ୍ତୁ ଯିବାର ସମ୍ଭବ ହୋଇପାରୁନାହିଁ । କାରଣ, ଆଜିକାଲି ଗ୍ରୀଷ୍ମ ଅବକାଶ ସମୟରେ ସ୍କୁଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିମ୍ବା ଅନ୍ୟ କେତେକ ଘରୋଇ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ପାଇଁ ସମରକ୍ୟାମ୍ପର ଆୟୋଜନ କରୁଛନ୍ତି, ଯେଉଁଠି ବିଭିନ୍ନ ପ୍ରକାର ଖେଳକୁଦ, କମ୍ପୁଟର ଶିକ୍ଷା, ସୃଜନାତ୍ମକ କାର୍ଯ୍ୟକଳାପ ଉପରେ ତାଲିମ ଦିଆଯାଉଛି । ଆଜିକାଲି ପିଲାମାନଙ୍କ ପାଇଁ ଏହା ନିତାନ୍ତ ଆବଶ୍ୟକ ବୋଲି କୁହାଯାଇପାରେ । ପ୍ରତିବର୍ଷ କିଛି ନା କିଛି ତାଲିମ କାର୍ଯ୍ୟକ୍ରମ ହାତକୁ ନେଇ ପିଲାଙ୍କୁ ପଢାଉଛନ୍ତି । ଯେଉଁଥିରେ ପିଲାମାନେ ମଧ୍ୟ କିଛି ଶିଖୁଛନ୍ତି ଆଉ ଖୁସିରେ ସମୟ କାଟୁଛନ୍ତି । ତେଣୁ ମାମୁଁଘର ଗାଁକୁ ଯିବାଟା ସମ୍ଭବ ହୋଇପାରୁନାହିଁ । ନିଜେ ରାଜେଶବାବୁ କିନ୍ତୁ ଅନେକ ସମୟରେ ମନେପକାନ୍ତି ତାଙ୍କ ପିଲାଦିନର ସ୍ମୃତି ଓ ମାମୁଁଘର କଥା । ଘରର ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ମାମୁ ହିଁ ତାଙ୍କୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠ ପଢିବାରେ ସମସ୍ତ ପ୍ରକାର ସାହାଯ୍ୟ କରିଥିଲେ । ମାମୁଁଙ୍କ ଦୁଇ ପୁଅ ଓ ଝିଅ । ଝିଅ ବଡ ଓ ପୁଅ ସାନ । ଯୁକ୍ତ ତିନି ଅଧ୍ୟୟନ ପରେ ଝିଅର ବାହାଘର ହୋଇଗଲା । କିନ୍ତୁ ସାନପୁଅ ମାଟ୍ରିକ ପଢିଲାପରେ ଆଉ ପାଠ ନପଢି ଗାଁରେ ଚାଷବାସ କଲା । ହେଲେ ରାଜେଶବାବୁଙ୍କ ପ୍ରତି ମାମୁଁମାଈଙ୍କ ସ୍ନେହଶ୍ରଦ୍ଧା, ମମତା ଓ ଆର୍ଥିକ ସାହାଯ୍ୟରେ କେବେ ଊଣାହୋଇନି । ସେହି ସାହାଯ୍ୟ ଯୋଗୁଁ ସେ ପାଠପଢି ଆଜି ଚାକିରିଟିଏ କରିପାରିଛନ୍ତି । ସେଥିପାଇଁ ମାମୁଁଘର ପ୍ରତି ତାଙ୍କର ବେଶ୍ ଆଗ୍ରହ ଓ ଆବେଗ । ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ସମୟରେ କିନ୍ତୁ ସେ ନିଶ୍ଚୟ ମାମୁଁଘରକୁ ଯାଉଥିଲେ । ଛୁଟିଟା ସେଠି ବିତେଇ ପୁଣି ରଜବେଳକୁ ନିଜ ଗାଁକୁ ଫେରିଆସୁଥିଲେ । ରାଜେଶବାବୁ ମନେ ମନେ ଭାବୁଥାନ୍ତି; ଆହା ! କୁଆଡେ ଗଲା ସେ ସବୁ ଦିନ ? କେବଳ ରାଜେଶବାବୁ ନୁହନ୍ତି, ତାଙ୍କ ଭଳି ଅନେକ ବ୍ୟକ୍ତିଙ୍କର ହୁଏତ ମାମୁଁଘର କଥାକୁ ନେଇ ଏମିତି କେତେ ସ୍ମୃତି ରହିଥିବ । ନିଜ ଗାଁ, ଘର କିମ୍ବା ପରିବାର ସଦସ୍ୟଙ୍କୁ ବାଦ୍ ଦେଲେ ଘନିଷ୍ଠ ସମ୍ପର୍କର ସ୍ଥାନ ହେଉଛି ମାମୁଁଘର ଗାଁ ଏବଂ ମାମୁଁମାଈଁ, ଅଜାଆଈ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯଦି ଓଡିଶାର କେଉଁ ମଫସଲ ଅଞ୍ଚଳରେ ମାମୁଁଘର ଗାଁ ହୋଇଥାଏ ତାହେଲେ ତାକୁ ନେଇ ଏମିତି କିଛି ସୁନ୍ଦର ଚିତ୍ର ଅଙ୍କାଯାଇପାରେ । ନଇକୂଳିଆ ଗୋଟେ ଗାଁ, ପୁଣି ସେଠି ଗାଁ ଶେଷ ମୁଣ୍ଡରେ ଲାମ୍ବା ଧାଡିରେ ଲମ୍ବିଥିବା ଡ଼େଙ୍ଗା ତାଳଗଛ, ମାମୁଁଘର ଗାଁରୁ ଆର ଗାଁକୁ ଯିବାପାଇଁ ଅଣଓସାରିଆ ରାସ୍ତା, ପାଖ ପଡିଶାଙ୍କ ବାଡି ବଗିଚାରେ ଆମ୍ବ, ଜାମୁ, କୋଳି, ପଣସ, ଆତ ଓ କରମଙ୍ଗାର ସମ୍ଭାର । ମାମୁଁଘର ଗାଁରେ ଯାହା ଘରକୁ ବୁଲିଗଲେ କିମ୍ବା ବାଡିବଗିଚାକୁ ଯାଇ ଆମ୍ବ ହଉ କି ପିଜୁଳି; ଖାଇଲେ ବି କେହି ବାରଣ କରନ୍ତି ନାହିଁ । କାହିଁକି ନା ଏଠି ସମସ୍ତେ ମାମୁଁମାଇଁ ଓ ଅଜାଆଈ । ଏମିତି ଗ୍ରୀଷ୍ମ ଅବକାଶ ସମୟରେ ପିଲାଦିନ ଅତିବାହିତ ହୋଇଯାଏ ମାମୁଁଘର ଗାଁରେ । ଖରାଛୁଟି ସରିଗଲେ ଭାରି ମନ ଦୁଃଖ ହୁଏ । ପୁଣି ଗୋଟେ ବର୍ଷକୁ ଅପେକ୍ଷା । ଆଜି ମାମୁଁମାଇଁ, ଅଜାଆଈ ଅଛନ୍ତି । ସେହି ସମ୍ପର୍କ ଅଛି, କିନ୍ତୁ ସମୟ ସହ ମାମୁଁଘର ଗାଁର ମାନଚିତ୍ର ବଦଳି ଯାଇଛି । ଏବେ କିନ୍ତୁ ପିଲାମାନଙ୍କଠୁ ଆମେ ଛଡେଇ ନେଇଛେ ମାମୁଁଘର ଗାଁ ପରି ଗୋଟେ ଅତି ଆପଣାର ଜାଗା, ମାମୁଁମାଇଁ ଅଜାଆଈଙ୍କ ସହ ଘନିଷ୍ଠତା, ଗ୍ରୀଷ୍ମଅବକାଶ ବା ଖରାଛୁଟି ସମୟକୁ ବେପରୁଆ କଟେଇ ଦେବାର ସୌହାର୍ଦ୍ଦ୍ୟ ଓ ମହାର୍ଘ୍ୟର ସୁଯୋଗ ।

ସାଇପ୍ରସାଦ ସାହୁ
ସ୍ନାତକୋତ୍ତର ବାଣିଜ୍ୟ ( ଜିଏମ୍ ୟୁ ଛାତ୍ର )
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ,ସମ୍ବଲପୁର
ମୋ.ନଂ – ୯୯୩୭୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଅନ୍ୟରୂପ ବୃକ୍ଷ



ଅମୀୟ କୁମାର ପଧାନ

ଭାରତବର୍ଷ ପ୍ରାକୃତିକ ସମ୍ପତ୍ତିରେ ପରିପୂର୍ଣ୍ଣ । ପ୍ରାକୃତିକ ସମ୍ପତ୍ତିରେ ଗଚ୍ଛିତ ଭାରତବର୍ଷ ନିଶ୍ଚିତ ଭାବରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର, କାହିଁକି ନା ପ୍ରାକୃତିକ ସମ୍ପତ୍ତିରୁ ହିଁ ପ୍ରାକୃତିକ ସୌନ୍ଦର୍ଯ୍ୟର ସୃଷ୍ଟି । ପ୍ରାକୃତିକ ସମ୍ପତ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଦାହରଣ ସ୍ୱରୂପ – ପ୍ରାକୃତିକ ସମ୍ପତ୍ତିର ଗନ୍ତାଘର ହେଉଛି ହୀରାକୁଦ, ପୁନଶ୍ଚ ପ୍ରାକୃତିକ ସୌନ୍ଦର୍ଯ୍ୟର ମଧ୍ୟ ହୀରାକୁଦ । ପ୍ରକୃତିର ସୌନ୍ଦର୍ଯ୍ୟ ଯେଉଁଠି ପ୍ରାକୃତିକ ସମ୍ପତ୍ତି ମଧ୍ୟ ସେଇଠି । ପାହାଡ଼, ପର୍ବତ, ବଣ, ଜଙ୍ଗଲ, ନଦୀ ଓ ଝରଣା ପ୍ରଭୃତି ପ୍ରାକୃତିକ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ହେଲେ ମଧ୍ୟ ଏଗୁଡିକ ପ୍ରାକୃତିକ ସମ୍ପତ୍ତିର ଗନ୍ତାଘର । ସେହି ପ୍ରାକୃତିକ ସମ୍ପତ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ମୂଳ ଉପାଦାନ ହେଉଛି ବୃକ୍ଷ ।

ମନୁଷ୍ୟ ବୃକ୍ଷର ଉପାଦେୟତା କ'ଣ ଜାଣେ, ଅନୁଭବ ମଧ୍ୟ କରେ, କିନ୍ତୁ ଦୁଃଖର କଥା ସେ (ମନୁଷ୍ୟ) ସବୁକିଛୁ ଜାଣି ମଧ୍ୟ ସର୍ବଦା ଭୁଲ୍ କାର୍ଯ୍ୟରେ ଲିପ୍ତ ରୁହେ । ଭୁଲ୍ କାର୍ଯ୍ୟରେ ମନୁଷ୍ୟ ଲିପ୍ତ ତାହା ଏକ ଯୁକ୍ତିଯୁକ୍ତ । କାରଣ ମନୁଷ୍ୟ ମାତ୍ରକେ ଭୁଲ୍ ସ୍ୱାଭାବିକ । କିନ୍ତୁ ଜାଣିଶୁଣି ଭୁଲ୍ କରିବା ଏକ ଅପରାଧ । ବୃକ୍ଷ ହିଁ ଜୀବନ ଏହା ସର୍ବଦା ଯୁକ୍ତିଯୁକ୍ତ । ପ୍ରତ୍ୟେକ ମନୁଷ୍ୟ ଜାଣିଥାଏ "ବୃକ୍ଷ ହିଁ ଜୀବନ" । ଏହି ବୃକ୍ଷ ରୂପକ ଜୀବନ ହିଁ ଆମକୁ ସୁସ୍ଥ, ସବଳ ଓ ଶରୀରର ବୃଦ୍ଧି ହେବାରେ ସାହାଯ୍ୟ କରିଥାଏ । କାରଣ ବୃକ୍ଷରୁ ହିଁ ସୃଷ୍ଟି ହୁଏ ଜଳ, ବାୟୁ, ଅଗ୍ନି, ବସ୍ତ୍ର, ଖାଦ୍ୟ ତଥା ଜଣେ ମଣିଷର ବଞ୍ଚିବା ପାଇଁ ଯାହା ଆବଶ୍ୟକ ତାହା ଆମେ ବୃକ୍ଷରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିଁ ପାଇଥାଉ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସମାଜରେ ଜଣେ ମନୁଷ୍ୟ ବଞ୍ଚିବା ପାଇଁ ଯାହା ଆବଶ୍ୟକ ହୋଇଥାଏ ସେହି ଆବଶ୍ୟକତାକୁ ପୁରଣ କରିବାରେ ସାହାଯ୍ୟ କରିଥାଏ ପ୍ରାକୃତିକ ସମ୍ପଦ ଓ ବୃକ୍ଷ । ବୃକ୍ଷ ମନୁଷ୍ୟର ଜୀବନକୁ ସବୁ କ୍ଷେତ୍ରରେ ସାହାଯ୍ୟ କରିଥାଏ, ତାହା ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ । କେବଳ ମନୁଷ୍ୟ ନୁହେଁ ସମଗ୍ର ପ୍ରାଣୀଜଗତକୁ ବୃକ୍ଷ ହିଁ ସାହାଯ୍ୟ କରିଥାଏ । ଜୀବନ ରୂପକ ଶରୀରକୁ ବଞ୍ଚାଇ ରଖିବା ପାଇଁ ମନୁଷ୍ୟ ଅମ୍ଳଜାନ, ଫଳମୂଳ, ପନିପରିବା, ଭାତ, ଡାଲି, ରୁଟି ପ୍ରଭୃତି ଆବଶ୍ୟକ ଏବଂ ଏହି ଆବଶ୍ୟକତାକୁ ପୂରଣ କରିଥାଏ ବୃକ୍ଷ । ତେଣୁ ବୃକ୍ଷକୁ ମନୁଷ୍ୟର ବା ପ୍ରାଣୀଜଗତର ଜୀବନଦାତା ମଧ୍ୟ କହିପାରିବା । କେବଳ ବୃକ୍ଷ ମନୁଷ୍ୟ ବା ପ୍ରାଣୀଜଗତର ବଞ୍ଚିବା ପାଇଁ ଏକ ଶ୍ରେଷ୍ଠ ଉପାଦାନ ନୁହେଁ, ଏହା ସୌନ୍ଦର୍ଯ୍ୟକରଣ କରିବାର ଏକ ଉପାଦାନ । ପାହାଡର ସୌନ୍ଦର୍ଯ୍ୟକ୍ଷୟ ମଧ୍ୟ ବୃକ୍ଷ ଦ୍ୱାରା, ରାସ୍ତା କଡର ଉଭୟ ପାର୍ଶ୍ୱ ସୌନ୍ଦର୍ଯ୍ୟ କେବଳ ବୃକ୍ଷଦ୍ୱାରା, ପାର୍କର ସୌନ୍ଦର୍ଯ୍ୟ ବୃକ୍ଷ ଦ୍ୱାରା, ଏପରିକି ମନୁଷ୍ୟର ସୌନ୍ଦର୍ଯ୍ୟ ମଧ୍ୟ ବୃକ୍ଷ ଦ୍ୱାରା ହୋଇଥାଏ । ତେଣୁ ଆମେ ଜାଣିଲା ଯେ ସବୁ କ୍ଷେତ୍ରରେ ବୃକ୍ଷର ହିଁ ଅବଦାନ ରହିଛି ଏହା ସର୍ବତ୍ର ସ୍ୱୀକାର୍ଯ୍ୟ ।

ସେଥିପାଇଁ କୁହାଯାଇପାରେ ମନୁଷ୍ୟର ଜୀବନ ରୂପକ ଡଙ୍ଗାର ନାଉରି ସାଜି ବୃକ୍ଷ ରୂପକ ଜୀବନ ହସ, ଖୁସି, ଲୁହ ଦେଇ ସଂସାରରୁ ବିଦାୟ ନେଇଥାଏ ।

ଓଡ଼ିଆ (ସମ୍ମାନ)

ଗଙ୍ଗାଧର ମେହେର୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋପବନ୍ଧୁ ଦାସ



ଦେବେନ୍ଦ୍ର ସାମଲ

ଗୋପବନ୍ଧୁ ଦାସ ୯ ଅକ୍ଟୋବର ୧୮୭୭ ରେ ପୁରୀ ନିକଟ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଯାହାକୁ ସେତେବେଳେ ଓଡ଼ିଶା କୁହା ଯାଉଥିଲା । ତାଙ୍କ ମା ଥିଲେ ଦୈତାରୀ ଦାସଙ୍କ ତୃତୀୟ ପତ୍ନୀ ସ୍ୱର୍ଣ୍ଣମୟୀ ଦେବୀ । ତାଙ୍କ ପିତା ଜଣେ ମୁଖିଆ ଥିଲେ ଏବଂ ପରିବାର ଯଥାର୍ଥ ଭାବରେ ସୁସ୍ଥ ଥିଲେ । ଦାସ ବାର ବର୍ଷ ବୟସରେ ବିବାହ କରିଥିଲେ କିନ୍ତୁ ତାଙ୍କ ଶିକ୍ଷା ଜାରି ରଖିଥିଲେ । ନିକଟସ୍ଥ ଏକ ମଧ୍ୟମ ବିଦ୍ୟାଳୟକୁ ଅଗ୍ରଗତି କରିବା ପୂର୍ବରୁ ସେ ଗାଁରେ ମୌଳିକ ଶିକ୍ଷା କରିଥିଲେ । ତା'ପରେ, ୧୮୯୩ ମସିହାରେ, ଯେଉଁ ସମୟରେ ତାଙ୍କ ମାଙ୍କର ମୃତ୍ୟୁ ହୋଇଥିଲା, ଦାସ ପୁରୀ ଜିଲ୍ଲା ବିଦ୍ୟାଳୟରେ ଯୋଗ ଦେଇଥିଲେ । ସେଠାରେ ସେ ମୁଖିଆ ରାମଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ, ଯିଏ ଜଣେ ଜାତୀୟତାବାଦୀ ତଥା ଦୁଃଖ ସମୟରେ ଲୋକଙ୍କୁ ସାହାଯ୍ୟ କରିବାରେ ଜନସେବା ପ୍ରୋତ୍ସାହକ ଥିଲେ । ସହଯୋଗର ଭାବନାରେ ନିଜ ସାଥୀ ପିଲାମାନଙ୍କୁ ସଂଗଠିତ କରିବାରେ ପାରଦର୍ଶୀ ହୋଇ କଲେରା ରୋଗୀ ପୀଡ଼ିତଙ୍କ ପାଇଁ କର୍ତ୍ତୃପକ୍ଷଙ୍କ ଅନୁପଯୁକ୍ତ ପ୍ରତିକ୍ରିୟା ତାଙ୍କୁ ପୁରୀ ସେବା ସମିତି ନାମକ ଏକ ସ୍ୱେଚ୍ଛାସେବୀ ଦଳ ଆରମ୍ଭ କରିବାକୁ ପ୍ରେରିତ କଲା । ଏହାର ସଦସ୍ୟମାନେ ଏହି ରୋଗରେ ପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିଥିଲେ ଏବଂ ମୃତମାନଙ୍କୁ ମଧ୍ୟ ଶବଦାହ କରିଥିଲେ ।

ଦାସ, ଯାହାର ପିତା ବର୍ତ୍ତମାନ ସୁଦ୍ଧା ମରିଯାଇଥିଲେ, ସେ କଟକସ୍ଥିତ ରେଭେନ୍ସା କଲେଜରେ ଅଗ୍ରଗତି କଲେ । ସେ ଇନ୍ଦ୍ରଧନୁ ଏବଂ ବିଜୁଳି ନାମକ ସ୍ଥାନୀୟ ସାହିତ୍ୟ ପତ୍ରିକାରେ ନିୟମିତ ଯୋଗଦାନ ଦେଇଥିଲେ, ଯେଉଁଠାରେ ସେ ଯୁକ୍ତି କରିଥିଲେ ଯେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେକୌଣସି ଆଧୁନିକ ରାଷ୍ଟ୍ର ପରି ଯେକୌଣସି ଆଧୁନିକ ସାହିତ୍ୟ ଆନ୍ଦୋଳନ ପୁରାତନଙ୍କ ସହ ଏକ ବିଶୁଦ୍ଧ ବ୍ରେକ୍ ହୋଇପାରିବ ନାହିଁ ବରଂ ଏହାର ଅତୀତକୁ ସ୍ୱୀକାର କରିବାକୁ ପଡିବ । ଗୋଟିଏ ଘଟଣାରେ, ସେ ଏକ ବ୍ୟଙ୍ଗାତ୍ମକ କବିତା ଦାଖଲ କରିଥିଲେ ଯାହା ବିଦ୍ୟାଳୟର ଇନ୍‌ସପେକ୍ଟରଙ୍କୁ ଏତେ କ୍ରୋଧିତ କରିଥିଲା ଯେ ଦାସ ଏଥିପାଇଁ କ୍ଷମା ମାଗିବାକୁ ମନା କରିବାବେଳେ ତାଙ୍କୁ ଦଣ୍ଡ ଦିଆଯାଇଥିଲା ।

ରେଭେନ୍‌ସା ଠାରେ ଯେତେବେଳେ ଦାସ କର୍ତବ୍ୟ ବୋଧିନୀ ସମିତି | (ଡ୍ୟୁଟି ଜାଗରଣ ସୋସାଇଟି) ନାମକ ଏକ ଆଲୋଚନା ଗୋଷ୍ଠୀ ଆରମ୍ଭ କରିଥିଲେ, ଯେଉଁଥିରେ ସେ ଏବଂ ତାଙ୍କ ସାଙ୍ଗମାନେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସମସ୍ୟା ଭାବରେ ବିବେଚନା କରିଥିଲେ । ୧୯୦୩ ମସିହାରେ ମଧ୍ୟ ଏହି ସମୟରେ ସେ ଉତ୍କଳ ସମ୍ମିଳନୀ (ଉତ୍କଳ ୟୁନିଅନ ସମ୍ମିଳନୀ)ର ଏକ ସଭାରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ମଧୁସୂଦନ ଦାସଙ୍କ ପରାମର୍ଶରେ ସହମତ ହୋଇନଥିଲେ ଯେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ବଙ୍ଗଳା ରାଷ୍ଟ୍ରପତିଙ୍କ ସହ ମିଶ୍ରଣ କରାଯିବା ଉଚିତ ।  ଏହି ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକଳାପ, ଯେଉଁଥିରେ ବନ୍ୟାରେ ପୀଡିତମାନଙ୍କୁ ସାହାଯ୍ୟ କରିବା ମଧ୍ୟ ତାଙ୍କ ଏକାଡେମିକ୍ ଅଧ୍ୟୟନ ଉପରେ ପ୍ରଭାବ ପକାଇଥିଲା ଯେ ସେ ଡିଗ୍ରୀ ପରୀକ୍ଷାରେ ବିଫଳ ହୋଇଥିଲେ, ଯଦିଓ ସେ ଦ୍ୱିତୀୟ ପ୍ରୟାସରେ ବିଏ ହାସଲ କରିଥିଲେ ।  ରେଭେନ୍‌ସା ସମୟରେ ମଧ୍ୟ ତାଙ୍କର ନବଜାତ ପୁତ୍ରର ମୃତ୍ୟୁ ହୋଇଥିଲା;ସେ ଅସୁସ୍ଥ ପୁଅ ସହିତ ରହିବା ପରିବର୍ତ୍ତେ ବନ୍ୟା ପୀଡିତଙ୍କ ସହ ମୁକାବିଲା କରିବାକୁ ତାଙ୍କର ପସନ୍ଦକୁ ବ୍ୟାଖ୍ୟା କରିଥିଲେ କାରଣ "ମୋ ପୁଅର ଯତ୍ନ ନେବାକୁ ବହୁତ ଲୋକ ଅଛନ୍ତି ।  ମୁଁ ଆଉ କ'ଣ କରିପାରିବି ? କିନ୍ତୁ ପ୍ରଭାବିତ ଅଞ୍ଚଳରେ ସାହାଯ୍ୟ ପାଇଁ ବହୁତ ଲୋକ କାନ୍ଦୁଛନ୍ତି ଏବଂ ସେଠାକୁ ଯିବା ମୋର କର୍ତ୍ତବ୍ୟ । ପ୍ରଭୁ ଜଗନ୍ନାଥ ବାଳକଟିର ଯତ୍ନ ନେବାକୁ ଏଠାରେ ଅଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାସ କଲିକତା ବିଶ୍ୱବିଦ୍ୟାଳୟକୁ ଅଗ୍ରଗତି କଲେ, ଯେଉଁଠାରେ ସେ ଏମଏ ଏବଂ ଏଲ.ଏଲ.ବି ହାସଲ କରିଥିବାବେଳେ ଏକାସାଙ୍ଗରେ ସହରରେ ରହୁଥିବା ଓଡିଆ ଲୋକଙ୍କ ଶିକ୍ଷାର ଉନ୍ନତି ପାଇଁ ଚେଷ୍ଟା କରିଥିଲେ, ଯେଉଁମାନଙ୍କ ପାଇଁ ସେ ରାତ୍ରି ବିଦ୍ୟାଳୟ ଖୋଲିଥିଲେ । ସାମାଜିକ ସଂସ୍କାର ଏବଂ ଶିକ୍ଷାଗତ ଉନ୍ନତି ଆଣିବାକୁ ତାଙ୍କର ଇଚ୍ଛା ଏହି ସମୟରେ ସ୍ୱଦେଶୀ ଆନ୍ଦୋଳନର ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲା । ସେ ତାଙ୍କ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଦିନ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ୨୮ ବର୍ଷ ବୟସରେ, ତାଙ୍କର ସମସ୍ତ ତିନି ପୁଅଙ୍କର ମୃତ୍ୟୁ ଘଟିଛି ଏବଂ ସେ ତାଙ୍କ ଦୁଇ ଝିଅର ଯତ୍ନ ନେବାକୁ ଏକ ବଡ ଭାଇକୁ ଦେବା ସହ ସୁଆଣ୍ଡୋରେ ଥିବା ସମ୍ପତ୍ତିର ଅଂଶ ମଧ୍ୟ ଦେବା ପାଇଁ ମନୋନୀତ ହୋଇଥିଲେ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ । ଏହା ପରେ ସେ ଜଣେ ଓକିଲ ହେଲେ, ପୁରୀ ଏବଂ କଟକ ଉପରେ ଆଧାରିତ ବୋଲି ବର୍ଣ୍ଣନା କରାଯାଇଥିଲା । ୧୯୦୯ ମସିହାରେ, ମଧୁସୂଦନ ଦାସ ତାଙ୍କୁ ମୟୂରଭଞ୍ଜର ରାଜକୁମାର ରାଜ୍ୟ ପାଇଁ ରାଜ୍ ପ୍ଲିଡର୍ ଅଫିସର ଭାବରେ ନିଯୁକ୍ତ କରିଥିଲେ ।

ଆଇନ୍ ତାଙ୍କୁ ଆଗ୍ରହ ପ୍ରକାଶ କରୁ ନଥିବାରୁ ଦାଶ ତାଙ୍କର ଅଭ୍ୟାସ ତ୍ୟାଗ କରି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କଲେ ।

୧୯୦୯ ମସିହାରେ, ଦାଶ ପୁରୀ ନିକଟ ସାକ୍ଷୀଗୋପାଳଠାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟ ନାମରେ ଜଣାଶୁଣା, କିନ୍ତୁ ଦାସଙ୍କ ଦ୍ୱାରା ୟୁନିଭର୍ସାଲ୍ ଏଜୁକେସନ୍ ଲିଗ୍ କୁହାଯାଉଥିଲା, ଏହି ଶିକ୍ଷା ସୋସାଇଟି ଦ୍ୱାରା ଅନୁପ୍ରାଣିତ ହୋଇ ଗୁରୁକୁଳ ପରମ୍ପରାରେ କାର୍ଯ୍ୟ କରିଥିଲା ଏବଂ ଓଡ଼ିଆ ବ୍ରାହ୍ମଣମାନଙ୍କ ବିରୋଧ ସତ୍ତ୍ୱେ ଏହା ଏକ ଅଣ-ସମ୍ପ୍ରଦାୟ ଭିତ୍ତିରେ ଏକ ଉଦାରବାଦୀ ଶିକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲା । ସେ ବିଶ୍ୱାସ କରୁଥିଲେ ଯେ ଯଦି ଲୋକମାନେ ସେମାନଙ୍କର ଉଭୟ ସ୍ୱାଧୀନତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ସେମାନଙ୍କ ଦେଶ ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଅବଗତ ହୁଅନ୍ତି ତେବେ ଶିକ୍ଷା ଆବଶ୍ୟକ ଅଟେ । ସେ ଭାବିଥିଲେ ଯେ ଶିକ୍ଷା ପିଲାଙ୍କୁ ମାନସିକ, ଶାରୀରିକ ଏବଂ ଆଧ୍ୟାତ୍ମିକ ଭାବରେ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ । ତାଙ୍କ ପ୍ରଣାଳୀ ସମସ୍ତ ଜାତି ଏବଂ ବର୍ଗର ପିଲାମାନଙ୍କୁ ଏକାଠି ବସିବା, ଏକାଠି ଭୋଜନ କରିବା ଏବଂ ଏକାଠି ଅଧ୍ୟୟନ କରିବାକୁ ଅନୁମତି ଦେଲା । ବିଦ୍ୟାଳୟରେ ଆବାସିକ ବିଦ୍ୟାଳୟ, ପ୍ରାକୃତିକ ସ୍ଥିତିରେ ଶିକ୍ଷାଦାନ ଏବଂ ଶିକ୍ଷକ ଏବଂ ଶିକ୍ଷକଙ୍କ ମଧ୍ୟରେ ଆନ୍ତରିକ ସମ୍ପର୍କ ଭଳି ବୈଶିଷ୍ଟ୍ୟ ରହିଥିଲା । ଦାସ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଶିକ୍ଷା ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାବାଦୀ ଭାବନା ସୃଷ୍ଟି କରିବାକୁ ଚାହୁଁଥିଲେ ଏବଂ ସେମାନଙ୍କୁ ମାନବଜାତିର ସେବା ମୂଲ୍ୟ ଶିଖାଇବାକୁ ଚାହୁଁଥିଲେ ।

ସେ ଗ୍ରହଣ କରିଥିବା ସକରାତ୍ମକ ପ୍ରତିକ୍ରିୟାରେ ଅତ୍ୟଧିକ ଉତ୍ସାହିତ ହୋଇ ପରବର୍ତ୍ତୀ ବର୍ଷରେ ବିଦ୍ୟାଳୟଟି ଏକ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା । ଏହା କଲିକତା ବିଶ୍ୱବିଦ୍ୟାଳୟରୁ ଅନୁବନ୍ଧିତ ହୋଇଥିଲା ଏବଂ ୧୯୧୪ରେ ଏହାର ପ୍ରଥମ ମାଟ୍ରିକ୍ ପରୀକ୍ଷା କରିଥିଲା । ଏହି ବିଦ୍ୟାଳୟ ୧୯୧୭ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଏକ ଅନୁବନ୍ଧିତ ହୋଇଥିଲା । ଏହା ୧୯୨୧ ମସିହାରେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ ହୋଇଥିଲା । ବିଦ୍ୟାଳୟଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲା ଏବଂ ଶେଷରେ ୧୯୨୬ ମସିହାରେ ବନ୍ଦ ହୋଇଯାଇଥିଲା । ଦାଶ ବିଦ୍ୟାଳୟରେ ଅଧିକ ସମୟ ଶିକ୍ଷାଦାନ କରି ନଥିଲେ କିନ୍ତୁ ଅନ୍ୟ ସମୟରେ ତାଙ୍କ ଚାପଥିବାରୁ ସେ ଏହାର ପରିଚାଳକ ଭାବରେ ଅନୌପଚାରିକ ଭାବରେ କାର୍ଯ୍ୟ କରିଥିଲେ । ଏଥିସହ ସେ ଏଥିପାଇଁ ପାଣ୍ଠି ସଂଗ୍ରହ କରିବାକୁ, ଏହାର ପାଠ୍ୟକ୍ରମକୁ ମାର୍ଗଦର୍ଶନ କରିବାକୁ ଏବଂ ଛାତ୍ରମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରିଥିଲେ । ମଧୁସୂଦନ ଦାସ ଗୋପବନ୍ଧୁ ଦାସଙ୍କୁ ବିଧାନ ପରିଷଦ

 Magazine Downloaded from www.aahwaan.com

ନିର୍ବାଚନରେ ଛିଡା ହେବାକୁ ଉତ୍ସାହିତ କରିଥିଲେ ଯାହାକି ୧୯୦୯ ମସିହାରେ ମର୍ଲି-ମିନଟୋ ସଂସ୍କାର ଅନୁଯାୟୀ ସୃଷ୍ଟି ହୋଇଥିଲା । ସେ ଶେଷରେ ତାଙ୍କର ଅନିଚ୍ଛାକୁ ଅତିକ୍ରମ କଲେ, ଠିଆ ହେଲେ ଏବଂ ୧୯୧୭ରେ ନିର୍ବାଚିତ ହୋଇଥିଲେ । ସେଠାରେ ସେ ଚାରୋଟି ବିଷୟବସ୍ତୁ ଉପରେ ନିଜର ଉଦ୍ୟମକୁ ଏକାଗ୍ର କରିଥିଲେ:

ବଙ୍ଗଳା ପ୍ରଦେଶ, କେନ୍ଦ୍ରୀୟ ପ୍ରଦେଶ, ମାଡ୍ରାସ ପ୍ରେସିଡେନ୍ସି ଏବଂ ବିହାର ଏବଂ ଓଡ଼ିଶା ପ୍ରଦେଶର ଓଡିଆ ଭାଷାଭାଷୀ ଅଞ୍ଚଳର ଏକକ ସଂସ୍ଥାରେ ପ୍ରଶାସନିକ ମିଶ୍ରଣ ।

ଓଡ଼ିଶାରେ ଦୁର୍ଭିକ୍ଷ ଏବଂ ବନ୍ୟା ଦୂର କରିବା, ଏକ୍ସାଇଜ୍ ଡ୍ୟୁଟି ନକରି ଲୁଣ ଉତ୍ପାଦନ କରିବାର ଅଞ୍ଚଳର ପୁନରୁଦ୍ଧାର, ସେ ସତ୍ୟବାଦି ବିଦ୍ୟାଳୟରେ ପ୍ରତିଷ୍ଠା କରିଥିବା ଏକ ମଡେଲ ଉପରେ ଶିକ୍ଷାର ବିସ୍ତାର

ଦାସ ୧୯୧୯କିମ୍ବା ୧୯୨୦ରେ ବିଧାନ ପରିଷଦର ସଦସ୍ୟ ହେବା ବନ୍ଦ କରିଦେଲେ ।

ତାଙ୍କର ବିଧାନ ପରିଷଦ ଭୂମିକା ପୂର୍ବରୁ ଦାସ ଆଞ୍ଚଳିକ ରାଜନୀତିରେ ଜଡିତ ଥିଲେ । ସେ ୧୯୦୩ରୁ ଉତ୍କଳ ସମ୍ମିଳନୀ ସଦସ୍ୟ ଥିଲେ ଏବଂ ୧୯୧୯ ମସିହାରେ ଏହାର ସଭାପତି ଥିଲେ । ଏହାର ସଦସ୍ୟମାନେ ୩୧ ଡିସେମ୍ବର ୧୯୨୦ରେ ଏକ ସମ୍ମିଳନୀରେ ଅଣ-ସହଯୋଗ ଆନ୍ଦୋଳନରେ ଯୋଗଦେବାକୁ ସ୍ଥିର କରିବା ପରେ, ଦାଶ ପ୍ରଭାବଶାଳୀ ଭାବରେ ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ହୋଇଥିଲେ । କଲିକତା ଏବଂ ନାଗପୁରରେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ବୈଠକରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କୁ ଉତ୍କଳ ସମ୍ମିଳନୀନଙ୍କ ମୂଳ ଲକ୍ଷ୍ୟକୁ କଥିତ ଭାଷା ଉପରେ ଆଧାର କରି ରାଜ୍ୟ ସଂଗଠନର ମୂଳ ଲକ୍ଷ୍ୟ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା ପାଇଁ ସେ ଏହା ଦିଗରେ କାର୍ଯ୍ୟ କରିଥିଲେ । ସେ ୧୯୨୦ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ହୋଇଥିଲେ ଏବଂ ୧୯୨୮ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ ଏବଂ ୧୯୨୧ ମସିହାରେ ସେ ଗାନ୍ଧୀଙ୍କୁ ଏହି ପ୍ରଦେଶକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱାଗତ କରିଥିଲେ ।

୧୯୨୧ ମସିହାରେ ଦାସଙ୍କୁ ପୋଲିସ ଦ୍ୱାରା ମହିଳାଙ୍କ ପ୍ରତି ନିର୍ଯାତନା ଦିଆଯାଇଥିବା ଅଭିଯୋଗରେ ଗିରଫ କରାଯାଇଥିଲା କିନ୍ତୁ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା । ଦୁଇ ବର୍ଷ ଜେଲଦଣ୍ଡ ପାଇବା ପରେ ତାଙ୍କୁ ୧୯୨୨ ମସିହାରେ ପୁନର୍ବାର ଗିରଫ କରାଯାଇଥିଲା । ତାଙ୍କୁ ୨୬ଜୁନ୍ ୧୯୨୪ରେ ହଜାରିବାଗ ଜେଲରୁ ମୁକ୍ତ କରାଯାଇଥିଲା ।

ଗୋପବନ୍ଧୁ ଏପ୍ରିଲ ୧୯୨୮ରେ ଲୋକସେବା ମଣ୍ଡଳର ଅଲ ଇଣ୍ଡିଆର ଉପ-ରାଷ୍ଟ୍ରପତି ହୋଇଥିଲେ । ଲାହୋରରେ ଏକ ସମାଜ ସଭାରେ ଯୋଗଦେବା ବେଳେ ସେ ଅସୁସ୍ଥ ହୋଇ ପଡିଥିଲେ ଏବଂ ୧୭ ଜୁନ୍ ୧୯୨୮ରେ ମୃତ୍ୟୁ ବରଣ କରିଥିଲେ ।

ରାଜନୈତିକ ବିଜ୍ଞାନର ପ୍ରଫେସର ବ୍ରାହ୍ମଣାନନ୍ଦ ସତ୍ୟପାଠ ଦାସଙ୍କ ବିଷୟରେ କହିଛନ୍ତି ଯେ ଅସ୍ପୃଶ୍ୟତା ବିରୁଦ୍ଧରେ ତାଙ୍କର ବିଧବା ପୁନଃବିବାହର ପ୍ରଚାର, ସାକ୍ଷରତା ପାଇଁ ଅଭିଯାନ, ଶିକ୍ଷାର ନୂତନ ମଡେଲ୍, ଉଭୟ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଚାପ, ମହିଳା ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ, ବୃତ୍ତିଗତ ତାଲିମ ଏବଂ ସର୍ବୋପରି ଗରିବ ଏବଂ ଦରିଦ୍ରମାନଙ୍କ ପ୍ରତି ଏକ ଗଭୀର ପ୍ରତିବଦ୍ଧତା ଏବଂ କରୁଣା ତାଙ୍କୁ ଓଡ଼ିଶା ଏବଂ ଭାରତରେ ଅମର କରିଦେଇଛି ।

ଭ୍ରାମ୍ୟଭାଷ : ୯୪୩୯୯୦୯୪୨୨
ନୁଆ ଗଭର୍ଣ୍ଣମେଣ୍ଟ କଲୋନୀ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ୍ଥା ଓ ଶ୍ରଦ୍ଧା



ବାଲ୍ମୀକି ନାୟକ

ଆସ୍ଥା ଓ ଶ୍ରଦ୍ଧା ଦୁଇଟିଯାକ ମଣିଷର ଅତି ମହନୀୟ ଗୁଣ । ଭୌତିକ ଜଗତରେ ଏହି ଦୁଇଟି ଗୁଣର ଅଭାବରେ ମଣିଷ କ୍ଷଣେ ମଧ୍ୟ ବଞ୍ଚି ପାରିବନାହିଁ । ଆସ୍ଥା ଅର୍ଥ ବିଶ୍ୱାସ । ଯାହା ଉପରେ ଆସ୍ଥା ଥାଏ ତାହାକୁ ହିଁ ଶ୍ରଦ୍ଧା କରାଯାଏ । ଦୁନିଆର ଜୀବନ୍ତ ହେଉ କି ଜଡ଼ କୌଣସି ବସ୍ତୁ ଉପରେ ପ୍ରଥମେ ବିଶ୍ୱାସ ଆସିବା ଆବଶ୍ୟକ ତା'ପରେ ତାହାକୁ ଶ୍ରଦ୍ଧା କରିବା ବା ଭଲପାଇବା ଆରମ୍ଭ ହୁଏ । ଜଡ଼ ବସ୍ତୁ ପାଇଁ କମ କିନ୍ତୁ ଜୀବନ୍ତ ପ୍ରାଣୀ ପାଇଁ ଏହି ଶବ୍ଦ ଦୁଇଟି ବେଶୀ ପ୍ରଯୁଜ୍ୟ । ପରିବାରରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ଆସ୍ଥା ସ୍ଥାପନ ହେଲେ ପରସ୍ପର ପ୍ରତି ଶ୍ରଦ୍ଧା ବୃଦ୍ଧି ପାଏ । ବାପା ଓ ମାଆଙ୍କ ଉପରେ ପିଲାଙ୍କ ଆସ୍ଥା ରହିଲେ ସେମାନଙ୍କର ଶ୍ରଦ୍ଧା ବଢିଯାଏ । ସେହିଭଳି ସମାଜର ସମସ୍ତ କ୍ଷେତ୍ରରେ ପ୍ରଥମେ ଆସ୍ଥା ବା ବିଶ୍ୱାସ ଜାତ ହେଲେ ପରେ ଶ୍ରଦ୍ଧା ବୃଦ୍ଧିପାଏ । ଏସବୁ କ୍ଷେତ୍ରରେ ଆସ୍ଥା ସ୍ଥାପନ ପାଇଁ ସର୍ତ୍ତ ହେଉଛି ଉତ୍ତମ ଗୁଣ ଓ କର୍ମ । ଯାହାର ଗୁଣ ଓ କର୍ମ ବିଶ୍ୱସନୀୟ ନୁହେଁ ତା'ଉପରେ କେହି ଆସ୍ଥା ରଖିପାରିବେ ନାହିଁ । ଶ୍ରଦ୍ଧା କରିବା ତ ବହୁତ ଦୂର କଥା ।

ଆମେ ଏଇଠି ଆଧିଭୌତିକ ଜଗତର ଆସ୍ଥା ଓ ଶ୍ରଦ୍ଧା ଉପରେ ମଧ୍ୟ ଆଲୋଚନା କରିବା । ଆଧିଭୌତିକ ଜଗତର ବସ୍ତୁ ଗୁଡିକ ହେଉଛି ସମ୍ପୂର୍ଣ୍ଣ କାଳ୍ପନିକ ଯଥା: ଈଶ୍ୱର, ଆତ୍ମା, ପରମାତ୍ମା, ସ୍ୱର୍ଗ, ନର୍କ, ପୁନର୍ଜନ୍ମ, ମୋକ୍ଷ ଓ ପ୍ରାରବ୍ଧ । ଏହି ସବୁ ବସ୍ତୁ ଉପରେ ପ୍ରଥମେ ଆସ୍ଥା ବା ବିଶ୍ୱାସ ସ୍ଥାପନ କରିବାକୁ କୁହାଯାଉଛି । ସେଥିପାଇଁ କୁହାଯାଇଛି -

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର ।' ବିଶ୍ୱାସ କରିବା ପରେ ସେଗୁଡିକୁ ଶ୍ରଦ୍ଧା କରିବାକୁ ମଧ୍ୟ କୁହାଯାଉଛି । ଏଗୁଡିକର ଗୁଣ ଓ କର୍ମ ଉପରେ କିନ୍ତୁ ସନ୍ଦେହ ରହୁଛି ତେଣୁ ସହଜରେ ବିଶ୍ୱାସ ହେଉନି । ତଥାପି ଦୁନିଆର ଅଧିକାଂଶ ଧର୍ମଭୀରୁ ଲୋକ ଏଗୁଡ଼ିକୁ ବିଶ୍ୱାସ କରୁଛନ୍ତି । କାରଣ ଏହାକୁ ନେଇ ସନ୍ଦେହ କରିବା ବା ପ୍ରଶ୍ନ କରିବାର ଅଧିକାର ଦିଆଯାଇନାହିଁ । ପ୍ରଶ୍ନ କଲେ ନର୍କ ଦଣ୍ଡ ଭୋଗ କରିବ । ଏହା ହେଉଛି ଧାର୍ମିକ ସମାଜର ମାନ୍ୟତା । ଭାରତରେ ଏହାର ଅନେକ ଉଦାହରଣ ରହିଛି ।

୧. ଆମର ସୋମନାଥ ମନ୍ଦିର ଉପରେ ୧୭ ଥର ମହମ୍ମଦ ଗଜନୀ ଦ୍ୱାରା ଆକ୍ରମଣ ହୋଇଛି । ପ୍ରତିଥର ସେଠିକାର ପୂଜାରୀଗଣ ଭଗବାନଙ୍କ ଉପରେ ଗଭୀର ଆସ୍ଥା ରଖୁଥିବାରୁ ହାତରେ ତମ୍ବା ପାତ୍ରରେ ପାଣି ଧରି ମନ୍ତ୍ର ଉଚ୍ଚାରଣ କରି ମୋଗଲ ସୈନିକମାନଙ୍କ ଉପରକୁ ଛାଟୁଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଆମର ଦେବତା ସେମାନଙ୍କୁ ଧ୍ୱଂସ କରିଦେବେ । କିନ୍ତୁ କେହି ବି ଧ୍ୱଂସ ହେଲେନି । ସମସ୍ତେ ଅପାର ଧନ ସମ୍ପତ୍ତି ଲୁଟିନେଇ ନିର୍ବିଘ୍ନରେ ଫେରିଗଲେ । ଯଦି ସେତେବେଳେ ପ୍ରଥମ ଥର ହିଁ ପୂଜାରୀଙ୍କ ମନରେ ପ୍ରଶ୍ନ ଉଠିଥାନ୍ତା ଯେ ନିର୍ଜୀବ ପଥର ମୂର୍ତ୍ତି କିପରି ଏମାନଙ୍କୁ ଧ୍ୱଂସ କରିପାରିବ ? ତେବେ ନିଶ୍ଚୟ ଆମଦେଶର ରାଜାଙ୍କ ସୈନିକମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତେ - ମନ୍ଦିରକୁ ରକ୍ଷା କରିବାପାଇଁ ଶତ୍ରୁମାନଙ୍କୁ ଶସ୍ତ୍ର ଦ୍ୱାରା ପ୍ରତିରୋଧ କର । ତେବେ ଗଜନୀ ବାରମ୍ବାର ଆକ୍ରମଣ କରିବାକୁ ସାହସ କରିନଥାନ୍ତା । ମନ୍ଦିର ଓ ଧନ ସମ୍ପତ୍ତି ସୁରକ୍ଷିତ ରହିପାରିଥାନ୍ତା ।

୨. ସ୍ୱାମୀ ଦୟାନନ୍ଦଙ୍କ କାହାଣୀ ହେଉଛି - ତାଙ୍କର ପିଲାଦିନର ନାମ ଥିଲା 'ମୂଳଶଙ୍କର' । ଗୋଟିଏ ଶିବରାତ୍ର ଦିନ ମୂଳଶଙ୍କର ଦେଖିଲେ ଗୋଟିଏ ମୂଷା ଶିବଲିଙ୍ଗ ଉପରକୁ ଚଢିଯାଉଛି ଏବଂ ତା'ଉପରେ ଥୁଆ ହୋଇଥିବା ଫଳ ଓ ଅନ୍ୟ ଭୋଗକୁ ଖାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଳକୁ ଓହ୍ଲାଇ ଯାଉଛି । ମୂଳଶଙ୍କର ନିଜର ଶ୍ରଦ୍ଧାକୁ ତ୍ୟାଗ କରି ନିଜକୁ ପ୍ରଶ୍ନ କଲେ - ଯେଉଁ ଭଗବାନଙ୍କ ମୂର୍ତ୍ତି ନିଜର ଭୋଗକୁ ସାମାନ୍ୟ ମୂଷାଠାରୁ ରକ୍ଷା କରିପାରୁନି ସେ ଆମର ରକ୍ଷା କରିବ କିପରି ? ସେହି ପ୍ରଶ୍ନ ପୂଜାରୀଙ୍କୁ ପଚାରିଲେ । ପୂଜାରୀ କହିଲେ - ଏହି ପଥରମୂର୍ତ୍ତି ସତ୍ୟଶିବ ନୁହନ୍ତି । ଏହା ଶୁଣି ମୂଳଶଙ୍କର ସେଠାରୁ ଚାଲିଗଲେ ଏବଂ ସେ ମନେ ମନେ ସ୍ଥିର କଲେ ମୁଁ ସତ୍ୟଶିବଙ୍କୁ ଖୋଜି ବାହାର କରିବି । ସେ ଘରକୁ ଆସି ବହୁତ ବିଚଳିତ ରହିଲେ । ଏହାଦେଖି ତାଙ୍କର ପିତା ଓ ମାତା ମଧ୍ୟ ବହୁତ ଚିନ୍ତିତ ହୋଇପଡିଲେ । ପିତା, ମାତା ତାଙ୍କର ବିବାହ କରିଦେବାକୁ ଚାହିଁଲେ କିନ୍ତୁ ମୂଳଶଙ୍କର ଘର ଛାଡି ଚାଲିଗଲେ । ସେ ବାହାରେ ନିରୁଦ୍ଦିଷ୍ଟ ଭାବେ କିଛିଦିନ ବୁଲିବାପରେ ଶେଷରେ ସେ ଗୁରୁ ବିରଜାନନ୍ଦଙ୍କୁ ଭେଟିଲେ । ତାଙ୍କଠାରୁ ସେ ଶିକ୍ଷା ପ୍ରାପ୍ତ କଲେ । ଶିକ୍ଷା ସମାପ୍ତି ପରେ ମୂଳଶଙ୍କର, ଥାଳିରେ ଲବଙ୍ଗ ଭର୍ତ୍ତିକରି ଗୁରୁଙ୍କୁ ଗୁରୁଦକ୍ଷିଣା ଦେବାକୁ ଚାହିଁଲେ । ଗୁରୁ କହିଲେ - ତୁମେ ଯାହା ମୋଠାରୁ ଶିକ୍ଷା ଲାଭ କଲ, ତାହା ଯାଇ ସମାଜରେ ପ୍ରଚାର କର । ଗୁରୁ ତାଙ୍କୁ 'ସ୍ୱାମୀ ଦୟାନନ୍ଦ' ନାମ ଦେଲେ ।

ସ୍ୱାମୀ ଦୟାନନ୍ଦ ତାଙ୍କର ସାରା ଜୀବନ ମୂର୍ତ୍ତି ପୂଜା ବିରୋଧରେ ପ୍ରଚାର କଲେ । ସେଥିପାଇଁ ତାଙ୍କୁ ସତର ଥର ମାରିଦେବାକୁ ମୌଳବାଦୀମାନେ ଚେଷ୍ଟାକରିଛନ୍ତି । ତଥାପି ସେ ସତ୍ୟର ମାର୍ଗରୁ ବିଚ୍ୟୁତ ହୋଇନଥିଲେ । ତାଙ୍କର ମତ ଥିଲା ନିର୍ଜୀବ କାଠ ବା ପଥର ମୂର୍ତ୍ତି ଆମର କୌଣସି କ୍ଷତି ବା ଲାଭ କରିପାରିବନାହିଁ । ଶେଷରେ ତାଙ୍କୁ କୌଶଳରେ ବିଷ ଦେଇ ହତ୍ୟା କରିଦିଆଗଲା ।

୩. ଅନ୍ୟ ଏକ କାହାଣୀ ମହମ୍ମଦ ଘୋରୀର - ରାଜା ଜୟଚନ୍ଦ, ରାଜା ପୃଥ୍ୱିରାଜଙ୍କୁ ପରାସ୍ତ କରିବାପାଇଁ ମହମ୍ମଦଘୋରୀକୁ ନିମନ୍ତ୍ରଣ ଦେଇ କହିଲା - ତୁମେ ଭାରତ ଉପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକ୍ରମଣ କର ମୁଁ ତୁମକୁ ସାହାଯ୍ୟ କରିବି । ମହମ୍ମଦଘୋରୀ ନିଜର ସୈନ୍ୟସାମନ୍ତ ଧରି ଆସିଲା କିନ୍ତୁ ରାଜା ପୃଥ୍ୱୀରାଜଙ୍କ ସହ ଲଢ଼ିବାପାଇଁ ସାହାସ କରିପାରିଲା ନାହିଁ । ସେ ଜାଣିଥିଲା ଯେ ଭାରତୀୟ ସେନା ଗାଇକୁ ବହୁତ ମାନୁଛନ୍ତି । ସୈନିକମାନଙ୍କର ଏହି ଆସ୍ଥାର ଫାଇଦା ଉଠେଇ ସେ ବହୁତ ଗାଇଙ୍କୁ ନିଜର ସୈନିକମାନଙ୍କ ଆଗ ଧାଡିରେ ଠିଆ କରିଦେଲା । ଆମ ସୈନିକମାନେ ଦ୍ୱନ୍ଦରେ ପଡି ତୀର ମାରିପାରିଲେ ନାହିଁ । କାରଣ ତୀର ପ୍ରଥମେ ଗାଇଙ୍କୁ ବାଜିବ ।  ଗୋହତ୍ୟା କଲେ ମହା ପାପ ହେବ । ଗାଇମାନଙ୍କ ପଛରେ ରହି ଘୋରୀ ସୈନିକ ବଡ଼ ସହଜରେ ଆମ ସୈନିକମାନଙ୍କୁ ହତ୍ୟାକରି ପାରିଲେ । ପରିଣାମତଃ ମହମ୍ମଦଘୋରୀ  ବଡ଼ ସହଜରେ ଯୁଦ୍ଧ ଜିତିଗଲା ଏବଂ ପୃଥ୍ୱିରାଜଙ୍କୁ ବନ୍ଦୀ କରିନେଲା ।

୪. ବର୍ତ୍ତମାନର କାହାଣୀ ବାବା ରାମ ରହୀମର - ତାକୁ ଲୋକମାନେ ନିଜର ଭଗବାନ ବୋଲି ମାନୁଥିଲେ । ତା'ପ୍ରତି ଗଭୀର ଆସ୍ଥା ଓ ଶ୍ରଦ୍ଧା ଯୋଗୁଁ ଲୋକମାନେ ତାକୁ ପୂଜା କରୁଥିଲେ । ମହିଳା ଭକ୍ତ ତା'ଭିତରେ ଥିବା ଗୋଟିଏ କାମୁକପୁରୁଷକୁ କେବଳ ଆସ୍ଥା ଯୋଗୁ ଚିହ୍ନି ପାରିଲେ ନାହିଁ । ଯଦିଓ ସେ ଅନେକ ମହିଳାଙ୍କ ଯୌନ ଶୋଷଣ ମଧ୍ୟ କରିପାରୁଥିଲା । ତା'ର ବ୍ୟଭିଚାର ଧରା ପଡିବା ପରେ, ପୋଲିସ ଯେତେବେଳେ ଧରିନେଇ କୋର୍ଟରେ ଠିଆକଲେ, ସେତେବେଳେ ମଧ୍ୟ ବାବାର ଅନ୍ଧଶ୍ରଦ୍ଧା ଓ ଆସ୍ଥାରେ ବୁଡିରହିଥିବା ଭକ୍ତମାନେ ଏହାର ପ୍ରତିବାଦ କଲେ । ଉପଦ୍ରବ କରିବା ଫଳରେ ୩୭ ଜଣଙ୍କ ଅକାଳ ମୃତ୍ୟୁ ହେଲା । ଅନେକ ଧନ ସମ୍ପତ୍ତି ନଷ୍ଟ ହେଲା । ଏଥିପାଇଁ ହରିୟାଣା ସରକାର ମଧ୍ୟ ବଦନାମ ହେଲା । ଶେଷରେ ସେ ଆଜି ଜେଲ ଦଣ୍ଡ ଭୋଗୁଛି ।

୫. ବାବା ଆଶାରାମର କାହାଣୀ - ଯିଏ ଆଜମେର ସହରରେ ଦିନେ ଟାଙ୍ଗା ଚଳେଇ ନିଜର ଗୁଜୁରାଣ ମେଣ୍ଟାଉଥିଲା, ସିଏ ଦିନେ ଆଧ୍ୟାତ୍ମିକ ଗୁରୁ ହୋଇ ୪୫୦ ଆଶ୍ରମର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଲିକ ହୋଇଗଲା । ତା'ର କୋଟି କୋଟି ଭକ୍ତ ହୋଇଗଲେ । ସେ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିପାରିଛି । ତା'ର ଆଶ୍ରମମାନଙ୍କରେ ସବୁପ୍ରକାର ବ୍ୟଭିଚାର କରି ଚାଲିଥିଲା କିନ୍ତୁ ବହୁତ ଦିନ ପର୍ଯ୍ୟନ୍ତ ପରଦାଫାସ ହୋଇପାରୁନଥିଲା । ନିଜର ନାତୁଣୀ ବୟସର ଗୋଟିଏ କନ୍ୟା ସାହାସ କରି ଆଶାରାମ ଦ୍ୱାରା ତା'ପ୍ରତି ହୋଇଥିବା ଯୌନ ଶୋଷଣର କାହାଣୀ ବାହାରେ ପ୍ରକଟ କରିଦେଲା । ଶେଷରେ କୋର୍ଟରେ ଘଟଣାଟି ସତ ବୋଲି ପ୍ରମାଣିତ ହେବାରୁ ଗତ ଚାରି ବର୍ଷ ହେଲା ବାବା ଜେଲରେ ଅଛି । ତଥାପି ଭକ୍ତମାନଙ୍କ ଆସ୍ଥା ଓ ଶ୍ରଦ୍ଧାର ମୋହ ତୁଟିନାହିଁ । ବାବାର ଜନ୍ମ ଦିନରେ ଜେଲ ବାହାରେ ଭକ୍ତମାନେ ତା'ର ଗୁଣ ଗାନ କରି ପୂଜା ଅର୍ଚ୍ଚନା କରୁଛନ୍ତି ।

୬. ବାବା ରାମପାଳର କାହାଣୀ - ସେ ଜଳ ସେଚନ ବିଭାଗରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି କରୁଥିଲା । ସମୟକ୍ରମେ ଲୋକମାନଙ୍କୁ ଧାର୍ମିକ ପ୍ରବଚନ ଶୁଣାଇ ଭକ୍ତ ବନେଇଦେଲା । ଭକ୍ତଙ୍କ ଆସ୍ଥା ଓ ଶ୍ରଦ୍ଧା ବଢ଼ିଲା । ସେ ମଧ୍ୟ ଜଣେ ପ୍ରସିଦ୍ଧ ସିଦ୍ଧ ପୁରୁଷ ଭାବେ ଖ୍ୟାତ ହୋଇଗଲା । ଅନେକ ଭକ୍ତଙ୍କ ଭଗବାନ ଓ ଅନେକ ସମ୍ପତ୍ତିର ମାଲିକ ହୋଇଯାଇଥିବା, ଏକ ବିରାଟ ଆଶ୍ରମର ମାଲିକ ବାବା ରାମପାଳର କିଛି ବ୍ୟଭିଚାର ଓ ଅନୈତିକ ଧନ୍ଦା, ଲୋକ ଲୋଚନକୁ ଆସିବାପରେ, ପ୍ରଶାସନ ପୋଲିସ ସହାୟତାରେ, ବହୁ ସଂଘର୍ଷ ପରେ ତାକୁ ଆରେଷ୍ଟ କରିପାରିଲେ । ତା'ର ଆଶ୍ରମରୁ ବହୁ ମାତ୍ରାରେ ଅସ୍ତ୍ର ଶସ୍ତ୍ର ମଧ୍ୟ ଜବତ କରାଯାଇଛି । ତାକୁ ପୋଲିସ ହାତରୁ ବଞ୍ଚେଇବା ପାଇଁ, ଅନେକ ଭକ୍ତ ନିଜର ଜୀବନ ମଧ୍ୟ ବଳିଦାନ କରିଦେଇଛନ୍ତି । ତଥାପି ଆଜି ସେ ଜେଲରେ ବସିଛି ।

୭. ଆଲ୍ଲାହାବାଦରେ କୁମ୍ଭମେଳାରେ ଗଙ୍ଗା ସ୍ନାନ କରିବା ପାଇଁ ଲକ୍ଷ ଲକ୍ଷ ନରନାରୀ ନିଜର ଆସ୍ଥା ଯୋଗୁ ମଇଳା ପାଣିରେ ବୁଡ଼ ପକାଉଛନ୍ତି । ସେମାନଙ୍କର ବିଶ୍ୱାସ ଏହିଠି ବୁଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକାଇଲେ ସବୁ ପାପ ଧୋଇ ହୋଇଯିବ ଏବଂ ମୋକ୍ଷ ମିଳିଯିବ । ଏହି ଅନ୍ଧଶ୍ରଦ୍ଧା ଯୋଗୁଁ ଆଜି ଗଙ୍ଗା ନଦୀ ପ୍ରଦୂଷିତ ହୋଇଗଲାଣି । ତାକୁ ସଫା କରିବାପାଇଁ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କିଛି ଫାଇଦା ହେଉନି ।

ଆଜି ମଧ୍ୟ ଲୋକମାନଙ୍କ ମନରେ ଅଜସ୍ର ଅନ୍ଧବିଶ୍ୱାସ ଭରି ରହିଛି । ବିଜ୍ଞାନ ପ୍ରଗତିପଥରେ ଆଗେଇ ଚାଲିଛି । ମଣିଷ ଜୀବନରେ ଅନେକ ସୁଖ ଓ ସୁବିଧା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପ୍ରାପ୍ତ ହୋଇଛି । ସେହି ଲୋକମାନେ ମଧ୍ୟ ବିଜ୍ଞାନଲବ୍ଧ ଉପକରଣ ସବୁ ଉପଭୋଗ କରୁଛନ୍ତି । ତଥାପି ଦୁଃଖର ବିଷୟ ହେଉଛି ଯେ ଲୋକମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ହୋଇ ପାରୁନି । ଯଦି ଲୋକମାନେ ସ୍ୱର୍ଗର ମୋହ ଏବଂ ନର୍କର ଭୟ ତ୍ୟାଗକରି, କଳ୍ପନା ଜଗତର ଦୈବୀ ଶକ୍ତି ଉପରୁ ଆସ୍ଥା ଓ ଶ୍ରଦ୍ଧା ହଟେଇ, ବାସ୍ତବ ଜଗତ ଉପରେ ଧ୍ୟାନ କେନ୍ଦ୍ରିତ କରିବେ, ତେବେ ହିଁ ବ୍ୟକ୍ତି, ସମାଜ ଓ ଶେଷରେ ଦେଶର ପ୍ରଗତି ହୋଇପାରିବ ।

ବେଙ୍ଗାଲୁରୁ

ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : July 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

 Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ପିଡ଼ିଏଫ୍ କେବଳ ଗୋଟିଏ ପୃଷ୍ଠାର ଆଲେଖ୍ୟ ପାଇଁ ଗ୍ରହଣ କରାଯିବ । ଅଧିକ ପୃଷ୍ଠାର ଆଲେଖ୍ୟକୁ ଟାଇପ୍ କରି ପଠାଇବା ଅନିବାର୍ଯ୍ୟ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଏକାଧିକ ଆଲେଖ୍ୟ ପଠାଉଥିବା ବନ୍ଧୁଙ୍କ ଆଲେଖ୍ୟକୁ ଗ୍ରହଣ କରାଯିବ ନାହିଁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପଠାନ୍ତୁ ଏବଂ ବାରମ୍ବାର ଇମେଲ୍ କରନ୍ତୁ ନାହିଁ । ଥରେ ପଠାଇବା ଯଥେଷ୍ଟ ।